# ପ୍ରାଚୀନ ଓଡ଼ିଆ କବିତା

ସଂକଳକ:
ଶ୍ରୀ ଯତୀନ୍ଦ୍ରମୋହନ ମହାନ୍ତି

ଓଡ଼ିଶା ସାହିତ୍ୟ ଏକାଡେମୀ

# ପ୍ରାଚୀନ ଓଡ଼ିଆ କବିତା

ସଂକଳକ :
ଶ୍ରୀ ଯତୀନ୍ଦ୍ରମୋହନ ମହାନ୍ତି

ଓଡ଼ିଶା ସାହିତ୍ୟ ଏକାଡେ଼ମୀ

ପ୍ରାଚୀନ ଓଡ଼ିଆ କବିତା

ସଂକଳକ : ଶ୍ରୀ ଯତୀନ୍ଦ୍ର ମୋହନ ମହାନ୍ତି

ପ୍ରକାଶକ : ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର-୭୫୧୦୧୪

ମୁଦ୍ରଣ : ରାଷ୍ଟ୍ରଭାଷା ପ୍ରେସ୍
କଟକ-୧

ପ୍ରଥମ ପ୍ରକାଶ : ୧୯୮୪—୧,୦୦୦

ମୂଲ୍ୟ : ଅଠେଇଶ ଟଙ୍କା

**PRACHINA ODIYA KAVITA**

*Compiled by* **Shri Jatindramohan Mohanty**

*Published by* **Orissa Sahitya Akademi**
Bhubaneswar 751014

*Printed at* Rastrabhasha Press
Cuttack-1

*First Edition* : **1984— 1,000**

Price : **Twentyeight Rupees**

# ଉପୋଦ୍‌ଘାତ

ଖ୍ରୀଷ୍ଟୀୟ ଦଶମ-ଏକାଦଶ ଶତାବ୍ଦୀର "ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ"(?) ବା 'ଚର୍ଯ୍ୟାପଦ' ଯୁଗରୁ ୧୬ଶ-୧୭ଶ ଶତାବ୍ଦୀ ପର୍ଯ୍ୟନ୍ତ ଆଦ୍ୟ-ମଧ୍ୟ-ଯୁଗର ଓଡ଼ିଆ କାବ୍ୟ-ସମ୍ପଦର କେତେକ ନିର୍ବାଚିତ ଅଂଶ ଏହି ସଂକଳନରେ ସମ୍ମିଳିତ ହୋଇଅଛି । ରସାମୋଦୀ ତଥା ଜିଜ୍ଞାସୁ ପାଠକ-ମାନଙ୍କୁ ଆଦ୍ୟ-ମଧ୍ୟଯୁଗର ଓଡ଼ିଆ କାବ୍ୟୈଶ୍ୱର୍ଯ୍ୟ ସହିତ ଏହା କେତେକ ପରିମାଣରେ ପରିଚିତ କରାଇବ—ସନ୍ଦେହ ନାହିଁ ।

ଆଧୁନିକଯୁଗର ଓଡ଼ିଆ କାବ୍ୟ-ସମ୍ପଦ ଅନ୍ୟ ଭାରତୀୟ ଭାଷାର କାବ୍ୟ-ସମ୍ପଦ ସହିତ ଗୁଣାତ୍ମକ ଦୃଷ୍ଟିରୁ ନ୍ୟୂନ ନୁହେଁ । କିନ୍ତୁ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ-ସମ୍ପଦର ଐଶ୍ୱର୍ଯ୍ୟ ଭାରତୀୟ ସାହିତ୍ୟରେ ଯଥାର୍ଥରେ ଅତୁଳନୀୟ । ସାରଳାଦାସଙ୍କୁ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀରେ ସ୍ଥାପିତ କରାଯାଇଅଛି; ଯଦ୍ୟପି ବେଲଗାଳିମା ଶିଳାଲେଖର ପ୍ରମାଣ ଦୃଷ୍ଟିରୁ ସେ ସୂର୍ଯ୍ୟବଂଶୀ ସମ୍ରାଟ କପିଳେନ୍ଦ୍ର ଦେବ (୧୫ଶ ଶତାବ୍ଦୀ)-ଙ୍କର ପୂର୍ବବର୍ତ୍ତୀ ମଧ୍ୟ ହୋଇ ପାରନ୍ତି । ସାରଳାଦାସ ଓଡ଼ିଆ ସାହିତ୍ୟର ଆଦିକବି ରୂପେ ସ୍ୱୀକୃତ ଓ ସମ୍ମାନିତ । କିନ୍ତୁ ସାରଳାଦାସଙ୍କ ପୂର୍ବରୁ ଓଡ଼ିଆରେ ସାହିତ୍ୟ ରଚନାର ଅନୁଶୀଳନ ନଥିଲେ, ସାରଳା ପ୍ରାଥମିକ ପ୍ରଚେଷ୍ଟାରେ "ମହାଭାରତ" ପରି ଏକ ବିଶାଳ, ମୌଳିକ, କାବ୍ୟ-ରସାଣିତ ଗ୍ରନ୍ଥ ରଚନା କରିପାରି ନଥାନ୍ତେ । ବତ୍ସାଦାସଙ୍କ 'କଳସା ଚଉତିଶା' ଓ ମାର୍କଣ୍ଡଦାସଙ୍କ "କେଶବ କୋଇଲି" ପ୍ରାକ୍-ସାରଳାଯୁଗର ରଚନା ବୋଲି ଧରି ନିଆଯାଉଅଛି । ବସ୍ତୁତଃ "କେଶବ କୋଇଲି"ରେ ବ୍ୟବହୃତ 'ଖଦଣି' 'ବନ୍ଦଣି' ପରି ଶବ୍ଦ ସାରଳାଙ୍କ ପୂର୍ବକାଳୀନ ଲୁପ୍ତ ଓଡ଼ିଆ ଶବ୍ଦ, ଏଥିରେ ସନ୍ଦେହ ନାହିଁ । ତୁଳନାତ୍ମକ ସାହିତ୍ୟ-ଇତିହାସ

ଦୃଷ୍ଟିରୁ ବିଚାରକଲେ ବାତ୍ସଲ୍ୟ ରସାଶ୍ରିତ 'କେଶବ କୋଇଲି' ପରି ରଚନା ଅନ୍ୟ ଭାରତୀୟ ସାହିତ୍ୟରେ ବିରଳ । ସାରଳାଦାସଙ୍କ ମହାଭାରତ, ସଂସ୍କୃତ ମହାଭାରତର ଅନୁବାଦ ନୁହେଁ । ମୂଳ ବା ସଂସ୍କୃତ ମହାଭାରତର ପରିସର ମଧ୍ୟରେ ଓଡ଼ିଆ ଜାତିର ଇତିହାସ, ସଂସ୍କୃତି, ଲୋକକଥା, ଆଧ୍ୟାତ୍ମିକ ବିଶ୍ୱାସ ପ୍ରଭୃତିକୁ ଭିତ୍ତିକରି ଯେପରି କି ଓଡ଼ିଆ ଜାତିର ମହାଭାରତ ସାରଳାଦାସ ରଚନା କରିଅଛନ୍ତି । ତୁଳନାତ୍ମକ ଇତିହାସ ଦୃଷ୍ଟିରୁ ବିଚାର କଲେ, ସାରଳାଙ୍କ ସମସାମୟିକ କାଳରେ ଅନ୍ୟ କୌଣସି ଭାରତୀୟ ଭାଷା-ସାହିତ୍ୟରେ ଏପରି ବିପୁଳ ଉଦ୍ୟମ ପରିଲକ୍ଷିତ ହୁଏ ନାହିଁ । ସାରଳାଦାସଙ୍କ ମହାଭାରତରେ କେବଳ ଅନର୍ଗଳ ପୌରାଣିକତା ନାହିଁ, ଏଥିରେ ମଧ୍ୟ ସ୍ଥାନେ ସ୍ଥାନେ ଅଛି ବର୍ଣ୍ଣାଢ୍ୟ କବିତ୍ୱ । 'ଗଦାପର୍ବ'ରେ ବର୍ଣ୍ଣିତ "ଦୁର୍ଯ୍ୟୋଧନର ରକ୍ତନଦୀ ସନ୍ତରଣ" ତାହାର ସାକ୍ଷ୍ୟ ବହନ କରିଥାଏ । ଏହାର ମୌଳିକତା ଓ କବିତ୍ୱ, ଆଧୁନିକଯୁଗର ପ୍ରବର୍ତ୍ତକ କବିବର ରାଧାନାଥ ରାୟଙ୍କୁ ସୁଦ୍ଧା ପ୍ରଭାବିତ ଓ ଅନୁପ୍ରେରିତ କରିଅଛି । ଜଗନ୍ନାଥଦାସଙ୍କ 'ଭାଗବତ' କେବଳ ଅନାବିଳ ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟରେ ନୁହେଁ, ସ୍ୱତଃସ୍ଫୂର୍ତ୍ତ କାବ୍ୟ ସୌନ୍ଦର୍ଯ୍ୟରେ ମଧ୍ୟ ଯେପରି ଉଜ୍ଜ୍ୱଳ, ଏଥିରେ ସନ୍ନିବିଷ୍ଟ 'ବର୍ଷା' ପଦ୍ୟଟି ତାହାର ସାମାନ୍ୟ ଉଦାହରଣ ମାତ୍ର ।

ଷୋଡ଼ଶ ଶତାବ୍ଦୀରେ, ଓଡ଼ିଶାରେ ସଂସ୍କୃତ କାବ୍ୟଚର୍ଚ୍ଚା ଓ ରଚନା ଚୂଡ଼ାନ୍ତ ସ୍ପର୍ଶ କରିଥିବାବେଳେ, କବି ନରସିଂହ ସେଣ ଓଡ଼ିଆରେ ଛନ୍ଦୋବଦ୍ଧ କାବ୍ୟରଚନାର ଉଦ୍ୟମ ଆରମ୍ଭ କରିଥିଲେ । "ପରିମଳା" ଏହାର ଏକ ସଫଳ ଫଳଶ୍ରୁତି । ପରବର୍ତ୍ତୀ କାଳରେ ବିଷ୍ଣୁଦାସ, ହରିହର ନରେନ୍ଦ୍ର, ଶିଶୁଶଙ୍କର ଦାସ, ପ୍ରତାପ ରାୟ, ଦେବଦୁର୍ଲ୍ଲଭ ଦାସ, କାର୍ତ୍ତିକ ଦାସ, ଦନାଇ ଦାସ ଓ ପୁରୁଷୋତ୍ତମ ଦାସ ପ୍ରମୁଖ କବିମାନଙ୍କର କାବ୍ୟକୃତିରେ ଆଦି-ମଧ୍ୟଯୁଗର ଓଡ଼ିଆ-କାବ୍ୟ ପରିପୁଷ୍ଟ ହୋଇଥିଲା । ଅନ୍ୟ କୌଣସି ଭାରତୀୟ ଭାଷା-ସାହିତ୍ୟରେ ମଧ୍ୟ ଏତେପରିମାଣରେ ମୌଳିକ କାବ୍ୟ ରଚିତ ହୋଇଥିବାର ପ୍ରମାଣ ଏ ଯାବତ୍ ମିଳିନାହିଁ । ଏହି ଯୁଗର

କାବ୍ୟମାନଙ୍କରେ ସ୍ଥାନେ ସ୍ଥାନେ, ଉପମା, ଉତ୍ପ୍ରେକ୍ଷା ଓ ଶ୍ଳେଷ ପ୍ରଭୃତିର ଚଟୁଳ ଶବ୍ଦ-ବିନ୍ୟାସ, ଅନଳଙ୍କାରିକ ଶବ୍ଦରେ ଯେପରି ସମ୍ପାଦିତ ହୋଇଅଛି, ତାହା ଏହି କାବ୍ୟଗୁଡ଼ିକର କବିତ୍ୱକୁ ପ୍ରାସାଦଗୁଣ-ଯୁକ୍ତ ଓ ଲାବଣ୍ୟମୟ କରି ପାରିଅଛି । ଏହି କାବ୍ୟସବୁ ନିରୋଳ ଓଡ଼ିଆ କାବ୍ୟର ସ୍ନିଗ୍ଧ ସୁକୁମାର ରୂପ ବହନ କରିଥାଏ । ସପ୍ତଦଶ ଶତାବ୍ଦୀର ଶେଷଭାଗକୁ ଓଡ଼ିଆକାବ୍ୟ କ୍ରମେ ଆଳଙ୍କାରିକ ଶବ୍ଦଦ୍ୱାରା ପ୍ରଭାବିତ ହୋଇ ଉପେନ୍ଦ୍ର ଭଞ୍ଜ ଓ ଅଭିମନ୍ୟୁ ସାମନ୍ତସିଂହାରଙ୍କ ରଚନାରେ ଚୂଡ଼ାନ୍ତ ସ୍ପର୍ଶ କରିଥିଲା । କବି ଧନଞ୍ଜୟ ଭଞ୍ଜଙ୍କଠାରୁ ଊନବିଂଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ କାଳକୁ ଓଡ଼ିଆକାବ୍ୟର ଇତିହାସରେ ଆଳଙ୍କାରିକ-ଯୁଗ ବା ଉତ୍ତର ମଧ୍ୟଯୁଗ ରୂପେ ଚିହ୍ନିତ କରାଯାଇପାରେ । ମାତ୍ର ସେ ଯୁଗର ରଚନା ଏହି କବିତା-ଗୁଚ୍ଛର ଅନ୍ତର୍ଭୁକ୍ତ ନୁହେଁ । ହୁଏତ ତାହା ସ୍ୱତନ୍ତ୍ର ଭାବରେ ପ୍ରକାଶିତ ହେବ । ତା' ନହେଲେ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟସାହିତ୍ୟର ପରିଚୟ ଅସମ୍ପୂର୍ଣ୍ଣ ରହିଯିବ ।

ସୁରେନ୍ଦ୍ର ମହାନ୍ତି
ସଭାପତି
ଓଡ଼ିଶା ସାହିତ୍ୟ ଅକାଦେମୀ

# ୧୦ମ - ୧୪ଶ ଶତାବ୍ଦୀ

## ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ

### ( ୧ )

( ରାଗ-କାମୋଦ୍ )

ଭୁସୁକୁ ପାଦାନମ୍—

ଅଧରାତି ଭର କମଳ ବିକସଉ
ବତିସ ଜୋଇଣୀ ତସୁ ଅଙ୍ଗ ଉଲ୍ଲସଉ ।
ଚାଲିଅ ଷଷହର ମାଗେ ଅବଧୂଇ
ରଅଣହୁ ସହଜେ କହେଇ ।
ଚାଲିଅ ଷଷହର ଗଉ ନିବାଣେ
କମଲିନି କମଳ ବହଇ ପଣାଳେଁ ।
ବିରମାନନ୍ଦ ବିଲକ୍ଷଣ ଶୁଧ
ଜୋଏଥୁ ବୁଝଇ ସୋ ଏଥୁ ବୁଧ ।
ଭୁସୁକୁ ଭଣଇ ମଇ ବୁଝିଅ ମେଳେଁ
ସହଜାନନ୍ଦ ମହାସୁଖ ଲୀଳେଁ ।

[ ଜୋଇଣୀ—ଯୋଗିନୀ; ଷଷହର—ଶଶଧର, ଚନ୍ଦ୍ର; ରଅଣହୁ—ରମଣରୁ; ନିବାଣେ—ନିର୍ବାଣେ; ପଣାଳେଁ—ପ୍ରଣାଳୀରେ ]

### ( ୨ )

( ରାଗ-ଦେଶାଖ )

କାହ୍ନୁ ପାଦାନମ୍—

ନଗର ବାହିରିରେ ଡୋମ୍ବି ତୋହୋରି କୁଡ଼ିଆ
ଛୋଇଁ ଛୋଇ ଜାଇସୋ ବ୍ରାହ୍ମଣ ନାଡ଼ିଆ ।

ଆଲୋ ଡୋମ୍ବି ତୋଏ ସମ କରିବ ମ ସାଙ୍ଗ
ନିଘିଣ କାହ୍ନା କାପାଳି ଜୋଇ ଲାଙ୍ଗ ।
ଏକ ସେ ପଦୁମା ଚୌଷଠି ପାଖୁଡ଼ୀ
ତହିଁ ଚଢ଼ି ନାଚଅ ଡୋମ୍ବୀ ବାପୁଡ଼ୀ ।
ହାଲୋ ଡୋମ୍ବି ତୋ ପୁଛାମି ସଦଭାବେ
ଆଇସସି ଜାସି ଡୋମ୍ବୀ କାହାର ନାବେଁ ।
ତାନ୍ତି ବିକଣଅ ଡୋମ୍ବୀ ଆବର ମୋ ଚୁଙ୍ଗିଡ଼ା
ତୋହୋର ଅନ୍ତରେ ଛୁଡ଼ି ନଡ ପେଡ଼ା ।
ତୁଲୋ ଡୋମ୍ବୀ ହାଁଉ କପାଳୀ
ତୋହୋର ଅନ୍ତରେ ମୋଏ ଘେନଲି ହାଡ଼େରି ମାଳୀ ।
ସରବର ଭଞ୍ଜିଅ ଡୋମ୍ବୀ ଖାଅ ମୋଲାଣ
ମାରମି ଡୋମ୍ବୀ ଲେମି ପରାଣ ।

[ କାହ୍ନା—କାହ୍ନୁ; ଲାଙ୍ଗ—ଲଙ୍ଗଳା; ପଦୁମା—ପଦ୍ମ; ଚୁଙ୍ଗିଡ଼ା—ଚୁଙ୍ଗୁଡ଼ି; ନଡ଼—ନଟ; ପେଡା—ପେଟିକା; ହାଁଉ—ମୁଁ; ମୋଲାଣ—ମୃଣାଳ ]

( ୩ )

( ରାଗ-ପଟମଞ୍ଜରୀ )

କାହ୍ନୁ ପାଦାନମ୍—

ଆଳଏଁ କାଳଏଁ ବାଟ ରୁନ୍ଧେଲା
ତା ଦେଖି କାହ୍ନୁ ବିମନ ଭଇଲା ।
କାହ୍ନୁ କାହିଁ ଗାଇ କରିବ ନିବାସ
ଜେ ମନ ଗୋଅର ସୋ ଉଆସ ।
ତେ ତିନ ତେ ତିନି ତିନ ହୋ ଭିନ୍ନ
ଭଣଇ କାହ୍ନୁ ଭବ ପରିଚ୍ଛିନ୍ନ ।
ସେ ଯେ ଆଇଲା ତେ ତେ ଗେଲା
ଅବଣା ଗବଣେ କାହ୍ନୁ ବିମନ ଭଇଲା ।

ହେଉ ସେ କାହ୍ନୁ ନଅଡ଼ ଦାନଭର ବଟ୍‌ଟଇ
ଭଣଇ କାହ୍ନୁ ମୋହ୍ନ ଅହ୍ନ ନ ପଇସଇ ।

[ ଆଲଏଁ—ଭ୍ରମର; ଗୋଅର—ଗୋଚର; ଉଆସ—ଆବାସ ଓ ଉଦାସ; ଅବଣା ଗବଣେ—ଗମନାଗମନେ; ନଅଡ଼—ନିକଟେ; ମୋହ୍ନ ଅହ୍ନ—ମୋ ହୃଆରେ ]

( ୪ )

( ରାଗ-ପଟମଞ୍ଜରୀ )

ଲୁଇ ପାଦାନାମ୍—

କାଆ ତରୁବର ପଞ୍ଚ ବି ଡାଳ
ଚଞ୍ଚଳ ଚିଏ ପଇଠା କାଳ ।
ଦିଢ଼ କରିଅ ମହାସୁହ ପରିମାଣ
ଲୁଇ ଭଣଇ ଗୁରୁ ପୁଚ୍ଛିଅ ଜାଣ ।
ସଅଳ ସମାହିଅ କାହିକରି ଅଇ
ସୁଖ ଦୁଖେତେଁ ନିଚିତ ମରିଅଇ ।
ଏଡ଼ି ଏଉ ଛାନ୍ଦକ ବାନ୍ଧ କରଣକ ପାଟେର ଆସ
ସୁନ ପାଖ ଭିତି ଲେହୁରେ ପାଶ ।
ଭଣଇ ଲୁଇ ଆମ୍ହେ ଝାଣେ ଦିଠାଁ
ଧମଣ ଚମଣ ବେଣି ପିଣ୍ଡି ବଇଠା ।

[ କାଆ—କାୟା; ଚିଏ—ଚିତ୍ତେ; ସଅଳ—ସକଳ; ସମାହିଅ—ସମାଧିତ; ସୁନ—ଶୂନ୍ୟ; ଝାଣେ—ଧ୍ୟାନେ ]

( ୫ )

( ରାଗ-ପଟମଞ୍ଜରୀ )

ଲୁଇ ପାଦାନାମ୍—

ଭାବ ନ ହୋଇ ଅଭାବ ଣ ଜାଇ
ଅଇସ ସଂବୋହେ କୋ ପତିଆଇ ।

ଲୁଇ ଭଣଇ ବଢ଼ ଦୁଲକ୍ଖ ବିଣାଣା
ତିଅ ଧାଏ ବିଲସଇ ଉହ ଲାଗେ ନା ।
ଜାହେର ବାଣଚିହ୍ନ ରୁବ ଣ ଜାଣୀ
ସୋ କଇସେ ଆଗମ ବେଏଁ ବଖାଣି ।
କାହେରେ କିସ ଭଣି ମଇ ଦିବପରିଚ୍ଛି
ଉଦକ ଚାନ୍ଦ ଜିମ ସାଚ ନ ମିଚ୍ଛି ।
ଲୁଇ ଭଣଇ ମଇ ଭାଇବ କିସ
ଜା ଲଇ ଅଚ୍ଛମ ତା ହେର ଉହଣ ଦିସ ।

[ ଭାବ—ଅସ୍ତିତ୍ୱ; ସଂବୋହେ—ସଂବୋଧେ; ଦୁଲକ୍ଖ—ଦୁର୍ଲକ୍ଷ୍ୟ; ବିଣାଣା—ବିଜ୍ଞାନ; ତିଅ—ତିନ; ଧାଏ—ଧାତୁ; ବାଣଚିହ୍ନ—ବର୍ଣ୍ଣଚିହ୍ନ; ଣ—ନ; ବେଏଁ—ବେଦେ; ପରିଚ୍ଛି—ପରୀକ୍ଷା ଓ ପଚ୍ଛ; ଜିମ—ଯେମିତି; ଉହ—ତର୍କ ]

( ୭ )

( ରାଗ-ବଲାଡ୍ଡି )

ଶବର ପାଦାନାମ୍—

ଉଁଚା ଉଁଚା ପାବତ ତହିଁ ବସଇ ସବରୀ ବାଲୀ
ମୋରଙ୍ଗୀ ପିଚ୍ଛ ପରହିଣ ସବରୀ ଗୀବତ ଗୁଞ୍ଜରୀ ମାଲୀ ।
ଉମତ ସବରୋପାଗଲ ସବରୋ ମା କର ଗୁଲୀ ଗୁହାଡ଼ା ତୋହୋରି
ଣିଅ ଘରଣୀ ନାମେ ସହଜ ସୁନ୍ଦରୀ ।
ନାନା ତରୁବର ମୋଉଲିଲରେ ଗଅଣତ ଲାଗେଲି ଡାଲୀ
ଏକେଲୀ ସବରୀ ଏବଣ ହିଣ୍ଡଇ କର୍ଣ୍ଣ କୁଣ୍ଡଲ ବଜ୍ରଧାରୀ ।
ତିଅ ଧାଉ ଖାଟ ପାଡ଼ିଲା ସବରୋ ମହାସୁଖେ ସେଜ ଛାଇଲୀ
ସବରୋ ଭୁଜଙ୍ଗ ନୈରାମଣୀ ଦାରୀ ପେହ୍ମରାତି ପୋହାଇଲୀ ।
ହିଅ ତାମ୍ବୋଲା ମହାସୁଖେ କପୁର ଖାଇ
ସୁନ ନେରାମଣ କଣ୍ଠେ ଲଇଆ ମହାସୁହେ ରାତି ପୋହାଇ ।

ଗୁରୁବାକ୍ ପୁଚ୍ଛି ଆଁ ବିନ୍ଧ ନିଅମଣ ବାଣେ
ଏକେ ଶର ସନ୍ଧାନେଁ ବିନ୍ଧହ ବିନ୍ଧହ ପରମଣିବାଣେ ।
ଉମତ ସବରେ ଗରୁଆ ରୋଷେ
ଗିରିବର ସିହର-ସନ୍ଧି ପଇସନ୍ତେ ସବରେ ଲୋଡ଼ିବ କଇସେ ।

[ ପାବତ—ପର୍ବତ; ମୋରଙ୍ଗୀ—ମୟୂରାଙ୍ଗ; ଗୀବତ—ଗ୍ରୀବା; ଉମତ—ଉନ୍ମତ୍ତ; ଗୁହଡ଼ା—ଗୁହାରି; ଣିଅ—ନିଜ; ଗଅଣାନ୍ତ—ଗଗନାନ୍ତ; ହିଣ୍ଡଇ—ହେଣ୍ଡଇ; ଖାଠ—ଖଠ; ସେଜ—ସେଜ; ନୈରାମଣି—ନୈରାତ୍ମା; ପ୍ରେହ୍ମ—ପ୍ରେମ; ହିଅ—ହୃଦୟ; ତାମ୍ବୋଲ—ତାମ୍ବୁଳ; ସୁନ—ଶୂନ୍ୟ; ନିଅମଣ—ନିଜ ମନ; ପରମଣିବାଣେ—ପରମନବାଣେ; ସିହର—ଶିଖର ]

*

# ଶ୍ରୀ ସୀସୁ ବେଦ

ଏକ ନୋହଇ ଦୁଇ ଅଲଗ ବିଲଗ
ନିରହୁଂ ନିରନ୍ତର ସେହୁ ଅଲଗ
ସିସୁମ୍ନା ମଧ୍ୟେ ସଜ୍ୟୋତି ପ୍ରକାଶ
ବଦନ୍ତି ନାଥେ ଏଟି ସିଦ୍ଧଙ୍କର ବିଶ୍ୱାସ । ୧ ।

କାଳ କମଳ ନିରଞ୍ଜନ ଭିନହେଂ
ଏକଇ ଠାବରେ ବାସ ।
ଯେଉଁ ଗୁରୁ ଏହା ପ୍ରତି ପ୍ରତି କରି ବୁଝାବଇଂ
ସେ ଗୁରୁ ମୁହିଂ ତାହା ଦାସର ଦାସ । ୨ ।

ସପତ ସମୁଦ୍ରେ ଥିଲୁ ନ ଖାଇଲୁ ନୀର
ମାତାର ଗର୍ଭେ ଥାଇ ନ ଖାଇଲୁ କ୍ଷୀର
ଯେତେକେ ଅଇଲୁ ତେତେକେ ହେଂ ଅଛୁ
ତା ସଙ୍ଗେ ପରଚେ ହୁଅ ଗୁରୁମୁଖେ ପୁଛି । ୩ ।

ନୟନ ମନ ଦୁଇ ଏକଇ ମତ
ନୟନ ମନ ଦୁଇ ମଧ୍ୟେ ତତ
ନୟନ ଉପରେ ମନୁଆ ବସେ
ବ୍ରହ୍ମଜ୍ୟୋତି ରତ ସ୍ୱୟଂ ପ୍ରକାଶେ । ୪ ।

ପବନ ପାଲଟିବେ ଛଡ଼ଚନ୍ଦ ଫୁଟିବେ
ତତ ରହିବେ ଶୁଖିବାକ ପାଣି ।
ଚନ୍ଦ୍ର ସୂର୍ଯ୍ୟ ଯେଉଂ ଯୋଗୀ ଗଣ୍ଠି ପାଡି ପାରଇ
ସେ ଯୋଗୀ ଅଣ୍ଡ ଗରୁଡ଼ ବ୍ରହ୍ମାଣୀ । ୫ ।

ଉଦେଗିରି ଅସ୍ତଗିରି ଶୂନ୍ୟଗିରି ମେଳା
ହସ୍ତୀ ଚରିବନ୍ତି ପାର୍ବତମାଳା
ଯେବଣ ସେ ହସ୍ତୀ ମାହାରସ ଖାଇ
ବେନ ପକ୍ଷେ ଜଗିଲେ ଗଗନେ ସମ୍ଭାଇ । ୬ ।

ଜସୁ ଦେଖନ୍ତେ ମନ ଥିରେ ଥା
ଆପ ପରତେ ପରମ ପଦ ପା
ମାହାଦେବ ପୁଲକଇ ଯା । ୭ ।

ଅକଳତ ମନ ଅସ୍ଥିଭୂତ ବାଇ
ଘୂରେ ନ ଘୂରେ ଯାଇ ନ ଯାଇ ।
ସତ ସତ ଭଷନ୍ତି ଗୋରେଖରାୟେ
ପିଣ୍ଡ ଛାଡ଼ି ପ୍ରାଣ କେବେ ହେଁ ନ ଯାୟେ । ୮ ।

ମନ ବାଜାରେ ପବନ ଖେଳା
ତା ଭୁଲେ ଭବ ନ ଯାଇ ।
ଶକ୍ତି କୁଣ୍ଡଳ ସଳଖି ମୂଳକମଳ ବୃପିଲେ
ପଷେ ନମସ୍ତ ବୋଲାଇ । ୯ ।

ମନେ ମନେ ଥିବା ଭେଦ ନ କହିବା
ପିଇବା ଶୀତଳ ନୀର
ଶ୍ରୀଗୁରୁ ପ୍ରସନ୍ନେ ଅମୃତ ଭୁଞ୍ଜିବା
ପିଇବା ଅମୃତ ଛୀର । ୧୦ ।

ମନ ମରଇତ ଜୀଅଁଇ ପ୍ରାଣ
ମନ ମରଇ ତ ଲଭଇ ଗ୍ୟାନ
ମନ ଇନ୍ଦ୍ର ଯେବେ ପ୍ରକୃତି ନବାରଇ
ତାହା ସୁଖେ ବ୍ରହ୍ମ ତାକୁ ବସ୍ତୁରଇ । ୧୧ ।

ପବନ ଥିରନ୍ତେ ଆଶା ଛେଦଇ
ମନ ଥିରନ୍ତେ କାମନ ରୁନ୍ଧଇ
ସୁରତ ଅଚଳ ବାନ୍ଧିଲେ ଜାଣ
ତେ ସେ ପିଣ୍ଡକୁ ପରତେ ପ୍ରାଣ । ୧୨ ।

ଖୋଜିଲେ ପାଇ ଧୂନରେ ଗମିଲେ
ବାହୁଡ଼ାଇ ପାର ମନ ଜାଅଁଇ ପାରିଲେ

କାଳ ଅକାଳ ତୁ ସାଧିନ୍ତା ଯେବେ ପାର
ଯମ ରଜାକୁ ତେ ପାଣି ବୁହାଇ ପାର । ୧୩ ।

ଆହୁଠ ହାଥ କଳେବର ଭିଥର
କାହ୍ନିଂ ଥାଇଂ ଜ୍ଞା ସେ ଦଅଇ ଉତ୍ତର ।
ତତ ପ୍ରାପତ ଜପାଜପ ନାହିଂ
ମଲେଣ ପ୍ରାଣ କାହ୍ନିଂ ସମ୍ପାଇ । ୧୪ ।

ସର୍ବ ଚଳନ୍ତେ ନ ଚଳଇ ଯେହୁ
ଅହନିଶ ବରଷନ୍ତେ ନ ଭିନ୍ତଇ ସେହୁ
ଖଡ଼ଗେ ହାଣନ୍ତେ ନ ଲାଗଇ ରେଖ
ଏ ସେ ପରତେ ଗୁରୁମୁଖେ ଦେଖ । ୧୫ ।

ଶବଦ କୋଳାହଳ ନିଶବଦେ ନିନା
ଯେବଣ ଶବଦେ ସଏଂ ଉତପନା
ଶବଦ ଯାଇ ନିଶବଦର ପାଶ
ଶବଦ ନିଶବଦ ଏକଇ ବାସ । ୧୬ ।

ମର ମର ପଣ୍ଡିତେ ମରଣ ସେ ମିଠା
ଯେବଣ ମରଣକୁ ଗୋରେଖ ଦର୍ଷ୍ଟା
ମରନ୍ତେଣ ଜୀବ ଯିବାକ ଯହିଂକ
ଜୀଉଂ ଜୀଉଂ ଜୀବ ସମର୍ପ ତହିଂକ । ୧୭ ।

ଡାହାଣା ବ୍ରର୍ତ୍ତେକ ରସ ଉଜାଇଂଲେ
ଦିନେ ଦିନେ ନିବଡଇ କାଏ
ମାହାରସ ଶୋଷିବେ ଗୁଞ୍ଜି ନ ଖସିବେ
ନାଥ ବଦନ୍ତି କରିଅଛୁ ଜୀବନକୁ ଉପାଏ । ୧୮ ।

ଖର କହିଲେ ପବନାଦିବଂଇ ଉର୍ଦ୍ଧେ ଗୁଡ଼ଇ ନାଭି
ସହଜେ ଯୋଗୀ ନିରଏ ସିଧ ମନ ପବନ ଏକତ୍ର ଠାବ । ୧୯ ।

ଗଗନ ଅଭ୍ୟନ୍ତର ଫୁଟଇ ନିରନ୍ତର
ମନ ପବନ ଥିର ରହିଆ
ହେତୁ ଅଗୋଚର ମନ ବିବର୍ଜିତ
ଯେ ତତ୍ତ୍ୱ ସଦଗୁରୁ କହିଆ । ୨୦ ।

ଯେତେ ବକା ନ ହଲଇ ମୀର
ତେତେକ ମନ ପବନ କରି ଥିର
ବଗେ ମଚ୍ଛେ ମୀରେ ସମକରି ଜାଣ
ତେ ସେ ପିଣ୍ଡକୁ ଧରଚେ ପ୍ରାଣ । ୨୧ ।

କେବଣ ଚକ୍ରେ ରହଇ ସମୀର
କେବଣ ଚକ୍ରେ ମନ ହୋଇ ଥିର
କେବଣ ଚକ୍ରେ ଲାଗଇ ସୁସ୍ୱାଦ
କେବଣ ଚକ୍ରେ ଲାଗଇ ସମାଧ । ୨୨ ।

ହୃଦୟ ଚକ୍ରେ ମନ ହୋଇ ଥିର
ନାଭି ଚକ୍ରେ ରହଇ ସମୀର
କଣ୍ଠ ଚକ୍ରେ ଲାଗଇ ସ୍ୱାଦ
ଗଗନ ଚକ୍ରେ ଲାଗଇ ସମାଧ । ୨୩ ।

ନାଚ ଝୁମକନ୍ତି ତହିଂର ତଳେ ପିଅଂଳା
ଯୋଗ ନୋହଇ ଘାର୍ଗ ଜାଳା
ରେଖ ନାହିଂ ରୂପ ନାହିଂ ଗଣ୍ଠି ନାହିଂ ଛାୟା
ଜଗତେ ବ୍ୟାପିତ ଯେକଇ କାୟା ।
ଭୁଳାହୁଂ ଉଶ୍ୱାସ ତିଭୁବନୁ ଗରୁଆ
ବାଳ ରେହ ପ୍ରମାଣେ ଅତି ବଡ଼ ସରୁଆ
ଲବଣୀ ହୁଂ କୋମଳ ସୂଚୀ ନାହିଂ ଫୁଟେ
ଅହନିଶି ବରଷନ୍ତେ କିଛୁ ନାହିଂ ଭୁଟେ । ୨୪ ।

ରଇକ୍ଷା କରନ୍ତୁ ମୀନ ଚଉରଙ୍ଗିଉ
ଗୋରେଖ ଅବଧୂତ
ମନ ମଚ୍ଛଇନ୍ଦ୍ର ସୁରେଶ୍ୱର ଚେତନା
ଚଉରଙ୍ଗି ଗ୍ୟାନ ଗୋରେଖ ନାଥ ।

ଯେବଣ ତତ ସଂକ୍ଷେ ପ୍ରକାଶଇ
ଯେବଣ ତତ ଜନ୍ମ ମରଣ ବିନାଶଇ
ଯେବଣ ତତ ସହଜେ ହୃଦରେ ଧରଇ
ବଦନ୍ତି ଈଶ୍ୱରେ ସେ କେବେହେଂ ନ ମରଇ । ୨୬ ।

*

# ଅମର କୋଷ

ବନ୍ଦଇଂ ଶବଶ୍ୱନାଥ ମୂଳ ଶଶ୍ୱର ବନ୍ଦଇ
ବନ୍ଦଇଂ କନ୍ଥଢ଼ନାଥ ଗମ୍ଭୀର ଗମ୍ଭୀର ।
ବନ୍ଦଇଂ ଜାଳାନ୍ଧର ଜ୍ଞାନତତ୍ତ୍ୱ ପରମାଣି
ବନ୍ଦଇଂ ଗୋବନ୍ଦଚନ୍ଦ୍ର ନବଲକ୍ଷ ନୃପମଣି
ବନ୍ଦଇଂ କୃଷ୍ଣୀକପାଏ ଦେହ୍ଣଂ ନବାଣି ।
ବନ୍ଦଇଂ ନରେନ୍ଦ୍ର ରାଜା ହରିଚନ୍ଦ୍ର
ସତ୍ୟବାଦୀ ବନ୍ଦଇଂ ଧର୍ମ ଯୁଢେଷ୍ଟି ନରେନ୍ଦ୍ର ।
ବନ୍ଦଇଂ ଭୁଞ୍ଜ ଚନ୍ଦେଶ୍ୱର ନବଲକ୍ଷ କାୟାଏ
ଯେକଇଂ ସପନ ମାର୍ଗ୍ଗଁଇ ହଇଲକଇ ଫଳ ପ୍ରାଏ ।
ଈଶ୍ୱର ସୁମର ଯେଉଂ ନର ଯାଏ

ଚୋର ନ ଭେଟଇ ବ୍ୟାଧ ନ ଖାଏ
ସର୍ପଣୀ ଦେଖି ଧୂରୁ ପଳାଏ ।
ବାବୁ ସମୁଦ୍ର ଗମ୍ଭୀର ଗମ୍ଭୀର
ସୂଚୀମୁନେ ବଶ୍ୱେଳ ହୋଇବାକ ଥିର ।
ନାସିକା ଘଣ୍ଟିକା ସୁଷୁମ୍ନା ସନ୍ଧ
ନାଦବନ୍ଦୁ ଛଆଚଇତନ ଯେ ଶଶ୍ୱରେ କରଇ ବନ୍ଦୀ ।
ଯେ ଜାଣଇ ଆଦ୍ୟନାଥର ବାଣୀ
ଏତେ ଲକ୍ଷଣେ ସେ ଆଦେଶ ବଖାଣି ।
ଆଦେଶ ଆଦ୍ୟ ପୁରୁଷ
ଆଦେଶ ଗୁରୁ ଚରଣେ
ଆଦ୍ୟରୂପେ ଆଦ୍ୟନାଥ ମାୟୁଂମାର ମଚ୍ଛନ୍ଦ୍ରୀନାଥ ।
ଜ୍ଞାନ ପରତେ ଚୌରଙ୍ଗୀନାଥ ।
ଘଟ ପରତେ ଶ୍ରୀ ଗୋରେଖନାଥ ।
ଯନ୍ତ୍ର ଗୋରେଖ ସଖା କଣେ ଆର
ସର୍ବ ଘଟେ ହାଇଂସନ୍ତ କେହ୍ନ ନାହ୍ନଂ ବଇର
ଉତ୍ତର, ଦକ୍ଷିଣ ପୂର୍ବ ପଶ୍ଚିମ ଚୂରିଖାନ ଚୂରିବାଣ
ଚୌରାଶି ଲକ୍ଷ ଜୀବ ଜାଣି ।

ଧରନ୍ତ ଆକାଶ ପିବନ୍ତ ପବନ ପାଣି
ଶ୍ରୀ ଗୋରେଖନାଥ ପାଦୁକା ସ୍ୱାହାଂ, ଓଁ ନମଃ ।
ଦେଖ ଦେଖ ପୁତା ଅଦେଖ ଦେଖ
ଅତୁଲତୁଲ ଅମାପମାପ ଅଖାଇବଂ ଖାଇଂବ ।
ଅଭକ୍ଷ ଭକ୍ଷ ବଂଗୋଲା ମନ୍ଦର ମାପ୍ୟାନପୁନ ମୁଦ୍ରାବନ୍ଧ କର
ନାସିକାରେ ପବନ ଲୁଚାଇ ଚନ୍ଦ୍ରଘରେ ସୂର୍ଯ୍ୟକୁ ଲଇ ।
ସାଧ ସାଧ ଯୋଗୀ ଓଁହୋଠ ଉଜାଣି
ଯେଣେ ଟଳମଟଳ କାୟା ହୋଇଂବ ନବାଣି
ପାଦକଇଂ ପୁତା ବାଇ ବଶ ବୋଲି
ଅଙ୍ଗୁଳିକ ପୁତା ଗୃନ୍ଦ ପଦ୍ମଂ ବୋଲି ।
ତହିଂର ଉପରକୁ ବୋଲି ଶୁକଳ ରେମସକେ
ଖଣ୍ଡୁ ଗଣ୍ଠିକ ବୋଲି ପୁତା ଚଞ୍ଚଳଂ କୁଣ୍ଡଳି
ତହିଂର ଉପରକଇଂ ମାଳହାଣ୍ଡ ବୋଲି ।
ଆଣ୍ଠୁକୁ ଖଞ୍ଜଣି ହାଡ଼ ବୋଲି
ଜଙ୍ଘକୁ ତ୍ରିକୂଟ ପଦ୍ମଂ ବୋଲି ।
ତହିଂର ଉପରକୁ ଚନ୍ଦ୍ର ଚକୋର ବୋଲି
ଚନ୍ଦ୍ରଅକଇ ଇନ୍ଦ୍ରଚନ୍ଦ୍ର ବୋଲି
ତହିଂରକଇ ଅଣ୍ଡ୍ରୁଯମଣି ବୋଲି ।
ତହିଂର ତରକଇ ସିଦ୍ଧି କୁର୍ପର ସ୍ଥାନ
ତହିଂର ଉପରେକୁ ବଡ଼ମ୍ଭାନନ୍ଦ ମାନଗଣ ।
ବୁଝ ବୁଝ ପୁତାରେ ଜ୍ଞାନର ବଟ୍ଟର
ତହିଂର ଉପରେ ବସଇଂ କମଳ ଚନ୍ଦ୍ର ଦେବତା
ଅଗ୍ନିକ ବାଇ ଉଜାଇଂ
ଶୁଣ ଶୁଣ ଲେଇ ସେ ଅଗ୍ନି ତ୍ରିବେଣୀ ଜଳେ ସେ ପ୍ରାଣ ପାଇ ।
ଜଳରେ ଭେଦ ଯେବେଂ ବ୍ରହ୍ମଂ ହାରେ ଫୁକାଇଂ ।
ସେ ସେ ଶୋଷେକ ଯୋଗ ପୂଜା ଅଟଇଂ ହାଥ କାୟାଂ ଶୁଖଇ
ତହୁଂ ଡାକି ଆଣେ ମୁଖେ ଦେଇ ଜାଳ
ଦେଖ ଦେଖ ପ୍ରଜଳିତ ଅଗ୍ନି ଉଠିଲା ସପତ ପାତାଳ ।

ଶୁଣ ପୁତା ଅମର କୋଷର ଥଳ
ହୃଦୟ ଚକ୍ର ଉପରେ ପରମ ଆତ୍ମା ପ୍ରାଣଲିଙ୍ଗଙ୍କୁ ଘେନ ପ୍ରଜଳ ।
ଶୁଣ ପୁତା ଲେଇରେ ନବ ନାଠୀର ବାଟ
ହୃଦୟକୁ ବୋଲି ଗୋଲହାଟ ।
ତହିଁର ଉପରେ ଅଲଖ ଆତ୍ମା କରଇ ଭେଟ
ତହିଁର ଉପରେ ବସଇ ଚଉଂଷଠି କୋଠି ।
ଚଉଷଠି କୋଠିର ପୁତା ଜାଣି ଆସି ବାଟ
ତହିଁସେ ଆଜ ଏ ନିରଞ୍ଜନର ପଡ଼ିଅଛି ବଜ୍ରକବାଟ ।
ଶୁଣ ଶୁଣ ଲେଇରେ ଘଣ୍ଟିକା ଦ୍ୱାରର ଥାନ
ଯହିଁ ସେ ତ୍ରିବେଣୀ ଧାର ନ ଶୁଖଇ ବ୍ରହ୍ମସ୍ଥାନ ।
ଶୁଣ ପୁତା ଲେଇରେ ଶୀତଳ ଜ୍ଞାନଙ୍କର ବନ୍ଧ
ତହିଁର ଉପରେ କଳକାଳ ଦୂତେ ପାତିଛନ୍ତି ଫାନ୍ଦ ।
ତହିଁର ଉପରେ ଜ୍ଞାନଚନ୍ଦ୍ରର ଥାନ
ତହିଁକି ଲକ୍ଷ୍ୟେ କରିଛନ୍ତି ସିଦ୍ଧ ମୁନିମାନ ।
ତହିଁର ଉପରେ ଶୂନ୍ୟଗିରିମାନ ପ୍ରକାଶି
ତହିଁ ସେ ଅମରେ ସ୍ୱରେ ଆହୁଠ ପାଠଣା ବସି ।
ନାସିକା ଦ୍ୱାରେ ପୁତା ଶୂନ୍ୟ ପୁରୁଷର ଥିତି
ତାହାକୁ ଧ୍ୟେୟ କରି ବସ୍ତୁ ପାଇଲି ପରମ ବିଭୂତି ।
ତହିଁର ଉପରେ କଣସୂ ଗିରିମାନ
ତହିଁ ପଶେ ଭ୍ରମର ଗୁମ୍ଫା ବିଧାନ ।
ଭିନ୍ନ ହୋଇ ଥାଇଂ ଭ୍ରମରାନନ୍ଦନ ବନେ ପଶି
ଧ୍ୟାନ ଲକ୍ଷ୍ୟେ କରି ନ ହୁଅଇ ସମାସି ।
ଉଡ଼ିଆ ଭ୍ରମରକୁ ଯେବେ ପବନ ନ ଯାଇ
ଦେଖ ଦେଖ ଠୁଳ କାୟା ଶୂନ୍ୟରେ ଲୁଚ୍ଛଇଂ ।
ତହିଁ ଉପରେ ବସଇଂ ମେରୁ ଗିରିମାନ
ତହିଁ ସେ ଚନ୍ଦ୍ରସୂର୍ଯ୍ୟେ କରିଛନ୍ତି ଆତ୍ମାଜ୍ଞାନ ।
ମେରୁ ଗିରି ଉପରେ ପୁତାରେ ଅରଣ୍ୟ ଅପାର
ତହିଁ ସେ ପ୍ରକୃତିମାନେ କରିଛନ୍ତି ଘର ।

ସେଠାକୁ ଲକ୍ଷୁ ପୁଚ୍ଛାରେ ଊର୍ଦ୍ଧୋଷ୍ଠ ଉଜାଣି
ଅରଣ୍ୟ ଗୋପ୍ୟ କରି ବହଇ ସାତତାଳ ପାଣି
ଯୋଗ ବିସ୍ମରିଲେ ଯୋଗୀଜନମାନ
ତାହା ବୋଲି ଭବନପୁର ଘାଟ ମଧୁବନ ବୋଲି ନାମ ।
ମଧୁବନ ରକ୍ଷା ଚକ୍ରଗୁପତ ଦୁଇ ମନ
ଚକ୍ରଂର ଉପରେ ତାଳୁଚକ୍ର ବୋଲି ନାମ ।
ଦେଖ ଦେଖ ପୁଚ୍ଛାରେ ସାମାନ୍ୟ ସେ ଗଛର ଆଦିମୂଳ
ଚକ୍ରଂର ପାଣି ବହାଇଲେ ବୃକ୍ଷମୂଳ ହୋଇବଟି ଶୀତଳ ।
ବୃକ୍ଷ ଉପରେ ବିହଙ୍ଗମାନ
ଯେ ସେ ବିହଙ୍ଗମ ଛାଙ୍ଗିଲେ ଈଶ୍ୱରଙ୍କର ଯୋଗଧ୍ୟାନ ।
ପଛନ୍ତେ ପୁଚ୍ଛାରେ ପୋଡି ଛେଦ ଅମର କୋଷ ବିଗ୍ରହ
ଛ ଛନ୍ଦ ବିଛନ୍ଦ ପଞ୍ଚମୁନା ନାଗଜ ସଂଧି ।
ମାୟା ପଟଳ ଅବହେଳ ଶବଦ
ଦଶଦ୍ୱାର ରୁଂଧି ପୁଚ୍ଛାରେ କାୟା ପୁର ଭେଦ ।
ଯେଣେ ସେ ପରମହଂସ ହୋଇଣ ହେଚ ଖେଳଦ ।
ଚକ୍ରଂର ଉପରେ କୁଣ୍ଡଳ ନାମେ ସର୍ପେକ ଅଛି ।
ସେ ସର୍ପର ତୁଲେ ଅଭ ମକୁଆଳ
ଶୁଖିଲା କାୟା ହୋଇବ ବୃଷାଳ ।
ପ୍ରକୃତି ବନ୍ଦୀ ହୋଇବ ଚଆ ଚଇତନ ବନ୍ଦୀ
ହେତୁ ମନ୍ତ୍ରଙ୍କର ଚଆ ଚଇତନ ଛନ୍ଦ ।
ତିନ ତିହୁଡ଼ୀ ମଧ୍ୟେ କମାରଆ ପାତିଛନ୍ତି ଶାଳ
ଘଟ ଘଟଣ ଯନ୍ତ୍ର ପ୍ରକୃତି ବାସନା ଅପାର
ଶୂନ୍ୟ ଦେଖ ପୁଚ୍ଛାରେ ଅଲେଖ ପିଟଇ କମାର ।
ପାଇଲା କାୟାର ବିଗ୍ରହ
ଗିରିବର ଶୋଧି କାୟା କନ୍ଦର୍ପ ମଧ୍ୟ ଖଣ୍ଡିଲାକ ଗଣ୍ଠି
ଯେବଣ ସେ ଗଣ୍ଠି ବକ୍ରେ ନ ଫିଟି ।
ତାଳା ଚକ୍ର ଉପରେ ଉଦେଗିର ହୋଇ

ଯନ୍ତ୍ରଂକ ଧ୍ୟାଏ କଲେ ଅନ୍ତପୃଷ୍ଠ ଧୋଇଂ
ତନ୍ତ୍ରଂର ବାଟେ ବସଇ କନ୍ଦର୍ପ ନାମେ ଘଣ୍ଟୁଆର
ତାହାକୁ ପରତେ ହୋଇଲେ ଯାଇଂ ଭବନଦୀ ପାର ।
ତନ୍ତ୍ରଂର ଉପରେ ପୁତାରେ ଆସ ପରଜାଣ୍ଠୀ
ସେ ଦେବାସୁର ଖୋଜ ତା ନ ପାର ।
ସେ ସେ ଯୋଗ ଦୃଢ଼େ ଦେବାକ ମନ
ସେଠାରୁ ଜାତ ହୋଇଅଛୁ ଅଣରୂଣ ପବନ ।
ଅଣରୂଣ ପବନ ନିରନ୍ତରେ ଉଜାଣଇ
ଆହୁଂଠ ହାଥ କାଯ୍ୟା ଚଞ୍ଚଳେ ବୁଲୁଥାଇ ।
ବସ୍ତୁର ବୁଝିଲେ ସେହ୍ନ ସେ ଶୂନ୍ୟ
ଅଲେଖ ଡେଇଂ ମାପିଲେ ଦ୍ୱାଦଶ ଅଙ୍ଗୁଳ ହଂସାର ଗବନ ।
ମହାରସ ପୂଣରେ ତନ୍ତ୍ରଂ ସେ ଆଧାର ।
ଶୁଣ ଶୁଣ ଲୋଇଂରେ ବାମ କମଳ ସ୍ଥିପି ।
ସୁଷୁମ୍ନା ଡାହାଣେ ଛନ୍ଦ ଧାଇଲାକ ତେବେ
ଛମନୁ ପରପନ୍ତେ ଧ୍ୟାଏ ନ ଛାଜଲାକ ତେବେ ।
ତିନ ତନ୍ତୁଡ଼ୀ ନଈର ଝରଇ ପୁରଇ
ତନ୍ତ୍ରଂକ ଜାଗିଲେ ସେ ପିଣ୍ଡ କେବେହେଂ ନ ମରଇ ।
ତହୁଂ ଖସିଲେ ସମ୍ଭାଳ ନ ପ ର
ତନ୍ତ୍ରଂକଂ ଜଗିଅଛୁ ସିଷୁମୁନା ପାହାର ।
ତନ୍ତ୍ରଂର ଉପରେ ନଧୂମ ଆକାଶ
ତନ୍ତ୍ରଂ ସେ ବାଇଂବ ମାନେ କରିଛନ୍ତି ଆଶ ।
ଦୁଇନୟନେ ପୁତାରେ ଦେଖିତ ନପାର
ସପତ ଲୋଚନେ ଜ୍ଞାନ ପସ୍ଥର ।
ଶୁଣ ପୁତା ଲୋଇରେ ଶରୀର ବସ୍ତୁର
ସ୍ଥିରକଇ ଚତ୍ତ ଜାଗି ତୋହର ଘର ।

ଲୋଇ ଉବାଚ—

ଲୋଇ ପଚ୍ଛରଇ ଶୁଣ ଅଣାକାର ପୁରୁଷ
କେଉଂଠାଇଂ ଥାଇଂ ଦେଲେ ଯୋଗ ଉପଦେଶ ।

ଗିରିବରମାନେ ନିଗମ ପରଥାନ
ତତ୍ତ୍ୱଂ ବସି ସାଧିଲେ ପାଇବାକ ଜ୍ଞାନ
ଲୋଇ ପଚରଇ ଶୁଣିମା ଗୋସାଇଂ
ବିନୁ ଆଧାରେକ ପରମହଂସ ରହଇ ।

ଆଦିନାଥ ଉବାଚ—

ସଦଗୁରୁ ବୋଲନ୍ତି ଶୁଣ ପୁତା ଲୋଇ
ରବି ଅସ୍ତକାଳେ ପୁତାରେ ନଗ୍ର ଖେଳ ତତ୍ତ୍ୱଂ ଯାଇ ।
ପରମ ହଂସ ଉଡ଼ିଲା ଗିରିଦ୍ୱାର ମୁଦିଲା
ଶୂନ୍ୟ ଭିକ୍ଷା ଘୁମାଇଂ କେଉଂଠାରେ ଲାଗିଲା ।
ଅଛଇ ମାଣ୍ଡ ଶୂନ୍ୟେ ସମ୍ଭାଇ
ତୋତେ ଭିକ୍ଷା ଦେବରେ ବିକଳିତ ହୋଇ ।
ଶୁଣ ପୁତା ଲୋଇରେ ଆଗ ଭିକ୍ଷା ଦେବା
ପଛ କଇଂ ପୁତା କଣ୍ଠୟ କୋଷ ନ ଦେଖ ।
ଚଞ୍ଚଳ ମତ ନୟନେ ଲୁକାଇ
ଭିକ୍ଷା ବହୁନେ ଭକ୍ଷିବୁଟି ବାଇ ।
ସୂର୍ଯ୍ୟ ଘରେ ଚନ୍ଦ୍ର ପୁତାରେ ମିଳାଇକ ମେଳେ
ଶକ୍ତ ଯୋଗ ପାଇଲା କାୟା ସପତ ସତଳେ
ଆହାର ଛିଦ୍ର କରି ଦୟା ଯେବେ ପାଇବୁ
କାୟାକୁ ବଇସି ଭିକ୍ଷା କୁଇରେ ଖାଇବୁ ।

ଲୋଇ ଉବାଚ --

ଲୋଇ ପଚରଇ ଗୁରୁ ହେ ଭିକ୍ଷା ଖାଇବ କେଣେ ଏହା
ଅଣହେଳେ ଅଗ୍ନିରେ ପକାଇବୁ ପୁତା ତାହା ।
ଜଳ ଦେବୁ ବ୍ରହ୍ମ ହୁତାଶନେ
ଘୁଇ ଜାଳିଲୁ ଯେବେ ମୋହାଜଳେ ବୁଡ଼ି
ତେବେ ସେ ଘଅଂ ଦେଉଳେ ଦୁହେଂ ପିବେ ଉଡ଼ି
ଲୋଇ ପଚରଇ ଗୁରୁ ହେ ହୋଇଲକ ବାଇଂ

ପିମ୍ପୁଡ଼ି ବାଟେ କାହିଂ ହାଥିଆ ସମ୍ଭାଇଂ
ଛ ଛନ୍ଦେ ସରୋବରରେ ଯେବେ ହାଥିଆ ପାଣି ଖାଇଂ ।

ଆଦିନାଥ ଉବାଚ—

ଶୁଣ ଶୁଣ ପୁତା ଲୋଇରେ ପିମ୍ପୁଡ଼ି ହାଦେ ବାଟ କଢ଼ାଇ
ଅଦୃଷ୍ଟ ଅଶ୍ରୁତ ପୁତା ନ ପାଇ ଥାନ୍ତିଂ ହୋଇଂ ।
ଯେବେ ସେ ତ୍ରିଗୁଣେ ଯତନ ହୋଇବାକ ଦେହି
ନାସିକା ଦ୍ୱାରେ ଯେବେ ଛୁଞ୍ଚ ପାଶବାଇଂ ।
ବେତ ବସେ ବଢୀ ହୋଇବ ହାଥୀ ବାଢ଼ି
ବଙ୍କଂଗିର ଚରଇ ପୁତା ଶୂନ୍ୟଗିର ସ୍ଥିତି
ଯାହାକଇ ଚହ୍ନିଲେ ପିଣ୍ଡ ହୋଇବ ମୁକ୍ତ ମୂକତି ।୧୭୦।
ଦେଖ ଦେଖ ପୁତା ମାୟା ସଂସାର ରଂଚଲା
କାହିଂ ଥିଲା ସେ କାହିଂ ରହିଲା ।
ସୁଖିତ ହଂସ ଭବ ମୋହଜଳେ ବୁଡ଼ିଗଲା ପୁଣି କାହିଂ
ତାହା ନ ଚହ୍ନିଲୁ ବାଣ୍ଟ ଆନ ପଥ ହୋଇଂ ।
ନ ଚହ୍ନନ୍ତି ନୟନେ ପାଳଟ ନ ପାରଲା ।
ଯେଣେ ସେ ମେଣ୍ଟି ନୁଆର ଯମଙ୍କର ଧାଡ଼ି
ତାତକଇ ପୋଡ଼ି ନଆଂ ମଳା ତାକଇ ନପାତି ।୧୭୭।

*

# 'କେବଣ ମୁନିକୁମର'

## କପିଳେନ୍ଦ୍ର ଦେବ

କେବଣ ମୁନିକୁମର ପରଶୁ ଦକ୍ଷିଣ କର
ବାମେଣ ଶୋହେ ଧନୁଶର ନା ।
କୋପେଣ ବୋଲଇ ଘୋର ତ ତୁ ସେ ମୋ ବଧିଲୁ ତାତ
ଆଜ ତୋର ଛେଦିବଇ ମାଥ ନା ।
ଶୁଣ ରାଜନ ହୋ, କାଏ ତୋର ରାଜ୍ୟ ବ୍ରାହ୍ମ ବଧେ ନା ।
ଏ ତୋର ଚନ୍ଦ୍ରବଦନ ମେଘେ କି ଢାଙ୍କିଲା ଜହ୍ନ
ତାହା ଦେଖି ବିକଳ ମୋ ମନ ନା ।
ଆବର ଦେଖଇ ଅରିଷ୍ଟି ରାଜ୍ୟ ତୋ ରୁଧିର ବୃଷ୍ଟି
ପୁର ବେଢ଼ି ରୋଦନ୍ତି ଶୃଗାଳ ନା ।

('ପର୍ଶୁରାମ ବ୍ୟାୟୋଗ' ସଂସ୍କୃତ ନାଟକରୁ ଗୃହୀତ)

*

# କଳସା ଚଉତିଶା

## ବଚ୍ଛା ଦାସ

କହନ୍ତି କାମିନୀ ଶୁଣ ହେମନ୍ତଦୁଳଣି,
କାହୁଁ ବରେ ବରିଲେ ଭୁମ୍ଭର ପିତାମଣି ।
କୁଳ ମୂଳ ଗୋତ୍ର ଆଦ୍ୟ ନାହିଁ ଜାଣ ତା'ର
କନକ ବେଦୀରେ ବୁଢ଼ା ବସିଛି ମଧ୍ୟର । ।୧।

ଖୁଂ ଖୁଂ କାସ ସାହାସେଣ ପେଲୁଅଛି ଧଇଁ
ଖର ନିଶ୍ୱାସ ବୁଢ଼ାର ମାଥ ଲାଗେ ଭୁଇଁ ।
ଖଣ୍ଡିଆ ଯୋଗୀର ସଙ୍ଗେ ନାହିଁ ଯାନ ତା'ର
ଖଣ୍ଡିଆ ବଳଦ ବୁଢ଼ା ବାନ୍ଧିଛି ପାଖର । ।୨।

ଗୋଡ଼ ହାତ ଷଣ୍ଢଫୁଲ ଗଳୁଛି ନୟନ
ଗଣ୍ଡସ୍ଥଳେ ଲମ୍ବଇ ମୁଦୁରା ଦରଶନ ।
ଗ୍ୟାନଭ୍ରଷ୍ଟ ହୋଇଲାନି ଭେବଳ ତା' ମତି
ଗୁଣ ଲକ୍ଷଣ ବୁଢ଼ାର ନାହିଁ ତଥି ଗତି । ।୩।

ଘର ତା'ର କେବଣ ଦେଶରେ ତଥ୍ୟ ନାହିଁ
ଘଟାଇଲା ବିହି ଆଣି ଏମନ୍ତ କରାଇ ।
ଘଟ ଘଟ ହୋଇ ନାଳ ବହଇ ତୁଣ୍ଡର
ଘନ ଜଟା ବେଲଗୁଏକ ବାନ୍ଧିଛି ମୁଣ୍ଡର । ।୪।

ନ ଚିହ୍ନଇ ମନୁଷ୍ୟ ସେ ନ ଦେଖେ ନୟନ
ନିକଟେ ଦେଖିଲେ ନ ଶୁଣେ ତା' ବେନି କର୍ଣ୍ଣ ।
ନଖ ମୁଖ ଚକ୍ଷୁ ସ୍ଥାନ ପଶିଲା ଭିତର
ନୁଆ ଖଣି ଖଣା ହ୍ରାସେ ଦିଶୁଛି ଉଦର । ।୫।

ଚମେଁକ ମାଢ଼ଣ ବୁଢ଼ା ବସିଛି ମଧ୍ୟେଣ
ଚଉପାଶ ବେଢ଼ିଛନ୍ତି ଦେବତା ବ୍ରାହ୍ମଣ ।
ଚକେବା ବୁଢ଼ାକୁ ଦେଖି ଚକିତ ହୋଇଲୁ
ଚିନ୍ତାସାଗରରେ ସଖି ନିଷ୍ଟପ୍ୟେ ବୁଡ଼ିଲୁ । ।୬।

ଛିନ୍ନ ଅଙ୍ଗେ ଛିଣ୍ଡାକନ୍ଥା ଲଗିଛି ତାହାର
ଛାର ପାଉଁଶ ଲେପୁଏ ଲେମ୍ପିଛି ଶରୀର ।
ଛନ୍ଦିଅଛି ସର୍ପମାଳ ମୁଣ୍ଡେ ଆଭରଣ
ଛଟକେ ଭେଳକ ବୁଢ଼ା ଲଗାଇଲା ଜାଣ । ।୭।

ଜଙ୍ଗମକୁ ପ୍ରାପତ ହୋଇଲୁ ଚନ୍ଦ୍ରମୁଖି
ଯାହା ତୋର କପାଳରେ ବ୍ରହ୍ମ ଅଛି ଲେଖି ।
ଯୁବାକାଳେ ଯହିଁ ଯୋଗ ଭୁଞ୍ଜିବୁ ନା ଯାହା
ଜାଣୁ ଜାଣୁ ଜଙ୍ଗମ ଗୋଟାକୁ ହେଲୁଁ ବାହା । ।୮।

ଝୁମୁଝୁମୁ ବାଜ ଘଣ୍ଟି ଘାଗୁଡ଼ି ଲେଗୁଏ
ଝମକୁଣ ଅଛି କରେ ତ୍ରିଶୂଳ ଗୋଟାଏ ।
ଝୁଲି ହୋଇ ଝିଙ୍କି ହୋଇ ପଡ଼ୁଛି ଢଳାଇ
ଝିଅ ଜ ନାତୁଣୀ ପ୍ରାୟେ ଦଶିବୁ ଗୋ ତୁହି । ।୯।

ନସତେଣ କହେ କଥା ନକୁଟିଣ ଦାନ୍ତ
ନ ଆସଇ ବାଣୀ ତାର ଦୁହିଁ ହୋଏ ଅନ୍ତ ।
ନଶ ଦାଢ଼ି ରୁଚ ତାକୁ ନ ମିଳେ ଭଣ୍ଡାର
ନଶାକାଳେ ଯେ ଦେଖିଲେ ଭୟେ ଉରପାର । ।୧୦।

ଠଳଠଳ ହୋଇ ଠେକ ବସି ନ ପାରଇ
ଠାକୁଆ ଗାଲ ପାକୁଆ ଦାନ୍ତ ଆଦ ନାହିଁ ।
ଠକନକ ହୋଇ ତା' ଲାଗଇ ବେନ କର୍ଣ୍ଣ
ଠାକର ନର୍ମାଖି ସେ ଅଚ୍ଛିତ ଅପାବନ । ।୧୧।

ଠୁଳ କରିଥିବା ଭିକ୍ଷା ମାଗିବାର ଧନ
ଠକଥିଲା ଦେବ ବୋଲି ହେମନ୍ତ ରାଜନ ।
ଠକର ସ୍ୱଭାବ ସେ ଗୋ ଲଗାଇଲା ଆଣି
ଠାବେ ହେଲୁ ନାଶଗଲୁ ହେମନ୍ତଦୁଲଣି । ।୧୨।

ଡାକ'ଏ ବଜାଉଅଛି ଆନେକ ଢୋଲର
ଡଙ୍ଗର ଡାଙ୍ଗୁଆ ହୋନ କରିବୁ ଗୋ ଘର ।

ଡମ୍ବରୁଧରଙ୍କୁ ସେବା କଲୁ ପରମାଣି
ଡଗର ବର ପାଇଲୁ ଦେଲେ ଶୂଳପାଣି । ।୧୩।

ଢୋର ତପୁସିକି ମା ଗୋ ବଳାଇଲୁ ଚିତ୍ତ
ଢୋକସ୍ର ଯୋଗୀଙ୍କ ମା ଗୋ ହୋଇଲୁ ପ୍ରାପତ ।
ଢମାଳି ନ କର ମୁଁ ଯେ କହୁଅଛି ସତ
ଢାଳେ ହେତୁ ନାଶଗଲା ହେମନ୍ତଦୁହିତ । ।୧୪।

ଅଣାଇଲେ ଗୟେ କାହ୍ନୁଁ ବରେକ ବରଣ
ଅଣମନୁଷ୍ୟ ଯେ ସେ ଅଛିଁତ ଅପାବନ ।
ଅଣଖ ସାରଲେ ମାଏ ଝିଏ ଦୁହେଁ ହୋଇ
ଅଣଉହାଡ଼ରେ ଶୀଘ୍ରେ ଦେଖାଇଲେ ନେଇ । ।୧୫।

ତ୍ରଷ ଶରବର ବାଜୀ ବାଜିଲା ହୃଦର
ତଡ଼କେ ପଡ଼ିଲା ତଳ ନଜେ ତା' ମନ୍ଦର ।
ତକ୍ଷଣେ ତୋଳି ଧଇଲେ ତାହାଙ୍କର ଦାସୀ
ତୁରତେ ମିଳିଲେ ମାଏ କଣ୍ଠରେ ତା' ଆସି । ।୧୬।

ଥରହର କରି ମାଏ ବୋଲନ୍ତ ବଚନ
ଥିର କର ମନ ମା ଗୋ ନୋହ ଅଚେତନ ।
ଥିଲା ଏତେ କାଳେ ମୋର ଦୁଲଣା ହୋଇଣ
ଥନ ଯଉବନ କାଳେ ଦେଉଛୁ ଜୀବନ । ।୧୭।

ଦଇନ କରି କହୁଛି ଶୁଣ ମୋର ମାୟେ
ଦନ୍ତେ ତୃରଣ ଧରଣ ଓଳଗଇ ପାୟେ ।
ଦରିଦ୍ର ହୀନ ବୁଢ଼ାକୁ ଯେବେ ମୋତେ ଦେବୁ
ଦୁଇ ନୟନରେ ମୋର ମରଣ ଦେଖିବୁ । ।୧୮।

ଧରା ଧରି ହୋଇ ମାଏ ଝିଅ ବୋବାଇଲେ
ଧାଈ ମୃଦୁସୁଲ୍ଲୀମାନେ ଚହଳ ପାଇଲେ ।
ଧାଇଁ ଆସି ତତକ୍ଷଣେ ମିଳିଲେ ରାଜନ
ଧର୍ମ ପୁଣ୍ୟକାଳେ କାହା କରୁଛ ରୋଦନ । ।୧୯।

ନାହିଁକି ସଂସାର ମଧ୍ୟେ ରାଜାର କୁମର
ନିର୍ଲଜ୍ଜ ବୁଢ଼ାକୁ ସୁନ୍ଦରୀକି କଲୁ ବର ।
ନୋହିଲେ ବୁଡ଼ିବୁ ମାଏ ଝିଅ ଦୁହେଁ ହୋଇ
ନୋହିଲେ ମରିବୁ ସ୍ୱହସ୍ତରେ ବିଷ ଖାଇ । ।୨୦।

ପଟ୍ଟ ଯେନ ମାଣିକ୍ୟ ମୁକୁତା ଗୁନ୍ଥା ନାହିଁ
ପୋଡ଼ୁ ପୋଡ଼ୁ ଜୀବନ ପରବଶ ରାଜା ହୋଇ ।
ପିଅର ଜନମା ତୁମ୍ଭ ଜୀବନ ଧିକ ତ
ପାକୁଆ ବୁଢ଼ାକୁ ଦେଇ ଯେନ ଲୋଡ଼ି ବର । ।୨୧।

ଫରମାଣ ଦେଇଛନ୍ତି ହେମନ୍ତ ରାଜନ
ଫାଇ କେତେ କହିବା ଗୋ ସେହୁ ବଡ଼ଜଣ
ଫାଲେଣ ଜାଣିବା ପଛେ ତାହାଙ୍କର ଗୁଣ
ଫରସେ ସେବିଲେ ଗୌରି ପାଇବ କାରଣ । ।୨୨।

ବିସ୍ମର ନକର ମାଏ ଝିଅ ଦୁହେଁ ତୁମ୍ଭେ
ବିକଳ ମନରୁ ଗୁଢ଼ କହୁଅଛୁଁ ଆମ୍ଭେ ।
ବ୍ରହ୍ମା ବିଷ୍ଣୁ ଦେବତାଏ ଛନ୍ତି ତାଙ୍କୁ ବେଢ଼ି
ବଡ଼ ଭାଗ୍ୟବନ୍ତ ଗୌରି ପୁଣ୍ୟେ ଅଛୁ ବଢ଼ି । ।୨୩।

ଭାଲପଟେ ଲେଖନ ଯା କରିଛି ବିଧାତା
ଭଲ ଭାଗ୍ୟବନ୍ତ ଗୌରି ଆମ୍ଭର ଦୁହିତା ।
ଭୋଜନର ବେଳେ ରାଣୀ ମିଳିଲେକ ଆସି
ଭିତରେ ମଣୋହି ସଞ୍ଜା ଭିଆଣ କରସି । ।୨୪।

ମହାଦେଈ ମନବ୍ୟଥା ଛଡ଼ାଇ ରାଜନ
ମିଳିଲେ ଯେ ସର୍ବଜନ ବିଭାର ଆସ୍ଥାନ ।
ମଙ୍ଗଳଣ କଲେ ତହିଁ ହଳଦୀ ଚନ୍ଦନ
ମଙ୍ଗଳ ମହୁରି ଶଙ୍ଖ ବାଜେ ଘନ ଘନ । ।୨୫।

ଯୁବତୀ ସକଳ ମିଳି ହୁଳହୁଳି ଦେଲେ
ଜଗମୋହିନୀକି ଦିବ୍ୟ ବେଶ କରାଇଲେ ।

ଯାଈ ଫୁଲ କନଅର ଖୋସାରେ ଖୋସିଲେ
ଯତନେ କସ୍ତୁରୀ ଟିକା କପାଳରେ ଦେଲେ । ।୨୬।

ରତ୍ନ ଓଢ଼ଣୀ ଚୂଡ଼ ମଥାରେ ସୀମନ୍ତ
ରାମ ଅଭିଷେକ ଚୂଡ଼ ନାସେ ଗଜମୋତି ।
ରୁଣଝୁଣ ବାଜୁଅଛି ପୟରେ ନୂପୁର
ରାଜୀବଦଳ ଲୋଚନେ ରଞ୍ଜିଲେ କଜ୍ଜ୍ୱଳ । ।୨୭।

ଲତାବଳ ପ୍ରାନ୍ତେ ପିନ୍ଧି ନେତେ ଉପୁରାଣ
ଲାବଣ୍ୟ ଚନ୍ଦ୍ରବଦନା ଲକ୍ଷେ ଲକ୍ଷ୍ମୀ ଗୁଣ ।
ଲବଣ ଚଉଁରା ପୂଜା ଆଣି ବତାଇଲେ
ଲଳତେ ମଙ୍ଗଳ ଗୀତ କାମିନୀ ଗାଇଲେ । ।୨୮।

ବ୍ରହ୍ମା ଆଚାର୍ଯ୍ୟ ହୋଇଣ ବେଦିରେ ବସିଲେ
ବରକୁ ସେ ଦଶଜଣ ଭୋଳ ବସାଇଲେ ।
ବାସ ବର୍ଗ ବନ୍ଧୁ ବାକ୍ୟ ଅସରନା ସୂତା
ବସିଲେ କଣ୍ଠମ୍ବାମାଡ଼ି ବାଳୀ ଘେନି ପିତା । ।୨୯।

ଶିରରେଣ ବାନ୍ଧିଲେ ମୁକୁଟ ପଞ୍ଚଶାଖା
ଶୋଇପଡ଼ି ବୁଢ଼ା ଖାସୁ ଖାସୁ ଗଲା ମୂର୍ଚ୍ଛା ।
ଶାଶୁ ଆଦି ସମସ୍ତେ ଯେ ବୋବାଳି ଛୁଡ଼ିଲେ
ସଚେତ ପାଇଲା ବୁଢ଼ା ଭୋଳ ବସାଇଲେ । ।୩୦।

ସନ୍ତୋଷେ ହସ୍ତ ଯୋଡ଼ିଣ କଲେଣ ସେ ନାରୀ
ସତ୍ୱରେ ଦେବକନ୍ୟାଏ ଗଲେ ଯେଝା ପୁରୀ ।
ସନ୍ତୋଷେଣ ନାରୀ ମିଳି ଜୁଆ ଖେଳାଇଲେ
ସତ୍ୱରେଣ ବର-କନ୍ୟା ବେଦିରୁ ଉଠିଲେ । ।୩୧।

ସମସ୍ତେ ବସିଣ ମଞ୍ଜୁ ପ୍ରାସାଦ ସାରିଲେ
ସଖୀ ସଙ୍ଗାତୁଣୀମାନେ ମନ୍ଦୁଶଯ୍ୟା କଲେ ।
ସୁରଗଣେ ବର କନ୍ୟା କହୁଛନ୍ତି ଭାବ
ଶୋଭା ପାଉଛନ୍ତି ଦୁହେଁ ରତି କାମଦେବ । ।୩୨।

ହେମନ୍ତର ରାଣୀ ଦେଖି ସନ୍ତୋଷ ହୋଇଲେ
ହୀନ ପରପଞ୍ଚ ବେଶ ସବୁଁ ପକାଇଲେ ।
ହୋଇଲେ ସନ୍ତୋଷ ଯେ ସକଳ ଲୋକ ଦେଖି
ହାସ୍ୟ କରୁଛନ୍ତି ସଖୀ ସଙ୍ଗାତୁଣୀ ଦେଖି । ।୩୩।

ସକଳେ ଚଉଠି ସାରି କାଦଖେଳ ଗଲେ
କ୍ଷ' ସାତ ଅଷ୍ଟମଙ୍ଗଳା ଉଛବ ସାରିଲେ ।
କ୍ଷିତିପତି ଠାକୁର ସେ କପିଳାସେ ସ୍ଥିତି
କ୍ଷୁଦ୍ରବୁଦ୍ଧି ବଚ୍ଛାଦାସ କଳସା ପଢ଼ନ୍ତି । ।୩୪।

*

# କେଶବ କୋଇଲି

## ମାର୍କଣ୍ଡ ଦାସ

କୋଇଲି, କେଶବ ଯେ ମଥୁରାକୁ ଗଲା,
କାହ୍ନା ବୋଲେ ଗଲା ପୁଣ ବାହୁଡ଼ି ନଇଲା ଲୋ, କୋଇଲି ।
କୋଇଲି, ଖଣ୍ଡକ୍ଷୀର ଦେବ ମୁଁ କାହାକୁ,
ଖାଇବାର ପୁଣ ଗଲା ମଥୁରାପୁରକୁ ଲୋ, କୋଇଲି ।
କୋଇଲି, ଗଲା ପୁଣ ବାହୁଡ଼ି ନଇଲା,
ଗହନ ତ ବୃନ୍ଦାବନ ଶୋଭା ନ ପାଇଲା ଲୋ, କୋଇଲି ।
କୋଇଲି, ଘର ମୋର ନ ମଣନ୍ତି ନନ୍ଦ,
ଘଟଣ ନ ଦିଶେ ପୁର ନ ଥିଲେ ଗୋବିନ୍ଦ ଲୋ, କୋଇଲି ।
କୋଇଲି, ନନ୍ଦ ଦେହ ପାଷାଣେ ଗଢ଼ିଲା,
ନୟନେ କଜ୍ଜଳ ଦେଇ ରଥେ ବସାଇଲା ଲୋ, କୋଇଲି ।
କୋଇଲି, ଚଳୁଥାଇ କଟିସ୍ଥ ମେଖଳୀ,
ଚକିତ ହୋଇଲେ ଶୁଣି ଗୋପପୁର ବାଳୀ ଲୋ, କୋଇଲି ।
କୋଇଲି, ଛୁଟେକ ମୁଁ ମାଇଲି ପୂରୁବେ,
ଛୁଡ଼ି ଅବା ଗଲେ କୃଷ୍ଣ ସେହି ପରାଭବେ ଲୋ, କୋଇଲି ।
କୋଇଲି, ଦୂତପଣେ ଅଇଲା ଅକ୍ରୂର,
ଯାହା ବୋଲି ଭଣ୍ଡିନେଲା ବସାଇ ରଥର ଲୋ, କୋଇଲି ।
କୋଇଲି, ଝୁରୁ ଝୁରୁ ଲୁହ ନ ରହିଲା,
ଝଗଡ଼ା ସାରଣ କୃଷ୍ଣ ମଥୁରା ରହିଲା ଲୋ, କୋଇଲି ।
କୋଇଲି, ନଶାକାଳେ ହରି ମାଗେ ଗୁନ୍ଦ,
ନୟନ ଟେକିଣ ତାକୁ ଚାହୁଥାନ୍ତି ନନ୍ଦ ଲୋ, କୋଇଲି ।
କୋଇଲି, ଟହ ଟହ ହସୁଥାନ୍ତି କୋଳେ,
ଟଳଟଳ ହେଉଥାନ୍ତି ଝୁଲିବାର ବେଳେ ଲୋ, କୋଇଲି ।
କୋଇଲି, ଠଣ ଯେ ସୁନ୍ଦର ବେନି ପୋଏ,
ଠକି ଭଣ୍ଡି ଗଲେ କୃଷ୍ଣ ନଇଲେ ବେଡ଼ାଏ ଲୋ, କୋଇଲି ।
କୋଇଲି, ଡାକିଲେ ଭାଷଇ ଯେସନ୍ତେ ଶାଖା,
ଡାଳରହିଣୁଆ ପ୍ରାୟେ ଭାଷୁଥାନ୍ତି ହରି ଲୋ, କୋଇଲି ।

କୋଇଲି, ଡାକୁଥାନ୍ତି ମାଏ ଯଶୋବନ୍ତୀ
ଡାକେ ହରାଇଲି ମୋର ପୁତ୍ର ଶିଶୁପନ୍ତି ଲୋ, କୋଇଲି ।
କୋଇଲି, ଅନେକ ହିଂସିଲା ରାୟୁ କଂସ,
ଅଣଦେଖା କରଣ ଆପଣେ ଗଲା ନାଶ ଲୋ, କୋଇଲି
କୋଇଲି, ତନୁରେ ତା ଲେପଇ କୁଙ୍କୁମ,
ତନୟ ଖେଳାଉଥାନ୍ତି ଭାଇ ବଳରାମ ଲୋ, କୋଇଲି ।
କୋଇଲି, ଥନ ଭାଙ୍ଗି କ୍ଷୀରମାନ ଦେଲି,
ଥଅର କାଳକୁ ପୁତ୍ର ଦେଖି ନ ପାରିଲି ଲୋ, କୋଇଲି ।
କୋଇଲି, ଦଉଡ଼ିରେ ବାନ୍ଧିଲି ପୁତ୍ରକୁ
ଦାମୋଦର ରାଗେ ଗଲେ ମଥୁରାପୁରକୁ ଲୋ, କୋଇଲି ।
କୋଇଲି, ଧନ୍ୟ ସେହୁ ଦଇବକୀ ନାରୀ,
ଧର୍ମ ଥିଲା ପୁତ୍ର ଗୋଟି ହୋଇଲା ତାହାରି ଲୋ, କୋଇଲି ।
କୋଇଲି, ନ ଶୋଭଇ ଗୋପପୁର ମୋର,
ନାରାୟଣ ଗଲାଦିନୁ ମଥୁରା ନଗର ଲୋ, କୋଇଲି
କୋଇଲି, ପବିତ୍ର ପୁରୁଷ ମୋ ମାଧୋଇ,
ପବିତ୍ର ମୁଁ ହେଉଥିଲି କୃଷ୍ଣମୁଖ ଚୁମ୍ବିଁ ଲୋ, କୋଇଲି ।
କୋଇଲି, ଫଳିବାକୁ ନାହିଁ ମୋର ଆଶ,
ଫଳିବାର ଫଳ ଗଲା ବସୁଦେବ ପାଶ ଲୋ, କୋଇଲି ।
କୋଇଲି, ବହୁତ ସହିଲି ତାଙ୍କ ଅଳି,
ବଢ଼ାଇ ଶରଧା ଭାଙ୍ଗି ଗଲେ ବନମାଳୀ ଲୋ, କୋଇଲି ।
କୋଇଲି, ଭଣ୍ଡି ମୋତେ ଗଲେ ବେନି ପୋଏ,
ଭାଇ ତାଙ୍କ ବଳରାମ ନଇଲେ ବେଢ଼ାଏ ଲୋ, କୋଇଲି ।
କୋଇଲି, ମଥୁରାକୁ ଯିବି ମୁଁ କି ଧାଇଁ,
ମାଧବ ମଧୁସୂଦନ ଆଣିବି କଢ଼ାଇ ଲୋ, କୋଇଲି
କୋଇଲି, ଯିବେ ଯେ ଆସିବେ ବୋଲି ଗଲେ,
ଜଗତଜୀବନ ପ୍ରଭୁ ବାହୁଡ଼ି ନଇଲେ ଲୋ, କୋଇଲି ।
କୋଇଲି, ରତ୍ନ ବସ୍ତ୍ର ଅଳଙ୍କାରମାନ,
ରାମ କୃଷ୍ଣ ଶ୍ରୀଅଙ୍ଗକୁ ଦିଶେ ଶୋଭାବନ ଲୋ, କୋଇଲି ।

କୋଇଲି, ଲକ୍ଷ୍ମୀବନ୍ତ ଅଟେ ନାରାୟଣ,
ଲଳାଟରେ ନାମ ଦେଲେ ଗାର୍ଗବ ବ୍ରାହ୍ମଣ ଲୋ, କୋଇଲି ।
କୋଇଲି, ବୃନ୍ଦାବନ ନ ଶୋଭଇ ମୋର,
ବତ୍ସା କଏ ଚରାଇବ ଯମୁନାର ତୀର ଲୋ, କୋଇଲି ।
କୋଇଲି, ଶ୍ରୀମନ୍ତ ପୁରୁଷ ଟୋ ମାଧୋଇ,
ଶିରରଙ୍ଗ ଗଲାଦିନୁ ନନ୍ଦ ହେଲେ ବାଇ ଲୋ, କୋଇଲି ।୬୦।
କୋଇଲି, ଶଶୀ ଯେହ୍ନେ ଦିନୁ ଦିନୁ କ୍ଷୀଣ,
ସେହିପରି କ୍ଷୀଣ ହେଲେ ମୋ ନନ୍ଦ ରାଜନ ଲୋ, କୋଇଲି ।
କୋଇଲି, ସାତ ଦିନ ଇନ୍ଦ୍ର ବୃଷ୍ଟି କଲା,
ସପତ ବରଷ ପୁଅ ମନ୍ଦର ଧଇଲା ଲୋ, କୋଇଲି ।
କୋଇଲି, ହାଇ ଯେ ମାରଇ ପୁଅ ତୁଣ୍ଡ
ହୃଦରେ ଦିଶିଲା ତାର ସପତ ବ୍ରହ୍ମାଣ୍ଡ ଲୋ, କୋଇଲି ।
କୋଇଲି, କ୍ଷନ୍ଦଣି ବନ୍ଦଣି ଭୁଜଦଣ୍ଡ,
କ୍ଷମା କର ଦୋଷ ମୋର ଭଣେ ମାରକଣ୍ଡ ଲୋ, କୋଇଲି ।୬୪।

*

# ସାରଳା ମାଳଶ୍ରୀ

## ସାରଳା ଦାସ

ଆପଦ ଖଣ୍ଡନୀ ମାଗୋ ବିପଦ ନାଶେନୀ
ଦୁଃସହ ଦୁର୍ଗତିରୁ ଫେଡ଼ କାତ୍ୟାୟେନୀ ।
ପରମ ଯୋଗେଶ୍ୱରୀ ଗୋ ଆଦ୍ୟ ଯେ ଅପର୍ଣ୍ଣା
ମହାମାୟେ ମାହେଶ୍ୱରୀ ଅନାଦ୍ୟ ଅନ୍ନପୂର୍ଣ୍ଣା । ।୧।

ଦୁର୍ଗତି ତାରେଣୀ ମାଗୋ ଆପଦ ଖଣ୍ଡଣୀ
ଦୁଃସହ ଦୁର୍ଗତି ନାଶି ଉଦ୍ଧର ଗୋସାମଣୀ ।
ବିଂଝଗିର ବାସେନୀ ମାଗୋ ପରଦୁଃଖେ ଦୁଃଖି
ଦୁର୍ଗତି ତାରେଣୀ ମାଗୋ ଶରଦ ଚନ୍ଦ୍ରମୁଖୀ । ।୨।

ଲୋହିତ କର୍କଶ ବଦନୀ ମାଗେ ଅଭୟେ ମଙ୍ଗଳା
କରୁଣାବତ୍ସଳୀ ମାଗୋ ତୁହି ସେ ସର୍ବମଙ୍ଗଳା ।
ଜଗତର ମାତ ଗୋ ରୁଚିର ମାତଙ୍ଗୀ
ଜଗତ୍ ଜନନୀ ମାଗୋ ଭବବୃନ୍ଦସଙ୍ଗୀ । ।୩।

ଯୋଗେ ଯାଗେଶ୍ୱରୀ ମାଗୋ ମହାଜ୍ଞାନ ରୂପୀ
ବ୍ୟାଘ୍ର ମୃଗ ଶାର୍ଦ୍ଦୂଳ ଚଢ଼ି ଗଗନରେ କ୍ଷେପି
ପ୍ରଫୁଲ୍ଲ ଅରବିନ୍ଦ ଚରଣତଳ କାନ୍ତି
ଡାକ ଡମ୍ବରୁ ମାଗୋ ବିକସିତ ନେତ୍ରୀ । ।୪।

ଜଳଧର ମେଦୁର ଜିଣି ଯାହାର ଅଙ୍ଗ ଭାବ
ସର୍ବଙ୍ଗ ସୁନ୍ଦରୀ ମାଗୋ ମୋହନୀ ସର୍ବଦେବ ।
ତକ୍ଷଣେ ବାତୁଳ ମାଗୋ ତକ୍ଷଣେ ଗଗନ କ୍ଷେପି
ଏକ କାୟା ଅନ୍ତେ ମାଗୋ ଅର୍ଦ୍ଧକାୟା ବ୍ୟାପି । ।୫।

ଶ୍ୟାମ ରୁଚିର ନେତ୍ରୀ ବିକସିତ ନେତ୍ରା
କାମିନୀ କାମସେଣା ଆବର ଜଗତ ମାତା ।
ମମ ସର୍ବ ପାପ ମାଗୋ ମମ ଆପଦ ଖଣ୍ଡି
ସଦା ସନ୍ତୋଷି ଦେଇ ମାଗୋ ମଙ୍ଗଳ ଚଣ୍ଡୀ । ।୬।

ଦଧି ବାମନ ଅନୁକୂଳ ସମସ୍ତ ଅନୁକୂଳେ
ଜଗତ୍ର ୟେକେ ଯାହା ମାଗୋ ତୁମ୍ଭ ସର୍ବମଙ୍ଗଳେ ।
ତବ ପଦ୍ମପାଦେ ଯେ ବିନୟେ ଭଗତି
ଜୟ ଜୟ ଦୁର୍ଗା ମାଗୋ ଅନ୍ନପୂର୍ଣ୍ଣା ପାର୍ବତୀ । । ୭ ।

କରନ୍ତି ରଣେ ଯେ ବିନୟେ ଦୟିନ
ବଦନ୍ତି ସାରଳା ଦାସ କବି ଶୂଦ୍ରମୁନି । । ୮ ।

*

# ଦେବୀ ବନ୍ଦନା

## ସାରଳା ଦାସ

ଜମ୍ବୋ ଦ୍ୱୀପ ଭ୍ରଥ ଖଣ୍ଡ ଓଡ଼୍ର ରାଷ୍ଟ୍ର ମଣ୍ଡଳେ
ଉତ୍ପଳେଶ୍ୱର ଲିଂଗ ଚିହ୍ନ ଉତ୍ପଳା ନଦୀର ଦକ୍ଷିଣ କୂଳେ ।
ନଇନ୍ଦ୍ରାର ଦଜ ଭୂମି ଯାଯନଗ୍ରି ଗୁପତ ବାଣରାସି
କୁଶସ୍ଥଳୀ ଦ୍ୱାରକା କ୍ଷେତ୍ର ପୁଣ୍ୟବାସୀ ।
ଶ୍ରୀ ଯମେଶ୍ୱର ଲିଂଗ ମଉଦଧିର ତଟେ
ନୀଳ ସୁନ୍ଦର ପର୍ବତ ନୀଳ କଳ୍ପବଟେ ।
ବିଜୟେ ରାମ କୃଷ୍ଣ ସୁଭଦ୍ରା ରୂପେ ବ୍ରହ୍ମା
ଚାରିଲକ୍ଷ ବତିଶି ସହସ୍ର ବରଷକୁ ଯୋଗଲୟେ ମହାତମା ।
କଳି କାଳ ଧ୍ୱଂସିଣ ଭୋଗେଣ କୋଟି ପୂଜା
ପ୍ରଳମ୍ବିତେ ଖଟଇଂ ଶ୍ରୀ କପିଳେଶ୍ୱର ମହାରାଜା ।

ଶ୍ରୀ ନୀଳ ସୁନ୍ଦର ଗିରି ଉତ୍ତର କଣ୍ଡଡ଼େ
ସାର ଭୂମି ଭ୍ରଥ ଖଣ୍ଡ ପୂର୍ବଦିଗ ଇଶାନ୍ୟ ଆଡ଼େ ।
ଚନ୍ଦ୍ରଭାଗା ନାମେଣ ସ୍ୱେକଇ ନଦୀ ଗୋଟି
ବୃଦ୍ଧ ମାତା ଗଂଗାର ସେ ମହୋଦଧିରେ ଯାଇଂ ଫୁଟି ।
ସେ ନଦୀରେ ପ୍ରଶୁରାମ ଘାଟଇ
କନକାବନ୍ତି ନାମେ ପାଟଣା ପ୍ରକାଶଇ ।
ତହିଂର ଅନୁଜ ସେ ସାରୋଳ ନାମେ ଗ୍ରାମେ
ବିଜେ ମାହେଶ୍ୱରୀ ସାରୋଳ ଚଣ୍ଡୀ ନାମେ ।
ମହାଯୋଗେଶ୍ୱରୀ ସେ ପରମ ବଇଷ୍ଣବୀ
ପ୍ରତକ୍ଷେ ବର ଦିଅଇ ସେ ପରମ ସାଧବୀ ।

ବାଞ୍ଛା ସାର୍ଥକ ସେ ଦେବୀର ଅଟଇ
ପାଷାଣ ହୋଇ କର ବାଞ୍ଛା ତାହାର ଫୁଟଇ ।
ସର୍ବ ମଂଗଳା ରୂପମାତାଙ୍ଗୀ ମତଭ୍ରାଳୀ
ଗ୍ରନ୍ଥ ଅର୍ଥ ଶୁଣଇ ସେ ହରଷେ କୁତୋହଳୀ ।
ଶ୍ରୀ ସାରେଳା ଚଣ୍ଡୀ ନାମେ ସେ ଅଟଇଂ ମହାଦେବୀ
ତାହାଙ୍କର ପୁତ୍ର ମୁହିଂ ସାରୋଳ ଦାସ କବି ।

ପ୍ରସନ୍ନେଣ ଆଜ୍ଞା ମୋତେ ଦେଲେ ଶାକାମ୍ଭରୀ
ଲଭ ତୁ କପିଳାସ ଶ୍ରୀ ମହାଭାରଥ କରି ।
ଶୁଣି ବୁଧଜନେ ନ ଧର ଆନ ଚିତ୍ତ
ଜନ୍ମେଣ ମୁରୁଖ ମୁହିଂ ନୋହଇ ପଣ୍ଡିତ ।
ଏକ ଲପ୍ୟେ କରଣ ଶୁଣସି ସାବଧାନେ
ଫିଟିବାକ ପାତେକ ସବ୍ର ଦୁଷ୍କୃତ ମାନେ ।

× × ×

ନମସ୍ତେ କାନ୍ତାମ ଗୋ ରହିଗିର ବାସୀ
ଦେବୀଙ୍କର ତେଜ ଯେନଣ ଯାହାର ଶରୀର ପ୍ରକାଶି ।
ସହସ୍ରେ ଭୁଜେଣ ସହସ୍ରେ ଆୟୁଧ
ମାନମ ରୂପଧରି ଅସୁର କଲୁ ବଧ ।
ଅଭସ୍ମ ଫିଙ୍ଗଳାକ୍ଷୀ ଗୋ ନାଶକର ଦର୍ପଭଞ୍ଜି
ନବ କୋଟି କାନ୍ତାମ ଯାହାର ଶରୀରୁ ଉପୁଜି ।
ଅଘୋର ମୁଖ ଗୋ ଟହ ଟହ ହାସ ମୁଖୀ
ଆକାଶ ଖଟନ୍ତି କି ନଶ୍ଚିନ୍ତ ବେନି ଆଖି ।

ଡବ ଡ଼ବ ବାଦ୍ୟ ଗୋ ଭୁଜେଣ ଡମ୍ବରୁ
ଶମସାନ କ୍ଷେପନ୍ତ ଗୋ ନରେ ଅସ୍ଥିମାଳା ଉରୁ ।
ହାଣ ହୋ ମାର ଡାକେଶ୍ୱରୀ ଡାକେ ତୋଳ
ରଣ ଇଙ୍ଗ ମହନ୍ତମ ଗୋ ନାଚନ୍ତ କୁତୁହଳୀ ।
ବିବସନ ସାହ୍ମ ଗୋ ମତ୍ତ ମାତାଙ୍ଗୀ
ରସନ ଝଟ ବହଡ଼େ ଦାଢ଼ ଲାଗି ରଙ୍ଗି ।
ଆକାଶେ ଦୃଷ୍ଟି ଯାହାର ପାତାଳେଣ ଦୃଷ୍ଟି
ବାହାନ ଇଚ୍ଛୁଲୁ ଗୋ ଗଜବାଜ ପିଠି ।
କାଳିକା କାମ ସେଣି ଗୋ ମୋହନମ ଦୂଲଣା
ଉଡଙ୍ଗମାଳା ହୃଦେଣ ଗୋ ବାହୁଟି କଙ୍କଣା ।

ଖଟ୍ୱାଙ୍ଗ କୁଣ୍ଡଳୀ ଘଣ୍ଟଣୀ ଘୁମୁରୀ
ବକ୍ଷସ୍ଥଳେ ଲମ୍ବଇ ଯାହାର ମନ୍ଦାରମାଳ ହାରୀ ।

ରୁଣ୍ଡମୁଣ୍ଡ, ଖଣ୍ଡମୁଣ୍ଡ ରଣ ରଙ୍ଗେଣ ଖେଳ
ଡାକେଣୀ କ୍ଷେପଣୀ ଗୋ ରଙ୍ଗେ କୁତୋହଳୀ ।
ଚଣ୍ଡ୍ରଘଣ୍ଟା ମହାମାୟା ଗୋ ବିଜୟ ବିରୂପା
ଟହଟହ ହାସ ଗୋ ମହାପିଙ୍ଗଳା ମହାତପା ।
ଯୋଗେଣ ଯୋଗେଶ୍ୱରୀ ଗୋ ଜୟନ୍ତୁ ଜୟ ଗୋସାବଣୀ
ଆପଦ ଖଣ୍ଡଣୀ ଗୋ ସୁରଲୋକ ରକ୍ଷଣୀ ।
ଶ୍ରୀଚଣ୍ଡୀ ସାରଳା ସର୍ବମଙ୍ଗଳା ପରସାଦେ
ଶ୍ରୀ ମହାଭାରଥ ଆଦିପର୍ବ ସମ୍ପାଦେ । ।୭୦।
ସର୍ବମଙ୍ଗଳା ନାମ ଗୋଟି ମୋହର ହୃଦରେଥାୟେ
ଶୂଦ୍ରମୁନି ସାରଳା ଦାସକୁ ଉଧର ଧର ଯୋଗମାୟେ ।।୭୨।

('ମହାଭାରତ,' ଆଦିପର୍ବରୁ ଗୃହୀତ)

*

# ଶିବସ୍ତୁତି

## ସାରଳା ଦାସ

ତୀର୍ଥରେ ସ୍ନାହାନ କରି ବିଶ୍ୱନାଥଙ୍କୁ କଲେ ସ୍ତୁତି
କାଳ ଅଗ୍ନି ମହାଲିଙ୍ଗ ଜୟ ତୁ କାଶୀପତି ।
ଉତପତ୍ତି ପ୍ରଳୟ ତୋ ତହୁଁ ନାହିଁ ଆନ
ଅନେକ ବିଦାରଣ ଜୟ ତୁ ତ୍ରିଲୋଚନ ।
ବଇଲ ବାହାନେ ଭ୍ରମଣି ଅନୁବ୍ରତେଣ ମତ୍ତ ହେଲା
ଭଇରବ ରୂପ ଧରି ପାତିଲୁ ମହାଖଳା ।
କମଳାର ନନ୍ଦନ ଅନଙ୍ଗ କାମଦେବ
ତାହାକୁ ଦହିଲୁ ତୁ ପିତାର ଅଗ୍ରବ ।
ନିରାଳମ୍ବ ପୁରୁଷ ତୁ ନ ଜାଣୁ ଦେବ କିଛି
ନାରାୟଣର ଅଗ୍ରବେ ତୁ କାଳକୂଟ ଭକ୍ଷି ।
ସ୍ୱାମୀ କାଶୀପତି ନାଶ ଗଲା ତୋହର କୂଟବୁଦ୍ଧି
ଦୟା ସାଗର ନାଥ ତୁ ଶୃଙ୍ଗାର ବାରିନିଧି ।
ଯେତୁକା ଚରଣେକ ଚତୁର୍ଭୁଜ ତ୍ରିଲୋଚନ ପଞ୍ଚୁ ଯେ ବଦନ
ନାମ ବିଶ୍ୱନାଥ ତୁ ଗଙ୍ଗାର ରମଣ ।
ଖପର କୋଠାର ଘେନ ମହାମତ୍ତ ହେଲା
ଡିବି ଡିବି ଡମ୍ବରୁ ମତୁଆଳ ଖେଳା ।
ଚଣ୍ଡିକା ମତୁଆଳ ଯୋଗିନୀ ଘୋର ରଡ଼ି
ପ୍ରେତ ପିଶାଚ ବେତାଳମାନନ୍ତ ଘେନ ଖେଡ଼ି ।
ରକ୍ତବର୍ଣ୍ଣେ ହାସ ସୁନ୍ଦର କପାଳୀ
ରକ୍ତ ବସନ ସିନ୍ଦୂର ରକତ ମନ୍ଦାରମାଳୀ ।
ଅପୂର୍ବକର ନାଟ କାଳି କାଳାନ୍ତ ହେଲା
ବୃଷଭ ବାହାନ ନାଥ ତେଜ ଅନର୍ଗଳା ।
ଅସାଷ୍ଟମ ମହାତମା କାୟ ମହାମନ୍ତ୍ର
ଅଚିନ୍ତା ପୁରୁଷ ନାଥ ପର ଦୁଖେଣ ଚିନ୍ତା ।
ସିନ୍ଦୁର ବିଲେପନ ଅଣାକାର ରୂପ
କ୍ଷଣେ ବୃଦ୍ଧ କ୍ଷଣେ କନ୍ଦର୍ପ ସରୂପ ।

କେ ମାତ ପିତା କେ ଭାରଯା କେ ଭଗିନୀ
ନାଚନ୍ତ ଗାବନ୍ତ ଭଣ୍ଡ ଗୀତ ଧେନ ।
କଡ଼ା ଦାଉଣ୍ଡି ଯେ ଠହ ଠହ ଘୁମୁରା
କେ କୋଳାହଳ କରନ୍ତ କେ ନାଚନ୍ତ ହିପୁରା । ।୩୦।
ବିଣାୟେକ ସାଣାୟେକ ହେରମ୍ବ ଗଣପତି
ନନ୍ଦୀ ମହାକାଳ ଚଣ୍ଡ ପ୍ରଚଣ୍ଡ ସେନାପତି ।
ଜୟନ୍ତକ ଅଜୟନ୍ତକ ଜାଭୁ ମଲ୍ଲ ଷେତ୍ରପାଳ
ଜନମତ୍ତର କାଳ କାଦମ୍ବରୀ ପାନେ ମତ୍ତଭୋଳ ।
ଧୂଧୂକାର ତାଣ୍ଡବ ପରପଞ୍ଚ ଯେ ଯୋଗୀ
ଅବଧୂତ ନାଥ ପିଙ୍ଗଳ ବଇରାଗୀ ।
ବଳ ଭୋଜା ମାସ୍ୟେଂସ ଭୋଜା ଆବର ମୋଡ଼ାବଳି
ଶଉର୍ଯ୍ୟବନ୍ତ ଭୋଳାନାଥ ନାନା ରଙ୍ଗେଣ କେଳି ।
ଗିରିଜାର ବଲ୍ଲଭ ମହା ଭଇରବ ମୂରତି
ଶୂଦ୍ର ମୁନି ସାରଳା ଦାସ ଅଟଇ ପ୍ରକୃତି । ।୪୭।

('ମହାଭାରତ', ଅଦିପର୍ବରୁ ଗୃହୀତ)

*

# କୁନ୍ତୀ, ଦୁର୍ବାସା ଓ କର୍ଣ୍ଣଜନ୍ମ ଉପାଖ୍ୟାନ

## ସାରଳା ଦାସ

ବଇବସ୍ୱତ ମନୁ ପୁଚ୍ଛା କଲେ ଅଗସ୍ତିଙ୍କି
ପଣ୍ଡୁଙ୍କୁଁ କେମନ୍ତେ ବଶ କଲେ କହିବା ବ୍ରହ୍ମ ବାକ ।
ଶୁଣ ହେ ମହାତମା ଯୁଗାନ୍ତେକ ପୁରୁଷ
ପଣ୍ଡୁର ଚରିତ ଶୁଣିମା ଅମିପ୍ର ଦିବ୍ୟ ରସ ।
ସିଂହପୁର ନଗ୍ରେ କୁନ୍ତଭୋଜ ନୃପତି
ତାହାର ଭରିଜା ନାମ ଅଟଇ ଜମ୍ବୁବତି ।
ମଦନ ମହାଦେବର ସେ ଅଟଇ କୁମାରୀ
କରବାର ପୁରର ସେ ଅଟଇ ଅଧିକାରୀ ।
କୁନ୍ତଭୋଜ ରାଜାର ସେ ଯେକଇ ଦୁହିତା
ଶ୍ରଦ୍ଧାଯେ ନୃପତି ନାମ ଦିଲେ ତାହାକୁ କୋଇନ୍ତା ।
ବଡାଇ ସୁନ୍ଦର ସେ ଅଟଇ ଭାଗ୍ୟବନ୍ତୀ
ଅତି ସୁନ୍ଦର ସେ ଅତୁଳାଯିତ ଯୁବତୀ ।
ପୁତ୍ର ନ ଥାଇ ସେ କୁନ୍ତଭୋଜ ରାଜାର
ଯେକା ଦୁଲଣୀକ ତା'ର ସ୍ରାଗ ଯେ ଅପାର ।
ବୃଷଭ ମାସ ପଞ୍ଚମୀ ବୃହସ୍ପତି ବାର
ଗୁରୁ ପୁଷ୍ୟା ଯେ ଅମୃତ ଯୋଗ ସେ ଦିନର ।
ବବ ନାମେ କରଣ ଯେ ଶୂଳ ନାମେ ଯୋଗ
ବୃଷଭ ସଂକରାନ୍ତିକ ତେର ଦିନ ଭୋଗ ।
ଯେମନ୍ତ ସମୟେଣ ଦୁର୍ଭାସା ମହାଋଷି
କୁନ୍ତଭୋଜ ରାଜା କଟକେ ପ୍ରବେଶ ହୋଇଲେ ଆସି ।
ଦେଖି କୁନ୍ତଭୋଜ ରାଜା ପାଦଅର୍ଘ୍ୟ ଦେଲା
ନମସ୍କରିଲ ମହାତମା ହେ ଆଜଦିନ ମୋତେ ଭଲା ।
ଅନେକ କାର୍ଯ୍ୟ ସୁଫଳ ହୋଇଲା ଆଜ ମୁକୁ
ମୁଂ କ୍ଷମ ହୋଇବି କି ତୋର ପାଦପଦ୍ମ ପଖାଳିବାକୁ ।
ଦୁର୍ଭାସାବୋଲ୍ଲୁ ପ୍ରତିବାଚ ତୁ ଅଛୁ ନା କୁଶଳେ
ପାଳ ଅମାନତ୍ୟେ ଖଟି ଅଛନ୍ତି ନା ସକଳେ ।

ସମସ୍ତ କୁଶଳ ବୋଲି ବୋଇଲେ କୁନ୍ତିଭୋଜ
ଜୀବନ ସୁଫଳ ମୁନି ହେ ଦେଖିଲି ମୁଂ ତୋତେ ଆଜ ।
ଦୁର୍ବାସାଏ ବୋଇଲେ ଆମ୍ଭେ ଅଇଲୁ ତୋହୋର ରାଜ୍ୟକୁ
ଚତୁର୍ମାସ୍ୟା ବଞ୍ଚିବୁ ବସା ଖଣ୍ଡିଏ ଦେବୁ ମୁକୁ ।
ବଢ଼ାଇ ସମ୍ପଦ ଜାଗ ଦେଖିଲୁ ତୋର ପୁରୀ
ରହିବାକୁ ତୃଷ୍ଣା ଯେ ବଳିଲା ଆମ୍ଭର ।
କୁନ୍ତିଭୋଜ ବୋଇଲେ ମୁଂ କିସ କରିବି
ରୁହାଇଲେ ତୁମ୍ଭନ୍ତ ଭଗତି ହୋଇ ନୁଆରିବି ।
ଯାଅ ବୋଲି ବୋଇଲେ ତୋର କୋପ ଉପୁଜିବ ତନୁ
ଜାଣି ଅନୁଗ୍ରହ ମୋତେ କରିବା ତପୋଧନୁ ।
ଦଶ ସହସ୍ର ଯୋଜନେ ମୁଂ ଅଟଇ ଅଧିକାରୀ
ବଂସ ଭ୍ରାଥ ସୁତ ନାହିଂ ନା ମୋହର ।
ରାଜ୍ୟ ଚନ୍ଦ୍ରାଏଣ ନ ପୁଣ ପାଶୋରଇ ତୋତେ
ତୁ ଈଶ୍ୱର ସମାନେ ମହାଋଷି ନପୁଣ କୋପ କରୁ ମୋତେ ।
ଦୁର୍ବାସାଏ ବୋଇଲେ ତୁ କାହିଂ ଆମ୍ଭଙ୍କୁ ସେବା କରିବୁ
ତୋହୋର କର ଆମ୍ଭଙ୍କୁ ଜଣେ ତୁ ଦେଇଥିବୁ ।
ଆଶ୍ରମ ଗୋଟିକ ଲିପିବ ଅଗଣା ଝୋଟି ଦେବ
ପାଣି ଝରିଏ ଆଣିମ ଫୁଲ ପୁଡ଼ାଏ ତୋଳି ଦେବ ।
ପାଲଟା ବସ୍ତ୍ର ଖଣ୍ଡ ପଖାଳିବ ନେଇ
ଏତେକ କରିଣ ସେଠି ଆମ୍ଭଙ୍କୁ ଭଗତି ହୋଇ ।
କୁନ୍ତିଭୋଜ ବୋଇଲା ମୁଂ ଆନକୁ କିଂପ ଦେବି
ଏକା ଦୁହିତା ଗୋଟିଏ ମୋହୋର ତୁମ୍ଭଙ୍କୁ ଥାଉ ସେବି ।
ଦୁହିତାଙ୍କୁ ରଖି ସେ ଆଗ୍ୟାଂ ଦିଲେ କୁନ୍ତିଭୋଜ
ଆଶ୍ରମ ଖଣ୍ଡିଏ କଲେ ନଗର ବାହାର ।
କୋଇନ୍ତାବ୍ୟ ହୋଇଥାଇ ବନସ୍ତ ଭଗତେ
ଦୁର୍ବାସା ଋଷିଙ୍କି ସେବା କରଇ ଅନୁବ୍ରତେ ।
ରାତ୍ର ପ୍ରଭାତରେ ଅଗଣା ପଅଂର
ଗୋମୟ ଧେନୁ କ୍ଷେତ୍ର ପ୍ରକାଇ ସନ୍ଧ କର ।

ନଖଭ୍ରଷ୍ଟ ପାଚିଲା ଆମ୍ବପତ୍ର ଲୁଚିଯେ ଆଣଇ ସାଉଣ୍ଟି
ପଖାଳି ପୀଢ଼ାରେ ଶୁଖାଇ ପାଳଟା କାଟୁଛି ।
ଗଡ଼ୁ ତମ୍ବାପାଣୀ କପୋଗ୍ର ମାଜଇ ଆମ୍ବିଳେ
ଆଶ୍ରମ ଖଣ୍ଡିକ ଲେପଇଂ କୁଷ୍ଟ ଗୋମୟରେ ।
ଦୁଭୂଚ୍ଛ ଗୁଡ଼ାୟେ ମେଦଇ ସଞ୍ଚ କରି
ପତ୍ର ଗୁଡ଼ାୟେ ଆଣଇ ସେ ବେଲ ଗଛରୁ ପାଶି ।
ବାଳୁତ ବୟସ ସେ ରାଜାର କୁମାରୀ
ସୁଗ୍ୟାମି ପଣେ ଥାଇ ଋଷିଙ୍କି ସେବା କରି ।
ଋଷି ରାହେ ସମାଧିରେ ବସିଥାନ୍ତି ଯେ ଭିତରେ
କପାଟ ଗୋଟି ପାଡ଼ି କୋଇନ୍ତା ବସିଥାଇ ବାହାର ଦୁଆରେ ।
କୋଇନ୍ତାର ଭଗତେ ଅନେକ ସନ୍ତୋଷ ଦୁର୍ଭାସା
ନାନା ତୀର୍ଥକୁ ମୁନି ନ କଲେ ମନୀଷା ।
କୁନ୍ତଭୋଜ ରାଜ୍ୟେ ମୁନି ରହିଲେ ନିଶ୍ଚିନ୍ତେ
ଚତୁର୍ମାସ୍ୟାକୁ ବୋଲି ରହିଲେ ପାଞ୍ଚବରଷ ପରିଯନ୍ତେ ।
ମଉଦଧି ତୀର୍ଥେ ଅର୍ଦ୍ଧୋଦୟା ପଡ଼ି ପାଦ ସ୍ଥିର
ଦକ୍ଷିଣ ମଉଦଧିକ ସମସ୍ତେ ଯାଉଛନ୍ତି ତୀର୍ଥ କରି ।
କୁନ୍ତଭୋଜ ରାଜାର ଅଗ୍ରତେ ମିଳିଲେ ତପୋବନ୍ତେ
ଦଣ୍ଡ କମଣ୍ଡଳ ମୁନି ତାମ୍ର ପାତ୍ର ହସ୍ତେ ।
ଦେଖିଣ ଉଠିଲା ସେ ମହୀଧର ସ୍ୱାମୀ
ମୁନିଙ୍କର ଚରଣେ ସେ ହୋଇଲା ପରିଣାମି ।
ଯେତେକାଳେ ଅନୁଗ୍ରହ ମୋତେ କଲେକ ଦୁର୍ଭାସା
ସମୟେକ ଆସିଣ ପୂରିଲା ମନୀଷା ।
ଦୁର୍ଭାସା ବୋଇଲେ ଆମ୍ଭେ ଯେଉଁଥାନ୍ତି ସେ ଅଇଲୁ
ପାଞ୍ଚ ବରଷ ହୋଇଲା ତୋର ରାଜ୍ୟରେ ରହିଲୁ ।
ବୋଲଇ ନୃପତି ନମସ୍କରିଲ ତପୋବନ୍ତ
ଯେମନ୍ତ ହୋଇ କେ ତୋତେ ହୋଇଛି ଭଗତ ।
ଦୁର୍ଭାସାୟେ ବୋଇଲେ ବଡ଼ ସୁସ୍ଥେଣ ଯୋଥିଲୁ
କୋଇନ୍ତାଙ୍କର ଭଗତେ ନାନା ତୀର୍ଥ ଉପେକ୍ଷିଲୁ ।

ଆମ୍ଭେ ତୋହର ପୁରେ ଅନେକ ପାଇଲଇ ସୁଖ
ଆହୋ କୁନ୍ତଭୋଜ ତୋତେ ପ୍ରାପତ ହୋଉ ଶତେ ପୁଅ ।
ସୋମବଂଶ ସୁଲକ୍ଷଣୀ ହୋଉ ତୋର କୋନ୍ତା
ସାର୍ଯ୍ୟ ପ୍ରଦାନ କରୁ ଯେହ୍ନାକୁ ଧର୍ମ ଯେ ଦେବତା ।
ଧର୍ମବଳେ ବଳବନ୍ତ କ୍ଷତ୍ରୀ ହୋଇ ତୋର ପୁଅ ହୋଉ ଜାତ
ପଞ୍ଚୁ କଟକରେ ଠାକୁରଣୀ ହୋଉ ତୋ ଦୁହିତ ।
ଯେସନେକ ବର ଦେଇ ଚଳନ୍ତ ବ୍ରହ୍ମପତି
କୋଇନ୍ତାଏ ଗୋଡ଼ାଇଛନ୍ତ ସେ ମୁନିଙ୍କ ପଛକତି ।୯୦।
ରାଜ୍ୟ ଛାଡ଼ି ମହାମ୍ନାଏ ପଶିଲେ ବନସ୍ତରେ
କୋଇନ୍ତାଏ ଗୋଡ଼ାଇ ଅଛନ୍ତ ପଞ୍ଚୁକୋଶ ପର୍ଯ୍ୟନ୍ତରେ ।
କୋଇନ୍ତାଏ ଛୁଙ୍କିଲେ ବନସ୍ତରେ ପୁଟି
ଧାଉଁକାରେ ଦୁର୍ଭାସାଏ ଚାହିଂଲେ ଲେଉଟି ।
ଦୁର୍ଭାସାଏ ବୋଇଲେ ତୁ ଗୋଡ଼ାଇ ଅଛୁ ଆଣ
ଆମ୍ଭନ୍ତ ଛାଡ଼ି ତୋହୋର ଚିତ୍ତ ନ ବଳଇ ଯାଇ ।
ବାହୁଡ଼ି ଯାଅ ମା' ଗୋ ନ ପଶ ବନସ୍ତକୁ
ବ୍ୟାଘ୍ର ଭଲ୍ଲୁକେ ଅଛନ୍ତ ନାଶ କରିବେଟି ତୁକୁ ।
କୋଇନ୍ତାଏ ବୋଇଲେ ମୁଂ ଈଶ୍ୱର ସମାନେ ଋଷିଙ୍କି ସେବା କଲି
ଯେତେ କାଳ ସେବା କରି ମୁଂ ଯେ ନିଷ୍ଫଳ ହୋଇଲି । ।୧୦୦।
ବାଲି କୁଡ଼ ଗୋଟିଏ କୁଡାଇ ପଦ ଲେଉଟିଏ ତହିଂରେ ଦେଇ
ଲଏ କରି ସେବିଲେ ପ୍ରସନ୍ନ ସେହି ।
ତୋହୋର ପରି ଋଷିଙ୍କ ଯେତେକାଳ ସେବା କଲି
ନିଷ୍ଫଳ ହୋଇଲି ମୁଂ କିଛି ନ ପାଇଲି ।
ଦୁର୍ଭାସାଏ ବୋଇଲେ ତୁ ତ ଭ୍ରମି ହୋଇଥିଲୁ
ପାଞ୍ଚବରଷ ଯେ ସେବା କରି କିଛି ହିଂ ନ ମାଗିଲୁ ।
ମହାମନ୍ତ୍ର ହାଦେ ଗୋ ନ ଦେଉଟି ଯାଚି
ଆମ୍ଭେ ବସିଥିଲୁ ଯେହ୍ନାର କାର୍ଯ୍ୟ ନାହିଂ କିଛି ।
ଯେବେ ହୋ ମହାତମା ମୋତେ ଅନୁଗ୍ରହ କରିବା
ତ୍ରିଶି ଆମ୍ଭେ ମନଜାତ ପଦାର୍ଥେକ ଦେବା । ।୧୧୦।

ଦୁର୍ବାସାଯେ଼ ବୋଇଲେ ଗୋ ଯେ ତୋହୋର ଇଚ୍ଛା
ଦେବୁ ଅବଶ୍ୟ ଯେମନ୍ତେ ସୁନ୍ଦର ତୋର ପୂରୋଇ ମନବାଞ୍ଛା ।
ମୁହିଂ ବାଳ ସ୍ତ୍ରୀଗ୍ରି ମୁନି ହେ ନ ଜାଣଇଂ ସନ୍ଦେହ
ଜାଣି ମହାତମା ମୋତେ କରିବା ଅନୁଗ୍ରହ ।
ଦୁର୍ବାସାଯେ଼ ବୋଇଲେ ଗୋ ଆଉ ସ୍ତ୍ରିଗ୍ରିଙ୍କର ଯେହ୍ନେ ବ୍ରତ
ସୁନ୍ଦର ଭ୍ରଥା ହୋଇବ ସୁଭଗ୍ୟଂ ପଣ୍ଡିତ ଭାଗ୍ୟବନ୍ତ ।
ସୁପୁତ୍ର ହୋଇବ ତୋର ଅତିଅନ୍ତ ବଳବନ୍ତ।
ସାଂଗ୍ରାମକୁ କେବେହେଂ ନୋହିବ ପଛଗତା ।
ଯେ଼ସନେକ ବାଞ୍ଛା ସ୍ତ୍ରୀଗ୍ରିଙ୍କର ପ୍ରକୃତି
ସୁନ୍ଦର ପୁରୁଷ ଦେଖିଲେ ହୋଅନ୍ତି ଭୋଳମତି ।
ଆମ୍ଭେ ଦେବୁ ତୋତେ ମହାମନ୍ତ୍ର ଜପାମାଳୀ
ଯେ଼ହା ଯତ୍ନ କରି ତୁ ଥାଅସି ସମ୍ଭାଳି ।
ଶେଜ୍ୟା ଗତେଣ ଗୋ ସୁମରିବୁ ଯାହାକୁ
ସେ ଆସି ପ୍ରସନ୍ନ ହୋଇବ ଜାଣ ତୁକୁ ।
ଯଦ୍ୟପି ବ୍ରହ୍ମା ଇନ୍ଦ୍ର ସୂର୍ଯ୍ୟ ପବନ ଯେ ବିଷ୍ଣୁ
ମୁର୍ଦ୍ଧନ ଫାଟି ପ୍ରାଣ ଯିବ ନ ଅଇଲେ ତା' ଘଟୁଂ ।
ଜପାମାଳୀ ଦେଇଣ ଯେ ଗଲେ ବ୍ରହ୍ମସୁତ
ଅନ୍ତର୍ଦ୍ଧେ ମହାତମା ଗଲେ ତତକ୍ଷଣାନ୍ତ ।
ଦୁର୍ବାସାଙ୍କ ବଚନ ଯେ଼ସନେକ ଶୁଣି
ବିସ୍ମର କରଇ ସେ କୁନ୍ତଭୋଜର ଦୁଲଣୀ ।
ଯେ଼ ମହାଯତି ଯେବେ ମାଳା ଦେଇ ଗଲେ ମୋତେ
ଯେ଼ଥିର ତଦନ୍ତ ମୁଁ ଜାଣିମି କେମନ୍ତେ ।
ଯମୁନା କୂଳେ ଦେଖି ଶାଳପତ୍ର ଶେଜ୍ୟା ଗୋଟି କଲେ
ମେରୁ ପୃଷ୍ଟ ହୁଅନ୍ତେ କରତାର ସୁମରିଲେ ।
ଅନ୍ତର୍ଦ୍ଧେ ଦେବ କରତାର ଆସନ କମ୍ପିଲା
ଦୁର୍ବାସାଙ୍କ ମହାମନ୍ତ୍ର ସେ କୋଇନ୍ତା ସୁମରିଲା ।
ମୁଂ ଯେ଼ହା ବଞ୍ଚାଇ ନ ଯିବି କେମନ୍ତେ
ବିଜୟ ବରଞ୍ଚି ନାରାୟଣ କୋଇନ୍ତାଙ୍କ ଶେଜ୍ୟାଗତେ ।

କୋଇଲ୍ରାକୁ କରତାର ଧଇଲେ ନିଜ କୋଳେ
ମୁଖ ଚୁମ୍ବନ ଦେଲେ ମଦନ ରସ ଖେଳେ ।
କରପଦ ଯୋଡ଼ିଣ ବୋଇଲେ ଭୋଜରକୁମାରୀ
କେଉଁଠି ତୁ ମହାତମା ମୋତେ ବଳାତ୍କାର କର ।
ବୋଲନ୍ତି ଆରେ ମୁହିଂ ସେ କରତାର ବିରଞ୍ଚି ନାରାୟଣ
ଋଷିଙ୍କର ମହାମନ୍ତ୍ରେ ମୋତେ କଲୁ ସୁମରଣ ।
ଯେବେ ମୋତେ ଶୃଙ୍ଗାର ଦେବୁ ନାରେ ବାଳୀ
ଅନେକ ବାଗେ ତାକୁ କଟାଳ କଲେ ଅଂଶୁମାଳୀ ।
କୋଇଲ୍ରାଯେ ବୋଇଲେ ମୁଂ ଅବିଭାଇ ଅଟଇ ଅରଜବଶୀ
ତୁ ଦିଗପାଳ ହୋଇ ମୋତେ କରୁଛୁ ଅଶାନ୍ତି ।
ଦିନକରନାଥ ବୋଇଲେ ତୁ ମନ୍ଦକୃତ କଲୁ
ଅଲଗି ବାମା ହୋଇ ମୋତେ କିଂପେ ସୁମରିଲୁ ।
ଯେ କରତାର ମୁଂ ସୁମରିଲି ଋଷିବିଦ୍ୟା ପରୀଖ ନିମନ୍ତେ
ସୁଗ୍ୟାମୀ ନାଥ ତୁ ମୋତେ ହରିବୁ କେମନ୍ତେ ।
ବିରଞ୍ଚି ବୋଇଲେ ଦୁର୍ବାସାଙ୍କର ମହାମନ୍ତ୍ର କେହୁ ମେଣ୍ଟି
ଅବଶ୍ୟ ପ୍ରାଣ ହାରିବ ମୁର୍ଦ୍ଧନା ଯାଇ ଫାଟି ।
ତୁ ମୋତେ ସୁମରଣା କଲୁ ନ ବିଗୁର
ରମଣ ନ କଲେ ମୁଂ ତ ନ ଯାଇ ବାହୁଡ଼ି ।
ଯମୁନା ନଦୀଘାଟରେ ଗହନ ଅଟବ୍ୟା
କୋଇଲ୍ରାକୁ ଶୃଙ୍ଗାର ଇଚ୍ଛିଲେ କରତା ଆଦିଦେବା ।
ଶାନ୍ତ ମୂର୍ତ୍ତି ହୋଇଣ ଯେ କମଳଲୋଚନ
ଇନ୍ଦ୍ର ବଢ଼ାଇଲେ ଯେ ଉଗର ସମାନ ।
ଅଖଳିତ କନ୍ୟା ସେ ଅଟଇ ସୂଚୀଭେଦ
ସୂଚୀନାଡ଼ି ସ୍ୱରୂପେଣ ଉପସ୍ଥ କଲେ ଦେବ ।
ବିବସନସାସ୍ତ୍ରୀ ସେ ହୋଇଣ ଦେବା ଦେବୀ
ଅଗ୍ୟାଂନ ବାଳସ୍ତ୍ରୀ ସେ କାମେଣ ଅଭାବ ।
ବାଞ୍ଛିତ ଶୃଙ୍ଗାର ସେ କଲେ କରତାରେ
ବାହୁଡ଼ି ନ ଗଲେ ଦେବ ଦୁର୍ବାସାଙ୍କ ମନ୍ତ୍ରରେ ।

ବୀର୍ଯ୍ୟ ପତନ କାଳରେ ସେ ଭୋଜର କୁମାରୀ
ବଇକୁଳ ହୋଇ ଦେଖି ଅନେକ ବିନୟ କରି ।
ହେ କରତାର ନାଥ ନ ଛାଡ଼ ତୋର ବୀର୍ଯ୍ୟ
ଅମୋଘ ରେତ ଦେବ ମୋହୋର ଗର୍ଭେ ରହିବ ଆତ୍ମଜ । ୧୭୦ ।
ଅବିଭାଇତ କନ୍ୟା ଆବର ଅରଜବନ୍ତି
ଆବର ଗର୍ଭେ ମୋହୋର ରହିବ ସନ୍ତତି ।
ପିତାର ବଦନ ମୁଂ ଚାହିବ କେମନ୍ତେ
ଆବର ପ୍ରଦାନ କେ ହୋଇବାକ ମୋତେ ।
ଉଭୟ କୁଳକୁ ଉପୁଜିବ ବହୁ ଲାଜ
ଅନୁଗ୍ରହ କରି ଦେବ ଗର୍ଭେ ନ ଛାଡ଼ ତୋ ବୀର୍ଯ୍ୟ ।
ଦିନକର ନାଥ ବୋଇଲେ ଗୋ ରତିରଙ୍ଗ କଲେ
ଲିଙ୍ଗ ଭଙ୍ଗ ଦୋଷ ହୋଅଇ ବୀର୍ଯ୍ୟ ନ ଛାଡ଼ିଲେ ।
କୋଇନ୍ତା ବୋଇଲେ ଯେବଣ ବୀର୍ଯ୍ୟ ଛାଡ଼ିବୁ ଦିନକର
ସଇନ୍ଦୁ ଉତପତ୍ତି ହୋଉ ଯେ କୁମର । ।୧୮୦।
କୋଇନ୍ତାଙ୍କର ବଚନ ଶୁଣିଣ ବିରଞ୍ଚି
ଢାଳିଲା ମହାରେତ ଗର୍ଭେଣ ନ ସଞ୍ଚି ।
ବୀର୍ଯ୍ୟ ପତନ କାଳେ ଦେବୀ ଗାଢ଼େଣ କୋଳ କଲା
ଅନେକ ରଙ୍ଗେ ସ୍ୱାମୀ ଶୃଙ୍ଗାର ରସ ଦିଲା ।
ଉପସ୍ଥ ଘୋଟିଲା କୋଇନ୍ତାଙ୍କର ଗର୍ଭଗତେ
ବିରଞ୍ଚି ବୋଇଲେ ପୁତ୍ର ଜାତ ହୋଉଛୁଟି ତୋତେ ।
କୋଇନ୍ତା ବୋଇଲେ ହେ ଦେବ ଭବଦ୍ୱାରୁ ଜାତ ନ ହୋଉ ସନ୍ତତି
ଭବ ଗଲନ୍ତେ ମୁଂ ଯେ ହୋଇବି ଅସତୀ ।
କୁଳକୁ ଦୂଷିତ କଲି ଯେ ମୋହୋର ଦୁହିତା ପଣେ
ବିକଳ ଦେଖି ଦୟା କଲେ ବିରଞ୍ଚି ନାରାୟଣେ । ।୧୯୦।

କର୍ଣ୍ଣ ଦ୍ୱାରେ ବୀର୍ଯ୍ୟ ଯେ ଟେକିଲେ ଉଜାଣି
ପ୍ରେସନେକେ ଅଛି ସେ ପୂର୍ବରୁ ନବାଣି ।
ମହା ଅମୋଘ ରେତ ଅକ୍ଷୟ ସେ ବୀର୍ଯ୍ୟ
କର୍ଣ୍ଣ ବାଟେ ସଇନ୍ଦୁ ଉପୁଜିଲା ଆତ୍ମଜ ।

ଦେଖିଣ ପରମ ସ୍ୱାନନ୍ଦ ହୋଇଲେ କମଳଲୋଚନ
କୋଳ କରି ନାମ ଦେଲେ ତାହାର ବୀରକର୍ଣ୍ଣ ।
କର୍ଣ୍ଣେଣ ଗୁହିଲେ ସ୍ୱାମୀ ଅମୃତ କୁଣ୍ଡଳ ବେନ
ତାଙ୍କରେ ଗୋପ୍ୟାନ କଲେ ଅମୃତ ଅଭେଦ କପଟ ମଣି ।
ଶରୀରେ ଲେପନ କଲେ ବଜ୍ର ଯେ ଛତର
କର୍ଣ୍ଣେଣ କୁମରର ମହାବ୍ରହ୍ମ ମନ୍ତ୍ର ପଢ଼ି ।
ଆକୁଞ୍ଚିତ କେଶ ରସାଣିଲା ପାଟିଆ କପାଳ
ଖଗେଶ୍ୱର ଚଞ୍ଚୁ ନାସା ସୁନ୍ଦର ଗଣ୍ଡସ୍ଥଳ ।
ଶାର୍ଦ୍ଦୂଳ ଆକର୍ଷଣ ଦିଶଇ ଶରୀର ସରୋଜ
ହସ୍ତୀର ଥୋର ହସ୍ତ ଜିଣି ଦିଶଇ ବେନି ଭୁଜ ।
ଆରକ୍ତ ବେନି ଲୋଚନ ବିରାଜିତ ବେନି ନେତ୍ର
କନକ କନ୍ଧ ପଟଳ ଯେହ୍ନେ ପର୍ଣ୍ଣ ପର୍ବତ ।
ଅପୂର୍ବ ଚମ୍ପାକଢ଼ି ଜାଣି ଦିଶଇ ଅଙ୍ଗୁଷ୍ଠି
ଓଲଟ କଦଳୀ ଜାନୁ ସ୍ନେହସନ ସୁନ୍ଦର ଗୋଟି ।
ସୁନ୍ଦର ସୁସଞ୍ଚ ଅତୁଳାସ୍ପିତ ବଳା
ଅନଙ୍ଗ ସୁନ୍ଦର ଜାଣି ତେଜ ଅନର୍ଗଳା ।
ନାନା ଶସ୍ତ୍ରାସ୍ତ୍ର ତୋର ଶରୀରେ ନ ଫୁଟୁ
କୋନ୍ତ ପରଶୁ କୃପାଣ ତୋ ଶରୀରେ ନ କାଟୁ ।
ରଣେ ଅଜୟ ତୁ ହୁଅସିରେ କୁମର
ଦାନେଣ ସାହେର ତୁ ହୋଅସି ମହାବୀର ।
ଯେତେବେଳେ ପରିଯନ୍ତ ତୁ ରଥରେ ବସିଥିବୁ
ତ୍ରୈଲୋକ୍ୟ ଜିଣନ୍ତା ତୋତେ ସଂଗ୍ରାମେ ନୋହୁ କେ ରେ ବାବୁ ।
ଅନେକ ବିଦ୍ୟା ତାକୁ ଦେଇଣ ମାରତଣ୍ଡ
ଉଦୟ ଗିରି ଭେଦି ବିକାଶିଲେ ଉଦ୍ଦଣ୍ଡ ।
କୁମାର କୋଳେ ଧରି ସେ ଭୋଜର କୁମାରୀ
କିସ ବୁଦ୍ଧି କରିବି ବୋଲିଣ ମନରେ ବିଚାରି ।
ଯେ ସୁସଞ୍ଚ ପୁତ୍ର ଗୋଟିକି ମୁଁ କେମନ୍ତ କରିବି
ପିତା ମାତା ଗୁମୁରେ ମୁଁ କି ବୋଲି ବୋଲିବି ।

ଅବଶ୍ୟ ପଚ୍ଛରିବେ ମୋତେ ବାଳୁତ ପୁତ୍ରକଇ ଦେଖି
ବୋଲିବେ କାହୁଂ ପାଇଲୁ ତୁ ଯେ ପୁତ୍ର ଗୋଟିକ ।
ମାତା ପିତାଙ୍କ ଆଗରେ ମୁଂ କେମନ୍ତେ କହିବି ମିଥ୍ୟା
ସତ କହିଲେ ତ ହୋଇବ ଲଜ୍ୟା ଅପ୍ରମିତା ।
ପରଦାରସ୍ୟେଣୀ ବୋଲି କେହି ପ୍ରଦାନ ନୋହିବେ
ସମସ୍ତେ ହେଂ ଦୁର୍ବାସା ଋଷିଙ୍କି ଦୋଷ ଦେବେ ।
ବୋଲିବେ ମୁନିଙ୍କ ସଙ୍ଗେ ଯେ ଥିଲିକ ସମୟେ
ଦୁର୍ବାସାଙ୍କର ରମଣେ ଯେ ଉପୁଜିଲା ତନୟେ । । ୨୩୦ ।
ଯେ ଜପାମାଳୀ ଥିଲେ କାହିଁକି ମୋର ଭ୍ରାନ୍ତି
ଅନେକ ବାଟେ ମୁଂ ଯେ କରିବି ପୁତ୍ର ଉତପତ୍ତି ।

କରେଣ ହେନ ଦେବୀ କର୍ଦ୍ଦମ ଲୋଚଯେ
ଆପଣେ ଗଢ଼ିଲେ ଦେବୀ ମଂଜୁଷ ଗୋଟିଯେ ।
ତହିଂର ଭିତରେ ସେ ପୁତ୍ରକଇ ଭରି
ଯମୁନା ନଦୀକଇ ସେ ଦେଲେ ଫିଙ୍ଗି କରି ।
ପ୍ରତକ୍ଷେ ବାଳ ଆଦିତ୍ୟ ପ୍ରାୟେ ତେଜ ଯେବଣ ତନୟେ
କର୍ଣ୍ଣର ତେଜ ଲାଗି କର୍ଦ୍ଦମ ହୋଇଲା ସୁବର୍ଣ୍ଣ ମଞ୍ଜୁଷର ପ୍ରାୟେ ।
ଯମୁନା ନଦୀରେ ସେ ଗଲା ଉପୁଚିଆଇ
ଈଶାନ୍ୟ ମୁଖ ହୋଇ ଯାଉଛି ହେଠ ବୁଡ଼ି ହୋଇ । । ୨୪୦ ।
ବାରୁଣୀବନ୍ତ ତହିଂ ପଞ୍ଚତିରଶ ଯୁଣ
ସେ ମଞ୍ଜୁଷ ଲାଗିଲା ଯାଇ ଉତ୍ତରଙ୍କ କୋଣ । । ୨୪୨ ।

(‘ମହାଭାରତ’, ଆଦିପର୍ବରୁ ଗୃହୀତ)

*

# ଦୁର୍ଯ୍ୟୋଧନର ରକ୍ତନଦୀ ସନ୍ତରଣ

## ସାରଳା ଦାସ

ଯହୁଁ ନିଶବଦ ହୋଇଲା ରଣରଙ୍ଗଭୂଇଁ
ବେଢ଼ିଣ ଲେଉଡ଼ନ୍ତି ଚଉକତି ଜଣେ ହେଁ କେହୁ ଜୀଇଂଲା ନାହିଁ ।
ବାହୁଡ଼ନ୍ତି ପାଣ୍ଡବେ ଯେ କରଣ ଜୟଶଙ୍ଖ ଧୂନି
ମହାଗୋଳ ଶବଦ ଯେ ଶୁଭଇ ସ୍ୱର୍ଗ ଭୁବନ ।
ଢେରଘଡ଼ି ପ୍ରବେଶ ହୋଇଲାକ ଆସି ନିଶି
ରଣ ଜୟେ କରି ପାଣ୍ଡବେ ଇନ୍ଦ୍ରପ୍ରସ୍ଥେ ଯାଇ ପଶି ।
ଯେମନ୍ତର ସମୟେ ବିଜୟେ କଲେ ସର୍ବଯୋଗିନୀ
ଚଉଷଠୀ କୋଟି ଯୋଗିନୀ ନବ କୋଟି କାତ୍ୟାୟନୀ ।
ରୁଦ୍ରାୟଣୀ ମୂର୍ତ୍ତି ନବ କୋଟି ଭଇରବୀ
ବ୍ରହ୍ମାୟଣୀ ମୂର୍ତ୍ତି ଭୁବନମର୍ତ୍ତ ଯେ ଦେବୀ ।
ପାଞ୍ଚଲକ୍ଷ ମୂର୍ତ୍ତି ଯେ ଅଟନ୍ତି ଇନ୍ଦ୍ରାୟଣୀ
ଚଉଦଲକ୍ଷ ରୂପ ହୋଇଲେ ନାରାୟଣୀ ।
ବେନଲକ୍ଷ ଡାକୋଣୀ ପଂଚଲକ୍ଷ ଶ୍ରୋଣେହା
ବୃନ୍ଦେକ ପିଶ୍ଚୁଣୀ ଖବେଂକ ରୂପ ବରେହା ।
ନବଲକ୍ଷ ମୂର୍ତ୍ତି ଯେ ଦେବୀ ଚାମୁଣ୍ଡା
ମୃତ୍ୟୁପିଣ୍ଡ ଆବୋରଣ କରେ ଖପର ଖଣ୍ଡା ।
କଂକାଳୀ ମୂର୍ତ୍ତି ଯେ ନବକୋଟି ଦେବୀ
ବେତାଳୀ ମୂରତି ଯେ ପଦ୍ମେକ ସମ୍ଭବି ।
ଅବନ୍ତି ବିଜୟା ସେ ତାରେଣୀ ତ୍ରିପୁରା
ରକ୍ଷେଣୀ ଭକ୍ଷେଣୀ ଅମ୍ବିକା ଚଟିକା ଉଗ୍ରତାରା ।
ମର୍ଦ୍ଦଳ ଘୁମୁରା ଯେ ବାଜଘୋଷ ଦାଉଣ୍ଡି
ଅଷ୍ଟବକ୍ର ହୋଇଣ ନାଚନ୍ତି ଖେମଟା ନାଟ ଖଣ୍ଡି ।
ଡାକନ୍ତି ଡାକେଶ୍ୱରୀ ଯେ ଶବଦ କଳକଳ
ଭକ୍ଷନ୍ତି ମେଦ ମେଦା ଯେ ଦିଅନ୍ତି ହୁଳହୁଳ ।
ସମସ୍ତ ଦେବୀମାନେ ବାରୁଣାବନ୍ତେ ରୁଣ୍ଡ
ଦଶାନନ୍ଦ ରୂପନ୍ତେ କଂପଇ ବ୍ରହ୍ମାଣ୍ଡ ।

ଆହେ। ଚଇତନ ଯନ୍ତୁଁ ନଶବଦ ହୋଇଲ କୁରୁକ୍ଷେତ୍ର ଭୁଇଁ
ଘଣ୍ଟଚକ୍ର ବାହାର ହୋଇଲା ମାନଗୋବିନ୍ଦାଇ ।
ଉଭା ମାନଗୋବିନ୍ଦ ରକ୍ତନଦୀ ପୂର୍ବଆଡ଼େ
ଘ୍ୱରଥ ଶୁଭ ଅମ୍ବରେ ଉଠଇ ଉପରେ ।
ରକତନଦୀକ ଗୃହିଁଣ ରାଜା ମାନ ଯେ ଗୋବିନ୍ଦ
ଚଉକନ୍ତି ଗୃହିଁ ରାଜା କପୋଳେ କର ଧନ୍ଦ ।
ହେ ଦଇବ ଏତେବଡ଼ ସଂପଦ ମୁଁ ଅର୍ଜିଲି ପୂର୍ବ ପୁଣ୍ୟବଳେ
ଅଳପେ ବୁଡ଼ାଇଲି ମୁଁ କର୍ମର ଅବଳେ ।
ଶୁଭ ଅମ୍ବେ ଉଠି ସନ୍ତାପ କରାଇ ଯେ ରାଜା କୁରୁରାୟେ
ଦେଖିଲା ଧୂଶାସନ ଭାସି ଆସୁଅଛି ସୁୟେ ।
କୋଳ କରି ଧଇଲା ଯେ ମାନଚନ୍ଦ୍ରବ୍ରଷ୍ଟ
ବାବୁ ଧୂଶାସନ ରେ ପୃଥୀକି ସ୍ୱେକ ଛତ୍ରୀ ।
ବାବୁରେ ଧୂଶାସନ ଗୁଣବନ୍ତ ଶୂରବନ୍ତ ବିବେକ ଧାର୍ମିକ
ଛତିଶ୍ର ମଣ୍ଡଳେ ତୋର ନାମ ଧରି ସ୍ୱେକ ।
ବାବୁ ଦ୍ରୌପଦୀର କେଶ ଧରି ଆଣିଲୁ ଅବମାନେ
ବିବସନ କଲୁ ଆଣି ମହାସଭା ତଳେ ।
ବାବୁ ମଣି ହରଣେ ନିଷାଦପୁର ଭାଞ୍ଜି
କେଶୀ ଦାନବର ତୁ ବଳଦର୍ପ ଗଞ୍ଜି ।
ବାବୁ ବେନଭୁଜ ନାହିଁରେ ତୋହୋର ଶରୀରେ
ଦ୍ରୌପଦୀର ନିମନ୍ତେ ରେ ଓ ପାଡ଼ିଲା ବୃକୋଦରେ ।
ହାତରୁ କଂକଣ ଯେ ତୋହୋର ପଡ଼ିଲାକ ଭୂମିରେ
ଶତ ଶତ ହାଥୀ ଗଳଗଲେ ତଥିର ଭିତରେ ।
ବାବୁ ଶତ୍ରୁ ମାନମର୍ଦ୍ଦନ ଯାହାର ବାନାଟି ଗାରଧୂ
ବାରବର୍ଷ ଛତିଶମଣ୍ଡଳେ ମହିମା ତୋହୋର ସାଧୂ ।
ବାବୁ କ୍ଷଣେହେଁ ନ ସହୁରେ ମୋହୋର ଅଭିମାନ
ରଣମନ୍ଥନ ପଦ ତୋହୋର ଧୂଶାସନ ।
ତିନିଭୁବନେ ବିକାଶିତ ତୋହୋର ଯେ ତେଜ
ରତିରଙ୍ଗେ ନାଗର ତୁ କାମେଣୀ ମନସିଜ ।

ବାବୁ ସେମନ୍ତେ ଗୁଣ ପ୍ରତଗ୍ୟାଂ ଥୋଇଲୁ ତୋହୋର ରେ କାହିଁ
ସେ ରକତ ନଦୀରେ ଆସୁଅଛୁ ହୋଇଣ ଜଗ୍ଗନଶାୟୀ ।
ବାବୁ ଆବର ଜୀବନରେ ମୋହୋର କସ କାର୍ଯ୍ୟ
ତୁମ୍ଭନ୍ତ ମରାଇ ମୁଁରେ ବ୍ରତିଅଛି ନିର୍ଲଜ ।
ବାବୁ ଆକାଶେ ଖେପୁଅଛି ରକତନଦୀ ଲହରୀ
ସେ ରକତନଦୀରୁ ମୁଁ କେମନ୍ତ ହୋଇବଟି ପାରି ।
ବାବୁ ଗୁଣ ତୋର କହିବାକୁ ରାଜ ଆଉ ନାହିଁ
ସେ ରକତନଦୀରୁ ଝାଇ ନେବୁକ ପାରିଆଇ ।
ଭେଳା କରଣ ପଡିଲୁ ସେ ଧୂଶାସନର ଉପରେ
ଅଚେତଷ୍ଟ ବୁଡ଼ିଲୁ ରାଜା ଭିନତାଳ ଗଧାରେ ।
ଗୁଡିଲୁ ଧୂଶାସନକୁ କୂଳରେ ଥାଇ ବୃହିଁ
ଉପୁଟିଆଇ ଆସୁଅଛନ୍ତି ସତାଣୋଇ ଭାଇ ।
ସବୁନ୍ତଙ୍କ ଘାନ୍ତସେ ଘାନ୍ତସେ ଧରଇ କୋଳ କରି
ରୋଧିର ନଦୀରେ ମେଳଦେଇ ଗୁଣନ୍ତ ସୁମରି ।
ବାବୁ ବୀରବର ପ୍ରତଗ୍ୟାଂରେ ତୁମ୍ଭର ସର୍ବଦା
ନାଶକର ଦର୍ପଗଞ୍ଜରେ ତୁମ୍ଭର କରେ ଥାନ୍ତେ ଗଦା ।
ବାବୁ ତୁମ୍ଭେ ବଡ ଗୁଣବନ୍ତ ମୁଂ ଅଟଇ ଅପରାଧୀ
ସେ ରକତନଦୀ ପାର ହୋଇବାକୁ କହ କସ ବୁଦ୍ଧି ।
ବାବୁ ତୁମ୍ଭ ଗୁଣ କହିବାକୁ ନାହିଂ ମୋତେ ଦିନ
ପୁଣି ଦେଖିଲୁ ଉପୁଟିଆଇ ଆସୁଅଛି ବୀର କର୍ଣ୍ଣ ।
ରୋଧିର ନଦୀରେ ତାର ତେଜ ଯେ ବିକାଶି
ବାଳ ଅର୍କ ପ୍ରାୟେକ ତାହାର ଶରୀର ଦିଶି ।
କୋଳକରି ଧରିଲୁ ତାହା କୁରୁବର ନାଥ
ହା ହା ମଇଁସ ମୋହୋର ପ୍ରାଣର ପଞ୍ଚଭୂତ ।
କୋଇନ୍ତାଂକର ଜେ୍ୟଷ୍ଠପୁଅ ଅଟୁ ତୁ ଯୁଗତେ
ସୋଦରନ୍ତ ଗୁଡ଼ିଣ ମଇଁସ ଆଶ୍ରେକଲୁ ମୋତେ ।
କୋଇନ୍ତାଂକର ବୋଲ ନ କଲୁ ବୀରମଣି ।
ଆଦ୍ୟେ କଳପି କରି ତୋତେ ସଞ୍ଚିଲେ ଘାନମଣି ।

ଅମୃତ କୁଣ୍ଡଳ ବଜ୍ର କପଚ ଅଭେଦ ଛଡଗା
ଦିନକର ନାଥ ତୋତେ ଯେହ୍ନେହେନେକେ ସଞ୍ଚିତ କରି ।
ଯାହାର ପାଦଭାର ନ ସହଇ ମେଦିନୀ
ନିତ୍ୟାପତି ପୂଜା କରଇ ତୋତେ ଶତେଶ୍ୱର ସୁବର୍ଣ୍ଣ ଧେନ ।
ଘାତେ ଚରଣ ପଡନ୍ତେ ମୁଖରୁ ବହଇ ଶ୍ରୋଣି
ଚରଣ ଭାର ତୋର ନ ସହଇ ଧରଣୀ ।
ଶତେଶ୍ୱର ରତ୍ନ ଯେ ଦାନ ଦେଉ ନିତି
ଦୁଖୀଜନ ଦେଖିଣ ସେ ବ୍ୟାକୁଳତୋର ମତି ।
ବ୍ରାହ୍ମଣ ରୂପ ଧରି ତୋତେ ମାଗିଲେ ଆଖଣ୍ଡଳ
ଅଭେଦ ଛୁଡଗା ଦିଲୁ କପଚ କୁଣ୍ଡଳ ।
ଗୋବିନ୍ଦେ ପ୍ରାର୍ଥନା କଲେ ବ୍ରାହ୍ମଣ ରୂପ ଧରି
ଭୋଜନେ ନିବୃତ୍ତି କଲୁ ପୁତ୍ର ବୃଷକେତନକୁ ମାରି ।
ମଇଁ ଅନେକ ଦାନ କଲୁ ଯେ ବୁଡାଇଲୁ ସପ୍ରଧି
ମୋହୋର ବୁଡିବାକୁ ଯେବେ କରୁ କିନା ବୁଦ୍ଧି ।
ଅନେକ କାଳ ମଇଁ ସମ୍ଭାଳିଲୁ ମୋତେ
ଯେବେ ରକତ ନଦୀରୁ ପାର ହୋଇବି କେମନ୍ତେ ।
ମଇଁ, ଦାନେ ଶୂରବନ୍ତ ଖାଣ୍ଡେଣ ଶୂରବନ୍ତା
ନବଦ୍ୱୀପ ସପତ ସାଗରେ ପଡଇ ତୋହୋର ଯେ କଥା ।
ଅପାର ଗୁଣ ତୋହୋର କହିତେ ନାହିଁ ବେଳ
'ରସୁଣୀ ପାଇଲେ ନ ବୃତଇ ଜାଣିଲେ ପବନ ଦୁର୍ଲ୍ଲନ ।
କୋଳକର କର୍ଣ୍ଣର ଉପରେ ପଡଇ ମାଡ଼
ରକତ ନଦୀରେ କର୍ଣ୍ଣ ପଡ଼ିଲେକ ବୁଡ଼ ।
ବୁଡଇ ମାନଗୋବିନ୍ଦ ଚଳଇ ତଡ଼ିବେଗେ
ଦ୍ରୋଣଂକର ପିଣ୍ଡ ଆସୁ ଦେଖିଲେକ ଆଗେ ।
ଆହା ଗୁରୁ ବୋଲି ଯେ ଶେବଇ କୁରୁପତି
ତୋହୋର ବିଦ୍ୟାରେ ଆମ୍ଭେ ହୋଇଲୁ ଯେତେ ଛଦା ।
ପ୍ରଶୁରାମଙ୍କଇଂ ତୋଷି ପାଇଲୁ ପ୍ରତିଗ୍ରହ
ଇନ୍ଦ୍ରଦେବତା ତୋତେ ସମରେ ନୋହେ ରଙ୍କ ।

ଅପାର ସେନେହ ଯେ କର ଅର୍ଜ୍ଜୁନକୁ
କାଳେଣ ପ୍ରାଭବ ସେ କଲନ୍ତି ଗୁରୁ ତୁକୁ ।
ଭରଦ୍ୱାଦଶଂକ ନନ୍ଦନ ଯେ ଉତ୍ତମ ବ୍ରାହ୍ମଣ
ଋଗବେଦେ ନଇଜନ୍ତ ଯାଗ ଯଗ୍ୟେଂ ବରଣ ।
ଆବର ବଶେଷେ ଅଟନ୍ତ ବଦ୍ୟାଗୁରୁ
ବ୍ରହ୍ମା ଶଂକା କରଇ ଦେଖ ଯୋଗର ମନ୍ତ୍ର ପଢୁ ।
ଯେତ୍ତେବଡ ବ୍ରହ୍ମଗୁରୁ ବାପକୁ ମାଇଲେ ପାଣ୍ଡବେ
ଧର୍ମ ବର୍ଜ୍ଜିତ ହୋଇଲେ କାଳ ଅବଧୀ ଯେବେ ।
ଗୁରୁ ହେ ପାଣ୍ଡବନ୍ତ ମାରବୁ ବୋଲି ଅଶୀସହସ୍ରବଳଧନୁ ବନ୍ଧୁ
ନିର୍ଦ୍ଦୟା ହୋଇଣ ତୁ କଂପା ମୋତେ କଥା ନ କହୁ । ।୧୨୦।
ଅପାର ଯେ ଗୁଣ ତୁମ୍ଭର ମୋତେ କହିବାକୁ ବେଳ ନାହିଁ
ଗବ ପାଇଲେ ପାଣ୍ଡବେ ଜାଣିଲେ ନ ବ୍ରତଇ ମୂହିଁ ।
ଅପାର ପ୍ରାର୍ଥନା ସେ ବୋଲେ ଧର ବୋଲ
ରକତ ନଦୀରେ ତାହାନ୍ତ ଦଳ ହାଦେ ପେଲ ।
ବୋଲକର ମାନଗୋବନ୍ଦ ପଡ଼ଲ୍ଲକ ମାଡ଼ି
ଛନଚାଳ ଗଣ୍ଡେରେ ପଡ଼ଲେ ଗୁରୁ ବୁଢ଼ି ।
ବାହୁଡ଼ି ମାନଗୋବନ୍ଦ ପଡ଼ଲ୍ଲକ ଡେଇଂ
ଆଣ୍ଡି ଜ କୁରୁନାଥ ଶୋଣିତ ନଦୀକ ଗ୍ରହିଁ ।
କ୍ରୋଧ କର ମାନଗୋବନ୍ଦ ଚଳଇ ମାନ ଘେନ
ଦେଖଇ ଉପୁଚଆଇ ଆସଇ ମନ୍ତ୍ରୀବର ଶକୁନ । ।୧୩୦।
ବୋଲକର ଧଇଲ ସେ ମାନଚକ୍ରବୃତ୍ତି
ହାହା ମାତୁଳ ତୁ ଭୂତ ଭବିଷ୍ୟ ଗ୍ୟାଂତା ମନ୍ତ୍ରୀ ।
ପାଣ୍ଡବନ୍ତ ନାଶ କରତେ କଲୁ ଯେବଣ ବୁଦ୍ଧି
କାଳେ କାର୍ଯ୍ୟ ଚୋହୋର ନୋହିଲକ ସିଦ୍ଧି
ଭୋଜନକାଳେ ବିଷଲଡ଼ୁ ଖୁଆଇଲୁ ଭୀମକୁ
ବାନ୍ଧି ଜଳେ ମେଲିଦେଲୁ ନାଗୁଣୀ ଖାଇବାକୁ ।
କେତେ ସ୍ନେହ ମାମୁ କରିଥିଲୁ ମୋତେ
ଯେବେ ଯେ ସଂକଟୁ ପାର ହୋଇବ କେମନ୍ତେ ।

ପୁଣ ଜତୁ ଘରେକ ଯେ ଭିଆଇଲୁ କୁଟେ
ଜଉ ସଜଳସ ଆବର ଗୁଆଘୃତ ଛଣପଟେ ।
ସଙ୍ଗେଣ ବରଗିଲୁ ତୁ ପୁରୋଚନ ପଣ୍ଡାକୁ
ଘର ପୋଡ଼ିଦେଲା ସେ ପାଣ୍ଡବେ ନାଶନକୁ ।
କେଉଂଣ ପୁଣ୍ୟବଳେ ତହୁଂ ଉତୁରଣ ଗଲେ
ସେତେବଡ଼ ପ୍ରମାଦରୁ ବଞ୍ଚଣ ପ୍ରାଣ ସେ ପାଇଲେ ।
କପଟ ପଶାଯେ ମାମୁଂ ଭିଆଇଲୁ ବୁଦ୍ଧି ବଳେ
ପାଣ୍ଡବେ ବସାଇଲୁ ମୋହୋର ଆସ୍ଥାନର ତଳେ ।
ରାଜ୍ୟଭାର ସମସ୍ତ ଯେନାଇଲୁ କୂଟବୁଦ୍ଧି କରି
ସଭାତଳକୁ ଅଣାଇଲୁ ଦ୍ରୋପଦୀ କେଶ ଧରି ।
ବିବସନ କରାଇଲୁ ମାମୁଂ ଆମ୍ଭର ଦେଖନ୍ତେ
ତୋହୋର ଗୁଣ ମାମୁଂ ପାଶୋରିବି କେମନ୍ତେ ।
ଯେବେ ବୁଦ୍ଧିଯେକ ମାମୁଁ କହ କନା ମୋତେ
ରୋଧିର ନଦୀରୁ ପାର ହୋଇବି କେମନ୍ତେ ।
ଅପାର ଗୁଣ ତୋହୋର କହିବତେ ବେଳ ନାହିଂ
ରାଜ ପାଇଲେ ମୋତେ ମାରିବେ ପାଣ୍ଡୁଭାଇ ।
ଶକୁନି ଉପରେ ରାଯେ ପଡ଼ିଲାକ ମାଡ଼ି
ପାଞ୍ଚତାଳ ଗଭୀରେ ଶକୁନି ଗଲା ବୁଡ଼ି ।
ଅକାଦ ରୋଧିରେ ରାଯେ ବୁଡ଼ଣ ପଡ଼ିଲା
ବାହାର ହୋଇ ରାଜା ଦଇବ ସୁମରିଲା ।
ସେବଇ ମାନଗୋବିନ୍ଦ ଦଶଦିଗ ଅନ୍ଧାର
କେସନେକେ ରୁଧିର ନଦୀରୁ ହୋଇବଇଁ ପାର ।
ମହାଶୋକ ଅବସ୍ଥା ପାଇଣ ହୋଇ ମହାଦୁଖୀ
ପୁରୁଷେକ ଭାସି ଆସଇ ମାନଗୋବିନ୍ଦ ହାଦେ ଦେଖି ।
ରଯେଣୀ କାଳେ ଦିଶଇ ଚନ୍ଦ୍ରମା ଉଦେ ପ୍ରାଯେ
ତାଡ଼ ତୋଡ଼ର ବାହୁଟି କଂକଣ ନାନା ଅଳଂକାର ତାର କାଯେ ।
ଅପୂର୍ବ ପୁରୁଷେକ ସେ ଦେଖିଲା ଯହୁଂ ଆଗେ
ଛୁଡ଼କରି ନୃପତି ପୁଣ ଉଠିଲା କୂଳେ ବେଗେ ।

ତାହାକଇଂ ଆକ୍ରୋଷି·ଧଇଲା ନୃପବର
ତକବେ ରହିଲା ସେ ରକତ ନଦୀ ଉପର ।
କେବଣ ମହାତମା ସେ ବଡ଼ାଇ ବିଚକ୍ଷଣ
ସ୍ୱେ ଅବା ମୋତେ କହି ପାରଇ କାରଣ ।
କୋଳ କରି ଧଇଲା ତାକୁ ମାନଚନ୍ଦ୍ରବ୍ରଷ୍ଟ
ଉପରେ ଥୋଇଲା ନେଇ ଗଦାବର ଦୁହିନ୍ତ ।
ସତୁରି ସତୁରି ଭାର ବେନି ଗଦା ଗରୁ
ସହିଲା ସେ ମୃତୁପିଣ୍ଡ ଭାରି ମହାମେରୁ ।
ଆପଣେ ରାଜା ଯେ ପଡ଼ଇ ତହିଁ ପରେ ମାଡ଼ି
ସୋଲଭେଳା ଜାଣି ଭାସଇ ରକତ ନଦୀରେ ନ ବୁଡ଼ି ।
ପିଠିରେ ବସିଣ ରାଜା ବାହଇ ବେନି ହାଥେ
ବେନି ଘଡ଼ିରେ ଗଲା ସେ ଯୋଜନେ ପରିଯନ୍ତେ ।
ଆପଣା ଭୂମିର ଯେ ପଚ୍ଛିମ ଦିବା ଭାଗେ
ପାରିହୋଇ ମୃତପିଣ୍ଡୁଂ ଉତୁରିଲା ବେଗେ ।
ଦ୍ରୋଣକର୍ଣ୍ଣ ଶଲ୍ଯ ଶକୁନି ଦୁଶାସନ ଭୂରିସବା
ତୋହୋର ପ୍ରାସ୍ୱେ କେହ୍ନି ନୋହିଲେରେ ବାବା ।
କେହ୍ନି ମୋତେ ରକତ ନଦୀରୁ ନ କଲେକ ପାରି
ମରି କେବଣ ମହାତମା ତୁ ହୋଇଲୁ ଉପୁଗାରି ।
ଲେଉଟାଇ ବଦନ ଚୁହାଂଇ କୁରୁରାଣ
ନରେପି ଚୁହିଂଲା ଏ ମୋ କୁମାର ଲକ୍ଷଣ ।
ଆହା ମୋର ପୁତ୍ର ବୋଲି ରସ୍ୱେ ଲଗାଇଣ ହୃଦେ
ଅସାଷ୍ଟମେ ରୋବଇ ରାଜା ମାନ ଯେ ଗୋବିନ୍ଦେ ।
ବାବୁରେ ପଳା ଯା ବୋଲିଣ ବୋଇଲି ମୁହିଂ ତୋତେ
ପ୍ରମାଦ ଭୂମିରେ ପୁତ୍ରରେ ପଡ଼ିଲୁ କେମନ୍ତେ ।
ଆରେ ଆରେ ମୋର ଲକ୍ଷଣ କଇଛା ଜଗଜ୍ଜେଠୀ
ତ୍ରଇଲୋକ୍ୟ ବନ୍ଦନା ନାଥ ତୋହୋର ନାମଟୋଟି ।
ଅତିଅନ୍ତ ଲକ୍ଷଣରେ ତୋହର ବତିଶ ଗୁଣ
ଶମ୍ଭୁଳ ଜନ ଜନ୍ମିଲେ ତୁ ସବଗୁଣେ ଲକ୍ଷଣ ।

ବାବୁ ଅବଚ୍ଛନ୍ନେ ମୂର୍ତ୍ତି ଦିଶୁ ଯେ ବାଳଅର୍କ ପ୍ରାୟେ
କଣ୍ଠେ ତେଜରୁ ଅଧିକ ଦିଶଇ ତୋର କାୟେ ।
ଅନ୍ଧର ନଉଡ଼ ପୁତ୍ରରେ ଅନାସ୍ତ ମୋତେ କଲୁ ।
ଗମ୍ଭୀର ସମୁଦ୍ରେ ମୋର ଭେଳା ବୁଡ଼ାଇଲୁ ।
ଅନ୍ତଅନ୍ତ ଗହନରେ ତୋହୋର ଆସନ
ସଦା ଆନନ୍ଦରେ ବାପ ତୋହର ବଚନ ।
ବାବୁ ରାଜ୍ୟରେ ସାଧୁ ସାଧୁ ତୋତେ କରନ୍ତି ପରଜା
ବାଟିକରେ ମାତ୍ରେକ ତୁ ଭୁଆଇଲୁ ସଜ୍ଜା ।
ଦେବ ବିପ୍ର ଭଗତରେ ଅହର୍ନିଶି ଚିନ୍ତା
ଅନାଥ ନାଥ ପୁତ୍ରରେ ଅହର୍ନିଶି ଦାନଦ୍ୟନ୍ତା ।
ଦାନେ ଶୁଭବନ୍ତ ପୁତ୍ରରେ ଭଣ୍ଡାର ବଇରି
ନାଶକର ଗର୍ବ ଭଙ୍ଗୁ ପୁତ୍ରରେ ଅତିଦାନ କରି ।
ଶତେ ଭାର ଭଣ୍ଡାର ଦାନ ଦେଉ ଯେ ନିତ୍ୟେ
ସମସ୍ତ ଗୁରୁବିପ୍ର ମିଳନ୍ତି ବାବୁରେ ରଜନୀ ପ୍ରଭାତେ ।
ଦାତବ୍ୟ ପୁରୁଷ ତୁରେ ଦିବାରାତ୍ର ନ ଜାଣୁ
କୃପଣ ଲୋକଂକର ବଚନ ତୁ ନ ଶୁଣୁ ।
ଦଇତ ଦାନବ ମାରି ରେ ତୁ ତପୀଜନନ୍ତ ରଖୁ
ଲୋକେ ବଇକୁଣ୍ଠରେ ପୁତ୍ର ତୁନ ହୋଇ କମ୍ପା ଅଛୁ ।
କଉରବ ବଳକୁ ତୁରେ ଦୁଷ୍ଟପ୍ୟ ଚନ୍ଦ୍ର ଗୋଟି
ତୋହୋର ବିହୁନେ ପୁତ୍ର ମୋତେ ଅନ୍ଧାର ନବସୃଷ୍ଟି ।
ବାବୁ ସଂଗ୍ରାମର ସାଧନାରେ ତୁ ଅତୁଳାଇତ ମଲ୍ଲ
ଧାନୁଷ୍କ ଚୂଡ଼ାମଣି ପାଣ୍ଡବଂକ ଉରଶଲ ।
ଆସ ଆସ ବାବୁ ମନ୍ଦିରକୁ ଯିବାରେ ତନୟେ
ଅର୍ଘ୍ୟ ଘେନ କାଠ ଗୃହ୍ଣୁଂଥିବେ ତୋହୋର ଭାନୁବନ୍ତୀ ମାୟେ ।
ବାବୁ ମାୟେ ପୋୟେ ତୁମ୍ଭେ ଅନେକ କଲ ଯେ ଦଇନ
ବୋଇଲ ବାସୁଦେବ ସୁଥେଂ ନ ଯାନ୍ତୁ ଅପମାନ ଘେନ ।

ବୋଇଲ ଘଡ଼ା ପାଞ୍ଚଖଣ୍ଡି ଯେ ମାଗୁଛନ୍ତି ଶିଶୁପଣ
ଘଡ଼ା ଦୁଇଟଣ୍ଡି ଦେଇ ପ୍ରବୋଧିବା ଅଭ୍ୟର୍ଥୀ ।
ଭୀଷ୍ମ ଦ୍ରୋଣ କର୍ଣ୍ଣ ଶଲ୍ୟ ଶକୁନ ଦେଖନ୍ତେ
ବିନାଯୁଦ୍ଧେ ସୂଚମୁନେ ବୋଇଲା ରାଜ୍ୟ ନ ଦଅଇ କଦାଚିତେ ।
ତହିଂର ପ୍ରତିଫଳ ଏବେ ପାଇଲାରେ ବାବୁ
ଯେତେ ବଡ ସମ୍ପଦ ମୁଂ ବୁଡ଼ାଇଲି ସବୁ ।
ଯେବେ ପୂର୍ବରେ କରିବା ତୋର ବୋଲ
ଅର୍ଦ୍ଧରାଜ୍ୟ ପାଣ୍ଡବନ୍ତ ଦେବ ତୁ ଉଠି ଆସ ମୋହୋର ତୁଲ ।
ବାବୁ ସଂପୂର୍ଣ୍ଣ ଚନ୍ଦ୍ରମା ରେ ତୋହର ବଦନଇ
ଅପାଦ ରେ ବାବୁ ଘେନ ଯାଇକନା ମୁହିଁ ।

ଆରେ ବାବୁ ଘନର ଚନ୍ଦନ ମଳୟ ବସନ୍ତ କସ୍ତୁରୀ ଯେ ଦାୟେ ।
ରକତେ କର୍ଦ୍ଦନ ଯେବେ ତୋହୋର ହୋଇଲୁକ କାୟେ ।
ବାବୁ ମଣି ମାଣିକ୍ୟରେ ହୃଦୟ ତୋର ଢ଼ଳ
ମୁଣ୍ଡ ମାନଙ୍କରେ ପୂର୍ବରେ ହୋଇଲୁ ତୁ ମେଳ ।
ବାବୁ ନବସହସ୍ର ରାଜା ତୋତେ ଖଟନ୍ତି ଆସ୍ଥାନେ
ଯେବେ କେଡ଼ିବେ ତୋତେ ଭୂତ ପ୍ରେତ ପିଶୃଚଗଣେ ।
ବାବୁ ହୃଦେ ତୋତେ ଧରିଣ ଯେ ରାଜା ଧୃତରାଷ୍ଟ୍ର
ତୋହୋର ମୁଖ ଦେଖନ୍ତେ ପାସୋରନ୍ତେ ଅନେଶ୍ୱତ ପୁତ୍ରଂକର କଷ୍ଟ ।
ବାବୁରେ ହୃଦୟେ ଧରିଛି ତୋହୋର ମୃତୁପିଣ୍ଡଗୋଟି
ଯେ ମୋହୋର ଶରୀର ନ ଯାଇ କଂପା ଫାଟି ।

ବାବୁ ସଦୟେ ସାଧାରଣ ତୁ ଦୁଖୀଜନ ଉଦ୍ଧାରଣ ।
ଶରଣ ରକ୍ଷଣ ତୁ ଅକାରଣ କଇଂ କାରଣ ।
ଯେତେକ ଦୟାଧର୍ମ ଥାଇ ତୋର ଚିତ୍ତେ
ସେ ଧର୍ମ ଦେବତା ଯେବେ ଛାଡ଼ିଲା କେମନ୍ତେ ।
ବାବୁ ଯେକା ବେଳକେ ତୋତେ କଂପା ନ କଲେକ ରକ୍ଷା
ଅନେକ ଦେବତା ବ୍ରାହ୍ମଣେ ଭଗତି ହେଉ ମନବାଞ୍ଛା ।

ଯେତେକ ଗୁଣ ଯେ ଅଛୁ ତୋହୋର ଶରୀର
ଗୁଣ ଗୁଣିବାକୁ ବେଳ ନାହିଁ ତ ମୋହୋର ।
ବାବୁ ତୋତେ ଯେନ ନୋଧ କରୁ ରସୁଣୀ ପାଖଲେ
ମୁହିଂ ନାଶଯିବରେ ପାଣ୍ଡବେ ଜାଣିଲେ ।
ଗଦା ଯେନ୍ନ କରେ ରାଜା ଭୂମିରେ ଢଳା ଗାରେ
ସାତତାଳ ଗମ୍ଭୀର ଯେ ହୋଇଲା ବେନତାଳ ବସ୍ତାରେ ।
ପିନ୍ଧବାର ବସ୍ତ୍ର ଅର୍ଦ୍ଧେକ ଚିରିଲା ରାଜନ
ସୁସଞ୍ଚ କରଣ ତାହା ପାଡ଼ିଲା ତକ୍ଷଣ ।
ଲକ୍ଷଣ କୁମାରକୁ ରାଜା ଶୁଆଇଲା ତହିଂ
ଉଚ୍ଚ ସ୍ୱରେ ରୋଦନ କରଇ ସଂପୂର୍ଣ୍ଣ ଚନ୍ଦ୍ରମା ମୁଖ ଚୁମ୍ବି ।
ହଂସୁଲୀ ତୁଳରେ ପୁତ୍ର ଶୋଇଥାଉ ତେବେ
ଯେତୁଅକୁ ଯୋଗ୍ୟ ବାବୁ ହୋଇଲୁ ତୁମ୍ଭ ଯେବେ ।
କେହ୍ନ ମୁଣ୍ଡେ ପେଲ ମେରୁ ଗୁଳାଲ ରେ ବାପ
ହୃଦେ ଆଭରଣ କେହ୍ନ କଲା କାଳସର୍ପ ।
ବାବୁ ସୋମ ବଂଶକୁ ତୁ ମୋର ଯେତୁକା ପୁତ୍ରଗୋଟି
ସବୁ ବୁଡାଇଲୁରେ କାଟିଲୁ ମୋର ତଣ୍ଟି ।
ବାବୁ ଯେତୁ ଜନ୍ମେ କାହିଁ ମୁହିଂ ଚୁହିଂଇ ତୋର ମୁଖ
ତୁ ମୋତେ ସମସ୍ୟା ନ ଦେଲୁରେ ପୁତ୍ର ହୋଇଲୁ ନିରେଖ ।
ବାବୁ ନେତ ପାଟ ପାଚମି ନାନା ପୁଷ୍ପ ଶୋଭା ଗଭାଭାଗ
ରକତେ କର୍ଦ୍ଦମରେ ହୋଇଲା ତୋହୋର ଅଙ୍ଗ ।
ବାବୁ କାରସ୍ୱଣି ଭୁବନ ପ୍ରାୟେ ତୋର ପୁରଗୋଟି ।
ତାହା ଉପେଖି ପୁତ୍ରରେ ଭୂମିରେଣ ଅଛୁ ଲୋଟି
ବାବୁ ମୃଗନାଭି କସ୍ତୁରୀରେ ଯୁଆଦ କର୍ପୂର ମିଶା
ମୁହିଂ ରଡ଼ ତୋତେରେ କଲ ମାଟି ମିଶା ।
ବାବୁ ଅତିଅନ୍ତ ସୁକୁମାର ତୁରେ କୁମାର ଲକ୍ଷଣ
ବରିଂଷ ବାହୁନଲେ ନ ସରଇ ତୋହୋର ଯେତେ ଗୁଣ ।

ବାବୁ ନବସୃଷ୍ଟି ରଚନା ଗୁଡଣ ପ୍ରଜାପତି
କେତେକାଳ ବସିରେ ସି ଜଳ୍ପ ତୋର ମୂର୍ତ୍ତି ।
ବାବୁରେ ମୋହୋର ଘର ପିତା ତେହୋରେ ନୋହୁ ନୋହୁ
ତୋହୋର ପ୍ରାପ୍ତେ ପୁଦ୍ଧ ମୋତେ ଜନ୍ମେ ଜନ୍ମେ ଥାଉ ।
ଅପାର କ୍ରୋଧ କରଇ ରାଜା ଧୃତରାଷ୍ଟ୍ରି
ଲକ୍ଷଣ କୁମାର ଉପରେ ନେଇ ପକାଇଲା ମାଟି ।
ମୃତ୍ୟୁପିଣ୍ଡ ଉପରେ ଲୁହସ୍ପେ ମୃତ୍ତିକା ପକାଇଲା ଫିଙ୍ଗି
ଚତୁରଂ ମାନଗୋବନ୍ଦ ଚଳଇ ବେଗି ବେଗି । । ୨୮୦ ।

('ମହାଭାରତ', ଗଦାପର୍ବରୁ ଗୃହୀତ)

*

# ସୀତାଙ୍କ ବନଗମନ

## ସାରଳା ଦାସ

ଆଗେଣ ଲକ୍ଷଣ କୋଦଣ୍ଡ କରେ ଧରି
ପଛେଣ ଗମଇ ସେ ଜନକ କୁମାରୀ ।
ନଗ୍ର ନରନାରୀ ସୀତାକୁ ଦେଖିଲେ
ଯେ ଯାହାର ରନ୍ଧ ଗୃହ ବାହାର ହୋଇଲେ ।
ଏକର ଆଗରେ କହନ୍ତି ସଧୀର
କେବଣ ବିପରୀତ ଗୋ ହୋଇଲା ଏ ପୁର ।
ଅତି ଅଗୋଚର ତ ଅସମ୍ଭବ କଥା
ଏକସ୍ୱରେ ଗମଇ ଜନକ ଦୁହିତା ।
ସୂର୍ଯ୍ୟ କିରଣ ତ ନ ଲାଗଇ ଯାହାର କାୟେ
ଇତର ଜନଙ୍କର ମତେ ଗମଇଁ ଏକାକାୟେ ।

ଏସନେକ ବୋଲି ଅନେକ ଯୁବତୀ
ସୀତାଙ୍କର ପଛେ ଯେ ଗମନେ ଗୋଡ଼ାବନ୍ତି ।
ମୁଖ ଶବ୍ଦ ଶୁଣି ଲକ୍ଷ୍ମଣ ଲେଉଟି ଚାହିଁଲା
ପୁରଜନ ଯୁବତୀଙ୍କ କୋପେଣ ଡାକଦେଲା ।
ରାଜପତ୍ନୀ ପଛେ ଯେ ଗୋଡ଼ାଅ କାହିଁପାଇଁ
ଜୀବନକୁ ଆଶ କି ତୁମ୍ଭର ଅଙ୍ଗେ ନାହିଁ ।
ଯେ ଯାହାର ମନ୍ଦିରକୁ ତୁମ୍ଭେ ଚଳିଯାଅ
ଶରୀର ଗଞ୍ଜାଇ ଅପମାନ ନ ପାଅ ।
ଲକ୍ଷ୍ମଣ କଠୋର କଥା ଯହୁଂ ପୁରଜନେ ଶୁଣିଲେ ।
ସମସ୍ତ କାମିନୀ ସେଠାରେ ରହିଲେ ।

କେହି କାହାରି ଗୃହରେ ନ ପଶନ୍ତି
ଦଶବଂଶ ଠାବେ ଠାବେ ରହିଣ ଭାଳନ୍ତି ।
କେବଣ ବିପରୀତ ହୋଇଲା ନ ଜାଣିଲୁ ଏହା
କେ ଅବା ଏ ସମ୍ପଦେ ହୁଅ ସାହା ।
ଏସନେକ ମନେ ବିରସ ସର୍ବ ନାରୀ
ବଇକୁଣ୍ଠ ଚକ୍ଷେ ନୟନୁ ଲୁହ ଝରି ।

ଦେଖି ଆହାକାର କରନ୍ତି ସର୍ବ-ଜନ
ତହୁଂ ମହାସତୀ କରନ୍ତି ଗବନ ।
ବୈଶାଖ ଶୁକଳ ପଞ୍ଚମୀ ଗୁରୁବାର
ପୁନର୍ବସୁ ନକ୍ଷତ୍ର ତିନିଘଡ଼ି ଦିବାକର ।
ଏବେ ମହାସତୀର ହୋଇଛି ତିନିମାସ
ମନର ହରଷେ ନ ବୁଝଇ ତ୍ରାସ ।
ଆଗେଣ ଲକ୍ଷ୍ମଣ କଢ଼ାବନ୍ତି ବାଟ
ଥୋକାଏକ ଧୂରେ ସତୀ ପାଇଲେକ କଷ୍ଟ ।
ଗହନ ବଣେ ବେନି ଜନେ ପଶନ୍ତି
ଦେଖି ବନଶୋଭେ ଛନଛନ ରୁହାଁନ୍ତି ।
ମତ୍ତଗଜ ଯୂଥ ଶବର ବୃଶାଳଇ
ଗଜଇନ୍ଦ୍ର କୁ ତେଜ ପ୍ରକାଶଇ ।
ସୁସଜ୍ଜ ଅଶ୍ୱେ ଅଛନ୍ତି ପନ୍ତପନ୍ତି
ଉଚ୍ଚୈଶ୍ରବା ପ୍ରାୟେ ଦିଶନ୍ତି ଧବଳ ଜ୍ୟୋତି ।
ହରିଣ ବାହୁଟିଆ କୋକ ବଳହା
ମତ୍ତଗଜ ସମାନେ ଦିଶନ୍ତି ବରେହା ।
ଗଣ୍ଡା ଗଉଳ ଯେ କୁରଙ୍ଗ ସପ୍ତେମ୍ବର
ସିଂହ ଶାର୍ଦ୍ଦୂଳ ଯେ ଅଛଇ ବିସ୍ତାର ।
ଶୁକ କୋକିଳ ଯେ ଆବର ଝିଙ୍କ ମଞ୍ଜୀରୀ
ଊର୍ଦ୍ଧ୍ୱକେଶୀ ମହିଷି ସମୁଖେ କ୍ରୀଡ଼ା ବିହର ।
ଆନନ୍ଦେ ମହାସତୀ ରୁହାନ୍ତି ତୋଷମନେ
ଅନେକ ପକ୍ଷୀଜନ୍ତୁ ଅଛନ୍ତି ସେ ବନେ ।
ସୁସ୍ୱରେ ରବ ଦେଇ ମଂୟୂରଇ
କୋକିଳ ରବ ଶୁଣି ଶବର କ ଝଡ଼ଇ ।
ବନ ଗହନରେ ପବନ ବହଇ ନ ଲାଗଇ ରବିର ତେଜ
ସେ ବନେ ପଶିଲା ଯାଇ ସୁମିତ୍ରା ତନୁଜ ।

× × ×

ଲକ୍ଷ୍ମଣର ପଛେ ଗୋଡ଼ାଇ ସଖି ଥିଲା
ଝାଳେ ଘୂମାଇଁ ମୁଖ ମଉଳିଲା ।
ଗୋଡ଼ାଇ ଚାଲି ନ ପାରିଲା ସଖି ଯହୁଁ
ଆସ ବୋଲି ଲକ୍ଷ୍ମଣ ଡାକ ଦେଲା ତହୁଁ ।
ତୁମ୍ଭେ' ଗୋ ବନକୁ ଆଇଲ ଦ୍ଵି ଯେବେ
(ନ)ଜାଣିଲ ମୁଁ ତୁମ୍ଭନ୍ତ ପରବୃତ୍ତି ଏବେ ।
କେବଣ ନମନ୍ତେ ବନକୁ ଶରଧା କଲ
ସୁକୁମାର ସ୍ତିରୀ ଗୋ ଚାଲି ତ ନ ପାର ।
ଏବେ ତୁମ୍ଭେ ଗୋ ଆସ ଶୀଘ୍ର ହୋଇ
ଭଲ ଠାବ ଦେଖି ବିଶ୍ରାମିବା ଯାଇ ।
ଲକ୍ଷ୍ମଣର ସମାଦ ଶୁଣିଣ ମହାସଖି
ଆଗଭର ହୋଇଣ ଧାମନ୍ତି ତଡ଼ିତ ।
ପର୍ବତ ଉପରେ ଅଛି ଏକ ପୁଷ୍କରଣୀ
ମୁଖ ପଖାଳନ୍ତି ତହିଁ ଶ୍ରୀରାମର ରାଣୀ ।
ଶରୀର ଶ୍ରମେଣ ସଖି ଜଳପାନ କରଇ
ଦେଖିଣ ବିକଳେ ଭଳନ୍ତି ସୁମିତ୍ରାର କୁମରଇ ।
ସହସ୍ରେକ ଭାର ଗଙ୍ଗାର ପାଣି
ନଚେତ୍ୟ ଗଉଡ଼େ ତୋର ରାଜ୍ୟକୁ ବହିଆଣି ।
ସେ ଜଳେ ସ୍ନାହାନ କରୁ ଗୋ ମହାସଖି
ପାଣି ତୋଳି ଦିଅନ୍ତି ଲକ୍ଷେକ ଯୁବତି ।
କୁଙ୍କୁମ ଘଷନ୍ତି ସହସ୍ରେକ ବାଳୀ
ସୁବର୍ଣ୍ଣ ଘଟେ ଶରୀର ପଖାଳି ।
ସୁରଙ୍ଗ ପାଟୋଳ ବେସ ଝୀନ ବାସ
ଶରୀର ପୋଛନ୍ତେ ପାଉ ଅତି ତ୍ରାସ ।
ରତ୍ନଝରୀରେ ସୁବାସିତ ନୀର(ଳ)ଇ
ତହୁଁ ସେ ଜାନକୀ ମୁଖ ପଖାଳଇ ।
ବିଧିର ଲେଖନେ ଏବେ କରେ ପିଅଇ ପାଣି
ଦେଖ ବିଧି ବିଧାତା ଏସନେକ ଅଛି ନିର୍ମାଣି ।

ଏ ଦିବ୍ୟ କାମିନୀଙ୍କ ଛାଡ଼ି ଯନ୍ଦ ଯିବ
କେବଣ ମତେ ମୁହିଂ ଦେହ ଧରିବ ।
ଯଦ୍ୟପି ରହିବ ଯେ ସୀତପୁର ଭୁଲେ
କୋପ କରିବେ ରାମ ଆଜ୍ଞା ମୁହିଂ ନ ଗଲେ ।
ଏତେ ବିଚାରି ଲକ୍ଷ୍ମଣ ବିକଳେ ଝୁରଇ ମନ
ଆସ ଗୋ ମହାସତୀ ଏଥୁ ଯିବାକ ବହନ ।
ଫଳମୂଳ ଯେବଣ ଠାବରେ ପାଇବା
ତହିଁ ଯାଇ ଆମ୍ଭେ ବିଶ୍ରାମ କରିବା ।
ଶୁଣିନ ମହାସତୀ ପାଣିରୁ ହୋଇଲେ ବାହାର
ଜଳ ପିଅନ୍ତେ ତ୍ରାସ ହୋଇଲା ତାହାର ଶରୀର ।
ଚାଲନ୍ତେ ସୀତପୁ ପଥର ନ ଚଳଇ
ଆପଣା ହୃଦରେ ଶଶୀମୁଖୀ ଝୁରଇ ।
କେବଣ ଦଇବ ମୋର ମନକୁ ମୋହିଲା
ବନସ୍ତକୁ ଆସିବ ବୋଲି ଉଦବେଗ କଲା ।
ଅରଷ୍ଟି କଥା ଏହା ବିଚାରି ନ ପାରିଲି
ସ୍ୱାମୀଙ୍କ ଏକାନ୍ତେ ମୁଁ ପ୍ରସାଦ ମାଗିଲି ।
କାହାକୁ କହିବି ଯେ ମୋହର କୃତ ଦୋଷ
ଆପଣେ ମୁହିଁ ହୋଇଲି କଦାଂସ ।
ଲକ୍ଷ୍ମଣକୁ ମହାସତୀ ଡାକ ଦେଲେ ସଧୀରଇ
ସମ୍ଭାଳ ନଅ ମୋତେ ମୁଁ ଚାଲି ନ ପାରଇ ।
ପଥର ଭୂମିରେ ଚାଲନ୍ତେ ପୟର ଭୁଟିଲା
ଗର୍ଭେଣ ଷନମାସ ଗର୍ଭ ବ୍ୟଥା କଲା ।
ଶୁଣିଣ ଲକ୍ଷ୍ମଣ ପ୍ରାଣ ଉଛର୍ଗିଲା ଦେହି
ତରୁ ତଳେ ବସିଲେ ନୟନୁ ଲୁହ ବହି ।
ସେହି ବୃକ୍ଷତଳେ ବସିଲେ ରାମରାଣୀ
ଜାନୁ ଭର ଦେଇ ବସିଲ ଧରଣୀ ।
କାହାଡ଼ା ବୃକ୍ଷତଳେ ଅତି ବିତପନ
ସୁଶୀତଳ ସମୀର ବହଇ ଘନଘନ ।

ରବର ଲୋଚନା ଯେ ନ ଲାଗଇ ତହିଁ ଖର
ଲେଉଁଟି ଆଦିତ୍ୟ ଦେବତା ହୋଇଲେ ଅତାଇ ପ୍ରହର ।
ବୃକ୍ଷର ତଳେଣ ବସନ୍ତେ ମହାସତୀ
ଶରୀର ଶ୍ରମେଣ ପାଇ (ଅ) ଚେତନ ମୂର୍ତ୍ତି ।
ଅଞ୍ଚଳ ପାଡ଼ି ହସ୍ତ ସୀମସ୍ଥାନ କଲା
ନିଦ୍ରାଏଣ ମହାସତୀ ଅଚେତନ ହୋଇଲା ।
ଦେଖିକରି ଲକ୍ଷ୍ମଣ ମନରେ ବିଚାରି
ଏହି ସମୟେ ଉପେଖି ମୁଁ ଯିବି ନିଜପୁରୀ ।
ଯଦ୍ୟପି ନିଦ୍ରାରୁ ଉଠିବେ ଜନେକ କୁମାରୀ
ଔଷଧ ଛାଡ଼ି ଏହାକୁ ଯାଇତ ନ ପାରି ।
ନ ଗଲେ କୋପ ମତେ କରିବେ ରାମଚନ୍ଦ୍ର
ବୋଲିବେ ମୋହର ଭାରିଜା ଘେନି ରହେ ଉହିଲକ ମନ୍ଦ ।
ମନେ ବିକାର ତାର କୋପ କରିଅଛି
ତମେ ଭରତ ସେ ନ ପୂରଇ କଛି ।
ନିଗମ ବନେ ସତୀଙ୍କ ଛାଡ଼ି ଗଲେ
ଏ ମତେ କୋପ କରିବ ସନିଧେ (ନ) ଦେଖିଲେ ।
ସେବକ ଲୋକର ହୋ ଜୀବନ ଧିକ ଯାଉ
ପରର ବଶେ ବର୍ତ୍ତିଇ ପୁଣ ଯେହୁ ।
ଏସନେକ ପଞ୍ଚଭୂତେ ଘଳନ୍ତ ଲକ୍ଷ୍ମଣ
ହୋଣୁ ଶରେକ କାଢ଼ି ପତ୍ରେ କରଇ ଲେଖନ ।
ମୋହର କଥା ଗୋ ଶୁଣସି ମହାସତୀ
ତୋତେ ଉପେକ୍ଷା ଗୋ କଲେ ତୋର ପତି ।
ରାବଣ ରାଜ୍ୟେ ତୁ ଚଉଦ ମାସ ଥିଲୁ
ଲୋକତ କଥାରେ ତୁ ଦୋଷରୀ ହୋଇଲୁ ।
ବହୁତ ମୁଖରବ ରାମ ସହି ନ ପାରିଲେ
ତେଣୁ ସେ ତୋତେ ଗୋ ବନକୁ ବାହାର କଲେ ।
ଅଯୋଧ୍ୟା ନଗ୍ରକୁ ତୁ ବାହୁଡ଼ି ନ ଯିବୁ
ପିତା ଘରେ ତୋର ଗୋ ଯାଇଣ ରହିବୁ ।

ତୁମ୍ଭ ମତେ କୋପ ଗୋ ନ କର ବଇଦେହୀ
ଏମନେକ ବୋଲି ଲକ୍ଷ୍ମଣ ଲେଖ ଲମ୍ବି ।
ଯେବଣ ବୃକ୍ଷତଳେ ଶୋଇଛନ୍ତି ମହାସତୀ
ଚଉଡ଼ାକେ ପଦ ଲମ୍ବାଇ ସଉମିତି ।
ତହୁଁ ବାହୁଡ଼ଇ ଲକ୍ଷ୍ମଣ ମହାବୀର
ଆଗଭର ହୋଇ ତା'ର ନ ଚଳେ ପୟର ।
ଶରୀରୁ ଝାଳ ବହଇ ଅବକ୍ଷଣ
ଲେଉଟି ଚାହାଇଁ ପୁଣି ସୀତଙ୍କ ବଦନ ।
ଶରଦ ପୌର୍ଣ୍ଣମୀ କ ନିର୍ମଳ ଶଶୀ
ତେସନେକ ଜାନକୀର ବଦନ ବିକାଶି ।
ମୁହିଁ ଏହାକୁ ଛାଡ଼ି ଯିବି ଯେବେ
ଏହିକ୍ଷଣି ଏହାକୁ ବନଜୀବେ ଆହାର କରିବେ ।
ଏସନେକ ଚିନ୍ତିର ଆସଇ ଧୀର ଧୀର
ମୁକ୍ତା ଛିଡ଼ଇ ଯେସନେ ନୟନରୁ ଲୁହ ଝର ।

× × ×

ଶରୀର ଶ୍ରମେ ସତୀ ନିଦ୍ରା ଯାଇଥିଲା
ନୟନ ମେଲଣ ଜାନେକୀ ଚଉକନ୍ତି ଚାହିଁଲା ।
ବସିଲା ଠାବରେ ଦେଖିଲଇ ଲକ୍ଷ୍ମଣ ନାହିଁ
ଚମତ୍କାର ହୋଇଲ ସତୀ ଚଉକନ୍ତି ଚାହିଁ ।
ଭାଳଇ ଅବା ପାଣି ଆଣି ପୁଷ୍କରଣୀକି ଗଲ
ଲକ୍ଷ୍ମଣ ନାମ ଧରି ଉଚ୍ଛେଣ ଡାକ ଦେଲ ।
ଏକଇ ଯୁବତୀ ମୋତେ ଛାଡ଼ି କେମନ୍ତେ ଗଲୁ
କନ୍ଦମୂଳ ନିମନ୍ତେ ଅବା ଗହନେ ପଶିଲୁ ।
ବେଗକୁ ମୋହର ସନ୍ନିଧ୍ୟକୁ ଆସ
ତୋତେ ନ ଦେଖି ମୁହିଁ କଲଇ ମନେ ତ୍ରାସ ।
ଲକ୍ଷ୍ମଣର ସମାସ୍ୟା ଯହୁଁ ନ ପାଇଲ ମହାସତୀ
ଚକିତ ହୋଇଣ ଚାହାଁଇ ଚଉକନ୍ତି ।

ବୋଇଲା ଯଦ୍ୟପି ଲକ୍ଷ୍ମଣ ଜୀବନ୍ତେଣ ଥାଇ
ମୋତେ ଉପେଖି କ ସେ ଆନ କରନ୍ତ ଯାଇ ।
ଜନଗମ୍ୟ ନାହିଂ ଅଗମ୍ୟ ବନ ଘୋର
କେଉଣ ଜୀବେ ଲକ୍ଷ୍ମଣକୁ କଲେକ ଆଧାର ।
ଆହା ଲକ୍ଷ୍ମଣ ତୁହି ରୂପେଣ ମଦନ
ତିନ ଜଗତେ ଖେଜି ତୋତେ ନାହିଁ ସର ସମାନ ।
ସମ୍ପୂର୍ଣ୍ଣ ଚନ୍ଦ୍ରମା ଜାଣି ମୁଖ ତୋର ଦିଶଇ
ନୟନ ବେନି ଉପାମା ଉଳକାପତ୍ର ସାଦୃଶଇ ।
ପୁଷ୍ପଧନୁ ଯେସନ ଭୂଲତା ପରମାଣି
ନାସିକା ଦିଶଇ ତୋର ଗରୁଡ଼ ଜାଣି ।
ଶ୍ରବଣେ କୁଣ୍ଡଳ ତୋର ଦିଶଇ ଢଳଢଳ
ଓଷ୍ଠ ବିକାଶଇ ସୁସଞ୍ଜ ପକ୍ୱଫଳ ।
କ୍ଷୁଦ୍ର ମୋତି ଜାଣି ଯେ ଦିଶଇ ଦନ୍ତପନ୍ତି
ଉଜ୍ଜ୍ୱଳ ହୀରା ଯେସନେ ଶୋଭଇ ଦିବ୍ୟକାନ୍ତି ।
ବିଚିତ୍ର ଚିକୁର କୁଟିଳ ଦିବ୍ୟକେଶ
ଲୁବୁଧେ ମଧୁକରେ ନ ତେଜନ୍ତି ନିଜ ପାଶ ।
ଅକଣ୍ଟକ ମୃଣାଳ ସାଦୃଶ ବେନି ଭୁଜ
ଚମ୍ପାକଢ଼ି ଯେସନେକ ପଟାନ୍ତର ପାଣିଜ ।
ରଜତ କୁମୋଦ ଜାଣି ତୋହର ପପୂର ତଳ
ଜାଇକଢ଼ି ଯେସନେକ ଦଶନ ଉଜ୍ଜ୍ୱଳ ।
ଉଲଟ କଦଳୀ ପ୍ରାୟେ ଦିଶଇ ତୋହର ଜାନୁ
ସ୍ୱରୂପ ସାଦୃଶ ତୁହି ଦିଶୁ ପୁଷ୍ପଧନୁ ।
ମୁହିଂ ନଲକ୍ଷଣୀ ଏସନେକ କର୍ମହୀନ
ମୋହର ଭୁଲେ ଆସି ଏଥେ ହୋଇଲୁ ବନାଶନ ।
ଏକଇ ଯୁବତୀ ମୋତେ ଉପେଖିଣ ଗଲୁ
କେବଣ ଜୀବକଂର ମୁଖେ ପଡ଼ିଣ ପ୍ରାଣ ଦେଲୁ ।
ମୁହିଂ ବଚନ୍ତଣୀ ନିଶ୍ଚିନ୍ତେ ନିଦ୍ରାଗଲି
ତୋହର ମରନ୍ତେଣ ଦେଖି ନ ପାରିଲି ।

ଏକଇ ନାରୀ କେସନେ ଅଯୋଧ୍ୟାକୁ ଯିବ
ଦୁର୍ଗମ ଅଗମ୍ୟ ପଥ କେସନେକ ଚାଲିବ ।
ଯଦ୍ୟପି ଅନୁସରି ପାରଇ ଅବା ଯାଇ
ଲକ୍ଷ୍ମଣ କାହିଁ ଅଛି ବୋଲି ପଚାରିବେ ତୋହର ଆଈ ।
କକୟୀ କଉଶଲ୍ୟା ପାଇବେ ମନେ ତ୍ରାସ
ସକଳ ସ୍ତ୍ରୀଗଣମାନେ ମୋତେ କରିବେ ଉପ(ହା)ସ୍ୟ ।
କିସ ବୋଲି ମୁହିଁ ତାହାଙ୍କର ଅଗ୍ରତେଣ କହିବ
ବହୁତ ସ୍ତିରୀଙ୍କର ମୁଖ କେମନ୍ତେଣ ଚାହିଁବ ।
ସମସ୍ତ ଶାଶୁଇ ମୋତେ କିସ ବୋଲିବେ
ତିନି ଭଗ୍ନୀ ମୋହର ଦେହ ଧରି ନ ପାରିବେ ।

ମୋହର ଭଗ୍ନୀର ନାମ ଉର୍ମିଳା
ସେ କାମେମା ତ ବିଧବା ହୋଇଲା ।
ଅକଳଙ୍କ ଉର୍ମିଳାର ମୁଖ ଚାହିଁବ କେସନେ
ଧିକାର କରିବେ ମୋତେ ସକଳ ଗୁରୁଜନେ ।
ମରଣୁ ଅଧିକ ପାଇବଇ ଲାଜ
କେଣେ ଗଲୁ ବାବୁ ସୁମିତ୍ରାଙ୍କ ତନୁଜ ।
ଭୁଜବଳେ ପ୍ରତାପ ତୁହି ଅତୁଳାଇତ ଷବି
ସମରେ ଏକତା ତୁହି ଅଟୁ ବୀର ମୂର୍ତ୍ତି ।
ଚଉଦ ବରଷ ତୁହି ସ୍ୱାମୀର ତୁଟେଲ ଥିଲୁ
ଭୃତ୍ୟପଣେ ସ୍ୱାମୀର ମନ ରଞ୍ଜିଲୁ ।

କାମ କ୍ଷୁଧା ନିଦ୍ରା ତେଜିଲୁ ବନବାସ
ଦୁର୍ଦ୍ଧର ଇନ୍ଦ୍ରଜିତକୁ ତୁହି ପ୍ରାଣେ କଲୁ ନାଶ ।
ଲଙ୍କାରେ ସମରେ ତୁହି କେତେ ଦୈତ୍ୟ ନ ମାଇଲୁ ।
କାହାର ହାତରେ ଏବେ ବନେ ପ୍ରାଣ ଦେଲୁ ।
ଉଠି ଡାକ ଛାଡ଼ଇ ଜନକ ଦୁହିଣୀ
କେଣେ ଗଲୁ ଲକ୍ଷ୍ମଣ ବୀରବର ମଣି ।
କାନ୍ଦଇ ମହାସତୀ ଦଶଦିଗ ଚାହିଁ
ମୁହିଁ ପାପିଷ୍ଠ ଜୀବନ ଅଛି କାହିଁ ପାଇଁ ।

ଏସନେକେ ଉଠଇ ବସଇ ତରୁତଳେ
ବେନି ନୟନରୁ ଲୁହ ବହଇ ଶରୀରୁ ଝାଳ ଗଳେ ।।
ଚକିତ ଚକିତ ହୋଇଣ ଶଶୀମୁଖୀ
ଚକିତ ହୋଇ ଚଉକତି ଗଗନକୁ ଗୃହାଂଇ ନିରେଖି ।
ବୃକ୍ଷ ଡାଳେ ପତ୍ର ଖଣ୍ଡି ଏକ ଦେଖଇ
ହସ୍ତରେ ଧରି ସେ ପତ୍ର ଖଣ୍ଡି ଉପଲେଖଇ ।
ଲକ୍ଷ୍ମଣ ସଙ୍କେତ ପତ୍ରରେ ଲେଖନ
ତାହା ଦେଖି ସୀତସ୍ୱା ଅସ୍ଥିର କଲା ମନ ।
ଅକ୍ଷର ଦିଶଇ ମୁକ୍ତାପନ୍ତି ଜାଣି
ଅବଶେଷ କରି ତାହା ପଢ଼ଇ ରାମରାଣୀ ।
ପତ୍ରପଢି ଲକ୍ଷ୍ମଣର ତହିଂ ମୁହାଂସ ଗୁଡ଼ିଲା
ବୋଇଲା ଏଥେ ଆଣି ମୋତେ ନିର୍ବାସିଣ ଗଲା ।
ଯାହା ଅରଜିଛୁ ଭୁଞ୍ଜିବି ମୁଁ ତାହା
ଅଦୋଷେ ଦୟାପେବେ ଉପେଖିଲେ ମୋହର ନାହା ।
ମୁହିଂ ନିଲକ୍ଷଣୀ କର୍ମା ପରକୁ ଦୋଷ ଦେବି
ଯାହା ଅର୍ଜିଅଛୁ ଅବଶ୍ୟ ଭୁଞ୍ଜିବି ।
ଏକ ଅବଗୁଣ ଲକ୍ଷ୍ମଣ କଲା
କହି କର୍ମା ମୋତେ ଗୁଡ଼ିଣ ନ ଗଲା ।
ଏଭକ ହି ତାଙ୍କର ଅଛଇ ନା ଦୋଷ
ସ୍ୱାମୀର ଆଗ୍ୟାଂ ପୁଣି କରିବ ସେ କିସ ।
ମଲା ଧ୍ରାୟେ ବୁଦ୍ଧି ବିକଳ ହୋଇଥିଲି
ପତ୍ର ପଢ଼ି ସେ କପଟ ବୋଲି ଜାଣିଲି ।
ମୁହିଂ ଯେବେ ସତୀ ପତିରେ ଭଗତି
ପରପୁରୁଷକୁ ଯେବେ ନ ବଳଇ ମୋହର ମତି ।
ଗୁରୁ ଗଉରବେ ଭଗତି ମୋହର ଯେବେ
ଅଯୋଧ୍ୟାକୁ ଲକ୍ଷ୍ମଣ ଯାଉ ଏଥୁ ଶୁଭେ ।
ଶ୍ରୀରାମଙ୍କ ଆଗେ ଏ କଥା ଯାଇ କହୁ
ବାଟେ ଯାନ୍ତେଣ ତାକୁ ବଘ୍ନ ଜାତ ନୋହୁ ।

ଶ୍ରୀରାମଙ୍କ ଆଗେ ବାରତା ମୋହର କହୁ
ଶୁଣିକରି ରଘୁନାଥ ଯେ ଅରଷ୍ଟି ଶାନ୍ତ ହୋଇ ।
ଏବେ ମୁହି ଏଥି କିସ କରିବି
ବାଟ ନ ଜାଣଇ କେହୁଣ କତି ଯିବି । । ୨୫୦ ।
ରବିର କିରଣ ନଞ୍ଜନ ତିମିର ବ୍ୟାପିଲା
ସନ୍ଧ୍ୟାଭାଗ ଢଗ ଯେ ଅନ୍ଧାର ଆଚ୍ଛାଦିଲା ।

('ବିଚିତ୍ର ରାମାୟଣ',ରୁ ଗୃହୀତ)

*

# ହାତୀ ଝୁଲଇରେ

## ଜଗନ୍ନାଥ ଦାସ

ହାତୀ ଝୁଲଇରେ ଆସିବାର ବେଳ
ହାତୀ ଦେହୁ ବହୁଅଛି ମଏମତ୍ତ ଝାଳ ।
ଶ୍ରୀ ନୀଳକନ୍ଦରେ ହାତୀ ବନ୍ଧା ହୋଇଥିଲା
ସ୍ନାହାନ ନିମିତ୍ତ ହାତୀଶାଳରୁ ଫିଟିଲା ।
ଚନ୍ଦନ ପଲଙ୍କେ ହାତୀ ହୋଇଅଛି ଝୁଲ
ଗୁଳବା ଛଟକେ ହାତୀ ପଡୁଅଛି ଢଳ ।
କି ସୁନ୍ଦର ହୋଇ ହାତୀ ହୋଇ ମଏ ମତ୍ତ
ଚଉଦ ଭୁବନେ ହାତୀ ଅଟଇ କରତା ।
ଏମନ୍ତ ସୁନ୍ଦର ହାତୀ ଦେଖିବାକୁ ନାହିଁ
ଜଗନ୍ନାଥ ଦାସ ବୋଲେ ହାତୀ ନାମ କହ୍ନାଇ ।

*

ଶ୍ରୀରାମଙ୍କ ଆଗେ ବାରତା ମୋହର କହୁ
ଶୁଣିକରି ରଘୁନାଥ ଯେ ଅଛନ୍ତି ଶାନ୍ତ ହୋଇ ।
ଏବେ ମୁହିଁ ଏଥି କିସ କରିବ
ବାଟ ନ ଜାଣଇ କେହୁଣ କତି ଯିବ । ।୨୫୦।
ରବିର କିରଣ ନଉନ ତିମିର ବ୍ୟାପିଲା
ସନ୍ଧ୍ୟାଭାଗ ଢଗ ଯେ ଅନ୍ଧାର ଆଚ୍ଛାଦିଲା ।

(‘ବିଚିତ୍ର ରାମାୟଣ’,ରୁ ଗୃହୀତ)

*

# ହାତୀ ଝୁଲଇରେ

ଜଗନ୍ନାଥ ଦାସ

ହାତୀ ଝୁଲଇରେ ଆସିବାର ବେଳ
ହାତୀ ଦେହୁ ବହୁଅଛି ମଏମତ୍ତ ଝାଳ ।
ଶ୍ରୀ ମାଳକନ୍ଦରେ ହାତୀ ବନ୍ଧା ହୋଇଥିଲା
ସ୍ନାହାନ ନିମିତ୍ତ ହାତୀଶାଳରୁ ଫିଟିଲା ।
ଚନ୍ଦନ ଘଲଙ୍କେ ହାତୀ ହୋଇଅଛି ଝଳ
ଗୁଲବା ଛଟକେ ହାତୀ ପଡୁଅଛି ଢଳ ।
କି ସୁନ୍ଦର ହୋଇ ହାତୀ ହୋଇ ମଏ ମତ୍ତ
ଚଉଦ ଭୁବନେ ହାତୀ ଅଟଇ କରତା ।
ଏମନ୍ତ ସୁନ୍ଦର ହାତୀ ଦେଖିବାକୁ ନାହିଁ
ଜଗନ୍ନାଥ ଦାସ ବୋଲେ ହାତୀ ନାମ କହ୍ନାଇ ।

*

# ନମସ୍ତେ ପ୍ରଭୁ ଜଗନ୍ନାଥ

## ଜଗନ୍ନାଥ ଦାସ

ନମସ୍ତେ ପ୍ରଭୁ ଜଗନ୍ନାଥ । ଅନାଥ ଲୋକଙ୍କର ନାଥ ।
ନମସ୍ତେ ପ୍ରଭୁ ବାସୁଦେବ । ଭକତ ଜନଙ୍କ ବାନ୍ଧବ ।
ନମସ୍ତେ ପ୍ରଭୁ ହୃଷୀକେଶ । ଭକତ ଜନଙ୍କ ବିଶ୍ୱାସ ।
ନମସ୍ତେ ପ୍ରଭୁ ବିଶ୍ୱରୂପୀ । ସକଳ ହୃଦେ ଅଛୁ ବ୍ୟାପି ।
ତୁ ସୃଷ୍ଟି ସ୍ଥିତି ଲୟ କରୁ । ଆବର ଗର୍ଭରେ ସଂହରୁ ।
ଅଶେଷ କୋଟି ବସୁନ୍ଧରା । ତୋହର ଗର୍ଭେ ଛନ୍ତି ପୂରା ।
ଚଉଦ ଭୁବନ ଯା'କଣା । ଏ ସର୍ବ ତୋହର ରଚନା ।
ତୁ ବ୍ରହ୍ମା ରୁଦ୍ର ବିଷ୍ଣୁ ତୁହି । ତୋ ବିନୁ ଅନ୍ୟଗତି ନାହିଁ ।
ସୃଷ୍ଟି ତୋହର ଖେଳ ଘର । ଅଶେଷ ମାୟା ତୋ ଆବର ।
ତୋହର ନିଃଶ୍ୱାସ ମରୁତ । ଦେବେ ହୋଇଲେ ତହୁଁ ଜାତ ।
ତୁହିଟି ଅଗ୍ନିଦେବ ଇନ୍ଦ୍ର । ନୟନୁ ଜାତ ସୂର୍ଯ୍ୟ ଚନ୍ଦ୍ର ।
ଭୁଜରୁ ଅନନ୍ତ ମୂରତି । କଣ୍ଠରୁ ଜାତ ସରସ୍ୱତୀ ।
ସଦା ଚଞ୍ଚଳ ନିଦ୍ରା ନାହିଁ । ଏ ରୂପେ ଶୂନ୍ୟେ ଅଛୁ ରହି ।
ଅଶେଷ ତୋହର ମହିମା । କେ ଜାଣି ପାରେ ଗୁଣସୀମା ।
ତୋ ନାମ କରୁଥିଲେ ଲୟ । କୋଟିଏ ଜନ୍ମ ପାପ କ୍ଷୟ ।
ନାମ ଘୋଷିଲେ ସର୍ବସିଦ୍ଧି । ଖଣ୍ଡଇ ରୋଗ ଶୋକ ଆଧି ।
ଆରତ ଭଞ୍ଜନ ତୋ ବାନା । ଆତଙ୍କ କାଳେ ବଜ୍ର ସେହ୍ନା ।
ହୋଇଲୁ ଦଶ ଅବତାର । ନାଶିଲୁ ଅବନୀର ଭାର ।
ଦୁଷ୍ଟ ନିବାରି ସନ୍ଥ ପାଳୁ । ତୁ ନାଥ ପରମ ଦୟାଳୁ ।
ତୁ ଅଟୁ ଦରିଦ୍ରଙ୍କ ଧନ । ତୋ ପାଦେ ରହୁ ମୋର ମନ ।
ଯଥା ଯୁବତୀଙ୍କର ମନେ । ନିଜର ସ୍ୱାମୀ ଥାନ୍ତି ସେହ୍ନେ ।
ସେହି ପ୍ରକାରେ ମୋର ମନ । ତୋ ପାଦେ ରହୁ ଭଗବାନ ।
କହଇ ଜଗନ୍ନାଥ ଦାସ । କମଳ ଚରଣକୁ ଆସ ।

*

# ଉଠ ରାମ ପାହିଲା ରଜନୀରେ

## ଜଗନ୍ନାଥ ଦାସ

ଉଠ ରାମ ପାହିଲା ରଜନୀରେ ! ରଘୁମଣି
ତାମ୍ର ଚୂଡ଼ଙ୍କର ବାଣୀ    ଶୁଣି ଶ୍ରୀରାମ ଜନନୀ
କହେ କଉଶଲ୍ୟା ରାଣୀ    ଉଦେ ହେଲେ ଧନମଣି ।

ମରାଳ ଆରୋହୀ ଏକ    ଦ୍ୱିଜବର ଚତୁର୍ମୁଖ
ପ୍ରାଙ୍ଗଣରେ ଛନ୍ତି ଦେଖ    ଅଙ୍ଗେ ପୂରିଛି ପୁଲକ
ସାମ ବେଦ ଘୋଷି ପୁଣ-ପୁଣିରେ ।

ବୃଷଭ ପରେ ଈଶ୍ୱର    ବିଜୟେକ ଜଟାଧାରୀ
ମସ୍ତକ ଉପରୁ ବାରି    ବହୁଅଛି ଝର ଝର
ଅନୁକ୍ଷଣେ ତୋହ ନାମ ଭଣିରେ ।

ଆହୁରି ବିପ୍ରେକ ତହିଁ    ବ୍ରହ୍ମଚାରୀ ବେଶ ହୋଇ
ବୀଣା ହୃଦରେ ଲଗାଇ    ନାଚୁଛନ୍ତି ଭୋଳ ହୋଇ
ଅଶ୍ରୁପାତେ ତିନ୍ତିଲା ଅବନୀ ରେ ।

ଅନେକ ଦେଶରୁ ପତି    ପ୍ରାଙ୍ଗଣରେ ପୂରିଛନ୍ତି
ଭିକ୍ଷା ଦେଲେ ନ ନଅନ୍ତି    ତୋ ଦର୍ଶନେ ଆସିଛନ୍ତି
ଉଠ ବେଗେ କର ଯା ମେଲାଣି ରେ ।

ଶୁଣି ମାତାଙ୍କ ଉତ୍ତର    ପଲଙ୍କ ତେଜି ସତ୍ୱର
ଅନ୍ତଃପୁରରୁ ବାହାର    ଦେଖି ବିରଞ୍ଚି ଶଙ୍କର
କରଯୋଡ଼ି ନାନା ସ୍ତୁତି ଭଣିରେ ।

କହେ ଜଗନ୍ନାଥ ଦାସ    ଆହେ ଜାନକୀ ବିଳାସ
ମୋହର ଯେ କର୍ମଦୋଷ    କେ କରିପାରେ ଉଲ୍ଲାସ
ତୋ ବିନା କେ ଅଛି ମେଦିନୀରେ ।

*

# ଆଉ ଏଣିକିରେ ମନ

### ଜଗନ୍ନାଥ ଦାସ

ଅଉ ଏଣିକରେ ମନ ଭୁଲୁ କାହିଁକ ?
ଉଡୁଛି କାଳ ହୁଆଣ ମନେ ନାହିଁକ ?

ଅଙ୍କରି ତୋ କଳ ପଣା      ଛେଦପକା ବେନ ଡେଟା
ଶୂନ୍ୟରେ ବାଜୁଛି ଘଣା ଶୁଣା ନାହିଁକ ?

ହାଟରେ ପାଞ୍ଚ ପାଇକ      ହେଉଛନ୍ତି ଡାକହାକ
ହାଟ ସରିଲେ ବଣିକ ଆଉ ଥାଇ କି ?

ସୁନା ପଞ୍ଜରୀରେ ଶୁଆ      ଢନା କେତେ ନୂଆ ନୂଆ
ଉଡ଼ିଗଲେ ଶାରୀ ଶୁଆ ଧର ପାଇ କି ?

ଭ୍ରୂଲତା ମଧ୍ୟରେ ଅନା      ହିକୂଟେ ଉଡ଼ୁଛି ବାନା
ହଜିଲେ ପରମ ସୁନା ଆଉ ପାଇକ ? ।୧୦।

ଓକାର ମଧ୍ୟରେ ଦେଖ      ଏଲଟି ରହିଛି ହଂସ
କହେ ଜଗନ୍ନାଥ ଦାସ ଅନୁସର କି ?

*

# ବର୍ଷା

## ଜଗନ୍ନାଥ ଦାସ

ଏବେ ଗ୍ରୀଷମ କାଳ ଗଲା । ବରଷା ଋତୁ ପ୍ରକାଶିଲା ।
ସକଳ ଋତୁଙ୍କର ସାର । ଶସ୍ୟ ସମ୍ପଦ ମଞ୍ଜ ପୁର ।
ମେଘେ ମିଳିଲେ ଶୂନ୍ୟ ପଥେ । ବିଜୁଳି ଶବଦ ସଙ୍ଗତେ ।
ଭୂମି, ସାଗର, ଶୂନ୍ୟେ ବ୍ୟାପି । ନୀଳ ଜୀମୂତ ବିଶ୍ୱରୂପୀ ।
ଯେମନ୍ତେ ନବଖଣ୍ଡ ଆକାଶ । ଭୂମିର ରସ ଅଷ୍ଟମାସ ।
ଆଦିତ୍ୟ କରିଥିଲା ଗ୍ରାସ । ସେ ତାପ କଲା ମେଘ ନାଶ ।
ମହୀମଣ୍ଡଳ ଦୁଃଖ ଭୁଞ୍ଜିଁ । ଜଳ ଗ୍ରହିଲା ତୋଷ ହୋଇ ।
ଘୋର ଶବଦେ ମେଘମାଳ । ଗର୍ଜିଣ ବରଷନ୍ତି ଜଳ ।
ପ୍ରାଣୀ ଜୀବନ ଜଳ ରାଶି । କରୁଣା ଚିତ୍ତରେ ବରଷି ।
ପୃଥିବୀ ରବିତପ୍ତ ଗ୍ରାସେ । ତାପିତ ଥିଲା ଅଷ୍ଟମାସେ ।
ଜଳ ପାଇଲେ ତୋଷ ଚିତ୍ତେ । ତପସ୍ୱୀ ଜନଙ୍କର ମତେ ।
ତପସ୍ୟା ଫଳ ଯେହ୍ନେ ପାଇ । ଭୁଞ୍ଜନ୍ତି ଅତି ସୁଖୀ ହୋଇ ।
ଖଦ୍ୟୋତ କୀଟ ନିଶାମୁଖେ । ଜଗତ ଆବୋରିଲେ ସୁଖେ ।
ପାଷାଣ୍ଡେ ଯେହ୍ନେ କଳିଯୁଗେ । ବେଦ ନିନ୍ଦନ୍ତି ଯୋଗ ମାର୍ଗେ ।
ମଣ୍ଡୂକେ ମେଘ ନାଦ ଶୁଣି । ଗର୍ଜନ୍ତି ଆବୋରିଣ ପାଣି ।
ଅଳପ ନଦୀଏ ପୂରିଲେ । ଲହରୀ ମତେ ଉଚ୍ଛୁଳିଲେ ।
ନାନା ପ୍ରକାରେ ଶସ୍ୟ ରାଶି । ଏଣେ ପୂରିତ ମହୀ ଦିଶି ।
ଛତ୍ରୁ ଯେ ଛତ୍ର ପ୍ରାପ୍ତ ହୋଇ । ରାଜାର ପ୍ରାପ୍ତେ ଦଶେ ମହୀ ।
ଶସ୍ୟ ସଂପଦ କ୍ଷେତ୍ର ମତେ । ଦେଖି ସାନନ୍ଦ ପ୍ରାଣୀ ଚିତ୍ତେ ।
ଅଶେଷ ଜୀବ ଜଳ ସ୍ଥଳେ । ଜଳ ଭକ୍ଷିଲେ କୁତୂହଳେ ।
ଦୀନଙ୍କୁ ଦାନ ପୁଷ୍ଟ ହୋଇ । ହରି ସେବକ ପ୍ରାପ୍ତ ଦେହୀ ।
ସମୁଦ୍ର ନଦୀଙ୍କର ମେଳ । ଲେଉଡ଼ି ପାଇଲେ ପୂର୍ଣ୍ଣ ଜଳ ।
ଅଳପ ଯୋଗୀଙ୍କର ଚିତ୍ତ । ଯେହ୍ନେ ଚଞ୍ଚଳ ଗୁଣେ ଗ୍ରସ୍ତ ।
ପର୍ବତେ ଜଳଧାରଚୟ । ପଡ଼ନ୍ତେ ନ କରନ୍ତି ଭୟ ।
କୃଷ୍ଣ ଆଶ୍ରିତ ପ୍ରାଣୀ ଯେହ୍ନେ । ଦୁଃଖିତ ନୁହନ୍ତି ବ୍ୟସନେ ।
ପଥ ହୋଇଲା ତୃଣମୟ । ବାଟର ନ ମିଳିଲା ଥୟ ।

ବ୍ରାହ୍ମଣ ବେଦ ପାଶୋରିଲେ । ଯେମନ୍ତ ହୁଅନ୍ତି ପସୁରିଲେ ।
ଜଗତ ବନ୍ଧୁ ମେଘମାନେ । ବିଜୁଳି ନ ରହେ ନିଶ୍ଚଳେ ।
ଗୁଣୀ ପୁରୁଷଙ୍କର ଭୁଲେ । ବିଟପୀ ମନ ଯେହ୍ନେ ଟଳେ ।
ଶବଦ ଭୁଲେ ଇନ୍ଦ୍ର ଗୃପ । ଗଗନେ ଶ୍ୱେତ ସାତ ରୂପ ।
ଗର୍ଜନ୍ତି ଗୁଣେ ହୋଇ ଯୁଚେ । ନିର୍ଗୁଣ ପୁରୁଷ ଯେମନ୍ତେ ।
ଚନ୍ଦ୍ର ନ ଦିଶେ ମେଘାଚ୍ଛନ୍ନେ । ମିଥ୍ୟା ବଚନେ ସତ୍ୟ ଯେହ୍ନେ ।
ମୟୂରେ ଗିରି ପୃଷ୍ଠେ ଥାଇ । ନୃତ୍ୟ କରନ୍ତି ମେଘ ଚାହିଁ ।
ଅତିଥି ଦେଖି ବିଦ୍ୱଜ୍ଜନେ । ଯେସନେ ତୋଷ ହୁଅନ୍ତି ମନେ ।
ବୃକ୍ଷଙ୍କ ମୂଳେ ଜଳରାଶି । ଫଳ ପଲ୍ଲବ ଯେ ପ୍ରଶଂସି ।
ତପର ଅନ୍ନେ ଫଳ ପାଇ । ତପସ୍ୱୀ ଯେହ୍ନେ ତୁଷ୍ଟ ହୋଇ ।
ବରଷା ଦେଖି ନର ନାରୀ । ଯେସନେ ଗୃହ ବାସ କରି ।
ଜଳ ପ୍ରବାହେ ବନ୍ଧ ଭଙ୍ଗେ । ଯେହ୍ନେ ପାଷାଣ୍ଡେ ବେଦମାର୍ଗେ ।
ମେଘ ପବନ ଯୋଗେ ବଢ଼ି । ଅମୃତ ପ୍ରାପ୍ତ ଜଳ ଗୁଡ଼ି ।
ବିପ୍ରଙ୍କ ବୋଲେ ମହୀପାଳେ । ଯେହ୍ନେ ଦିଅନ୍ତି ଦାନ କାଳେ ।
ବରଷା ରସେ ବନ ଭୂଇଁ । ଖର୍ଜୁର ଜମ୍ବୁମୟ ହୋଇ ।
ଗୋରୁ ଗୋପାଳ ସଙ୍ଗେ ଧେନୁ । ବନେ ବିଜୟ ଅନ୍ତର୍ଯାମୀ ।
ଗାଈଏ ସ୍ତନଭର ହୋଇ । କର୍ଦ୍ଦମେ ନ ପାରନ୍ତି ଯାଇ ।
କୃଷ୍ଣର ଡାକ ଶୁଣି କର୍ଣ୍ଣେ । ନିକଟେ ମିଳିଲେ ବହନେ ।
ବନରେ ଯେତେ ଜନ୍ତୁ ଥିଲେ । ଗିରି କାନନ ଆଶ୍ରେ କଲେ ।
ସକଳ ବୃକ୍ଷେ ମଧୁ ଦ୍ରବ୍ୟ । ବରଷା ଋତୁର ସ୍ୱଭାବ ।
ଗାଈ ଚରନ୍ତି ବୃନ୍ଦାବନ । ଉଷନ୍ତି କନ୍ଦମୂଳମାନ ।
ବସନ୍ତି ବୃକ୍ଷଙ୍କର ତଳେ । ଦିନ ହରନ୍ତି ବୃଷ୍ଟି ବେଳେ ।
ଦଧି ଅନ୍ନହିଁ ଘରୁ ଆଣି । ଜଳ ନିକଟେ ଚକ୍ରପାଣି ।
ଗୋପାଳ ଟମଳେ ବେନି ଭାଇ । ଭୁଞ୍ଜନ୍ତି ଶିଳାପରେ ଥୋଇ ।
କୋମଳ ଘାସେ ପଶୁମାନେ । ଶୁଅନ୍ତି ନିଦ୍ରିତ ଲୋଚନେ ।

('ଭାଗବତ', ଦଶମସ୍କନ୍ଧ, ୧୧ଶ ଅଧ୍ୟାୟରୁ ଗୃହୀତ)

*

# ଶ୍ରୀଗୁଣ୍ଡିଚା ବିଜୟ

## ଜଗନ୍ନାଥ ଦାସ

ହରି ହର ବ୍ରହ୍ମା ସ୍ୱୟେ ଅବତାର ନୀଳଗିରିରେ ପ୍ରକାଶ
ନାନା କଉତୁକେ ଲୀଳା କରିବାକୁ
ବଉଦ୍ଧ ରୂପେ ପ୍ରକାଶ, ହେ ହରି ।
କରେ ଶଙ୍ଖ ଚକ୍ରଗଦା ଧରି, ହେ ହରି
ନୀଳକନ୍ଦରେ ବିଜୟ କରି ହେ
ମହାଭାଗକୁ ଉଲ୍ଲାସ କରି ସେ । ।୧।

ହଳ ମୂଷଳ ଯେ କରେ ଶୋଭିବନ ଶିରେ ଶୋହେ ସପ୍ତଫେଣୀ
ଧରଣୀଛଳେ ଶଙ୍କର ଅବତାରେ ବୋଲାଇଲ ହଳପାଣି, ସେ ରାମ ।
ରୂପେ ବିଶନ୍ତ ଅତି ଉପାମ ସେ
ସେ ଯେ ପ୍ରତକ୍ଷେ ଅଟନ୍ତି କାମ
କାମ ଦହ୍ନଂ କାମପାଳ ନାମ ସେ । ।୨।

ଗୋବିନ୍ଦ ଭେଟ ନ ପାଇ ବେଦମତି ବସ୍ତି ହରି ଘେନିଗଲା
ଶାପ୍ୟରୁ ମୁକତି ହୋଇବା ନିମନ୍ତେ ସୁଭଦ୍ରା ରୂପ ଧଇଲା, ସେ ଭଲା ।
ତିନି ଦେବଙ୍କ ମଧ୍ୟେଂ ରହିଲା ସେ
ହରିଦର୍ଶନ ପୂଜା ପାଇଲା ସେ
କୋଟି ଜନ୍ମର ପାତକ ଗଲା ସେ । ।୩।

ସଂସାରେ ଯେତେକ ଉତ୍ସବ ଆନନ୍ଦ ସବୁହିଂ ତାଙ୍କ ଭିଆଣ
ଫଗୁଣେ ଦୋଳ ବୈଶାଖରେ ଚନ୍ଦନ କଉତୁକେ ନାଗପୂଣ, ସେ ହରି ।
ଦେବସ୍ନାନ ମଣ୍ଡପେ ବିଜେ କରି ସେ
ଯେବେ ଅଣସରେ ବିଜେ କରି ସେ
ମଥା ଭରି ହେଲା ବୋଲିକରି ସେ । ।୪।

ପନ୍ଦର ଦିନ ଅଣସର ସାରିଣ ଦିନେକ ନେତ୍ର ଉଚ୍ଛବେ
ଦେବ ଦାନେବ ମାନେବ ଆଦିକରି ଦେଖିଣ ମୁକତି ସର୍ବେ, ସେ ଜନେ ।
ସ୍ୱର୍ଗୁଂ ଅଇଲେ ଦେବତାମାନେ ସେ
ହରିବାଣୀ ଶୁଣୁଥିଲେ କର୍ଣ୍ଣେ ସେ
କଳା ଶ୍ରୀମୁଖ ଦେଖି ନୟନେ ସେ । ।୫।

ବଳରାମ ହରି ସୁଭଦ୍ରା ସନ୍ଧ୍ୟରେ ବସିଣ କରନ୍ତ ପଞ୍ଜା
ଆମ୍ଭ ବସ୍ଥରକୁ ପ୍ରେମନ୍ତ ଦଶିଲା କାଲି ହୋଇବ ଗୁଣ୍ଡିଚ୍ଚ, ସେ ଭାଇଂ ।
ତୁମ୍ଭ ବସ୍ଥରକୁ କ ଯୋଗାଇ ସେ
କାଲି ଦିନ ଉତ୍ତମ ଅଟଇ ସେ
ପାପୀ ନସ୍ତାର ହୋଇବେ ସୃଷ୍ଟିଂ ସେ । ।୬।

ଶୁଣି ବଳଦେବ ହରିଙ୍କି ବୋଲନ୍ତି କସ ବସ୍ଥରବୁଂ ଆମ୍ଭେ
ଘରଣୀ ତୁମ୍ଭର ବଡ଼ ଦୁରୁଦଣ୍ଡ ତାଙ୍କୁ ବୋଧକର ତୁମ୍ଭେ, ସେ ମୁରାରି ।
ବଡ଼ ଦୃଦଣ୍ଡ ସିନ୍ଧୁ କୁମାରୀ ସେ
ତାଙ୍କ ବୋଇଲେ ସେ ଯାଇ ପାର ସେ
ତୁମ୍ଭେ ଚଳ ଯା ଲକ୍ଷ୍ମୀଙ୍କ ପୁରୀ ସେ । ।୭।

ପ୍ରଭୁଙ୍କ ବଚନେ ନକେ ଜଗନ୍ନାଥ ମିଳିଲେ ଲକ୍ଷ୍ମୀଙ୍କ ପାଶ
ହସି ଜଗନ୍ନାଥ ବସି ବୋଲନ୍ତି ଭଳବା ପ୍ରେଠାକୁ ଆସ, ଗୋ ଜୀବନ ।
ଶତ୍ତେ ନ ଧରିବ ତୁମ୍ଭେ ଆନ ଗୋ
ଆମ୍ଭେ କଥାଏ କହିବୁଂ ଘେନ ଗୋ
ତୁମ୍ଭେ କୋପ ନ କରିବ ମନ ଗୋ । ।୮।

ରଜନୀ ପାହିଲେ ଗୁଣ୍ଡିଚ୍ଚ ଉଚ୍ଛବ ଶୁଣ ଗୋ ସିନ୍ଧୁକୁମାରୀ
ତେଣୁ ତୁମ୍ଭଙ୍କୁ କହିବାକୁ ଅଇଲୁଂ କାଲି ଯିବୁଂ ଯାହାକରି, ଗୋ ସଙ୍ଗାତ ।
ତୁମ୍ଭେ କୋପ ନ କରିବ ଚିତ୍ତ ଗୋ
ତହିଂ ନଥିବୁଂ ଦିନ ବହୁତ ଗୋ
ଯାହା ସାରି ଆସିବୁ ତୁରିତ । ।୯।

ପ୍ରଭୁଙ୍କ ବଚନ ଶୁଣି କମଳିଣୀ ବୋଲନ୍ତି ଶୁଣ ମୁରାରୀ
ତୁମ୍ଭ ମନେ ଯେବେ ଶରଧା ନୋହିଲା ପ୍ରେକାଯିବ ଯାହା କରି, ହେ ମାଧବ ।
କେବେ ଯାହା କରି ତୁମ୍ଭେ ଯିବ ହେ
ଫେଡ଼ି ମୋହ ଆଗରେ କହିବ ହେ
ମାୟା ମୋହଠାରେ ନ କରିବ ହେ । ।୧୦।

ଶ୍ରୀହରି ବୋଇଲେ ଶୁଣ ହେ କମଳା ସଙ୍ଗେ ଯିବେ ଜ୍ୟେଷ୍ଠ ଭାଇ
ଲୋକ ଗହଳେ ଛୁଆଁ ଛୁଇଁ ହୋଇବ ତୁମ୍ଭ ଯିବା ନ ଯୋଗାଇ, ହେ କମଳା ।

ସରସ୍ୱତୀ ସଙ୍ଗେ କରି ଖେଳା ଗୋ
ପାଶେ ଖଟିଣ ଥିବ ବିମଳା ଗୋ
ତାଙ୍କୁ ଯେଜନ କରୁଥିବ ମାଳା ଗୋ । ।୧୧।
ଲକ୍ଷ୍ମୀଙ୍କି ତିଆରି ଦେବ ଜଗନ୍ନାଥ ବଳଦେବଙ୍କୁ ଗାଇଲେ
ବିବିଧ ବେଶ ହୋଇ ତିନି ମୂରତି ଚଢ଼ାଉ ଲାଗି ହୋଇଂଲେ, ସେ ନରେ ।
ଦାରୁବ୍ରହ୍ମରୂପ ହରିହରେ ହେ
ଦେଖି ପାପ ନ ରହେ ଶରୀରେ ହେ
ସେବା ଲୋକଙ୍କୁ ଆଗଂ୍ୟା ସେ ଦେଲେ ହେ । ୧୨ ।
ପଶୁ ପାଳେକ ସେ ଭଣ୍ଡାରନାୟକ ପଣ୍ଡା ମୁଦିରଥ ଗଲେ
ପମାର ମାରସେ କର୍ପୂର ଚନ୍ଦନ ପ୍ରଭୁ ଅଙ୍ଗରେ ଲେପନ କଲେ, ସେ ବେଢିଣ ।
ଗନ୍ଧ ଲେପନ୍ତି ଫେଡ଼ାଫେଡ଼ିଣ ସେ
ଚୂଳେ ସେବକ୍ତି ଭିଡ଼ି ବାନ୍ଧିଣ ସେ
ପ୍ରଭୁ ପହଣ୍ଡି ବିଜେ କରିଣ ସେ । ।୧୩।
ପହଣ୍ଡି ବିଜେପୂ କରି ଜଗନ୍ନାଥ ରଥେ ବିଜେ କରି ଯାଇଂ
ଲଙ୍କାଗଡ଼ରୁ ପାଚେରୀ ଭୁଟିଗଲା ଦେଖିଲଇଂ ଲଙ୍କ ଧାଇଂ, ସେ ହରି ।
ଶୁଭେ ବାଜେ ମଙ୍ଗଳ ମହୁରୀ ସେ
ତିନି ମୂର୍ତ୍ତି ରଥେ ବିଜେକରି ସେ
ମୁଖ ଶବଦ ବ୍ରହ୍ମାଣ୍ଡ ପୂରି ସେ । ।୧୪।
ଦଉଡ଼ି ଧରି ତିନିରଥ ଓଟାରି ତିନିରଥ ଚଳା ଚଳି
ଦେବ ମାନବେ ହରିହରି ବୋଲନ୍ତେ ଶବଦେ ସିନ୍ଧୁ ଉଚ୍ଛୁଳି, ସେ ଦେଖି ।
ଶୋଭା ପାଉଛି କଳା ଶ୍ରୀମୁଖ ସେ
ହରିହରି ବୋଲି ସର୍ବ ଲୋକ ସେ
ଗୃହିଁ ସକଳ ପାପ ଉପେଖି ସେ । ।୧୫।
ଫଳ କଦଳୀ ନଡ଼ିକାଳ ଆଣିଣ ବେନି ପାଖେ କଲେ ଗୂରି
କେ କେଣେ ଛୁଣ୍ଡାଇ ଯେନି ପଳାବନ୍ତି କେ ବୋଲଇଂ ମାରଧରି, ସେ ତହିଁ ।
ହୁରିଜୁରି କେ ଯେନି ପଳାଇଂ ସେ
ମାତା ପିତା ବୋଲି କେ ରୋବଇଂ ସେ
ଫୁଟି ପାଣିପଣା କେ ପିଅଇଂ ସେ । ।୧୬।

ଯେମନ୍ତ ସମୟେ ଏକ ପରିବାରୀ ଲକ୍ଷ୍ମୀଙ୍କି କହିଲେ ଯାଇଂ
ଆଗେ ବଳଭଦ୍ର ପଛେ ଜଗନ୍ନାଥ ମଧ୍ୟଂରେ ସୁଭଦ୍ରା ଦେଇଂ, ଗୋ ମାୟେ ।
ଚଳିଗଲେ ବଳଗଣ୍ଡି ଯାୟେ ଗୋ
ଆଗେ ଉଭା ଗଜପତି ରାୟେ ଗୋ
ତାଙ୍କ ସଙ୍ଗେ ସର୍ବ ଦେବତାୟେ ଗୋ । ।୧୭।

ଶୁଣି କମଳଣୀ କୋପେ ଗୁରୁତର ମୁଖ ଶୁଖାଇଂ ବିରସ
ସରସ୍ୱତୀ ଦେବୀ ବିମଳା ସହିତେ ହକାରି ଆଣିଲେ ପାଶ, ସେ ଦେଖ ।
ଆଜ ଗୃହିଂମେକ ଆମ୍ଭ ମୁଖ ଗୋ
ଏକା କରିଗଲେ ପଦ୍ମମୁଖ ଗୋ
ଆଜ ଲୋଡ଼ିଲେ କାହିଂଛି ସୁଖ ଗୋ । ।୧୮।

ତେଣୁ କରି ମୋତେ ଆଗୁଂ ଛିଆରିଲେ ବେଳହୁଂ ଥିଲେ ବିଗୁର
ବଢ଼ିଲା ଭୟେଣୀ ସଙ୍ଗେ ଘେନି କରି ଉପେଖିଲେ ନିଜ ନାରୀ, ଗୋ ସହି ।
ତାଙ୍କ ବିଗୁର କସ ଯୋଗାଇଂ ଗୋ
ବୋଇଲେ ଆମ୍ଭେ ଯିବୁଂ ଦୁଇ ଭାଇଂ ଗୋ
ଯେବେ ସୋଭଦ୍ରା ରଙ୍ଗେ ଚଳଇଂ ଗୋ । ।୧୯।

ତାଙ୍କ ବିଗୁରେ ଶରଧାରେ ନ ନେଲେ ଲୋକେ ଶୁଣିବାକୁ ଲାଜ
ଛନ୍ଦ ଭୂମିକ ବଢ଼ାଇ ଘେନିଗଲେ ଅବଶ୍ୟ ଲଭିବେ କାର୍ଯ୍ୟ, ଗୋ ସଖୀ ।
ଆଜ ଜାଣିଲା ହରିଣୀ ମୁଖୀ ଗୋ
ତୁମ୍ଭେମାନେ ହୋଇଥାଅ ସାକ୍ଷୀ ଗୋ
ମୋତେ କରିଗଲେ ନିରିମାଖି ଗୋ । ।୨୦।

ଦେଢ଼ଶୁର ମୋର ମଉନ କଣ୍ଠିଆ ମିଛେ ତୁନି ହୋଇଥାନ୍ତି
ଭଏଣୀ ନାୟିକ ସଙ୍ଗତରେ ଘେନି ଆଗେ ରଥ ବାହିଯାନ୍ତି, ଗୋ ଶୁଣ ।
ମୋତେ ବାଛୁଥାଅ ତାଙ୍କ ଗୁଣ ଗୋ
ଅବେଭାର କଲେ ନାରାୟଣ ଗୋ
ଭାଇ ଭଉଣୀଙ୍କର ଏ ଗୁଣ ଗୋ । ।୨୧।

କେନ ଭାଇଙ୍କର ମଧ୍ୟରେ ସୁଭଦ୍ରା ଦୋହିଂତା ପ୍ରାୟେ ହିଟଇ
ଝାମ୍ପିଲା ବାଢୁଣୀ ଭାଇଙ୍କି ଘେନିଣ ତାଙ୍କୁ ନ ଦେଖିଲା କେହିଂ ଗୋ ସଜନୀ ।

ଲାଜେ ପଳାଇଲା ଯେ ରଜନୀ ଗୋ
ଉଠିଗଲେ ଉପେ୍ଡଣୀ କ ଘେନ ଗୋ
ଉଠା ବଇଂଠା ଯେ ବ୍ରଜମାନ ଗୋ । ।୨୨।

ଆମ୍ଭ ମୁହଂାସ ଛଡ଼ାଇଂ ଜଗନ୍ନାଥ ପିବାବେଳେ ନ କହୁଂଲେ
ନୀଳଗିରି ଆଶ ନଷ୍ଟଯେ ଛଡ଼ାଇ ଡିଙ୍କିଶାଳ ଆଶ କଲେ, ଗୋ ସଙ୍ଗାତ ।
ଯେବେ ଧରଣୀ ପାଇଲେ ଚହୁଂ ଗୋ
ତେଣେ ଧର କରିବେ ନଶିନ୍ତ ଗୋ
ତାଙ୍କ ତା ଜାଣିଲା ସେ ମନଚଣ୍ଡ ଗୋ । ।୨୩।

ମନ ଜାଣି କରି ଅନ୍ନ ପରଷିବ ମୁହୁଂ ଚୁହୁଂଥିବ ବସି
ଲକ୍ଷ୍ମୀଙ୍କ ବଚନ ଶୁଣି ସରସ୍ୱତୀ କମଳାଙ୍କୁ ଚୁହିଁ ହସି, ଗୋ ପୋଡୁ ।
ଯେବେ ଭଣୋଇଂ ହୋଇଲେ ସଡୁ ଗୋ
ବାହୁଂ ଆଗେ ପିନ୍ଧାଇବେ ଖଡୁ ଗୋ
ଲାଜ ଚଳୁରେ ଖାଇଲେ ଲଡୁ ଗୋ । ।୨୪।

ଯେତେ କାଳସାକ ଗୁପତରେ ଗଲା ଏବେ ହେଲାଣି ନଅତ
କେମନ୍ତ କରି ଜନମୁଖ ଚୁହୁଂବେ ନାହୁଂ ଲାଜ ବଳଖିତ, ଗୋ ମିତ ।
କସ ବୋଲିବେ ତାଙ୍କୁ ଜଗତେ ଗୋ
ଲଜ୍ଜା ନ ପାଇ ମିଳିଲେ ଯେଥ ଗୋ
ମୋତେ କରିଗଲେ ଅରଖିତ ଗୋ ।୨୫।

ମୋହନ ବଦ ସେ ବାହେ ବାନ୍ଧଥାଇ କେହୁ ନ ଜାଣନ୍ତି ସନ୍ଧି
ପାର୍ଥ ଧନୁର୍ଦ୍ଧର କଣ୍ଠେ ଭୁଲିଲା ଯେବେ ଘରିଙ୍କି ସେ କଲା ବନ୍ଦୀ, ଗୋ ଚୁଲି ।
କେହୁ ନ କଲ ତ ମୋର ବୋଲ ଗୋ
ଯେବେ ଦେଖିବ ମୋହର ବୋଲ ଗୋ
ଭେଟ ପଡ଼ିଲେ ସାରିବ ସଲ ଗୋ । ୨୬ ।

ନିଜ ସେବକଙ୍କ ସଙ୍ଗେ କମଳଣୀ ହାନ୍ଦୋଳାରେ ବଜେ କଲେ
କେତେଦୂର ଯାଇଂ ଲୋକନ୍ତ ପତ୍ରର ବଳଗଣ୍ଡିଠାରେ ଭେଟ ହେଲେ, ସେ ଯାଅ ।
ମାଗି ସେବକ ଲୋକ ଲୋଟାଅ ସେ
ରଥ ଭାଙ୍ଗ ଭୂଇଁତେ ପକାଅ ସେ
ତୁମ୍ଭ ଜଗନ୍ନାଥଙ୍କୁ ସେ କହ ଗୋ । ୨୭ ।

ଆଗ୍ୟାଂ ପାଇ ଦାସୀ ଗୋଳ ଭିଆଇଲେ ଡ଼ର ସେବକ ପଳାଇଂ
ଥାଇଂ ଜଗନ୍ନାଥ ଆଗରେ କହିଂଲେ କମଳା ଅଇଲେ ବାହିଂ, ହେ ହରି ।
ଧନବସ୍ତୁ ନେଲେ ଦୁର କରି ହେ
ଭୟେ ପଳାଇଲୁ ଆମ୍ଭେ ଡରି ହେ
ଦାସୀମାନେ କଲେ ହୁରି ଜୁରି ହେ । ୨୮ ।

ଉତରେ ଜଗନ୍ନାଥ ସ୍ବାମୁକୁ ନ ଯାଇଂ ଯମେଶ୍ବରଙ୍କୁଂ ସେ ରାଇଂ
ନାଉକେଶ୍ବର ସେ ମାରକଣ୍ଡେଶ୍ବର ବେଗେ ତୁମ୍ଭେ ଯାଅ ଧାଇଂ, ହେ,ଯାଅ ।
ଆମ୍ଭ ବିନନ୍ତି ବୋଲି ବୁଝାଅ ହେ
ଦାସୀମାନଙ୍କୁ ଲାଞ୍ଚ ଦିଆଅ ହେ
ତାଙ୍କ ମନ ସନ୍ତୋଷ କରାଅ ହେ । ୨୯ ।

ପ୍ରଭୁ ଆଗ୍ୟାଂ ପାଇ ତିନ ଦେବ ଯାଇଂ ମିଳଲେ ଲକ୍ଷ୍ମୀଙ୍କ ଆଗେ
ଅନେକ ପ୍ରକାର ପ୍ରବୋଧି କହନ୍ତି ଦେବୀ କଥା ନ ଶୁଣନ୍ତି ରାଗେ, ଗୋ ମାୟେ ।
ତୁମ୍ଭେ କେଣିକ କଲ ବିଜୟେ ଗୋ
ଉତରେ ଜଗନ୍ନାଥ କଲେ ଭୟେ ଗୋ
ଆମ୍ଭେ ସ୍ବରୂପ କହୁଁ ଥୋକାୟେ ଗୋ । । ୩୦ ।

ତିନ ଦେବ ଆମ୍ଭେ ଆଗେ ହୋଇଥିବୁଂ ବାହୁଡ଼ା ବିଜୟେ କରି
ନବଦିନେ ନୀଳଗିରିରେ ପ୍ରବେଶ ହୋଇଂବେଟି ଦାମୋଦର, ଗୋ ଯିବ ।
ଜଗନ୍ନାଥଙ୍କ ଦୋଷ କହିବ ଗୋ
ଆମ୍ଭ ବିନୟ ବାରେ ଘେନମ ଗୋ
ଦାସୀମାନେ ଲକ୍ଷ୍ମିଙ୍କି କହିବ ଗୋ । ୩୧ ।

ଦାସୀ ଲାଞ୍ଚ ପାଇଂ କମଳାଙ୍କୁ କହିଲେ ଚାଲ ଯିବା କମଳଣୀ
ଭୟେ ଜଗନ୍ନାଥ ପାଶକୁ ନଇଲେ ଆମ୍ଭ କୋପାନଳ ଜାଣି, ଗୋ ଯିବା ।
ତାଙ୍କ କଷ୍ଟ ଜାଣି ବାହୁଡ଼ିବା
ଦିନା ଚାରି ଭୁନ ହୋଇଥିବା ଗୋ
ତାଙ୍କ କଷ୍ଟ ପୂରିଲେ ଆସିବା ଗୋ । । ୩୨ ।

ବାହୁଡ଼ ଦେବୀ ନିଜ ପୁରେ ପ୍ରବେଶ ମନରେ ନାହିଂ ହରଷ
ପଞ୍ଚପଠାରୁ ଦିନା ଚାରି ଗଲା ପଞ୍ଚମୀ ହୋଏ ପ୍ରବେଶ, ଲୋ ଶୁଣ ।

ଆଜ ଯାଏଁ ତ ନଇଲେ ପୁଣ ଲୋ
ଯେବେ ଆସିବେ ତ ନେଉଟିଣ ଲୋ
ତାଙ୍କ କାର୍ଯ୍ୟ ନାହିଂ ଆମ୍ଭରେଣ ଲୋ ।୩୩।

ହେଉ ବୁଲି ବୁଲି ଯାନ୍ତ୍ୟେକ ଯିବା ଦାସୀମାନଙ୍କୁଂ ସାଇଂ
ରତ୍ନ ହାଣ୍ଡୋଳାରେ ବସେ କମଳଣୀ କାଲି ନବରକୁ ଯାଇ, ରେ ବଛ ।
କକେ ତାହାଙ୍କ ସଙ୍ଗରେ ଅଛ ରେ
ବଡ଼ ଟଣ୍ଡିଆ ସେହୁ ଶ୍ରୀବତ୍ସ ରେ
ଯେତେ କଥା କହୁଥିଲେ ମିଛ ରେ ।୩୪।

ହସି ଜଗନ୍ନାଥେ ବଚନ କହନ୍ତି ଆମ୍ଭର ଦୋଷ ନ ଘେନ
ଆଉ ସୁରଦନ ମୁଚ୍ଛୁଥାଅ ତୁମ୍ଭେ ବାହୁଡା ବିଜେ ପୁଣ, ରେ ପ୍ରିଆ ।
ମନ ଥିର କରଥିବ ହିଆ ରେ
ତୁମ୍ଭେ ପାଟବଂଶୀ ଅଟ ଶ୍ରିଆ ରେ
କମ୍ପା ତୁମ୍ଭରେ କରବୁଂ ମାୟା ରେ ।୩୫।

ପ୍ରବୋଧନା ପାଇଁ ଦେଲା କମଳଣୀ ଶ୍ରୀନୀଳଗିରିକି ଗଲେ
ହନା କେତେ ରତ୍ନ ବ୍ରହ୍ମାଣ୍ଡ ଠାକୁର ବାହୁଡ଼ା ବିଜେ କଲେ, ସେ ହରି ।
ନବ ଘନ ଯାହା ତନୁଂ ସାରି ସେ
ରଥ ଦକ୍ଷିଣ ମୂରତ୍ତି କରି ସେ
ଶୁଭେ ବାଜେ ମଙ୍ଗଳ ମହୁରୀ ସେ ।୩୬।

ଦୈତ୍ୟ ଦାନବ ଫେକାକାର କରଣ ପଣ୍ଡିତ ଗୃଣ୍ଡ୍ରାଳ ଯାଏଁ
ଯେତେକ ଆରକେ କୈବଲ୍ୟ ଭରାଭରି ଦେଖୁଛନ୍ତି ଦେବରାଏ, ହେ ଶୁଣ ।
ସୁହୁଁ ଅଛନ୍ତି ଟକାନୟନ ହେ
ରଥ ଟଳ ଟଳ କରି ପୁଣ ହେ
ଯାଇଂ ମିଳିଲେ ସିଂହ ଦୁଆର ହେ । ।୩୭।

ସିଂହ ଦୁଆରେ ବିଜେ ତିନମୂର୍ତ୍ତି ଯିବାକୁ ନ ପାନ୍ତି ବାଟ
ଦାସୀମାନଙ୍କୁ ବୋଲନ୍ତି କମଳଣୀ ପାରଣ ଦିଅ କବାଟ, ଗୋ ଶୁଣ ।
ତାଙ୍କୁ ଲକ୍ଷ୍ୟେ ନ ଦେବ ପୁଣ ଗୋ
ଆମ୍ଭ କାର୍ଯ୍ୟ ନାହିଂ ତାଙ୍କଠେଣ ଗୋ
ଆଜ ନବରେ ରହନ୍ତୁ ପୁଣ ଗୋ । ।୩୮।

ଇନ୍ଦ୍ରଙ୍କୁ ଗୁହ୍ଲାଂ ବୋଲନ୍ତି କମଳଣୀ ପଥର ପାଣି ବରଷ
ନୂଆ କନ୍ୟା ଦେହ ଜଳା କରୁଅଛୁ ତାଙ୍କ ରଥ ଭାଙ୍ଗି ଆସ, ସେ ଶୁଣି ।
ଇନ୍ଦ୍ର ବରଷନ୍ତି ବାଆପାଣି ସେ
ଭଲ ରହିଲା ଲକ୍ଷ୍ମୀଙ୍କ ବାଣୀ ସେ
ଶୀତେ କମ୍ପନ୍ତି ତିନି ପରାଣୀ ସେ । ।୩୯।

ତିନ୍ତିବା ଦେଖି ବୋଲନ୍ତି କମଳଣୀ ଭିତରେ ସେ ନ ପଶନ୍ତୁ
ନୂଆ ଘରଣୀ ଦେହ ଜଳାହେଉଅଛି ତାଙ୍କ ସାନଭାଇ ସଙ୍ଗେ ତିନ୍ତୁ, ସେ ତହିଂ ।
ଦାସୀ କବାଟ ପୁଡ଼ାଯେ ଫେଇଂ ସେ
ଭାଇ ଭଉଣୀ ତିନ୍ତନ୍ତି ରହିଂ ସେ
ବଳଦେବ ଭିତରକୁ ଯାଇଂ ସେ । ।୪୦।

ଗୋବିନ୍ଦ ବୋଲନ୍ତି ଶୁଣ ଗୋ କମଳା ଆମ୍ଭେ କଲୁଂ କେଉଂ ଦୋଷ
ଯେବେକା ହୋଇଂ ଆମ୍ଭେ ଦ୍ୱାରେ ତିନ୍ତୁ ଝଞ୍ଜା ବରଷକରେ ବିଶେଷ, ସେ କହି ।
ଦାସୀ କବାଟ ପୁଡ଼ାଏ ଫିଟାଅ ଗୋ
ଦୋଷ କମଳଣୀ କ ଜଣାଅ ଗୋ
ଶୀତେ କମ୍ପୁଅଛୁ ଆମ୍ଭ ଦେହ ଗୋ । ।୪୧।

ଉତ୍ତର ନ ଦେଇ ଦେବୀ କମଳଣୀ ପଲଙ୍କେ ଶୁତିଲେ ଯାଇଂ
ସର୍ବ ଅଳଙ୍କାର ଘେନି ଜଗନ୍ନାଥ ଦାସୀ କି ଦେଲେ ବଢ଼ାଇ, ସେ ଦାସୀ ।
ତାଙ୍କୁ ଆଳଙ୍କାର ନେଇ ଦିଅସି ଗୋ
ତାଙ୍କୁ ବିନତ୍ତୀ କହ ଆଶ୍ୱାସି ଗୋ
ତାଙ୍କ ମନ ଯେବେ ହୋଯେ ତୋଷି ଗୋ ।୪୨।

ହାଥେ ହାଥେ ଲାଞ୍ଚ ମାଇ ଦାସୀମାନେ କବାଟ ପୁଡ଼ାଯେ ଫେଇଂ
ଧାଇଂ ଜଗନ୍ନାଥେ ଭିତରେ ପଶିଲେ ଲକ୍ଷ୍ମୀକିଂ ଭେଟିଲେ ଯାଇଂ, ସେ ଭିକାମା ।
କପାଂ କରୁଅଛ ଅଭିମାନ ଗୋ
ମଥା ଟେକଣ ଗୁହାଂ ସଜମ ଗୋ
ଭଲ ଉପାଧି ଆସିଛୁ ଘେନ ଗୋ । ।୪୩।

ମଥା ତୋଳିକର ଦେବୀ କମଳଣୀ ଝିଙ୍ଗାସି କହେ ବଚନ
ନୂଆ ଘରଣୀ ପାଇଂ ଯେବେକାଳେ ତାକୁ ଦିଅ ଅଳଙ୍କାର, ହେ ମାଧବ ।

ତୁମ୍ଭ ଭଉଣୀ ବଡ଼ ସୁଲଭ ହେ
ତାଙ୍କୁ ସୁନ୍ଦର ବଡ଼ ସୁଲଭ ହେ
ତୁମ୍ଭେ ଭଉଣୀ ସଙ୍ଗରେ ଭାବ ହେ । । ୪୪ ।

ଭଲ ଘରଣୀ ପାଇଲ ଯେତେକାଳେ ଯିବାବେଳେ ନ କହିଁଲ
କେଉଁ ଅପରାଧୀ ହେଲି ତୁମ୍ଭଠାରେ ନାନା କଷ୍ଟ ଦେଇଗଲ, ହେ ମାଧବ ।
ତୁମ୍ଭେ ନିର୍ଦ୍ଦୟା ପାଷାଣ ଭାବ ହେ
କେଉଁ ନବରେ ଘର କରିବ ହେ
ଦିନେ ମୋତେ ମନେ କରୁଥିବ ହେ । । ୪୫ ।

ତୁମ୍ଭେ ଗଲଦିନୁ ଅନେକ ଅବସ୍ଥା ସନ୍ଧ୍ୟାଧୂପଠାରୁ ନାହିଁ
କଳମ ଶାଗକୁ ଦାନ୍ତୁଅ ଚୂଡ଼ଳ ଯେହା ସେ ଗଲ ଭୁଆଇ, ହେ କାହ୍ନୁ ।
ବଡ଼ ଦୁଃଖ ତୁମ୍ଭ ଗଲଦିନୁ ହେ
ଦଣ୍ଡେ ବସୋର ନ ଯାଇଂ ମନୁ
ତୁମ୍ଭେ ନିର୍ଦ୍ଦୟା ପାଷାଣ ତନୁ ହେ । । ୪୬ ।

ଯାବାକଲୁ ଆମ୍ଭେ ଯହିଁର ନିମନ୍ତେ ତୁମ୍ଭେ ଶୁଣ ଗୋ ସଙ୍ଗାତ
ବଳ ବିଭୀଷଣ ଦର୍ଶନ ନିମନ୍ତେ ପୂର୍ବେ କରିଅଛୁ ସତ୍ୟ, ହେ ମିତ ।
ତାଙ୍କ ପାଇଂ ସେ ଗୁଣ୍ଡିଚ୍ଛ ଯାତ ହେ
ବେଢ଼ି ଦେଖିଲେ ତିନି ଜଗତ ଗୋ
ତାକୁଂ କରି ଅଛିଲୁ ମୁକତ ଗୋ । । ୪୭ ।

ଭଗତ ବଚନ ଲଙ୍ଘିଂ ତ ନ ପାରି ତହିଁ ପାଇଂ ଗଲି ଧାଇଂ
ନବନ୍ଧନ ଆମ୍ଭେ ପରବାଧ କଲୁ ଆମ୍ଭ ମନ ଯେ ତୁମ୍ଭର ତହିଂ, ଗୋ ପ୍ରାଣ ।
କେତେ କରୁଅଛ ଅଭିମାନ ଗୋ
ସଖୀ ଛାଡ଼ ଟୋ ମନୁ ଗୁମାନ ଗୋ
କ୍ଷମା ମୋହଠାରେ ଅଭିମାନ ଗୋ । । ୪୮ ।

ବୋଲନ୍ତ କମଳା ଶୁଣ ପଦ୍ମମୁଖ ତୁମ୍ଭେ ରସିକ ସିହାଣ
ଆପଣା ଇଚ୍ଛାୟେ କହିଂ ଆଣୁଂଅଛ ତୁମ୍ଭ ନୂଆକନ୍ୟାଙ୍କର ଗୁଣ, ହେ ନାଥ ।
ତାଙ୍କୁ ପ୍ରଦାନ ହୋଇଲା ପାର୍ଥ ହେ
ତୁମ୍ଭେ ତାଙ୍କୁ ନେଲ ସଙ୍ଗତର ହେ
କିସ ବୋଲିବେ ଜଗତ ଲୋକ ହେ । । ୪୯ ।

ତୁମ୍ଭେ ବଡ଼ ଲୋକ କୁଳରେ ଜନମ ଲାଜ ନାହିଁ ନା ତୁମ୍ଭର
ଗୁଣ୍ଡିଚା ନବରେ ଘର କରିବାକୁ ଆସିଅଛ କଥା ଭଲ, ହେ ହରି ।
ତୁମ୍ଭେ ହିନ ହେ ତନ୍ହାଂ ବସ୍ତୁର ହେ
ନଷ୍ଟେ ଗୁଡ଼ଲ ତ ମାଳଗିର ହେ
ବେଗେ ଦିଆଅ ଡେଙ୍ଗା ପାଚେରୀ ହେ । । ୫୦ ।

ଲକ୍ଷ୍ମୀଙ୍କଠାରୁ ନିରାଶ ବାଣୀଶୁଣି ଉଠିଲେ ମଧୁସୂଦନ
ରତ୍ନ ଅଳଙ୍କାର ଘେନି ଜଗନ୍ନାଥ ଅଙ୍ଗରେ ଦେଲେ ମଣ୍ଡିଣ, ସେ କାହ୍ନୁ ।
ଅଷ୍ଟରତ୍ନେ ମଣ୍ଡି ଦେଲେ ତନୁ ସେ
ଲୋଭ ଗୁଡ଼ିଲା କମଳା ମନୁ ସେ
ଅନ୍ୟ ଲକ୍ଷ୍ୟ ନୋହେ କୃଷ୍ଣ ବିନୁ ସେ । । ୫୧ ।

ଲକ୍ଷ୍ମୀ ଅଭିମାନ ଦେଖି ଜଗନ୍ନାଥ କୋଳେ ବସାଇଂଲେ ଆଣି
କମଳମୁଖୀ କମଳାଙ୍କୁଂ ବୋଧନ୍ତ ଶୁଣିମା ମଧୁର ବାଣୀ, ଗୋ ସଖୀ ।
କମ୍ପା ହୋଇଂଅଛ ପ୍ରେଣ୍ଡେ ଦୁଖି ଗୋ
ଆମ୍ଭେ ବୋଧ ତୋ ଅବସ୍ଥା ଦେଖି ଗୋ
ବାରେ ହସି ଚାହାଂ ଚନ୍ଦ୍ରମୁଖୀ ଗୋ । । ୫୨ ।

ସକଳ ସଂସାରେ ଖେଣ୍ଡଧର ଯାର ଶ୍ରୀହରି ଭିଆଣ ମାଳା
ଯାର ମାଳାରେ ହେଠମାଥ ଶଙ୍କର ତନ୍ହାଂ ଭିନ୍ନ କମଳା, ସେ ନରେ ।
ଲକ୍ଷ୍ମୀ ପଡ଼ିଲେ ପଦ୍ମପାଦରେ ସେ
ବିଜେ ରତ୍ନପଲଙ୍କ ଉପରେ ସେ
ପଦ୍ମମୁଖ ଚୁହାନ୍ତି ସଧିରେ ସେ । । ୫୩ ।

ଯେହୁ ନଚେ୍ୟ ସେହୁ ଶ୍ରୀ ପୁରୁଷୋତ୍ତମ ପ୍ରେମପଦ ଯେ ପ୍ରକାଶ
ଭଗତ ପଦରେ ମାଳା କରିଛନ୍ତି ଭଣେ ଜଗନ୍ନାଥ ଦାସ, ସେ ଛନ୍ହିଂ ।
ବ୍ରହ୍ମା ଶଙ୍କରେ ଅଛନ୍ତି ଧ୍ୟାଇଂ ସେ
ଲକ୍ଷ୍ମୀନାରାୟଣ ଭେଟ ହୋଇଂ ସେ
କୋଟି କଳ୍ପ ଗଲେ ଶେଷ ନୋହିଂ ସେ । । ୫୪ ।

*

# ଫୁଲତୋଳା

## ଜଗନ୍ନାଥ ଦାସ

ଚନ୍ଦ୍ରମା ବଦନୀ ରାଈ, ଫୁଲ ତୋଳିବାକୁ ଶରଧା ହୋଇ ଗୋ,
କୃଷ୍ଣଙ୍କୁ ମଣ୍ଡିବା ପାଇଁ, ସଜନୀ ଗୋ ।
ହାତ ଧରାଧରି ହୋଇ, ହଂସଗମନୀ ଏକମେଳ ହୋଇ ଗୋ,
ହେଲେ ଫୁଲବନେ ଯାଇ, ସଜନୀ ଗୋ ।
କର ଅଙ୍ଗୁଳି ଦେଖାଇ, ଚହ୍ନାଇ ଦିଅନ୍ତି ବିଶାଖା ସଖି ଗୋ,
ସବୁରି ନାମ ଶୁଣାଇ, ସଜନୀ ଗୋ ।
ଶୁଣରେ ଜୀବନ ଧନ, କି ଶୋଭା ଦିଶୁଛି ରଙ୍ଗିଣୀ ବନ ଗୋ,
କୁଙ୍କୁମ ମିଶାଇ ଘେନ, ସଜନୀ ଗୋ ।
ଏ ଯେଉଁ ମରୁଆ ଆମ୍ବ, ନବଜଳଧର ଏହାକୁ ଲୋଭ ଗୋ,
ମଣ୍ଡିଲେ ଦିଶିବ ଶୋଭା, ସଜନୀ ଗୋ ।
ଏହି ଯେ ଗଂଗଶିଉଳି, ବାଛି ତୋଳି ଘେନ ସକଳ ବାଳୀ ଗୋ,
କରିବା ପୁଷ୍ପଅଂଜଳି, ସଜନୀ ଗୋ ।
କାହିଁକି ଯାଉଛନ୍ତି ସଖି, ସେବତୀ ଏଠାରେ ହୁଏ ଉନ୍ମୁଖି ଗୋ,
ତୋଳୁ ଥାଅ ସବେ ରଖି, ସଜନୀ ଗୋ ।
କୃଷ୍ଣ ଗଳାକୁ ମାଳ, କି ଶୋଭା ଦିଶଇ ଅତି ସୁନ୍ଦର ଗୋ,
କଦମ୍ବ ଫୁଲକୁ ତୋଳ, ସଜନୀ ଗୋ ।
ଏ ଯେଉଁ ଚମ୍ପା କୁସୁମ, ଚମ୍ପା ବରଣୀ ସବୁ ବାଛି ଘେନ ଗୋ,
ମଣ୍ଡିବା ନନ୍ଦନନ୍ଦନ, ସଜନୀ ଗୋ ।
ଦେଖ ଏ ବାଢ଼ କୁସୁମ, ଗାଢ଼ ସୁରଭି କାଳେ ଅନୁପମ ଗୋ,
ଦିଶୁଥିବ ମନୋରମ, ସଜନୀ ଗୋ ।
ନାଗେଶ୍ୱର ଫୁଲ ଏହି, ନାଗର ବରଙ୍କୁ ଭେଟିବା ନେଇ ଗୋ,
ମଣ୍ଡିବା କଳାକହ୍ନାଇ, ସଜନୀ ଗୋ ।
କୁନ୍ଦଦନ୍ତୀ ପୁଣ ଶୁଣ, ଏ କୁନ୍ଦ ଫୁଲର ବହୁତ ଗୁଣ ଗୋ,
କୁଙ୍କେଲି ମିଶାଇ ଘେନ, ସଜନୀ ଗୋ ।
ନନ୍ଦ ନନ୍ଦନ ଦୁଲଣା, ଦୟଣା ଫୁଲକୁ ଶରଧା ହିନା ଗୋ,
ମାଳେ ମାଳେ ଗୁନ୍ଥ କନା, ସଜନୀ ଗୋ ।

ଅତି ମନୋହର ଗନ୍ଧ, ଅସ୍ମିଳାର ଫୁଲ ଦିଶଇ ଶୋଭ ଗୋ,
ଫୁଲ ସମସ୍ତେ ତୋଳିବା ସଜନୀ ଗୋ ।
ବଉଳ ଫୁଲକୁ ତୋଳି, ମାଳେ ମାଳେ ଗୁନ୍ଥି ଯେନ ସକଳ ଗୋ,
କରିବା ବରଣ ମାଳ, ସଜନୀ ଗୋ । ।୩୫।
କଇଆ ଫୁଲ ଦେଖ ସହି, କନ୍ଦର୍ପ କରତ ପ୍ରାୟେ ଦିଶଇ ଗୋ,
ନ ଛୁଅଁ ଏହାକୁ କେହି, ସଜନୀ ଗୋ ।
କେତକୀ ଫୁଲକୁ ତୋଳି, ପାଖୁଡ଼ା ଶୋଭ ମନୋହରଆ ଚୂଳ ଗୋ,
ମଣ୍ଡିବା ବେଢ଼ି ସକଳ, ସଜନୀ ଗୋ ।
ଏମନ୍ତେ ସକଳ ଗୋଣ୍ଡି, ତୁଳସୀ ନିକଟେ ମିଳିଲେ ଯାଇଁ ଗୋ,
ବିସ୍ମରନ୍ତି ସର୍ବେ ରହି, ସଜନୀ ଗୋ ।
ଏହାର ନାମ ତୁଳସୀ, ଯେବେ ନେବ କୃଷ୍ଣ ହୋଇବେ ତୋଷି ଗୋ,
ଦେଇ ହେବା ସର୍ବେ ଦାସୀ, ସଜନୀ ଗୋ ।
ସ୍ମନ୍ମଥ ମୋହନ ବଶ, ଏ ସିନା ଜାଣଇ ସକଳ ରସ ଗୋ,
କୃଷ୍ଣଙ୍କ କରି ବିଶ୍ୱାସ, ସଜନୀ ଗୋ । ।୪୦।
ମନ୍ଦାର ଫୁଲ ଏ ତୋରା, ଦେଖିଣ ମନ ହେଉଛି ଅଧୀର ଗୋ,
କୃଷ୍ଣଙ୍କ ମଣ୍ଡିବା ପରା, ସଜନୀ ଗୋ ।
ଏମନ୍ତେ କୁସୁମ ତୋଳି, ବାଲି କୁଦେ ଯାଇଁ ବସିଲେ ବାଳୀ ଯେ,
ଗୁନ୍ଥନ୍ତି କୁସୁମମାଳୀ, ସଜନୀ ଗୋ ।
ଶ୍ୱେତ, ପୀତ ରଙ୍ଗ ମାଳ, ନାନାବର୍ଣ୍ଣେ ବସି ଗୁନ୍ଥିଲେ ମାଳ ସେ,
ଦେଖି ନ ରହିବ କୂଳ, ସଜନୀ ଗୋ ।
ଯେମନ୍ତ କୁସୁମମାଳ, ବିହରନ୍ତି ବନେ ନାଗରୀକୂଳ ଯେ,
ଯେସନ୍ତେ ରାଜହଂସ ଦଳ, ସଜନୀ ଗୋ ।
ଫୁଲଫୁଲମାନ ଦେଇ, ଫୁଲ ଗୁନ୍ଥୁଛନ୍ତି ସକଳ ଗୋଣ୍ଡି ଯେ,
କୃଷ୍ଣଙ୍କୁ ମଣ୍ଡିବା ପାଇଁ, ସଜନୀ ଗୋ । ।୪୫।
ଭଣେ ଦାସ ଜଗନ୍ନାଥ, ଫୁଲତୋଳାଠାରେ ଯୋଡ଼ୁଛି ହସ୍ତ ସେ,
ଦେଖିଲେ ହେବ କୃତାର୍ଥ, ସଜନୀ ହେ ।

*

# ଅବଧୂତ ଉପାଖ୍ୟାନ

## ଜଗନ୍ନାଥ ଦାସ

ବୋଲନ୍ତି କମଳଲୋଚନ । ଉଦ୍ଧବ ଶୁଣ ମୋ ବଚନ ।
ଯେ ପ୍ରାଣୀ ବେଦ ତତ୍ତ୍ୱ ଜାଣେ । ମୋର ମହିମା ପରମାଣେ ।
ବିତର୍କେ ଭ୍ରମଇ ସଂସାରେ । ଆତ୍ମାକୁ ଆପଣେ ଉଦ୍ଧରେ ।
ସୁମତି ଆତ୍ମା ଗୁରୁ ପଣେ । ଆତ୍ମାକୁ ବୁଝାଇ ଆପଣେ ।
ଆତ୍ମାରେ କରେ ଆତ୍ମଜ୍ଞାନ । କେବଳ ଚିତ୍ତେ ଅନୁମାନ ।
ଆତ୍ମା କୁଶଳେ ସର୍ବ ସିଦ୍ଧି । ତରଇ ସଂସାର ଜଳଧି ।
ଜ୍ଞାନ ବୁଝାଇ ଧୀର ପଣେ । ଆତ୍ମା ସମାଧି ଅଭ୍ୟାସଣେ ।
ଆତ୍ମାକୁ ଦେଖେ ସର୍ବଭୂତେ । ନିର୍ଲେପ ସର୍ବ ଶକ୍ତିଯୁତେ ।
ଏବେ ତା କହିବା ବିଶ୍ୱାସେ । ଯେ ପୁରାତନ ଇତିହାସେ ।
ଯଦୁରାଜନ ଅବଧୂତ । ଏ ବେନି ଜନଙ୍କ ଚରିତ ।
ବ୍ରାହ୍ମଣ ଅବଧୂତ ରୂପେ । ମିଳିଲେ ନୃପତି ସମୀପେ ।
ସେ ସର୍ବଭୂତେ ଦୟାପର । ନିର୍ଭୟ ନିର୍ମଳ ଶରୀର ।
ଦେଖି ତାହାଙ୍କ ଦିବ୍ୟ ଜ୍ୟୋତି । ବିଶ୍ୱାସେ ପୁଚ୍ଛଇ ନୃପତି ।
ହେ ମୁନି ନମେ ତୋ ଚରଣେ । ଏକାନ୍ତେ ଭ୍ରମୁ କି କାରଣେ ।
ଦୃଷ୍ଟି ଶ୍ରବଣ ଦେହ ବହି । ନ ଦେଖି ନ ଶୁଣୁ କିପାଇଁ ।
ଏ ସର୍ବ ଲୋକ ଭବକୂପେ । ନିତ୍ୟେ ଦଗଧ ନାନା ତାପେ ।
ଏହାଙ୍କ ମଧ୍ୟେ ତୁ ଯେ ଥାଇ । ସାଧୁ ସୁନ୍ଦର ଦେହ ବହି ।
କିମ୍ପା ସଂସାର ତାପ ତୋତେ । ନ ବାଧେ ସନ୍ଦେହ ମୋ ଚିତ୍ତେ ।
ଯେମନ୍ତେ ଗଙ୍ଗାଜଳେ ହସ୍ତୀ । ଅଙ୍ଗକୁ ନ ଲାଗେ ତପତି ।
ସେହି ପ୍ରକାରେ ତୋର ଦେହ । ସ୍ପର୍ଶ ବିହୀନ କିମ୍ପା କହ ।
ଏଥେ କେବଣ ପ୍ରୟୋଜନ । ଶୁଣି ଆନନ୍ଦ ହେଉ ମନ ।
ରାଜା ବଚନେ ଅବଧୂତ । କ୍ଷଣେ ହୋଇଲେ ସ୍ତମ୍ଭୀଭୂତ ।
ରାଜାର ମୁଖ ଚାହିଁ ଧୀରେ । ବୋଲନ୍ତି ବଚନ ଗମ୍ଭୀରେ ।
ଶୁଣ ହେ ଯଦୁ ନୃପବର । ଅନେକ ଗୁରୁ ଛନ୍ତି ମୋର ।
ଶ୍ରବଣେ ଯେବେ ଇଚ୍ଛା ତୋର । ଯା ଠାରୁ ଯେ ଶିକ୍ଷା ମୋହର ।
ତେଣୁ ମୁଁ ବୁଲଇ ସଂସାରେ । କହିବା ଶୁଣ ମନ ସ୍ଥିରେ ।

ପୃଥିବୀ ପବନ ଅନଳ । ବାଳକ ଆକାଶ ମଣ୍ଡଳ ।
ରବି ଶଶାଙ୍କ ଆପ ସିନ୍ଧୁ । କୁଞ୍ଜର ସର୍ବ ପୁଷ୍ପବନ୍ଧୁ ।
କପୋତ ପକ୍ଷୀ ଗୁରୁ ମୋର । ପତଙ୍ଗ ସର୍ପ ଅଜଗର ।
ମୀନ ପିଙ୍ଗଳ ବେଶ୍ୟା ନାରୀ । କୁରର ବ୍ରାହ୍ମଣ କୁମାରୀ ।
ହରିଣ ଊର୍ଣ୍ଣନାଭି ଭରି । ଶରକାରକ ମଧୁହାରୀ ।
ଏ ଆଦି କୀଟ ପେଶକୃତ । ଚବିଶ ଗୁରୁ ଏହି ମତ ।
ମୁଁ କରିଅଛି ଗୁରୁ ଏତେ । ଶୁଣ ହେ ରାଜା ତୋଷ ଚିତ୍ତେ ।
ଯାହାର ତହୁଁ ଯେବା ଶିକ୍ଷା । ମୁହିଁ ପାଇଲି ଗୁରୁଶିକ୍ଷା ।
ଏ ଜୀବ ଅତ୍ମା ପରବେଶେ । ଅଦୃଷ୍ଟ କାରକ ବିଶ୍ୱାସେ ।
ଦୁଃଖ ପୀଡ଼ିତ କର୍ମ ଫଳେ । ସଂସାରେ ଜନ୍ମ ଅବହେଳେ ।
କର୍ମ ଆଦରି ସହେ ଦୁଃଖ । କେବେ ହେଁ ନୁହଇ ବିମୁଖ ।
ଦୃଢ଼େ ନ ଛାଡ଼େ ନିଜ ପଥ । ଚଞ୍ଚଳ ନ କରଣ ଚିତ୍ତ ।
ଏଣୁ ମୁଁ ଦୁଃଖ ସୁଖ ବହି । ଏହା ଶିଖିଲି ପୃଥ୍ୱୀ ଠହିଁ ।
କର୍ମ କଷଣ ସହି ଧୀରେ । ଭ୍ରମଇ ସଂସାର ସାଗରେ ।
ଧନ୍ୟ ଜୀବନ ଏ ଜଗତେ । ଯେ ପ୍ରାଣ ଧରେ ପରହିତେ ।
ଧନ୍ୟ ଜୀବନ ଧନ୍ୟ ତା'ର । ଦୁର୍ଲ୍ଲଭ କର୍ମ ଏ ବେଭାର ।
ଏହା ମୁଁ ବୃକ୍ଷଙ୍କର ସ୍ଥାନେ । ଶିଖିଲି ପର୍ବତ ଗହନେ ।
କେବଳ ଦେହ ମାତ୍ର ଧରି । ଇନ୍ଦ୍ରିୟ ତର୍ପଣ ନ କରି ।
ଜ୍ଞାନ ଉଦ୍ଦେଶ୍ୟ ଶୁଦ୍ଧ ମନ । ନ କରି ମାୟା ଜଡ଼େ ଛନ୍ନ ।
ନ ଘେନ ପର ଗୁଣ ଦୋଷ । ଇନ୍ଦ୍ରିୟ ଭୋଗ ସୁଖ ଲେଶ ।
ଅସତ୍ୟ ଭୋଗ ଯେବେ ଥିବ । ସର୍ବଦା ତାହା ନ କଟିବ ।
ଦେଖ ପବନ ଏ ଶରୀରେ । ବହଇ ଅନ୍ତର ବାହାରେ ।
ସର୍ବେ ବସଇ ଶରୀରେ । ଏ ଦେହୁ ସର୍ବ ଗନ୍ଧ ହରେ ।
ଏଣୁ ସକଳ ଦେହେ ଥାଇ । ଉଦାସୀ ଜନ ପ୍ରାପ୍ତ ହୋଇ ।
କାହାରି ସଙ୍ଗେ ସଙ୍ଗ ନୁହେ । ସମେ ବସଇ ସର୍ବ ଦେହେ ।
ଏହା ମୁଁ ପବନୁ ବିଚାରି । ଶିଖିଲି ଗୁରୁ ଶିକ୍ଷା କରି ।
ଏଣୁ ପବନ ପ୍ରାପ୍ତ ହୋଇ । ସଙ୍ଗତେ ଥାଇ ନ ମିଶଇ ।
ମେଘ ଯେ ଶୂନ୍ୟ ଜନ୍ମ ହୋଇ । ଶରୀରେ ଆକାଶ ଢାଙ୍କଇ ।

ଭୁମି ଲୋକଙ୍କୁ ଗୁପ୍ତ ଦିଶେ । ସେ ଯେହ୍ନେ ଆକାଶେ ନ ମିଶେ ।
ତେସନେ ଆତ୍ମା ଦେହ ତୁଲେ । କଦାଚ ନ ମିଶଇ ଭଲେ ।
ଏଣୁ ଆକାଶ ଗୁରୁ କରି । ଅବନୀ ମଧ୍ୟେ ଦେହ ଧରି ।
ଆନନ୍ଦେ ଭ୍ରମଇ ସଂସାରେ । ସ୍ପରଶ ନ କରି କାହାରେ ।
ଏଣୁ ଆକାଶ ଗୁରୁ ମୋର । ଏବେ ହୋ ଶୁଣ ନୃପବର ।
ମଧୁର ସୁରୁଚି ବଚନ । ଶୁଣି ହରଷ ସର୍ବଜନ ।
ତୀର୍ଥ ସ୍ପରଶେ ଲୋକବୃନ୍ଦ । ଯେସନେ ଲଭନ୍ତି ଆନନ୍ଦ ।
ସ୍ନାହାନ ଦର୍ଶନ ମାତ୍ରକେ । ପବିତ୍ର ହୋନ୍ତି ପ୍ରାଣିମାନେ ।
ସେ ଅନୁଭବେ ମୋର ଶିକ୍ଷା । ଜନ୍ତୁ ଶିଖିଲ ଗୁରୁ ଦୀକ୍ଷା ।
ତୀର୍ଥର ପ୍ରାୟେ ଭବ ବଣେ । ଭ୍ରମଇ ଜନ ପରିହାଣେ ।
ଦେଖ ତୁ ମୋର କଳେବର । ସୁଧାପ୍ତ ତେଜ ବଳୀୟାର ।
କେବଳ ପାନ ମୋ ଉଦର । ଏଣୁ ମୁଁ ଲୋକେ ଭୟଙ୍କର ।
କେବଳ ଧ୍ୟାନ ଯୋଗ ବଳେ । ଭୋଜନ କରେ ସର୍ବ ଘରେ ।
ଏଣୁ ମୁଁ ଅଗ୍ନି ଗୁରୁ କରି । ଲୋକେ ଭ୍ରମଇ ଦେହ ଧରି ।
ଅଗ୍ନି ଯେସନେ ସର୍ବ ଖାଇ । ବସ୍ତୁରେ ଗୁଣ ଦୋଷ ନାହିଁ ।
ଜନ୍ମ ଯୌବନ ଜରା ମୃତ୍ୟୁ । ଉଭୟ ଦୁଃଖ ସୁଖ ହେତୁ ।
ଏ ସର୍ବ ଗୁଣ ବହେ ଦେହ । ଜୀବର ନୁହେଁ ପରିଗ୍ରହ ।
ଚନ୍ଦ୍ରର କ୍ଷୟ ବୃଦ୍ଧି ଯେହ୍ନେ । କୃଷ୍ଣ ଶୁକଳ ପକ୍ଷମାନେ ।
ଲୋକଲୋଚନ ଭ୍ରାନ୍ତି ଦିଶେ । ଅକ୍ଷୟ ଏକ କଳା ଶେଷେ ।
ଜୀବର ଏମନ୍ତ ବେଭାର । ସ୍ୱଭାବେ ଅଜର ଅମର ।
ଏ ଅନୁଭବେ ଚନ୍ଦ୍ର ଗ୍ରହିଁ । ଭ୍ରମଇ ଗୁରୁଶିକ୍ଷା ପାଇ ।
ଇନ୍ଦ୍ରିୟଗଣ ଏ ଶରୀରେ । ଭ୍ରମନ୍ତି ବିଷୟ ଗୋଚରେ ।
ଯେ ଯା ବିଷୟ ଅନୁମାନେ । ଭୋଗ କରନ୍ତି ନିଜ ସ୍ଥାନେ ।
ଆତ୍ମାର ସଙ୍ଗ ନାହିଁ ତେଣେ । ଆଦିତ୍ୟ ଯେସନେ କିରଣେ ।
ସକଳ ସ୍ଥାନୁ ରସ ହରେ । ନିର୍ଦ୍ଦୋଷ ନିର୍ଲୋପ ବସ୍ତୁରେ ।
କାଳରେ ସମସ୍ତ ତ୍ୟଜଇ । ସଞ୍ଚଇ ଦାନେ କ୍ଷୋଭ ନୋହି ।
ଏ ଜୀବ ଆତ୍ମା ସର୍ବ ଦେହେ । ଇନ୍ଦ୍ରିୟରସେ ବଶ ନୋହେ ।
ଏ ଅନୁମାନେ ମୋ ବିସ୍ତର । ଏଣୁ ମୋ ଗୁରୁ ଦିବାକର ।

ଏ ଭାବେ ଯେତେ ଜନ ଥାନ୍ତି । ତାହାଙ୍କୁ ବୋଲି ମହାମତି ।
ଏଣୁ ଏ ସଂସାର ସଙ୍ଗତେ । ପ୍ରୀତି ନ କରିବ ଚିତ୍ତେ ।
ଯେବେ କଳିବ ମୋହ ପାଶ । କପୋତ ପ୍ରାୟେ ଯିବ ନାଶ ।
ଶୁଣ ରାଜନ ତୋଷ ମନେ । କପୋତ ପକ୍ଷୀ ଘୋର ବନେ ।
କପୋତୀ ସଙ୍ଗେ ସ୍ନେହଭରେ । ଅରଣ୍ୟେ ଗୃହବାସ କରେ ।
କପୋତୀ ସଙ୍ଗେ ଭୋଗ ଆଶେ । ହୃଦେ ଯନ୍ତ୍ରିତ ମୋହପାଶେ ।
ନିତ୍ୟେ କରନ୍ତି କ୍ରୀଡ଼ାରଙ୍ଗ । ନିମିଷେ ନ ଛାଡ଼ନ୍ତି ସଙ୍ଗ ।
ସ୍ନେହ ବନ୍ଧନ ସଙ୍ଗମେଳେ । କାଳ ବଞ୍ଚନ୍ତି କୁତୂହଳେ ।
ସଙ୍ଗବିଚ୍ଛେଦ ତିଳ ମାତ୍ରେ । କେବେହେଁ ନ ଦେଖନ୍ତି ନେତ୍ରେ ।
ଏକତ୍ର ଶୟନ ଭୋଜନେ । ଏ ରୂପେ ବିହରନ୍ତି ବନେ ।
କପୋତୀ ଚିତ୍ତେ ଯାହା ସ୍ମରେ । କପୋତ ଆଣଇ ତତ୍ପରେ ।
ସେବକ ପ୍ରାୟ ଆଣି ଦେଇ । ଯାହା ତା' ଘରଣୀ ମାଗଇ ।
ଏମନ୍ତେ କେତେ ଦିନ ଗଲା । କପୋତୀ ଗର୍ଭ ଉପୁଜିଲା ।
କେତେକ ଦିନ ଗର୍ଭେ ରହି । ଜନ୍ମ ହୋଇଲା ଡିମ୍ବ ହୁଇ ।
ପକ୍ଷୀ ପକ୍ଷିଣୀ ସ୍ନେହ ବଶେ । ଡିମ୍ବ ତାପନ୍ତି ପୁତ୍ର ଆଶେ ।
ପୁଣି ହିଁ କିଛି ଦିନ ଅନ୍ତେ । ଫୁଟି ବାଳକ ଉପୁଜନ୍ତେ ।
ଅତି କୋମଳ ବେନି କାୟେ । ଦେଖି ସାନନ୍ଦ ବାପ ମାଏ ।
ସଭ୍ରମେ କପୋତ କପୋତୀ । ନିରତେ ବାଳକ ପୋଷନ୍ତି ।
ପୁତ୍ରଙ୍କ କୋମଳ ବଚନ । ଶୁଣନ୍ତେ ମୁଦ୍ରିତ ଲୋଚନ ।
ପତଙ୍ଗ ଦେଇଣ ଆହାର । ପାଳନ୍ତି ହୋଇ ସ୍ନେହଭର ।
ଏମନ୍ତ ବେନି ଶିଶୁ ପାଳି । ପକ୍ଷୀ ସ୍ୱଭାବେ ପ୍ରେମାବଳୀ ।
ଉଠନ୍ତେ ବେନି ପୁତ୍ର ଦେହେ । ଦେଖି ସାନନ୍ଦ ବାପ ମାଏ ।
ପାଳନ୍ତି ଅତି ସ୍ନେହଭରେ । ବାଳକ କୋମଳ ଆହାରେ ।
ବିଷ୍ଣୁର ମାୟାବଳେ ଯନ୍ତ୍ରି । ପାଳନ୍ତି କପୋତ କପୋତୀ ।
ଆହାର ଅର୍ଥେ ଏକାଦିନେ । ବନେ ପଶିଲେ ବେନି ଜଣେ ।
ଖୋଜନ୍ତି କୋମଳ ଆହାର । ଏମନ୍ତେ ଶୁଣ ନରବର ।
ପକ୍ଷୀ ବାଳକ ନିଜ ସ୍ଥାନେ । ବ୍ୟାଧ ମିଳିଲା ଘୋରବନେ ।
ବୃକ୍ଷୁ ଉତୁରି ବେନି ବାଳେ । ବନେ ଚରନ୍ତି ବୃକ୍ଷମୂଳେ ।

ଶବର ଦେଖି ତାହା ବେଗେ । ଜାଲ ପାତିଲା ବୃକ୍ଷତଳେ ।
ଉପରେ ବାନ୍ଧିଲା ଦଉଡ଼ି । ପକ୍ଷୀଙ୍କୁ ଆଣିଲା ଘଉଡ଼ି ।
ଆହାର ଦେଇ ଜାଲ ତଳେ । ଅନ୍ତରେ ବସିଲା ନଦେଖେ ।
ପକ୍ଷୀ ବାଳକ ଭୟ ପାଇ । ବେଗେ ପଶିଲେ ଜାଲେ ଯାଇ ।
ଆହାର ଦେଖିଲେ ନୟନେ । ପଡିଲେ ଲୁବ୍‌ଧକ ବନ୍ଧନେ ।
ତକ୍ଷଣେ କପୋତ କପୋତୀ । ଆସି ମିଳିଲେ ବୃକ୍ଷକତି ।
ତୁଣ୍ଡେ ଆହାର ଦୃଢ଼େ ଧରି । ବୃକ୍ଷେ ଭେଟନ୍ତି ଅନୁସରି ।
ନ ଦେଖି ସନ୍ତାନ ଦଶଦିଗେ । ପୁଣି ଦେଖନ୍ତି ଭୂମିଭାଗେ ।
ବନ୍ଧନ ଜାଲ ମଧ୍ୟେ ଦୃଢ଼େ । ବେନି ବାଳକ ଧଡପଡେ ।
ଉଡନ୍ତି ପ୍ରାଣର ବିକଳେ । ନାଦ କରନ୍ତି କୋଳାହଳେ ।
ଦେଖି କପୋତୀ ଦୁଃଖଚିତ୍ତେ । ଭୂମିରେ ପଡ଼ି ମୋହଗତେ ।
ବାଳକ ଦେଖି ଜାଲ ତଳେ । କାନ୍ଦଇ ଜୀବନ ବିକଳେ ।
ବାଳକ ସ୍ନେହଭରେ ଆଶେ । ଡେଇଁ ପଡ଼ିଲା ଜାଲ ପାଶେ ।
ପୁତ୍ରଙ୍କ ମୁଖ ମୁଖେଦେଇ । ଦେଖି କପୋତ ବିଚାରଇ ।
ମୁଁ ଏବେ ଏକା ବୃକ୍ଷେ ଥାଇ । କେମନ୍ତେ ଧରିବଟି ଦେହୀ ।
ଏମନ୍ତେ କରଇ ରୋଦନ । କ୍ଷଣେ କ୍ଷଣକେ ଅଚେତନ ।
ପଡଇ ପୁଣ ପୁଣ ତଳେ । ପୁଣି ବସଇ ବୃକ୍ଷଡାଳେ ।
ପ୍ରାଣୁ ଅଧିକ ମୋର ସୁତେ । ପଡ଼ିଲେ ଶବର ଆୟତ୍ତେ ।
ପତ୍ନୀ ପଡ଼ିଲା ଜାଲ ମଧ୍ୟ । ପ୍ରାଣ ଧରିବି କେଉଁ ସଧେ ।
ପତ୍ନୀ ମୋହର ପ୍ରାଣସଖା । ସେ ମୋତେ କରିଗଲା ଏକା ।
ତାହାର ଗୁଣ ଅଛି ଯେତେ । ଚିତ୍ତେ ମୁଁ ଧରିବି କେମନ୍ତେ ।
ସେ ମୋର ଜୀବନ ଯୁବତୀ । ତା ବିନୁ କିବା ମୋର ଗତି ।
ବିଧି ହୋଇଲା ବାମ ମୋର । ଆପଦେ ବୁଡ଼ିଲା ମୋ ଘର ।
ଏତେ କଷଣେ ବନେ ରହି । ମୋ ପ୍ରାଣ ଥିବା ନ ଯୋଗାଇ ।
ଏ ଘୋର ବନେ ଗୃହୀପଣେ । ମୋ ଜନ୍ମ ଗଲା ଅକାରଣେ ।
ଗୃହ ଆଶ୍ରମେ ମୋ ପୀରତି । କାମେ ନ ପୂରିଲା ମୋ ମତି ।
ବିଧାତା ମୋତେ ବାମ ହୋଏ । ବନ୍ଧନେ ପଡ଼ିଲେ ମୋ ପୋଏ ।
ଏ ପତିବ୍ରତା ଶିରୋମଣି । ମୋହର ପ୍ରାଣର ଘରଣୀ ।

ଆହାର ପାଣି ଯେତେକେଳେ । ମୁଁ ହିଁ ଭୁଞ୍ଜଇ କୃଷତାଳେ ।
ତେବେ ସେ ଭୁଞ୍ଜେ ମୋ ଘରଣୀ । ମୋ ବିନୁ ନ ଭକ୍ଷଇ ପାଣି ।୧୪୦।
ସେ ମୋତେ ଗୁଡ଼ି ଗୃହ ମଧ୍ୟେ । ସ୍ୱର୍ଗେ ଚଳିଲା ମନସାଧେ ।
ସକଳ ସୁଖ ମୋର ଗଲା । ପୁତ୍ର ସଙ୍ଗତେ ପତ୍ନୀ ମଲା ।
ଏମନ୍ତେ ବୋଲଇ ବିଳାପେ । କାନ୍ଦଇ ଅତି ମନସ୍ତାପେ ।
ଜୀବନ ନ ପାରିଲା ଧରି । ଜାଲେ ପଡ଼ିଲା ହା ହା କରି ।
ଦେଖି ଶବର ତୋଷମନ । ପିଞ୍ଜରେଟ ଥାଇଲା ବନ୍ଧନ ।
କପୋତ କପୋତୀ ବାଳକ । ଘେନିଣ ଚଳଇ ଲୁବ୍‌ଧକ ।
ବେଗେ ମିଳିଲା ନିଜ ପୁରେ । ଶୁଣ ରାଜନ ତୋଷଭରେ ।
ଏ ରୂପେ ସ୍ନେହ ଅବଲମ୍ବୀ । ସଂସାରେ ବନ୍ଦୀ ଯେ କୁଟୁମ୍ବୀ ।
ଦୁଃଖ ସହଇ ଏ ଶରୀରେ । ନିତ୍ୟେ କୁଟୁମ୍ବ ପୋଷିବାରେ ।
ନରତେ ଆକୁଳ ହୃଦୟ । ଏଣୁ ବୋଲାଇ ଦୁଃଖମୟ ।୧୫୦।
ଧର୍ମେ ବଞ୍ଚିତ କଳେବର । ମଜ୍ଜଇ ଏ ଘୋର ସଂସାର ।
ତୁ ଏବେ ବୁଝ ମୋ ବଚନ । ହେ ରାଜା ସ୍ଥିର କରି ମନ ।
ଦେଖ ମନୁଷ୍ୟ ଦେହ ମୋର । କେବଳ ମୁକତିର ଦ୍ୱାର ।
ଏ ଦେହ ପାଇ ମହୀତଳେ । ହେଲେ ଚରମ ଭବଜଳେ ।
ଦୁର୍ଲ୍ଲଭେ ପାଇ ଏ ଶରୀର । କୁଟୁମ୍ବେ ଦୃଢ଼ ମତି ଯା'ର ।
ଧନ ବଞ୍ଚଇ ଦୁଃଖ ସୁଖେ । ଅନ୍ତେ ପଡ଼ଇ କୁମ୍ଭୀପାକେ ।
ଏ ଭାବେ ବୁଝିଲି ସଂସାର । ଏଣୁ କପୋତ ଗୁରୁ ମୋର ।
ଆନନ୍ଦେ କହେ ଅବଧୂତ । ଶୁଣ ହୋ ଯଦୁ ନୃପନାଥ ।
ସକଳ ସ୍ଥାନେ ମହୀ ଭ୍ରମେ । ମୁଁ ଥାଇ ଅଜଗର ଧର୍ମେ ।
ସ୍ୱର୍ଗ ନରକ ବେନି ବାଣୀ । ମୁଁ ଏହା ଏକ ଧର୍ମେ ଜାଣି ।୧୬୦।
ଏଣୁ ମୋ ଦୁଃଖ ସୁଖ ଏକ । ସମ ମଣଇ ସର୍ବଲୋକ ।
ଆହାରେ ଭଲମନ୍ଦ ନାହିଁ । ଯେ ସ୍ଥାନେ ଯେମନ୍ତ ମିଳଇ ।
ସନ୍ତୋଷେ କରଇ ଆହାର । ତେଣୁ ବିଷୟ ନାହିଁ ମୋର ।
ଅଳପ ବହୁତେ ସନ୍ତୋଷ । ନ ମିଳେ କରେ ଉପବାସ ।
କର୍ମ କଷଣ ଦେହ ସହେ । ଅରଣ୍ୟେ ଅଜଗର ପ୍ରାୟେ ।
ସମ ମଣଇ ଦୁଃଖ ସୁଖ । ଅନ୍ତରେ ନ ହୋଇ ବିମୁଖ ।

ଏ ଧର୍ମ ଅଜଗର ବୃତ୍ତି । ଶିଖିଲି ଗୁରୁଶିକ୍ଷା ପାଇ ।
ଏଣୁ ପ୍ରସନ୍ନ ଚିତ୍ତ ମୋର । ସ୍ୱଭାବେ ନିର୍ମଳ ଶରୀର ।
କେ ଜାଣିପାରେ ମୋ ଉଦର । ଯେସନେ ଗମ୍ଭୀର ସାଗର ।
ଏଣୁ ସମୁଦ୍ର ଶିକ୍ଷା ପାଇ । ସାଧଇ ଶିଷ୍ୟ ଭବ ବନ୍ଧ ।
ବରଷା ସମୟରେ ନଦୀ । ସମୁଦ୍ରେ ବହନ୍ତି ଆଚ୍ଛାଦି ।
ସେ ଯେହ୍ନେ ମିଳନ୍ତି ଜଳଧି । ତେଣୁ ସେ ନୁହନ୍ତି ଯେ ବୃଦ୍ଧି ।
ଗ୍ରୀଷମେ ନାହିଁ ହାନି ତାର । ସର୍ବଦା ସମ ସେହୁ ନୀର ।
ଈଶ୍ୱରର ମାୟା ମୋହକଳ୍ପ । କପଟେ ହୋଇ ନାରୀରୂପ ।
ସୃଷ୍ଟି ମୋହିନୀ ଦେବୀ ମାୟା । ଘନେ ଯେ ଘନେ ବିଦ୍ୟୁଚ୍ଛାୟା ।
ସେ ରୂପେ ନ କରିବ ସଙ୍ଗ । ଅନଳେ ଯେସନେ ପତଙ୍ଗ ।
ସଂଯୋଗ କଲେ ପ୍ରାଣନାଶ । ଏଣୁ ନୋହିବ ତା ବିଶ୍ୱାସ ।
ପତଙ୍ଗ ଠାରୁଁ ଏହା ଜାଣି । ଗୁରୁ ବଚନ ପରମାଣି ।
କାଷ୍ଠ ପିତୁଳା ନାରୀରୂପେ । ଥୋଇବ ଯତିଙ୍କ ସମୀପେ ।
ଯତିଏ ତାର ମୁଖ ଚୁମ୍ବି । ଚରଣ ଅଗ୍ରେ ଯେବେ ଛୁଇଁ ।
ମନ ମନ୍ଥଇ ତାହାଙ୍କର । ଏଣୁ ମନ୍ମଥ ସୁଖଘର ।
ଜଳେ ପାଷାଣ ପ୍ରାୟେ ମଜ୍ଜେ । ଗଜ ବନ୍ଧନ ଯେହ୍ନେ ଗଜେ ।
ଏଣୁ କୁଞ୍ଜର ଭାବ ମଣି । ଗୁରୁ ବଚନ ପରମାଣି ।
ସଙ୍ଗ ନ କର ନାରୀମେଳେ । ନିର୍ଭୟେ ବୁଲେ ଭୂମିତଳେ ।
ଏଣୁ କାମିନୀ ସଙ୍ଗତେଜ । ଜ୍ଞାନେ ବସଇ ଚକ୍ଷୁ ବୁଜ ।
ଧନେ ମୋ ନାହିଁ ପ୍ରୟୋଜନ । ଏଣୁ ଦରିଦ୍ର ମୋ ଜୀବନ ।
ଧନ ଅର୍ଜନେ ଯାର ଆଶ । ନିରତେ ଦୁଃଖ ସୁଖ ପ୍ରାସ ।
ଧନ ସଞ୍ଚଇ ରାବଦନ । ନ କରେ ସୁଖ ଭୋଗ ଦାନ ।
ନିରତେ କରଇ ସଞ୍ଚୟ । ପାପୀ କୃପଣ ଦୁରାଶୟ ।
ତାହାର ଧନ ହରେ ଆନେ । ମଧୁ ସଞ୍ଚଇ ମାଛି ଯେହ୍ନେ ।
ନ ଦେଇ ନ ଖାଇ ସଞ୍ଚଇ । ତାହାର ମୁଖେ ଅଗ୍ନି ଦେଇ ।
ମଧୁ ଭକ୍ଷଇ ନେଇ ଆନ । ଏଣୁ ମୋ ଗୁରୁ ସେ ରାଜନ ।
ଯେ ଥିବ ବନଚର ମତେ । ଚିତ୍ତ ନ ଦେବ ଗ୍ରାମ୍ୟ ଗୀତେ ।
ନିରତେ ଜ୍ଞାନେ ଥିବ ମନ । ଯୋଗ ସଂଯୋଗେ ଅବଧାନ ।

ଲୁବ୍ଧକ ଗୀତ ଶୁଣି କର୍ଣ୍ଣେ । ଯେସନ ମୃଗ ମରେ ବନେ ।
ଏଣୁ ନ ଶୁଣି ଗ୍ରାମ୍ୟଗୀତ । ବୁଲଇ ଜ୍ଞାନେ ଦେଇ ଚିତ୍ତ ।
ସଙ୍ଗୀତ ବାଦ୍ୟ ନୃତ୍ୟରଙ୍ଗେ । ଅରଣ୍ୟେ ବେଶ୍ୟାଗଣ ସଙ୍ଗେ ।
ଚିତ୍ତେ ତାହାଙ୍କ ଭାବ ଘେନି । କାନନେ ଋଷ୍ୟଶୃଙ୍ଗ ମୁନି ।
ବନ୍ଦୀ ହୋଇଲେ କାମପାଶେ । ଶ୍ରବଣ ଇନ୍ଦ୍ରିୟ ଲଳସେ ।
ଏଣୁ ମୁଁ ମୃଗ ଗୁରୁ କରି । ଭ୍ରମେ ଭ୍ରୁକୁଟି ରୂପ ଧରି ।୨୦୦।

( 'ଭାଗବତ', ଏକାଦଶ ସ୍କନ୍ଦ,
ଅଷ୍ଟମ ଓ ନବମ ଅଧ୍ୟାୟରୁ ଗୃହୀତ )

*

# ଶରଦ ରାସ

## ଜଗନ୍ନାଥ ଦାସ

ଶ୍ରୀ ଶୁକ ଉବାଚ ।

ଶୁଣ ପରୀକ୍ଷ ନରନାଥ । କୃଷ୍ଣଚରିତ ଭାଗବତ ।
ଗୋବିନ୍ଦ ଚିନ୍ତରନ୍ତି ମନେ । ଆଜ ରମିବା ବୃନ୍ଦାବନେ ।
ଷୋଳ ସହସ୍ର ଗୋପନାରୀ । ମୋତେ ବରିଲେ ତପ କରି ।
ମୁଁ ତାଙ୍କ ପୂରେଇବି ଆଶ । ସେ ମୋର ଭଗତ ବିଶ୍ୱାସ ।
ଅନେକ ଜନ୍ମେ ତପ କରି । ଯେବେ ହୋଇଲେ ଗୋପନାରୀ ।
ରମିଣ ଦେବି ନିଜ ପୁରି । ଆଜ ମୁଁ କରିବି ନିସ୍ତାରି ।
ଯେତେ ବିଚାରି ବନମାଳୀ । ଦେଖିଲେ ବିରହ ମୁରଲୀ ।
ସ୍ୱଭାବେ ଶରଦର କାଳ । ପବନ ବହେ ପରିମଳ ।
ଗଗନେ ପ୍ରକାଶିଲା ଶଶୀ । ନିର୍ମଳ ବିରାଜଇ ନିଶି ।
ଫୁଟିଲେ ଜଳ ସ୍ଥଳେ ଫୁଲ । ସୁଗନ୍ଧ ଶୀତଳ ଅମୂଲ୍ୟ ।
ଚନ୍ଦ୍ରମଣ୍ଡଳ ଅଖଣ୍ଡିତ । ଦେଖି ଉଷତ ଗୋପୀନାଥ ।
ଲକ୍ଷ୍ମୀର ମୁଖ ପ୍ରାୟେ ଦିଶି । କିରଣେ ଦଶ ଦିଗ ତୋଷି ।
କାଳିନ୍ଦୀ କୂଳେ ବ୍ରହ୍ମବଶି । କଦମ୍ବ ତରୁମୂଳେ ବସି ।
ରଜନୀ ଚରି କାଳ କଲେ । ମାୟାପଟଳ ପ୍ରକାଶିଲେ ।
ବୋଇଲେ କୃଷ୍ଣ ବ୍ରହ୍ମନିଶି । ସହସ୍ର ଯୁଗେ ଯାହା ଘୋଷି ।
ତ୍ରିଭଙ୍ଗୀ ଛନ୍ଦେ ଉଭାହୋଇ । ମୁରଲୀ ଅଧରେ ଲଗାଇ ।
ଗୋପୀଙ୍କ ନାମ ଧରି ଧୀରେ । ମୁରଲୀ ଡାକଇ ସୁସ୍ୱରେ ।
ଗୋପୀଏ ଥିଲେ ଗୋପପୁରେ । ନାଦ ଶୁଣିଲେ ଯେଝା ଘରେ ।
ଦଣ୍ଡେ ଶୁଣିଲେ ସ୍ଥିର କରି । ବେଣୁ ଡାକଇ ନାମ ଧରି ।
ଶୁଣି ହୋଇଲେ ଛନଛନ । ବ୍ୟାପାରେ ନ ଲାଗଇ ମନ ।
କର ଚରଣ ନ ଚଳଇ । ମଦନେ କମ୍ପୁଅଛି ଦେହୀ ।
ନାଦେ ମୋହିଲେ ବନମାଳୀ । ଷୋଳ ସହସ୍ର ଗୋପବାଳୀ ।
ଯେକକୁ ଆରେକ ଲୁଚଇ । ଧାଇଂଲେ ଅସମ୍ଭାଳ ହୋଇ ।
ବୋଲନ୍ତି ନ ପୁଣ ଯେ ଜାଣି । ମୋତେ ହୋଇବ ସପତଣୀ ।

ଆଗେ ମୁଁ ଯିବି ବୃନ୍ଦାବନ । ରମିବି ନନ୍ଦର ନନ୍ଦନ ।
ଦେଖିବି ନୟନ ପୂରେଇ । ମୋହୋର ନାମେ ବେଣୁବାଇ ।
କମ୍ପା ଡାକଇ ରାସକାଳେ । ଉଭାର କଦମ୍ବର ମୂଳେ ।
ଜଳ କ୍ରୀଡ଼ାର ବେଳେ ଗଲି । ଆମ୍ଭର ବସ୍ତ୍ର ଚୋରି କଲି ।
ତା'ର ବଚନେ ଲଜ୍ଜା ଗୁଡ଼ି । ଆଣି ପିନ୍ଧଲୁ ଯେଝା ଶାଢ଼ୀ ।
ଆମ୍ଭର ଶୁଦ୍ଧମନ ଜାଣି । ହସି ବୋଇଲେ ଚକ୍ରପାଣି ।
ଦେବତା ପୂଜ ନବାଷ୍ଟରେ । ମନେ ଯେ ବରିଅଛ କରେ ।
ସେ କଥା ସୁମରିଲେ ଆଜ । ଆମ୍ଭର ଛଡ଼ାଇବେ ଲାଜ ।
ପତି ତନୟ ଛନ୍ତି କୋଳେ । କେମନ୍ତେ ଯିବୁଂ ରାସକାଳେ ।
ନ ଗଲେ ନ ରହେ ଜୀବନ । କାଳ ହୋଇଲା ବେଣୁସ୍ୱନ ।
ଯେମନ୍ତେ ହୋଇଲେ ବାହାର । ମଦନେ କମ୍ପଇ ଶରୀର ।
କେ ଗୋପୀ ଦୁହୁଂଥିଲା ଗାଈ । ବାଛୁରି ବାନ୍ଧି ଛନ୍ଦ ଦେଇ ।
ମୁରଲୀ ଶୁଣି କର୍ଣ୍ଣମୂଳେ । ଦୁହୁଂଣୀ ପକାଇଲା ତଳେ ।
କୃଷ୍ଣର ଧ୍ୱନି ଶୁଣି ବେଗେ । ଧାଇଂଲା ବୃନ୍ଦାବନ ଲାଗେ ।
କେ ବସି କଣ୍ଡୁଥିଲା ସର । ମୁରଲୀ ଶୁଣିଲା ସୁସ୍ୱର ।
ଡାକଇ ତା'ର ନାମ ଧରି । ବେଗେ ଧାଇଁଲା ଗୋପନାରୀ ।
କେ କରୁଥିଲା ଦଧି ଯୋଗ । ଶୁଣି ଧାଇଁଲା ବେଗ ବେଗ ।
କେ ଦୁଧ ଚୁଲିରେ ବସାଇ । ମୁରଲୀ ଶୁଣି ଗଲା ଧାଇଂ ।
କେ କୋଳେ ବାଳକ ବସାଇ । ଦୁଧ ପିଆଇ ଗୀତ ଗାଇ ।
କର୍ଣ୍ଣେ ଶୁଣିଲା ବେଣୁଧ୍ୱନି । ଡାକଇ ତା'ର ନାମ ଧରି ।
ବାଳକ ପକାଇଲା ତଳେ । ଧାଇଂଲା ମଦନ ବିକଳେ ।
ସ୍ୱାମୀ ଶୟନ ସ୍ଥାନେ ଥାଇ । କେ ଗୋପୀ ଚରଣ ଚିପଇ ।
ମୁରଲୀ ତା'ର ନାମ ଧରି । ଡାକଇ ଆସ ବେଗ କରି ।
ପତି ଚରଣ ଥୋଇ ତଳେ । ବେଗେ ଧାଇଁଲା କାମଭୋଳେ ।
କେ ବସି ଭୁଞ୍ଜୁଥିଲା ଅନ୍ନ । କର୍ଣ୍ଣେ ଶୁଣିଲା ବେଣୁସ୍ୱନ ।
ବୋଲଇ ଆସ ତୁହ୍ମିବେଗେ । କୃଷ୍ଣଙ୍କୁ ଦେଖ ବନଭାଗେ ।
ଶୁଣି ଭୋଜନ ଉପେଖିଲା । ହସ୍ତ ପଖାଳି ନ ପାରିଲା ।
ବେଗେ ଧାଇଁଲା ବୃନ୍ଦାବନ । ଯେଣେ ବାଜଇ ବେଣୁସ୍ୱନ ।

କେ ବସି ଲିପୁଥିଲା ଘର । ମୁରଲୀ ଶୁଣିଲା ସୁସ୍ୱର ।
ବୋଲଇ ଆସ ବୃନ୍ଦାବନେ । ହରିଙ୍କି ରମ ଘୋର ବନେ ।
ଶୁଣି ବ୍ୟାପାର ଉପେଖିଲା । ବେଗେ ସେ ବୃନ୍ଦାବନ ଗଲା ।
କେ ବସିଥିଲା ନିଜ ଘରେ । ଅଞ୍ଜନ ପାତ୍ର ଘେନି କରେ ।
ଏକ ଲୋଚନେ ରଞ୍ଜିଥିଲା । ତା ନାମେ ମୁରଲୀ ଡାକିଲା ।
ଧାମଇଁ ରସଭର ହୋଇ । କଜ୍ଜ୍ୱଳ ପାତ୍ର କରେ ଲଇ ।
କେ ଗୋପୀ ବସ୍ତ୍ର ତଳେ ଥୋଇ । କୁଙ୍କୁମ ଶରୀରେ ଲେପଇ ।
କର୍ଣ୍ଣେ ଶୁଣିଲା ବେଣୁଧ୍ୱନି । ଉଠିଲା କରେ ବସ୍ତ୍ର ଘେନି ।
ଜ୍ଞାନ ହରିଲା କାମଭୋଳେ । ପିନ୍ଧିଲା କନ୍ଧର ଅଞ୍ଚଳେ ।
ଏମନ୍ତେ କହୁବଇଁ କେତେ । ଷୋଳ ସହସ୍ର ଯେଝା ମତେ ।
କାହାର ସ୍ୱାମୀ ବଳବନ୍ତ । ଆଗରେ ଓଗାଳିଲେ ପଥ ।
କାହାର ପୁତ୍ର ଗୋଡ଼ାଇଲା । ଶଶୁର ଖୁଡ଼ୁତା ମଉଳା ।
ଭାଇ ଭଣଜା ଇଷ୍ଟ ମିତ୍ର । ଆଗରେ ଓଗାଳିଲେ ପଥ ।
ବୋଲନ୍ତି ଗୋପୀଙ୍କି ଅନାଇ । ଏ କଥା ଉଚିତ ନୁହଇ ।
ରଜନୀ କାଳେ ଯାଅ ବନ । ଲଜ୍ଜା କି ଗୁଡ଼ିଲ ବଦନ ।
ଶୁଣି ବୋଲନ୍ତି ଗୋପବାଳୀ । ବନେ ବଜାଏ ବନମାଳୀ ।
ଦେଖ ତ ଶୁଭୁଅଛି ନାଦ । ମୁରଲୀ ବଜାଇ ଆନନ୍ଦ ।
କ୍ଷଣେ ମୁରଲୀ ନାଦ ଶୁଣି । ଆମ୍ଭେ ଆସିବୁ ଏହିକ୍ଷଣି ।
ଦାସବତ୍ସଳ ଭଗବାନ । ମୋହିଲେ ଗୋପାଳଙ୍କ ମନ ।
ଭୁଣ୍ଡରୁ ନଇଲା ଉତ୍ତର । ବାହୁଡ଼ିଗଲେ ଯେଝା ଘର ।
ଏକ ଗୋପୀଏ କ୍ଷୀଣ ହୋଇ । ବେଗେ ସେ ନ ପାରିଲା ଯାଇ ।
ତାହାର ସ୍ୱାମୀ କର ଧରି । ଘରେ ଆଣିଲା ନିଜ ନାରୀ ।
ଗମ୍ଭୀର ଭିତରେ ବାନ୍ଧିଲା । ଅନେକ ମାଡ଼ ହିଁ ମାଇଲା ।
ଦ୍ୱାରେ କବାଟ ଗଲା କିଳି । ବକଳେ କାନ୍ଦଇ ଗୁଆଳୀ ।
ମୁରଲୀ ତା'ର ନାମ ଧରି । ଡାକଇ ଆସ ବେଗ କରି ।
ସେ ଗୋପୀ ବନ୍ଧନରେ ପଡ଼ି । କାନ୍ଦଇ ସ୍ତମ୍ଭେ ମୁଣ୍ଡ କୋଡ଼ି ।
କୃଷ୍ଣର ଦେହେ ଦେଇ ମନ । କ୍ଷଣ କ୍ଷଣକେ ଅଚେତନ ।
ସହି ନ ପାରି ତାପ ଭରେ । ବେନି ଲୋଚନ କଲା ସ୍ଥିରେ ।

ଧ୍ୟାନେ ଦେଖିଲା ଭଗବାନ । ନିର୍ଭରେ କଲା ଆଲିଙ୍ଗନ ।
ଡାକିଲା କୃଷ୍ଣ ହାହା ହାହା । ପ୍ରାଣ ଛାଡ଼ିଲା ଚୁମ୍ବ ଦେଇ ।
ସହି ନ ପାରି କାମଭରେ । ପଶିଲା ଗୋବିନ୍ଦ ଶରୀରେ ।
ଶୁଣି ପରୀକ୍ଷ ଦଣ୍ଡଧାରୀ । ମୁନି ଚରଣ ତଳେ ପଡ଼ି ।
ବୋଲଇ ହୋଇ କୃତକୃତ । ଶୁଣି ଚରିତ ଭାଗବତ ।
ହେମୁନି ହୋଇଲି ଚକିତ । ତୁମ୍ଭେ କହିଲ ବିପରୀତ ।
ପରପୁରୁଷେ ଚିତ୍ତ ଦେଲା । ସେ କିମ୍ପା କୃଷ୍ଣଙ୍କୁ ପାଇଲା ।
ଶୁଣି ହସିଲେ ମୁନିବର । ବୋଲନ୍ତି ଶୁଣ ଦଣ୍ଡଧର ।
ପୂର୍ବେ ମୁଁ କହିଅଛି ତୋତେ । ପୁରାଣ ଶିରି ଭାଗବତେ ।
କୃଷ୍ଣଙ୍କୁ କରି ଶତ୍ରୁ ବଳ । ମୋକ୍ଷ ହୋଇଲା ଶିଶୁପାଳ ।
ତାହାଙ୍କୁ ପ୍ରିୟପଣେ ସେବି । କିମ୍ପା ନୋହିବେ ମୋକ୍ଷଭାଗୀ ।
ଜଗତ ତାରିବାର ଆଶେ । ବ୍ରହ୍ମ ପ୍ରକାଶି ଅଛି ଅଂଶେ ।
ନିର୍ଗୁଣ ହୋଇ ଗୁଣବନ୍ତ । ଦାସବଛଳ ଗୋପୀନାଥ ।
ତାହାର ନାହିଁ କାମ କ୍ରୋଧ । ସୁହୃଦେ ଯେକଇ ସ୍ୱଭାବ ।
ଯାହାର ମନ ହୋଏ ଲୟେ । ସେ ପ୍ରାଣୀ ପଶେ କୃଷ୍ଣଦେହେ ।
ଯେଣେ ତୁ ସନ୍ଦେହ ନ କର । ମହାମହିମା ଯୋଗେଶ୍ୱର ।
ଗୋପୀଯେ ଗଲେ ରାତ୍ରକାଳେ । ମିଳିଲେ କଦମ୍ବର ତଳେ ।
ଷୋଳ ସହସ୍ର ଗୋପବାଳୀ । ଦେଖିଲେ ପ୍ରଭୁ ବନମାଳୀ ।
ନାନା କୁସୁମେ ପରିମଳ । ହୃଦେ ଲମ୍ବଇ ବନମାଳ ।
ଗୁଞ୍ଜୃଘ ପାଟି ତାଳୁ ଚୂଳ । ଶ୍ରବଣେ ମକରକୁଣ୍ଡଳ ।
ନୂପୁର କଙ୍କଣ ବିରାଜେ । ରତ୍ନମେଖଳା କଟୀ ସାଜେ ।
ପୀତବସନ ବେଣୁଧର । ନବଢ଼ ସୁରଙ୍ଗ ଅଧର ।
କୋଟିଯେ କାମ ନୋହେ ସରି । ଦେଖି ଚକିତ ବ୍ରଜନାରୀ ।
ଅନଳ ଦେଖିଣ ପତଙ୍ଗ । ଯେସନ୍ତେ ଧାଆନ୍ତି ଉଦବେଗ ।
ବେଢିଲେ ଶତେଯୂର ହୋଇ । କହନ୍ତି କୃଷ୍ଣକୁ ଅନାଇ ।
ଗୋପୀଙ୍କି ଦେଖି ବନମାଳୀ । ବଦନୁ ଥୋଇଲେ ମୁରଲୀ ।
କୋମଳ ଗମ୍ଭୀର ବଚନେ । କହନ୍ତି ପ୍ରଭୁ ଭଗବାନେ ।
ଯେଣେ ନ କର ଖେଦ ଚିତ୍ତ । କହଇ ଶୁଣ ଭାଗବତ ।

ଶୁଣ ଗୋ ବ୍ରଜବଧୂଜନେ । ତୁମ୍ଭେ ଅଇଲ କମ୍ପା ବନେ ।
ଗୋପର କହ ଭଲ କଥା । ମୋ ନନ୍ଦ ଯଶୋଦା ବାରତା ।
ଗୋପେ କି ଆପଦ ପଡ଼ିଲା । ମୋତେ ତ ସନ୍ଦେହ ଲାଗିଲା ।
ଗୋରୁ ଗୋପାଳ ନେଲେ ବାନ୍ଧି । ତୁମ୍ଭେ ଅଇଲ ବନେ କାନ୍ଦି ।
ସଙ୍ଗ ସମ୍ପଦ କଲେ ଜୂର । କି ଅବା ମିଳିଲେ ଅସୁର ।
ଯେମନ୍ତ ପ୍ରାୟେ ମୁଁ ମଣଇ । କମ୍ପା ଅଇଲ ବନେ ଧାଇଁ ।
ଭଲେ ଅଇଲ ମୋ ନିକଟେ । ବଣା ନୋହିଲ ବଣବାଟେ ।
ରଜନୀ ହୋଇଛି ଉତ୍ଥର । ବନ ଗହନ କୁଞ୍ଜ ଘୋର ।
ବ୍ୟାଘ୍ର ଭଲ୍ଲୁକ ବନଗାବେ । ତୁମ୍ଭଙ୍କୁ ଦେଖିଲେ ଖାଇବେ ।
ସ୍ୱଭାବେ ହିଂସ୍ର ଜନ୍ତୁ ହୋଇ । ବନେ ତୁମ୍ଭର ଭୟ ନାହିଁ ।
ନିଶ୍ଚେ ହୋଇବ ଆଜ ନାଶ । ମରଣ କଲଟି ବିଶ୍ୱାସ ।
ଯାଅ ନଥାଅ ବନ ଘୋରେ । ତୁମ୍ଭଙ୍କୁ ଲୋଡ଼ୁଥିବେ ଘରେ ।
ମାତା ପିଅର ପୁତ୍ର ଭାଇ । ଲୋଡ଼ୁ ଅଛନ୍ତି ନାମ ଗାଇ ।
ଯେ ଯାହା ସ୍ୱାମୀ କୋପଭରେ । ଖୋଜନ୍ତି ଘରଦ୍ୱାର ପଥେ ।
ନ ପାଇ କରିବେଟି ରୋଷ । ତୁମ୍ଭେ ହୋଇବ ଜାତି ନାଶ ।
ବନ୍ଧୁ ବାନ୍ଧବ ତୁମ୍ଭ ଘରେ । ଅନ୍ନ ନ କରିବେ ଆହାରେ ।
ଜଳହିଁ ନ କରିବେ ପାନ । ତୁମ୍ଭେ ହୋଇବ ଜାତିହୀନ ।
ନ ଜାଣି ଯେବେ ଗୋ ଅଇଲ । ବହନ କର ମୋର ବୋଲ ।
ଦେଖ ଯେ ବନ ପରିମଳ । ନାନା କୁସୁମେ ନିର୍ମଳ ।
ମଳୟ ପବନ ଶୀତଳ । ତରୁ ପଲ୍ଲବେ ଭୃଙ୍ଗମେଳ ।
ବହନ ଯାଅ ଗୋପପୁର । ନିଜ ପତିଙ୍କି ସେବାକର ।
ଗାଈଙ୍କ ଗୋଡ଼େ ବଛା ବାନ୍ଧି । ତୁମ୍ଭେ ଯେ ଦୁହୁଁ ଥିଲ ଛନ୍ଦି ।
ସ୍ତନ ନ ପାଇଣ ବାଛୁରୀ । କାନ୍ଦନ୍ତି ହମ୍ବାରବ କରି ।
ବାଳକ ଧରିଥିଲ କୋଳେ । ପକାଇ ଅଇଲ ଯେ ତଳେ ।
ଉଷ୍ଣ ଛୁଟିଲା ଦନ୍ତପାଟି । କାନ୍ଦନ୍ତି ଭୁଞ୍ଜେ ଭରି ମାଟି ।
ବହନ ନିଜ ଘରେ ଯାଅ । ସ୍ତନ ପିଆଇ ଗାଈ ଦୁହଁ ।
ଯେବେ ଅଇଲ ବେଣୁନାଦେ । ମୋ ରୂପ ଦେଖିବାର ସଧେ ।
ଯେବେ ଦେଖିଲ ମୋର ଦେହ । ଯାଅ ଗୋ ଦଣ୍ଡେହେଁ ନ ରହ ।

ସ୍ୱାମୀଙ୍କ ସଙ୍ଗେ ପ୍ରୀତି କର । ଉଚିତ ଧର୍ମ ଗୋ ତୁମ୍ଭର ।

× × × ×

ଗୋପୀଏ କୃଷ୍ଣ କଥା ଶୁଣି । ଚିନ୍ତା ବିକଳେ ମନେ ଗୁଣି ।
ବଜ୍ର ପଡ଼ିଲା ଯେସନ୍ତେ ଶିର । ବଦନୁ ନଇଲା ଉତ୍ତର ।
ନିଶ୍ୱାସ ବହେ ଖରତର । ଶୁଖିଲା ସୁରଙ୍ଗ ଅଧର ।୧୪୯।
ଦଶନେ ଅଧର କାମୋଡ଼ି । କର ଯୁଗଳ ଶିରେ ଛାଡ଼ି ।
ଚରଣ ଅଙ୍ଗୁଳିର ଅଗ୍ରେ । ଭୂମି ଚିରନ୍ତି କାମବ୍ୟଗ୍ରେ ।
କମ୍ପଇ ବିକଳେ ଶରୀର । ବେନି ଲୋଚନୁ ବହେ ନୀର ।
ଅଞ୍ଜନ କୁଙ୍କୁମର ସଙ୍ଗେ । ଲୁହ ପଡ଼ଇ କୁଚଯୁଗେ ।
ଦୁଃଖସାଗରେ ନିମଜ୍ଜିଲେ । ସମସ୍ତେ ଲୋଚନ ବୁଜିଲେ ।
ହୋଇଲେ ମୃତପିଣ୍ଡ ପ୍ରାୟେ । ଦେଖନ୍ତି ପ୍ରଭୁ ଦେବରାୟେ ।
କୃଷ୍ଣ ନିଷ୍ଠୁର ବାକ୍ୟ ଶୁଣି । ଧର୍ମ ଅଧର୍ମ ମନେ ଗୁଣି ।
ଯାହାର ପାଇଁ ଗୃହବାସ । ଛାଡ଼ିଲୁ ଜୀବନର ଆଶ ।
ତାର ନିଷ୍ଠୁର କଥା ପାଇଂ । ଜୀବନ ଦଣ୍ଡେ ନ ରହଇ ।
ବେନି ଲୋଚନ ଘଷି କରେ । କୃଷ୍ଣଙ୍କୁ ଗୁହାରିଲେ ସଧୀରେ ।୧୫୦।
ପାଦେ ପଡ଼ିଲେ ଯୁକାବେଳେ । କହନ୍ତି ଜୀବନ ବିକଳେ ।
ଶିର ଲଗାଇ ପଦ୍ମପାଦେ । କହନ୍ତି ଶୋକ ଗଦଗଦେ ।
ହେ ନାଥ ତୁମ୍ଭେ ଭାବଗ୍ରାହୀ । ପ୍ରେମନ୍ତ ବୋଲୁ କାହିଁପାଇଁ ।
ତୁ ନୋହୁ ଯଶୋଦାନନ୍ଦନ । ଅନାଦି ଜ୍ୟୋତି ନିରଞ୍ଜନ ।
ଆମ୍ଭେ ଅଭାଗୀ ଦୁଃଖୀନାରୀ । ଆଉ କି ଯିବୁ ଗୋପପୁରୀ ।
ଛାଡ଼ିଲୁ ବିଷୟ ବିଷାଦ । ପାଇ ତୋହୋର ପଦ୍ମପାଦ ।
ଆମ୍ଭନ୍ତ ତେଜୁ କାହିଁପାଇଁ । ତେ ତହୁଂ ଅନ୍ୟଗତି ନାହିଁ ।
ଜୀବନ ରଖ ନନ୍ଦବାଳ । ଆମ୍ଭର ପୂରିଲାଟି କାଳ ।
ହୋଠ ଅନଳପ୍ରାୟେ ହୋଇ । କାମ ଅନଳ ହୃଦ ଦହି ।
ଲଭାଅ ମୁଖ ରସ ଦେଇ । ଦାସ ବତ୍ସଳ ଭାବଗ୍ରାହୀ ।୧୬୦।
ଯେବେ ନ ରଖ ବନମାଳୀ । ମରିବୁଂ ସକଳ ଗୁଆଳୀ ।
ହତ୍ୟାହୋଇବ ତୋର କନ୍ଧେ । ଶୁଣି ହସନ୍ତି ଆନନ୍ଦେ ।

× × × ×

ଗୋପୀନ୍ ଦେଖିଣ ବିକଳ । ଉଷ୍ଣା ବସିଲ୍ଲ ଆଦ୍ୟମୂଳ ।
ଆନନ୍ଦେ ବେନିଭୁଜ ତୋଳି । ଆସ ବୋଇଲେ ବନମାଳୀ ।
ତକ୍ଷଣେ ପାଇଲେ ଜୀବନ । ହରଷ ଗୋପୀଙ୍କର ମନ ।
କୃଷ୍ଣଙ୍କୁ ବେଢ଼ିଲେ ଯୁବତୀ । ଗଗନେ ଯେହ୍ନେ ଗ୍ରହପନ୍ତି ।
ଗୋପୀଏ ତୋଷମନ ହୋଇ । ପୁଷ୍ପ ତୋଳନ୍ତି ବନେ ଯାଇ ।
ମାଳା ଗୁନ୍ଥିଲେ ଯତ୍ନ କରି । ବର ବରିଲେ ନରହରି ।
କାଳିନ୍ଦୀ ବାଲିକୁଦେ ଯାଇ । ଗୋପୀଙ୍କ ମଧ୍ୟେ ଭାବଗ୍ରାହୀ ।
ମାୟାର ଯୋଗବଳେ ହରି । ଷୋଳ ସହସ୍ର ରୂପ ଧରି ।୧୬୦।
ହୋଇଲେ ବେନି ବେନି ଜନ । ଗୋପୀ ରମିଲେ ଭଗବାନ ।
ରତି ପଣ୍ଡିତ ବଳବନ୍ତ । ତୋଷିଲେ ଗୋପୀଙ୍କର ଚିତ୍ତ ।

( 'ଭାଗବତ', ଦଶମସ୍କନ୍ଧ,
୩୦ଶ ଅଧ୍ୟାୟରୁ ଗୃହୀତ )

*

# ଦୀନ ବାନ୍ଧବ ହେ

## ବଳରାମ ଦାସ

ଦୀନ ବାନ୍ଧବ ହେ, ମୋ ଦୁଃଖ ନ ଗଲା ସେ
ତୁମ୍ଭେ ଦୀନବନ୍ଧୁ ମୋତେ ପାଶୋରିଲେ ମୋ ବନ୍ଧୁ ହୋଇବ କିଏ ।
ତୁଳସୀର ମାଳ ତୁଳସୀର ଚୂଳ ତୁଳସୀ ମଥାରେ ଦେଇ
ତୁଳସୀ ଚଉଁରା ମୂଳେ ଅନାଇଲେ ନୀଳଚକ୍ର ଦିଶୁଥାଇ ।
ଚୂଳର ଉପରେ ସେବକଙ୍କର ଗଣ୍ଡ ଦେଖିଲେ ମାଡ଼ଇ ଭସ୍ମେ
ଦୀନବନ୍ଧୁ ଠାରେ ଭକତି ନ ଥାଇ ଯେତେଣେ ଯାଉଥିଲେ ଜପେ ।
ଦୀନବନ୍ଧୁ ବୋଲି ଯାହାକୁ ବୋଲନ୍ତି ସେହି ସେ ପରମ ଯୋଗୀ
ଯୋଗୀମାନଙ୍କର ଆତଙ୍କ ନାଶନ ଦୁଃଖୀମାନଙ୍କର ଭୋଗୀ ।
ଆଦ୍ୟ ଅନାଦ୍ୟରେ ବନ୍ଧନ ପଡ଼ିଛି ମାୟାମୋହ ଲଗି ଧନ୍ଦ
ଶୂନ୍ୟ ପୁରୁଷ ଯେ ଶୂନ୍ୟରେ ଯାଉଛି ପଞ୍ଜରା ପଡ଼ିବ ବନ୍ଦ ।
ଏ ଭବ ସାଗରୁ ତରିବା ନିମନ୍ତେ ପଥର ବାନ୍ଧିଛ ଭେଳା
ତୁମେ ନ ରଖିଲେ ଭାସି ମୁଁ ଯାଉଛି ରଖ ରଖ ଚକାଡୋଳା ।
ଭଗତ ଭାବରୁ ପ୍ରସନ୍ନ ହେବାରୁ ଭାବ ବିନୋଦିଆ ଯେଣୁ
ବଳରାମ ଦାସ ଅନ୍ୟ ନ ମାଗଇ ମାଗଇ ଚରଣ ରେଣୁ ।

*

# ସଖି ଗୃହାଁ ଗୋ

## ବଳରାମ ଦାସ

ସଖି ଗୃହାଁ ଗୋ, ହସ ହସ ହେଉଛନ୍ତି ନାହା ଗୋ,
ବେଦ ଲଗନେ କହିଛୁ ଯାହା ଗୋ ।
ନଘୋଡ଼ କରି ଭୁଜ ଧରି ନେଉଛନ୍ତି
ଏହାଙ୍କର କେହି ନାହାନ୍ତି କ ସାହା ଗୋ ।

ସଖି ଗୋ ଜାଣିଲି ମୋ ପ୍ରଭୁ ଜଗତ ଖାଟକ
ତାଙ୍କୁ ଲୋକେ ନେଉଛନ୍ତି ଧରି,
ପାହିବାକୁ ଗଣ ପହଣ୍ଡୋକ ଥାଉଁ
ସେ ହରିଲେ କାହାର ନାରୀ ଗୋ ।

ସଖି ଗୋ ଝଙ୍କ ହୋଇଲାର ପ୍ରାପ୍ତେକ ଦଟନ୍ତି
ଅଣ୍ଟାରେ ପାଟର ଡୋର । ୧୦ ।
ଚକ୍ର ଆକାରରେ ସେବକ ବେଢ଼ିଛନ୍ତି
ଆବୋରି ଡ଼ାକ ଘୁମୁର ।

ସଖି ଗୋ ପୂର୍ବେ ରାଜଜେମା ହେରାଇ ଆଣିଲେ
ତାଙ୍କ ଚର ଭେଟାଇଲେ ଆଣି
ବଳରାମ ଦାସ ତା ଦେଖି ଉଷତ
ଧରିନେଲେଟି ତନ ପରାଣୀ ଗୋ ।

*

# କାନ୍ତ କୋଇଲି

## ବଳରାମ ଦାସ

କୋଇଲି, କାନ୍ତ ମୋର ଗଲେ ମୃଗ ମାରି,
କପଟେ ରାବଣ ମୋତେ ନେଉଅଛି ଧରି ଲୋ, କୋଇଲି ।
କୋଇଲି, ଖଳ ବୋଲି ଜାଣି ନ ପାରିଲି,
ଖଳ ଯେ କନକ ମୃଗ ଦେଖି ଲୋଭ କଲି ଲୋ, କୋଇଲି ।
କୋଇଲି, ଗରୁ ଶ୍ରଦ୍ଧା ବଳିଲା ମୋହର,
ଗେଲେ ମୁଁ ବୋଇଲି ରାମ ଏ କୁରଙ୍ଗୀ ମାରି ଲୋ, କୋଇଲି ।
କୋଇଲି, ଘଟଣ ଯା' କରିଛି ବିଧାତା,
ଘୋର ବନେ ମୃଗ ମାରି ଗଲେ ମୋ କରତା ଲୋ, କୋଇଲି ।
କୋଇଲି, ଲକ୍ଷଣକୁ ଜଗାଇ ଦୁଆର,
ନାରାଚରେ ମୃଗ ବିନ୍ଧିଗଲେ ରଘୁବୀର ଲୋ, କୋଇଲି ।

କୋଇଲି, ଚାପଧରି ଗଲେ ରଘୁନାଥ,
ଚାପେ ଶର ସନ୍ଧି ମୃଗ ପ୍ରାଣ କଲେ ହତ ଲୋ, କୋଇଲି ।
କୋଇଲି, ଛାଡ଼ିବାର ବେଳେ ମୃଗ ପ୍ରାଣ,
ଛନ୍ଦରେ ଡାକିଲା ମୋତେ ରଖ ହେ ଲକ୍ଷ୍ମଣ ଲୋ, କୋଇଲି ।
କୋଇଲି, ଜାଣି ନ ପାରିଲି ଛନ୍ଦ ମୁହିଁ,
ଯାଅ ବୋଲି ଲକ୍ଷ୍ମଣକୁ ଦେଲି ପଠିଆଇ ଲୋ, କୋଇଲି ।
କୋଇଲି, ଝଟତିରେ ଯାଆନ୍ତେ ଲକ୍ଷ୍ମଣ,
ଝାଡ଼ର ଭିତରେ ଲୁଚି ଥିଲାଟି ରାବଣ ଲୋ, କୋଇଲି ।
କୋଇଲି, ନିର୍ମଳ ତପସ୍ୱୀ ରୂପ ଧରି,
ନିର୍ଭରେ ବସିଲା ଆସି ଦୁଆର ଆବୋରି ଲୋ, କୋଇଲି ।

କୋଇଲି, ଟେକିଣ କହଇ ମାୟା ଯତି,
ଟେକ ମୋତେ ଫଳ ଭିକ୍ଷା ଦିଅ ମହାସତୀ ଲୋ, କୋଇଲି ।
କୋଇଲି, ଠିକ କଥା ଜାଣି ନ ପାରିଲି,
ଠକ ଯତି କରେ ପୁଣି ଫଳ ଭିକ୍ଷା ଦେଲି ଲୋ, କୋଇଲି ।
କୋଇଲି, ଡିଙ୍ଗର ରାବଣ ବଡ଼ ଦୁଷ୍ଟ,
ଡାହାଣ ଭୁଜକୁ ମୋର ଧରିଲା ପାପିଷ୍ଠ ଲୋ, କୋଇଲି ।

କୋଇଲି, ତକ୍ଷଣ ରୁହିଁଲ ଆକାଶକୁ,
ତଳେ ରଥ ଶୂନ୍ୟେ ଆସି ମିଳିଲା ତାହାକୁ ଲୋ, କୋଇଲି ।
କୋଇଲି, ଆଣି ମୋତେ ରଥରେ ବସାଇ,
ଆକାଶ ମାର୍ଗରେ ରଥ ନେଲା ତହୁଁ ବାହି ଲୋ, କୋଇଲି ।
କୋଇଲି, ଭୁବନେ ତା ରାଜ୍ୟରେ ମିଳିଲା,
ତହୁଁ ଅଶୋକ ବନରେ ମୋତେ ଲୁଚାଇଲା ଲୋ, କୋଇଲି ।
କୋଇଲି, ଥାନ୍ତି ଜଗି ସହସ୍ରେ ଅସୁରୀ,
ସ୍ଥାନ ଟିକିଏ ନ ଥାଏ ବସିଥାନ୍ତି ଘେରି ଲୋ, କୋଇଲି ।
କୋଇଲି, ଦିବା ରାତି ଦୁଇ ମୋର ଏକା,
ଦିନ ନ ସରଇ ନିରନ୍ତରେ କରି ଦକା ଲୋ, କୋଇଲି ।
କୋଇଲି, ଧାତା ମୋତେ ଏତେ କଷ୍ଟ ଦେଲା,
ଧରାଇ ଅସୁର ଘରେ ବନ୍ଦୀ କରାଇଲା ଲୋ, କୋଇଲି ।
କୋଇଲି, ନାରାଚ ଘେନିଣ ରଘୁନାଥ,
ନିମିଷରେ ମୃଗ ମାରି ଆସି ବେନି ଭ୍ରାତ ଲୋ, କୋଇଲି ।
କୋଇଲି, ପର୍ଣ୍ଣକୁଟୀ ଦ୍ୱାରେ ଡ଼ାକୁଥିବେ,
ପଞ୍ଜୁର ପକ୍ଷୀଙ୍କୁ ଜଳ ଦିଅ ସୀତା ଏବେ ଲୋ, କୋଇଲି ।
କୋଇଲି, ଫୁଟି ଡ଼ାକୁଥିବେ ବେନିଭାଇ,
ଫୁଟିକୁଁ ତୃଷାରେ ଜଳ ଦିଅ ବଇଦେହି ଲୋ, କୋଇଲି ।
କୋଇଲି, ବୋଲ ଯେବେ ନ ଶୁଣିବେ ମୋର,
ବୋଲିବେ କେ ଘେନିଗଲା ସୀତାଙ୍କୁ ଆମ୍ଭର ଲୋ, କୋଇଲି ।
କୋଇଲି, ଭାଇ ବେନି ବନେ ବୁଲୁଥିବେ,
ଭଲ ଲୋକ ଦେଖିଲେ ବାରତା ପଚାରିବେ ଲୋ, କୋଇଲି ।
କୋଇଲି, ମଡ଼ଆ ଦୁଆରେ ବେନିଭାଇ,
ମୋତେ ଡାକୁଥିବେ କାନ୍ଧ ମୃଗଭାର ଥୋଇ ଲୋ, କୋଇଲି ।
କୋଇଲି, ଜୀବ ଯିବା ପ୍ରାୟେ ହେଉ ଥିବେ,
ମାସକ ଯେ ଲକ୍ଷେ ଯୁଗ ପରାୟେ ମଣିବେ ଲୋ, କୋଇଲି ।
କୋଇଲି, ରାବୁଥିବେ ମୋର ନାମଧରି,
ରସ ଦିବା ନୟନରୁ ବହୁଥିବ ବାରି ଲୋ, କୋଇଲି ।

କୋଇଲି, ଲଙ୍କାର ରାବଣ ଆଣିବାର,
ଲକ୍ଷ୍ମଣ ସହିତେ କାନ୍ତେ ନୋହିଲି ଗୋଚର ଲୋ, କୋଇଲି ।
କୋଇଲି, ବାରତା ପାଇଲେ ପ୍ରାଣନାଥ,
ବାରାନିଧି ବାନ୍ଧଣ ଆସିବେ ବେନିଭ୍ରାତ ଲୋ, କୋଇଲି ।
କୋଇଲି, ଶରେ ରାବଣକୁ ବିନାଶିବେ,
ଶାଡ଼ୀବାନ୍ଧ ବିଭୀଷଣେ ରାଜା କରାଇବେ ଲୋ, କୋଇଲି । । ୭୦ ।
କୋଇଲି, ଶ୍ରୀରାମ ଲକ୍ଷ୍ମଣ ବେନିଭାଇ,
ଶିଷ୍ଟପାଳ ଦୁଷ୍ଟନାଶି ଉଶ୍ୱାସନ୍ତ ମହୀ ଲୋ, କୋଇଲି ।
କୋଇଲି, ଶୁଭେ ହୋଇ ଲଙ୍କାରେ ପ୍ରବେଶ,
ସଙ୍ଗେ ନେଇ ମୋତେ ଚଳିଯିବେ ନିଜ ଦେଶ ଲୋ, କୋଇଲି ।
କୋଇଲି, ହେବେ ମୋତେ ଘେନି ଅଭିଷେକ,
ହରଷେ ଖଟିବେ ତାଙ୍କ ପାଦ ମନ୍ତ୍ରୀ ଲୋକ ଲୋ, କୋଇଲି ।
କୋଇଲି, ଷମେ ରାମ ଅଯୋଧ୍ୟା ପ୍ରବେଶ,
ଷଷଦେ ଭଣିଲେ ଗୀତେ ବଳରାମ ଦାସ ଲୋ, କୋଇଲି ।

*

# କମଳ ଲୋଚନ ଚଉତିଶା

## ବଳରାମ ଦାସ

କମଳ ଲୋଚନ ଶ୍ରୀଧର । କରେଣ ଶଙ୍ଖ ଚକ୍ରଧାରୀ ।
ଖଗ ଆସନେ ଖଗପତି । ଖଟନ୍ତି ଲକ୍ଷ୍ମୀ ସରସ୍ୱତୀ ।
ଗରୁଡ଼ ଆସନେ ମୁରାରି । ଗୋପରେ ରଖିଲେ ବାଛୁରୀ ।
ଘନ କଠିନ କଳେବର । ଘଟଣ ଶ୍ରୀମୁଖ ସୁନ୍ଦର ।
ନନ୍ଦନନ୍ଦନ ଗୋପୀନାଥ । ନିସ୍ତରିଯିବ ନରେ ଚିନ୍ତ ।
ଚନ୍ଦ୍ରମା ପ୍ରାୟେକ ବଦନ । ଚୁହିଁଲେ ଖଣ୍ଡେ ଦୁଃଖମାନ ।
ଛବୀ ଉତ୍ତମ ଶିରୋମଣି । ଛଟକେ ଆଣିଲେ ରୁକ୍ମଣୀ ।
ଜଗଜ୍ଜୀବନ ଦାଶରଥି । ଜାନକୀ ଦେବୀ ପ୍ରାଣପତି ।
ଝୀନ ପଟମୀ ଅଙ୍ଗେଶୋଭି । ଝଟକେ ବିଦ୍ୟୁ ପ୍ରାୟେ ଆଭି ।
ମିଳେନ୍ଦ୍ରୀ ଜଳେ ପଦ୍ମଆଖି । ନିସ୍ତରିଯିବା ନରେ ଦେଖି ।୧୦।

ଟେକିଲେ ଦୁବ କରେ ଦାରୁ । ଟାଣପଣରେ ଭାଙ୍ଗେ ମେରୁ ।
ଠଣ ସୁନ୍ଦର ଶିରୋମଣି । ଠିକେ କମଳା ଯାର ରାଣୀ ।
ଡମ୍ବରୁଧର ଯାକୁ ସେବା । ଡ଼ରେ ଖଟନ୍ତି ସର୍ବ ଦେବା ।
ଢ଼ମ ଯେ କଲ୍ଲ ରାପ୍ୟେକଂସ । ଢ଼ାଳେ ଅସୁର ଗଲ୍ଲନାଶ ।
ଅନନ୍ତ ନାମେ ଅନ୍ତନାହିଁ । ଅଣ ଅକ୍ଷରେ ଯାର ଦେହୀ ।
ତପନ କୁଳେ ଅବତରି । ତାରିଲେ ଗଉତମ ନାରୀ ।
ଥିବରପଣେ ମାୟାଗତି । ଥୟ ନ ଜାଣେ ବେଦପତି ।
ଦରିଦ୍ର ଦାମୋଦର ମିତ୍ର । ଦଣ୍ଡକେ ଦେଲେ କୋଟିଅର୍ଥ ।
ଧରଣୀଧର ଶିରୋମଣି । ଧ୍ରୁବଙ୍କୁ ନିସ୍ତାରିଲେ ପୁଣି ।
ନୃସିଂହମାଧବ ମୁରାରି । ନଖେଣ ହିରଣ୍ୟ ବିଦାରି ।୨୦।

ପରମାନନ୍ଦ ପଦ୍ମନାଭ । ପୂରି ରହିଛ ସର୍ବ ଜୀବ ।
ଫୁଲ୍ଲପଣକୁ ନୋହେ ସରି । ଫୁଲ ମାଳରେ ଦେହଭରି ।
ବାଳକ ବଧକଲ ହେଳେ । ବନ୍ଧ ବାନ୍ଧିଲ ସିନ୍ଧୁଜଳେ ।
ଭାଙ୍ଗିଲ ରତ୍ନମୟ ପୁର । ଭ୍ରାନ୍ତି ଛୁଡ଼ିଲ ଦେବଙ୍କର ।
ମାଇଲ ଅକ୍ଷୟ ରାବଣ । ମହିମା କେ କରୁ ବଖାଣ ।
ଯାଦବ ବଂଶେ ଜାତହୋଇ । ଜଗତ ଉଦ୍ଧାରିବା ପାଇଁ ।

ରଖିଲ ଜଳରେ ଗଜଙ୍କୁ । ଘଗେଣ ଛେଦିଲ ଗ୍ରାହକୁ ।
ଲାବଣ୍ୟ ମୂର୍ତ୍ତି ଲକ୍ଷ୍ମୀଧର । ଲୟୁ କରନ୍ତି ସୁରନର ।
ଶ୍ରୀପତି ଶ୍ରୀକର ଶ୍ରୀଧର । ଶ୍ରିୟା ଦେବୀଙ୍କ ମନୋହର ।
ସଂସାର ଭିତରେ ଉତ୍ତମ । ସାଧୁଙ୍କ ଚିତ୍ତରେ ଜନମ ।୩୦।
ଶ୍ୟାମସୁନ୍ଦର କଳେବର । ସକଳ ଦେବେ ପରସ୍ବର ।
ହରି ବୋଇଲେ ହରେ ଦୁଃଖ । ହରି ଆନନ୍ଦ ମହାସୁଖ ।
କ୍ଷମା ସାଗର ପୀତବାସ । ଭଣିଲେ ବଳରାମ ଦାସ ।

*

# ଲକ୍ଷ୍ମୀ ପୁରାଣ

## ବଳରାମ ଦାସ

ଶୁଣ ହେ ନାରଦ ଏଣେ ହରି ବଳରାମ
ମୃଗୟା ବିନୋଦେ ଯାଇଥିଲେ ଘୋରବନ ।
ଯୋଗବଳେ ବଳରାମ ଏ କଥା ଜାଣିଲେ
ଡାକ କରି ଶ୍ରୀହରିଙ୍କୁ ଏମନ୍ତ କହିଲେ ।
ଦେଖ ଦେଖ କହ୍ନାଇ ତୋର ଭାରିଯା ଆଚାର
ଜନ୍ମ ହୋଇ ଅଛଇ ସେ ଚଣ୍ଡାଳୁଣୀ ଘର ।
ହାଡ଼ିଘରେ ଥିବ ଲକ୍ଷ୍ମୀ ପାଣଘରେ ଥିବ
ସ୍ନାନ ନ କରଣ ବଡ଼ ଦେଉଳେ ପଶିବ ।
ଏହିରୂପେ ସବୁଦିନେ ଦେଉଳେ ପଶୁଛି
ଦୁଇଗୋଟି ଭାଇଙ୍କୁ ବିଟାଳ କରାଉଛି ।
ଦାରିଦ୍ର୍ୟ ଭଞ୍ଜନୀ ନାମ ଯେଣୁ ଅଛି ବହି
ଦରିଦ୍ରମାନଙ୍କ କଷ୍ଟ ନ ପାରଇ ସହି ।
ସୁଦଶା ନାମରେ ଏକବ୍ରତ ଯେ ତାହାର
ଏହି ବ୍ରତେ ଚଣ୍ଡାଳୁଣୀ ପୂଜଇ ପସୂର ।
ଭାରିଯାରେ କାର୍ଯ୍ୟ ଯେବେ ଅଛିରେ କହ୍ନାଇ
ଚଣ୍ଡାଳ ସାହିରେ ଘର କରି ବେଗେ ଯାଇ ।
ଆମ୍ଭ ବାକ୍ୟ ମାନ ତାକୁ ଦିଅ ଘଉଡ଼ାଇ ।
ଏପରି ଘରଣୀ ଥିଲେ ଭଲ ଗତି ନାହିଁ ।
ଗୋବିନ୍ଦ ବୋଇଲେ ଭାଇ ଘଉଡ଼ାଇ ଦେବା
ଲକ୍ଷ୍ମୀ ପରି ଭାରିଯାକୁ ଆଉ ନ ପାଇବା ।
ସେ ଯେବେ ଦୋଷ କରିଛି ଏମନ୍ତ କରିବା
ସ୍ୱର୍ଗପୁର ଲୋକଙ୍କୁ ହକାରି ଅଣାଇବା ।
ପାଞ୍ଚଲକ୍ଷ ଟଙ୍କା ଦେଇ ଜାତି କରାଇବା
ଆଉ ବେଳେ ଯଦି ତାର ଅମାତ ଦେଖିବା ।
ଦେଉଳ ଭିତରୁ ତାକୁ ଦେବା ଘଉଡ଼ାଇ
ଏକଥା ପ୍ରମାଣ ତୁମ୍ଭେ ଶୁଣ ଜ୍ୟେଷ୍ଠ ଭାଇ ।

ନ ଜାଣି ଯେ ଦୋଷକଲେ ସିନ୍ଧୁ ରାଜକନ୍ୟା
ବାରେ ମାଗ ଭ୍ରାତ ତାଙ୍କ ଦୋଷ କର କ୍ଷମା ।
ବଳରାମ ବୋଲୁଛନ୍ତି ଶୁଣ ଭାବଗ୍ରାହୀ
ତୋର ଲକ୍ଷ୍ମୀ ଥିଲେ ମୁହିଁ ରହିବଇଁ ନାହିଁ ।
ଘରଯା ଅଟଇ ସିନା ପାଦରେ ପାଣ୍ଡୋଇ
ଘାଇଥିଲେ କୋଟି ଭାର୍ଯ୍ୟା ମିଳ ଯେ ପାରଇ ।
ଭାର୍ଯ୍ୟାଠାରେ ଲୋଭ ଯେବେ ଅଛୁରେ କହ୍ନାଇ
ଚଣ୍ଡାଳ ସାହିରେ ଯେ ନଅର ତୋଳ ଯାଇଁ ।
ମୋର ବଡ଼ ଦେଉଳକୁ ଆଉ ନ ଆସିବୁ
ମାଇପକୁ ଘେନି ଗ୍ରାମବାହାରେ ରହିବୁ ।
ଧିକ୍କାର ବଚନ ପ୍ରଭୁ ସହି ନ ପାରିଲେ
ଛାଡ଼ିଲ ବୋଲଣ ରଙ୍ଗ ଅଧରେ କହିଲେ ।
ଦେଉଳର ସିଂହଦ୍ୱାରେ ପ୍ରବେଶ ହୋଇଲେ
ଊର୍ଦ୍ଧ୍ୱମୁଖ ହୋଇ ପ୍ରଭୁ ନିଃଶ୍ୱାସ ଛାଡ଼ିଲେ ।
ଶୁଣ ହେ ନାରଦ ତେଣେ ଶ୍ରୀୟା ଚଣ୍ଡାଳୁଣୀ
ପୂଜା କରୁଥିଲା ଲକ୍ଷ୍ମୀଙ୍କର ପାଦ ବେନି ।
ତାହାର ପୂଜାରେ ଦେବୀ ସନ୍ତୁଷ୍ଟ ହୋଇଲେ
ଯାଚଣ ଅନେକ ବର ପ୍ରଦାନ ସେ କଲେ ।
କୁଟୀର ଖଣ୍ଡିକ ଥିଲା ବଲୁଆର ବାସ
ଲକ୍ଷ୍ମୀ ଦୟା କଲେ ତାକୁ ଚନ୍ଦନ ଉଆସ ।
ଯେଉଁ ଚଣ୍ଡାଳୁଣୀ ଘରେ ନ ଥିଲାକ ଅନ୍ନ
ଘର କୋଣେ ଦେଲେ ତାକୁ ଶୁଦ୍ଧ ଯେ ସୁବର୍ଣ୍ଣ ।
ଯେଉଁ ଚଣ୍ଡାଳୁଣୀ ଘରେ ନ ଥିଲାକ ପୁତ୍ର
ଲକ୍ଷ୍ମୀ କୃପା କଲେ ତାର ହେଲା ପାଞ୍ଚସୁତ ।
ଧନ ପୁତ୍ରବନ୍ତୀ ହୁଅ ବୋଲଣ ବୋଇଲେ
ବର ଦେଇ ସେଠାବରୁ ବିଜେ କରି ଗଲେ ।
ଲକ୍ଷ୍ମୀ ହେତୁ ଚଣ୍ଡାଳୁଣୀ ହେଲା ଭାଗ୍ୟବନ୍ତୀ
ଏବେ ଶୁଣ ହେ ନାରଦ ଅପୂର୍ବ ଭାରତୀ ।

ସିଂହ ଦୁଆରେ ବିଜୟ ଲକ୍ଷ୍ମୀ ମହାଦେଈ
ଦେଖିଲେ ଦୁଆରେ ବସିଛନ୍ତି ବେନି ଭାଇ ।
ବୋଇଲେ ଯେ ବାଟ ଛାଡ଼ ଭିତରକୁ ଯିବି
ଦଶମୀ ଯୋଗାଡ଼ ମୁହିଁ ମଣୋହି ରାନ୍ଧିବି ।
ଗୋବିନ୍ଦ ବୋଇଲେ ଲକ୍ଷ୍ମୀ ହୋଇଲୁ କି ବାଇ ।
ଚଣ୍ଡାଳ ସାହିକି ଯାଇଥିଲୁ କାହିଁପାଇଁ ।
ଆମ୍ଭେ ନ ଦେଖୁଣୁ ଯେ ଦେଖିଲେ ଜ୍ୟେଷ୍ଠ ଭାଇ
ଆମ୍ଭେ ଦେଖିଥିଲେ ସିନା ଦିଅନ୍ତୁ ଘୋଡ଼ାଇ ।
ଯାଅ ଲକ୍ଷ୍ମୀ ତୁମ୍ଭରେ ଗୋ ଆଉ କାର୍ଯ୍ୟ ନାହିଁ
ଧିକାର ବହୁତ ମୋତେ କଲେ ବଡ଼ଭାଇ ।
ହାଡ଼ିହାରେ ଥିବ ଲକ୍ଷ୍ମୀ ଥିବ ପାଣହାରେ
ସ୍ନାନ ନ କରି ପଶୁଛି ଦେଉଳ ଭିତରେ ।
ତୋ ଠାରୁ ପାପିମା ଆଉ ସଂସାରରେ ନାହିଁ
ମୋହର ବଚନ ଏବେ ଶୁଣ ପ୍ରାଣସହି ।
ଜଗତେ ବୋଲନ୍ତି ତୋତେ ବାଇ ଠାକୁରାଣୀ
ବାଇ ପ୍ରାୟେ ବୁଲୁଥାଉ ହୋଇ ମୋ ଘରଣୀ ।
ଏକ ଘର କରାଉ ସହସ୍ର ଘର ଭାଙ୍ଗି
ସହସ୍ର ଘର କରାଉ ଏକ ଘର ଭାଙ୍ଗି ।
ଏମନ୍ତ ପ୍ରକାରେ ଲକ୍ଷ୍ମୀ ମହିମା ତୋହର
ଯାଅ ଲକ୍ଷ୍ମୀ ବାହାରି ଗୋ ନ ଥାଅ ମୋ ଘର ।
ତୋହଠାରେ କୋପ କରିଛନ୍ତି ଜ୍ୟେଷ୍ଠ ଭାଇ
ଲକ୍ଷ୍ମୀ ଦେବୀ କହୁଛନ୍ତି ଠାକୁରଙ୍କୁ ଚାହିଁ ।
ଛାଡ଼ପତ୍ର ଦେଇ ମୋତେ ଦିଅ ଘଉଡ଼ାଇ ।
ଜଗନ୍ନାଥ କହୁଛନ୍ତି ଲକ୍ଷ୍ମୀ ମୁଖ ଚାହିଁ ।
ଆମ୍ଭ ଜାତିରେ ଗୋ ଛାଡ଼ପତ୍ର ଚଳେ ନାହିଁ
ଛାଡ଼ିବା ଭାର୍ଯ୍ୟାର ମୁଖ ଚାହିଁ ନ ଯୋଗାଇ ।
ଲକ୍ଷ୍ମୀଦେବୀ କହୁଛନ୍ତି ଠାକୁରଙ୍କୁ ଚାହିଁ
ଯେତେବେଳେ ସାଗର ମନ୍ଥିଲ ପ୍ରଭୁ ଯାଇ ।

ଦେବ ରହ୍ନାଦ ସତ୍ୱତେ ମୋତେ  ଯେ ପାଇଲ
ସେତେବେଳ  କଥା କି ହେ ପାଶୋରଣ ଦେଲ ।
ମୋର ପିତା  ବରୁଣ  ଯେ ତୁମ୍ଭଙ୍କୁ  ବରିଲ
କନକ ବେଦୀରେ ନେଇ ବିଭା  କରାଇଲ ।
ଝିଅ ଦେଇ ଶରଣ ପଶିଲ ତୁମ୍ଭଠାଇଁ
ଦଶ ଦୋଷ ମୋର କ୍ଷମା କରିବାର ପାଇଁ ।
ଦଶଗୋଟି ଦୋଷରୁ ଗୋଟିଏ ନ ସହିଲ
ପ୍ରଥମରେ ଖଣ୍ଡାକୁଣୀ ବୋଲି ଗାଳି ଦେଲ ।
ବଳି ବାସିଦିନ ଜୁଆ ଖେଳିବାର  ବେଳେ
ସାତବେଳ କଉଡ଼ି ଯେ ପାରିଲଇଁ ତଳେ ।
ତୁମ୍ଭେ ଚାଳଦିଅ ନାଥ ମୋହର ହସ୍ତରେ
ସୁବର୍ଣ୍ଣ କଉଡ଼ି ମୁଷ୍ଟି ଜାକିଲଇଁ  କରେ ।
ଛଡ଼ାଇ ନ ପାରି ତୁମ୍ଭେ ବ୍ରହ୍ମାଣ୍ଡ  ଠାକୁର
ମୋତେ ବୋଇଲ ଯା ଇଚ୍ଛା ମାଗି ଘେନ ବର ।
ଯାହା ମନେ ବାଞ୍ଛା ଗୋ କରିବୁ  ବଇଦେହି
ତାହା ମୁଁ ଅବଶ୍ୟ ଦେବି ଶୁଣ ପ୍ରାଣସହି ।
କରପତ୍ର ଯୋଡ଼ିଣ ମୁଁ ବୋଇଲି ଉତ୍ତର
ସାବଧାନ ହୋଇ ଶୁଣ ବ୍ରହ୍ମାଣ୍ଡ  ଠାକୁର ।
ଅସ୍ତ୍ରଦିନେ  ପଢ଼ିବ  ମୋହର  ଗୁରୁବାର
ପଢ଼ି ଚରିଚିବ  ମୁହିଁ  ସବୁରିଙ୍କ ଘର ।
ପଢ଼ି  ଚରିଚିବ କାଠୁଁ  ବ୍ରହ୍ମା  ପରିଯନ୍ତେ
ଏହି ଦୋଷ ମୋର ପ୍ରଭୁ ନ ଧରିବ ଚିତ୍ତେ ।
ହେଉ ବୋଲି  ଶ୍ରୀମୁଖରେ  ଅଛ ଆଜ୍ଞା ଦେଇ
ଏବେ କପାଁ ସତ୍ୟ ଭଙ୍ଗ ହେଉଛ ଗୋସାଇଁ ।
ଜଗନ୍ନାଥ କହୁଛନ୍ତି କୋପଭରେ  ହୋଇ
ବାପ ତୋ ଲୁଣିଆ ଯେ ଗରଜ ମରୁଥାଇ ।
ଝିଅ ଟେସେ ତୋ ଦୁର୍ଗୁଣ  କହିଲେ ନ ସରେ
ବାପର ଗର୍ଜନ  ଶବ୍ଦେ କିଏ  ରହିପାରେ ।

ଚାରିପାଖେ ମେଘନାଦ ପାଚେରି ତୋଳାଇ
ବଡ଼ ଦେଉଳରେ ରହିଅଛୁଁ ଦୁଇ ଭାଇ ।
ମହାଲକ୍ଷ୍ମୀ ବୋଲୁଛନ୍ତି ଠାକୁରଙ୍କୁ ଚାହିଁ
ଅଛବ ଘରରେ ଦଣ୍ଡେ ଥିଲ ଉଭା ହୋଇ ।
ଅଛବ ଚଣ୍ଡାଳ ବୋଲି ଦିଅ ଘଉଡ଼ାଇ
ପୁଣି ଜାତି କୁଳ ଗୋତ୍ର କହିଲ ଗୋସାଇଁ ।
ପ୍ରଭୁ ହେତୁ ଯାଉଅଛୁ ସବୁ ଗୋପ୍ୟ ହୋଇ
ତୁମ୍ଭ ଜାତି କୁଳର ତ ଠିକଣା ନ ଥାଇ ।
ତୁମ୍ଭ ଜାତି କୁଳ ଯେ କହିଲେ ନ ସରଇ
ଗଉଡ଼ ଘରେ ରହିଲ ଦୁଇଗୋଟି ଭାଇ । ।୧୨୦।
ନିମା ନାମେ ସିମୁଟି ଯେ ଜାତିରେ ଗୋଲକ
ତାଙ୍କ ଘରେ ଜଗନ୍ନାଥ କଲ ଅନ୍ନ ଭକ୍ଷ ।
ଦୂତ ପଣେ ଯାଇଥିଲ ହସ୍ତିନା ଭୁବନ
ବିଦୁର ଘରରେ ପୁଣି କରିଲ ଭୋଜନ ।
ଜାରା ନାମରେ ଶବର ଅରଣ୍ୟରେ ଘର
ସେ ତୁମ୍ଭଙ୍କୁ ପୂଜିଲା ବରଷ ଦଶ ବାର ।
ଅରଣ୍ୟରେ ଫଳମୂଳ ଖୋଜିଣ ଆଣଇ
ବସିଣ ପ୍ରଥମେ ଭଲ ମନ୍ଦ ସେ ଚାଖଇ ।
ପିତା କଷା ସବୁ ପ୍ରଭୁ ଆଡ଼ କରି ଦେଇ
ଯେ ସୁଆଦ ଫଳ ତାହା ତୁମ୍ଭଙ୍କୁ ଭୁଞ୍ଜାଇ । ।୧୩୦।
ଶବର ଚଣ୍ଡାଳ ତୁମ୍ଭେ ଦୁଇଗୋଟି ଭାଇ
ଏ କଥା କି ତୁମ୍ଭ ମନୁ ଗଲକ ଉଭାଇ ।
ଆପଣେ ପାତକୀ ତୁମ୍ଭେ ପରେ ନିନ୍ଦା କର
ପାପ ପୁଣ୍ୟ ଦୁଇ କଥା ବିଚାର ନ କର ।
ଭାର୍ଯ୍ୟା ଯେ ଦୋଷ କଲେ ପତି ତା' ସହଇ
ଏକା ଅପରାଧେ ପ୍ରଭୁ ଭୃତ୍ୟ କି ତେଜଇ ।
କପାଁ ନ କର ଗୋସାଇଁ ଏମନ୍ତ ବିଚାର
ଯାଅ ଯାଅ ବୋଲୁଅଛ ମୋତେ ବାରମ୍ବାର ।

ଜଗନ୍ନାଥ କହୁଛନ୍ତି ଏମନ୍ତ କରିବୁ
ମାଣେ ମାଣେ ପଡ଼ ତୋତେ ନିତ୍ୟ ଦେଉଥିବୁ ।
ଭାଇଙ୍କ ବୁଝାଇ ପଛେ ତୁମ୍ଭଙ୍କୁ ଆଣିବୁଁ
ଭାଇଙ୍କ ଆଜ୍ଞା ଅବଜ୍ଞା କେବେହେଁ ନ କରିବୁଁ ।
ଲକ୍ଷ୍ମୀଦେବୀ କହନ୍ତି ପଡ଼ରେ କାର୍ଯ୍ୟ ନାହିଁ
ଅନାଥ ଅରକ୍ଷ ପ୍ରାଏ ଯାଉଅଛୁ ମୁହିଁ ।
ଚଣ୍ଡୀ ଅଲକ୍ଷଣୀ ଝିଅ ମୁହିଁ ଯେ ନୁହଇ
ପିତାଙ୍କ ଘରକୁ ମୁଁ ଯେ ବାହାର ଯିବଇଁ ।
ତୁମ୍ଭ ଅଳଙ୍କାରମାନ ପ୍ରଭୁ କାଢ଼ି ନିଅ
ପଛରେ ମୋତେ ଯେ ଆଉ ବୋଲଣା ନ ଦିଅ ।
ଗୋବିନ୍ଦ ବୋଲନ୍ତି ଲକ୍ଷ୍ମୀ ହୋଇଲ କି ବାଇ
ଅଙ୍ଗୁ ଅଳଙ୍କାର ଅମ୍ଭେ ନେବୁ କାହିଁ ପାଇଁ ।
ଭାରିଯାର ଅଙ୍ଗେ ଯେଉଁ ଅଳଙ୍କାର ଥାଏ ।
ସ୍ୱାମୀ ହୋଇ ତାହାଠାରୁ କାଢ଼ିଣ କି ନିଏ ।
ଠାକୁରାଣୀ କହୁଛନ୍ତି ଶ୍ରୀମୁଖକୁ ଚାହିଁ
ତୁମ୍ଭର ଅଟଇ ମୁଁ ଯେ ପ୍ରଥମ ବିବାହୀ ।
ପଛରେ କହିବ ଲକ୍ଷ୍ମୀ ଆମ୍ଭ ଘରେ ଥିଲା
ସହସ୍ର ଟଙ୍କାର ଅଳଙ୍କାର ଘେନି ଗଲା ।
ଏମନ୍ତ ଅଖ୍ୟାତି ମୋତେ ନ ଦିଅ ଗୋସାଇଁ
ତୁମ୍ଭ ଅଳଙ୍କାରମାନ ନିଅ ବାହୁଡ଼ାଇ ।
ଶିରରୁ କାଢ଼ିଲେ ଲକ୍ଷ୍ମୀ ମୁକୁତାର ଜାଲ
ହୃଦରୁ କାଢ଼ିଲେ ଇନ୍ଦ୍ର ଗୋବିନ୍ଦ କାଞ୍ଚୁଲି ।
ଶଙ୍ଖାରୁ କାଢ଼ିଲେ ମାଏ ରତ୍ନ ଓଡ଼ିଆଣୀ
ନାସିକାରୁ କାଢ଼ିଲେ ଯେ ମୁକୁତା ବସଣୀ ।
ଦୁଇ କର୍ଣ୍ଣରୁ କାଢ଼ିଲେ ହୀରାର କୁଣ୍ଡଳ
ଗଳାରୁ କାଢ଼ିଲେ ଯେ ଦୋସରୀ ଛଡାମାଳ ।
ପାଦରୁ କାଢ଼ିଲେ ଦେବୀ ବାଜେଣୀ ନୂପୁର
ଅଙ୍ଗରୁ କାଢ଼ିଲେ ମାତ ଝୁଣ୍ଟିଆ ସଭିର ।

ଅନ୍ୟ ଅଳଙ୍କାରମାନ କ କହିବି ଆଉ
ରୁଣ୍ଡ କଲାରୁ ଦିଶିଲା ସବୁ ଦାଉ ଦାଉ ।
ସବୁ ଅଳଙ୍କାରମାନ ଏକଠାବ କଲେ
ରଖ ଦୀନବନ୍ଧୁ ଏହା ବୋଲି ସମର୍ପିଲେ ।
ଗୋବିନ୍ଦ କହନ୍ତି ଏହା କ କରିବୁ ନେଇ
ଆମ୍ଭର ଏ ଅଳଙ୍କାରେ ପ୍ରୟୋଜନ ନାହିଁ ।
ଗୃହସ୍ଥ ହୋଇଣ ଯେବେ ଭାର୍ଯ୍ୟାକୁ ଛାଡ଼ଇ
ଛ'ମାସକୁ ଭାତ ଲୁଗା ଲେଖିଣ ଦିଅଇ ।
ଏହି ଅଳଙ୍କାର ସବୁ ତୁମ୍ଭେ ଘେନ ଯାଅ
ବିକ ଭାଙ୍ଗି କରି ଭାତ ଲୁଗା କରୁଥାଅ ।
ଲକ୍ଷ୍ମୀଦେବୀ କହୁଛନ୍ତି ପ୍ରଭୁ ମୁଖ ଚାହିଁ
ସାବଧାନ ହୋଇ ଶୁଣ ବ୍ରହ୍ମାଣ୍ଡ ଗୋସାଇଁ ।
ମୋହ ତୁଲ୍ୟ ଆଉ ଯେଉଁ ଭାରିଯା ଆଣିବ
ଏହି ସବୁ ଅଳଙ୍କାର ତାହାକୁ ସେ ଦେବ ।
ମୁହିଁ ଯାଉଅଛି ହୀନା ଅରକ୍ଷିତା ହୋଇ
ମୋର ଅଭିଶାପ ଘେନ ପ୍ରଭୁ ଭାବଗ୍ରାହୀ ।
ସତେ ଯେବେ ଚନ୍ଦ୍ର ସୂର୍ଯ୍ୟ ହୋନ୍ତି ଆତଯାତ
ତୁମ୍ଭଙ୍କୁ ଅନ୍ନ ନ ମିଳୁ ଆହେ ଜଗନ୍ନାଥ ।
ବାରବର୍ଷ ଯାଏ ତୁମ୍ଭେ ଦରିଦ୍ର ହୋଇବ
ଅନ୍ନ ବସ୍ତ୍ର ଜଳ ଯେ ତୁମ୍ଭଙ୍କୁ ନମିଳିବ ।
ମୁହିଁ ଚଣ୍ଡାଳୁଣୀ ଯେବେ ଟେକି ଦେବି ଅନ୍ନ
ଭୋଜନ କରିବ ତେବେ କାଳୀୟ ଗଞ୍ଜନ ।
ଏତେ ବୋଲି ଲକ୍ଷ୍ମୀଦେବୀ ଶାପ ଦେଇ ଗଲେ
ଦେଉଳୁ ବାହାର ହୋଇ କେତେ ଦୂରେ ହେଲେ ।
ଏହା ଦେଖି ଦାସୀମାନେ ସଙ୍ଗେ ଗୋଡ଼ାବନ୍ତି
ଦାସୀଙ୍କୁ ଅନାଇ ଲକ୍ଷ୍ମୀଦେବୀ ବୋଲୁଛନ୍ତି ।
ମୁହିଁ ଯାଉଅଛି ହୀନା ଅଲକ୍ଷଣୀ ହୋଇ
ମୋହ ପଛେ ତୁମ୍ଭେମାନେ ଆସୁଛ କିଂପାଇଁ ।

ଏହାପରେ ହୋଇ ଯେବେ ପିତାଘରେ ଯିବ
ରୁରଦ୍ଧନ ମାନ ତହିଁ ରହି ନ ପାରିବ ।
ଜଗନ୍ନାଥ ପ୍ରାପ୍ତ ବନ୍ଧୁ ପିତାଘର ଯିବେ
ତାଙ୍କୁ ଦେଖି ପିତା ମୋତେ ସମର୍ପିଣ ଦେବେ ।
ଶାପ ଦେବା ଫଳ ମୋ ହୋଇବ ଅକାରଣ
ଦରିଦ୍ର ନୋହିବେ ପ୍ରଭୁ ଦେବ ଭଗବାନ । ।୨୦୦।

('ଲକ୍ଷ୍ମୀପୁରାଣ',ରୁ ଗୃହୀତ)

*

# ଏସନ କାଳେ ଦେବତାଙ୍କ ଆଳେ

## ବଳରାମ ଦାସ

ଏସନ କାଳେ ଦେବତାଙ୍କ ଆଳେ ଶଙ୍ଖ ଶବଦ ଶୁଭିଲା
ରଜନୀ ଶେଷେ ଅରୁଣ ପ୍ରକାଶେ ତାରା ଥୋକାଏ ଲିଭିଲା ।
ଗୋପର ଯୁବତୀ ଶେଯୁ ଉଠନ୍ତି ଘରଦ୍ୱାର ସଜ କରି
ଦୀପନ୍ତି ଜାଳି ଶେଯନ୍ତି ତୋଳି ଦଧି ମନ୍ଥିତ ସୁନ୍ଦରୀ ।
ସଭବେ ବାଳୀ କାଳି କେ ଗୋପୀ ବନମାଳୀ ଦେହ ଲାଗି
ରୂପ ଯୌବନ ଷୋଳଶ ସମ୍ପୂର୍ଣ୍ଣ ସ୍ୱାମୀଙ୍କର ସୌଭାଗୀ ।
ଦୀପ ତରସେ ମୁଖ ବିକାଶେ ଚନ୍ଦ୍ର ବିଜୁଳି ବିରାଜ
ଖୁଆ ଦଉଡ଼ି ଧରି ଉଚ୍ଛୁଡ଼ନ୍ତେ ଭୁଜର କଙ୍କଣ ବାଜି ।
ନାନା ରତନ ଅଳଙ୍କାରମାନ ଝଲଝଲ ଝଟକନ୍ତି
ମୁକୁତା ମାଣିକ ମାଳା ପୋଏଲା କଣ୍ଠମାଳ ଦୋଳ ହୁଅନ୍ତି ।

ଫୁଲମାନେ ଆସି ଖୋପାରୁ ଖସି ପିଠ କଟିକ ଓହ୍ଲାଳେ
ହଲନ୍ତି ସ୍ତନେ ନିତମ୍ବମାନେ କୁଣ୍ଡଳ ହାନ୍ଦୋଳ ଦୋଳେ ।
କୀରତି କରେ କୃଷ୍ଣ ସୁମରେ କୃଷ୍ଣଗୀତ ଗୋପୀ ଗାନ୍ତି
ରଜନୀ କାଳେ ଶୀତଳ ବେଳେ ଶବଦେ ସ୍ୱର୍ଗକୁ ଯାନ୍ତି ।
ସ୍ୱର୍ଗକୁ ଶୁଭି ବୁଡ଼େ ଦୁନ୍ଦୁଭି ଶୁଣି ସୁରଗଣେ ତୋଷ
ଦଧି ମନ୍ଥବାର ଶବଦ ଶୁଭଇ କଜାଣି ଶାହେର ଘୋଷ ।
ବୋଲନ୍ତି ଦେବେ ନିସ୍ତରିଲୁ ଆମ୍ଭେ ଶୁଣିଲୁ ହରିଚରିତ
ଜଗତଜନଙ୍କ ମୁଖରୁ ଶୁଣିଲୁ ଏଣୁ ଅଧିକ ପବିତ୍ର ।
ସ୍ୱର୍ଗରେ ସୁର ଏହେନ୍ତୁ ବସ୍ତୁର ରହିଣ ଶୁଣନ୍ତି ଗୀତ
ଏସନ ସମଏ ରଜନୀ ପାହିଲା ଉଦୟେ ହୋଏ ଆଦିତ୍ୟ ।

('ଉଦ୍ଧବଗୀତା', ପ୍ରଥମ ଅଧ୍ୟାୟରୁ ଗୃହୀତ)

*

# ଋଷ୍ୟଶୃଙ୍ଗ ଉପାଖ୍ୟାନ

## ବଳରାମ ଦାସ

ହେ ଦେବ ଦଶରଥ ନୃପତି ଶିରୋମଣି
ଅପୂର୍ବ କଥାଏକ ଅଇଲ ଦେବ ଶୁଣି ।
ଚମ୍ପାବତୀ ଦେଶେ ଦେବ ଲମ୍ବପାଦ ରାଏ
ଇନ୍ଦ୍ର ଅନାବୃଷ୍ଟି ତାହାର ରାଜ୍ୟ କଏ ।
ବ୍ରାହ୍ମଣର କୋପେ ନ ପାଳଇ ବାସବ
ତୁ ତାହାର ଅଟୁ ମଇଷ ବାନ୍ଧେବ ।
ପୂର୍ବେଣ ରାଜା ଯେ ଅନେକ ଦାନ ଦେଲା
ଏକଇ ବ୍ରାହ୍ମଣେକ ଆହୁର ମାଗିଲା ।
ତାହାକଇ ରାଜା ବୋଇଲା ଅସୁଜାର
ଶଳଥି ବ୍ରାହ୍ମଣଙ୍କୁ କଲାକ ବାହାର ।
ଜଣଙ୍କର ଦୋଷେ ସବୁଙ୍କୁ ହିଁ ମନ୍ଦ ବୋଲି
ଥୋକାଏକ ଦ୍ୱିଜଙ୍କୁ ପକାଇଲା ପେଲି ।
ଅପମାନ ପାଇ ବୋଇଲେ ଦ୍ୱିଜଜନ
ସମସ୍ତେହେଁ କୋପ କରି ବୋଇଲେ ବଚନ ।
ତୁ ଯେ ନୃପତି ହୋଇ ଆମ୍ଭଙ୍କୁ କୋପ କଲୁ
ଦୋଷ ନ ବିଚାରି ଅନେକ ଦୋଷିଲୁ ।
ଆମ୍ଭେ ଯେବେ ବ୍ରାହ୍ମଣ ବେଦମନ୍ତ୍ର ଜାଣୁ
ଜପତପ ଧ୍ୟାଏ ଧାରଣ ପରିମାଣୁ ।
ଅଦୋଷେ ଆମ୍ଭଙ୍କୁ କଲୁ ଉପହାସ
ଦେବ ଇନ୍ଦ୍ର ବୃଷ୍ଟି ନ କରୁ ତୋର ଦେଶ ।

ଶାପ୍ୟ ଦେଇ ଗଲେ ବ୍ରାହ୍ମଣ ସକଳ
ଜାଣି ଗୋଡ଼ାଇଲେ ଲମ୍ବପାଦ ମହୀପାଳ ।
ଅନେକ କାର୍ପଣ୍ୟ ସେ ହୋଇ ବ୍ରାହ୍ମଣଙ୍କୁ ବୋଇଲା
ହେ ଦ୍ୱିଜବର ମୋର ଅଭାଗ୍ୟ ହୋଇଲା ।
ମୂର୍ଖପଣେ ନ ଜାଣି କଲି ମୁହିଁ ଦୋଷ
ସେ ଦୋଷ କ୍ଷମନ୍ତୁ ତୁମ୍ଭେ ମହନ୍ତ ପୁରୁଷ ।

ବିପ୍ରଙ୍କର ଚରଣେ ପଡ଼ଇ ପୁଣ ପୁଣି
ଦଇନ କରଣ କହଇ ମୃଦୁବାଣୀ ।
ଅନେକ ଆକୁଳ ସହୁଁ ହୋଇଲା ନୃପତି
କୋପ ସଂହରଣ ହୋଇଲେ ଶାନ୍ତ ମୂର୍ତ୍ତି ।

ଯାହା ସେ ଶାପ୍ୟ ଦେଲେ ନୁହଇ ପୁଣ ଆନ
ଆଣିପାରୁ ଯେବେ ବିଭାଣ୍ଡକନନ୍ଦନ ।
ଋଷଶୃଙ୍ଗ ଅଇଲେ ବରଷିବ ଜଳ
ଶୁଣିଣ ସନ୍ତୋଷ ସେ ହୋଇଲା ଭୂପାଳ ।
ନବରେ ପ୍ରବେଶ ବିସ୍ମୟ ମନ ହୋଇ
ବିଚାର କରେ ରାଜା ମନ୍ତ୍ରୀଗଣ ବସାଇ ।
ଋଷିଶୃଙ୍ଗ ଆଣିବାକୁ ବୁଦ୍ଧି କାହାର ଅଛି
ଜଣେ ଜଣେ ମହୀପତି ସମସ୍ତଙ୍କୁ ପୁଚ୍ଛି ।
ମନ୍ତ୍ରୀ ବୋଇଲେ ହେ ଦେବ ଅଛଇ ମୋର ବୁଧି
ଯେଣେ ସେ ହୋଇବଇ ଆମ୍ଭର କାର୍ଯ୍ୟ ସିଧି ।
ରତ୍ନ ଗୃଙ୍ଗୁଡ଼ି ଏକ ଦୋସାଧୁ ହାତେ ଦେବା
ଦୁନ୍ଦୁଭି ବଜାଇଣ ନଗ୍ର ବୁଲାଇବା ।
ଯେହୁ ଋଷିଶୃଙ୍ଗଙ୍କୁ ପାରିବାକ ଆଣି
ସେ ଏହା ପରଗ୍ରହ କରୁ ନୃପମଣି ।
ଶୁଣି ସନମତ ଯେ କଲା ଲମ୍ବପାଦ
ରତ୍ନ ଗୃଙ୍ଗୁଡ଼ି ଦେଇ ବଜାଇଲା ବାଦ୍ୟ ।
ହୀରାମଣି ମାଣିକ୍ୟ ଯେ ମୁକୁତା ଚନ୍ଦ୍ରକାନ୍ତ
ଶୁଦ୍ଧ ସୁବର୍ଣ୍ଣ ଜଡ଼ିଲା ଅଳଙ୍କାର ଶୋଭା ପାନ୍ତ ।
ଆଗରେ ଦାଣ୍ଡୀ ବାଜଇ ବାରତୂର
ଦୋସାଧୁ ଡାକଇ ତୁମ୍ଭେ ଶୁଣିମା ନଗ୍ର ନର ।

ଋଷିଶୃଙ୍ଗ ମୁନି ଯେ ବିଭାଣ୍ଡେକ ଶିଷ
କଉଶିକ ନଦୀତଟରେ ଅଛଇ ତାର ବାସ ।
ସେ ମୁନିକି ଆଣିଲେ ଯେ କରିବ ଜଳବୃଷ୍ଟି
କେ ପାରିଲେ ଆଣ ଯେ ରକ୍ଷାକର ସୃଷ୍ଟି ।

ଏସନେକ ବୋଲ ଯେ ଡ଼ାକଇ ଶବଦାଇ
ହାଟ ବାଟ ରାଜ୍ୟ ଦାଣ୍ଡରେ ବୁଲେଇ ।
ନଗ୍ର ନର ନାରୀ ଗୋଡ଼ାଇ ଦେଖନ୍ତି
ଯେହୁକ ଆଉକେଣ ଯେ ବଚନ ସାହସନ୍ତି ।
ଜରତା କୋଷୀ ନାମେଣ ସେ ଏକଇ ନଷ୍ଟନାରୀ
ବିଧାତା ଉପାୟେଣ ଅଛଇ ଅବତରି ।
ସେ ଆସି ସୁବର୍ଣ୍ଣ ଝୁଙ୍ଗୁଡ଼ି ଧଇଲି
ମୁହିଂ ଋଷିଶୃଙ୍ଗକୁ ଆଣିମି ବୋଇଲି ।
ଶୁଣିଣ ଦୋସାଧି ହରଷ ମନ ହୋଇ
ରାଜାର ସମ୍ମୁଖକୁ ତାକୁ ଗଲାକ ଘେନାଇ ।
ଦେଖିଣ ସନ୍ତୋଷ ହୋଇଲା ମହୀପାଳ
ଜରତାକୁ ଦେଲା ସେ କନେକ ପଦ୍ମମାଳ ।
ଅନେକ ପ୍ରବୋଧ ଯେ କଲାକ ନୃପମଣି
ଯେବେ ମୋହର ରାଜ୍ୟ ଉଧର ତରୁଣୀ ।
ସୁନ୍ଦେରୀ ବୋଇଲା ଯୋଡ଼ିଣ ବେନିକର
ଶୁଣ ଲମ୍ବପାଦ ସେ ଠାକୁର ମୋହୋର ।
ଯେବେ ତୋହୋର ଆଜ୍ଞା ଶିରେ ଦେବ ଧରି
ସେ ମହାଋଷିଙ୍କି ମୁଁ ଆଣିବ ହେଳେ କରି ।
କଥାଯେବେ କହିବ ମୁଁ ତ କରଇ ଦେବ ଭୟେ
ପ୍ରସନ୍ନ ହୋଇ ଆଜ୍ଞା ଦେବା ମୋତେ ରାୟେ ।
ଯେବେ ତୋହୋର କଷ୍ଟକେ ସର୍ବଜନେ ସୁଖୀ
ବିଶେଷେଣ ବେଶ୍ୟା ନୋହୁ ଆମ୍ଭେ ଦୁଃଖୀ ।
ବନ ପର୍ବତ ଯେବେ ଶାଳ ଶିଳ ବାଟ
ପାଦେଣ ଗମନ୍ତେ ଯେ ପାଇବୁ ଆମ୍ଭେ କଷ୍ଟ ।
ନାବ ସଜ କରି ଦିଅ ନରବର
ଅପ୍ରମାଦେ ଆଣିମି ମୁଁ ଋଷିର କୁମର ।
ନୃପତି ସନ୍ତୋଷ ହୋଇଲା ତାହା ଶୁଣି
ନାବ ଭିଆଣ ସେ କଲାକ ନୃପମଣି ।

ନଉକା ଉପରେ ବିବିଧ ଗଛ ରୁପି
ଫଳନ୍ତି ଫୁଟିଲ୍ଲ ବୃକ୍ଷନ୍ତ ନେଇ ଥାପି ।
ଆମ୍ବ ପଣସ ଯେ କଦଳୀ ନଟୀକାଳ
ଟଭା ନାରଙ୍ଗ ଯେ ମାତଙ୍ଗ ଫଳ ଫୁଲ ।
ବେଲ କଇଥ ଯେ ଅଁଳା ଖଜୁର
ଚମ୍ପା ନାଗେଶ୍ୱର ବକୁଳ ଡ଼ଗର ।
ତଗର ମନ୍ଦାର ଅଶୋକ ମଲ୍ଲୀ ଜାଇ
କଚଣ କଣିଆର ଯେ କେତକୀ ଅଛଇ ।
ଲବଙ୍ଗ ଗୁଜ୍ଜୁରି ପିପଳ ପାନ ଲତା
ପ୍ରତକ୍ଷେ ବନ କ ସେ ରଞ୍ଜିଲ୍ଲ ବିଧାତା ।
ଋଷିର ମଢ଼ିଆ ପ୍ରାୟେକ ପର୍ଣ୍ଣକୁଟୀ
ନାବ ମଧ୍ୟେ ରଞ୍ଜିଲେ ଅପୂର୍ବ ପୁର ଗୋଟି ।
ବାହ୍ୱବାକୁ ପାଞ୍ଚନାବ ହାବେଳ ଯେକ ଗାର
କଇବ୍ରତ ଅସମ୍ଭବ ଅଛୁ ପାଞ୍ଚ ଉଗାର ।
ଯେଉଁସନେକ କୋଡ଼ିଯେ ନାବ ସଜ କଲେ
ଲତାଙ୍କ ଭିତରେ ସେ ପଲଙ୍କ ପାରିଲେ ।
ଉପରେ ଚନ୍ଦ୍ରାତପ ଟାଣିଲେ ଗୋପ୍ୟ କରି
ବାହାରକୁ ନ ଦିଶଇ ଭିତରକୁ ଉହାଡ଼ି ।
ସେ ତ ଗୁମର ମୁକୁତା ମଣିଝରା
ଚଉପାଶେ ଟାଣିଲେ ଅପୂର୍ବ ପାଟ ଟେରା ।
ପଲଙ୍କ ଉପରେ ଅଛଇ ପାଟ ଶେଯ
ତଥିରେ ଶେଜାଇଲ ଅଛୁ ବସ୍ତ୍ରରାଜ ।
କୁସୁମ ପାଖୁଡ଼ା ଯେ କର୍ପୂର ଧୂଳି
ସୁବର୍ଣ୍ଣରେ ଜଡ଼ିତ ସିନ୍ଦୁଆ ମୁଚୁଳି ।
ଅଗର ଧୂପ ବାସ କରଇ ଚଉକତି
ନାବ ଚଉପାଶେ ମାଣିକର ବତି ।
ସୁବାସ ଫଳମାନ ଥୋଇଲ୍ଲ ତହିଁ ନେଇ
ଦୁଧ ଘୃତ ଶାକର ଯେ ଅମୃତ ଭିଆଇ ।

ଗନ୍ଧ ଚନ୍ଦନ ଯେ କର୍ପୂର କସ୍ତୁରୀ
ସୁବର୍ଣ୍ଣର ଗଡ଼ୁ ଅଛଇ ଖୋରି ଖୋରି ।
ଆଲଟ ଚାମର ଯେ ମୁକୁତା ଦର୍ପଣ
କନେକ ପଦାର୍ଥ ଯେ କାଚର ଘଟଣ ।
ଶୁଭ ଅନୁକୂଳ ଘେନଣ ଜରତା
କାମ ମୋହେନୀ ମୂଳେ ବାରହ ବନିତା ।
ସଙ୍ଗତେ ଅଛନ୍ତି ଯେ ଅନେକ ପରିବାରୀ
ନଉକାରେ ବସିଲେ ଯେ ହରଷ ମନ ଧରି ।
ଆପ୍ତେ ଅଳଙ୍କାର ଦ୍ରବ୍ୟ ବାସ ପିନ୍ଧି
କର୍ଣ୍ଣେଣ ଚଡ଼କ ବାହେ ବଦ ମୁଦ୍ଧ ।
କର୍ଣ୍ଣେଣ ପଦେକ ଯେ ମୁକୁତାର ହାର
ଯଉବନ ଉପରେ ଲୁଳଇ ମୋତିମାଳ ।
ପାଦରେ ନୂପୁର ଯେ ହସ୍ତରେ ରତ୍ନବାନ୍ଧ
ଲଲାଟରେ କସ୍ତୁରୀ ଚିତା ତାମ୍ବୋଳ ରସ ଖାଇ ।
ସ୍ତନ ଜାନୁ ଜଘନ ବଳଣ କାଖପଖା
କେ ଜାଣି ପଟାନ୍ତର ସ୍ୱର୍ଗର ନାୟେକା ।
କରେ ତାଳ ମର୍ଦ୍ଦଳ ବଇଁଶୀ ବେଣୁ ଘେନ
ନୃତ୍ୟ ରସ ସଜ ଘେନନ୍ତି କାମେନୀ ।
କନ୍ୟାର ଆସନ୍ତେ ନୃପତି ଗୋଡ଼ାଇ
ମନ୍ତ୍ରୀ ଅମାନାତ୍ୟ ଘେନଣ ପ୍ରବୋଧଇ ।
ତୁ ମୋହୋର ଜରତା ଗୋ ଅଟୁସି ବିଶ୍ୱାସ
ଯେମନ୍ତେ ପାରୁ ତୁ ମୁନିକି ଘେନି ଆସ ।
କାମ ମୋହେନୀ ଘେନ ଜରତା କୋଷା ନାରୀ
ବାରହ ବନିତାଏ ନୃପତି ପାଦେ ପଡ଼ି ।
ତୁ ଦେବ ବାହୁଡ଼ଣ ଯାସି ନୃପମଣି
ଆଣିମୁଁ ଋଷିଶୃଙ୍ଗ ବନଗଜ ଠାଣି ।
ଯେବେଥେ ବିସ୍ମର ତୁ ନକର ଦେବ କିଛି
କାଲି ଆଣି ତୋତେ ଦେବ ଋଷି ବଛି ।

ରାଜା ପ୍ରସନ୍ନ ହୋଇ ଫୁଲ ପାନ ଦେଲ
ଶୁଦ୍ଧ ସୁବର୍ଣ୍ଣ ଯେ ବୃଷ୍ଟି କରାଇଲ ।
ଆଜ୍ଞା ଦେଲ ଶୁଭ ଅନୁକୂଳେ ଯାଅ
ମୁନିର କୁମରକୁ ବେଗେ ଭେଟ ପାଅ ।
ପଥେଣ ତୁମ୍ଭଙ୍କୁ ରଖନ୍ତୁ ଦେବୀ ଦୁର୍ଗା
ଯାନ୍ତେ ଅନୁଗ୍ରହ କରନ୍ତୁ ଦେବୀ ଗଙ୍ଗା ।
ବିନାୟକ ତୁମ୍ଭର ହରନ୍ତୁ ବିଘ୍ନ ଦୋଷ
ଶ୍ରୀମାଧବ ତୁମ୍ଭର ହରନ୍ତୁ କଲୁଷ ।
ଲକ୍ଷ୍ମୀ ନରସିଂହ କରନ୍ତୁ ସଦୟା
ଶ୍ରୀ ପୁରୁଷୋତ୍ତମ ରଖନ୍ତୁ ତୁମ୍ଭର କାୟା ।
ମଙ୍ଗଳ ଅଷ୍ଟକ ଯେ ପଢ଼ନ୍ତି ଜଉତିଷ
ବ୍ରାହ୍ମଣେ ବେଦ କରନ୍ତି ଆଗେ ଘୋଷ ।

ଲୋକେ ଧନ ଧନ ବୋଲନ୍ତି ବେଗେ ଯାଅ
ମାହେନ୍ଦ୍ର ବେଳେ ଯେ ନାବ ପେଲିଦିଅ ।
ନୃପତିଙ୍କି ଉଳଗି ବୋଲଇ ଜରତା
ବାହୁଡ଼ା ବିଜୟେ ଦେବ କର ଶସ୍ତ ଜଗତା ।
ବୋଲଇ ମହୀପାଳ ଆମ୍ଭରେ କସ କାର୍ଯ୍ୟ
ତୋହୋରେ ଗଲେ ରକ୍ଷା ହୋଇବ ସିନା ରାଜ୍ୟ ।
ନାବ ଚଳିଯାନ୍ତେ କୂଳେ ବଜାଇଲେ ବାଜା
ଉଚ୍ଛବ ରାଜ୍ୟରେ କଲେ ଲମ୍ବପାଦ ରାଜା ।
ଚଳିଲାକ ନାବ ଯେ ସ୍ନେହ ଲମ୍ପ୍ଟ ହୋଇ
ପ୍ରସାଦ ପାଇ କଇବର୍ତ୍ତେ ନାବ ନେଲେ ବାହି ।

ବନ ପର୍ବତ କ ଚଳଇ ନଦୀ ମଧ୍ୟେ
ଆକାଶେ ଆନନ୍ଦ ହୋଇଲେ ସୁରସିଦ୍ଧେ ।
ରାତ୍ର ଦିବସରେ ନ ବିଶ୍ରାମି ଗଲେ
ଅନେକ ଘୋର ଗିରି ବନସ୍ତ ଜିଣିଲେ ।
ଦୁସହ ଦୁର୍ଗମ ଗହନ ବନେ ଯାନ୍ତି
ଅପୂର୍ବ ପଦାର୍ଥ କୂଳରେ ଦେଖନ୍ତି ।

କାହିଁ ଗଜେ ଗଜେ ହୁଅନ୍ତି ଚଉଦନ୍ତ
କେବଣ ଶାର୍ଦ୍ଦୂଳ ଖେଦଇ ମୃଗନ୍ତ ।
କାହିଁ ରୁକ୍ଷ ପୋଏ ଖେଳନ୍ତି ଖେଳରସ
କାହିଁ ହସ୍ତୀ ଦେଖି ବାନରେ ହରଷ ।
କାହିଁ ସୁରତ ଯେ କରନ୍ତି ଗଜ ବେନ
ନାବକୁ ଚାହିଁ କେ ହୁଅନ୍ତି ଅନ୍ୟୋଅନ୍ୟ ।
କାହିଁ ମତ୍ତ ହସ୍ତୀକି ବିଦାରଇ ସିଂହ
ସର୍ବାଙ୍ଗେ ଶ୍ରୋଣିତ ବହଇ ଦେହ ରଙ୍ଗ ।
କାହିଁ ସର୍ପକଇ ମାରଇ ବଣ ଗୋରୁ
କାହିଁ ବାଘଡ଼ରେ ପଳାବନ୍ତି ଗୋରୁ ଦୁରୁ ।
କେବଣ ଜୀବଜନ୍ତୁ ନଦୀକି ଚାହାନ୍ତି
ନାବ ଚଳଯାନ୍ତେ ହସନ୍ତି ପନ୍ତି ପନ୍ତି ।
ପରାକ୍ରମ କରି ହୁଅନ୍ତି ଆଗୁସାର
କେହୁ ଭୟକରି ପଶନ୍ତି ଲତାର ।
କେହୁ ପଛକଇ ଚାହିଁ ଆଡ଼ ହୋଇଯାନ୍ତି
ଥୋକାଏକ ଦୂର ଯାଇ ଲେଉଟି ଆସନ୍ତି ।
ଗ୍ରୀବମୃଗ ଯୂଥ କାହିଁ ପାଣି ପିଇ ଆସଇ
ନାବ ଦେଖିଣ ଯେ ଥୋକାଏ ଦୂରେ ରହି ।
କେବଣ ଠାବେ ତାଙ୍କୁ ଝାମ୍ପଇ ଶାର୍ଦ୍ଦୂଳ
ବଣ ମାର୍ଜାର କାହିଁ କରନ୍ତି ମୁଖଗୋଳ ।
କାହିଁ ଶେତ ନେଉଳ ଖେଦା ଖେଦା ହୋଇ
ନେପାଳ ମୂଷାକୁ ଯେ ଅଛନ୍ତି ଗୋଡ଼ାଇ ।
ଶଣ୍ଢ ମୟୂର ଯେ କରନ୍ତି ନୃତ୍ୟରସ
କାହିଁ ବଣ ପାରୁଆ ଉଡ଼ନ୍ତି ଚଉପାଶ ।
ଗହନ ବନସ୍ତରେ ବୋବାଇ ଏକ ଜୀବ
ଦ୍ଧଳଦ୍ଧଳ ପ୍ରାୟେକ ଶୁଭଇ ଶବଦ ।
ପର୍ବତ ଉପରେ ଥାଇ ଦେଖଇ ଗୟଳ
ନାବ ଦେଖି ଧାଇଁ ଅଇଲା ନଦୀକୂଳ ।

ବଳଆ ଘୋଡ଼ାଇ ଅଛନ୍ତି ଗଣ୍ଡାକୁ
ନାବ ଦେଖି ଦୁହେଁ ହୋଇଲେ ଚେକୁ ଚେକୁ ।
ନଦୀର ଭିତରେ ଚରନ୍ତି ଜଳଚର
ହଂସ କାରଣ୍ଡକ ଚକୁଆ ଅପାର ।
କଣ୍ଡା ପାଣିକୁଆ ହଂସରାଳ ପକ୍ଷୀ
ବସା ଛାଡ଼ିଣ ଯେ ପଳାନ୍ତି ନାବ ଦେଖି ।
କେହୁ ତହିଁ ବୁଡ଼ି ରହନ୍ତି ବସା ଆଶେ
କେବଣ ତଡ଼ାଇ ଯେ ରହିଲେ ଡିମ୍ବ ଆଶେ ।
କେହୁ ତହିଁପରେ ଉଡ଼ନ୍ତି ରଡ଼ି ଦେଇ
ନାବ ଗଲେଣ କେ ଦେଖନ୍ତି ବସା ଯାଇ ।
କେବଣ ଠାବରେ ଯେ ଅଛନ୍ତି ପଦ୍ମଲତା
ନଉକା ମାଡ଼ିଗଲା ନୋହିଲା ଦେଖନ୍ତା ।
ନାନା ପକ୍ୱଫଳ ଭୁଞ୍ଜନ୍ତି ଶାଳୀ ଅନ୍ନ
ନୃତ୍ୟ ଗୀତେ ହରଷେ ଦିନ ନିଅନ୍ତି ଅନୁକ୍ଷଣ ।
ଗଙ୍ଗାର ଜଳ ଦେଖି ନିଶାରେ ନାବ ଖାଞ୍ଜି
ପ୍ରଭାତେ ଚଳଯାନ୍ତେ ନିଦ୍ରାରସ ବଞ୍ଚି ।
ଏମନ୍ତେ କୋଡ଼ିଏ ଦିବସ ବହିଗଲା
କଉଶିକ ନଦୀ ତୀରେ ପ୍ରବେଶ ହୋଇଲା ।
ପଶ୍ଚିମକଇ ଉଜାଣି ନାବ ବାହିଯାନ୍ତି
କେତେହେଂକ ଦୂରେ ଗିରି ପର୍ବତ ଦେଖନ୍ତି ।
ତହୁଁ ଯାଇ ପ୍ରବେଶ ବିଭାଣ୍ଡେକର ସୀମା
ଯେବଣ ଥାନ ପୂର୍ବେ ଭିଆଇଲା ବ୍ରହ୍ମା ।
ଉତ୍ତର ଦିଗରେ ପଞ୍ଚକୋଶ ଗଲେ
ତେଇଶ ଦିନେ ମୁନି ସନ୍ନିଧେ ମିଳିଲେ ।
ପରମଳ ଠାବ ଦେଖିଲେ ରହନ୍ତି
ନାବ ଖଟାଇଣ ସୁଦେଶି ଓଲିବନ୍ତି ।
ଖୋଜିଣ ଜାଣିଲେ ଯେ ବିଭାଣ୍ଡେକ ଘର
ଅର୍ଦ୍ଧ କୋଶକ ସେ ଅଟଇ ନଦୀତୀର ।

ତହିଁ ରହିଲେ ଯେ ଉତ୍ତମ ସ୍ଥାନ ଦେଖି
ବିହାର କରନ୍ତ ଯେ ଶରଦଚନ୍ଦ୍ରମୁଖୀ ।
ବିଘ୍ନଶ୍ରେକ ନଥିବା ଜାଣିଣ ଯେ ଯିବା
ସେ ମୁନ ଜାଣିଲେ ଶାପ୍ୟ ସେ ପାଇବା ।
ଯେଣୁ ଅନନ୍ତରେ ଗଲ୍କ ବନ ଗୃହ
ବିଘ୍ନଶ୍ରେକ ନ ଥିବାରେ ଜାଣିଲେ ଚତୁରା ।
କାମମୋହନେମାନ ଗାଇଣ କରନ୍ତା
ସାଙ୍ଗରେ ପେଶିଲେ ସେ ବାରହ ବନିତା ।

ଅନେକ ମତେ ତାଙ୍କୁ ଭିଆଣ କହିଲ
ପ୍ରେମରସ ଗୁଣ ଅନେକ ଶିଖାଇଲ ।
ଯାଅ ଯା ସୁଦେଷ୍ଣା ଲେ ରାଜକାର୍ଯ୍ୟ କର
ଯେମନ୍ତେ ଭଣ୍ଡି ହୁଅଇ ଋଷିର କୁମର ।
ଶୁଣିଣ ସୁଦେଷ୍ଣା ଯେ ଦିବ୍ୟ ବେଶ ହୋଇ
ଅଲେଖ ଭିଲେଖ ଯେ ହୋଇଲେ ଚନ୍ଦ୍ରମୁହିଁ ।
ମୁକୁତା ସିଉସ୍ଥାନ ସେ ଉପରେ ପକାଇ
ଖୋଷା ଖୋଷିଲେ ସେ ଅନେଇ ଫୁଲ ଲାଇ ।
କେଶ କେଶ କରି ମଣ୍ଡିଲେ ଅଳକା
କସ୍ତୁରୀ ଚିତା ଦେଇଲେ ସୁଦେଷ୍ଣା ନାୟିକା ।
କର୍ଣ୍ଣେଣ କାପ ଯେ ମୁକୁତା ଫେଣି କମ
କାହାର କର୍ଣ୍ଣରେ ପଦ୍ମ ତଡ଼ିକ ଅନୁପାମ ।
ଯେକଗୋଟିଆ ଗଜମୁକୁତା କେଣ୍ଟୋଲ
କେବଣ ବାମା ଶ୍ରବଣ ଶିଖରେ ଖଞ୍ଜିଲ ।
କାହାର ନାସାରେ ମାଣିକ୍ୟର ବସଣି
କାହାର ନାସାରେ ଲୁଳଇ ମାଳମଣି ।
ପାଞ୍ଚ ଗଜମୋତି କାହାର ନାସାଫୁଲ
ତାମ୍ବୁଳ ରଙ୍ଗେ କାହାର ଅଧର ଅମୂଲ ।
କାହାର ଗଳାରେ ଲମ୍ବାନ୍ତ ଗୁପସରି
ମୁକୁତା କଣ୍ଠିମାଳ ହୃଦରେ କେହୁ ଭରି ।

କେହ୍ନ ଖଞ୍ଜନ୍ତି ବେକେ ଯାଉଁଳ ସୁନା ସୂତା
କାହାର ହୃଦରେ ପଦେକ ମୁକୁତା ।
କାହାର ରତ୍ନଆଳ ଲୁଳଇ ଉର ଯାଏ
ମର୍କତ ଚୋଡ଼ିରେ କେ ଖଞ୍ଜି ନଜ ପାଏ ।
କେ ନେତ ପିନ୍ଧଣ ଉପୁରଣ ଦେଇ
କେ ରଙ୍ଗପଟମା ଯେ ଆଭରଣ କରି ।
କେହ୍ନ ଚନ୍ଦ୍ରସମ କେହ୍ନ କୁଙ୍କୁମ ଘଷନ୍ତି
ଗଣ୍ଡି ଅନା ଚନ୍ଦନ କେ ମିଶାଇ ଘେନନ୍ତି ।
କେ କରେଣ ଯନ୍ତ୍ର କେ ଧରିଲେ କରତାଳ
କେହ୍ନ ସଜ ହୋଇଲେ ଘେନଣ ମର୍ଦ୍ଦଳ । । ୨୭୦ ।

କେହ୍ନ ଚ୍ଛମର କେହ୍ନ ମୁଖଦରପଣ
କେହ୍ନ ଭୁଜେ କରନ୍ତି ବିବିଧ ଆଭରଣ ।
କାହାର ହସ୍ତରେ ଦାରିଷର ଫଳ
କେହ୍ନ ପଣା କେହ୍ନ ଘେନଲେ ବାସଜଳ ।
କେହ୍ନ ଦ୍ରବ୍ୟବସ୍ତ୍ର କେ ଘେନଲେ ପୁଷ୍ପମାଳ
କେ ଗନ୍ଧଚନ୍ଦନ କେ କର୍ପୂରର ଧୂଳ ।
କେ ସୁବର୍ଣ୍ଣର କଠାଉ କେ ସୁବର୍ଣ୍ଣ କମଣ୍ଡଳ
କେହ୍ନ ଧୂପକାଠି କେ ଘେନଲେ ତାମ୍ବୋଳ ।
କେ କରେଣ ପାଟଛତ୍ର କେ କରେଣ ଖଟୁଲି
କେ ରତ୍ନହର କେ ପାଟଇ ମୁଚୁଲି । । ୨୭

ଅନେକ ସମ୍ଭାର ଯେ ଘେନଣ ଯୁବତୀ
ଜରତାର ଆଜ୍ଞା ଘେନଣ ଚଳଯାନ୍ତି ।
ବେଳ ଭନ ଘଡ଼ିମାନେ ସେ ଚହୁଁ ଚଳଟଲେ
ପ୍ରହରକ ପ୍ରବେଶେ ପାଇ ମୁନଙ୍କି ଦେଖିଲେ ।
ମଢ଼ିଆ ଦୁଆରେ ଯେ ଅଛଇ ବେଲଗଛ
ତହିଁର ତଳେ ବସି ଅଛଇ ମୁନ ବଛ ।
କୃଷ୍ଣାଜନ ଗୁଲ ସେ ପାଡ଼ଣ ବ୍ରହ୍ମବୃଷୀ
ବାମ ପାଖେ ଥୋଇ ଅଛଇ ଆଧାରି ।

ଘୁମୁଟରେ ଅଛଇ ଶାଳଗ୍ରାମ ଶିଳା
ଗୋମଳ ପାଉଁଶ ଭୂଷଣ ମୁନିବଳା ।
କର୍ଣ୍ଣରେ ଅଛୁ ବେନ ତମ୍ବାର କୁଣ୍ଡଳ
କଣ୍ଠରେ ରୁଦ୍ରାକ୍ଷ ତୁଳସୀ କାଠମାଳ ।
ପଦ୍ମ ପୁଷ୍ପର ମାଳେକ କଣ୍ଠେ ଲୁଳ
ନବ ଯୁବା ପୁରୁଷ ଅପୂର୍ବ ରୂପଶାଳୀ ।
ଶୁଦ୍ଧ ସ୍ଫଟିକ ଯେ ଅଠାଇଶ ଗୋଟି
ଅକ୍ଷୟେ ମାଳା ଯେନ ଜପଇ ତପନିଷ୍ଠି ।
ଅଜପା ସୁମରଇ ଅନାମିକା ପଡ଼ି
ଛତିଶ କୋଟି ଯେ ଜପଇ ଏକ ଘଡ଼ି ।
ଶିରରେ ସୁନ୍ଦର ଦିଶଇ ଗୁରୁ ଜଟ
ସିଂଘ ଦୁଇଗୋଟି କ ଦିଶଇ ମୁକୁଟ ।
ଚଳୟେ କରଣ ଯେ ଅଛଇ ମହାମୁନି
ଯୁବନେକ ସମୟେଣ ମିଳିଲେ କାମେମି ।
କାମ ମୋହେମି ଯାଇ ଓଳଗଇ ମୁନିପାଦ
ତାହାଙ୍କଇ ମୁନି କରଇ ଆଶୀର୍ବାଦ ।
କନ୍ୟାଙ୍କର ରୂପ ମନୋହର ଦେଖି
ଉଠିଲେ ଋଷିପୁତ୍ର ଆସନ ଉପେଖି ।
କୃତାଞ୍ଜଳି ହୋଇ ବୋଲଇ ବିନୋଇ
ଜନ୍ମହୁଁ ଯୁବତୀ ଯେ ଦେଖିଲି ତାର ନାହିଁ ।
ପୁଚ୍ଛଇ ଋଷିଶୃଙ୍ଗ ଯୁବତୀଙ୍କି ଚାହିଁ
କେ ତପୀଜନ ଅଇଲ ତୁମ୍ଭେ କାହିଁ ।
କେବଣ ଦେଶୀ ତୁମ୍ଭେ କେବଣ ପ୍ରକାର
କେବଣ ଦେବ ବିଦ୍ୟା ଅଭ୍ୟାସ ତୁମ୍ଭର ।
କେବଣ ନଦୀତୀରେ ମଢ଼ିଆ କରିଥିଲ
କେବଣ କାରଣେ ତପୀ ଯେଥକୁ ଯେବେ ଅଇଲ ।
କିସ ନାମ ତୁମ୍ଭର କେବଣ କୁଳେ ଜାତ
ଯେକ ଥାନେ ଥାଅକ ସକଳ ତପୋବନ୍ତ ।

କାମ ମୋହେମି ବୋଇଲା ଋଷିର କଥାଶୁଣି
ଆମ୍ଭର ଦେଶ ସ୍ୱାମୀ ଅଛଇ ଉଜାଣି ।
ନଖଦନ୍ତ ଆଦ୍ଭୁତ ଦେଇ ତ ସର୍ବଜାଣୁ
ମଦନ ଅନଳେ ଯେ ରତିଶାସ୍ତ୍ର ଭଣୁ ।
କାମ କ୍ରୀଡ଼ା ରସ ଜାଣୁ ଯେ ଅପାର
ଚୁମ୍ବନ ଗ୍ରହାଣି ଯେ ପୀରତି ଆମ୍ଭର ।
ଧନ ଅର୍ଥେ ପରପୁରୁଷଙ୍କୁ ଖଟୁ
ମହା ମହା ତପୀଙ୍କ ହର ତପ ବାଣ୍ଟୁ ।
ଇଚ୍ଛାସୁଖେ ଆମ୍ଭେ ସର୍ବପୁର ଯାଉ
ଦିବ୍ୟପୁରୁଷେକ ତହିଁ ପୂଜା ପାଉ ।
ପ୍ରୟାଗ ତୀର୍ଥେ ଆମେ ମକର ମାସେ ଝାସିଲୁ
କୁମ୍ଭେ ଶିବରାତ୍ରି କାଶୀରେ କଲୁ ।
ଚଇତେ ଗଙ୍ଗା ଜଗନ୍ନାଥ ଘାଟେ
ବୈଶାଖେ ଅଇଲୁ ଯେ ହର ତପ ବାଟେ ।
ପ୍ରଥମ ଜ୍ୟେଷ୍ଠେ ଭେଟିଲୁ ଆସି ତୋତେ
ଅଯୋଧ୍ୟାକୁ ଯିବାର ଅଛଇ ଦିନା କେତେ ।
ଶୁଣି ଋଷିଶୃଙ୍ଗ ହରଷ ହୋଇଲା
ପାଦ ପଖାଳ ବୋଲି କମଣ୍ଡଳୁ ଦେଲା ।
ଶାର୍ଦ୍ଦୂଳ ଛାଲ ମୁନି ଦେଲା ଯେ ବସିତ
ଗୋମଳ ପାଉଁଶ ଗାତ୍ରେ ଭୂଷିତ ।
ହରଡ଼ା ବାହାଡ଼ା ଅମ୍ଳା ଫଳ ଦେଲା
କନ୍ଦମୂଳ କନ୍ଦୁ ଉପଗତ କଲା ।
ହସିଣ ଚତୁରା ଯେ ବୋଲନ୍ତି ନାକ ମଳି
କସ କସ ପଦାର୍ଥ ଦେଲ ତପଶାଳୀ ।

ମୁନି ବୋଇଲେ ଯେ ଅଛଇ କନ୍ଦଫଳ
ପାଦ ପଖାଳିତ ଦେଇଅଛୁ ଜଳ ।
ତୁମ୍ଭେ ଯେ ଅତିଥି ଅଇଲ ଆମ୍ଭ ଘର
ତପସ୍ଥାନେ ଯାଇ ଯେ ଅଛୁ ଆମ୍ଭ ପିଅର ।

ମୁହିଁ ବାଳୁତ ତନୁ ନ ଜାଣଇ କିଛୁ
ଭଗତି ହୋଇତ କି ମୋହୋର ବୁଦ୍ଧି ଅଛୁ ।
ତୁମ୍ଭେ ମହାତପୀ ପରମ ବ୍ରହ୍ମଜ୍ଞାନୀ
ମୁଁ କି ସମ୍ଭାଳି ପାରିବି ହେ ମୁନି ।
ତୁମ୍ଭେ ସଦୟା ଯେ ଘେନିବା ମୋର ସେବା
ପ୍ରସନ୍ନ ହୋଇଣ ଏହା ପରିଗ୍ରହ କରିବା ।
କାମମୋହେନୀ ବୋଲଇ ଶୁଣସି ହେ ଋଷି
ଏ ସେ ଉପହାର ମୋହୋର ଆଖିକି ନ ଦିଶି ।
ହରିତକି ଅଏଳା ଆମ୍ଭେ କି ଏହା ଖାଇ
ଏ କି କନ୍ଦମୂଳ ଖାଇଲେ କ୍ଷୁଧା ଯାଇ ।
ଏହ୍ନି ପାଣି ଖାଇଲେ କି ହରଇ ହାଦେ ତୃଷା
ବାହାଡ଼ା ଫଳ ଏତ ଲଗଇ ବଡ଼ କଷା ।
ଏହ୍ନ ବନେ ଏହ୍ନି ଫଳ ଉପୁଜଇ
ଅଭାଗ୍ୟବନ୍ତ ଋଷି ଯେ ସେ ଏ ଫଳ ଭୁଞ୍ଜଇ ।
ଆମ୍ଭର ବନ ଫଳ ଭୁଞ୍ଜି ମହାଯତି
ଦେଖ ହୋ ଆମ୍ଭର ତପର ଶକତି ।

ଆମ୍ଭର ବପୁନ୍ୟର ଗଛର ବକଳ
ଆମ୍ଭ ପର୍ବତର ନିର୍ଝର ଯେହ୍ନ ଜଳ ।
ଏତେ ବୋଲି ନାରୀ ସୁବାସିଲା ପାଣି
ରତ୍ନ ଝରେ ଭରି ବେଗେ ଦେଲେ ଆଣି ।
ସନ୍ତୋଷେ ଋଷିପୁତ୍ର ପଖାଳିଲା ପାଦ
ଆଚମନ କରନ୍ତେ ମଣିଲା ସୁସ୍ୱାଦ ।
କାମମୋହେନୀ ଯେ ଘେନିଣ ଝୀନବାସ
ଏ ତରୁ ବକଳଟି ହୋ ଋଷ୍ୟଶୃଙ୍ଗର ଶିଷ ।
ଯେନ୍ତେ ବୋଲି ମୁନି ଯେ ଶରୀର ପୋଛିଲା
ରଙ୍ଗରଜ ନେତ ପୁଣି ସ୍ୱାଂ ବାନ୍ଧିଲା ।
କୁଙ୍କୁମେ ଉଦ୍ଧର୍ତ୍ତିଣ ସେ ବୋଲିଇ ମୁନି ପିନ୍ଧ
ଶରୀରେ ଆପଣେ ସେ ଲେପିଲେ ସୁରୁ ଗନ୍ଧ ।

ରତ୍ନ କମ୍ବଳେକ ପାଡ଼ଣ ତହିଁ ଦେଲା
ଯେତୁ ସେ ପଶୁ ଚର୍ମ ବୋଲିଣ ବୋଇଲା ।
କର୍ପୂର ଗୁଣ୍ଡି ଅଙ୍ଗେ ଘଷାଇଲା ନେଇ
ଯେତୁ ସେ ବିଭୂତି ମୁନି ଆମ୍ଭର ଦେଶେ ପାଇ ।
କର୍ଣ୍ଣରେ ଖଞ୍ଜିଲେ ହାଟେ ମକର କୁଣ୍ଡଳ
ଗଳାରେ ଲମ୍ବାଇଲେ ମୁକ୍ତାହାର ମାଳ ।
ବାହାରେ ତାଡ଼ ଯେ ବଳୟ ବାହୁଟି
ପଦ୍ମରେ ନୂପୁର ଯେ ଖଞ୍ଜିଲେ ପ୍ରପଟି ।

ଦୁଧ ଶାକର ବିବିଧ ପରକାର
ଆମ୍ବ ପନସ ସେ କଦଳୀ ଦ୍ରବ୍ୟ ସାର ।
ଯେତୁ ସେ ବନଫଳ ବୋଲିଣ ଭୁଞ୍ଜାଇଲେ
ପୁଣିହିଁ ଗଙ୍ଗବାଣ ପାଣି ପିଆଇଲେ ।
ଶାକର ସାତ ଗଣି ଆବର ଖଣ୍ଡ ଖଜା
ହରଷେ ଭୁଞ୍ଜାଇ ଏହା ଋଷିର ତନୁଜା ।
ଦୁଧ ଲଡୁ ଖାଇ ପଚାରଇ ମୁନି
ବାବୁ ତପ ନଷ୍ଟେ ମହିମା ତୁମ୍ଭ ଧନି ।
ଯେତେଡ଼େ ସ୍ୱାଦ ଫଳ ତୁମ୍ଭର ବନେ ଥାଇ
ଜାଣିଲି ତୁମ୍ଭର ସେ ତପ ସିଦ୍ଧ ହୋଇ ।

କେବଣ ବନ ତୁମ୍ଭର କେମନ୍ତେ ଦେଖିବା
ଯେତୁ ମୋହର ମନ ତୁମ୍ଭ ସଙ୍ଗେ ଯିବା ।
କାମ ମୋହେମା ଯେ ଯତିର ନାମ ଶୁଣି
ହିଆ ଲଗାଇଣ ବସିଲା ତରୁଣୀ ।
ଇକ୍ଷୁ କାଣ୍ଡାର ଯେ ଛଡ଼ାଇଣ ଥିଲା
ପାଚିଲା ଡାଳିମ୍ବ ମଞ୍ଜି ପୁଣି ଖୁଆଇଲା ।
ଗଙ୍ଗବାଣ ପଇଡ଼ ଯେ ପିଆଇଲେ ନେଇ
କେତେବେଳେହେଁ ସରର ପାପୁଡ଼ି ଖୁଆଇ ।
ଦୁଧ ବହଳ ଯେ ରସକୋରା ନାଳ
ପୁଣି ନେଇ ଦେଲା ଅମୃତବାନ୍ଧ କଦଳୀ ।

ନାନା ପଦାର୍ଥ ଦେଲ ଋଷିଙ୍କର
ଭୁଞ୍ଜିଣ ସନ୍ତୋଷ ଯେ ହୋଇଲେ ତପସ୍ବୀଶ ।
କାମ ମୋହେନୀ ଯେ ପିଠି କଣ୍ଠ ବସି
ମୁନିଙ୍କି କଥାପ୍ରେ ବୁଝାବଇ ବସି ।
ଆଚମନ କରାଇଲେ ଅଗ୍ରବାସ ପାଣି
ମୁଖବାସକଇ ଚନ୍ଦନ ଗୁଆ ଆଣି ।
ଆଚୋବନ କରାଇ ପୋଛିଲେକ ମୁଖ
ଋଷିଙ୍କର ପୁଣ ପାଇଲ ବଡ଼ ସୁଖ ।
କର୍ପୂର ବାସ ଗୁଆ ଉତ୍ତମ ତାମ୍ବୋଳ
ଭୁଞ୍ଜିଣ ତପସ୍ବୀ ଯେ ହୋଇଲକ ଭୋଳ ।
ଶିରେ କୁସୁମ କଣ୍ଠେ ଉତ୍ତମ ତାମ୍ବୋଳ
ପୁଣି ଚନ୍ଦ୍ରସମ ଲେପିଲେକ ବାଳୀ ।
କେବଳ ବଳାସୁଣୀ ବଞ୍ଚନ୍ତି ବଞ୍ଚଣୀ
ଚ୍ଛମର ଢାଳନ୍ତି କେବଣ ତରୁଣୀ ।
କେହୁ ପାଟଛତ୍ର ଉଭାରିଲେ ଶିରେ
ପୁଣି ବସାଇଲେ ରତ୍ନ ଖଟୁଲି ଉପରେ ।
ଓଂକାର ଆଳାପ କରଣ ଗୀତ ଗାଇ
ଅତି କୋମଳ ରାଗେ କେଦାର ଉଚ୍ଚାରଇ ।
ବୀଣା ଯନ୍ତ୍ର ଯେନ ବଜାଇଲେ ମର୍ଦ୍ଦଳ
କେହୁ କରତାଳ ବାଇ କେ ବଜାନ୍ତି କଂସାଳ ।
ମଧୁକେଶୀ ରାଗେ କେ ପ୍ରବନ୍ଧେ ଗୀତ ଗାଇ
ମୁନିଙ୍କ ମୁଖ ଚାହିଁ ନୃତ୍ୟ କେ କରଇ ।
କେ ଧୂପକାଠି ଯେନଣ ଉଭା ହୋଇଛନ୍ତି
କେହୁ ରତ୍ନ ପାଦୁକା ନେଇ ପାଦେ ଦ୍ୟନ୍ତି ।
କେବଣ ସୁନ୍ଦେରୀ ଯେ ଦର୍ପଣ ଦେଖାଇଲେ
ସେଥି ମୁନି ମୁଖ ଚାହାଂସି ବୋଇଲେ ।
କାମମୋହେନୀର କୋଳରେ ବସି ଯତି
ପରମ ହରଷେଣ ଦର୍ପଣ ନିରେଖନ୍ତି ।

ଦେଖିଲାକ ମୁଖ କସ୍ତୁରୀ ଘୁରୁ ଚିତା
କର୍ଣ୍ଣର କୁଣ୍ଡଳ ଯେ ସୁନ୍ଦର ଭ୍ରୂଲତା ।
କଣ୍ଠେଣ ହାର ଯେ ଶିରରେ ଫୁଲଗଭା
ମଦନ ପ୍ରତିମା ଠାଣି ଦିଶଇ ମୁନିଶୋଭା ।
ଆପଣାର ମୁଖ ଦେଖି ମୁନି ମୋହମାନ
କାମମୋହେମୀକ ବୋଲଇ ବଚନ ।
ଯେତେଡ଼େ ଅପୂର୍ବତ ଦେଖିଲୁ ମୋର ନାହିଁ
ଆପଣା ଶରୀର ରୂପ ସମସ୍ତ ଦିଶଇ ।
ସାଧୁ ସାଧୁ ତୁମ୍ଭେ ସାଧୁ ତୁମ୍ଭର ପୁଣ୍ୟ
ସୁବର୍ଣ୍ଣଙ୍କ ମୁଖ ଚୁମ୍ବି ବୋଲନ୍ତି ମହାମୁନ୍ୟ ।
ହସି କାମମୋହେମୀ ମୁନିଙ୍କି କୋଳକଲା
ସଞ୍ଜବନ ଲଗାଇ ମୁଖେ ଚୁମ୍ବନ ଦେଲା ।
ବୋଇଲା ଏ ଆମ୍ଭର ତପର ଶକତି
ତପର ବଳେ ଏଥେ ଦିଶଇ ନିଜ ମୂର୍ତ୍ତି ।
ଜଘେଂ ଲକ୍ଷ ଦେଇ ଚଳାଇଲା ଲକ୍ଷ
ପୁଣି ହିଁ ଲେଉଟି ଚୁମ୍ବାଇଂ ଋଷିମୁଖ ।
ହୁଆ ଆଉଜାଇ କୁଚଠାବ କଲା
ହସ ହସ ହୋଇଣ ମୁନି ପଚାରିଲା ।
ଯେତେ ଅପୂର୍ବତ ମୋର ତହିଁ ନାହିଁ
ଯେତେଡ଼େ ଭଲ ପଦାର୍ଥ ପାଇଲ ତୁମ୍ଭେ କାହିଁ ।
କାମମୋହେମୀ ଯେ ବୋଲଇ ଶୁଣ ଋଷି
ଯେଥିର ଭିତରେ ହାଦେ ଅମୃତ ପୂରିଅଛି ।
ଯେତଣେ ସେ ଆମ୍ଭର ଅଗ୍ରହଣ ହୋଇ ଦେହ
ଯଜ୍ଞର ଫଳ ଆମ୍ଭର ଅଟଇ ସର୍ବଂସହ ।
ମାଳମୁଖ ବସ୍ତୁ ଏଥେ ସ୍ରବେଣ ବିଜେ କଲା
ଦାସବତ୍ସଳ ନାମ ଯେତଣେ ସେ ବହିଲା ।
ଅବର୍ଣ୍ଣ ଅରୂପ ଯେତେ ପଯୁ ପାଣି ନାହିଁ
ଅଛି ପଯୁ ପାଣି ତ କ୍ଷମ କାହାର କାହିଁ ।

କର ଆଶ୍ୱାସ ପ୍ରସନ୍ନ ତୋତେ ହୋନ୍ତୁ
ମନେ ଯାହା ବାଞ୍ଛିବୁ ସେ ବର ତୋତେ ଦଅନ୍ତୁ ।
ହିଆରେ ଆଉଜାଇ ଆଣିଲା କୋଳକରି
ହରଷେ ଅଧର ସେ ଚୁମ୍ବିଲାକ ଧରି ।
ଶରୀର ଆଉଁଷି ସେ ଚୁମ୍ବିଁଲା ପ୍ରେମରସେ
ମୁନି ମନ ହରଷିଲା ଏକଇ ନିମିଷେ ।
ବିବିଧ ସ୍ୱାଦଫଳ ସେ ଭୋଗକଲା ଋଷି
ଚନ୍ଦନ କର୍ପୂର ସେ ଗନ୍ଧ ଅଙ୍ଗେ ଘଷି ।
ତାମ୍ବୁଳ ଭୁଞ୍ଜିଣ ରତ୍ନ ଆଭରଣ କରି
ନୃତ୍ୟ ରଙ୍ଗରସେ ଭେଭଳ ତପସ୍ୱୀ ।
କାମମୋହେମାଙ୍କ ବୋଇଲାକ ହସି
ତୁମ୍ଭର ଆଶ୍ରମେ ଆସିବୁ ଆମ୍ଭେ ପଶି ।
ଚାଲ ଯିବା ଆମ୍ଭେ ଦେଖିବା ମନ୍ଦିର
ଏତେକ ବୋଲିଣ ସେ ଉଠିଲେ ମୁନିବର ।
ନୃତ୍ୟଗୀତ ଚୁହାଇ ବୋଲଇ କାମମୋହେମା
ଆଜ ନ ଯିବା ତୁମ୍ଭେ ଶୁଣ ତପୋଧନା ।
ଏବେ ଆମ୍ଭେ ଯିବୁ ଦେବତା ପୂଜା କରି
ଆହ୍ନିକ ବେଳ ସେ ହୋଇଲା ତପସ୍ୱୀ ।
କାଲି ଆସି ତୋହୋର ଗଲେ ଘେନିଯିବୁ
ଏ କଥା ସତ୍ୟ ସତ୍ୟ ଅବଶ୍ୟ କରିବୁ ।
ମୁନି ନ ମୁଞ୍ଚଇ ଗୁଡ଼ ତ ଇଚ୍ଛା ନାହିଁ
ତୁମ୍ଭେ ତପୀ ଜନ ନ ଆସ ଆଜ ଯାଇ ।
ଆସିବା ବୋଲି ଯୁବତୀ ସତ୍ୟ କଲେ
ପିତା ତୁମ୍ଭର ଦୁଷ୍ଟ ବୋଲିଣ ଶିଆରିଲେ ।
ଏ ସେ ଆଭରଣ ପିନ୍ଧିବ ର ବକଳ
ଲୁଚାଇ ଥୋଇଥାଅ ବିଶ୍ୱାମିତ୍ରକର ବାଳ ।
ଏ ଗୁଣ୍ଡି ଛଡ଼ାଇଣ ଲେପନସି ବିଭୂତି
ପିତା ଆଗେ ନ କହିବୁ ଏମାନଙ୍କ ଖାତି ।

ଯେତେ ବୋଲି ନାରୀ ଅଇଲେ ପିଠି ଦେଇ
ଥୋକାଏକ ଦୂରେ ଲେଉଟି ପୁଣି ଚାହିଁ ।
ମୁନି ଅନାଇ ବୋଇଲେ କାଲି ଆସ
ମୁହିଁ ତୁମ୍ଭର ଯେ ଅଟଇ ନିଜ ଦାସ ।
ସୁନ୍ଦେରୀ ଅଳପ ହସିଣ ବୋଇଲେ
ଆସିବୁ ଆସିବୁ ବୋଲିଣ ବୋଇଲେ ।
ଅଦୃଶ୍ୟ ପର୍ଯ୍ୟନ୍ତେ ଅନାଉଥିଲେ ମୁନି
ଜରତା ସମ୍ମୁଖରେ ସେ ମିଳିଲେ କାମେନୀ ।
ଯେସନେକ କଥା ହୋଇଲା ସେହ୍ନ ଦିନ ।
ଶୁଣି ଜରତା କନ୍ୟା ପରମ ତୋଷ ମନ ।
ଯେଥୁ ଅନନ୍ତରେ ଋଷିଶୃଙ୍ଗ ମୁନି
ଯୁବତୀଙ୍କର ଗଲାକୁ ଖୋଜଇ ତପୋଧନୀ ।
ନ ପୂଣ ନ ଆସନ୍ତ ଅପୂର୍ବ ତପସ୍ୱୀ
ପୁଣି ହିଁ ବସ୍ତୁରଇ ସାଷ୍ଟାମ ମନେ ଧରି ।
ଆସିବୁ ବୋଲି ଯେ ବୋଇଲେ ତପସ୍ୱୀ
କାଲି ଆସିବେ ସେ ପ୍ରାତ ସ୍ନାନ କରି ।
ପିତା ଆସିବାର ଜାଣିଲାକ ବେଳ
ବସ୍ତ୍ର ଅଳଙ୍କାର କାଢ଼ି ରଖିବାକ ।
ଗନ୍ଧ ଚନ୍ଦନ ଯେ ପକାଇଲା ପୋଛି
ଶିରର ପୁଷ୍ପ ସେ ପକାଇଲା ଲେଛି ।
ଦୋହୋରି ଘରେ ପଶି ବଭୁନ୍ତି ବୋଳିଲା
କନ୍ଦ ଫଳ ମୂଳ ଜଳାଦି ଆଣିଲା ।
କାମଧେନୁ ସମ୍ଭାଳିଣ କଲାକ ଦୋହନ
ଯୁବତୀଙ୍କ ତତ୍ତ୍ୱଂ ଅଛଇ ତା'ର ମନ ।
ଯେଥୁ ଅନନ୍ତରେ ରବି ଅସ୍ତ ଗଲା
ତପ ସ୍ଥାନ ତେଜ ବଶ୍ୱେନ୍ଦ୍ରେକ ଅଇଲା ।
ଋଷିଶୃଙ୍ଗ କଥା ବକୃତ ମଣିଲା
ମାୟା ମୁନିଙ୍କର ଆସିବା ଜାଣିଲା ।

ପୁଅକୁ ପଞ୍ଚଶର କୋଳରେ ବସାଇ
ଶରୀର ଆଉଁଷିଣ ମୁଖେ ଚୁମ୍ବ ଦେଇ
କରେ ବାବୁ କସ ପ୍ରକଟଇ ଗନ୍ଧ
ତପୀଙ୍କି ନ ଯୋଗାଇ ଅଟଇ ଏ ମନ୍ଦ ।
କପାଁଇ ଏଥି ସେ ହୋଇଲେ ପରବେଶ
କହିବା ମୋତେ ସେଥିର ସନ୍ଦେଶ ।
ଋଷିଶୃଙ୍ଗ ବୋଇଲେ ଶୁଣ ତୁ ପିତାମହ
ଆଜ ସେ ସଫଳ ହୋଇଲା ମୋ ଦେହ ।
ଅପୂର୍ବ ତପୀ ଦେଖିଲି ଆଜ ମୁହିଁ ତାତ
ରୂପେଣ ମୋହିବେ ସେ ପାରନ୍ତି ଜଗତ ।
ସେ ଆମର ଜଟା ପିଙ୍ଗଳ ବର୍ଣ୍ଣ କେଶ
ତାଙ୍କର ଶିରରୁହ ଭ୍ରମର ସାଦୃଶ ।
ରୁଦ୍ରାକ୍ଷ କାଠମାଳ ଆଭରଣ ନାହିଁ
ଅପୂର୍ବ ଅଳଙ୍କାର ଅଛନ୍ତି ସେ ଲାଇ ।
ଅସ୍ୱେଂଳା ହରଡା ସେ ଦେଖିଣ ହସିଲେ
ସ୍ୱାଦ ପଦାର୍ଥ ସେ ଫଳ ବୋଲିଣ ଆଣିଦେଲେ ।
ତାହାଙ୍କର ପର୍ବତୁ ଯେବଣ ଝର ପାଣି
ତାହା ଖାଇଲେ ପିତା ତପେ ପରାପତି ଜାଣି ।
ତରୁ ବକଳ ତାତ ଅପୂର୍ବ କମ ଅଛି
ଆମ୍ଭର ବକଳ ତାତ ପକାଇଲେ ଲେଛି ।
ଆମ୍ଭର ପରାପ୍ୟେ ବେଦ କରାନ୍ତି ନ ବହନ୍ତି
ତାହାଙ୍କର ଦେବତାକୁ ହୃଦରେ ବହିଥାନ୍ତି ।
ମୁଖବାସ ହିତେଣ ଯେବଣ ପଣ ଦେଲେ
ଆପଣେ ଦଣ୍ଡଇ ତ ପଦାର୍ଥ ଦେଖାଇଲେ ।
ଖେ ତାତ ଧନ୍ୟ ଧନ୍ୟ ତପ ତାହାଙ୍କର
ଛନ୍ଦମ ତପ ତ ଦେଖିଲି ତୁମ୍ଭର ।
ଅଙ୍ଗନ୍ୟାସ କରନ୍ତି ଥାନ ମାନ ଛୁଇଂ
ତୋହୋର ଶପତ ତାତ ଅଗ୍ୟାନ ହୋଇଲଇଂ ।

ବିଭାଣ୍ଡେକ ବୋଲନ୍ତି ସେ ନୋହନ୍ତି ସତ
ଯାହା ସେ କହିଲୁ ବାବୁ ରାକ୍ଷସୁଣୀ ପ୍ରକୃତ ।
ବିବିଧ ରୂପ ସେ ହୁଅନ୍ତି ଦଇତୁଣୀ
ତପୀଙ୍କି ଭଣ୍ଡନ୍ତି ସେ ମାୟାରେ ପିଶୁଣୀ ।
ତୁ ବାବୁ ତାହାଙ୍କୁ ବିଶ୍ୱାସ ନ ଯିବୁ
ଯେବେ ମୋହର ବୋଲ ପ୍ରତିପାଳିଥିବୁ ।
ପିତା ତୁଆରିଲେ ପୁତ୍ର ତୋଷ ନାହିଁ
ରଏଣୀ ବଞ୍ଚିଲେ ସେ ବିବିଧ କଥା କହି ।
ପ୍ରଭାତେ ବିଭାଣ୍ଡେକ ତପସ୍ଥାନେ ଗଲେ
ସ୍ନାହାନ ତର୍ପଣ ସେ ଋଷିଶୃଙ୍ଗ କଲେ । ।୫୪୦।
ଅଗ୍ନିପୂଜା ସାରି ଦୁହାଂଲେକ ଗାଈ
କନ୍ୟାଙ୍କ ଆସିବାର ନିରେଖିଣ ଗୁହାଁ ।
ଗହନ ବନେ ନେଇ ରୁହାଇଲା ଗାଈ
ଛନଛନ ମନ ବାଛୁରି ବାନ୍ଧଇ ।
କୃଷ୍ଣାଜିନ ଗୁଲ ମାଡ଼ିଣ ବସଇ
ପୂର୍ଣିହାଂ ବେଲଗଛ ତଳେ ଉଭା ହୋଇ ।
ଜପ କରନ୍ତେଣ ନୋହିଲାକ ମନ୍ତ୍ର ସିଧ
ଚିତ୍ତ ବିଚଳିତ ପାଶୋରିଲା ବେଦ ।
କେଶ ଫେଡ଼ିଣ ସେ ଧୋଇଲା ଗନ୍ଧବାସ
କାଖ ଆଉଂସିଣ ପାଇଲା ବଡ଼ ରସ । ।୫୫୦।
ଗତ ଦିବସର ଭୋଜନ ସୁମରି
ତରୁଣୀଙ୍କ କଲା ପ୍ରେମ ଅନୁସରି ।
ତଳେ ନ ବସଇ ଉଠି ଉଭା ହୋଇ
ଚକିତ ହୋଇଣ ସେ ଚଉକଣ୍ଠ ଗୁହାଂ ।
ମନେ ବିଚାରିଲେ ତପୀ ତ ନଇଲେ
ଚେତେଁ ମହାଋଷି ଭଣ୍ଡି ତ ମୋତେ ଗଲେ ।
ପୂର୍ବ ଭାଗ୍ୟ ଥିଲେ ଦେଖା ତ ପାଇବା
ମନେ ମନେ ଭାଳଇ କେମନ୍ତ କରିବା ।

ଯନ୍ତୁଂ ସେ ପଦ୍ମରେ ହୋଇଲାକ ବେଳ
ବିଭାଣ୍ଡେକ ବାଳ ଚିତ୍ତ ସମାକୁଳ ।
ନଇଲେ କନା ବୋଲ ବୃକ୍ଷେ ଉଠିଣ୍ଟଁ
ଯେତୁଣେ ନଦୀକୂଳେ ଅଛନ୍ତି ସର୍ବସଖୀ ।
ବେଶ ବେଶନ ସେ ହୋଇଣ ଅଳଙ୍କାର
ଧୂପ ଦୀପ ବାସ ଚନ୍ଦନ ଅଗର ।
ଗୀତ ଗାଇଣ ସେ କରନ୍ତି ନୃତ୍ୟରସ
ଦୂରୁହୁଂ ଦେଖିଲା ତାହା ବିଭାଣ୍ଡକ ଶିଷ ।
ତରତର ହୋଇଣ ସେ ଗଛରୁ ଓହ୍ଲାଇଲା
କନ୍ୟାଙ୍କର ତହିଁକ ସେ ଅନ୍ତର ହୋଇଗଲା ।
ଅଧ କୋଶେକ ଯେ ଅଟଇ ତହିଁ ପଥ
ଦଣ୍ଡକର ଭିତରେ ମିଳିଲେ ତପୋବନ୍ତ ।
ଦୂରୁହୁଂ ଦେଖିଣ କାମମୋହେମା ବୋଇଲା
ଦେଖ ଦେଖ ଜରତା ଗୋ ଋଷିଶୃଙ୍ଗ ଅଇଲା ।
ଅନେକ ରସ ତହିଁ ଉପୁଜିଲା କାଳି
ମୂରୁଚ୍ଛି ନ ପାରିଲା ଅଇଲା ମୁନି ଭୁଲି ।
ନିକଟ ହୁଅନ୍ତେଣ ବୋଲଇ ବ୍ରହ୍ମଋଷି
ବାରହ ବନତାପ୍ୟେ ଚରଣେ ଯାଇ ପଡ଼ି ।
ଋଷିଶୃଙ୍ଗ ବୋଇଲେ ଶୁଣ ତପସ୍ୱିମା
ଯେ ମୋତେ ଅକଲ୍ୟାଣ ଅଟଇ ମହାମୁନି ।
ତୁମ୍ଭେ ପୁଣ୍ୟଦେହୀ ରୂପେଣ ଗରୁହଂସୀ
ମୁହିଁ ବାଳୁତ ଯେ ଅଟଇ ତୁମ୍ଭର ଶିଷି ।
ମହତଙ୍କ ସଙ୍ଗେ ପୀରତି ଥିବା ଅର୍ଥେ
ଆରତ ହୋଇଣ ଅଇଲଇଁ ଯେତେ ।
ପିତା ମୋହୋର ବହୁତ ଭିଆଣିଲେ ଅଂସି
ବୋଇଲେ ବାବୁରେ ସେ ଅଟନ୍ତି ରାକ୍ଷସୀ ।
ତାହାକୁଇଂ ପରତେ ନଯିବୁ ବାଳ ପୋଇ
ତାହାଙ୍କର ପରସାଦେ ତପ ନାଶ ଯାଇ ।

ଅନେକ ତଆରଣ ଗଲେ ମୋର ତାତ
ମୁହିଂ ତାହାଙ୍କର ବୋଲ ନ କଲି ଗ୍ରାହ୍ୟତ ।
ତୁମ୍ଭନ୍ତ ନ ଦେଖି ମୋର ଚଉ ଥଏ ନାହିଁ
ସପନେ ତୁମ୍ଭ ସଙ୍ଗତେ ଥିଲି ଆଜ ମୁହିଁ ।
କାବୁ ମହାତମା ତପ ତୁମ୍ଭର ସାର
କଣ୍ୟ ହୋଇଲି ଦେଖି ତୁମ୍ଭର ଆଗ୍ରହ ।
କାମମୋହେମୀ ବୋଲଇ ଶୁଣ ମହାମୁନି
ତୋହୋର ଆଗେ ଜଣ୍ଣ ଯେବଣ କାମେମୀ ।
ଯେ୍ତୁ ଆମ୍ଭର ମୋକ୍ଷ କରତା କୋଷା ନାମ
ତପେଣ ମନାଇଲୁ ପଞ୍ଚୁଶର କାମ ।
ଯେ୍ତୁହାକଇ ପ୍ରୀତି ହୁଅ ମହାମୁନି
ସାକ୍ଷାତ୍ତୁ ରୂପବନ୍ତୀ ଯେ୍ତୁ ମଦନ ରସଦାମୀ ।
ଶୁଣିଣ ଋଷିଶୃଙ୍ଗ ଜରତାକଇ ଚ୍ଛହିଁ
ଅଳସ ଦୃଷ୍ଟିରେ ସେ ଅଛଇ ଉଦ୍ଧହୋଇ ।
ମୁନି ମୁଖ ଚ୍ଛହିଁ ସେ ଅଳପ ହସିଲୁ
ଚରଣ କେଷ୍ଠ ଅଙ୍ଗୁଳି ଭୂମିରେ ଘଷିଲୁ ।
କର ପ୍ରସାରଣ ଧଇଲୁ ମୁନି ହସ୍ତ
ବୋଇଲୁ ସୁଦସ୍ତା ମୋତେ କରିବ ତପୋବନ୍ତ ।
କାମମୋହେମୀ ଯେ ବଞ୍ଚଇ ବଞ୍ଚଣୀ
ଚ୍ଛମର ଢାଳନ୍ତ ଯେ କେବଣ ତରୁଣୀ ।
କରେ ପାଠଛଦ କେ ତୋଳଣ ଧରନ୍ତ
କେ ନେ୍ଇ ପାଦେ ପାଦୁକା ନେଇଣ ଯୋଗ୍ଇନ୍ତ ।
ମୁନି ବୋଇଲେ ଧନ୍ୟ ତୁମ୍ଭର ଦେବପୂଜା
ରଖିଅଛୁ ତୁମ୍ଭକୁ ଧନ୍ୟ ସେହୁ ରାଜା ।
କେବଣ ପୁନ୍ୟ କୁଠୀରେ ଥାଅ ତୁମ୍ଭେ ରହି
କାମମୋହେମୀ କହିଲୁ ଅଙ୍ଗୁଷ୍ଠି ଦେଖାଇ ।
ଯଦ ଦୟା ତୋର ଅଛୁ ତପଶାଳୀ
ଆଜ ଆମ୍ଭର ପାପ ହୋଇଲୁ ପଖାଳି ।

ଯେଣୁ ତୋହୋର ପବିତ୍ର ଚରଣଯୁଗଳ
ସେହୁଣେ ସେ ମଢ଼ିଆ ଆମ୍ଭର ହୋଇବ ସୁଫଳ ।
ସ୍ୱର୍ଗରେ ଯୋଗାଇଲେ ଦେଖିବା ଦେବ ଋଷି
ଗ୍ଲଲଯିବା ବୋଲି କୋଇଲେ ମହାଋଷି ।
ତପୀର ବାମ କର ଧରଣ ଜରତା
ନିଜ କୁଚକୁମ୍ଭେ ଦେଲୀକ ବନିତା ।
କାମମୋହେନୀ ଯେ ବଞ୍ଚଇ ଆଲଣ୍ଠ
ଯତ୍ତର ପିଠିରେ ଲଗାଇଲେ ସ୍ତନଘଣ୍ଟ ।
ସ୍ୱାଦ ଫଳମାନ ଅଛନ୍ତି ଫଳ ତରୁ
କେ ଫୁଲ ଫୁଟନ୍ତି କେ ଅଛନ୍ତି କଢ଼ି ଧରୁ ।
ପର୍ଣ୍ଣକୁଟୀ ଭିତରେ ଯାଇଣ ସମ୍ଭାଇଲେ
ରତ୍ନ ପଲଙ୍କ ଉପରେ ମୁନିଙ୍କି ବସାଇଲେ ।
ନେତର ସୁପାଟ ଉପରେ ଝୀନ ବାସ
ଜରତାକଇ ଦେନ ବସିଲେ ମୁନି ଶିଷ୍ୟ ।
ପାଦ ପଖାଳିଣ ଅଞ୍ଚଳେ ପୋଛିଲେ
କର୍ପୂର କସ୍ତୁରୀ ମିଶାଇ ଘଷିଲେ
ସ୍ୱାଦ ଦ୍ରବ୍ୟମାନ ଭୁଞ୍ଜିତ ଦେଲେ ଆଣି
ଆଚମ୍ଭିବନ କରାଇଲେ ଅଗ୍ରବାସ ପାଣି ।
କର୍ପୂର ତାମ୍ବୋଳ ଦେଇଣ ତୋଷ କଲେ
ରତ୍ନ ଅଳଙ୍କାର ଶରୀରେ ଲାଇଲେ ।
କାମମୋହେନୀଙ୍କ ଜରତା ଦେଲା ଠାରି
ଆଡ଼ ହୋଇଲେ ସେ ନିଷ୍ଠୁର ବୈରୀପାଡ଼ୀ ।
ଗ୍ରହେଣୀ କାଟି ତକ୍ଷଣେ ନାବ ମେଲି
କୂଳେ ଥିଲା ଲୋକେ ବେଗେ ଦେଲେ ପେଲି ।
ଧାତ୍ତିକାରେ କଇବ୍ରତ ବାନ୍ଧିଦେଲା ନାବ
କେହି ନ ଜାଣଇ ଚଳିବାର ଠାବ ।
ଜରତା କନ୍ୟା କୋଳେ ଅଛଇ ମୁନି ବସି
ସୁନ୍ଦେରୀ ମୁନିଙ୍କି କଥା କହଇ ହସି ।

ଦେହ ଆଉଂସିଣ ବିଳାସ କଥା କରି
ଅଧର ଚୁମ୍ବିଲା ସେ ବୃନ୍ଦ ସୁନ୍ଦରୀ ।
କୋଳେଣ ଘେନିଣ ମୁନିଙ୍କି ଉପରି ଶୁଆଇଲା
ବିବିଧ ଛନ୍ଦେଣ ସେ ରମଣ କରାଇଲା ।
ହିଆରେ ହିଆ ଲଗାଇ ଭୁଜରେ ଭୁଜ ଭିଡ଼ି
ମଦନ ଘାରିଲା ଯେନ ଜରତା ବାସ ଫେଡ଼ି ।
ମୁନି ନ ଜାଣଇ ସୁରତର ସୁଖ
ପୁଣ ପୁଣ ସୁନ୍ଦରୀ ଚୁମ୍ବଇ ମୁନି ମୁଖ ।
ମୁଖେ ଚୁମ୍ବ ଦେଇ ଉତ୍ଥାନେ ସ୍ପର୍ଶିଲା
ନିଜ ସ୍ତନ ଅଗ୍ର ମୁନି ମୁଖେ ଦେଲା ।
ଦଶନ କ୍ଷତ କଲା ଗଣ୍ଡସ୍ଥଳ ।
ତେଣୁ ସ୍ରବିଲା ସେ ମୁନିର ଧାତୁ ଜଳ ।
କାମକଳା ବିଧ ଜାଣଇ ସୁନ୍ଦରୀ
ରତି ଶାସ୍ତ୍ର ପଢ଼ି ଅଛଇ ଚତୁରୀ ।
ଶୃଙ୍ଗାରରସେ ସେ ମୁନିଙ୍କି ମୋହି କଲା
ଲଜ୍ଜା ଛାଡ଼ିଣ ସେ ରମଣି ଦାନ ଦେଲା ।
ଅଚ୍ୟୁତ ଅବସ୍ଥ ନାଗରୀ ସଙ୍ଗେ ପ୍ରୀତି
ପଞ୍ଚଶରେ ମୂର୍ଚ୍ଛାଣ ଘାରିଲା ମହାଯତି ।
ମୁନିବର ପ୍ରସନେ କଲାକ ରମଣୀ
ଘନ ଘନ ପ୍ରେମରସେ ପିଢ଼ିଲା ତରୁଣୀ ।
କେତେହେଂକ ବେଳେ ଖଳିତ ହୁଏ ରେତ
କନ୍ୟାକୁ ଛାଡ଼ି ମୁନିବର ଅଚେତ ।
କଣ୍ଠ ଶୁଖିଲା ବୁଜିଲାକ ଆଖି
ଖରତର ନିଶ୍ୱାସ ଆସଇ ମୁନିକ ।
ବୁକୁ ଦମଦମ ଯେ କାହାରକୁ ଚଳଇ
ଜାଣି ପଟାନ୍ତର କି ମୃତ୍ୟୁ ପିଣ୍ଡ ଲଇ ।
ତକ୍ଷଣେ ଜରତା ସମ୍ଭାଳିଲା ବାସ
କୋଳକରି ଧଇଲା ବିଭାଣ୍ଡେକର ଶିଷ ।

ଶୀତଳ ଜଳ ଘେନି ମୁଖ ପଖାଳିଲା
କର୍ପୂର ପକାଇ ଚତୁଃସମ ବୋଳିଲା ।
ଆଲଟ ଘେନିଣ ବିଞ୍ଚି କଲକ ସାଷ୍ଟାମ
ମୁନି ମୁଖ ଚୁମ୍ବି ଆଚ୍ଛାଦଇ କାମ ।
ପୁଣିହିଁ ଚୁମ୍ବ ଦେଇ ଲଗାଇଲା ବୁକୁ
ପଚାରଇ ମୁନି ହେ କିସ ଲାଗିଲା ତୁମ୍ଭକୁ ।
ଶୀତଳ ପଦାର୍ଥ ସେ କିଛି ଖୁଆଇଲା
ସୁଗନ୍ଧ ପୁଷ୍ପମାଳ କଣ୍ଠେ ଲମ୍ବାଇଲା ।
ହସି ମହାମୁନି ଜରତାକୁ ଚୁମ୍ବି
ଆଚମନ ସାରି କର୍ପୂର ତାମ୍ବୁଳ ଖାଇ ।
ମୁନିଙ୍କ କୁଚେ ଆଉଜାଇ ବସାଇଲା ପୁଣି
ଅଧର ଚୁମ୍ବାଇ ସେ କହଇ ପ୍ରିୟ ବାଣୀ ।
ପୁଣିହିଁ ପ୍ରେମରସେ ମୁନିଙ୍କି ବଶକଲା
ଚଉଷଠୀ ପରବନ୍ଧେ ରମଣ କରାଇଲା ।
ରାଜକାର୍ଯ୍ୟ ଅର୍ଥେ ସୁନ୍ଦରୀ ଜରତା
ଅନେକ ଛନ୍ଦେଣ ମୋହିଲା ବ୍ରହ୍ମବେତ୍ତା ।
କ୍ଷଣେ କ୍ଷଣେ ରମଣ କରଇ ମୁନିବର
ନାବ ଚଳିବାର ସେ ନଜାଣଇ ବେଭାର ।
ଯୁବେ ଆରକେ ସେ ପାଲଟିଆ ହୋଇ
ମୁନିକୁମାରକୁ ଅଛନ୍ତି ନାରୀ ମୋହି ।
ରହେଣ ଘାଟ ଦିହୁଡ଼ି ହୁଳା ଧରି
ରଜନୀ ଦିବସ ଏକତ୍ୱ ପ୍ରାପ୍ତେ କରି ।
କ୍ଷଣକେ କାମମୋହିନୀ କ୍ଷଣକେ ଜରତା
କ୍ଷଣକେ ଖଟିଥାନ୍ତି ବାରହ ବନିତା ।
ହେଠ ସ୍ରୋତେ ନାବ ଚଳଇ ଅତି ବେଗେ
ଚମ୍ପାବତୀ ନଗ୍ରେ ଯାଇଣ ସେ ଲାଗେ ।
ଯିବାର ବେଳେଣ ସେ ତେଇଶି ଦିନ ଗଲେ
ବାର ଦିବସେଣ ବାହୁଡ଼ି ଅଇଲେ ।

ତହୁଁ ପାଣ୍ଡବନ ରହିଲେ ସୁନ୍ଦରୀ
ଗୃଳଣି ବନେ ହେଲେ ଚମ୍ପାବଣ୍ଟ ପୁରୀ । ।୭୦୦।
ନଦୀର ଘାଟେ ସେ ଲାଗିଲା ନାବ ଯାଇ
ଜରତା କୋଳରେ ଅଛଇ ମୃନ ଶୋଇ ।

('ଜଗମୋହନ ରାମାୟଣ',
ଆଦିକାଣ୍ଡରୁ ଗୃହୀତ)

*

# ହନୁମାନର ରାବଣପୁରରେ ପ୍ରବେଶ ଓ ଲଙ୍କାପୋଡ଼ି

## ବଳରାମ ଦାସ

ଲେଉଡ଼ି ହନୁମନ୍ତ ନ ପାଇଲା ସନ୍ଧି
ରାଜାର ମନ୍ଦରକୁ ଚଳିଲା ମାରୁତି ।
ମୂଷାରୂପ ଧରି ଭିତରକୁ ଗଲା
ମରଣକୁ ନ ଡରି ଅଗ୍ନିରେ ଝାସ ଦେଲା ।
ଦେଖିଲା ମନ୍ଦିର ଅତି ଶୋଭାବନ
କେବଣ ଘରଗୋଟି ସୁବର୍ଣ୍ଣେ ନିର୍ମାଣ ।
କେବଣ ସ୍ଥାଂ ପୁରି ଗୋଟା ଅଷ୍ଟରତ୍ନେ ନିର୍ଭାକଲା
କେବଣ ସ୍ଥାଂ ମନ୍ଦିର କାଚ ଛାଳ ଦେଲା ।
କେବଣ ସ୍ଥାଂ ପୁରି ମରକତେ ଅଛି ଜଡ଼ି
ସୁଧ ସ୍ଫଟିକ କେବଣ ପୁରି ଅଛି ଗଢ଼ ।
ଦେଖିଣ ପ୍ରଶଂସା ଯେ କରଇ ମାରୁତି
ସାଧୁ ସାଧୁ ମହିମା ତୋହୋର ଲଙ୍କପତି ।
ଚନ୍ଦନ କୁଢ଼ କୁଢ଼ କାହିଁ ଅପ୍ରମାଣ
କେବଣ ଠାବେ ଅଛି ବହୁତ ସୁବର୍ଣ୍ଣ ।
କାହିଁ ରୂପା କାହିଁ କଂସା ତମ୍ବା ଅଛି
କାହିଁ ଗନ୍ଧପେଡ ଅଛଇ ଡକୁଚି ।
କାହିଁ ନବରତ୍ନ ଜଡ଼ିତ ଆସ୍ତେମାନ
କେବଣ ଠାବେ ଅଛି ବଚନ ବସନ ।
କାହିଁ ନେତ ପାଟ ପତମ୍ବ ପେଡ଼ା ପେଡ଼ା
କାହିଁ ଶ୍ରୀ କର୍ପୂର ପମାର ପୁଡ଼ା ପୁଡ଼ା ।
ତଇଳ କାହିଁ କାଚର ଭାଣ୍ଡେ ଥୋଇ
କାହିଁ କସ୍ତୁରୀ ଅଛି କୁଢ଼ କୁଢ଼ ହୋଇ ।
କାହିଁ ଜୁଆଦ ପଡ଼ିଅଛଇ ଗନ୍ଧଗୁଣ୍ଡି
କେବଣ ଘରଗୋଟା ଯତନେ ଅଛି ମଣ୍ଡି ।
କାହିଁ ଭୂମିଶେଯ କାହିଁ ଖଟ ଦୋଳି
କାହିଁ ପଲଙ୍କେ ପାଡ଼ିଲା ହଂସତୁଳି ।

କାହିଂ ମଣିହେମ କାହିଂ ରଙ୍ଗ ଟେର
କାହିଂ ଗୁନ୍ଦୁଆ କାହିଂ ଜଗଣ୍ଠି ପଦର ।
କାହିଂ ଶେତରୁମର ଦର୍ପଣ ପନ୍ତ ପନ୍ତ
କେବଣ ଘରଗୋଟା କୁଙ୍କୁମେ ମଣ୍ଡିଛନ୍ତ ।
କାହିଂ ସୁବର୍ଣ୍ଣର ପଗଡ଼ କାଠିମାନ
କେବଣ ହିଂ ପୁର କସ୍ତୁରି ଲେଖନ ।
କାହିଂ ଅଗ୍ରଧୂପ ଧୂଆଂ ହୋଇଂଅଚ୍ଛି
କେବଣ ହିଂ ପୁର ଅଷ୍ଟରତ୍ନେ ଜଡ଼ିଅଚ୍ଛି ।
ଘାପ ବିଦ୍ରୁଡ଼ି ଯେ ନିରନ୍ତରେ ଜାଳି
ଠାବେ ଠାବେ ଠଣା ଜଗିଛନ୍ତ ବାଳୀ ।
ଦେଖି ହନୁମନ୍ତ ଯେ ପରମ ତୋଷ ହୋଇଂ
ଧନ ଧନ ରାବଣ ତୁ ବୋଲିଣ ବୋଲଇ ।

× × × ×

ତୋଟାର ମଧ୍ୟେଣ ଅଛଇ ଦିବ୍ୟପୁର
ତିନି ଯୋଜନ ଦୀର୍ଘ ଦୁଇ କୋଶ ଓସାର ।
ମାଣିକର ପାବଛ ନିଳାର ଖମ୍ବମାନ
ମର୍କତର ପୀଢ଼ ପୋଏଳା ବିତପନ ।
ପୁଷ୍ପରାଗ ସେଣି କୁବିନ୍ଦର ଜର
ଗୁଞ୍ଜି ଚିତପାଟି ବ୍ରହ୍ମଭିତି ହୀର ।
ନିଳାର ସୋଣ ଯେ ଗଣ୍ଠି ଅନାବତା
ଗଣ୍ଠିକର ବାନ୍ଧିଅଛଇ ପାଟସୁତା ।
ସୁବର୍ଣ୍ଣର ଝିଙ୍କର ମୁକୁତାର ଚୂନ
ବାରଗୋଟି କଳସ ଅନୁଆନ ବର୍ଣ୍ଣ ।
ନେତର ଚିରାଳ କାହିଂ ପାଟର ପାତାଗଂ
ରଙ୍ଗ ଝୀନ ପଚନ ଉଡ଼ିନ୍ତି ପେଜ ଲାଗ ।
ଚନ୍ଦ୍ରକରଣେ ଜାଣି ଗୁନ୍ଦୁଆ ବଶଜ
ନବରତ୍ନେ ଖଚିଂ ଅଛି ତାହା ସାଜ ।

ନାନାବର୍ଣ୍ଣେ ଚାମର ଉଡ଼ଇ ଚଉପାଶ
ନେତ ପାଟ ପତନୀ ଦେବାଙ୍ଗ ଝୀନ ବାସ ।
ମୁକୁତାର ଝରା ବୈଡ଼ୂର୍ଯ ମାଳ ମାଳ
ଅଗ୍ର ଧୂପ ଧୂଆଁ କୁହଳଇ କୋଳାହଳ ।
ସ୍ଫଟିକର ବାଡ଼ ସୁବର୍ଣ୍ଣର ପିଣ୍ଡୁଳ
ଚଉଷଠୀ ବଂଧନେ ଅଛନ୍ତ ଅଙ୍ଗ ଢାଳ ।
ମଧ୍ୟରେ ଚନ୍ଦନ କାଠର ପଲଙ୍କ
ଜାଣି ପଟାନ୍ତର ଶରଦ ଶଶାଙ୍କ ।

ମାଣିକର ଖୁରା ମର୍କତର ପିଣ୍ଡୁଳ
ହୀରାଦନ୍ତର ପଗଡ଼ ମୁକୁତା ମାଳ ମାଳ ।
ନାନାମଣି ଚରା ବଉଳାକାଠି ହୀରା
କି ଜାଣି ଗଗନେ ଉଦୟେ ଲକ୍ଷେ ତାରା ।
ତିନପୁର ପଲଙ୍କ ଉପରେ ନେତ ତୁଳୀ
ସୁରଙ୍ଗଣୀ ପାଟର ବିବିଧ ମୁରୁଳ ।
ଶୁକଳ ପାଟୁଣ୍ଡ ଉପରେ ଶେଯାଇଲା
ବିବିଧ ପୁଷ୍ପ ସିଞ୍ଚ କର୍ପୂର ବିଚ୍ଛିଂଲା ।
ତହିଂ ରାବଣେଶ୍ୱର ବିବିଧ ବେଶ ହୋଇ
ମନ୍ଦୋଦରୀ ରାଣୀକ କୋଡ଼ରେ ଯେନ ଶୋଇ ।

ଅନେକ ଯୁବତୀ ପାଶେ ଖଟିଛନ୍ତ
କେ ଝୁରୀ ଖଣ୍ଡା କେ ଆଲଟ ଢାଳନ୍ତ ।
କେ ଶ୍ୱେତ ଚାମର ଢାଳନ୍ତ ବିଳାସୁଣି
ବିହୁଡ଼ି ଧରି ଉଭା କେବଣ ତରୁଣୀ ।
କେ ପୁଷ୍ପ ବିଚଂଣି କେ ଧରି ଧୂପକାଠି
ପାଦୁକା ଧରି ଉଭା କେବଣ ବିମ୍ବୋଷ୍ଠୀ ।
ତଡ଼ପ ଯେନଣ କେଶ କରଇ ମାର୍ଜନ
ପରଘ ଯେନ ଉଭା କେବଣ ସ୍ତ୍ରୀ ଜନ ।
କେହୁ ବାସପାଣି ଝରିରେ ଯେନ ଅଛୁ
କେହୁ ଦୀପମାନଙ୍କରେ ଅଭଙ୍ଗ ପାଉଅଛୁ ।

କେହୁ ମଡ଼ିଆଳ ଗନ୍ଧା ଘଙ୍ଗି ଥୋଇଂ
କେହୁ ଆଜ୍ଞା ଶୁଣି ତ ଆଗେଣ ଉଭା ହୋଇ ।
କେହୁ ଦର୍ପଣ କେହୁ କୁସୁମ ଗୁନ୍ଥନ୍ତି
ଏସନେକେ ନାସ୍ୟେ ସେବା କରଛନ୍ତି ।
କେ ଯନ୍ତ୍ର ବଯାଇଂ ଗାବନ୍ତି ସୁସରେ
କେହୁ ବସି ତାଳ ବଜାନ୍ତି ଧୀରେ ଧୀରେ ।
କେହୁ ଆଳପ କରଣ ତାଳ ବାଇ
କେହୁ ଗୁଣ୍ଡିକେଶ ରାଗେଣ ଗୀତ ଗାଇ ।
କେହୁ ସାରୀଶୁଆ ପଢ଼ନ୍ତି ପାଠମାନ
କେବଣ ନାରୀ ନଦେ ଅଚେବନ ।
କେହୁ ଟେରା ଶାଢ଼ୀ ଶୋଇଛନ୍ତି ମାଡ଼ି
କେହୁ ପାନପିଅ ପକାଉଛନ୍ତି କାଢ଼ି ।
କେ ପାଦ ମରାଂଳ ଫୁଟାନ୍ତି ଅଙ୍ଗୁଷ୍ଠି
କେ ପନ୍ଥ ଘୃଷ୍ଟ ଆସଇ ନ ଦେଖାଇ ପିଠି ।
ହନୁମନ୍ତ ପ୍ରବେଶ ହୋଇଲା ତହିଂ ଯାଇ
ଭିତରକୁ ପଶିଲା ଖୁପରୂପ ହୋଇ ।

× × × ×

ଯେବେ ଟପ ଯେହ୍ୱକ୍ଷଣି ମୋଡ଼ିବୁ ଲଙ୍କପୁର
ଏହା ନ ଜାଣିଲୁ ବଣବା କୁମର ।
ଏତେ ବୋଲି ବୀର ବକମୀ ଡେଇଂଗଲା ।
ଜଗନ୍ତ ପିଢ଼ା ଉପରେ ଯାଇଣ ବସିଲା ।
ଲଞ୍ଜ ଅଗ୍ନି ଲଗିଲା ପୋଡ଼ିଲାକ ଘର
ଦଇତ ଦୁରମ୍ଭା ବୁହାନ୍ତି ଜଳଜଳ ।
ଜଟଙ୍ଗାରୁ ହନୁମନ୍ତ ମେଢ଼କୁ ଡେଇଁଗଲା
କାଟ ତାଳ ପୁରେ ଅଗ୍ନି ଲଗାଇଲା ।
ରାବଣ ଶୟନମନ୍ଦରେ ଯାଇ ବସି
ତହିଂ ହୁତାଶନ ପ୍ରଜ୍ୱଳିତ ଦିଶି ।
ନାଟଶା ମନ୍ଦରେ ବସିଲା ପୁଣ ଯାଇ
ତହୁଂ ଉଠିଲା ନଆଁ ରଳରଳ ହୋଇ ।

× × × ×

ଅଗ୍ନି ଯେସନେ ବହିଲ ଅଣରୁସ
ମେଡ଼ ମଣ୍ଡପ ଜଗତି ହୋଇଲ ବିନାଶ ।
ଦଶ ଯୋଜନ ଲଙ୍କାର ଆକୃତି
କ୍ଷଣକେ ଧୂମାନ୍ତ କଲାକ ମାରୁତି ।
ଆସ୍ଥାନ ନବର ନୃତ୍ୟ ରଙ୍ଗ ସ୍ଥାନ
ଦେବାର୍ଚ୍ଚନ ଘର ଦୋହୋରା ଆଳମାନ ।
ରାଣୀହଂସପୁର ତୋଠାପୁର ଜଗତି
ଛନ୍ନପୁର ମେଡ଼ ପୋଡ଼ଇ ଚଉକତି ।
ହାଥି ଘୋଡ଼ାଶାଳ ଭଣ୍ଡାର ଘରମାନ
ପ୍ରଳୟ କାଳ ଜାଣି ଦହଇ ହୁତାଶନ ।
ଯହିଂ ହନୁମନ୍ତ ବସଇ ପୁଣି ଯାଇଂ
ସେ ଘର ପୋଡ଼ଇ ସନ୍ଦେହ ଯେଥେ ନାହିଂ ।
ନଗ୍ର ପୋଡ଼ି ସାର ଊର୍ଦ୍ଧ୍ୱକୁ ଉଡ଼ିଗଲ
ଶତେ ଯୋଜନ କରି ଲାଞ୍ଜ ବେଢ଼ାଇଲ ।
ଲଙ୍କାର ଆକୃତି କି ପାଇଲାକ ପୃଛ
ଶୂନ୍ୟରେ ରହିଅଛି ପବନର ବଛ ।
କୁମ୍ଭକର୍ଣ୍ଣ ନବର ଇନ୍ଦ୍ରଜିତ ପୁର
କୁମ୍ଭ ନିକୁମ୍ଭ ବିଭୀଷଣର ଘର ।
ଧୂମାକ୍ଷ କାକାକ୍ଷ ବିରୂପାକ୍ଷର ବାସ
ମହୋଦର ପୁର ପ୍ରଶସ୍ତିର ଉଆସ ।
ଅକମ୍ପନ ତ୍ରିଶିରା ଖର ଦୂଷଣର ଘର
ଅଗ୍ନି ଲାଗିଣ ଜଳନ୍ତି ଦୁରଦୁର ।
ସପତ ପୁର ଲଙ୍କା ସହସ୍ରେକ ହାଟ
ଶତେ ରାଜଦଣ୍ଡ ଦୁଇ ସହସ୍ର ବାଟ ।
କନ୍ଧ ସ୍କନ୍ଧ ଚଢନ୍ତ ନ ଜାଣି
ଘରେହେଁ ନ ଛାଡ଼ଇ କପିକୁଳମଣି ।
ସବୁରି ଘରେ ନେଇ ଲାଞ୍ଜ ବେଢ଼ାଇଲ
ପବନ ସାହା ପାଇ ସମସ୍ତ ଦହିଲ ।

ନଗ୍ନ ନରନାରୀ ବକଲେ ବୋବା ଦଅନ୍ତି
କେହୁ ଆଏ ତାଏ ଘେନଣ ପଳାବନ୍ତି ।
କେ କାଖେ ପୁଅକୁ ହାଥେ ଲୁଗା ଅଛି ଧରି
ପୋଖରୀ ଭିତରକୁ ପଳାଇ ଖରକରି ।
କେ ବୋଲଇ ବାବୁ କେ ବୋଲଇ ଡକା
କେ ବୋଲଇ ଆହୋ ପୋଡ଼ୁ ବଡ ପଜା ।
କେ ବୋଲଇ ଦାଦା କେ ବୋଲଇ ନନା
କେ ବୋଲଇ ମୋତେ ଧରି ନେଉ କନା ।
କେ ବୋଲଇ ପଳାଅ କେ ବୋଲଇ ଆସ
କେବଣ ବାପୁଡ଼ା ଗୃହଇଂ ଦଶ ଦଶ ।
କେ ଆସି ନ ପାରି ଘରେ ପଶି ମଲା
କାହାର ଟାଙ୍କା ହୋଇଣ ପ୍ରାଣ ଗଲା ।
କେହୁ ବୁଢ଼ା କେହୁ ପୋଢ଼ା ପ୍ରାଣ ହାରି
କେ ବାଟ ନ ପାଇ କନ୍ଦରେ ପଶି ମରି ।
କେ କୂଅ ଭିତରେ ପଶିଲେକ ଡେଇଁ
ତହିଂ ମଲା ସେ ଅଗ୍ନି ତାପ ପାଇ ।
କେହୁ ପାଣି ଘେନ ଛଡ଼ାବନ୍ତି ଘର
କେ ବୋଲଇ ଆରେ ବେଗେ ମୋତେ ଧର ।
କେ ବୋଲଇ ରାବଣ ଏହା ଅରଜିଲା ।
ସୀତାକୁ ଚୋରି କରି ଆଣି ବିଭୂତି ନାଶ କଲା ।
କେ ବୋଲଇ ବାବୁ ପୁଅ ମୋର କାହିଂ
କେ ବୋଲଇ କେଣେ ଗଲା ମୋ ଗୋସାଇଂ ।
କେ ବୋଲଇ ମୋହୋର ଜନମା ନଇଲା
କେ ବୋଲଇ ମୋହୋର ଭାଇ କେଣେ ଗଲା ।
କେ ବୋଲଇ ଆଜ ଜଇଂ ଅଛି କାହିଂ
କେ ବୋଲଇ କେଣେ ଯିବା ହୋ ପଳାଇ ।
କେ ବୋଲଇ ଲଙ୍କା ବେଢ଼ିଛି ହୁତାଶନ
କେ ବାହାର ହୋଇ ଯିବାକୁ ନୋହଇ ଭାଜନ ।

କେ ବୋଲଇ ଆଜ ମରିବା ନିଶ୍ଚିତ
କେ ବୋଲଇ ଯେତେକ ପୂର୍ବର ପରାକୃତ ।
ଏତେକେ ନୈକ କର୍ମେ ପୂର୍ବେ ଅଛଇ ଭବିଷ୍ୟ
ଏଥିକି ଭାଳିଲେ କାରଣ ହୋଇବାକ କିସ ।
ଲଙ୍କା ପୋଡ଼ିବା କାଳେ ଆମ୍ଭେ ହେଁ ମରିବା
ଏ ପାପ ବିୟୋଗକୁ କି ବୁଧି କରିବା ।
କେ ବୋଲଇ ଏକା ବାନର ଏହା କରି
ଶ୍ରୀରାମ ଅଇଲେ କି ରହିବ ଏହୁ ପୁରୀ ।
ରଜକନ୍ତ ସମୋଦ୍ର କେଣେ ପଳାଇବା
ରାବଣର ପ୍ରସାଦେ ସମସ୍ତେ ମରିବା ।
ଏତେ କାଳ ସୁଖେ ନିଶ୍ଚିନ୍ତେଣ ଥିଲୁ
ଏକାବେଳେକେ ସମସ୍ତ ହରାଇଲୁ ।
କେ ବୋଲଇ ହୁତାଶନ ସବୁହିଁ ଲାଗିଲା
ପବନ ବହିବାରେ ଦୁଗୁଣ ହୋଇଲା ।
କେ ବୋଲଇ ଅଗ୍ନି ପ୍ରଚଣ୍ଡ ବିକରାଳ
ଧୂମର ଘାୟେ ନ ଦିଶଇ ଆକାଶମଣ୍ଡଳ ।
କେ ବୋଲଇ ହନୁମନ୍ତ ଥାଇଣ ଆକାଶେ
ଲାଞ୍ଜ ବେଢ଼ାଇ ଅଛଇ ଚଉପାଶେ ।
କି ଜାଣି ଅନଳ ପ୍ରଳୟ ଘଡ଼ଘଡ଼
ଏଡ଼େ ନଗ୍ର ଗୋଟା ଯାଉଅଛି ପୋଡ଼ି ।
ପୂର୍ବେ ବିଶ୍ୱକର୍ମା ଭିଆଇଲା ଯେହା
ସୁକେଶୀ ମହାତମା ଅଟଇ ଯେହାର ନାହା ।
ଏବେ ରାବଣର କାଳେ ନାଶ ଗଲା
ସୁବର୍ଣ୍ଣମୟ ଦେଶ ଅଙ୍ଗାର ହୋଇଲା ।
ଏସନେକ ବିକଳ ହୁଅନ୍ତି ନରନାରୀ
ଆକୁଳେ ବେବହନ୍ତି କିଧାତା ସୁମରି ।
ଦ୍ରବ୍ୟ ନାଶ ଯାଉ ବୁକୁରେ କୋଡ଼ି ହୋନ୍ତି
ମୂ ରୁଣ୍ଟି ନ ପାରିଣ ଥୋକାୟେ ଦୂର ଯାନ୍ତି ।

ତାଙ୍କ ସଙ୍ଗ ନ ପାଇ କେ ପଳାଇ ଆସନ୍ତି
ଭୂମିରେ ପଡ଼ି କେ କରୁଣ୍ଡି ହୋଅନ୍ତି ।
କାହାର ପଣନ୍ତରେ ଲାଗିଲାକ ଯୋଣ
ମଲି ମଲି ବୋଲି କେ ବିକଳ ହୋଅଇ ।
କେବଣ ବାପୁଡ଼ାର ପୋଡ଼ିଲାକ ପିଠି
ପୋଖରୀ ଭିତରକୁ ପଳାନ୍ତି ପଡ଼ି ଉଠି ।
କଅଁଳା ପୁଅ କେ ଆଣି ନ ପାରିଲେ
ସେନେହ ଭାବ ଯେନ ମାଏ ପୋଏ ମଲେ ।
କେ ବୋଲଇ ମୋହର ଜଇଂଥିଲେ ସବୁ
କେ ବୋଲଇ ମୋତେ ସମ୍ଭାଳ ନଅ କାବୁ ।
କେ ବୋଲଇ ଆଗେ ଲାଗିଲାଣି ଅନଳ
କେଣେ ଯିବା ବୋଲି ହୁଅନ୍ତି ଚହଳ ।
ଅନେକ ଯୁବତୀ ପୁରୁଷ ହିଂ ମଲେ
ଗୋରୁ ବ୍ରାହ୍ମଣ ବହୁତ ନାଶ ଗଲେ ।
ଦେବତାଙ୍କର ଆଜ ହୋଇଲା ଭସ୍ମରାଶି
ଥେଣ୍ଟ ଗଣ୍ଡି ଆସ୍ଥେ ଜୁର କଲେ ପଶି ।
ନ ପୋଡ଼ିଲାର ଘରମାନ ଭାଙ୍ଗିଣ ପକାନ୍ତି
ଯିସ ଦ୍ରବ୍ୟ ଥାଇ ଯେନଣ ପଳାବନ୍ତି ।
ଯାହାର ଯାହାକୁ ଅହଲ୍ୟା ଭାବ ଥିଲା
ବେଳକାଳ ଜାଣି ମନ୍ଦ ହିଂ ଚିନ୍ତିଲା ।
ସୁବର୍ଣ୍ଣର କାନ୍ଥେ ନବରତ୍ନ କମ
ସୁବାସ କରଅଛି କସ୍ତୁରୀ ଚନ୍ଦନସମ ।
ସେ ଘରମାନ ଯେ ହୁଅନ୍ତି ସର୍ବ ଦଗ୍ଧ
ଗିରସ୍ତଙ୍କ ବିକଳ କାହାର ବଳେ କନ୍ଧ ।
ପସରାଇଣ ମାନେ ପଶରା ଦେଇଂଥିଲେ
ଘର ପୋଡ଼ି ଦେଖି ଆରତେ ପଳାଇଲେ ।
ତାହାଙ୍କର ଯାନ୍ତେ ନାଗିଲାଣି ବାସ
ଦୁଇ କତି କ ସେ ହୋଇଲେ ନିରାଶ ।

ବଉର·ପାଇଂ କେ ଅଗ୍ନିରେ ଝାସ ଦେଲା
କାହାର ଧନ କେ ନେଡ଼ାସ୍ତେ ମାର ନେଲା ।
ପୁଅନ୍ତ ଘେନଣ କେ ପଳାଇ ଯାଉଂ ଯାଉଂ
ଅଗେ ନଆଂ ଅଛୁ ଯିବ ଆଉ କାହୁଂ ।
ପୋଡ଼ ଯାଉଅଛୁ ହାଥି ଘୋଡ଼ାଶାଳ
ଫିଟିଣ ବକଳେ ବୁଲନ୍ତି ମାଳ ମାଳ ।
ଉଟ ଗଧ ମଇଁଷି ମଞ୍ଜାର ବହୁତ
ପକ୍ଷୀ ଜନ୍ତୁମାନେ ବହୁତ ହୋଇଲେ ହତ ।
ପାଚେରୀ ଡେଇଂ ଯେ ନ ପାରିଲେ ଯାଇଂ
ଦୁଆର ବାଟେ ପଶନ୍ତି ଆହାର ଖାଇ ।
ଅଯୋଗେ ଅଗ୍ନି ଲାଗିଲା ଚଉକତ
ପଳାଇ ନ ପାରିଣ ହୋଇଲେ ନିପାତ ।
ଚନ୍ଦନ ଅଗର ପୋଡ଼ନ୍ତି ଅପାର
ସୁଆଦ ଶାକୁଆ ମଇଁଷି ସମ୍ବର ।
ମୃଗ ବାହୁଣ୍ଟିଆ ଶୃଗାଳ ହରିଣୀ
ଅଜା ମେଷ ସାରି ସୁଆ ରଣ ବଣି ।
ପୁଷ୍ପ ତୋଟାମାନ ସବୁ ଗଲେ ଜଳି
ଆବର ବୃକ୍ଷ ଯେ ସୁସ୍ୱାଦ ଥିଲେ ଫଳି ।
ସେହୁ ସହୁତେ ହୋଇଲେ ଭସ୍ମରାଶି
ମାନ ତ ଗୌରବେ ଏକାସ୍ଥାନେ ବସି ।
ଜ୍ଞାନ ହରାଇଲେ ଲଙ୍କାର ନରନାରୀ
କୋଳାହଳ ନାଦେ କମ୍ପାଇ ତିନି ପୁର ।

('ଜଗମୋହନ ରାମାୟଣ',
ସୁନ୍ଦରକାଣ୍ଡରୁ ଗୃହୀତ ।)

*

# ଶ୍ରୀକୃଷ୍ଣ ଜନ୍ମ

## ଅଚ୍ୟୁତାନନ୍ଦ ଦାସ

ନିରନ୍ତରେ ରତ୍ନମେଘ ଆଚ୍ଛାଦିଲେ ଆଣି
ଟିପି ଟିପି ପୁଷ୍ପକ ବରଷୁ ଅଛି ପାଣି ।

ବନ୍ଦୀଘରଠାରୁ ଯେ ନନ୍ଦର ଘର ଯାଏ
ଆକାଶେ ଅନେକ ଛାମୋଡ଼ିଆ ବିଶ୍ୱକର୍ମା ନିର୍ମାଣ କଏ ।
ସଠା ଶବଦ ନାହିଁ ଯେ ପୃଥ୍ୱୀକ ହୋଇଛି ଥିର
ମଳୟ ବସନ୍ତ ଯେ ବହୁଛି ଧୀର ଧୀର ।
ନିବିଡ଼ ଅନ୍ଧାର ଯେ ନ ଦିଶେ ଆଉ କିଛି
ବିଜୁଳି ମାତ୍ର ଏକା ବାଟ କଢ଼ାଉ ଅଛି ।
ଦେବକୀ ବସୁଦେବ ଯେ ଉଗ୍ରସେନ ତିନି
ଆବର ଚେତନା ଅଛି ଗାର୍ଗବ ମହାମୁନି ।

ମଥୁରାପୁରଠାରୁ ଗୋପ ନଗ୍ର ଯାଏ
ଆକାଶେ ଛାମୁଣ୍ଡିଆ ବିଶ୍ୱକର୍ମା କଏ ।
ବଦନ୍ତି ଶୁକମୁନି ଶୁଣ ପରୀକ୍ଷ ନୃପମଣି
ଇତି ଶ୍ରୀ ଭାଗବତ ଯେ ଶ୍ରୀକୃଷ୍ଣ ରସବାଣୀ ।
ପଥର ଯନ୍ତ୍ର କବାଟ ବଜ୍ର କିଳଣ ଥିଲା
ଅଦଭୁତେଣ ସେହୁ ଯେ ଭାଜିଣ ପଡ଼ିଲା ।
ବିଶ୍ୱକର୍ମା ମାୟାରେ ସେ ଫିଟିଲା କପାଟ
ବିଜୁଳିର ହାସେଣ ଯେ ଦିଶଇ ଦିବ୍ୟବାଟ ।
ଲୌହଦଣ୍ଡ ସାଙ୍କୋଳମାନ ଯେ ଖଣ୍ଡ ଖଣ୍ଡ ହୋଇ
ଅଗ୍ନି ଦେଖିଲେ ଯେସନେକେ ଜଉ ପଡ଼ିଲେ ମିଳାଇ ।

ବସୁଦେବ ଆତ୍ମାରୁ ଛାଡ଼ିଲା ନିଜ ବ୍ୟଥା
ଦେବକୀର ଅଗ୍ରତେ ଯେ କହୁଛି ହିତକଥା ।

କେବଳନ୍ତିଂ କଥା ଗୋ ବୁଝି ତ ନ ପାରି
ବଡ଼ ହରଷ ମନକୁ ତ ଲାଗୁଛି ମୋହର ।
ଅଦ୍ଭୁତେ ଶାଙ୍କୋଳମାନ ଗୋଡ଼ରୁ ପଡ଼ିଲା ମିଳାଇ
ପରମ ହରଷ ମନ ମୋ ହେଉଛି କମ୍ପାଇଂ ।
ବିଧାତା ନିଶ୍ଚୟେ ମୋତେ କଲା ଅନୁରାଗ
ପାପ କ୍ଷଏ ଗଲା ମୋର ଯେ ଦିଶିଲା ପୁଣ୍ୟଭାଗ ।
ଆବର ବିପରୀତ କଥା ଦେଖସି ଗୋ ନାରି
ଡାକହାକ କରୁଥିଲେ ଯେତେକ ଜଗନ୍ତା ପାହାରି ।
ଖାପ ବିହୁଡ଼ି ତୁଳା ଯେ ଲଭିଲା ସକଳ
ନିଶ୍ଚିନ୍ତେ ନିଦ୍ରାଗଲେ ପାହାରି ଜଗୁଆଳ ।
ପଞ୍ଚାଶ ସହସ୍ର ଯୋଦ୍ଧା ଯେ ସମସ୍ତେ ଛନ୍ତି ଶୋଇ
ବିଜୁଳି ହାସେ ଦେଖ ଗୋ ଜଣଙ୍କର ଗ୍ୟାନ ନାହିଂ ।
ଶ୍ରୀଅଙ୍ଗ ପ୍ରହର ବାଜଣା ଗୋ ଯେତେକ ବାଜୁଥିଲା
ଏକାବେଳକେ ଦେଖ ଗୋ ସମସ୍ତ ନିଦ୍ରାଗଲା ।
ଏସନେକ ବିଚାର ଯେ କରନ୍ତେ ପତିପତ୍ନୀ
ପନ୍ଦରଦଣ୍ଡ ଆସି ଯେ ହୋଇଲାକ ରାତି ।
ପବିତ୍ର ପୁଣ୍ୟ ବେଳ ଯେ ଶୁଭମଙ୍ଗଳ ତିଥି
ଦେବତାଙ୍କର କାର୍ଯ୍ୟ ଆସି ହୋଇଲାକ ସିଦ୍ଧି ।
ବସୁଦେବର ମୁଖ ଶୁଣିଂ ଯେ ଦେବକୀ ବୋଇଲା
ଗର୍ଭର ଭାର ତ ଆସି ଦୃଶ୍ୟ ଯେ ହୋଇଲା ।
ହେ ନାଥ ଶରୀର ଅସମ୍ଭାଳ ଯେ ମନକୁ ଛଟପଟ
ପ୍ରସବର ବେଳ ଆସି ଯେ ହୋଇଲା ନିକଟ ।
ହେ ପ୍ରାଣନାଥ ଯେ କନ୍ତକ ମୋର ଆସ
ଅସମ୍ଭାଳ ହୋଇଲା ଜୀବନ କନ୍ତକ ବେଗେ ଆସ ।
ଧାଈ ମୃଦୁସୁଲ ପରିବାର ଯେତେ ପାଖରେ ମୋର ଥିଲେ
ଏକାବେଳକେ ଦେଖ ଯେ ସକଳେ ନିଦ୍ରାଗଲେ ।
କହୁଂ କହୁଂ ଗର୍ଭ ଯେ ପଡ଼ୁଛି ଲେଉଟି
ବିଷମ କେଶରୀ ସ୍ୱାମୀ ହେଉଛି ଚହଟି ।

ଶୁଣ ହେ ପରୀକ୍ଷିତ ରାଜା କହନ୍ତି ବ୍ୟାସଶିଷ୍ୟ
ଦେବକୀ ଗର୍ଭରେ ଯେ ହୋଇଲା ଅଷ୍ଟମାସ ।
ଧନୁ କୃଷ୍ଣ ତ୍ରୟୋଦଶୀ ଦିନ ଦେବକୀ ଶୁଦ୍ଧସ୍ନାନ କଲା
ସିଂହ ପ୍ରବେଶ ଆସି ଅଷ୍ଟମାସ ସମ୍ପୂର୍ଣ୍ଣ ହୋଇଲା ।
ଭାଦ୍ରବ କୃଷ୍ଣ ଅଷ୍ଟମୀ ବୃହସ୍ପତି ବାର
ରୋହିଣୀ ନାମେ ନକ୍ଷତ୍ର ଯେ ଅଟଇ ସେ ଦିନର ।
ବୃଷ ନାମେ ଚନ୍ଦ୍ରକୁ ଯେ ଷାଠିଏ ଦଣ୍ଡ ଭୋଗ
ଗର ନାମେ କରଣ ଯେ ଶୋଭନ ନାମେ ଯୋଗ ।
ସିଂହ ସଂକ୍ରାନ୍ତିକ ଚଉଦ ଦିନ ଭୋଗ ଶେଷେ
ଶ୍ରୀନାରାୟଣ ଜନମ ହୋଇଲେ ସମ୍ପୂର୍ଣ୍ଣ ଅଷ୍ଟମାସେ । ।୭୦।
ଦେବକୀ ଗର୍ଭଭିତରୁ ପଡ଼ିଲେ ଦେବ ଖସି
ପୂର୍ଣ୍ଣମୟେ ଆକାଶ ଯେହ୍ନେ ଉଦୟେ ହୋଇଲା ଶଶୀ ।
ଅପୂର୍ବ ନୀଳବଦନ ଯେ ଦିଶିଲାକ ଶୋଭା
ମଧ୍ୟାହ୍ନ ଆଦିତ୍ୟ ଯେହ୍ନେ ଦିଶଇ ଜ୍ୟୋତିପ୍ରଭା ।
ଉଚ୍ଛର୍ଗ ଗର୍ଜନ ଗୋଳ ବିସ୍ତାର ଏକ ଖଣ୍ଡ
ସୁଲଳିତ ଦୀର୍ଘ ଯେ ଆକର୍ଷଣ ଭୁଜଦଣ୍ଡ ।
ବିକଚ ଶତଦଳ ବିରାଜଇ ବେନି ନେତ୍ର
ରୁପିଲା ମାରଗ ପ୍ରାଏ ବିରାଜଇ ନବ ଗାତ୍ର ।
ତିଳ କୁସୁମ ଯେସନେକେ ଶୋଭିତ ନାଶିକା
ମଦନ ଧନୁମତି ଶୋଭିତ ଭ୍ରୂଲତା ବେନିରେଖା । ।୭୦।
ତାଳମ୍ବ କୁସୁମ ଯେସନେକେ ବିରାଜଇ ଅଧର
ଶ୍ରୀମୁଖ ଶୋଭାକର ପୌର୍ଣ୍ଣମୀ ନିଶାକର ।
ଆଟୋଳ ବେନି ଶ୍ରବଣ କମଳଦଳ ଜାଣି
ବଚନ ଭିତରେ ଯେ ଅମୃତ ପୁରଇ ଅଛି ଆଣି ।
ସମ୍ପୂର୍ଣ୍ଣ ବକ୍ଷସ୍ଥଳ ସଂକୀର୍ଣ୍ଣ ମଧ୍ୟ ସାନ
ଅଙ୍ଗୁଷ୍ଠି ଚମ୍ପାକଢ଼ି ଜାଣି ଅଙ୍ଗୁଳି ଯେସନ ।
ଅଶେଷ କୋଟି ଇନ୍ଦ୍ରରୂପକୁ ନିନ୍ଦନ୍ତା ଦେବ ସ୍ୱାମୀ
ଭୂମିରେ ପଡ଼ିଅଛନ୍ତି ଦେବ ଅନ୍ତର୍ଯାମୀ ।

ପରମ ଦେବସ୍ୱାମୀ ଭଗନ୍ତି ଯ୍ରବେ ଦେଖା
କର ଚରଣ ବନ୍ଧଇ ସ୍ୱାମୀ କରନ୍ତୁ ଅବଣକା ।

× × ×

ଏଥୁ ଅନନ୍ତରେ ସେ ଦେବକୀ ଦେବୀ ମାତା
ପୁତ୍ର ଜନମ ହୋଇଲା ଯହୁଂ ଫିଟିଲା ମନବ୍ୟଥା ।
ବିଷ୍ଣୁ ମାୟାରେ ଦେବୀ ଯେ ହୋଇଲେକ ମୋହ
ପୁଣ ଅଚେଷ୍ଟ ନିଦ୍ରାରେ ପଡ଼ିଲେକ ଶୋଇ ।
ସ୍ୱପନ ପ୍ରାପ୍ତେ କରି ଯେ କୃଷ୍ଣଙ୍କୁ ଜାତ କଲା
ଘାରିଲା ନିଦ୍ରାବନ୍ତି ପୁଣିହିଂ ନିଦ୍ରା ଗଲା ।
ନେତ୍ରରୁ ପଣନ୍ତ ଗୋଟି ଯେ ଭୁମିରେଣ ପାଡ଼ି
ଦେବେ ମାୟା କଲେ ଯେ ଶୋଇଲା ମୁହିଂ ମାଡ଼ି ।
ପଞ୍ଚାଶ ସହସ୍ର ପାରଧିର କାହାରି ଜ୍ଞାନ ନାହିଂ
ମୃତ୍ୟୁ ଶବ ପ୍ରାପ୍ତେ ହୋଇ ଯେ ସମସ୍ତେ ଛନ୍ତି ଶୋଇ ।
ଏକା ବସୁଦେବ ଦେହେଂ ଯେ ଚେତନା ମାତ୍ର ଅଛି
ପୁତ୍ର ଗୋଟିକ ଦେଖି ମନେ ସେ କାତର ହେଉଅଛି ।
ଯେତେବେଳେ ଦେବକୀ ଦେବୀ ପୁଣି ନିଦ୍ରାଗଲା
ଆଶ୍ୱାସ କରି ବସୁଦେବ ତା ପାଖରେ ବସିଲା ।
ବିଷ୍ଣୁ ର ବାଳଲୀଳା ଯେ ଅପୂର୍ବ ରୂପ ଦେଖି
ଆନନ୍ଦେ ଜରଜରିତ ବସୁଦେବର ବେନି ଆଖି ।
ଆପଣା ହୃଦଗତେ ବିଚାରଇ ସୁଦେବର ଶିଷ୍ୟ
ଉଭୟ ସଙ୍କଟ ପଡ଼ିଲା କରିବ ଯେବେ କଂସ ।
ଗୁଣବନ୍ତ ପୁତ୍ର ଗୋଟି ଯେ ଉପୁଜିଲା କର୍ମବଳେ
ଅପୁତ୍ରିକ ଦୋଷରୁ ପାର ହୋଇବା ବଶିଲା ଯେତେବେଳେ ।
ନିର୍ଦ୍ଦୟା ନିଷ୍ପକ୍ଷ ଯେ ଅଟଇ କଂସ ରାଏ
ଅବଶ୍ୟ କରିବ ଯେ ଅଷ୍ଟମ ପୁତ୍ର ଯାଏ ।
ନାରଦଙ୍କ ବଚନ ମୁଁ ଅଛଇ ସତ୍ୟ କରି
ଜାଣନ୍ତା ହୋଇଲେ ସେ ଅବଶ୍ୟ ନେବଧରି ।
ପ୍ରତିଜ୍ଞା ସାମରଥ ଯେ କଂସ ମହାରଥା
ଦିଗପାଳ ଦେବତାମାନେ ତାକୁ କରନ୍ତି ପାଦପୂଜା ।

ନିଜ ଭୁଜବଳେ ଯେ ସଂସାର କଲା ସାଧି
କଂସକୁ ସମାନ ନାହିଁ ଯେ ତିନିପୁର ମଧି ।
ଏହିପୁତ୍ର ଗୋଟିକ ଯେବେ ସଂହାର ପାରଇ
ଏତେ ଆକଟ କରି ବନ୍ଦୀରେ ଅଛି ଲଇ ।
ପଞ୍ଚାଶ ସହସ୍ର ଯୋଦ୍ଧା ଅଛନ୍ତି ବାହାରେ
ତିଳେହେଂ ଛିଦ୍ର ନାହିଁ ପାଳ ପହରି ଯେ ଯାହାରେ ।
ଦୁଃସହ ବରଷା କାଳ ଚହିଁକ ମେଘ ଅନ୍ଧାର ଘନ
ହାଟଦାଣ୍ଡେ ପାଇକମାନେ ସବୁ ଯେ ବୁଲନ୍ତି ।
ମେଘର ଘୋର ଗର୍ଜନ ବଜ୍ରପାତ ଜାଣି
ଟୋପା ଟୋପା କରି ଦେଖ ଯେ ବରଷୁ ଅଛି ପାଣି ।
ମେଘ ଅନ୍ଧାର ମହାନିଶା ଘୋଟିଛି ଜଗତେ
ବିଜୁଳି ଝଟକନ୍ତେ କେବଳ ବାଟ ଦିଶୁଅଛି ମାତେ ।
ପୁତ୍ର ଗୋଟି ଜାତ କରି ଦେବକୀ ନିଦ୍ରା ଗଲା
ବିଶ୍ୱାସେ ଅବଳା ସ୍ଥିର ସେ ଉଶ୍ୱାସ ପାଇଲା ।
ସଙ୍ଗତେ କେହି ନାହିଁ ହେଇଲ ମୁହିଁ ଏକା
ହେ ଧର୍ମଦେବତା ମୋତେ ହେଉ କନା ସାକ୍ଷୀ ।
ଧାଇ ମୁଦୁସୁଲି ଯେ ଯୋଇଲ ପରିବାର
ନିଚେଷ୍ଟ ହୋଇ ନିଦ୍ରା ଗଲେ ଚେତନା ନାହିଁ କାହାରି ।
ପୁତ୍ର ଗୋଟି ମୋର ଯେ କେମନ୍ତେ ହୋଇବ ରକ୍ଷା
ହେ ଦେବୀ ଦୁର୍ଗେ ଗୋ ଦେବା ମୋତେ ଶିକ୍ଷା ।
କଂସ ରାଜାର ଯେ ତେଜ ପରଚଣ୍ଡ
ମାଛି ପଡିଲେ ଯେ ହେଉଛି ଶତେ ଖଣ୍ଡ ।
ଏତେ ବଡ ସଙ୍କଟରୁ ଅବା କାହିଁଟି ପଳାଇବି
କଂସ ତ ଜାଣିଲେ ତ ସମ୍ମୂହେ ମରିବି ।
ପଞ୍ଚାଶ ସହସ୍ର ଯୋଦ୍ଧା ଯେ ପାରୁଶେ ଛନ୍ତି ଯଗି
ଯେ ଯାହାରେ ପାଳ ପହରି ଖଞ୍ଜାମୂଳେ ଯାଗି ।
ଏଥୁ ପାରି ହୋଇ ଅବା ଜିବଇଁ କେମନ୍ତେ
ଏବେ ତ ମହାଦୁସ୍ତର ଲାଗୁଅଛି ମୋତେ ।

ଯଦ୍ୟପି ପୁତ୍ର ଗୋଟି ଏଥୁ ନେବଇଂ ବେଗଇ
କେବଣ ଭୁବନେ ଆସିବଇଂ ଲୁଚ୍ଚଇଂ ।
ପୁଣି ବଞ୍ଚିଲା ମୋର ଗୃହବାସରେ ନାହିଁ କାର୍ଯ୍ୟ
ଏ ପୁତ୍ର ଗୋଟିକ ଘେନ ଦେଶାନ୍ତର କରିବ ଆଜ ।
ଏହାର ପାଇଁ ପଛେ ଜୀବନହିଂ ମୋର ଯାଉ
ଯାବତ କାଳକୁ ପଛେ କଥା ରହିଥାଉ ।

× × ×

ମଙ୍ଗଳା ଅଷ୍ଟକ ଦୁର୍ଗା ହିଣା ଏକ ସୁମରି
ଆପଣା ଇଷ୍ଟ ଦେବତାଙ୍କୁ ଅନ୍ତର୍ଗତେ ସୁମରଣା କରି ।
ତମ୍ବା କପୋରି ଗୋଟିଏ ବସୁଦେବ ଧଇଲା ନିଜ କରେ
ପୁତ୍ର ଗୋଟିକ ନେଇ ପୁରିଇଲା ତହିଂର ଭିତରେ ।
ଝିନ ପତନ ପାଡ଼ି ଯେ ପୁତ୍ର ଗୋଟିକ ଥୋଇ
ବନ୍ଦୀଘରୁ ବାହାରେ ବସୁଦେବ ଚଉକଣ୍ଡିକ ଚାହିଁ ।

× × ×

କଂସର ଡରେ ତନୁ ହେଉଛି ଥର ଥର
ଜୀବନକୁ ଆଶା ଛାଡ଼ି ଯେ ହୋଇଲା ବାହାର ।
ଯୁଗତେ ଭାଦ୍ରବ ମାସ ଦୁସହ ବରଷା
ମେଘ ଅନ୍ଧାର ତହିଂକ ଘୋଟିଲା ମହାନିଶା ।
ପଚିଶ ସହସ୍ର ପାହାରି ବାହାରେ ଛନ୍ତି ଯଗି
ପୁତ୍ର ଗୋଟିକ ଘେନ ବସୁଦେବ ଚଳଇ ବେଗବେଗୀ ।
ଶୋଇଲା ପାହାରିମାନଙ୍କର ଯେ ପିଠିରେ ଗୋଡ଼ ଦେଇ
ବସୁଦେବକୁ ଅଦୃଶ୍ୟ ଯେ ନ ଦିଶଇ କେହି ।
ଧୀର ଧୀର ହୋଇ ବସୁଦେବ ଯେ ଚଳି ଯାଉଅଛି
ପୁତ୍ର ଗୋଟିକ ଘେନଣ ସେ କାତର ହେଉଅଛି ।
ହାଥୀ ରଥୀ ରାଉତ ଯେ ପାଦାନ୍ତି ଗଣମାନେ
ସମସ୍ତେ ମୋହା ନିଦ୍ରାରେ ଅଛନ୍ତି ଅଚେତନେ ।
ଏକର ପାଦତଳେ ଆରେକ ଶିର ଦେଇ
ବିଶ ଖାଇଲା ପ୍ରାଏ ହୋଇ ଯେ ସମସ୍ତେ ଛନ୍ତି ଶୋଇ ।

କୃଷ୍ଣଙ୍କୁ ଘେନି ବସୁଦେବ ଚଳଇ ବେଗ ହୋଇ
ମନେ ଥିର ନାହିଁ ଭଳଇ ମନେ କି କରିବ ମୁହିଁ ।
ବିଜୁଳୀ ହାସେ ପଥେ ଚଳଇ ଅତି ବେଗେ
ବାହ୍ଲାକୁ ବାହାନ ଦିଶଇ ଅନ୍ଧାର ସଂଯୋଗେ ।

× × ×

ପବନ ଘାତେ ବସୁଦେବ ଯେ ଚଳଇ ବେଗ ବେଗ
ଯାନ୍ତେଣ ପଡ଼ିଲା ଯାଇଁ ଯେ ଉଗ୍ରସେନର ଆଗ ।
କଂସର ନିଜ ପିତା ନୃପତି ଉଗ୍ରସେନ
ନଗ୍ରେଣ ନିଶାପତି ସେ ବୁଲଇ ସବୁ ଦିନ ।
ଭସ୍ମାଙ୍କାର ଖାର ବେଶ ହସ୍ତରେ ଫଳାଖଣ୍ଡା
ନଗ୍ରେ ବୁଲୁଥାଇ ଯେ ନୃପତି ପ୍ରଚଣ୍ଡା ।
ରାଜ୍ୟର ଅଞ୍ଚଳ ଯେତେକ ଚଞ୍ଚଳ ବାରତା
ଅନ୍ଧାର ବିଜେ କରି ଯାଇ ଶୁଣଇ ସମସ୍ତ କଥା ।
ଆଉରି ବିଶେଷେ କଂସ ଦେଇଅଛି ଶିକ୍ଷା
ଦିବସେ ଆସ୍ଥାନ ଅଧିକାରୀ ରାତ୍ରେକ କଣ୍ଟିଆଳ ପରୀକ୍ଷା ।
ବିଷମ କେଶରୀ ଯେହ୍ନେ ଖୋପଇ ବନ ହେରି
ତେସନକ ସଜାଡ ଝାମ୍ପଇ ଦଣ୍ଡଧାରୀ ।
ପୁତ୍ରକୁ ଘେନି ବସୁଦେବ ଚଳଇ ବେଗେ ବେଗେ
ଯାନ୍ତେଣ ପଡ଼ିଲା ଯାଇଁ ଉଗ୍ରସେନର ଆଗେ ।
ଚନ୍ଦ୍ରକୁ ରୁହିଁ ରାହୁ ପ୍ରାଏ ଗ୍ରାସଇ ଯେସନେ
ସେହି ପ୍ରକାରେ ବସୁଦେବକୁ ଆକ୍ରଶଇ ଉଗ୍ରସେନ ।
ଆରେ ରହ ରହ ବୋଲି ଯେ ଉଗାଳିଲା ବାଟ
ଅଧରେ ଦନ୍ତଚାପି ଯେ କରଇ ରଟମଟ ।
ପ୍ରତିଜ୍ଞା ସାମରଥା ଯେ ନୃପତି ପ୍ରଚଣ୍ଡା
କାଳନୟନ ଚରଟଇ କରେ ଝମକଇ ଖଣ୍ଡା ।
ବସୁଦେବକୁ ରୁହିଁ ଯେ ବୋଲଇ ମହାରାଏ
ଆରେ କଂସର ପ୍ରତିଜ୍ଞା ଶୁଣି ନ କଲୁ କମ୍ପା ଭଏ ।
ନିଶ୍ଚୟେ ଗ୍ୟାନ ଧ୍ବଂସ ହୋଇଲୁ କରେ ବାଇ
ଯମର ଭୁବନକୁ ରେ କଙ୍କେ ଲୋଡ଼ ଯାଇ ।

ଜାଣିଲ ଜୀବନକୁ ନାହିଁ ଯେ ତୋର ଆଶା
ପୁତ୍ରକୁ ଚୋରାଇ ନେଉଛୁ ରେ ତୋର ଏଡ଼େକ ଭରସା । ୧୯୦ ।
ରାଜାଙ୍କୁ ଦ୍ରୋହ କଲୁ ହୋଇଲୁ ମହାପାପୀ
କଙ୍କେ ଗ୍ୟାନ ଧ୍ୱଂସ ହୋଇଲୁ ଶିର ଛେଦବ ଅଦ୍ୟାପି ।
ମୂଳଚ୍ଛେଦନ କରି କଂସ ନ ମାରିଲା ତୋତେ
ତହୁଂକ ଉପକାରରେ କରିଅଛୁ ଏତେ ।
ଆପଣେ ଜାଣୁ ଜାଣୁ କଂସ ଏହା କଲା
ଅଶ୍ୱାସନା କରି ସ୍ୱାନ ମୁଖରେ ଚୁମ୍ବନ ଦେଲା ।
ଆରେ ତୋର ଶିର ଯେବେ ଛେଦନ୍ତା ଆଗହୁଂ
ଭଉଣୀ ଭଣୋଇ ବୋଲି ପୀଡ଼ା କରି ନ ମାରିଲା ଯତ୍ନୁଂ ।
ଉପୁଗାରକୁ ଉପକାର କରିବୁଟିକି ତୁହି
ତାହାର ମହିମା କରେ ଶୁଣିଲା ତୋର ନାହିଁ । । ୨୦୦ ।
ଆରେ କଂସର ପ୍ରତଗ୍ୟା ତୁ ପ୍ରତକ୍ଷେ ଜାଣିଅଛୁ
ଦେଖୁ ଦେଖୁ ଅନ୍ଧ ହୋଇଲା ତୋର ଚକ୍ଷୁ ।
ତସ୍କର ରୁପେ ପୁତ୍ରକୁ ନେଉଛୁ ଚୋରାଇ
କଂସର ଜାଣିଲେ ଏଥି କାହାର ବ୍ରନ୍ତି ନାହିଁ ।
ଦିଗପାଳମାନଙ୍କୁ କଂସ ଜିଣିଲାକ ବେଗେ
ତାହାର ତେଜ ପ୍ରତାପ ବଢ଼ିତ ରବିତଳେ ।
ତୁ ମୂଢ଼ା ତାହାର ତୁଲେ ବିବାଦ ହୋଇଲୁ
ଆପଣା ଗଳାରେ ତୁ ଫାସି ଲଗାଇଲୁ ।
ଜୀବନ୍ତେ ଥୋଇବାର ତୋତେ ନ ଯୋଗାଇ କ୍ଷଣେ
ଏସନକ ବଚନ ରାଜା ବୋଇଲା ଆପଣେ । । ୨୧୦ ।

ଏ ମୋହର ମୁଖେ ପଡ଼ି ଯିବୁ ଆଜ କାହିଁ
ଏହିକ୍ଷଣି ମାରିବି ତୋତେ ଯେ ବିଶାବଳ ଦେଇ ।
କଂସ ରାଜାର କୋପାନଳେ ହୋଇବୁ ଆଜ ଗଞ୍ଜି
କୃତାନ୍ତେକ ଦେବତାରେ ପୋଛୁ ତୋର ପାଞ୍ଜି ।
କେବଣ ଭରସାରେ ପୁତ୍ରକୁ ଆଣିଲୁ ଚୋରାଇ
ଏଡ଼େ ଭରସା ତୋରରେ ହୋଇଲା କିସ ପାଇଁ ।

ନବଡ଼ ପଥର ଘରେ ବଜ୍ରବାଡ଼ ଘୋଟି
ଯନ୍ତ୍ର ଅର୍ଗଳୀ ଖଞ୍ଜା ପଡ଼ିଛି ବଜ୍ରକପାଟ ଗୋଟି ।
ଏସନ ବନ୍ଦୀଘରେ ଯେ ଥିଲା ତୋତେ ନେଇ
ଦଣଗୋଠା ସାଙ୍କୋଳ ଥିଲା ପତିପତ୍ନୀଙ୍କ ଦେଇ । ।୨୨୦।
ଏଥୁ ବାହାର ହୋଇଲୁ କେବଣ ହିଁ ପ୍ରକାରେ
ପଞ୍ଚାଶ ସହସ୍ର ପାହାର ଜଗି ଅଛନ୍ତି ବାହାରେ ।
ସଖ ପ୍ରଭାତେ ଜାଣିମ ଯେବେ କଂସ ନୃପ ନାହା
ଏତେ ଲୋକ ଯାକ ସମସ୍ତେ ହୋଇବେ ଦୋରେହା ।
ସକୁଟୁମ୍ବ ଯାକ କଂସ ମାରିବାକ ଯେତେ
ସମସ୍ତ ହତ୍ୟା ଦୋଷ ଲାଗିବ ଆସି ମୋତେ ।
ବେଳୁ ବେଳ ଉଗ୍ରସେନ କନ୍ୟାକ ଗରୁ ତାପ
କରେ ଖଡ୍ଗ ଝମକାଇ କନ୍ୟାକ ମହାକୋପ ।

( 'ହରିବଂଶ', ଦ୍ୱିତୀୟ ଖଣ୍ଡରୁ ଗୃହୀତ )

*

# ଶ୍ରୀରାଧାଙ୍କ ଜନ୍ମ

## ଅଚ୍ୟୁତାନନ୍ଦ ଦାସ

ତୁମ୍ଭେ ମୋତେ ପଚ୍ଚରିଲ ରାଧା ରୂପ ଗୁଣ
ପଟାନ୍ତର ଦେବାକୁ ନାହିଁଟି ପୃଥ୍ୱିରେଣ ।
ରାଧା ରୂପକୁ ତୋ ତୁମ୍ଭେ ନୋହିବ ସମାନ
ଅଯୋନିସମ୍ଭୂତ ସେ ଯେ ଅଟେ ପ୍ରତକ୍ଷେଣ ।
ଆଗରେ ଯେ ବର ଆମ୍ଭେ ଦେଇଛୁ ରାଧିକାକୁ
ତହିଁ ପଛେ ବର ସିନା ହୋଇଲ ତୁମ୍ଭଙ୍କୁ ।
ଶ୍ରୀକୃଷ୍ଣଙ୍କ ମୁଖରୁ ପ୍ରେମନ୍ତ ବାକ୍ୟ ଶୁଣି
ସତ୍ୟଭାମା ରୁକ୍ମିଣୀ ଯେ ବୋଲୁଛନ୍ତି ବାଣୀ ।
ବୋଇଲେ ହେ ସାବଧାନେ କହ ଚକ୍ରଧର
ଅଯୋନିସମ୍ଭୂତ ରାଧା କେମନ୍ତ ପ୍ରକାର ।
ବୃଷଭାନୁ ରାଜାଙ୍କର ଅଟେ ସେ ଦୁଲଣୀ
ଭୁଲାଇ ଆମ୍ଭଙ୍କୁ କେତେ କହୁ ଚକ୍ରପାଣି ।
ମାୟାଧର ପ୍ରଭୁ ତୁମ୍ଭେ ସବୁ କଥା ଜାଣ
ଆମ୍ଭଙ୍କୁ ମାୟା ନ କର କହ ନାରାୟଣ ।
ରୁକ୍ମିଣୀ ସତ୍ୟଭାମା ଯେ ପଚ୍ଚରନ୍ତି ହସି
ମନେ ମନେ ହସି ଯେ କହନ୍ତି ବ୍ରହ୍ମରାଶି ।
ମଞ୍ଚକୁ ଯେ ବେଳେ ଆମ୍ଭେ ହୋଇଲୁ ବାହାର
ଲକ୍ଷ୍ମୀଙ୍କି ଆଗରେ ପଠାଇଲୁ ମର୍ତ୍ତ୍ୟପୁର ।
ଯମୁନା ନଦୀ ଉତ୍ତର କାଳନ୍ଦୀ କୂଳରେ
ବୃଷଭାନୁ ନାମେ ରାଜା ଅଟଇ ତହିଁରେ ।
ପଦ୍ମ ବୃକ୍ଷ ଗୁଡ଼ାଏ ସେ ନଦୀ ମଧ୍ୟେ ଥାଇ
ଅନେକ ଯେ ପୁଷ୍ପ ତହିଁ ବିକଶିତ ହୋଇ ।
କୁତୁହଳେ ଭୃଙ୍ଗ ତହିଁ କରୁଛନ୍ତି କ୍ରୀଡ଼ା
ମତ୍ତ ହୋଇ ନାନା ପକ୍ଷୀ ତହିଁ ହୋଇ ବେଢ଼ା ।

ପ୍ରେମନ୍ତେ ସେ ଲକ୍ଷ୍ମୀ ଦେବୀ ମଞ୍ଚକୁ ଆଇଲେ
ପଦ୍ମପତ୍ର ପରେ ଦେବୀ ଶୟନ ଯେ କଲେ ।
ଦକ୍ଷିଣ ପବନ ତହିଁ ବହେ ଧୀର ଧୀର
ସେ ପବନ ଲାଗଇ ଯେ ତାଙ୍କର ଶରୀର ।
ବାଳେକାର ସ୍ୱଭାବ ଯେ ଧଇଲେ ତରୁଣୀ
ସ୍ୱଭାବରେ ରାଧିକା ଅଟଇ ସୁଲକ୍ଷଣୀ । ।୩୦।
ଅନ୍ଧାର ପକ୍ଷରେ କି ଚନ୍ଦ୍ରମା ଉଇଁଲା
ରାଧାରୂପ ଗୋଟି ତହିଁ ଜଗତ ମୋହିଲା ।
ବାଳେକା ରୂପରେ ପଦ୍ମପତ୍ର ଗୋଟିକରେ
ଶୟନ କରଣ ଦେବୀ ରହିଲେ ସେଠାରେ ।
ସ୍ୱଭାବେ ବୈଶାଖ ମାସ ଗ୍ରୀଷମର କାଳ
ସୁଗନ୍ଧ ଯେନ ପବନ ବହଇ ଶୀତଳ ।
କୃଷ୍ଣପକ୍ଷ ଚନ୍ଦ୍ରବାର ଅଟେ ସେ ଦିନର
ବାଲ୍ଲବ ନାମେ କରଣ ଅଟେ ଯୋଗକାର ।
ଯୁବା ନକ୍ଷତ୍ରର ଯୋଗ ମେଷ ଲଗ୍ନ କାଳେ
ମୃଗୟାରେ ବୃଷଭାନୁ ଗଲା ସେହିବେଳେ । ।୪୦।
ସେହି କାଳନ୍ଦୀ ନିକଟେ ବୁଲି ଯାଉଁ ଯାଉଁ
ପଦ୍ମବନ ମଧ୍ୟକୁ ଯେ ଚାହିଁ ଦେଲା ତହୁଂ ।
ପଦ୍ମବନକୁ ଚାହିଣ ଦେଲା ନୃପବର ।
ଫୁଲ ଦେଖି ଶରଧା ଯେ ହୋଇଲା ତାହାର ।
ଭୃତ୍ୟଜନଙ୍କୁ ସେ ଚାହିଂ ବୋଇଲା ବଚନ
ପୁଷ୍ପଗୁଡ଼ିଏ ଯେ ତୋଳି ଆଣଇ ବହନ ।
ରାଜା ଆଗ୍ୟା ପାଇଣ ସେ ବନେ ଚଳିଗଲେ
କାଳନ୍ଦୀ ହ୍ରଦ ତଟରେ ପ୍ରବେଶ ହୋଇଲେ ।
ଫୁଲ ତୋ'ଳନ୍ତେ ଦେଖିଲେ ନୟନ ଗୋଚରେ
ଦୁହିତା ଗୋଟି ଦେଖିଲେ ପଦ୍ମଦଳ ପରେ । ।୫୦।

ଦଇବର କୃତ୍ୟ ହୋଇବ କେ କରିବ ଆନ
ଭୃତ୍ୟେ ନରେଖି ରହିଂଲେ ଶୁଣିଣ ବେଦନ ।
କୃଷ୍ଣପକ୍ଷେ ଚନ୍ଦ୍ରମା କି ଉଦେ ଆକାଶରେ
ଦେଖିଲେ ଦୁହିତା ଗୋଟି ପଦ୍ମପତ୍ର ପରେ ।
ରୂପକୁ କୋଟିଏ ରତି ଯେହ୍ନେ ସମସର
ପଟାନ୍ତର ଦେବାକୁ ନାହିଂ ନା ତିନପୁର ।
କୁଙ୍କୁମ ଲେପିଲା ପରି ଦିଶୁଅଛି କାୟେ
ନିଧୂମ୍ର ଅଗ୍ନି ପରାଏ ଦେହ ଶୋଭା ପାଏ ।
ଦେଖିକରି ଭୃତ୍ୟଜନେ ଆଇଲେ ବହନ
ଜଣାଇଲେ ଯାଇଂଣ ରାଜାର ସନ୍ନିଧାନ ।

ଅବଧାନ ହୋଇଂ ତୁମ୍ଭେ ଶୁଣିମା ଗୋସାଇଂ
ଅପୂର୍ବ କଥା ଦେଖିଲୁ ଭୂମଣ୍ଡଳେ ନାହିଂ ।
ପଦ୍ମପତ୍ର ଉପରେ ଦିଶୁଛି ଶୋଭାବନ
ଦୁହିତା ଗୋଟିଏ ତହିଂ କରିଣ ଶୟନ ।
ଚନ୍ଦ୍ରମା କିରଣ ପରି ଦେହ ବିରାଜଇ
ନିଧୂମ୍ର ଅଗ୍ନି ପରାଏ ଶରୀର ଦିଶଇ ।
ସ୍ୱୟେଂ କମଳିଣୀ କିବା ହୋଇଛି ସମ୍ଭୂତ
ରତି ଠାରୁ ଶତେ ଗୁଣେ ଦିଶେ ଶୋଭାବନ୍ତ ।
ଭୟେ ତା ପାଶକୁ ଆମ୍ଭେ ନ ପାରିଲୁ ଯାଇଁ
ଦେବତା ବୋଲିଣ ତାକୁ ଭୟେ କଲୁ ରହିଂ ।

ବିଚାରିଲୁ ଫୁଲବନେ ଦେବୀ ଦେଖା ଥାନ୍ତି
ଯେମନ୍ତ ଭାଳିଣ ଆମ୍ଭେ ମନେ କଲୁ ଭ୍ରାନ୍ତିଂ ।
ତୁମ୍ଭର ସମ୍ମୁଖରେ ଆମ୍ଭେ କହିଲୁ ଗୋସାଇଂ
ଯେଥିକି କି ଆଜ୍ଞା ହେବ ହେଉ ନରସାଇଂ ।
ଭୃତ୍ୟଙ୍କ ମୁଖରୁ ଯେ ଯେମନ୍ତ ବାକ୍ୟ ଶୁଣି
ଜଳଭିତରେ ଯାଇଂଣ ପଶିଲେ ନୃପମଣି ।

ଭୃତ୍ୟମାନେ ତାଙ୍କୁ ନେଇ ଦେଖାଇଣ ଦେଲେ
ପଦ୍ମବନେ କନ୍ୟା ଦେଖ ବୋଲଣ ବୋଇଲେ ।
ଭୟେ କେହି ତା ପାଶକୁ ନ ପାରନ୍ତି ଯାଇଂ
ଦଇବ ପୁରୁଷ ଯାହା ଅଛଇଂ ଭିଆଇଂ ।
ଆପେ ବୃଷଭାନୁ ଯେମା ନୟନେ ଦେଖିଲା
ହୃଦପଦ୍ମ ଭିତରେ ପ୍ରେମନ୍ତ ବଢ଼ିଲା ।
ପ୍ରେ ଅବା ଜଗତମାତ ଅନନ୍ତ ଚଞ୍ଚଳା
ପଦ୍ମବନେ ବାସ କର ଅଛନ୍ତି କମଳା ।
ଏହା ରୂପ ସମାନରେ କେ ପାରିବ ଲକ୍ଷି
ନିଶ୍ଚେ ଜାଣିଲା ପ୍ରେ ଲକ୍ଷ୍ମୀ ଅଟେ ପଦ୍ମମୁଖୀ ।
ପ୍ରେତେ ବୋଲି ନୃପତି ମିଳିଲା ତା ପାଶରେ
ଭୟରେ ତାହାକୁ ଆଉ ନ ଧରେ କୋଳରେ ।
ଦଇବର ବଶେ ସେ ଆନନ୍ଦେ ଭୋଳ ଗଲା
ଦୁହିତା ଗୋଟିର ହସ୍ତ ଯାଇଂଣ ଧଇଲା ।
ଦୁଇପାଦ ତୋଳ ନେଇ ଲଗାଇ ହୃଦରେ
ପୁତ୍ର ପୁତ୍ରୀ କିଛି ନାହିଁ ମୋହର କର୍ମରେ ।
ଦଇବପୁରୁଷ ମୋତେ ପ୍ରେହା ଆଣି ଦେଲା
ଅପୂର୍ବିକ ଦୋଷ ମୁଁ ଯେ ଖଣ୍ଡିଲି ବୋଇଲା ।
ରତ୍ନ ପଲଙ୍କରେ ନେଇ ରାଧାକୁ ବସାଇ
ଆପଣା ପୁରକୁ ଘେନ ଗଲା ନରସାଇଂ ।
ଦୁହିତାଙ୍କୁ ଘେନ ପୁରେ ହୋଇଲା ପ୍ରବେଶ
ଈଶରଯା ଚଞ୍ଚଳାକୁ ଯେ ରାଇଲାକ ପାଶ ।
ବୋଇଲା ଲେ ରାଣି ତୁହି କଥାପ୍ରେକ କର
ପ୍ରେ ଦୁହିତା ଗୋଟିକି ତୁ ପାଳଣା ତୁ କର ।
ଦୁହିତା ଦେଖିଣ ରାଣୀ ମନେ ବିସ୍ମରଇ
ପ୍ରେମନ୍ତ ସ୍ୱରୂପ କନ୍ୟା ଦେଖିବାର ନାହିଂ ।
ସ୍ୱୟେଂ କମଳିଣୀ ପ୍ରେତ କମଳଲୋଚନୀ
ଦୁରିତ ସଂହାରଣୀ ପ୍ରେ ଦୁଃଖ ବିମୋଚନୀ ।

ସ୍ନେହା ପାଳ ଅପୂର୍ନୀକ ଦୋଷ ମୋର ଯିବ
ସୁଭାଗ୍ୟ ବଳରୁ ମୋତେ ଦେଲ୍‌ଟି ଦଇବ ।
ପଦ୍ମବନରୁ ସମ୍ଭବ ଅଟେ ବଡ଼ ଶୋଭା
ନାମ ଗୋଟି ରାଧା ଯାର ଅଟେ ପଦ୍ମପ୍ରଭା । ।୧୦୮।

('ହରିବଂଶ', ୭ମ ଖଣ୍ଡରୁ ଗୃହୀତ)

*

# ଜ୍ଞାନପ୍ରଦୀପ ଗୀତା

## ଅଚ୍ୟୁତାନନ୍ଦ ଦାସ

କହଇ ଅର୍ଜ୍ଜୁନ ଶୁଣ ଗୋସାଇଁ
ଅବ୍ୟକ୍ତ ପୁରୁଷ କାହିଁରେ ଥାଇଁ ।
ଜୀବ ପରମ ବୋଲନ୍ତି ସେ କାହିଁ
ଏହା ବୁଝାଇ କହ ଭବଗ୍ରାହୀ ।
ପରମ ହଶଇ କେବଣ ବର୍ଣ୍ଣ
ଜୀବର ବର୍ଣ୍ଣ ସେ କେବଣ ପୂର୍ଣ୍ଣ ।
ଜୀବ ଗୋଟି କାହିଁ ରହିଲ କହ
ପରମ ହୋଇଛି କେବଣ ଦେହ ।
ଏକା ଘରେ ଲୀଳା କରନ୍ତି ରହି
ଏମନ୍ତ ବୋଲି ସାଧୁମାନେ କହି ।
ଶ୍ରୀହରି ବୋଲନ୍ତି ଶୁଣ ହେ ପାଥ
ପଚାରିଲୁ ଯାହା ଅତି ଗୁପତ ।
ଅଜ୍ଞାମାନ ବ୍ୟକ୍ତ କରିବୁ ନାହିଁ
ଅବ୍ୟକ୍ତ ପୁରୁଷ ଶୂନ୍ୟରେ ଥାଇ ।
ଜୀବ ପରମ ତା ବେନି ଚରଣ
ଜୀବ ପରମ ମୁଁ ହୋଇଛି ଜନ୍ମ ।
ହୋଇଛି ଅଶେଷ ପରମ ଚିହ୍ନ
ଜୀବ ପ୍ରକାଶୁ ଅଛି ଶ୍ୱେତବର୍ଣ୍ଣ ।
ବାମପାଦ ଜୀବ ରହିଛି ଟି ଏ
ଦକ୍ଷିଣ ପାଦ ପରମ ଧଜପ୍ୟେ ।
ଏକ ସ୍ଥାନେ ଲୀଳା କରନ୍ତି ବେନି
ପରମ ରହିଛି ଜୀବକୁ ଘେନି ।
ଯାହା ପଚାରିଲୁଁ କହିଲୁ ପାଥ
ପରମ ତତ୍ତ୍ୱ ଯେ ଅତି ଗୁପତ ।
କହଇ ଅର୍ଜ୍ଜୁନ ଶୁଣ ଶ୍ରୀହରି
ପଚାରୁଛି ଯାହା କହ ବିସ୍ତାରି ।

ଜୀବ ପରମରେ ସନ୍ଦେହ ହେଲା
ମାଝି କେ ଅନ୍ତିର ଜଣା ନ ଗଲା ।
ଜୀବ ପରମ ତ ଅଟନ୍ତି ଦୁଇ
ପୁଣ ବୋଲନ୍ତି ଏକ ରୂପ ସେହି ।
ଶ୍ରୀହରି ବୋଲନ୍ତି ଶୁଣ ସବସ୍ରି
ଗୁପତ ହୋଇଁ ଏ କଥା ରହିଛି ।
ଜୀବଟି ମାଝି ପରମ ଅନ୍ତିର
ଜୀବରେ ପରମ କରେ ବିହାର ।
ଅନଳ ଧୂମ ଯେସନ ପ୍ରକାର
ଜୀବ ପରମ ଏକଇଁ ଶରୀର ।
ଶୁଣ ସେ ଜ୍ଞାନ ପୁଚ୍ଛିଲୁ ଅର୍ଜ୍ଜୁନ
ଜୀବ ପରମଙ୍କ କଳା ବିଧାନ ।
କେତେ କେତେ କଳା ରବି ଦିବସ
କେତେ କଳା ଯେନ ବହୁଛି ହଂସ ।
କେତେ ଦୁଆରେ କେତେ ବା କବାଟ
କେଉଁଠାରେ ସର୍ପ ଜଗିଛି ବାଟ ।
କେଉଁ ଦ୍ୱାର ସେହି ନିରୋଧ ହୋଇଁ
କେଉଁ ଦ୍ୱାର କବାଟ ଲାଗିଛଇଁ ।
ଅନନ୍ତ ରହିଛି କେଉଁ ପ୍ରକାରେ
କେଉଁ ଦୀପ ଜଳେ କେଉଁ ଠାବରେ ।
କହନ୍ତି ହରି ଶୁଣ ପଣ୍ଡୁବଳା
ଜୀବ ପରମଙ୍କ ବତିଶ କଳା ।
ଚଉଶ କଳାରେ ରବି ଦିବସ
ଅଷ୍ଟକଳା ଯେନ ନିତ୍ୟ ଯେ ରସ ।
ଆହାର ନିଦ୍ରା ମଇଥୁନ ବାଞ୍ଛ
ଚନ୍ଦ୍ରର ଏ ଚାରି କଳା ଅଟଇ ।
ଭର୍ମି ଧର୍ମି ଜ୍ୟୋତି ଜ୍ୱାଳା ଏ ଚାରି
ସୂର୍ଯ୍ୟକଳା ଚାରି ଦ୍ୱାରେ ପାହାରି ।

ଏ ସୁଷୁମ୍ନାରେ ଏକ କବାଟ ହିଁ
ଦୋମୁହାଁ ସର୍ପ ତହିଁ ଜଗିଥାଇ ।
ନିରୋଧ ଦ୍ଵାର ଅଟେ ଶିଷୁମ୍ନା
ତିନି କବାଟ ଲାଗିଅଛି ଅନା ।
ଯୋଗମାୟା ପରେ ଅଛନ୍ତି ରହି
ମାଣିକ୍ୟ ଦୀପ ସେଠାରେ ଜଳଇ ।
ରାତ୍ର ଦିବସ ଦୁଇ ନାହିଁ ଯହିଁ
କୋଟି ଦିବାକର ଉଦୟ ହୋଇ ।
କହେ ଅର୍ଜୁନ ଶୁଣ ଦେବରାୟେ
ପୁଛିବି ମୁହିଁ ଆଉରି କଥାଏ ।
କେମନ୍ତ ଅବା ସ୍ଵରୂପଟି ସେହି
କେମନ୍ତ ପ୍ରକାରେ ଶରୀର ବହି ।
କେଉଁ ଜପ ତପ ମନ୍ତ୍ରରେ ଅବା
କାହାକୁ ଭାବିଲେ ତାଙ୍କୁ ପାଇବା ।
କେଉଁ କଥା ଅବା ଅତି ଗୁପତ
କାହିଁ ବ୍ରହ୍ମାଣ୍ଡ ବା ହୋଇଛି ଜାତ ।
ନାମଟିଏ କାହୁଁ ଜାତ ହୋଇଲା
ସଂସାରରେ ପୁଣ ଉଦିତ ହେଲା ।
ନାମ ଗୋଟି ସେ ଯେ କେମନ୍ତ ଭାବ
ବର୍ଣ୍ଣ ଚିହ୍ନ ତା କେମନ୍ତ କହିବ ।
କହନ୍ତି ଶ୍ରୀହରି ଶୁଣ ଅର୍ଜୁନ
ତୋତେ କହିବା ଏ ଗୁପତ ଜ୍ଞାନ ।
ତୁମ୍ଭେ ଯେ ପଚାରି ପାରୁ ଏମାନ
ଯାହା ନ ଜାଣନ୍ତି ଚତୁରାନନ ।
ତୁ ପଚାରିଲୁ ସେ ରୂପ କେମନ୍ତ
କହୁଛି ଶୁଣ ତୁ ତଥି ତଦନ୍ତ ।
ଠୁଳ ନୋହେ ଶୂନ୍ୟ ନୋହେ ଅରୂପ
ଭକ୍ତ ଭକ୍ତିଭାବେ କହନ୍ତି ରୂପ ।

ବ୍ରତ ଜପ ତପ ମନ୍ତ୍ର ନ ଯାଇ
ଛାଡ଼ିଲେ ନାମ ଅନାମକୁ ଯାଇ ।
ଅଛି ଅଗୋଚର ଅନାମଖଣ୍ଡ
ଅବତାର ଯହୁଁ କୋଟି ବ୍ରହ୍ମାଣ୍ଡ ।
ଅନାମ ଖଣ୍ଡରୁ ଜାତ ହୋଇ ନାମ
ସଂସାର ନାମରୁ ହେଲା ଜନମ ।
ଅତି ଗୁପତ ଏ ନାମ ମହିମା
ବର୍ଣ୍ଣି ଚନ୍ଦ୍ର ଯାର ନ ଜାଣେ ବ୍ରହ୍ମା । । ୯୦ ।
ମୂର୍ଖ ବା କେଉଁ ସ୍ଥିର ଲେକ ହୋଇ
ମୁଖରେ ମୁଁ ଏହା କହି ଲୋଡ଼ଇ ।
ସାଧୁଙ୍କ କରୁଣା ଗୁରୁଙ୍କ ଆଜ୍ଞା
ମୋହର କାହିଁ ସେ ଏତେ ପ୍ରତିଜ୍ଞା ।
ଠୁଳ ଶୂନ୍ୟେ ନାହିଁ ପରମାନନ୍ଦ
ତାହା ଜାଣନ୍ତି ସେ ଭକତବୃନ୍ଦ ।
ଭକତଜନ ପାଦ ଅରବିନ୍ଦ
ଧ୍ୟାୟି କରି କହେ ଅଚ୍ୟୁତାନନ୍ଦ । । ୯୮ ।

('ଜ୍ଞାନପ୍ରଦୀପ ଗୀତା',
୨ୟ ଅଧ୍ୟାୟରୁ ଗୃହୀତ)

*

# ପ୍ରଥମ ଖାନି

## ଅଚ୍ୟୁତାନନ୍ଦ ଦାସ

ଓଁ ଶ୍ରୀ ଗୁରୁଭ୍ୟୋ ନମଃ, ଓଁ ପରମ ଗୁରୁଭ୍ୟୋ ନମଃ ।

ଶ୍ରୀଗୁରୁ ବଚନ ଅତି ଅମୂଲ୍ୟ, ଶ୍ରବଣ ପଥେ ଭଲ କର ତୁଳ ।
ସକଳ ବେଦ ପୁରାଣର ସାର, ବିଷମ ସନ୍ଧି ବିବେକ ବିଚାର ।
ଯହିଁ ରମିଲେ ନ ରୁଚଇଂ ଆନ, ଅମୃତ ସଙ୍ଗେ ବିଷ କାହିଁ ପାନ ।
ତାହା ଗୁଣ ଜାଣି ଯେ ତହିଁ ରତ, କୋଟି ଇନ୍ଦ୍ରପଦ ଭିକ୍ଷୁକ ମତ ।
ଅନଳ ଜଳ ଖଡ଼୍ଗରେ ନଶଙ୍କ, ବ୍ରହ୍ମାଣ୍ଡେ ଗଲେ ଶ୍ରମ ନୁହେ ବାଙ୍କ ।
ନାନା ଦେହ ବହିଁ ଯେ ତହିଁ ମଜ୍ଜି, ମୃତ୍ୟୁ ଦେବତା ନ ପାରଇ ଗଞ୍ଜି ।
ରସିଲେ ମୁକତି ମିଶିଲେ ସଙ୍ଗ, ଜାଣି ପାଶିଲେ ଅଜାମ୍ବର ଅଙ୍ଗ ।
କୀଟୁଂ ବ୍ରହ୍ମଯାଏ ଜୀବେ ଅଜୀବେ, ଅଛିଦ୍ର ହୋଇ (ଥାଇ) ସର୍ବ ଗର୍ଭେ ।
ଜଗତ ଭିତରେ ଯେତେ ରଚନା, ତହିଁଂକ ସବୁ ଉପାଲମ୍ଭ ସିନା ।୧୦।
ସ୍ଥାବର ଜଙ୍ଗମ କୀଟ ପତଙ୍ଗ, ଚାରିଖାନ ସବୁ ତୋହର ଅଙ୍ଗ ।
ଉତ୍ପତ୍ତିସ୍ଥିତି ଯେ ପ୍ରଳୟ ତିନି, ଆଃବୋର ଅଛି ସ୍ୱେହ ଦେହ ଘେନି ।
ଏହାର ତହୁଁ ଜଗତ ପ୍ରକାଶ, ତହିଁ ଉପୁଜି ତହିଁ ହୋୟେ ନାଶ ।
ସୁଖ ଦୁଃଖ ସଙ୍ଗୀ ନାହିଁ ତାହାର, ବଚନେ ନୁହଇ ମନୁ ବାହାର ।
ନୁହଇ ରୂପ ନାହିଁ ତାର ନାମ, ସେ ଜ୍ୟୋତି ବନ୍ଦ ସ୍ୱେ ଅତି ଉପାମ ।
ଦ୍ୱାଦଶ ମାତ୍ରା ପଂଚାଶ ଅକ୍ଷର, ଜପ ହଇଗୁଣ ଏଥି ଭିତର ।
ବ୍ରହ୍ମ ଆଦି କରି କୀଟରେ ଯାଏ, ଅକ୍ଷର ଭିତରେ ସମସ୍ତ ହୋଏ ।
ଅକ୍ଷର ଭିତରେ ଜଗତ ଲେଖା, ଅକ୍ଷର ବାହାର ସେ ରୂପ ସ୍ୱେକା ।
ସୂର୍ଯ୍ୟ କିରଣ ଯହିଁ ପରକାଶେ, ଲୋଚନ ମନ ଯହିଁ ଯାଇ ପଶେ ।
ଯେତେକ ବେଦ ପୁରାଣ ବଖାଣି, ତହୁଁ ଅଧିକ ତ କେହି ନ ଜାଣି ।୨୦।
ଅନେକ ତପୀ ବ୍ରହ୍ମଲୋକେ ଥିଲେ, ଈଶ୍ୱର ଆଦି କେହି ନ ଜାଣିଲେ ।
କାହୁଁ ଜାଣିବେ ସେ ନୁହଇଂ କଛି, କେବଳ ତାହା ତହିଁ ଭାବ ଅଛି ।
ତାହାକୁ ଆନ ପଟାନ୍ତର ନାହିଁ, ତାହା ପଟାନ୍ତର ତାହାର ତହିଁ ।
ଅବ୍ୟଗତ ବ୍ରହ୍ମ ଯେବଣ ଗ୍ୟାନ, ବିଷ୍ଣୁ ମାୟା ତହୁଁ ନ ଜାଣନ୍ତି ଆନ ।
ବ୍ୟାସ ମହାମୁନି କବି ପ୍ରଚଣ୍ଡ, ପୁରାଣ କଲେ ଅଷ୍ଟାଦଶ ଖଣ୍ଡ ।
ଷାଠିଏ ଲକ୍ଷ ବଖାଣିଲେ ଗ୍ରନ୍ଥ, ସେହି ନ ଜାଣିଲେ ତଥି ତଦଂନ୍ତ ।

ଉପବନେ ଅବା ହୋଇଲେ ତେଡ଼େ, ସେ କାହିଁ ଜାଣିମେ ସମ୍ଭବ କେଡ଼େ ।
ବ୍ରହ୍ମା ଯେ ବେଦ ବଖାଣିଲା ମୁଖେ, ବ୍ରହ୍ମାଣ୍ଡମାନ ଉଆଇଲା ସୁଖେ ।
ସଂସାର ଅବା କଲକ ରଚନା, ସେ ପୁଣି ପ୍ରଭୁଙ୍କ ସେବକ ସିନା ।
ନାଭି କମଳରୁଂ ଭ୍ରସଳ ଗୋଟି, ଥୋକାଏ ଦିନର ସେହିକଥା ସେଠି ।
ପଦ ପରତେ ଆଚରିଲ ଯହୁଂ, ବେଦେ ଅଧିକାର ହୋଇଲେ ତହୁଂ ।
ପରମଧାମ ସେ ଜାଣିମ କାହିଂ, ସେକଥା ବ୍ରହ୍ମାଙ୍କୁ ଗୋଚର ନାହିଁ ।
ବେଦ ଭିତରେଣ ସୃଷ୍ଟି ପାତନା, ନିର୍ବାଣ ଯୋତ ବେଦ ଯହିଂ ବଣା ।
ବ୍ରହ୍ମା ସେ ସର୍ଜିଲା ସକଳ ଜୀବ, ପାଳଇ ବିଷ୍ଣୁ ସଂହାରଇ ଶିବ ।
ନିଶବଦ ଘରେ ଶବଦ ଭେଦ, ଶବଦ ଘରୁ ସଞ୍ଚରିଲା ବେଦ ।
ବେଦ ହୋଇଲା ସେ ମୋ ତହୁଂ ଆଗ, ବେଦାନ୍ତ କହେ ଉପଦେଶ ଭାଗ ।
ଏମାନେ ଯହୁଂ ଜାଣି ନ ପାରିଲେ, ନିରଞ୍ଜନ ବୋଲି ନାମ ଧଇଲେ ।
ବେଦ ଆଦି ହୋଇଂ ତହିଂକ ନାହିଂ, ତହିଂକ ଆନ ପଟାନ୍ତର କାହିଁ ।
ଆବର ଯେତେକ ଗ୍ରନ୍ଥ ପଢ଼ିବା, କହ୍ନ କୃତ୍ୟ ବୋଲି ତାହା ଛାଡ଼ିବା ।
ବିଦ୍ୟା ପଢ଼ିବା ଧନଲୋଭେ ସେଠି, ବିଦ୍ୟାହୁଂ ଭିନେ ଗ୍ୟାନ ବୋଲି ଯେଠି ।
ଘଟ କୂଟ ବିଜ ସ୍ତମ୍ଭ ପ୍ରସିଦ୍ଧି, ପ୍ରପଞ୍ଚ ରୂପ ହୋଇ ଜଗସାଧି ।
ଭୂତ ପ୍ରାଣ ଧନ ବୁଦ୍ଧି ଜୀବନ, ସବୁନ୍ତ ସବୁ କରିଅଛୁ ମନ ।
ଅଶେଷ କୋଟି ଚରାଚର ଜଣି, ବିଶ୍ୱ ମହାଭାଗ ମନ କାରେଣୀ ।
ଏକାମନ ହୋଇ ସୃଷ୍ଟି ପାତନା, ମନକୁ ମନ ମୂଢ଼ପଣେ ବଣା ।
ସଂସାର ମାୟା ଅତିବଡ଼ ଧନ୍ଦ, ଦିଶନ୍ତାକୁ ରୂହିଂ ଦେଖନ୍ତା ଅନ୍ଧ ।
ମଣିତ ନ ଯାଇ ବିଷ୍ଣୁର ମାୟା, କେତେ ପୃଥିବୀ କେତେ କାହିଂ କାୟା ।
କାହୁଂ ସଞ୍ଚରଇ ଲୁଚଇ କାହିଂ, ଅନ୍ତକର ତାହା ଜାଣନ୍ତା ନାହିଂ ।
ଜଗତ ଭିତରେ ଜନ୍ତୁ ଅପାର, ମାନବ ଜନ୍ମ ସବୁ ତହୁଂ ସାର ।
ଗଜ ଆଦି କରି କୀଟ ସହିତେ, କେତେ ଜନ୍ତୁ ନାହିଂ ସର୍ବ ଜଗତେ ।
ଅନ୍ୟ ଜନ୍ତୁମାନେ ଅଛନ୍ତି ଯେହୁଂ, ସୃଷ୍ଟି ପାତନା ନ ଜାଣନ୍ତି ସେହୁ ।
ମିତ ଅମିତ ଦୁଃଖସୁଖ ନାନା, ସବୁ ରଚନା ମାନବର ସିନା ।
ଭୂତ ଭବିଷ୍ୟ ବର୍ତ୍ତମାନ ବିଧି, ଏହି ମାନେବ କରିଅଛୁ ସିଦ୍ଧି ।
ଯାବତ ପ୍ରକାରେ ଯେତେ ଭେଦମା, ସର୍ବ ବିଦ୍ୟା ମାନେ ମାନେବ ହୋଇ ।
ସୁଜନମାନେ ସାବଧାନେ ଶୁଣ, ଶୁଦ୍ଧ ଚଇତନ ବିବେକ ଗୁଣ ।

କେତେକ ଗଢ଼ିଲା ମାନବ ଦେହ, ଆପଣା କାର୍ଯ୍ୟେ ନ ପଶିଲେ କେହ ।
ଏ ଜନ୍ମ ବହି ଅକାରଣ ନୁହ, ଗ୍ୟାନ ଖଡ଼ଗେ ଛେଦ ମାୟାମୋହ ।
ଅଚ୍ୟୁତ ଦାସ ବିଚାରଇ ଯେତେ, ଏ ଦେହ ଲଭିଲି କାରଣ ମୋତେ ।
ଅନେକ ପୁଣ୍ୟ କରିଥିଲି ଯହୁଁ, ମାନବ ଶରୀର ଲଭିଲି ତହୁଁ ।
ଏହାହୁଁ ଯେବେ ଆନ ଜନ୍ମ ହୋନ୍ତି, ଏତେମାନ ହେଲୁ କାହୁଁ ଜାଣନ୍ତି ।
ନାନା କଉତୁକ ବିଷୟ ଭାବ, ଏତେବେଳକୁ ଯେହ୍ନେ ମୋତେ ଲଭ ।୭୮।

ମୁହିଂ ଯେ ଜଣେ ହୋଇଂଅଛି ଲେଖା, ଭିନେ ଆୟତନ ମୋହର ଯେକା ।
କୁମାର ଯୁବା ଯେ ଜ୍ୱର ଅବସ୍ଥା, ଏହି ଦେହ ମୋର ତିନ ଅବସ୍ଥା ।
ଯିମ୍ବ ହୋଇଥିଲି ବାଳୁତ ଭାବେ, ସେ କଥାମାନ ପାଶୋରିଲି ଯେବେ ।
ସମୟେ ଶିଶୁ ପୁଅଙ୍କର ସଙ୍ଗେ, ଦିନ ବଞ୍ଚିଲି କଥା ଖେଳ ରଙ୍ଗେ ।
ତଦ ଅନ୍ତରେ ମୁଂ ପଢ଼ିଲି ପାଠ, ଥୋକାଏ ଜାଣିଲି ବିଦ୍ୟାର ବାଟ ।
ବିଦ୍ୟାର ବିବେକେ ବୁଦ୍ଧି ବଢ଼ିଲା, ଅବିବେକ ପଣ କିଛି ଛାଡ଼ିଲା ।
କେବଳ ବିବେକ ଯହୁଂ ଜାଣିଲି, ମୋହୋ କଥାକୁ ମୁ ପରମାଣିଲି ।
ଏମନ୍ତ ବିଚାର କଲି ମନକୁ, ସଂସାର ଭଜିଛି ଧନ ଜନକୁ ।
ମୁହିଂ ସଂସାର ସଙ୍ଗେ ଅଛି ପଡ଼ି, ମୋତେ ଅବା ନନ୍ଦ ପାରଇ ଲୋଡ଼ି ।
ମୁଇଂ ଅବା ନନ୍ଦ ଲୋଡ଼ଇ ଛାଡ଼ି, ସେ ମୋହର ସଙ୍ଗେ ହୋଇଛି ଜଡ଼ି ।୭୯।

ଜନ୍ମ ମରଣ ଯେହ୍ନା ଦୈବ ଲେଖା, ଯେହ୍ନାର ନ ଥିଲେ ମୁଂ କାହିଂ ଲେଖା ।
ମୃଗତୃଷ୍ଣା ଜଳେ ମୀନ ଲୋଡ଼ିଲି, ସ୍ୱପନ ଧନକୁ କୁଣ୍ଢି ଆଇଲି ।
ହସ୍ତ ପାତିଲେକ ଚନ୍ଦ୍ରମା ପାଇ, ନିଶୁଣି ବାନ୍ଧିକି ସ୍ୱର୍ଗକୁ ଯାଇ ।
ମୋତେ ଅଗୋଚର ମୋହର ଦେହ, ଉପେକ୍ଷି ଯିବା ଯେତେଢ଼େ ମାୟାମୋହ ।
ଯେ ଦେହ ଛାଡ଼ିଲେ ଯହିଂକି ଗଲା, ଏବେ ଯହିଂ ଅଛି ଯହୁଂ ଅଇଲା ।
ଯଦି ପାଇବ ସଦଗୁରୁ ଦୀକ୍ଷା, ଯେତେକ ମାର୍ଗ ଜାଣିବାକୁ ଇଚ୍ଛା ।
ଚିନ୍ତା ପାଉଂଅଛି ଶରୀର ଦେଖି, ନ ପୁଣ ଦେହ ନ ପାରଇ ରଖି ।
ସୁଗତି କୁଗତି ମୋହୋର ମୂଳ, ମୋହ କଲା କର୍ମ ମୋତେ ହେଂ ଶୂଳ ।
ମୁହିଂ ଆଦୋରିଲି ବିଷୟ ଦ୍ୱନ୍ଦ୍ୱ, ମୋହୋର ମୋତେ ହୋଇଲାକ ମନ୍ଦ ।
ଆବର ପ୍ରତକ୍ଷେ ଦେଖିଲି ଯାହା, ଚଉ ଚମକଇ କହିଲେ ତାହା ।୮୦।
ମୋହର ଦେଖୁଂ ଦେଖୁ ଯେତେ ଗଲେ, ଜଣେହେଂ କେହି ବାହୁଡ଼ି ନଇଲେ ।
ଯେତେ ମାୟାମୋହ କ୍ଷଣକେ ଛାଡ଼ି, ଯେତେକ ମଲେ ନଇଲେ ବାହୁଡ଼ି ।

ଯେତେ ହୋଇବ ତେତେ ହୋଉ କନା, ସବୁ ଜାଣିଲି ଏହି ମତ ସିନା ।
ଏହି କଥାମାନ ମନରେ ଗୁଣି, ଶରୀର ବ୍ୟଥା ପାଇଅଛୁ ପୁଣି ।
ସେତେମାନ ଦେହ ପାଇ କେତେକେ, ଏଥିକି ଶଙ୍କା ନ କରିବା କେକେ ।
ବିଦ୍ୟା ସମ୍ପତ୍ତି ଯଉବନ ଧନ, ଦେହ ଥିଲେ ସିନା ଥିବ ଏମାନ ।
ସବୁ ହିଜିଲେ ଦେହଥିଲେ ପାଇ, ଦେହ ହିଜିଲେଟି ସଂସାରୁ ଯାଇ ।
ବ୍ରତ ଉପାସନା ତୀର୍ଥ ଗମନ, ଶରୀର କଦର୍ଥି ନାନା ବିଧିମାନ ।
ବେଦ ପୁରାଣ ସେହୁହା ଘେନ ମଣ୍ଡି, ପୁଣ୍ୟ ପର ଯେବେ ମୃତ୍ୟୁ ନ ଖଣ୍ଡି ।
ଜନ୍ମ ଜନ୍ମାନ୍ତର ବାସନା ଥାଇ, କଳପଣା ସୁଖ ପୁଣ୍ୟ ଦେହ ପାଇ ।
ଜନ୍ମ ମରଣ ସେହି ଦେହର ବିଧି, ଆତ୍ମା ଅବିନାଶ ସର୍ବଦା ସିଦ୍ଧି ।
ଆତ୍ମାକୁ ପରତେ ଯେବଣ ବୁଧା, ଚନ୍ଦ୍ରଜାଲ ମାୟା ଦେହ ଦୁଗୁଧା ।
ବିଜ ପଡ଼ିଲେ ମନ ଭେଦ ଯହିଁ, ବେତାଳ ରୂପେ ପ୍ରକାଶିଲା ତହିଁ ।
ଦେହ ଅନ୍ତେ ଜୀବ ଯହିଁକି ଗଲା, ସେ କଥା ଜାଣିଲେ ନ ବୋଲି ମଲା ।
ଏବେ ମାହକ ବିହ୍ୱରଇଁ ଆଉ, ଏ ଦେହ ଯେମନ୍ତେ ନାଶ ନ ଯାଉ ।
ଚଣ୍ଡି ମହାଖଳା ଗାରେଡ଼ି ମନ୍ତ୍ର, ଔଷଧ ମୂଳିକା କୁଟୁଣି ଯନ୍ତ୍ର ।
ନବ ନାଟକ ଜଉତିଷ ଆଦି, ଉଦର ପୋଷନ୍ତେ ସେମାନ ସାଧି ।
ପାଉଁଶ ବିଲେପନ ବର୍ଣ୍ଣନଧାରୀ, ଗୃହ ଉପେକ୍ଷି ହୋନ୍ତି ବନଚାରୀ ।
ଥୋକାଏ ଦମ୍ଭେ ଦେଶାନ୍ତର ଯାନ୍ତି, ସାଖି ଶବଦରେ ଥୋକାଏ ଥାନ୍ତି ।
କଷ କଉପୁନୀ ଶଙ୍ଖଚକ୍ର କାଟି, କେହୁ ଦିଗାମ୍ବର ପିନ୍ଧେ କର୍ପଟୀ ।
କେବା ସହସ୍ରେ ନାମ ଉଚ୍ଚାରନ୍ତି, ଅନ୍ନ ଛାଡ଼ି କେବା ଦୁଧ ପିଅନ୍ତି ।
ଅନେକ ମତେ କକର୍ଥନ୍ତି କାଏ, ମୃତ୍ୟୁ ବଞ୍ଚିବାକୁ ନାହିଁ ଉପାଏ ।
ଏକମାତ୍ର ଅଛି ପରମାନନ୍ଦ, ଗ୍ୟାନ ଜାଣିଲେ ଅଜାମ୍ବର କନ୍ଧ ।
ଆବର ସବୁ ଉପାଲମ୍ଭ ସିନା, ନିର୍ବାଣ ମୁକ୍ତି ଜ୍ଞାନର ଭାବନା ।
ତେଣୁ ମୋ ମନ ନ ରୁଚଇ କାହିଁ, ଗର୍ଭ ଢିବସେ ଲୋଡ଼ୁଥାଇ ତାହିଁ ।
ସିଦ୍ଧିର ସାଧନେ ଗୁଣ ପ୍ରସାଦେ, ସଞ୍ଚପି ଜାଣିଲି ଆତ୍ମାର ଭେଦେ ।
ସୁଜନ ମାଂନଙ୍କ ସଙ୍ଗ ପ୍ରସାଦେ, ସଂଦେହ ଛେଦିଲି ବୁଦ୍ଧି ବିବାଦେ ।
ଅନେକ ଦୁଃଖେ ଲୋଡ଼ୁଥିଲି ଯାହା, ଅତି ନିକଟରେ ପାଇଲି ତାହା ।
ଆପଣା ବିବେକ ହୃଦରେ ଆଣି, ବିଚାର କଲି ମନେମନେ ପାଣି ।
ଆବର ବିଶେଷେ ଗୁରୁ କହିଲେ, ସେହି ଦେହ ଘେନିଥିବୁ ବୋଇଲେ ।

ସନ୍ଦେହ ଫିଟିଲା ହୋଇଲି ଶାନ୍ତ, ଯେଣେ ସେ ଗର୍ଜି ମାରୁଥିଲା ଭ୍ରାନ୍ତ ।
ଏତେ ଉରତେ ଉପୁଜିଲା ମନେ, ମରଣ ଜିଣିଲି ସ୍ୱେଚ୍ଛ ବଚନେ ।
ଅପାର କାରଣ ହୋଇଲା ନନା, ଏକା ଅବଗୁଣେ କହଇଂ କନା ।
ପ୍ରକୃତି ଲମ୍ପଟେ ଶରୀର ଜଡ଼, କୁବାସନା ଯେନ ଗୃହରେ ପଡ଼ ।
ଏ ଜଡ଼ ଯତ୍ନଂ ଆବୋରିଲା ଆସି, ତେଣୁ ତତ୍ତ୍ୱଂକ ନ ପାରିଲି ପଶି ।
ଯେ ମହା ଜଡ଼ ଛେଦିବାର ପାଇଂ, ମୋହେ ମନକୁ ଚିଆରଇଂ ମୁହିଂ ।
ସୁଜନମାନେ ସାବଧାନେ ଶୁଣ, ଶୁଦ୍ଧ ଚଇତନ ବିବେକ ଗୁଣ ।
ଶବଦ ବ୍ରହ୍ମଂ ସଂହିତା ବଚନ, ମନର ଆଗେ କହଇ ଚଇତନ ।
ସୂର୍ଯ୍ୟ ବଂଶେଣ ମହୀପତି ସାର, କପିଳ ରୁଦ୍ର ନୃପତି କୁମାର ।
ଶ୍ରୀ ପୁରୁଷୋତ୍ତମ ନୃପ ତନୁଜା, ପ୍ରତାପରୁଦ୍ର ଦେବ ମହାରାଜା ।୧୨୦।
ରବିତଳେ ଆନ ନାହିଂ ଉପମା, ସପତ ଦ୍ୱୀପ ପୃଥି ଯାର ସୀମା ।
କେବଣ ଗୁଣ କହିବା ତାହାର, ଜପ ତପ ଜ୍ଞାନ ଯତ୍ନଂ ବାହାର ।
କଳେ ଅକଳତ କୁଳେ ପବିତ୍ର, ଅଇର କୃତାନ୍ତ କରେ ଆଶ୍ରିତ ।
ସେ ମହାରାଜାଙ୍କ ପଚଶ ଅଙ୍କେ, ବେଦ ବ୍ରହ୍ମ ମୁଁ କଲି ନିଶଙ୍କେ ।
ସିଦ୍ଧି ଟେକେ ପଟାନ୍ତର ନାହିଂ, ଜନ୍ମ ମରଣ ବିବର୍ଜିତ ଯହିଂ ।
ମନ ଚଇତନ୍ୟ ଯାହା ସମ୍ବାଦ, ଅଷ୍ଟାଙ୍ଗ ଯୋଗ ସାଧନାର ଆଦ ।
ଗୁରୁବଚନ ଅଷ୍ଟରତ୍ନ ଦୀପ, ଭ୍ରାନ୍ତ ଅନ୍ଧକାରେ ବୋଧ ପ୍ରଦୀପ ।
ଯେବଣ ଜନେ ଅନୁଭବେ ରତ, ସେହି ସେ ଜାଣଇ ତଥି ତଦନ୍ତ ।
କମଳାପତି ନୀଳଗିରି ବାସ, ପରମ ଜ୍ୟୋତି ସହଜେ ପ୍ରକାଶ ।
ସେ ଯଉଂ କଣ୍ଠରେ କଲେ କରୁଣା, ତେଣୁ କରି ମୋତେ ପଦ ପୁଂରୁଣା ।୧୩୦।
ଶବଦ ବ୍ରହ୍ମ ସଂହିତାର ବାଣୀ, ଆରମ୍ଭ ଯୋଗେ ଭେଟାଇଲେ ଆଣି ।
ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ, ଶବଦ ବ୍ରହ୍ମ ସଂହିତା ପ୍ରବୋଧେ ।
ତତ୍ତ୍ୱ ବ୍ରହ୍ମ ଏଥେଂ ମନ ଚେତନା, ଅଚ୍ୟୁତ ଦାସେ କଲେ ରଚନା ।

(‘ସ୍ୱରଗାନ’ରୁ ଗୃହୀତ)

*

# ଭଜନ

## ଅଚ୍ୟୁତାନନ୍ଦ ଦାସ

(୧)

ଅମଳ କମଳ ଚରଣକୁ ମନ ଭ୍ରମର ତୁ ଉଡ଼ି ଯାରେ
କମଳା ସେବିତ କୋମଳ ଚରଣେ
ନିରନ୍ତରେ ଚୁମ୍ବୁ ଥାଆରେ ।

ଯେଉଁ ପାଦ ପଦ୍ମେ ଅଷ୍ଟାଦଶ ଚିହ୍ନ
ଗଙ୍ଗା ଆଦି କୋଟି କୋଟି ତୀର୍ଥ ମାନ
ସ୍ଥିତ ଅଛି ସଦା ଅଭୟ ଅମୃତ
ପାନ କର ତୁ ମଜ୍ଜାରେ । ।୧।

ଯେଉଁ ପାଦ ଲାଗି ଅହଲ୍ୟା ମୁକତ
ଯେ ପାଦ ଧୋଇ ପାରିଲା କଇବର୍ତ୍ତ
ସେହି ପାଦେ ଧ୍ୟାୟି ରାବଣର ଭାଇ
ଲଙ୍କା କଟକେ ରାଜା ରେ । ।୨।

ଯେଉଁ ପାଦ ସେବି ଋଷି ମାରକଣ୍ଡ
ପ୍ରଳୟ ଜଳରେ ଦେଖିଲେ ବ୍ରହ୍ମାଣ୍ଡ
ସେହି ପାଦେ ଲେପି ଅଗୁରୁ ଚନ୍ଦନ
ସୁନ୍ଦରୀ ହେଲା କୁବୁଜାରେ । ।୩।

ବାଳି ଉଗ୍ରସେନ ସୁଗ୍ରୀ ହନୁମାନ
ଯେଉଁ ପଦ୍ମପାଦେ ପଶିଲେ ଶରଣ
ଗଭୀର ଜଳରେ ଗଜ ଉଦ୍ଧାରଣ
ସେହି ପାଦେ ରହି ଯାଆରେ । ।୪।

ଯେଉଁ ପାଦପଦ୍ମେ କରି ଯୋଗଲୟ
ମୃତ୍ୟୁକୁ ଜିଣି ଅଛନ୍ତି ମୃତ୍ୟୁଞ୍ଜୟ
କୃତାର୍ଥ ଗତିକ ସେ ପଦ ଅଭୟ
ତହିଁ ଚିତ୍ତକୁ ମଜ୍ଜାରେ । ।୫।

ପୂର୍ବଣେ ବର୍ଣ୍ଣିଲେ ବ୍ୟାସ ମୁନି ଶୁକ
ଯାହା ଖବୁଛନ୍ତି ସନକ ଜନକ
ତ୍ରୈଲୋକ୍ୟ ନାଥ ସେ ମୁକତି ଦାୟକ
ମୋକ୍ଷ ପଥକୁ ଧ୍ୱଜାରେ । ।୭।

ସାଧୁ ସଙ୍ଗ କର ନ ଭଜ ତୁ ଆନ
ସହସ୍ର ଦଳ କମଳେ ନିରଞ୍ଜନ
କହନ୍ତି ଅଚ୍ୟୁତ ଦେଖିବା ପ୍ରତ୍ୟକ୍ଷ
ପଞ୍ଚ ମନ ତୁ ବୁଝାରେ । ।୨।

(୨)

ଅଶୂନ୍ୟ ହୋଇଣ ଯେ ଥିଲେକ ଏକ ସ୍ଥାନ
ଅଦଭୁତ ସ୍ୱରୂପେ ହୋଇଲା ଏକ ଶୂନ୍ୟ ।
ସେହି ଶୂନ୍ୟ ମଧ୍ୟରେ ଯେ ନିରାକାର ସ୍ଥିତି
ନିରାକାର ଅଙ୍ଗରୁ ପରମ ବ୍ରହ୍ମମୂର୍ତ୍ତି ।
ପରମ ବ୍ରହ୍ମଠାରୁ ସ୍ଫୁରିଲେକ ଧ୍ୱନି
ସେ ଧ୍ୱନି ସ୍ଫୁରିଲା ଯେ ଚତୁର କଳା ଘେନି ।
ଚତୁଃକାଳେ ବ୍ରହ୍ମରନ୍ଧ୍ରେ ହୋଇଣ କବାଟି
ଅର୍ଦ୍ଧମାତ୍ରା ମଧ୍ୟରେ ବଜ୍ରକଳା ପାଲଟି ।
ପୂରିଲେକ ଷଡ଼ଯନ୍ତ୍ର ଅଧଃ ଊର୍ଦ୍ଧ୍ୱ ଠାଇଁ
ପଶି ନ ପାରଣ ଛନ୍ଦି ଲେଉଟିଲା ବାଇ । ।୧୦।
ସେ ବାୟୁ ଲେଉଟିଣ ବହିଲେକ ଉଜାଣି
ଲାଗିଲେକ ଲକ୍ଷ୍ୟ ଜ୍ୟୋତି ମଣ୍ଡଳକୁ ପୁଣି ।
ଶ୍ୱେତ ତିଳକ ଉପରେ ଲାଗିଲେକ ଲକ୍ଷ୍ୟ
ଲକ୍ଷ୍ୟ ଲାଗନ୍ତେଣ ଯେ ଦିଶିଲା ଶୂନ୍ୟମୟ ।
ଶୂନ୍ୟ ଦିଶନ୍ତେଣ ଯେ ଅଶୂନ୍ୟ ଦୃଶ୍ୟ ହୁଏ
କହନ୍ତି ଅଚ୍ୟୁତ ଗୁରୁ ଆଜ୍ଞାକର ଲକ୍ଷ୍ୟେ ।

(୩)

ଆରେ ଭଜ ମନ !
ଭଜ ପାରିଲେ ପାଇବୁ ଦରଶନ ।

ଚିତା ସଳଖରେ ଧ୍ୟାନ ଘର । ଧବଳ ଚନ୍ଦ୍ରକୁ ଲକ୍ଷ୍ୟ କର
ଧାଉଅଛି ଜୀବ ପରମ ସଙ୍ଗରେ, ଧପାଦେଉଅଛି ନିରନ୍ତର ।

ତ୍ରିବେଣୀ ବହୁଛି ତିନି ଧାର । ବହନ୍ତା ନଦୀକୁ ଅସ୍ତ କର
ବଙ୍କନାଳେ ପାଣି ଉଠିବ ଉଜାଣି, ଉଡ଼ିଯିବ ତୋର ହଂସ ଘର ।

ତ୍ରିବେଣୀ ନଦୀ ପଶ୍ଚିମେ ଯାଇ । ତ୍ରିକୂଟ ସନ୍ଧିରେ ଅଛି ଅହି
ସେହି ଅହିବର ଶବଦ ଘାତରେ, ପଶି ନ ପାରନ୍ତି ତହିଁ କେହି ।

ଦେଉଳ ଭିତରେ ଦେଖ ଠୂଳ । ଦେବତା ଅଛନ୍ତି ହଳ ହଳ
ଦେଉଳେ ପଶିଲେ ଦର୍ଶନ ପାଇବୁ, ମୋକ୍ଷ ହୋଇଯିବ ପିଣ୍ଡ ତୋର । ।୧୦।

କହଇ ଅଚ୍ୟୁତ ବ୍ରହ୍ମଜ୍ଞାନ । କୃଷ୍ଣ ପାଦପଦ୍ମେ ଦେଇ ମନ
ସଦା କରୁଅଛି ଏହି ନିବେଦନ, କୃପାକର ମୋତେ ସାଧୁଜନ ।

(୪)

ଜ୍ୟୋତି ପରେ ଦିବ୍ୟ ଜ୍ୟୋତି ଅମଣ୍ଡଳା ସ୍ଥାନ
ନିର୍ବାଣ ମନ୍ଦିରରେ ବିଜୟ ଭଗବାନ ହେ ।

ନିତ୍ୟ ନିରଗୁଣ ସେ ପରମ ପାଶେ ଯାଇ
ଶୁକଳ ବର୍ଣ୍ଣ ସ୍ୱରୂପେ ଜ୍ୟୋତି ବିରାଜଇ ।

ଏକଇ ଚରଣେ ଉଭା ଅନ୍ତରୀକ୍ଷ ରୂପୀ
ଚରଣୁ ଅମୃତ କ୍ଷରି ବ୍ରହ୍ମାଣ୍ଡରେ ବ୍ୟାପୀ ହେ ।

ସତ୍ତ୍ୱ ରଜ ତମ ତିନି ପାଦରୁ ଉଦ୍ଧତ
ସେ ପାଦେ ସେବଇ ଦୀନ ପାମର ଅଚ୍ୟୁତ ହେ ।

(୫)

ବାଇ ମନରେ, ବସି ଅବନା ବନ ।
ଅବନା ବନ୍ନଲେ ଅମାପ ମାପିବୁ, ସନ୍ଧ୍ୟାରେ ତୋର ହୋଇବ ଧନ୍ୟ ।
ଅମାସ୍ୟା ନିଶିରେ ଷୋଳ କଳା ଚନ୍ଦ୍ର, ସର୍ବଦା ନିଶିରେ ଚନ୍ଦ୍ର ଦର୍ଶନ
ଅହର୍ନିଶ ସର୍ବ୍ବ ପ୍ରଦୀପ ଜଳଇ, ଦୀପ ତେଜେ ଅଣସ୍ପର୍ଶ ପବନ ।
ଅଣାକାର ଘରେ ନାମ ସଂକୀର୍ତ୍ତନ, ଶବଦରେ ନାହିଁ ହରି ଭଜନ
ଶଦେ ଛୁଆ ଯେନ ହରଣୀ ଶୋଇଛି, ବ୍ୟାଘ୍ର ଆଣି ତାକୁ ଦିଏ ଭୋଜନ ।
ନିର୍ଝର କନ୍ଦରେ ପହଁରୁଛି ହଂସ, ଅଥଳ ଜଳେ ହରିଣୀ ଆସନ
ସ୍ବରମେଘ ଘୋଟି କଲେ ଜଳ ବୃଷ୍ଟି, ମରୁଡ଼ିରେ କୃଷି ହେଲେ ଦହନ ।
ଶୂନ୍ୟରେ ଶୂନ୍ୟରେ ଦେଉଳ ହୋଇଛି, ଦେଉଳ ଗୋଟିକ ଜଳେ ନିର୍ମାଣ
ଏମନ୍ତ ଦେଉଳ ବଢ଼ାଣୀ ଗଢ଼ିଛି, ଅମୁଦା ଦେଉଳେ ଦିଅଁ ଦର୍ଶନ ।
ନିର୍ଦ୍ଧନର ଘର ବନ୍ଧ ନେଲେ ଚୋର, ବାଟରେ ବସି କରନ୍ତି ରୋଦନ
ଧରାଗଲେ ଚୋର ହୋଇବ ଅମର, କହଇ ଅଚ୍ୟୁତ ମୂଢ଼ ଅଜ୍ଞାନ ।

(୬)

ବାଇମନ ହୋ, ବସି ହଂସକୁ ଖେଳା
ହଂସ ଉଡ଼ିଗଲେ ବୁଡ଼ିବ ଭେଳା ।
ପୋଖରୀ ଗୋଟିକ ଚାର ଚୌରସ
ଡିମ୍ବ ପାଡ଼ିଅଛି ଅଣ୍ଡିରା ହଂସ ।
ଶୁଖିଲା ପୋଖରୀ ମାରେ ଲହଡ଼ି
ଡିମ୍ବ ଅଛି ଛୁଆ ଗଲାଣି ଉଡ଼ି ।
ଡିମ୍ବ ଗୋଟିକେ ତିନି ତିନି ଛୁଆ
ଦୁଃଖୀ ହୋଇଲେ କହିବ ଏହା ।
ସର୍ପକୁ ମଣ୍ଡୂକା କରୁଛି ଗେଲ
ସୂଇ ବୃକ୍ଷେ ଅଛି ମନ୍ଦାର ଫୁଲ ।

ଏକ ଦେଉଳରେ ଦଶ କବାଟ
କେଉଁଠାରେ ଅଛି କଳପ ବଟ ।
ଶୂନ୍ୟରେ କାହୁଁ ବାଜୁଅଛି ବୀଣା
କେଉଁଠାରେ ଅଛି ଗୋପ ପାଟଣା ।
ଗୀତ ଷଡ଼ପଦ ଅର୍ଥ କହୁତ
ଭାବରେ ଭଣିଲେ ଦାସ ଅଚ୍ୟୁତ ।

(୭)

ବୋହୂ ବାଳ ଅବଳାରେ, ଖେଳଇ ବାର ଜଣର ।
ବାର ଜଣ ଛାଡ଼ି ତେରକୁ ଗମିଲେ
ବୋହୂର ପୂରବ କାଳ ।
ଏ ବାର ଭିତରେ ପୁରୁଷ ଖେଳଇ
ସେ ବାରେ ଖେଳଇ ବୋହୂ
ବୋହୂ ପୁଅ ଦୁହେଁ ଉଲଟ ପାଲଟ
ବାରଣ ନ ଯାଇ କେହୁ । ।୧।
ବାହାରରେ ବାର ଭିତରରେ ବାର
ବାର ବତିଶରେ ଘର
ଅକାରଣ ବୋହୂ ବାରଣ ନ ଯାଇ
କଲା ବାର ବାର ଘର । ।୨।
ପୁଅକୁ ବୟସ ଶହେ ଷାଠିଏ ଯେ
ବୋହୂ ତ ଷୋଳ ବରଷୀ
ପଚଶ ଭେଣ୍ଡିଆ ଘେନି କରି ବୋହୂ
ଖେଳ ଖେଳୁଥାଇ ବସି । ।୩।
ବୋହୂ ମୋର ଧନ ବୋହୂ ମୋ ଜୀବନ
ବୋହୂ ଲାଗି ଏତେ ସବୁ
ପାମର ଅଚ୍ୟୁତ ଭାବରେ ଭଣିଲେ
କର ଭବ ଜଳୁ ପାରୁ । ।୪।

(୮)

ଯେ ମନ ସିନା ଚତୁର୍ଦ୍ଧା ମୂରତି, ହେ ମୂଢ଼ମତି ।
ମନ କହେ ଚଇତନ ହେଉରେ ଦେଖିବୁ ବ୍ରହ୍ମ
ଯେ ତତ୍ତ୍ୱ ସ୍ଥିର ବେଦେଣ ଦଣ୍ଡିବ ନାହିଁ ଶମନ
ଶନକାଦି ମୁନି ଧାଉଛନ୍ତି, ହେ ମୂଢ଼ମତି । ।୧।
ନ ଖୋଳ ତଡ଼ାଗ କୂପ ଦେଉଳ ତୋଟା ନ ରୁପ
ସ୍ଥାପନା ଦିଅଁ ନ ସ୍ଥାପ ନ ଯା ବୃନ୍ଦାବନ ଗୋପ
ନ ଯା ତୁହି ପ୍ରୟାଗ, ଗୋ ମୂଢ଼ମତି । ।୨।
ଯେ ଜ୍ଞାନ ହୃଦେ ନ ଧର ତିଳକ ମାଳା ନ କର
ଜଟା କଉପୀନ ନ ଧର ଭସ୍ମ ଅଙ୍ଗୁ ପରିହର
ଗଙ୍ଗା କୂଳେ ନାହିଁ ସଦଗତି, ହେ ମୂଢ଼ମତି । ।୩।
ଆତ୍ମାରେ ଆତ୍ମାକୁ ଦେଖ ଦେଖିଲେ ପାଇବୁ ସୁଖ
ତୋର ଦେହେ ତୁହି ଦେଖ ଦିଶୁଅଛି ଜକଜକ
ଭୀମ କହେ ପାମର ଅଚ୍ୟୁତ, ହେ ମୂଢ଼ମତି । ।୪।

(୯)

ଦୀନବନ୍ଧୁ ! ମୋ ଦୁଃଖ ନ ଗଲା ଯେ
ତୁମ୍ଭେ ଦୀନବନ୍ଧୁ ମୋ ବନ୍ଧୁ ନୋହିଲେ
ମୋ ବନ୍ଧୁ ହୋଇବ କେ ।
ଦୀନବନ୍ଧୁ ବୋଲି ଯାହାକୁ କହନ୍ତି
ସେହି ତ ପରମ ଯୋଗୀ
ଦୁଃଖୀ ଲୋକଙ୍କର ଦୁଃଖ ନିବାରଣ
ସୁଖୀ ଲୋକଙ୍କର ଭୋଗୀ । ।୧।
ଅତି ଆରତରେ ମୃଗୁଣୀ ଡାକଲା
ଇନ୍ଦ୍ରକୁ ପେଷିଲ ହରି
ମୃଗୁଣୀ ଆରତ ଫେଡ଼ି ଜଗନ୍ନାଥ
ତାହାର ମାନ ଉଦ୍ଧାରି । ।୨।

ତୁଳସୀର ଜଟ ତୁଳସୀ ମୁକୁଟ
ତୁଳସୀ ଭୂଷଣ ହୋଇ
ତୁଳସୀ ଚଉଁରି ପାଶେ ଅନାଇଲେ
ମାଳଚନ୍ଦ ବଣୁଥାଇ । ।୩।
ଅବମାର ଘର ସଙ୍କଟ ପଡ଼ିଲା
ପଥରକୁ କଲ ଭେଳା
ଅକୂଳ ସମୁଦ୍ରେ ମୋ ଭେଳା ଭାସୁଛି
ପାରିକର ଚକାଡୋଳା । ।୪।
ସମୁଦ୍ର ତଟରେ ପକ୍ଷୀ ଅଣ୍ଡା ଦେଲା
ଡିମ୍ବ ନେଲା ରତ୍ନାକର
ସପ୍ତ ଡିମ୍ବ ତାର ଜଳରେ ଭାସିଲା
ପାରିକର ଚକ୍ରଧର । ।୫।
ଚକ୍ଷୁକୁ ଯେସନେ ପିଚ୍ଛୁଡ଼ା ଆବୋରି
ଭକ୍ତକୁ ତେଜ୍ଞେ ଗୋସାଇଁ
ଦୀନ ଅଚ୍ୟୁତ ଯେ ଭାବରେ ଭଣିଲେ
ପ୍ରଭୁପଦ ଚିତ୍ତେ ଧ୍ୟାୟି । ।୬।

*

# ରାମ ବିଭା

## ଅର୍ଜୁନ ଦାଶ

(ରାଗ-ମଙ୍ଗଳ ଗୁର୍ଜ୍ଜରୀ)

ବୋଲନ୍ତି ସେ ମାରକଣ୍ଡ ଶୁଣ ଧର୍ମରାୟେ
ବିଭା ବଢ଼ାଇଣ ସାତ ମଙ୍ଗଳାହ୍ନିଁ ଯାଏ ହେ ।
ଜନକ ଅନେକ ଧନରତ୍ନ ଅଳଙ୍କାର
ଜଣେ ଜଣେ ଅକ୍ଷତ ସେ ଦେଲେକ ଅପାର ହେ ।
ଚନ୍ଦନ ବାସ ତାମ୍ବୁଳ ଫୁଲଭର ଥୋୟେ
ମହାରାଜାଠାରୁ ଦେଲ୍ ବଳେଣିଆ ଯାଏ ହେ ।
ସବୁଙ୍କୁହିଁ ପ୍ରବୋଧନା କଲେ ସନମାନ
ଧନ ରତ୍ନ ସୁନା ରୁପା ଅନୁକ୍ଷଣ ଦାନ ହେ ।
ଜନକଙ୍କୁ ରାଇ ଦଶରଥ ରାଏ ବୋଲି
ଅଯୋଧ୍ୟାକୁ ବିଜୟ କରିବା ଆମ୍ଭେ କାଲି ହେ ।
କୁମାରୀମାନଙ୍କୁ ବେଗେ ଯିବା ସଜ କର
ତୁମ୍ଭେ ଆମ୍ଭେ ଭିନ୍ନ ବୋ'ଲି ମନେ ନ ବିଚାର ।
ରାମ ତୁମ୍ଭ କୁମର ଯେ କୁମାରୀ ସୀତା ମୋର
ମିଥିଲି ଅଯୋଧ୍ୟା ଆହୁଁ ଏକଇ ନଗର ଯେ ।
ଶୁଣି ଥନ ଥନ ରାୟେ କଲେ ବେନି ଆଖି
ଆକୁଳ ହୁଅନ୍ତି ଦଶରଥ ରାଏ ଦେଖି ଯେ ।
ବିହ୍ୱରଣ ରାଏ ସେହି ଦିବସ ରହିଲେ
ବାଟ ନଗରକୁ ଆଗ ପାଳିଆଏ ଗଲେ ଯେ ।
ମାଜଣା ମଣୋହି ସାରି ପହୁଡ଼ିଲେ ରାତି
ଟମକ ବାଜିଲା ପହୁଁ ହୋଇଲା ପାହାନ୍ତି ଯେ ।
ଶୁଭିଲକ ଗୋଳ ଲୋକେ ହେଉଛନ୍ତି ସଜ
ସୁନାର ମୁକୁଟ ଶିରେ ସବୁ ମତ୍ତଗଜ ଯେ ।
ସୁନାର ଶିଙ୍କୁଳ ସୁନା ଘଣ୍ଟି ପାଟ ନେତ
ବେନି ପାରୁଶରେ ଲମ୍ବେ ଶ୍ୱେତ ଚାମରନ୍ତି ଯେ ।

ଛାଡ଼ ମାଗି ମୁଖେଣ ଗନ୍ଧ ମଳୟଜ ଛଟା
ଥୋର ହସ୍ତ ପରଯନ୍ତେ ଲମ୍ବେ ଫୁଲଝରା ଯେ ।
ସୁବେଶ ହୋଇଣ ଗଜ ଯୋଦ୍ଧାମାନେ ଆସି
ଝଙ୍କାରଣ କନ୍ଧେ ବସି କାଚେ ପାଦ ଖୋସି ଯେ ।
ଚଳଣିଆ ବାରୁ ପରଡ଼ାଏ ସଜ ହୋନ୍ତି
ଅଗଣିତ ତୁରଙ୍ଗ ସମସ୍ତେ ସିନ୍ଧୁ ଜାତି ଯେ ।
ମଣିମୟ ବାଘର ଚାମର ଶ୍ୱେତ ନେତ ।
ରୂପା କଡ଼ିଆଳ ବନ୍ଧ ସୁନାରେ ନିର୍ମିତ ଯେ ।
ସାରଥିମାନେ ମଣ୍ଡିଲେ ସବୁ ରଥବର
ଅବନୀକ ଧ୍ୱଜପୁ କି କଲେ ପୁରନ୍ଦର ଯେ ।
କ୍ଷୁଦ୍ର ଘଣ୍ଟି ଘାଗୁଡ଼ି କୁସୁମ ମାଳ ମାଳ
କନକ କଳଶେ ନେତ ପତମା ଚାମର ଯେ ।
ଚତୁରଙ୍ଗ ବଳ ସଜ ହୋଇଣ ଅଇଲେ
ଦଶରଥ ରାଜା ଆଗେ ବଶିଷ୍ଠେ କହିଲେ ଯେ ।
ଶୁଭଲଗ୍ନ ହୋଇଲା ଆପଣେ ବିଜେକର
ଶୁଣି ବୀରବେଶ ହୋଏ ରଘୁବଂଶବର ହେ ।
ଅନ୍ତଃପୁରେ ପଶିଣ ଜନକ ମହୀପତି
ସୁତା କୁମାରୀଙ୍କ କୋଳେ ଘେନି ଭିଆରନ୍ତି ହେ ।
ଝରଝର ନୟନରୁ ବହେ ନୀରଧାର
ଆକୁଳ ସମସ୍ତ ସୀମନ୍ତିନୀ ଅନ୍ତଃପୁର ଯେ ।
ଜାନକୀର ମୁଖ ଚୁମ୍ବି ବୋଲନ୍ତି ବଚନ
ତୁମ୍ଭେ ମୋ ଚିରକୁମାରୀ ଜୀବର ଜୀବନ ଯେ ।
ମିଥିଳା ଛାଡ଼ିଣ ଆଜ ଅଯୋଧ୍ୟାକୁ ଯିବ
ପତି ପାଦ ସେବ ପିତାମାତା ନ ଲୋଡ଼ିବ ଯେ ।
ଶୁଣି ମଇଥିଳୀ ଗଦଗଦ ରୁରୁ ଶୋକ
ଦେଖିଣ ରୋଦନ୍ତି ଅନ୍ତଃପୁରେ ଯେତେ ଲୋକ ହେ ।
କେ କର ପଣନ୍ତେ ଆଉ କରେ ଲୁହ ପୋଛୁ
ବୋଲନ୍ତି ଏମନ୍ତ ପର ବନ୍ଧୁ ଗଢ଼ିଅଛୁ ଗୋ ।

ସାନ ସାନ ସଖୀମାନେ ବେଢ଼ି ରୋଦୁଛନ୍ତି
କୁରଙ୍ଗୀନୟନା ଲୁଅ ଅଞ୍ଚଳେ ପୋଛନ୍ତି ଗୋ ।
କୋଳକରି ଝୁରି କୁମାରୀଙ୍କ ଝୁରି ମାଏ
କଥା କହୁ ଲୋଡ଼ିଲେ ଅଧର କମ୍ପ ହୁଏ ଗୋ ।
କ୍ରୋଧ ସମ୍ବରଣ ଅତି ଦୁଃଖେ ଶିଆରନ୍ତି
ସ୍ତିରି ସଂସାରକୁ ଏକା ପରପୁଅ ପ୍ରୀତି ଗୋ ।
ଶାଶୁ ଶଶୁରଙ୍କ ମନ ରଞ୍ଜି ତୁମ୍ଭେ ଥିବ
କାନ୍ତ ବଇରାଗ ହେଲେ ମନେ ନ ଧରିବ ଗୋ ।
ସ୍ୱଭାବେ ହେ ସ୍ୱାମୀ ତ ବୋଲଣ ସେବା କରି
ନିରନ୍ତରେ ତାହାର କୋପକୁ ସିନା ଡରି ।
ତା ତହୁଁ ଦେବତା ଆନ ଯୁବତୀଙ୍କ ନାହିଁ
ସବୁ ପାଶୋରନ୍ତି ଏକା ପତିସେବା ପାଇଁ ଗୋ ।
ପତିସେବା କଲେ ପତିବ୍ରତା ବୋଲି ଜାଣି
ପତିସେବା କଲେ ଇହ ପରଲୋକ ଜିଣି ଗୋ ।
ପତିଦ୍ରୋହ କଲେ ଯୁବତୀଙ୍କି ପାର ନାହିଁ
ପତିପାଦ ଛାଡ଼ି ଆନ ଗତି ଅଛି କାହିଁ ଗୋ ।
ପତିଙ୍କି ସନ୍ତୋଷ କଲେ ସର୍ବଦେବେ ତୋଷ
ସକଳ ଭୁବନେ ତାକୁ ଶୁଭେ ସାଧୁଘୋଷ ଗୋ ।

ଏତେକ ଶିଆରି କୁମାରୀଙ୍କୁ ସଜ କରି
ପଶ୍ଚିମ ଦୁଆରେ ଦୋଳା ହାଦୋଳା ଉତୁରି ସେ ।
ଏକ ସୁଖାସନେ ବର କନଆନ୍ତ ବସି
ଜୟ ଜୟ ବୋଲି ଦେବେ ଫୁଲନ୍ତ ବରଷି ସେ ।
ଦଶରଥ ଛାମୁରେ ଜନକ ଆସି ହୋଇ
କରଯୋଡ଼ି ବିନୟ ବଚନମାନ କହେ ସେ ।
ତୁମ୍ଭ କୁଟୁମ୍ବରେ ମୁହିଁ ଆଜହୁଁ ମିଶିଲି
ମହତ ବୋଲଣ ସିନା ଶରଣ ପଶିଲି ହେ ।
ବାଳୁତ କୁମାରୀ ମୋର ଝିଅଗୋଟି ଜେମା
ଏହାଙ୍କର ଦୋଷ କଲେ କରିବାକ କ୍ଷମା ହେ ।

ପ୍ରଣାମ କରଣ ଦଶରଥ ମହୀପତି
ବିନମ୍ର ବଚନେ ଜନକଙ୍କୁ ପ୍ରବୋଧନ୍ତି ହେ ।
ବାଜିଲାକ ଝମକ ନିଶାଣ ଷାରବାଜା
ବାହୁଡ଼ା ବିଜମ୍ବ କଲେ ଅଯୋଧ୍ୟାର ରାଜା ଯେ ।
ଆଗୁ ଆଗୁଆଣି ହୋଇଛୁ ଅନେକ ସଇନ
ମଧ୍ୟରେ ସ୍ଥିର କୁମର ସ୍ଥିର କନ୍ୟା ଘେନ ଯେ ।
ଧୂଆଁ ଧୋଇଁ ହୋଇଣ ମିଥିଳା ନରନାରୀ
ଶ୍ରୀରାମ ସୀତାଙ୍କୁ ଦେଖି ସାଧୁ ସାଧୁ କରି ହେ ।
ପଛେ ସମଦଣ୍ଡ ଘେନ ଅଯୋଧ୍ୟା ନୃପତି
ସୁମନ୍ତ୍ର ପ୍ରକାରେ ବିଜେ କରଣ ଆସନ୍ତି ଯେ ।
ଏକ ରଥେ ଜନକ ନୃପତି ଦଶରଥ
କଥା ହୋଇ ଗଲେ ତହିଁ ଥୋକାଏକ ପଥ ଯେ ।
ଜନକଙ୍କୁ ବାହୁଡ଼ାଇ ଅଯୋଧ୍ୟାର ରାଏ
ଷାରତୂର ବଜାଇଣ ବିଜେ କରି ଯାଏ ଯେ ।
ତପ ସ୍ଥାନେ ଥାଇଣ ଶୁଣିଲା ପର୍ଶୁରାମ
ବୋଲେ କେଉଁ କ୍ଷତ୍ରୀ ପୁର କଲା କେଉଁ କର୍ମ ଯେ ।
କମ୍ପଇ ଅଧର କ୍ରୋଧେ ଅରୁଣ ନୟନ
ପ୍ରଳୟ ପବନ ପ୍ରାୟେ ଶ୍ୱାସ ଘନ ଘନ ହେ ।
ଧୀରେଣ ଉଠନ୍ତେ ସାତସିନ୍ଧୁ ଦ୍ୱୀପ ଚଳ
ପୁରନ୍ଦର କଟକେ ପଡ଼ିଲା ହାଳହୋଳ ହେ ।
ପରଶୁ ଝମକ ରୋଷେ ବାହାସ୍ଫୋଟ ମାରି
ମେରୁ କ ଉପୁଡ଼ ଗାଡ଼େ ସମୁଦ୍ରେଣ ପଡ଼ି ହେ ।
କୁରୁମ ଶଙ୍କଇ ଶିର ସଙ୍କୁଚେ ବାସୁକି
ସମାଧି ଭଙ୍ଗିଲା ମୁନି ବେଦପୁର ଶଙ୍କି ହେ ।
ପବନ ନ ବହେ ଡରେ ନିଶ୍ୱାସର ତାପେ
ମହୀସ୍ଥଳୀ ଦୁଲୁ ଦୁଲୁ ରାଜାଗଣେ କମ୍ପେ ହେ ।
ରାମଙ୍କୁ ବୁଝିଣ ପର୍ଶୁ ବୋଲଇ ଉତ୍ତର
ଅପାର କାଳେ କଳଙ୍କ ଛାଡ଼ିବ ତୋହର ।

ଦଶରଥ ସଇନ ଭିତରେ ଶୁଭେ ଗୋଳ
ଯୂଥ ଯୂଥ ହୋଇ ବୋବ ପାରନ୍ତ ଶୃଗାଳ ହେ ।
ଆକାଶୁ ବରଷେ ଘୋର ରୁଧିର ପ୍ରଖର ।
ଦେଖି ଦଶରଥ ତ୍ରସ୍ତେ ହୋଇଲେ କାତର ଯେ ।
ଅଇଲା ଅଇଲା ବୋଲି ପଡ଼ିଲକ ଧାଡ଼ି
ପଳାଅନ୍ତ ରଥ ଗଜ ବନଗିର ମାଡ଼ି ହେ ।
ଶିରେ କର ଦେଇ ଦଶରଥ ନୃପବର
ଏବେ ହରାଇଲି ରାମ ମୋ ପ୍ରାଣ ଈଶ୍ୱର ହେ ।
ବୋଲେ ଦଶରଥ ବିଶ୍ୱାମିତ୍ର ମୁଖ ଚାହିଁ
କେହୁଣି ଉପାୟେ ଏବେ ରାମ ରକ୍ଷା ହୋଇ ହେ ।
ଶିଶୁ ମୃଗଯୂଥେ ଯେହ୍ନେ ବନରାଜ ଧାଇଁ
କରିବର ହସ୍ତୁ କାହିଁ ଶୃଗାଳ ଉବୁର ହେ ।
ସୁକୁମାର ବାଳକ ବୟସ ରଘୁନାଥ
ମାଳତୀର ମାଳ ଯେହ୍ନେ ମାଳୀର ହାଥ ହେ ।
ଶିରୀଷ କୁସୁମେ କାହିଁ କୁଳିଶ ପତନ
ହେଲେ ହରାଇଲି ରାମ ଅମୂଲ୍ୟ ରତନ ହେ ।
ଶ୍ୟାମଳ ସୁନ୍ଦର ରାମ କମଳ ଲୋଚନ
କହେ ମୃଦୁ ସଉରଭ ଅମିୟ ବଚନ ହେ ।
ସୁରଙ୍ଗ ଅଧର ରାମ ମନ୍ଦ ମନ୍ଦ ହାସ
ସମ୍ମୁଖେ ଦେଖିବି ଏବେ ଏହାର ବିନାଶ ହେ ।
ବୋଲଇ ଜୀବନ ମୁଁ ଛାଡ଼ିବି ଏହିକ୍ଷଣି
ଖାଇବି ଗରଳ କେହ୍ନୁ କରେ ଦେବ ଆଣି ହେ ।
ବୋଲେ ଗାଧିସୁତ ତୁମ୍ଭେ ଶୁଣ ନୃପବର
ଅଜ୍ଞାନ ପଣେଣ ରାମ ଦୂଷଣ ନ କର ହେ ।
ପ୍ରତ୍ୟକ୍ଷେ ଦେଖିଲୁ ଶିବ ଶରାସନ ଭାଙ୍ଗି
ଶିଶୁ ସିନା ଶ୍ରୀରାମ ଅଦ୍ଭୁତ ଦୈତ୍ୟ ଗଞ୍ଜି ହେ ।
ଏକା କାଣ୍ଡେ ତାଡ଼କାର ଘେନଲେ ପରାଣ
ଯଜ୍ଞ ରଖି ଅହଲ୍ୟାକୁ ଦେଲେ ଜୀବଦାନ ହେ ।

ନବକାର ବ୍ରହ୍ମ ରାମ ଅବତାର ଲୀଳା
ପରେ ପରାଭବକୁ ନୁହଇ ତୋର ବଳା ହେ ।
ଲକ୍ଷେ ପର୍ଶୁରାମ ତାକୁ ଲଖ ପ୍ରାଏ ସିନା
ବୀରଙ୍କର ଉପରେ ବୀରଧ୍ୱ ସାର ବାନା ହେ ।
ସେତେବେ ପୂଜାବିଧି ଘେନ ବେଗେ ଆଗୁସାର
ଦୁହୁ ପ୍ରଣମିତ ହୋଇ ଶିରେ ଯୋଡ଼ କର ହେ ।
ବୋଲବ ହେ ଭୃଗୁପତି କାହାକୁ ତୋ ରୋଷ
ତୋହୋରେ ପାଇଲ ବୃଦ୍ଧକାଳେ ସ୍ୱରଶିଷ ।
ବନସ୍ତେ କହିଲେ ତୋର ଭକତି ଘେନବ
ପ୍ରସନ୍ନ ହୋଇଣ ତୋତେ ବାଟ ଛାଡ଼ିଦେବ ।
ଯେବେ ତୋର ବଚନ ଭାଙ୍ଗିବ ପର୍ଶୁଧର
ଶ୍ରୀରାମ ସମ୍ମୁଖରେ ଗର୍ବ ଭାଙ୍ଗିବ ତାହାର ହେ ।
ଶୁଣି ଦଶରଥ ରାଜ୍ୟେ ପୂଜାବିଧି ଘେନ
ପର୍ଶୁରାମ ସମ୍ମୁଖରେ ଯେ କରଇ ଦଇନ ହେ ।
କର ଦୁଇ ଯୋଡ଼ିଣ ପସ୍ତୁରେ ଦଶରଥ
ଏତେକାଳେ ମୋହୋର ହୋଇଲା ସ୍ୱରପୁତ୍ର ହେ ।
ବଶ୍ୱାକର ବରକନ୍ୟା ନେଇଅଛି ଘର
ଏ ପୁଣ ନୁହଇ କ୍ଷତ୍ରୀଙ୍କର ବୀରତୂର ହେ ।
ଶିଶୁମତି ପୁତ୍ର ମୋର ଅଟଇ ଶ୍ରୀରାମ
ତୋହୋର କୋପକୁ ଏହି ନୁହଇ ଭାଜନ ।
କ୍ଷତ୍ରିଙ୍କୁ ଯେ ଏକୋଇଶ ବାର ହତ କଲ
ଅପୁତ୍ରିକ ଦେଖି ମତେ ଅନୁଗ୍ରହ ହେଲ ।
ତୁ ମହାପୁରୁଷ ମହୀ ଅବତାର ହର
କରୁଣାସାଗର ପର୍ଶୁ ଅବଧାନ କର ହେ ।
ପୁଣି ପାଏ ପଡ଼ି ରାଜ୍ୟେ ଶିରେ ଯୋଡ଼ି କର
ପ୍ରସନ୍ନେ ପରଶୁଧର କୋପ ଶାନ୍ତ କର ହେ ।
ସେହି ତୋର ଚରଣ ରେଣୁ ଲଗୁ ରାମ ଶିରେ
ଶରଣ ପଶିଲା ରାମ ଏ ତୋର ପଯୂରେ ହେ ।

ହସି ରୋଷେ ଭୃଗୁପତି ବୋଲେ ଶୁଣ ଭାଇ
ସେମନ୍ତ କଥାରେ କି ଆମ୍ଭଙ୍କୁ ଭଣ୍ଡି ଆଇ ।
ରାମ ବଡ଼ ବୀର ବୋଲି ଆମ୍ଭେ ଶୁଣିଥିଲୁ
ବାଟେଣ ବାରେକ ସେବେ ଯୋଗେଣ ଭେଟିଲୁ ହେ ।
ଭଲ ହେ ଦେଖିବା ରାମ କେତେକ ବୟସ
କେମନ୍ତ ପ୍ରକାରେ ଧରିଅଛି ବୀର ବେଶ ହେ ।
ଏତେ ବୋଲି ପର୍ଶୁରାମ କହିଲେ ନିରୁତ
ପହଞ୍ଚିଲେ ରଘୁନାଥ ଧାମଇ ତ୍ୱରିତ ଯେ ।
ଧାଡିକାରେ ଧାଇଁଣ ଦେଖଇ ଶ୍ରୀରାମ
ଦେଖି ଦଶରଥ ରାୟେ ହୋଇଗଲେ ଝାମ ହେ ।
ରାମଙ୍କୁ ଦେଖିଲି ସୁଖାସନର ଉପର
କୋଳେ ଅଛି ସୀତା ସ୍ୱୟଂ ଲକ୍ଷ୍ମୀ ଅବତାର ହେ ।
ବରବେଶ ହୋଇ ରାମ ପ୍ରଣାମ ନ କଲେ
କୋପଭର ହୋଇ ପର୍ଶୁ ବଚନ ବୋଇଲେ ହେ ।
ଆହୋ ରାମ ମହାଦେବ ଧନୁ କଲି ହାତ
ଅପାର କାଳର ସିନା ହୋଇଥିଲା କ୍ଷତ ହେ ।
ସେ ଧନୁ ଭାଙ୍ଗିଣ ଯେବେ ଏତେ ଗର୍ବ କର
ଆଜ ସେ ଜାଣିବା ବଳବୀର୍ଯ୍ୟ ହିଁ ତୁମ୍ଭର ହେ ।
ଏ ମୋର ମହିମା ତୋର ଶୁଣିଲୁକି ନାହିଁ
ଏକୋଇଶ ବାର ପୃଥ୍ୱୀ ନିକ୍ଷତ୍ର କଲଇଁ ହେ ।
କ୍ଷତ୍ରିଙ୍କ ରୁଧିର ମାଂସ ମସ୍ତକେ କୁଣ୍ଡ କଲି
ତର୍ପଣ କରଣ ପିତୃଲୋକଙ୍କୁ ତୋଷିଲି ହେ ।
ଏକୋଇଶ ବାର ପୃଥ୍ୱୀ ଲୋକଙ୍କୁ ମାରିଲି
ଅପୁତ୍ରିକ ଦେଖି ତୋର ପିତାକୁ ରଖିଲି ହେ ।
ତାର ପୁତ୍ର ହୋଇ ତୁମ୍ଭେ ଏତେ କହ ଠାଣ
ଆଜ ସେ ଜାଣିବା ବଳବୀର୍ଯ୍ୟ ପରାକ୍ରମ ହେ ।
ଶୁଣିଣ ଲକ୍ଷ୍ମଣ ବୋଲେ ଶୁଣ ପର୍ଶୁରାମ
ଆମ୍ଭର ଛାମୁରେ କାହା କହ ପରାକ୍ରମ ହେ ।

ଏମନ୍ତ ଲକ୍ଷ୍ମଣ କହେ ପର୍ଶୁଙ୍କୁ ଉତ୍ତର
ତାହା ଶୁଣି ପର୍ଶୁରାମ କୋପେ ଗୁରୁତର ହେ ।
ବେଗେ ଭୃଗୁପତି ବୋଲେ କୋପେ ଥରହର
ଯେତେ କଥା କହୁ ସବୁ କଲର ବେଭାର ହେ ।
ବୋଲନ୍ତି ଶ୍ରୀରାମ ତୁମ୍ଭେ ଶୁଣ ତପଋଷି
ଦୁଷ୍ଟ ଖଣ୍ଡ ପୁଅ ସେ କହିଲା ଗର୍ବ କରି ହେ ।
ବୋଲେ ପର୍ଶୁରାମ ଦୁଷ୍ଟ ଖଣ୍ଡ ପୁଅ ଏହୁ
ଯେତେକ କହଇ ବିଷକଣ୍ଠ ହାଦେ ସେହୁ ।
ପର୍ଶୁରାମ ବଚନ ଶୁଣିଣ ଲଇଷଣ
କହଇ ବଚନ ତାଙ୍କୁ ଇଷିତ ହାସେଣ ହେ ।
ମୁହିଁ ସେ ଅନନ୍ତ ସର୍ପ ଅଟଇ ଈଶ୍ୱର
ଈଶ୍ୱର ପ୍ରତିଜ୍ଞା କାହିଁ ଗୁରୁର ଆଗର ହେ ।
ଏବେ ମୋତେ ପୂଜାବିଧି କର ମହାଯତି
ବେଭାରେ ତୁମ୍ଭର ଗୁରୁ ମୁହିଁ ପଶୁପତି ହେ ।
କୋପେ ପର୍ଶୁରାମ ଚାହେଁ ଅରୁଣ ନୟନ
ପ୍ରଚଣ୍ଡ ମୂରତି ଶ୍ୱାସ ଛାଡ଼େ ଘନ ଘନ ହେ ।
ମୋର ଧନୁଶର ଯେବେ ଆମନ୍ତ୍ରି ପାରିବୁ
ତେବେ ତୁମ୍ଭ ବଳବୀର୍ଯ୍ୟ ସମସ୍ତ ଜାଣିବୁ ହେ ।
ଏତେ ବୋଲି ଶ୍ରୀରାମଙ୍କୁ ବଢ଼ାଇ ଦେଲେ ବେଗ
ଭୁଜ ବଢ଼ାବନ୍ତି ରାମ ଦରହାସ ଭାବ ହେ ।
ବଇଷ୍ଣବ ଧନୁ ରାମ ଧରିଣ ଶ୍ରୀକରେ
କୋଳେ ଅଛି ସୀତା ସ୍ୱୟଂ ଲକ୍ଷ୍ମୀ ଅବତାର ହେ ।
ହାଦୋଳାରେ ବସି ରାମ ପାଦେକ ବଢ଼ାଇ
ନଖର ଉପରେ ଧନୁହୁଳ ସେ ବସାଇ ହେ ।
ବାମ କରେ ଶରାସନ ଧରି ରଘୁପତି
ଆମନ୍ତ୍ରଣ କର୍ଣ୍ଣ ପରଯନ୍ତେ ଓଟାରନ୍ତି ହେ ।
କରଯୋଡ଼ି ପର୍ଶୁରାମ ପାଏ ପଡ଼ି ଶୋଇ
ଜଗ ଜ୍ୟୋତି ଗୋଟି ତାର ଦେହରେ ସମ୍ଭାଇ ହେ ।

ପର୍ଶୁ କୁ ଚାହିଁଣ ରାମ ହସି କହେ କଥା
ଅପାର କାଳର ତୋର ଛଡ଼ାଇବା ବ୍ୟଥା ।
ଭରଣ୍ଡାରୁ ବାଣେକ ପୂରେଇ ରାମ ସନ୍ଧ
କହ ପର୍ଶୁରାମ କେଉଁ ଠାବକୁଁ ବନ୍ଧ ହେ ।
ଆରତ ହୋଇଣ ପର୍ଶୁ ଶୋଇ ପାଦେ ପଡ଼ି
ସାମବେଦେ କଲ ସ୍ତୁତି ଶିରେ କର ଯୋଡ଼ି ହେ ।
ବୋଲେ ପର୍ଶୁରାମ ରାମ ସ୍ୱର୍ଗକଇ ବନ୍ଧ
ମୋର ପିତା ଶତ୍ରୁଗତ ପାପ ଏବେ ରୁନ୍ଧ ହେ ।
ଶୁଣି ରଘୁନାଥ ବେଗେ ବନ୍ଧିଲେକ ଶର
ବୋଲନ୍ତି ସ୍ୱର୍ଗ ତୁ ନଯିବୁ ମୁନିବର ହେ ।
କ୍ଷତ୍ରିଙ୍କର ବାହୁବଳେ ତପୀଙ୍କର ତପ
ନ ବୁଝିବ କପାଇଁ ଅର୍ଜିଲ ଏତେ ପାପ ହେ ।
ଏକୋଇଶ ବାର କଆଁ କ୍ଷତ୍ରିଙ୍କୁ ବଧିଲ
ବ୍ରାହ୍ମଣ ହୋଇଣ ଏତେ ପାପ ଅରଜିଲ ହେ ।
ଶ୍ରୀରାମ ଶ୍ରୀମୁଖ ଚାହିଁ ପର୍ଶୁରାମ ବୋଲି
ପିତୃଭକ୍ତ ଛଳେ ସିନା ରାଜାଙ୍କୁ ବଧିଲି ହେ ।
ବୋଲନ୍ତି ଶ୍ରୀରାମ ତୁମ୍ଭେ ଶୁଣ ଭୃଗୁପତି
ପିତାର ଆଜ୍ଞାରେ ବାରେ ବଧିଲ ଯୁବତୀ ହେ ।
ଏବେ ତୁମ୍ଭେ ଦକ୍ଷିଣ ଜଳଧି ତଟେ ଯାଅ
ଜଗନ୍ନାଥ ଦରଶନେ ମହାପାତକ ଛଡ଼ାଅ ହେ ।
ରାମମୁଖଁ ଏ ବଚନ ଶୁଣି ପର୍ଶୁଧର
ବିନୟ ଭାବେଣ ସ୍ତୁତି କଲେକ ଅପାର ହେ ।
ଶ୍ରୀରାମଙ୍କୁ ପ୍ରଦକ୍ଷିଣ କରି ଭୃଗୁପତି
କ୍ଷେତ୍ରବର ଶ୍ରୀପୁରୁଷୋତ୍ତମେ ଚଳିଯାନ୍ତି ହେ ।

('ରାମବିଭା', ଦ୍ୱାଦଶ ଛାନ୍ଦରୁ ଗୃହୀତ)

*

# ମିଳନ ଚଉତିଶା

## ଅର୍ଜୁନ ଦାଶ

କେଶବ ଆଗରେ କୁଞ୍ଜେ କହେ ସହଚରୀ
କୁସୁମଶର ସଂହାରୁ ଅଛୁ ତୋର ନାରୀ ।
କମଳଦଳଲୋଚନୀ ଅନଙ୍ଗର ଜ୍ୱାଳା
କାମଶର ସହନ ନ ଯାଇ ତୋର ବାଳା । ।୧।
ଖେଦ ସମୁଦ୍ରରେ ତାକୁ ବୁଡ଼ାଇଲୁ ହେଳେ
ଖୋଜ ନ ପାଇବୁ ତାକୁ ଲୋଡ଼ିବାର ବେଳେ ।
କ୍ଷୀଣ ତନୁ ସୁକୁମାରୀ କ୍ଷଣକେ ଚମକେ
ଖଟ ତେଜ ଶୋଇଅଛୁ ଅବନୀ ପଲଙ୍କେ । ।୨।
ଗୁପତ ଉଦିତ ବାଣୀ କହିଲୁ ଯତନେ
ଗୁଣ ନେଇ ଲଗାଇଲୁଁ ଅମୂଲ୍ୟ ରତନେ ।
ଗଲୁଁ ତାର ଅଧରୁ ଅମୀୟ ପାନ କରି
ଗଣ୍ଠି ପାଡ଼ ଯତନେ ଅଛଇ ଜୀବ ଧରି । ।୩।
ଘୂମାଇଲା ଶଶିମୁଖୀ ଫୁଲଶର ଘାଏ
ଘନ ଘନ ତନୁ ତାପେ ମଳୟଜ ବହେ ।
ଘନ କୁଚ ଉପରେଣ ନୟନର ନୀର
ଘେନସି ଦୟିନୀ ଦୋଷ ବାରେ କ୍ଷମା କର । ।୪।
ନିମିଷେ ନ ରହେ ମନ ନ ଦେଖି ତୋ ମୁଖ
ନିରାଶ ନ କରିଣ ତୁ କହ କେତେ ଦୁଃଖ ।
ନିଧି ହରାଇଲା ପ୍ରାୟେ ହେଉଥାଇ ବାମା
ନ କର ନିରାଶ ଦୋଷ ବାରେ କର କ୍ଷମା । ।୫।
ଚନ୍ଦନ ପଙ୍କଜ ଲାଗି ଚମକଇ ଦେହ
ଚତ୍ତେ ଅନୁଗ୍ରହ ଥିଲେ ମୋର ଆଗେ କହ ।
ଚନ୍ଦ୍ରମା ବିହୀନେ ଯେହ୍ନେ କୁମୁଦିନୀ ଦୁଃଖୀ
ଚିତ୍ତେ ଦୟା ଥିଲେ ପ୍ରଭୁ ବାରେ ଆସ ଦେଖି । ।୬।
କ୍ଷଣେ କ୍ଷଣେ ହସଇ ଖେଳଇ ବୋଲୁଥାଇ
କ୍ଷଣକେ ଚେତନା ପାଇ ଶଙ୍କୁନ୍ୟ ବାରଇ ।

ଛୁଆ ମୃଗ ଗୋଟି ଯେସନ୍ତେ ବାଣ ଘାତ ପାଇ
ଛୁଡ଼ିବ ଜୀବନ ମନ ତୋରେ ଆଶା ଦେଇ । ।୭।
ଜାଣି ନୋହେ ବଚନ ସେ ଭ୍ରମେ ଯା ବୋଲଇ
ଝିସଙ୍କସ ବାଣୀ ଶୁଣି ତୋ ପ୍ରାପ୍ତେ ମଣଇ ।
ଯୋଗୀ ଯେସନ୍ତେ ସମାଧି ଧେନଇ ଅହର୍ନିଶି
ଯମ ସମ ଯାମିନୀ ଚଞ୍ଚଳ ଏକା ବସି । ।୮।
ଝାଳେ ଧୂଳି ପଡ଼ି ମୁଖ ଢଶେ ଝଳି କଳା
ଝର ଝର ଲୋଚନୁ ଲୋତକ ତେଜି ବାଳା ।
ଝିମଣ୍ଡେକ ଝାମ ହେଉଥାଇ ତା'ର ଅଙ୍ଗ
ଝଗଡ଼ି ନ କର ଢଅ ଦରଶନ ସଙ୍ଗ । ।୯।
ନସତ ହୋଇଲୁ ସଖା ମନମଥ କୋପେ
ଞଶି ନ ସରଇ ତାକୁ ଶଶଧର ତାପେ ।
ନ ଜାଣଇ କପଟ-ସେନେହ ମେ ର ସହୀ
ଞରନ୍ତରେ ଗୋହୁଥାଇ ନରମାଖି ହୋଇ । ।୧୦।
ଟମାଳ କହିଲେ ଆଉ ନ ବର୍ତ୍ତଇ ସିନା
ଟେକ ଏଣେ ତେଣେ ତା'ର ଦୁଃଖ ଦେଖି କନା ।
ଟେକ ହୋଇ ବସିବାକୁ ନ ପାରଇ ସହୀ
ଟାଣପଣ କରୁଅଛି ତା'ର କୁଚ ଦୁଇ । ।୧୧।
ଠାବ କରି ନ ପାରଇ ବୋଇଲେ ବଚନ
ଠାରିଲେଣି ସଖି ମୋର ନ ଗୁହେଁ ନୟନ ।
ଠୂଳ ଦୋଷମାନ ତା'ର କେତେ ନାହିଁ ସହି
ଠୂଳ କରି ଲୋଡ଼ିଲେ ପାଇବୁ ଆଉ କାହିଁ । ।୧୨।
ଡେରିଛି ଶ୍ରବଣ ବାଣୀ ଶୁଣିବାକୁ ପୁଣି
ଡୋଳାରୁ ତାହାର ଞସ୍ତେ ନ ଶୁଖଇ ପାଣି ।
ଡରିଲାଣି ସଖୀ ମୋର ପଞ୍ଚଶର ଘାତେ
ଡହକ ସୁବର୍ଣ୍ଣ ଦେଲୁ ଢ଼କାଇତ ହାତେ । ।୧୩
ତାଳେନ୍ଦେ ଭୁ ଞଗାଶ ନ କର ନରହରି
ତନୁ ଅଛି ସୀମନ୍ତିନୀ ଗୋପର ସୁନ୍ଦରୀ ।

ତଳହଳ କମଳ ପତ୍ରରେ ଯେସନ୍ତ ନୀର
ତମ ନୋହେ ସଖୀ ମୋର ତେଜୁଛି ଶରୀର । ।୧୪।
ଅଣ ଆଦରେଣ ହରି ହରାଉଛୁ ନିଧି
ଅଣ ଦୋଷେ ରୋଷ କଲେ ନୁହଇ ତା' ସିଦ୍ଧି ।
ଅନ୍ୟ ଦୋଷମାନ ତା'ର କେତେ ଅଛୁ ସହି
ଅଣୁ ଦୟା ଥିଲେ ସଖୀ ସୁଖ ଦେଖ ଯାଇ । ।୧୫।
ତେଣୁଣ ହୋଇଲୁ ଏଡ଼େ ଉଦାର ଆ ଗୋଟି
ତରକଲୁ ନାହିଁ ସଖୀ ଏ ତୋହର କୁଟି ।
ସ୍ତ୍ରୀରତ୍ନ ଶିରୋମଣି ବିଶେଷ ଅବଳା
ସେ କାହିଁ ସହିବ ସଖୀ ମନମଥ ଜ୍ୱାଳା । ।୧୬।
ଥନ ଥନ ଥନ କରି ବୁଜଇ ଗୃହିଁଇ
ସ୍ଥବିର ଲୋକର ପ୍ରାୟେ ହସଇ ଭାଷଇ ।
ଥୋକେ ସଖି ଆଗରେ ଏକାନ୍ତେ କହେ ହିୟା
ଥିବ ଜୀବ ଯେମନ୍ତେ କେଶବ କର ଦୟା । ।୧୭।
ଦୟାନିଧି ବାନା ତୁମ୍ଭ ଭୁବନ ଭରମେ
ଦାରୁଣ ହୋଇଲ ମୋର ସଖୀର କରମେ ।
ଦିନକର ବିନୁ ଯେସନ୍ତ କମଳିନୀ ଦୁଖୀ
ଦିନୁଦିନ ଦୁର୍ବଳ ହୋଇଲା ମୋର ସଖୀ । ।୧୮।
ଧିକ ଜାନୁ ଯଉବନ ଦେଲା ତୋତେ ଦାନ
ଧରମରେ ଧରିଅଛୁ ସିବାର ଜୀବନ ।
ଧୋଉଛୁ ଲାବଣ୍ୟ ମୁଖ ସଖୀ ଅଶ୍ରୁ ବାରି
ଧଇର୍ଯ୍ୟ ହାରିଲା ବାରେ ରଖ ତୋର ନାରୀ । ।୧୯।
ନ ସହୁ ସେ ବଦନ ବିଚ୍ଛେଦ ସୁପାନ୍ତରେ
ନ ଶୁଣୁ ସେ ପ୍ରୀତି ବାଣୀ ବସିଲେ କନ୍ତରେ ।
ନ ପିନ୍ଧୁଣୁ ନୟନ ସେ ବିଚ୍ଛେଦକୁ ଡରୁ
ନିଦ୍ରା ଯାଇଥିଲେ ସେ ଅଧର ପାନ କରୁ । ।୨୦।
ପୂର୍ବର ପୀରତି ସେ ଯେମନ୍ତେ ତାର ତୋର
ପଙ୍କଜ ଫୁଲ ଦେଖି ଯେମନ୍ତେ ଦିବାକର ।

ପୁରୁଷରତନ ତୁମ୍ଭେ ନ କରଅ ଭିନ୍ନ
ପରସ୍ତରେ ଲଗି ମାଗଇ ଦୋଷ ତା' ନ ଘେନ । ।୨୧।
ଫାଇ କଥା କହି ନ ପାରଇ ସଖୀ ମୋର
ଫିଟିଲ କବରୀ ବାନ୍ଧି ନ ପାରଇ କର ।
ଫେଡ଼ି ନ ସୁହାଁଇ ଆଜ ମନମଥ ଡରେ
ଫଣିଧର ପ୍ରାୟେ ମଣେ ମଲ୍ଲିମଳ ଶରେ । ।୨୨।
ବିଷାଦ ହୋଇଣ ପେଷି ଅଛୁ ମୋତେ ସଖୀ
ବିବାଦ ଗୁଡ଼ି ସୁମନେ ବାରେ ଆସ ଦେଖି ।
ବହଇ ଖର ନିଶ୍ୱାସ ଖରତର ହୋଇ
ବାକୁଳ ହୋଇଣ ସଖୀ ଅବନୀରେ ଶୋଇ । ।୨୩।
ଭସ୍ମ ନ କରଇ ସଖୀ ମନମଥ କୋପେ
ଭଗବାନ ବିନୁ ଆଉ ନ ଜାଣଇ ତପେ ।
ଭୂମିରେଣ ଶୋଇଥିବ ମୋର ପିବା ପାଇଁ
ଭଙ୍ଗନା ମୋହର ବୋଲ ବାରେ ପିବା ତହିଁ । ।୨୪।
ମଧୁର ଅଧର ଶୁଖି ଦିଶିଲା ନୀରସ
ମୁରୁଛିଲ ମନୋଦଶା ମନ୍ଦ ମନ୍ଦ ହାସ ।
ମନର ଠାକୁର ନାଥ ତୁମ୍ଭେ କି ନ ଜାଣ
ମୋହଗଲ ପ୍ରାଣୀକି ଖଡ଼ଗେ କେତେ ହାଣ । ।୨୫।
ଯେ ଯାହାର ଅଭିମାନ ତା'ର ତହିଁ ସରେ
ଜାଣୁ କି ନ ଜାଣୁ ତାହାକୁଇ ସେବି କରେ ।
ଯୁବା ଜନ ନିଧି ଲକ୍ଷ ଯୋଗେ ଯେତୁ ପାଇ
ଜାଣୁ ଜୀବନ ସେ କେତେକ ହରାଇ । ।୨୬।
ରୋଷକର ରୁଷି ବସି ଥାଇ ମୋର ସଖୀ
ରଖି ନ ପାରଇ ମାନ ତୋର ମୁଖ ଦେଖି ।
ରଙ୍ଗ କରିଥାଇ ଯେତେ ଆଲିଙ୍ଗନ ମାନ
ରତି ପତି ସନ୍ଧିତେ ଦିଆଇ ତୋତେ ଦାନ । ।୨୭।
ଲହୁଲା ଯୌବନ କାଳେ ମନର ନାୟକ
ଲଖ କର ବିନ୍ଧୁଅଛି କୁସୁମ-ଶାୟକ ।

ଲୁଟିଲା କମଳ ପୁଷ୍ପ ପ୍ରାପ୍ତେକ ଦଶଇ
ଲୀଳା ଲେଖେ କରିଣ ପଙ୍କରେ କି ଭାଷଇ । । ୨୮ ।
ବିଷମ କୁସୁମ ଶରେ ବିରହ ଜୀବନ
ବାହୁଡ଼ିଲା ନାହିଁ ସଖୀ ତୋ ତହୁଁ ତା ମନ ।
ବାହାର ହୁଅନ୍ତେ କି ସେ ବନ୍ଧୁ ଅଛୁ ଆଶେ
ବେଦନା ନ ଲଭ ବାରେ ଯିବ ତା'ର ପାଶେ । । ୨୯ ।
ଶୁଖିଲା ତାଳମ୍ବ ପୁଷ୍ପ ପ୍ରାପ୍ତେ ତା' ଅଧର
ଶୁଖିଲା ନାହିଁ ସଖୀର ନୟନରୁ ନୀର ।
ସୁମରି ସୁମରି ସେହୁ ସ୍ୱଭାବେ ମରିବ
ଶ୍ରୀଅଙ୍ଗ ଉପରେ ତାର ନିଶ୍ୱାସ ପଡ଼ିବ । । ୩୦ ।
ସେନେହ ସବରେ ସଖୀ ତୋତେ ଦେଲା ଦେହ
ଶିଶିର କିରଣେ ମୋର ସଖୀକି ନ ଦହ ।
ସହଣ ନ ଯାଇ ସଖୀ ସୁକୁମାରୀ ଅତି
ସ୍ୱଭାବେହେଁ ସୋଦର ତା' ଯହୁଁ ଗୋପୀପତି । । ୩୧ ।
ସତ ଯେବେ ସଖୀରେ ସଦୟେ ଦେବରାୟେ
ସତ ହୋଇଲେ ତା' ଭଲେ ସୁଲି ଯିବା ଘାଏ ।
ଶୁଣିଣ ସନ୍ତୋଷ ହୋଇ ଉଠିଲେ ଶ୍ରୀପତି
ସହଚରୀ ହସ୍ତ ଧରି ଚାଲିଣ ଯାଆନ୍ତି । । ୩୨ ।
ହରି ହରିଣ କ୍ଷିପ୍ରରେ ତ୍ୱରିତରେ ମିଳି
ହସି କରି ଆଲିଙ୍ଗନ କଲେ ଚନ୍ଦ୍ରାବଳୀ ।
ହୋଇଲେ ଅନଙ୍ଗ ରଙ୍ଗ ସଙ୍ଗ ବେନି ଯହୁଁ
ହରଷେ ତା' କାମଧନୁ କାହେ କଲା ତହୁଁ । । ୩୩ ।
କ୍ଷୟେ ଗଲା ତାପ କରି କ୍ଷମା କଲେ ଦୋଷ
କ୍ଷମାଶୀଳ ପ୍ରଭୁଙ୍କୁ ମୁଁ କହିବଇଁ କିସ ।
ଛଟକ କରି କହଇ ଅରଜୁନ ଦାଶ
ଛଟକେ ହେଲା ମିଳନ ଚଉତିଶା ଶେଷ । । ୩୪ ।

*

# ରୁକ୍ମିଣୀ ସ୍ୱୟମ୍ବର

## କାର୍ତ୍ତିକ ଦାସ

(ରାଗ-ବରାଡ଼ି, ଆଷାଢ଼-ଶୁକ୍ଳ ବାଣୀ)

ଏଥୁ ଅନ୍ତରେ ରାଜା ଜେମାଦେଈ
ଅତି ଦୁଃଖରେ ସଖି ଆଗେ କହଇ ।
ପ୍ରାଣର ପ୍ରିୟ ମୋ ବିମଳା ସଖୀ
ତୋର ବଦନ ଥାଇ କନା ଦେଖି
  ମୁଁ ମରିବି ସତ ।
ଶିଶୁପାଳ ମୋର ଧରିବ ହସ୍ତ ?
ପିତା ଥାଇ ମୋର କଲେକ ବର
ଏଥକୁ ଆଉ ନାହିଁନା ଉତ୍ତର ।
ନିଶ୍ଚୟେ ମୋର ମରଣ ହୋଇଲା
ଶିଶୁପାଳକୁ ସେ ବର ବରିଲା ।
  ମୋ କୃଷ୍ଣରେ ମନ ।
କେ ଅବା ତାହା କରିବ ଘଟଣ ।
ଦୁଷ୍ଟ ପାମର ଅଟେ ମୋର ଭାଇ
କୃଷ୍ଣ ସଙ୍ଗରେ ବଇର ଭଆଇ ।
ଶିଶୁପାଳକୁ କଲା ମୋତେ ବର
ନିଶ୍ଚୟେ ମରିବି ତାର ଉପର
  ତାର ଶଙ୍କୁ ମୁହିଁ ।
ମୋର ମରଣ ସେ ଅଛୁ ଭଆଇ ।
ସ୍ୱୟମ୍ବର ଦିନେ ଆଇଲେ ହରି
ଦେଖିଲଟିକି ତା ନୟନ ଭରି ।
ସ୍ତିରୀଙ୍କ ମନ ଚଞ୍ଚଳ ସ୍ୱଭାବ
ଦେଖି ଉଡ଼ିଲା ମୋ ଧଇର୍ଯ୍ୟ ଭାବ
  ଲୋଚନେ'ଛୁ ଲାଗି ।
ବିଧାତା କଲା ମତେ ମନ୍ଦଭାଗୀ ।

କୃଷ୍ଣ ଯାହାକୁ ବରପଣେ ଆସି
କହୁଁ ବନ୍ଧୁ ତାହା ଭାଙ୍ଗିଲ ବସି ।
ଏବେ କମ୍ପାଇ ଦୁଷ୍ଟ ଭାଇ ମୋର
ବାହୁଡ଼ ନ କଲକ ସ୍ୱୟମ୍ବର
  ଆସନ୍ତେ ମୁରାରି ।
ରାଜାଙ୍କ ମଧ୍ୟୁ ଘେନିଯାନ୍ତେ ହରି ।
ଏହା ଜାଣି ପାପୀ ଦୁଷ୍ଟ ରୁକ୍ମଣ
ଶିଶୁପାଳକୁ ସେ କଲା ବରଣ ।
ସ୍ଥିର ଶିଶୁପାଳ ହସ୍ତ ଧରିବ
ନିଷ୍ଟପ୍ୟେ ଅଗ୍ନିକୁ ଡେଇଁ ମରିବ ।
  ଦେଖିବ ସଭଏଁ ।
ଖାଇଁ ନ ଥିବ ବିଭିବେଳ ଯାଏଁ ।
ସତ୍ୟ କରି କହୁଛି ତୁମ୍ଭ ଆଗେ
କୃଷ୍ଣ ବିନୁ ମନ ଆନେ ନ ଲାଗେ ।
ଯଉଁକ୍ଷଣି ତାଙ୍କୁ ଦେଖିଲି ମୁହିଁ
ପ୍ରାଣବଲ୍ଲଭ କରି ବରିଲଇଁ ।
  ଏ କଥା ନିଯୃତ ।
ଚନ୍ଦ୍ର ସୂର୍ଯ୍ୟ ଯେବେ ଅଛନ୍ତି ସତ ।
ଝଟକ ପଦ୍ମ ନୟନ ଶ୍ରୀମୁଖ
ମନେ ପଡ଼ିଲେ ଯାଇ ସର୍ବଦୁଃଖ ।
ଅଙ୍ଗ ଶୋଭିବନ କି ଜଳଧର
ପୀତ ବସନ ଶଙ୍ଖ ଚକ୍ର କର ।
  ଗଳେ ବନମାଳ ।
ଦେଖିଲଟିକ ହୃଦୟ ବିଶାଳ ।
କର୍ଣ୍ଣେ କୁଣ୍ଡଳ ଜଗୁଜନ ମୋହେ
ଶ୍ରୀବତ୍ସ-ଚିହ୍ନ କଉସ୍ତୁଭ ଶୋହେ ।
ଶିରେ ମୁକୁଟ ଅତି ବିଚକ୍ଷଣ
ବାହେ ବାହୁଟୀ ମୁଦ୍ରିକା କଙ୍କଣ ।

ଗରୁଡ଼ ପିଠିରେ ।
ସଜେ କରଥିଲେ ରାଜାଙ୍କଠାରେ ।
ମେଢ଼ରେ ଥାଇ ଦେଖାଇଲୁ ସନ୍ଧି
ତାହା ସୁମର ପ୍ରାଣ ଅଛୁ ରନ୍ଧି ।
ହେନ କର୍ମ କଲ ପିଅର ମୋର
କୃଷ୍ଣଙ୍କୁ ଛାଡ଼ି ଶିଶୁପାଳ ବର ।
କୃଷ୍ଣ ଚହିଁ ମନ ।
ଯେତେବେଳ ଯାଏ ଥିବ ଜୀବନ ।
ଯେବେ ମୋହୋର ତୁ ପ୍ରାଣସଙ୍ଗାତ
ଉପାୟ କର ଆଣ ଯଦୁନାଥ ।
ମୁହିଁ ବୃହିଁବି କି ଶିଶୁପାଳର
ଏ କଥା ଛାର କମ୍ପା ମନେ ଧର ।
କହୁ ଅଛୁ ସତ ।
ମୋର ମରଣ ଦମଘୋଷ ସୁତ ।
ବାଳକାଳେ ଥିଲି ପିତା ସଭାର
ଢନେ ପ୍ରବେଶ ହୋଏ ଏକ ଚର ।
କୃଷ୍ଣର ଗୁଣ ମହିମା କହିଲା
ସେହି ଦିନୁ ମୋର ମନ ରହିଲା ।
ନାନା ବ୍ରତ କରି ।
ବର ମାଗଇ ମୁଁ ପାଇବି ହରି ।
ଏ କଥା ଯେବେ ମୋ ଅଟଇ ସତ
କୃଷ୍ଣ ହୋଇବେ ମୋର ପ୍ରାଣନାଥ ।
ଏହାହୁଁ ଯେବେ ହୋଇବାକ ଆନ
ନିଶ୍ଚୟ ମୋର ହରାଇବି ପ୍ରାଣ ।
ପୁଣି କେମାଦେଈ ।
ପଡ଼ିଲେ ମହୀଭାଗେ ମୋହ ହୋଇ ।
ମୋହ ଛଡ଼ାଇ ବସାଇଲେ ସଖୀ
କୋମଳ କରି କହେ ଚନ୍ଦ୍ରମୁଖୀ ।

ରୋଦନ ଆଉ ନ କର ଗୋ ମାୟେ
କରିବା କୃଷ୍ଣ ଆସିବା ଉପାୟେ ।
    ସେ ଦୀନ-ବାନ୍ଧବ ।
ବାରତା ପାଇ ଆସିବେ ମାଧବ ।
ଏବେ ଗୋ ସୁଦକ୍ଷି ଏମନ୍ତ କର
ଦ୍ୱାରକା ଯାଉ ଏକ ଦ୍ୱିଜବର ।
ଗୁପତ ଲେଖା ଲେଖି ଦେବା ହାଥ
ପଢ଼ି ଆସିବେ ଯଦୁକୁଳନାଥ ।
    ସେ ଦୟାସାଗର ।
ଶରଣ ପକ୍ଷପାତ ଚକ୍ରଧର ।
ସଖୀ ବଚନ ଶୁଣିଣ ରୁକ୍ମିଣୀ
ମନେ ବିଚାର କରି କହେ ପୁଣି ।
କହିଲୁ ଯାହା ନୁହଇ ବିଚାର
ମହିମା ଯା'ର ନ ଜାଣେ ଶଙ୍କର ।
    ତାହାଙ୍କ କେମନ୍ତେ ।
ଲେଖ ଲେଖିଦେବା ଦୂତର ହାଥେ
ନାରଦ ସନକାଦି ସିଦ୍ଧପନ୍ତ
ଯୁଗେ ଯୁଗେ ଲୟ କରୁଛନ୍ତି ।
ଅଷ୍ଟାଙ୍ଗ ଯୋଗ ସମାଧି ଧାରଣେ
ମହିମା ଲେଶ ମାତ୍ର ହିଁ ନ ଜାଣେ ।
    ତୁ କହୁ ସାହାସ ।
ଦୂତ ଯାଇଁ ତାହିଁ କରିବ କିସ ।
ଅନନ୍ତ କୋଟି ବ୍ରହ୍ମାଣ୍ଡ ଠାକୁର
ବ୍ରହ୍ମା ଈଶ୍ୱର ଯା'ର ପରିବର ।
ବ୍ରହ୍ମାଣ୍ଡ ଯା'ର ଖେଳଘର ଦେଖ
ତାହାଙ୍କ କେମନ୍ତ ଲେଖିବା ଲେଖ ।
    ଏମନ୍ତ ଅଜ୍ଞାନ ।
ଚନ୍ଦ୍ରମା ହାଥେ ଧରିବାକୁ ମନ ।

ରୁକ୍ମିଣୀ ବାଣୀ ବିମଳା ଶୁଣିଣ
କମ୍ପା ଗୋ ମନଭଙ୍ଗ କରୁ ପୁଣ ।
କୃଷ୍ଣ ମହିମା ଗୋ ଶୁଣ ସଙ୍ଗାତ
ଆରତଠାରେ ହୋନ୍ତି ପକ୍ଷପାତ
କୁମ୍ଭୀରକୁ ମାରି ।
ଗଜରାଜକୁ ସେ ଦେଲେ ଉଦ୍ଧାରି ।
ନାମ ଯାହାର ଦୁଃଖ-ବିନାଶନ
ଆରତଜନ ଆରତ-ଭଞ୍ଜନ ।
ଦୟାସାଗର ଦୁଖୀଜନ ବନ୍ଧୁ
ଭଗତ ଜନ ପ୍ରିୟ ସୁଖସିନ୍ଧୁ ।
ସେ ଭାବକୁ ବଶ ।
ଭାବକୁ ନିକଟ ହୋନ୍ତି ପ୍ରକାଶ ।
ବିଳମ୍ବ ନକର ରାଜକୁମାରୀ
ଲେଖ ପତିକା ଗୁଣ ଅନୁସରି ।
କରେ ଧରିଣ ସେ ଲେଖନ ପତ୍ର
ପ୍ରଥମେ ଲେଖ କୋଟି ଦଣ୍ଡବତ ।
ଲେଖିଲେକ ପୁଣ ।
ଶରଣ ପଶିଲି ତୁମ୍ଭ ଚରଣ ।
ଯେଉଁ ଦିନୁ ତୁମ୍ଭ ଶୁଣିଲି ଗୁଣ
ମନରୁ ଦୁଖ ଗଲା ତତକ୍ଷଣ ।
ଯେଉ ପ୍ରାଣୀଙ୍କର ଅଛି ଲୋଚନ
ତହିଁର ଲାଭ ତୁମ୍ଭ ଦରଶନ ।
ଲଜ୍ଜା ଛାଡ଼ିଲଇଁ ।
ମନ ବଳିଲା ମୋର ତୁମ୍ଭ ତହିଁ ।
ମହତ ଲୋକ ଦୟାଶୀଳ ଗୁଣ
ତୁମ୍ଭ ସମାନ କାହିଁଅଛି ପୁଣ ।
ନିଶ୍ଚୟେ ତୁମ୍ଭଙ୍କୁ ବରିଲି ବର
ଯେ ଯିସ ବୋଲୁ ବିଚ୍ଛର ନକର ।

ଆତ୍ମ ସମର୍ପଣ ।
ନିଷ୍ଠପୁ କଲି ମୁଁ ତୁମ୍ଭ ଚରଣ ।
ତୁମ୍ଭର ପାଇଁ ଏ ଦେହ ମୋହୋର
ଧରିଅଛି, ତୁମ୍ଭେ ବିବେକକର ।
ଶିଶୁପାଳ ମୋତେ ଛୁଇଁବ ନାହିଁ
ଗାରଭାଗର ମୁଁ ଅଟେ ଗୋସାଇଁ ।
ଜଣି କଣ୍ଠୀରବ ।
ଭାଗ କେମନ୍ତେ ଶୃଗାଳ ଖାଇବ ।
ଦେବତା ପୂଜା ବ୍ରତ ଉପବାସ
ଯେବେ ମୁଁ କରିଥିବି ପୀତବାସ ।
ଯାବତ ଯଜ୍ଞ ବ୍ରତ କରିଥିବି
ତେବେ ମୁଁ ତବ ଶ୍ରୀହସ୍ତ ଧରିବି ।
ହୁଅ ପରସନ ।
ଦୂତ ବରିଗଲି ଦୋଷ ନ ଘେନ ।
ଯେଉଁ ଚରଣ-ରେଣୁ ପଶୁପତି
ବାଞ୍ଛା କରଣ ନ ପାଇ ଅଛନ୍ତି ।
ପଦ୍ମଲୋଚନ ତହିଁ କରି ଆଶ
ଯେବେଣ ତୁମ୍ଭେ କରିବ ନିରାଶ ।
ବ୍ରତ କରୁଥିବି ।
ଶଏ ଜନ୍ମରେ ତୁମ୍ଭଙ୍କୁ ପାଇବି ।
ହେ ଦେବ ଆଉ ବିସ୍ମର ନ କର
ଆମ୍ଭ ଘରେ ଅଛି କୁଳଦେଶ୍ୱର ।
ବିଭା ସମୟୁ ଗ୍ରାମ ଦେବତାଇ
ପୂଜା କରିବାକୁ କନିଆ ଯାଇ ।
ସେହିଠାବେ ଥିବ ।
ରଥେ ବସାଇ ମୋତେ ଘେନିଯିବ ।
ଶିଶୁପାଳ ଜାଲି ମୁହିଁ ହରଣୀ
ଫେଡ଼ ଦେବାକ ପ୍ରଭୁ ଚକ୍ରପାଣି ।

ମଧ୍ୟରେ ଆଜ୍ଞ ବଚନ ଅଛି ବନ୍ଧା
ଏଥିକୁ ଆଉ ଆନ ନାହିଁ ସାହା ।
 କି ଲେଖିବ ସ୍ୱାମି ।
ତୁମ୍ଭେ କି ନଜାଣ ଅନ୍ତରଯାମୀ ।
ଲେଖି ଲମ୍ବିଲା କସ୍ତୁରି ପଙ୍କେଣ
ମୁଦ୍ରଣ ଦେଲା ବ୍ରାହ୍ମଣ ହସ୍ତେଣ ।
ସୁବର୍ଣ୍ଣ ଘଟେ ପୂରେଇଲା ମାର
ଚଳ ବ୍ରାହ୍ମଣ କାର୍ଯ୍ୟ ସିଦ୍ଧ କର ।
 ପଥେ ବଘ୍ନମାନ ।
ସକଳ ଖଣ୍ଡିବେ ମଧୁସୂଦନ ।
ନଗରୁ ବପ୍ର ସେ ବାହାର ହୋଇ
ଖଣ୍ଡିଏ ଦୂର ଯାଇ ବସୂରଇ ।
ସିଦ୍ଧ ହୋଇବ ମୋ ସକଳ କାର୍ଯ୍ୟ
ଲୋଚନେ ଦେଖିବଇଁ ଦେବରାଜ ।
 ରୁକ୍ମୁଣୀ ପ୍ରସାଦେ ।
ହରିଙ୍କି ଭେଟିବଇଁ ଅପ୍ରମାଦେ ।
ଯେଉଁ ଚରଣ ବ୍ରହ୍ମ ମୁନି ଗଣ
ଚିନ୍ତା କରଣଛନ୍ତି ଅନୁକ୍ଷଣ ।
ସେହୁ ଚରଣ ମୁଁ ଦେଖିବ ଯାଇ
କଉଁ ତପସ୍ୟା କରିଅଛି ମୁହିଁ ।
 ଧନ୍ୟ ପିତାମାତ ।
ଧନ୍ୟ କ୍ଷଣେ ମୁହିଁ ହୋଇଲି ଜାତ ।
ଯାହାର ବକ୍ଷଦେଶେ ଥାଇ ଲକ୍ଷ୍ମୀ
ପାଦରଜକୁ ଧ୍ୟାୟେ କରନ୍ତି ।
ଆଜ ହିଁ ଲକ୍ଷ୍ମୀ ପାଇନାହିଁ ଯାହା
କଉଁ ଭାଗ୍ୟେ ମୁହିଁ ଦେଖିବ ତାହା ।
 ସେ ଆନନ୍ଦ ହୋଇ ।
ପନ୍ଥେ ଚଳଇ ହରିଗୁଣ ଗାଇ ।

ଦ୍ୱିଜବର ଯାଇଁ ଦ୍ୱାରକା ଗାଇ
ବିଷ୍ଣୁର ମଢରେ ମିଳିଲା ଯାଇ ।
ବିପ୍ରଙ୍କୁ ଦେଖି ପ୍ରଭୁ ଭଗବାନ
ରତ୍ନ ପଲଙ୍କୁ ଉଠିଲେ ବହନ ।
ବସାଇଲେ ନେଇ ।
ରତ୍ନ ଝଂଷରେ ବିପ୍ରପାଦ ଧୋଇ ।
ବ୍ରାହ୍ମଣ ଲେଖି ଦେଲା ନେଇ ହାଥ
ଫେଡ଼ି ପଢ଼ିଲେ ଯଦୁକୁଳନାଥ ।
ପଢ଼ି ବ୍ରାହ୍ମଣ ମୁଖକୁ ଚାହିଁଲେ
ଆଜ କସ କଥା ଅଛି ବୋଇଲେ ।
କହଇ ବ୍ରାହ୍ମଣ ।
ଏଥିକୁ ଯିସ ଯାହା ତୁମ୍ଭେ ଜାଣ ।
ବୋଲନ୍ତି ପ୍ରଭୁ ଦେବ ଦାମୋଦର
ରୁକ୍ମିଣୀ ମନଠାଇଁ ଆମ୍ଭଠାର ।
ଆମ୍ଭର ଚକ୍ଷୁ ଥାଇ ତାହା ତହିଁ
ନହ୍ମାହିଁ କେମନ୍ତ ଜାଣିଲୁ ନାହିଁ ।
ଅ.ଣିବୁ ରୁକ୍ମିଣୀ ।
ସେହି ସେ ଆମ୍ଭର ପ୍ରାଣମିତଣୀ
ଏତକ କହି ତୁନ ହୋଇ ହରି
ଷଡ଼ରସେ ବିପ୍ରେ ଭୋଜନ କରି ।
ରତ୍ନ ପଲଙ୍କେ ଶୁଆଇଲେ ନେଇ
ହେନ ପ୍ରକାରେ ରାସ ଗଲା ପାହି ।
ଉଦବେଗ ମନ ।
ଦୀନ କାର୍ତ୍ତିକ ଭଜେ ଭଗବାନ ।

× × ×

(ରାଗ—ବରାଡ଼ି, କଳସା ବାଣୀ)

ଏଥୁ ଅନନ୍ତରେ ସପତମ ଛାନ୍ଦ ଗୀତ
ବିଭାଘରେ ଆନନ୍ଦ ଉତ୍ସବ ନୃତ୍ୟ ଗୀତ ।

ଅନେକ ନୃପତି ରୁଣ୍ଡ, ବାଦ୍ୟମାନ ବାଜେ
ରଥୀ ହାଥୀ ଗଉଡ ମାହୁନ୍ତ ବଳ ସାଜେ ।
ରତ୍ନ କଞ୍ଚୁକିତ ପାଟର ଯେ ଶାଢ଼ୀ ଘର
ନାମ ଗିର୍ ଟେର୍ ଟେକ କଲେକ ଉହାଡ ।
ଚନ୍ଦ୍ରାତପ ଚଉପାଶେ ଚାମର ମଣ୍ଡିଲେ
ଅନେକ ଆଚ୍ଛାଦ ଚାମୁଣ୍ଡିଆ କରାଇଲେ ।
ସୁବର୍ଣ୍ଣେ ଗଢ଼ିଲେ ବେଦୀ ସ୍ଫଟିକ ପାବଚ୍ଛ
ଚାରିକୋଣେ ନେଇଣ ଥୋଇଲେ ଦଧି ମାଛ ।
ସୁବର୍ଣ୍ଣ କୁମ୍ଭ ଉପରେ ଚୂତପତ୍ର ଡାଳ
ତଥି ଉପରେ ଥୋଇଲେ ନେଇ ନଟୀକାଳ ।
ରତ୍ନ ସିଂହାସନ ତଥି ଠାବେଣ ଠାବେଣ
ବସିଲେକ ଅନେକ ଆସିଣ ନୃପଗଣ ।
ଶିଶୁପାଳ ବରବେଶ ହୋଇକରି ଆସେ
ଶଏ ଯୋଡ଼ା ଘାର ଢୋଲ ବାଜୁଅଛି ପାଶେ
ଦୁଇପାଶେ ଅଛଇ ସହସ୍ର ପାଟଛତ୍ର
ବରପଣେ ଆସୁଅଛି ଦମଘୋଷ-ସୁତ ।
ଜରାସନ୍ଧ ବୋଇଲା ରୁକ୍ମଣ ମୁଖ ଚାହିଁ
ଘେନ ଆସ ବରକୁ ପାଚ୍ଛେଟି ବେଗ ହୋଇ ।
ଗଲାକ ରୁକ୍ମଣ ସଙ୍ଗେ ଘେନ ନିଜ ବଳ
ବାଟୁ ବରି ଘେନଣ ଅଇଲା ଶିଶୁପାଳ ।
ବସିଲାକ ଶିଶୁପାଳ ସଭାର ମଧ୍ୟେଣ
ଦେଖିଣ ହରଷ ହୋନ୍ତି ଦୁଷ୍ଟ ରାଜାଗଣ ।

ଜଉତିଷ ଜଣାଇ ଶୁଣିମା ମହୀପାଳ
ଆସିଣ ହୋଇଲା ବିଭା କରଣର ବେଳ ।
ବେଦୀର ଉପରେ ଯାଇ ବଜେ କରୁ ବର
ହୋଇବ ଗନ୍ଧାଧିବାସ ବିଳମ୍ବ ନ କର ।
ଜରାସନ୍ଧ କହଇ ଭୀଷ୍ମକ ହକରାଇ
ହୋଇଲାକ ବେଳ ହେ ବରଣ କର ଯାଇ ।

ବେଦୀର ଉପରେ ଯାଇ ବସିଲେକ ବର
ଯାଅ ପୁରୋହିତ ତୁମ୍ଭେ ଗନ୍ଧବାସ କର ।
ହଳଦ-ଚନ୍ଦନ ଦେଇ ଗନ୍ଧବାସ କଲେ
ଅସରଳା ସୁତା ଷାର ମୁକୁଟ ବାନ୍ଧିଲେ ।
କନ୍ୟା ଆସୁ ଆସୁ ବୋଲି ଡାକ ପଡ଼ିଗଲା
ଏସନ ସମୟେ ଆସି ଚର ଜଣାଇଲା ।
ଶୁଣ ଦେବ ମହାରାଜ ମଗଧ-ଈଶ୍ୱର
ଏକା ରଥେ ଚଢ଼ିଣ ଆଇଲେ ଚକ୍ରଧର ।
ପରିବାର ସଙ୍ଗତେ ଗୋଟିଏ କେହି ନାହିଁ
ଏହିଠାରେ କଟକ ଭିତରେ ଛନ୍ତି ରହି ।
ସଭାଠାରେ ଯେତେ ନରନାରୀମାନେ ଥିଲେ
ଗୋବିନ୍ଦ ଆଇଲେ ବୋଲି ସମସ୍ତେ ଧାଇଁଲେ ।
ଦେଖିଲେକ ରଥେ ବିଜେ କରିଛନ୍ତି ହରି
ସୁହାନ୍ତି ଯୁବତୀ ଆଖି ନିରମଳ କରି ।

କେ ବୋଲଇ ଶିଶୁକ ତ ଅଟଇ ଅସାର
ଏହାଙ୍କୁ ଛାଡ଼ିଣ କଲେ ଶିଶୁପାଳ ବର ।
ଅମ୍ଭମାନଙ୍କର ଦେଖି ଜୀବନ ଉଡ଼ିଲା
ପିଅର ହୋଇଣ ହେନ କରମ ତ କଲା ।
କେ ବୋଲଇ ସଖି ଗୋ ଦେଖିଲୁଟିକି ବର
ବରଣ ହୋଇ ବସିଛି ବେଦୀର ଉପର ।
ଏହାଙ୍କ ଚରଣ-ଘଷା ପଥରକୁ ସରି
ନୋହଇ ସେ ଗୋଠାବର ଆଣିଛନ୍ତି ବରି ।
ରୁକ୍ମିଣୀ ବରଣମାଳା ତା'ର କଣ୍ଠେ ଦେଇ
କଲେ ତାକୁ ବିଡ଼ମ୍ବଣ ବନ୍ଧୁ କାହିଁ ପାଇଁ ।

ଚାହିଁବାକୁ କେବେହେଁ ଗୋ ନ ରୁଚଇ ଆଖି
କପିଗଲେ ଯେସନେ ଚମ୍ପକମାଳା ଦେଖି ।
ଜନମହୁଁ ଅନ୍ଧ କି ଅଟଇ ତା'ର ଭାଇ
ସ୍ୱୟମ୍ବର ବନ କି ଏହାଙ୍କୁ ଦେଖି ନାହିଁ ।

ରୁକ୍ମଣୀ ଜନନୀ କମ୍ପା ସୀଉକାର କଲ
ଝିଅକୁ ଘେନଣ କମ୍ପା ଜଳେ ନ ପଶିଲ ।
ଦେଖୁଅଛନ୍ତି କ ସଖୀ କମଳଲୋଚନ
ନୀଳମେଘ ପ୍ରାୟେକ ଶ୍ରୀଅଙ୍ଗ ଶୋଭାବନ ।
ଭ୍ରୂଲତା ସୁନ୍ଦର କାମଦେବ ଧନୁ ଜିଣି
କଉସ୍ତୁଭ କୁଣ୍ଡଳ ଶଙ୍ଖ ଚକ୍ର ଗଦା ପାଣି ।
ମୁଁ ଯାହା ବୋଲିବ ସଖି ତୁମ୍ଭେ ଅସ୍ତୁ କର
ବିଧାତା କରବ ରୁକ୍ମଣୀକି ଏହୁ ବର ।
କଳ୍ପ ମୁଖ ଶିଶୁପାଳ ଲାଜ ପାଇ ଯାଉ
ଆମ୍ଭମାନଙ୍କର ମନୋରଥ ସିଦ୍ଧ ହୋଉ ।
ଏମନ୍ତ କହୁଣ ତହୁଁ ଶୁଭିଲାକ ଗୋଳ
ଧାଇଁଣ ଅଛନ୍ତି ଲୋକେ କରିଣ ଚହଳ ।
କେ ବୋଲନ୍ତି କେଣେ ଗଲ, କେ ବୋଲନ୍ତି କାହିଁ
ବାରତା କହନ୍ତି ଏକ ଆରେକକୁ ଯାଇ ।
ଗୋବିନ୍ଦ ଅଇଲେ ବୋଲି ଶୁଣିଲେକ ତହିଁ
ବଳବୀର୍ଯ୍ୟମାନ ଗଲ ଗର୍ଭସ୍ରାବ ହୋଇ ।
କଣ୍ଠୀରବ ଧ୍ୱନି ଶୁଣି ଯେସନେ ହରିଣୀ
ତେସନେକ ପରାୟେ ହୋଇଲେ ନୃପମଣି ।
କ୍ଷତ୍ରିଗଣ ଆବୋରଣ ଜରାସନ୍ଧ କହେ
ତୁମ୍ଭେମାନେ ଭୟ କାହିଁ ପାଉଛ ସଭଏଁ ।
ବରଣ ନ ଥାଇ ଯେବେ ଅଇଲେ ଗୋପାଳ
ଏ କଥାକୁ ତୁମ୍ଭେମାନେ କାହିଁପାଇଁ ଭାଳ ।
ଯେ ଯାହା'ର ବଳମାନ ଭୁଅ ପାଞ୍ଚିଥିବା
ଆମ୍ଭେମାନେ ବସିଥାଇଁ ବିଭା କରାଇବା ।
ଦୁଷ୍ଟପଣ ଯେବେ ଆଚରିବ ଚକ୍ରଧର
ତେବେ ଆମ୍ଭେମାନେ ଜିଣି ପାରି ତ ସମର ।
ରୁକ୍ମଣକୁ ବୋଇଲେ କନ୍ୟାକୁ ଘେନି ଆସ
ବରଣ ହୋଇବ ତ ବଢ଼ିଲ ଗନ୍ଧବାସ ।

ରୁକ୍ମଣକୁ ବୋଇଲା କନ୍ୟା ଅର୍ଘ୍ୟସ୍ଥାନେ ଯିବ
ରଥୀ ହାଥୀ ଶତ ଶତ ତା'ର ସଙ୍ଗେ ଥିବ ।
ଭବାନୀଙ୍କ ଦର୍ଶନ କରାଇ ବେଗେ ଆଣ
ଦାସୀଙ୍କ ରାଇଣ ଆଜ୍ଞା ଦେଲେକ ରୁକ୍ମଣ ।
ତତକ୍ଷଣ ନିଜ ପରିବାରିମାନେ ଗଲେ
ରୁକ୍ମିଣୀକି ଗନ୍ଧଜଳେ ସ୍ନାନ କରାଇଲେ ।
ପିନ୍ଧାଇଲେ ଅପୂର୍ବ ପଟମା ଝୀନବାସ
ମଲ୍ଲିକା କୁସୁମେ ଭରି ସଜାଡ଼ିଲେ କେଶ ।
କପାଳେ ତିଳକ ଅଙ୍ଗେ ଚନ୍ଦନ ଲେପିଣ
ମୁକୁତା ସୀମନ୍ତି ହେମ ତାଟଙ୍କ ଭୂଷଣ ।
ସୁବେଶ କରାଇ ଦାସୀ ପହଣ୍ଡ ମଣାଇ
ହାନ୍ଦୋଳା ଉପରେ ବିଜେ କରାଇଲେ ନେଇ ।
ପାଟଛତ୍ର ବିମଳ ଆଲମ୍ବ ଫରହର
ଦୁଇପାଶେ ସୁନାବେଣ୍ଟ ସହସ୍ର ଚାମର ।
ମୃଦୁସୁଲ୍ଲୀମାନେ ସଙ୍ଗେ ଅଛନ୍ତି ଗୋଡ଼ାଇ
ଧୂପ ଦୀପ ଗନ୍ଧ ପୁଷ୍ପ ନଇବେଦ୍ୟ ବସ୍ତ୍ର ।
ଅକ୍ଷତ ତାମ୍ବୁଳ ଫଳ ବସାଇଣ ଥାଳୀ
ଗାବନ୍ତି ମଙ୍ଗଳ ଗୀତ ଦେଇ ହୁଳହୁଳି ।
ଦାଣ୍ଡ ପହଁରାଇଣ ଚନ୍ଦନ ଛେଡ଼ା ଦେଇ
ରୁକ୍ମିଣୀ ଚଳିବା ପଛେ ପୁଷ୍ପ ବରଷଇ ।
ଡାକୁଛନ୍ତି ପରିବାରି ମଣିମା ଗୋ ମାଏ
ଭଗବତୀ ମନ୍ଦିର ଦ୍ୱାରେଣ ଯାଇ ହୋଏ ।
ଅମ୍ବିକାପୁରକୁ ଯହୁଁ ଗଲେକ ରୁକ୍ମିଣୀ
ନନ୍ଦଘୋଷ ବାହିଲେ ଗୋବିନ୍ଦ ତାହା ଶୁଣି ।
ଶଏ ପୁର ହୋଇଣ ପଡ଼ିଛି ପଟୁଆର
ତହିଁ ଯାଇ ବିଜୟେ କଲେକ ଚକ୍ରଧର ।
ହାନ୍ଦୋଳା ଉପରୁ ଓହ୍ଲାଇଲେ ଜେମାଦେଈ
ରତ୍ନମୟ କଟାଳ ଚରଣେ ଆଣି ଦେଇ ।

ଚରଣ ଧୋଇଣ ତହିଁ ଆସ୍ତେବନ ସାର
ଗନ୍ତବ୍ରତା ବ୍ରାହ୍ମଣୀମାନଙ୍କ କର ଧର ।
ଦେଉଳ ଭିତରେ ଯାଇଁ ପଶିଲେ ରୁକ୍ମିଣୀ
ସାଷ୍ଟାଙ୍ଗେ ପାଦ୍ୟେ ପଡ଼ିଣ ସ୍ତୁତି କଲେ ପୁଣି ।
ଜୟ ଜୟ ଦେବୀ ମାଗୋ ଅନାଦ୍ୟ ଶକତି
ଗିରିରାଜ-ନନ୍ଦିନୀ ଶଙ୍କର ଭଗବନ୍ତି ।
ଚଣ୍ଡମୁଣ୍ଡନାଶିନୀ ମହିଷା-ଦର୍ପହାରୀ
ପ୍ରସନ୍ନ ହୋଇବା ମୋତେ ଦେବୀ ଶାକମ୍ଭରୀ ।
ତୁମ୍ଭେ ଦେବୀ ଅନାଦ୍ୟ ଅଭୟା ମହାମାୟେ
ଶିଶୁପାଳ ମୁଖୁଁ ମୋତେ କର ଗୋ ଅଭୟେ ।

ଏମନ୍ତ ପ୍ରକାରେଣ ଅନେକ ସ୍ତୁତି କଲେ
ଚନ୍ଦନ ଲେପିଣ ଗଳେ ପୁଷ୍ପମାଳା ଦେଲେ ।
ଧୂପଦୀପ ଗନ୍ଧ ପୁଷ୍ପ ନଇବେଦ୍ୟ ଦେଇ
କାମନା କଲେକ ବାଳୀ କୃଷ୍ଣ ପାଇବଇଁ ।
ଏମନ୍ତେଣ ପ୍ରସନ୍ନ ହୋଇଲେ ମହାମାୟେ
ପାଇବ କୃଷ୍ଣଙ୍କୁ ଏଥେ ନାହିଁ ଗୋ ସଂଶୟେ ।
ପୁଣି ପାଦତଳେ ପଡ଼ି ଉଠିଣ ରୁକ୍ମିଣୀ
ବାହୁଡ଼ିବା ବେଳକୁ ମଙ୍ଗଳ କଲେ ପୁଣି ।
ସଧୀରେ ସଧୀରେ ବାଳୀ ପଦଶ୍ରେ ମଣାଇ
କମଳ-ନୟନ ରୂପ ମନେ ଅଛି ଧ୍ୟାୟି ।
ଘନ ଘନ ଫୁରଇ ତା' ବାମ ବାହୁ ଆଖି
ଦେଉଳରୁ ବାହାର ହୋଇଲେ ଚନ୍ଦ୍ରମୁଖୀ ।
କୃଷ୍ଣଙ୍କୁ ନ ଦେଖି ତା'ର ଦେହେ ଗ୍ୟାନ ନାହିଁ
ବଦନ ଟେକିଣ ବାଳୀ ଦେଲେକ ଅନାଇ ।
ଦେଖିଲେକ ଅଭିନବ ମଦନସୁନ୍ଦର
ନୟନେ ନୟନେ ଭେଟ ପଡ଼ିଲା ତାହାର ।
ଅତିବେଗେ ରଥରୁ ଓହ୍ଲାଇ ଯଦୁସାଇଁ
ରୁକ୍ମିଣୀର କର କରେ ଧଇଲେକ ଯାଇଁ ।

ଅଶ୍ୱଗଜ ରତ୍ନବର ଅଛନ୍ତି ଅପାର
ନେଇଁ ବସାଇଲେ ନନ୍ଦିଘୋଷର ଉପର । ।୩୭୦ ।
ଯେସନେକେ କଣ୍ଠୀରବ ନଅଇ ହରଣୀ
ତେସନେକ କରଣ ନେଲେକ ଚକ୍ରପାଣି ।
ନାଗ ମଧ୍ୟୁ ଯେସନେ ଗରୁଡ଼ ନେଇ ବଳ
ତେସନେ କରଣ ଘେନଗଲେ ବନମାଳୀ ।

('ରୁକ୍ମଣୀବଭା', ପଞ୍ଚମ ଓ
ସପ୍ତମ ଛନ୍ଦରୁ ଗୃହୀତ)

*

# ତଅପୋଇ କଥା

## ଗୋପୀନାଥ ଦାସ

ଏଥି ଉତ୍ତରେ ଶଙ୍ଖାବତୀ । ସଖିଙ୍କି ବଚନ ବୋଲନ୍ତି ।
କହଇ ଉଷା ବିଧି କଥା । ପୂର୍ବହୁଁ ଯେମନ୍ତ ବ୍ୟବସ୍ଥା ।
ବିଧୁ ବଚନେ କରି ଦୟା । କହନ୍ତି ବାସୁଦେବ ପ୍ରିୟା ।
ସମସ୍ତେ ଶାନ୍ତ କରି ମନ । ଶୁଣ ଏ ଉଷାର ବିଧାନ ।
ପ୍ରଥମେ ଜମ୍ବୁ ଦ୍ୱୀପ ସାର । ବେଢ଼ିଛି ଲବଣ ସାଗର ।
ସିଂହଳ ଦ୍ୱୀପେ ରତ୍ନାକର । ବେଢ଼ିଛି ମଣ୍ଡଳ ଆକାର ।
ଦଧି ସମୁଦ୍ର ରସ ଦ୍ୱୀପେ । ଲବଣ ସମୁଦ୍ର ସମୀପେ ।
କ୍ଷୀର ସମୁଦ୍ର ରମ୍ୟକରେ । ବେଢ଼ିଛି ମେରୁ ପାରୁଶରେ ।
ରତ୍ନଦ୍ୱୀପରେ ସିନ୍ଧୁ ଶୁଣ । ବେଢ଼ିଛି ଯୋଜନକେ ପୁଣ ।
ଦ୍ୱୀପଙ୍କ ମଧ୍ୟେ ଏ ସାଗର । ବେଢ଼ିଛି ଗୃରୁ ପାରୁଶର ।
ଗିରି କ କେତେକ ଅନ୍ତର । ଅଛଇ ଏକ ଦ୍ୱୀପାନ୍ତର ।
ତହିଁରେ ରାଜା ଭିଳଧ୍ୱଜ । ବହୁତ ଆୟୁତନ ରାଜ୍ୟ ।
ସମସ୍ତ ବିଦ୍ୟାରେ କୁଶଳ । ଧର୍ମେ ଆଶ୍ରିତ ମହୀପାଳ ।
ଭାରିଜାମାନେ ପୁତ୍ରବନ୍ତୀ । ନିଯୋଗୀମାନେ ଖଟିଥାନ୍ତି ।
ସ୍ୱପ୍ନରେ ମିଛ ତା' ନ ପାଇଁ । ରାଜ୍ୟକୁ ଶତ୍ରୁ ନ ଆସଇ ।
ପରଜା ପାଳେ ପୁତ୍ର ଜାଣି । ଗୁହାରି ଶୁଣେ ତତକ୍ଷଣି ।
ମନ୍ତ୍ରୀର ନାମ ଗୁଣନିଧି । ପୁତ୍ରର ନାମ ତା' ସୁବୁଦ୍ଧି ।
ସେ ନଗ୍ର ବଡ଼ ଶୋଭାବନ । ଅଳକା ପୁରକୁ ସମାନ ।
ବହୁତ ସାଧବ ଅଛନ୍ତି । ବୋଇତ ବଣିଜ କରନ୍ତି ।
ସେହି ବଣିଜ ପରସାଦେ । ଜିଣିଲେ କୁବେରକୁ ବାଦେ ।
ପୋଇଲି ପିନ୍ଧେ ପାଟଶାଢ଼ୀ । ଆବର ହସ୍ତେ ସୁନାଚୂଡ଼ି ।
ସାଧବମାନଙ୍କର ନାରୀ । ଶରୀରେ ସୁବର୍ଣ୍ଣ ଆବୋରି ।
ଗୁରୁ ହୋଇବ ବୋଲି ଅଙ୍ଗ । ଅଳଙ୍କାରକୁ ମଣେ ଖଙ୍ଗ ।
ସ୍ଫଟିକ ପିଢ଼ା ସବୁ ଘରେ । ପାବଚ୍ଛମାନ ସ୍ଫଟିକରେ ।
ପ୍ରବାଳ ସ୍ତମ୍ଭେ ସୁନାବେଣୀ । ଉପରେ ସୁବର୍ଣ୍ଣ ଛାଉଣୀ ।
ସୁବର୍ଣ୍ଣ କଳସ ପୀଢ଼ାରେ । ପତାକା ଉଡ଼ଇ ସଧୀରେ ।
ତହିଁରେ ଏକ ସାଧୁଘର । ଧନପୂବନ୍ତ ନାମ ତା'ର ।

ପତ୍ନୀର ନାମ ଶକୁନ୍ତଳା । ଜନମ କଲା ସାତବଳା ।
ଏକଇ ଝିଅ ତଅପୋଇ । ସବୁହୁଁ ସୁନ୍ଦର ଅଟଇ ।
ସାଧବ ବଡ଼େ ଧନେଶ୍ୱର । ବୋଇତ ସାତ ଖଣ୍ଡ ତାର ।
ସାତ ପୁଅରେ ସାତ ବୋହୂ । ସମସ୍ତେ ସୁନ୍ଦର ସବୁହୁଁ ।
ଖାଆନ୍ତି ସୁନାରେ ରୂପାରେ । ଶୁଅନ୍ତି ଖଟ ପଲଙ୍କରେ ।
ଏକଇ ଦିନେ ତଅପୋଇ । ଖେଳଣ ଗଲା ସଙ୍ଗ ପାଇ ।
ମନ୍ତ୍ରୀଙ୍କ ଝିଅ ସଙ୍ଗେ ମିତ । ଆବର ଅନେକ ସଙ୍ଗାତ ।
ଖେଳଇ ଘେନି ସଙ୍ଗାତକୁ । ବରଷ ପାଞ୍ଚ ପିନା ତାକୁ ।
ଖେଳନ୍ତି ଧୂଳିଘର କରି । ଭାତ ତିଅଣ କରି ଧୂଳି ।
ଏକ ବ୍ରାହ୍ମଣୀ ରାଣ୍ଡୀ ଆସି । ଝିଅଙ୍କ ଖେଳ ମଧ୍ୟେ ପଶି ।
ବୋଲଇ ତଅପୋଇ ମା ଏ । ବାପ-ମାଆଙ୍କ ଏକ ଝିଅ ।
ସାତ ଭାଇଙ୍କଠାରୁ ସାନ । ବାପ-ମାଆଙ୍କର ଜୀବନ ।
କରନ୍ତୁ ବାଉଁଶ କୁଲାଇ । ଘେନଣ ବାଉଁଶ ଟୋକାଇ ।
ତୋ'ପରି ହୋଇଥିଲେ ମୁହିଁ । କରନ୍ତି ସୁବର୍ଣ୍ଣ କୁଲାଇ ।
ବାପ-ମାଆଙ୍କୁ କରି ଦ୍ୱନ୍ଦ । ଗଢ଼ନ୍ତି ସୁବର୍ଣ୍ଣର ଛନ୍ଦ ।
ତୁ ହାଦେ ହୋଇଅଛୁ ଯାହା । ତୋତେ କି ନ ମିଳିବ ତାହା ।
ଦେଖ ଏ ମନ୍ତ୍ରୀ ଜେମାଦେଈ । ଘେନଛି ସୁନାର କୁଲାଇ ।
ଏଠାରେ ସାଧବଙ୍କ ବାଳୀ । ତୁମ୍ଭର ଘରୁ କେତେ ବଳି ।
ଖେଳନ୍ତି ସୁନା କୁଲେଇରେ । ବାଉଁଶ କୁଲାଇ ତୋ କରେ ।
ଏମନ୍ତ କହି ରାଣ୍ଡୀ ଗଲା । ପ୍ରତିମିଶ୍ର ବେଶ ହୋଇଲା ।
ଖେଳ ଭାଙ୍ଗିଣ ସବୁବାଳୀ । ନିଜ ମନ୍ଦିରେ ଗଲେ ଚଳି ।
ବିରସେ ତଅପୋଇ ଗଲା । ଗମ୍ଭିରି ଭିତରେ ଶୋଇଲା ।
କବାଟ କିଳି ମୁଖ ମାଡ଼ି । ଶୋଇଲା ରତ୍ନଖଟ ପାଡ଼ି ।
ସମସ୍ତେ ଭୁଞ୍ଜିଣ ବସିଲେ । ଝିଅଙ୍କୁ ବାପା ସଙ୍ଖୋଳିଲେ ।
ମାଏ ବୋଲିଲେ ଆସି କାହିଁ । ଏତେ ରାତିରେ ଥିବ କାହିଁ ।
କହଇ ସାନବୋହୂ ତୁହିଁ । ଅଛଇ ଗମ୍ଭିରିରେ ଶୋଇ ।
ସାଧବ ଫେଡ଼ିଲା କବାଟ । ବସିଲା ଯାଇ ରତ୍ନଖଟ ।
ବୋଇଲେ କାହିଁପାଇଁ ମାଏ । ଶୋଇଛୁ ରୁଷିଲା ପରାଏ ।
ଗଢ଼ାଇ ଦେବା ଭାଜିଥିଲେ । ଖୋଜାଇ ଦେବା ହଜିଥିଲେ ।

ଧୋବା କି ଧୋବ ନ ଖଟିଲା । ତାମ୍ବୁଳ ପାନ କି ନ ଦେଲା ।
ଗନ୍ଧ କି ନ ଖଟିଲା ମାଳ । କେ ଅବା ତୋତେ ଦେଲା ଗାଳ ।
କି ଅବା କରାଇବ ବଶ । କାହିଁକି ରୁଷିଅଛୁ ଅବା ।
ଫେଡ଼ି ନ କହୁ କଥା ମୋରେ । ରୁଷିଛୁ କେଉଁ ନିମିତ୍ତରେ ।
ସ୍ତ୍ରୀ ନ ଶୁଣେ ତଅପୋଇ । ଶୋଇଛି ମାନଭର ହୋଇ ।
ସପତ ଭାଇ ଉଠାଇଲେ । ମାତା ହିଁ ଅନେକ କହିଲେ ।
କେବେହେଁ ନ ଉଠଇ ବାଳୀ । କୁଟୁମ୍ବପାଳ ଶୋଇ ଭାଳି ।
ମାକେନ୍ଦ୍ରୀ ନାମେ ସାନବୋହୂ । ତଅପୋଇର ପ୍ରିୟ ସେହୁ ।
ସେ ବୋହୂ ଅନେକ କହିଲା । ତାହାର ବଚନେ ଉଠିଲା ।
ବୋଇଲା ବାପାଙ୍କୁ କହିବୁ । ସୁବର୍ଣ୍ଣ ଚନ୍ଦ୍ର ମୋତେ ଦେବୁ ।
ନ ଦେଲେ ନ ଖାଇବି ଭାତ । ତୋ ଆଗେ କହିଲି ମୁଁ ସତ ।
ଶୁଣି ସମସ୍ତେ ତୋଷ ହେଲେ । ଝିଅକୁ ସମସ୍ତେ ବୋଇଲେ ।
ଏ ଛାର କଥାକୁ ଗୋ ମାସ୍ତେ । ଶୋଇଛୁ ନ ମିଳିଲା ପ୍ରାପ୍ତେ ।
କାଲି ଭିତରେ ଗଢ଼ାଇବ । ପନ୍ଦର ଦିନେ ଚନ୍ଦ୍ର ଦେବ ।
ଶୁଣି ଉଷତ ତଅପୋଇ । ଭୁଞ୍ଜିଲା ମାତା କୋଳେ ଯାଇ ।
ଏମନ୍ତ ରଜନୀ ପାହିଲା । ସାଧବ ବନ୍ଧାଣୀ ଆଣିଲା ।
ସାଧବ ସାଧବାଣୀ ବସି । ଗଢ଼ାନ୍ତି ସୁବର୍ଣ୍ଣର ଶଶୀ ।
ଛାରୁ ପାନ୍ତଶେ ବସି ହୀରା । ଚନ୍ଦ୍ରକୁ ବେଢ଼ିଛି ସେ ତାରା ।
ଏମନ୍ତ ଦିନାକେତେ ଗଲା । ସାଧବ ଅଧାରୁଦେ ମଲା ।
ମାତା ହିଁ ମଲା ପୁରାବୃନ୍ଦେ । କୁଟୁମ୍ବପାଳ ଶୋକେ କାନ୍ଦେ ।
କରୁ ଦିବସେ ହିପ୍ରୁ ସାର । ବ୍ରାହ୍ମଣ, ଜଉତଷେ ବର ।
ଏମନ୍ତେ କେତେ ଦିନ ଗଲା । ବୋଇତ ପଦାର୍ଥ ସରିଲା ।
ସରିବା ଦେଖି ବରୁଣିଲେ । ବୋଇତ ମେଲିବା ବୋଇଲେ ।

× ×   × ×

ତନୟ ସାଧବର ସାତ । ସପତ ଭାଇ ଗୁଣବନ୍ତ ।
ବୋଇତ ଘେନି ବଣିଜକୁ । ବିଚାର କଲେ ସେ ଯିବାକୁ ।
କନିଷ୍ଠ ଭାଇ ବରଗିଲେ । ସାତ ବୋହୂଙ୍କୁ ଡକାଇଲେ ।
ବୋଇଲେ ଅଭାଗ୍ୟ ଆମର । ମଲେ ସେ ଜନନୀ ପିଅର ।
ବୋଇତେ ଯାଉଅଛୁ ଆମ୍ଭେ । ଘର ସମ୍ଭାଳି ଥାଅ ତୁମ୍ଭେ ।
ତଅପୋଇକି ସେବୁଥିବ । ଯେମନ୍ତେ ଏହୁ ନ ଝୁରିବ ।

ଭୋଜନ ଦେବ ବେଳ ଜାଣି । ହସି କହିବ ମିଷ୍ଟ ବାଣୀ ।
ପ୍ରଭାତେ କରାଇବ ସ୍ନାନ । ପିନ୍ଧାଇ ସୂକ୍ଷ୍ମ ବସନ ।
ଅମୃତ ଭୋଜନ କରାଇ । ପଲଙ୍କେ ଶୁଆଇବ ନେଇ ।
ଥୋକାଏ ବେଳ ଗଲେ ପୁଣି । ମୁଖ ପଖାଳି ବାସି ପାଣି ।
ସ୍ୱାଦୁ ପଦାର୍ଥ ଉପହାର । ନେଇଣ ଦେବ ତତପର ।
ବେଶ ବସନ କରାଇବ । ଦୋଳିରେ ନେଇ ଝୁଲାଇବ ।
ଏମନ୍ତ ସର୍ବ ନିତିମାନ । ସେବଣ ଥିବ ପ୍ରତିଦିନ ।
କୁଙ୍କୁମ ଚନ୍ଦନ ଲେପିବ । କେବେହେଁ ହେଳା ନ କରିବ ।
ଶୁଣି ବୋଲନ୍ତି ସାତ ଯାଏ । ଝିଅଙ୍କୁ ନାହିଁ କିଛି ଭୟେ ।
ନିରତେ ସେବା କରିଥିବୁ । କ୍ଷଣେ ହେଁ ହେଳା ନ କରିବୁଁ ।
ତୁମ୍ଭଙ୍କୁ ଦେଖିବାରୁ କନା । ହେଳା କରିଣ ଥାଉ ସିନା ।
ଯେବେ ଯାଉଛ ବଣିଜର । ଆଣିଥିବଟି ଅଳଙ୍କାର ।
କେ ବୋଲେ ହୀରାର ବସଣି । ମୋହର ପାଇଁ ଥିବ ଆଣି ।
କେ ବୋଲେ ମୋର ରତ୍ନଚୂଡ଼ । ଅଷ୍ଟ ରତନେ ଥିବ ଜଡ଼ ।
କେ ବୋଲେ ସୁବର୍ଣ୍ଣ କଙ୍କଣ । ଆଣିବ ମୋର ନିମନ୍ତେଣ ।
କେ ବୋଲେ ମୋର ରତ୍ନବଳା । ତଉକଣ୍ଠିରେ ଥିବ ମାଳା ।
ମଧ୍ୟରେ ବସିଥିବ ହୀରା । ଦୂରକୁ ଦିଶୁଥିବ ତୋରା ।
କେ ବୋଲେ ଗଜମୋତିମାଳା । ମିଶିଣ ଥିବଟି ପୋହଳା ।
କେ ବୋଲେ ସୁନାକଣ୍ଠିମାଳ । କେ ବୋଲେ ଆଣିବ କୁଣ୍ଡଳ ।
କେ ବୋଲେ ହୀରା ମଲ୍ଲୀକଡ । କେ ବୋଲେ ବାହା ଟାଡ଼ ଯୋଡ଼ ।
ଏମନ୍ତ ମାଗିଲେ ତରୁଣୀ । ଯେ ଯାହା ମନ ଇଚ୍ଛା ଜାଣି ।
ଭାଇଙ୍କି କହେ ତଅପୋଇ । ମୋ ପାଇଁ ଆଣିବ କଣ୍ଢେଇ ।
ଏମନ୍ତ ଶୁଣି ଭାଇ ସାତ । ବୋଇଲେ ଆଣିବୁ ସମସ୍ତ ।
ସକଳ ଦ୍ରବ୍ୟେ ପ୍ରଭୁ ତୁମ୍ଭେ । ବାହାର ଲୋକ ସିନା ଆମ୍ଭେ ।
ଏମନ୍ତ କହି ସାତ ଭାଇ । ଜନେ ବୋଇତ ଗଲେ ବାହି ।

('ଖୁଦୁରୁକୁଣୀ ଓଷା କଥା'ରୁ ଗୃହୀତ)

*

# ଗୋପୀ ଚନ୍ଦନ

## ଶୂଦ୍ର ଦାସ

### (୧)

(ରାଗ-ଗୈଖ)

ଯେସନ ସମୟେ ଗୋପ- ନଗରେ ସକଳ ଗୋପୀ,
କୃଷ୍ଣର ବାରତା ଯେକେ ଆନରେ ପୁଛନ୍ତି ।
କେ ବୋଲେ ମଧୁସୂଦନ ଦ୍ୱାରକା କଲେ ଗମନ,
କେ ବୋଲେ ମଥୁରା କଟକରେ ଅଛନ୍ତି ।
କେହୁ ବୋଲେ ଅବଧି କହ ?
ଅବଧି ନ ଜାଣି ଥିର ନୋହୋଇ ଦେହ । ।୧।
ନିଶ୍ଚୟ ଜାଣିଲେ ଗୋଇ ଦ୍ୱାରକା ଗଲେ ମାଧୋଇ,
ଯେମନ୍ତ ଜାଣି ଅଧିକ ଖେଦ ବଢ଼ିଲା ।
ସନ୍ଧ୍ୟେ ଥିବାର କାଳେ ଦର୍ଶନ ନ ଦେଲେ ବେଳେ,
ଯେବେ ଆମ୍ଭ ଦରଶନ ଆଶ ଛାଡ଼ିଲା ।
ସଜନୀ ଗୋ କରିବା କସ ?
କାହାକୁ ଭେଟିବା କେହୁ କହିବ ସନ୍ଦେଶ । ।୨।
ସନ୍ଦେଶ ପତ୍ରିକା ଲେଖି ପନ୍ଥ ଅନୁସର ରହି,
ପନ୍ଥୁକ ଦେଖିଲେ ଲେଖ ଦେଇ କହିବା ।
ଯେସନ ସମୟେ ଚକ୍ରି ଗଗନେ ରେଣୁ ଉଡ଼ଇ,
ଦୂରୁଂ ଦେଖିଲେକ ଯେକ ରଥ ଆସିବା ।
ରଥ ଦେଖି ଗୋପୀ ହରଷ,
କମଳ ବନେ କି ରବି ହୋୟେ ପ୍ରକାଶ । ।୩।
କେ ବୋଲେ ଅବା ମାଧବ କେ ବୋଲେ ଅବା ଉଧବ,
କେ ବୋଲେ ଆମ୍ଭର ସୁକୃତ ଫଳ ଫଳିଲା ।
କେ ବୋଲେ ଅବା ଯେଥକୁ ଆସୁଛି ନେବ ଆମ୍ଭଙ୍କୁ,
ଅସ୍ତୁ ହେଉ ବୋଲି ଗୋପି ଏକ ବୋଇଲା ।
ସତ କି ହୋଇବ ଯେ କଥା,
ସତେ ହେ ସରିବ ଆମ୍ଭ ବିଛେଦ ବଥା । ।୪।

ଯେତେ କହୁ ଝୁରି ଗୋଷ୍ଠ ରଥ ସନ୍ନଧେ ମିଳଇ,
ଚହ୍ନିଲେ ଉଧବ ବସିଅଛୁ ରଥରେ ।
ପ୍ରସନ୍ନ ତା ମୁଖ ଦେଖି ହରଷ ହୋଇ ସୁମୁଖୀ,
ବଖ୍ଣିଲେ ସୁଖଫଳ ଜାଳ ହୋଇଲେ ।
କଷ୍ଟ ଦୂର ପାସୋରି ଗଲେ,
ରଥରୁ ଓହ୍ଲାଇ ଉଧବ ଅଇଲେ । ।୫।
ପୁଲକ ସର୍ବ ହୃଦରେ ପୂରି ଉଛୁଳିଲା ଧୀରେ,
ନୟନୁ ଗଳି ଉରଜ ବାସ ତିନ୍ତିଲେ ।
ଉଧବ ଗୃହିଁ ସେମନ୍ତ ଦେଖି ଗ୍ୟାନ ନାହିଁ ସ୍ଥିତି,
ଭୂମିରେ ପଡ଼ନ୍ତେ ଧାଇଁ ଗୋଷ୍ଠ ଧଇଲେ ।
କେ କହିବ ଗୋପୀଙ୍କ ସୁଖ,
କହି ନ ପାରିବ ତାହା ଚତୁରମୁଖ । ।୬।
ଉଧବଙ୍କୁ ଘେନ ଗୋଷ୍ଠ ସଧୀର ସଧୀର ହୋଇ,
ପଟଶ ନୃପକାନ୍ତ ଠାବେ ଯାଇ ବସିଲେ ।
ହେମମଣି ମୋଣ୍ଡୋଲରେ ନୀଳମଣି କି ମଧ୍ୟରେ,
ଉଧବ ଗୋପୀ ମୋଣ୍ଡୋଳ ତେଜେ ଦିଶିଲେ ।
ଯେକ ଗୋପୀ ଉଷୁକ ହୋଇ,
ବାରତା ପୁଚ୍ଛ ବୋଲି ସଖୀ କହଇ । ।୭।
ପୁଚ୍ଛଇ ସେ ଗୋପବାଳୀ ପ୍ରେମଭରେ ଢଳଢଳ,
ଗଦଗଦ ସ୍ୱରେ ତା ବଚନ ଭଳଇ ।
ଯେ ଜଗୁ ଜୀବନ ଦେହ କୁଶଳ ବାରତା କହ,
ଶବଣ ପୁଟକୁ ସେ ପୀୟୂଷ ବଳଇ ।
ହେ ଉଧବ ଧନ୍ୟ ତୁମ୍ଭର,
ତୁମ୍ଭର ବଚନ ସୁଖନିଧି ଆମ୍ଭର । ।୮।
ଉଧବ ଯେ ବାଣୀ ଶୁଣି କୃଷ୍ଣ କଥା ମନେ ଗୁଣି,
ପୁଲକ ହୋଇଲା ତା ସକଳ ଶରୀର ।
କହେ ଦରହାସ ବାଣୀ ଆଶ୍ୟାଂ ଦେଲେ କମ୍ବୁପାଣି,
ଗୋପୀ ସମସ୍ତ ଆସନ୍ତୁ ଦ୍ୱାରକାପୁର ।

ସେ ଆମ୍ଭର ଯେ ଧନ ପ୍ରୀତି,
ସେହି ସେ ଜାଣନ୍ତି ଆମ୍ଭ ହୃଦୟସ୍ଥିତି । ।୯।
ତାହାଙ୍କର ଭାବ ଧନ ଦେଇ ନେଲେ ଆମ୍ଭ ମନ,
ତାହାଙ୍କ ଭାବରୁ ଆନ ନ ଭାବଇ ଭାବ ।
ସେହି ଆମ୍ଭ ତନୁ ଆନ- ନ ଭଜନ୍ତି ନିଶି ଦିନ,
ସନ୍ଦେଶ କହି ତାଙ୍କୁ ଘେନ ଆସିବ ।
ଯାଅ ବେଗେ ଆସ ତ୍ୱରିତ,
ରହିଁ ଥିବୁ ଆମ୍ଭେ ଯିବା ଆସିବା ପଥ । ।୧୦।
ଏମନ୍ତ ଶୁଣିଣ ବାଳୀ ହରଷ ସର୍ବ ଗୋଆଳୀ,
କେ ବୋଲେ ପଚୃଂଶ କୋଶ କେମନ୍ତ ଯିବା ।
କେ ବୋଲେ ଯେ ଯିବ ଯାଉ, କେ ବୋଲେ ଯେ ଥିବ ଥାଉ,
କେ ବୋଲେ ନ ଯାଇ କେମନ୍ତେ ରହିବା ?
ଯିବାର ସମୟ ହେଜଲେ,
ଯିବା ଯିବା ବୋଲି ଯେ ଯାହାରେ ଉଠିଲେ । ।୧୧।
ଉଧବ କୋଳଇ ବାଣୀ ଶୁଣ ଗୋ ସାଧୁ ତରୁଣି,
ପୁଷ୍ପ ବୀବାନ ମାତଲି ଘେନ ଆସିବ ।
ସମସ୍ତେ ତହିଂ ବସିବ ପଥ ସର୍ମ ନ ପାଇବ,
ଦ୍ୱାରକା ଭୁବନେ ଟଗା ତ୍ୱରିତେ ମିଳିବ ।
ଏହା ଶୁଣି ରହିଁଲେ ଗୋଈ,
ଆକାଶୁ ପୁଷ୍ପବୀବାନ ଖସି ଆସଇ । ।୧୨।
ବୀବାନ ଆକାଶୁ ଖସି ଗୋପୀଙ୍କ ସନ୍ନିଧେ ଆସି,
ବୀବାନ ମିଳିବା ଦେଖି ଗୋପୀ ଚକିତ ।
ବୋଲନ୍ତି ଏ ଦେବଯାନ ଆମ୍ଭେ କି ବସି ଭାର୍ଜନ,
ସହଜେ ଗୁଆଳୀ ଲୋକ ଜାଣ ଉଚିତ ।
ଏହା ଶୁଣି ଉଧବ ବୋଲେ,
ପ୍ରଭୁ ଆଜ୍ଞାଂ ଦେବେ କି ଭଜନ ନୋହିଲେ । ।୧୩।

× × ×

(୨)

ନଟବର ବେଶ କରଇ ଗୋପୀଏ
କୃଷ୍ଣଙ୍କୁ ବୋଲନ୍ତି ହସି ।
ମାପଟରୁ ମୂଳେ ବିଜେ କର ଯେବେ
ବଜାଅ ବରହ ବଂଶୀ, ପ୍ରଭୁ ହେ । ।୧।

ବୋଲନ୍ତି ମୁରାରି ଶୁଣ ଗୋପନାରୀ
ତୁମ୍ଭର ଆସିବା ପାଇଂ
ତୁମ୍ଭେ ଯେବେ ଆମ୍ଭ ସନ୍ନିଧେ ଅଛ ଗୋ
ଆଉ କି ବେଣୁ ବଜାଇ, ସଖି ଗୋ । ।୨।

ଏହନ ସମୟେ ପ୍ରଭୁ ସୁଧାକର
ଗଗନେ ଉଦୟ ହୋଏ
ମଳୟ ସମୀର ଯେନ ମନସିଜ
ସଧୀରେ ସଧୀରେ ଚଳାଏ, ପ୍ରଭୁ ହେ । ।୩।

ପିକ ମଧୁକର ରାବ ନିରନ୍ତର
କୁସୁମ ପରାଗ ଝରେ
ରାସ ବିନୋଦ କରନ୍ତି ଭାବଗ୍ରାହୀ
ଯେମନ୍ତ ଉପବନରେ, ପ୍ରଭୁ ହେ । ।୪।

ରୁକ୍ମିଣୀ ରାଧିକା ସତ୍ୟବତୀ ସକଳ
ଯୁବତୀ ହୋଇ ମେଳୋଳୀ
କେ ମୃଦଙ୍ଗ ବୀଣା ତାଳ ଧରେ କେବା
କେବା ମାରେ କରତାଳ, ସୁଜନେ ହେ । ।୫।

ସୁସ୍ୱରେ ଗୀତ ଗାବନ୍ତି ଯେକେ ଯେକେ
ଭଜନେ ଭଜନେ ପ୍ରୀତ କରି
ରହିବା ରୁଳିବା ହସିବା ଭାଷିବା
ଭାବେ କୃଷ୍ଣ ମନୋହାରୀ, ସୁଜନେ ହେ । ।୬।

ମଧୁସୂଦନ ଭଲ ମାୟା ରଂଚଲେ
ମଧ୍ୟରେ ଥାଇ ମେଣ୍ଡୋଳୀ
ଯେତେ ବରନାରୀ ତେତେକ ମୂରତି
ହୋଇଛନ୍ତି ବନମାଳୀ, ସୁଜନେ ହେ । ।୭।
ସମସ୍ତେ ମଣନ୍ତି ସ୍ୱେକା ଶୀରପତି
ମୋ ଭୁଲେ କରନ୍ତି କେଳି
କେହି ନ ଜାଣନ୍ତି ଅନନ୍ତ ମୂରତି
ହୋଇଛନ୍ତି ବନମାଳୀ, ସୁଜନେ ହେ । ।୮।
ଷୋଳସସ୍ର ଗୋପୀ ଷୋଳସଏ ନାରୀ
ଅଷ୍ଟପାଠ ମହାଦେବୀ
ସ୍ୱେକେ ସ୍ୱେକେ ରୂପ ଧରି ଭାବଗ୍ରାହୀ
ଯେ ଯାହାର ଭାବେ ଭାବି, ସୁଜନେ ହେ । ।୯।
କୃଷ୍ଣ ଯୁବତୀ ମେଣ୍ଡୋଳୀ କି କହିବା
ଯେ ଯେଡ଼େ ତେଡ଼େ ସେ ଦିଶେ ।
ନକ୍ଷତ୍ର ଗଣ ମଧ୍ୟେ ଯେହ୍ନେ ଚନ୍ଦ୍ରମା
ଗଗନେ ଶୋଭା ପ୍ରକାଶେ, ସୁଜନେ ହେ । ।୧୦।
ବିବିଧ ଗତି କରନ୍ତି ନାନା ପ୍ରୀତି
କରତାଳ ମାରୁଥାନ୍ତି
ସ୍ୱେକେ ସ୍ୱେକେ ଅଙ୍ଗେ ଅଙ୍ଗରେ ସମ୍ଭୋଗ
ମୁଖେ ଚୁମ୍ବନ ଦିଅନ୍ତି, ସୁଜନେ ହେ । ।୧୧।
ବ୍ରହ୍ମା ଶଙ୍କର ସୁରଗଣ ସକଳ
ଗଗନ ମଧ୍ୟରେ ରହି
ଜୟ ଜୟ ଧ୍ୱନି ସ୍ତୁତି କରି ସେହୁ
ପୁଷ୍ପ ବରଷନ୍ତି ତହିଁ, ସୁଜନେ ହେ । ।୧୨।
କେଉଁ ଯୁବତୀ ନିଶ୍ୱାସ ଖରତର
ଅବଶେ ବସେ ମହୀରେ
କେଉଁ ଯୁବତୀ କାଚୁଂଲୀ ବଂଧ ଛିଟକେ
କେଶ ବାସ କେହୁ ଧରେ, ସୁଜନେ ହେ । ।୧୩।

ରସ ବିନୋଦ ଚରିତ କେ କହିବ
ରସ ବିନୋଦୀ ତା ଜାଣନ୍ତି
ଶ୍ରବଣ ଲୋଚନେ ପାନ କଲେ ମନେ
ଅଧିକେ ବଢ଼େ ଆସକ୍ତି, ସୁଜନେ ହେ । ।୧୪।

('ଗୋପୀ ଚନ୍ଦନ', ତୃତୀୟ
ଛାନ୍ଦ ଓ ଷଷ୍ଠ ଛାନ୍ଦରୁ ଗୃହୀତ)

*

# ଗୁଣ୍ଡିଚା ଯାତ୍ରା

## ବୃନ୍ଦ ଦାସ

ଶ୍ରୀଜଗନ୍ନାଥ ନୀଳକନ୍ଦରୁଆ
ରଥ କାରଣେ ରାମଚନ୍ଦ୍ର ଗଜପତି
ଅତି ଉତ୍ସୁକ ମତି
ସମଦଳେ ଚଳନ୍ତି
ପ୍ରଖର ଚରଣ ଗତି
କମ୍ପିତ ବସୁମତୀ
ଢୋଲ ଦମ୍ଫାଳୁ ଭେରୀ ବାଜିତ ।
ଘରଘର ଶବଦେ ଦିଗ-ଗଗନ ରୁନ୍ଧିତ
ଏଣୁ ଯଶଚନ୍ଦ୍ର ଚତୁର୍ଦ୍ଦିଗେ ରାଜିତ
ସୁଖ ବଦନ୍ତି
ସୁଖ ପ୍ରୀତି
ନରପତି
ଶଙ୍କିଲେରେ ରିପୁ ମହୀପତିଆ
ସେହୁ ନାଶିଲେ ଇହ ପରଲୋକ ଗତିଆ
ଦିଲ୍ଲୀ ମାଳବ ଗୁଜୁରାଟ କର୍ଣ୍ଣାଟ ସକଳ ରାଷ୍ଟ୍ର ନୃପନାୟକୁଆ
ବୃନ୍ଦ ବଦନ୍ତି ରାମଚନ୍ଦ୍ରଗଜପତି ଜଗତଲୋଚନ ସୁଖ ଦାୟକୁଆ

ନିଃସାର—କ × × ତେତ୍ତେ ଥୈ ଥୈ ଥୈ ଥୈ ଦଗ୍‌ଦଗ୍‌ ତାଉତା ଉତାଉତେ ।

ଚତୁର ବର୍ଗଦାୟକ ଶ୍ରୀନୀଳକନ୍ଦର
ମୌଳି ମଧ୍ୟରେ ଚତୁରବିଧ ସରୂପ ଉଦ୍ଦନଲେ
ସୀତା ସୀତ ହରିତ ଲୋହିତ ବିବିଧ ବର୍ଣ୍ଣେ ପ୍ରକଟିଲେ ଆ
ବଳଭଦ୍ର ସୁଭଦ୍ରା ସୁଦରଶନ ଜଗ ଦର୍ପଗଞ୍ଜନ
ସୁଖ ପରମ ଆକାର ଜୀବନ
କଳୁଷ ହର ତିମିର ଖଣ୍ଡନ
ସଚରାଚର ପାଳନ ନାଶନ ତିଆ
ଇଅ ଇଅ ଅ ଥେଇ ଆଇଅ ଅଇ ଆ ଇ ଅ ଅଇ ଇଆ ଅଆ ଆଁ ରେ ।
ଚତୁର ବର୍ଗଦାୟକ ଶ୍ରୀନୀଳକନ୍ଦର

ଆଭୋଗ — ନାନାବିଧ ବିନୋଦ ବିରଚିତ ବାସର ପ୍ରତିଗାମିନୀ
ଅବିରତ ସୁରାସୁର କିନ୍ନର ନରଗଣ ଅବଲୋକନ

ଧନ୍ୟ ଧାରଣ ରାମଚନ୍ଦ୍ର ଦେବ
ନୀଳଗିରି ପତି ଚରଣ କମଳେ ଶରଣୁଆ
ଚତୁରବର୍ଗଦାୟକ ଶ୍ରୀନୀଳକନ୍ଦରା
ସାତକଳା ମଠା— ଥୈତା ଗ୍ରଥୈ ଦିକ୍ ତାକ୍ତେ ତେଥୈ
ତଥୋ ଦିଗ୍ ଦିଗ୍ ତାଗ୍ଣ ତାଗ୍ଣ ତା ତା ତା

ଦ୍ୱାଦଶ ବିନୋଦ ଶ୍ରେଷ୍ଠ ମହୋତ୍ସବ ଗଣ୍ଡିଚ୍ଛ ନାମେ ଯେ
ରଥ ଆରୁଢ଼ ଆଡ଼ପର ମଣ୍ଡପେ ଚତୁର୍ଦ୍ଧା ମୂରତ୍ତି ବିଜେ
ତ୍ରିଭୁବନ ପୁରେ ଶଙ୍ଖ ଶବଦ ଧୂନି ସିନ୍ଧୁ ଉଚ୍ଛୁଳ ଚଳେ
ଚତୁରବର୍ଗ ଯୁର ଉତ୍ସବ ସସିଦ୍ଧି ବ୍ରହ୍ମକାଠ
ସର୍ବ ସାଦର ଈକ୍ଷଣ ଅନୁକ୍ଷଣେ ସୁଧା ବରିଖେ ।

ଅବିରତ ବହେ ଧାରା ଅବଲୋକନେ
ସୁଖକାଶ୍ରି ତରେ ସୁଖ ମନ ଜଣେ ବିଭୁ ଜାଣେଇଆ
ରାମଚନ୍ଦ୍ର ନୃପ ଭାବନ୍ତିସୋ ସୁଖସ୍ନେତେ
ଲୋଚନ ମନ ପ୍ରାଣେ ତ୍ରିଭୁବନ ପୁରେ
ଶଙ୍ଖ ଶବଦ ଧୂନି ସିନ୍ଧୁ ଉଚ୍ଛୁଳ ଚଳେ ।
ଦିଗ୍ ଦିଗ୍ ଥେୟା ତାତନ୍ନ ଥୈ ଥୈ ଥୋ ଦିଗ୍ ଦିଗ୍
ତା ଗ୍ଣ ତା ଗ୍ଣ ତା ଗ୍ଣ ତାଗ୍ଣ
ପଞ୍ଚ ଦିନାନ୍ତରେ ପରମ ପଦ୍ମାପ୍ରୀତି ବିଚ୍ଛେଦ ଖେଦଭରେ ଧାବେ
ଭୁରିତେ ଗୁଣ୍ଡିଚ୍ଛ ପୁର ସନ୍ନିଧେ ପାବେ
ପ୍ରଚୁର ଭୃତ୍ୟଗଣ ଦୋଷ ରୂପେ ଦଣ୍ଡ ଦଣ୍ଡାବେ

ମତି ଚଞ୍ଚଳା ତଡ଼ିତ ପ୍ରାଣମଣି ପୁରିତେ ମିଳିଆବେ ।
ରଥ ଦକ୍ଷିଣାମୁଖ ଅବଧିକୃତ ହେର
ଉତ୍ସବାନନ୍ଦ କଣ୍ଠବର ତବ ମାବେ
ପାଲଟି ନୀଳଗିରି ଶିଖରେ ପରବେଶେ
ଜଗଜ୍ଜନନୀ ମୁଖ ପୂର୍ଣ୍ଣଶଶୀ କସେ

ଦେଖି ନୃପତି ମନ କୁମୁଦ ଉଲ୍ଲାସେ
କଲି କଳୁଷ ଘୋର ସନ୍ତାପ ନାଶେ
ଝଅଡ଼ା— ଦଗ୍ ଦଗ୍ ଥେଯ୍ୟା ଖ୍ରୀଭ ତଥୈ ଥୈ ଥୋ ଦଗ୍ ଦଗ୍ ତାଓ୍ୱ ତା ତଓ୍ୱ । ୬୦ ।

କମଳଣୀ ବମନ୍ଧ ଜାଣି ଜାଣୁ ମଣ୍ଡନ ଶିରୋମଣି
ରଚିଲେ ଗୁଣ୍ଡିଚ୍ଚ ବେଳ ବାହୁଡ଼ା ଭ୍ରମଣି
ଘନ ଘନ ବାଜିଲା
ଘନ ଘନ ମର୍ଦ୍ଦଳା
ନିଶାଣ ଖାରତୂରି ଘଣ୍ଟ ରବାଗଣ ଘଣ୍ଟୁଦ୍ଧାଣ ସ୍ଫୁରିଲା
ଢଗ ଗଗନ ଶବଦ ସଚରାଚର ତେଆ
ଆ ଆ ଆ ଆ ଆ ଆ ।

ଘନ ଘନ ବାଜିଲା
ଦେବ ଦେବ ପହଣ୍ଡି ବିଜୟେ ଜୟେ
ସକଳ ସୁଖ ଉଦୟେ । ୭୦ ।

ଧ୍ୱନି ଶୁଣି ରାମଚନ୍ଦ୍ର ଦେବ ନୃପ ପୁଲକ ପୂରିଲା କାଏ
ଘନ ଘନ ବାଜିଲା ।
ସରିମାନ—ସଂକର୍ଷଣ ସୁଦର୍ଶନ ସୁଭଦ୍ରା ଶ୍ରୀ ନାରାୟଣ
ରଥ ଯାନ ଚଢ଼ି ଉଭା ଅତୁଳିତ ଶୋଭା ପରକାଶ
ଧୀରେ ଧୀରେ ଧରଣୀ ଅଧିର
ନାଗ ନର ସୁରାସୁର ପେଖି ପୁଲକେ ଭୁଆ
ସ ଥକିତ ଚରଣଗତି ଗଳିତ ନୟନ ନୀର
ଗମନ ହରଣ ବତି ମଧୁର କଲେ ଏ କାରକେ ଭୁଆ
ରାମଚନ୍ଦ୍ର ନୃପବର ରଥପୃଷ୍ଠେ ଦେଇ ଶିର ଗମନ
ଏକତାଳି— ନବଦ୍ୱନ ଯାତ୍ରା ଶେଷ ଶେଷେ ଜଗୁନ୍ନିବାସେ । ୮୦ ।

ନୀଳାଦ୍ରି ପ୍ରବେଶେ ରାମା ମନ ଉଲ୍ଲାସେ
ଆରେ ମାଇ ଦ୍ୱାର ରୁନ୍ଧିଲେ ପରିବାରି ପରିହାସ ଭାଷେ ।

ଗୁଣ୍ଡିଚ୍ଚ ବିନୋଦ ଦେବେ ପାଇଲେ ଆ
କି ଆରେ ମାଇ ପୁରତେ ଚନ୍ଦହସ୍ତ କରିଭୁକେ ଧନ ବସ୍ତ୍ର ଢଲେ

ପରିଜନେ ଦ୍ୱାର ଫେଡ଼ିଲେ ଆଠ
ଭିତରେ ବିଜେ ସଧୀରେ ଦେବରାୟା
ଅଭିନବ ଇନ୍ଦ୍ରଦ୍ୟୁମନ ଅବତାର ।
ଯୁଗେ ଯୁଗେ ରକ୍ଷିଲେ ଏ କୀରତି ବିସ୍ତାର ।
ରାମଚନ୍ଦ୍ର ନୃପତି ଦୁର୍ଲଭ କୀର୍ତ୍ତି ଏ ।୯୦।
ବୃନ୍ଦ ଭଣେ ଇହ ପରଲୋକ ଗତି ଆ ।

*

# ରସକୁଲ୍ୟା ଚଉତିଶା

## ଦାମୋଦର ଦାସ

କହଇ ରମ୍ଭା ସଖୀ ଦୂତିକାକୁ
କଦମ୍ବମୂଳେ ଦେଖିଲି କୃଷ୍ଣଙ୍କୁ
କଳାକଳେବର ରଙ୍ଗା ଅଧର
କପାଳେ କସ୍ତୁରୀ ଛିଟା ସୁନ୍ଦର ସେ,
କୁବଳୟା ଫୁଲ ନାସେ ଯେ,
କାମ ବିକାର କଲ୍କ ପ୍ରାଣବନ୍ଧୁ
ଦେଖି ସୁଧାନନ୍ଦ ହାସେ ଯେ । ।୧।

ଖୋସିଛି ଟିରେ ମୟୂର ଶିଖଣ୍ଡ
ଖଣ୍ଡ ସଘନରେ ଶକ୍ର କୋଦଣ୍ଡ
ଖଞ୍ଜି ଅଳଙ୍କାର ଗୁଞ୍ଜରୀ ମାଳ
ଖଞ୍ଜି ପୁଞ୍ଜି ପୁଞ୍ଜି କାଇଁଚ ମାଳ ସେ,
ଖିଳ ବ୍ରହ୍ମାଣ୍ଡ ଠାକୁର ଗୋ,
ଖୀନ ନୟନ ଅପାଙ୍ଗ ଶରେ ତନୁ
ଖଣ୍ଡ ଖଣ୍ଡ କଲା ମୋର ଗୋ । ।୨।

ଗଣ୍ଡସ୍ଥଳେ ଲୁଳେ କୁଣ୍ଡଳ ବେନି
ଗ୍ୟାନ ଧ୍ୱଂସ ହୋଏ ଦେଖି ସଜନି
ଗୋବିନ୍ଦ ଗଳାରେ ପ୍ରବାଳ କଣ୍ଠି
ଗୋପସୁତ ସଙ୍ଗେ କରନ୍ତି ଗୋଷ୍ଠି ସେ,
ଗଜ ମୁକୁତାର ହାର ଗୋ,
ଗଳାରୁ ଜାନୁ ପରିଯନ୍ତେ ଲମ୍ବଇ
ବନ କୁସୁମର ମାଳ ଗୋ । ।୩।

ଘଟଣ ସୁନ୍ଦର ତ୍ରିଭଙ୍ଗୀ ଅଙ୍ଗ
ଘନ ଘନ ବଂଶୀ ବାଜେ ଶ୍ରୀରଙ୍ଗ
ଘୋଟିଲା ଅନ୍ତରେ ଅନଙ୍ଗ ଜ୍ୱର
ଘୂମାଇ ଘାରିଲା ମୋର ଶରୀର ସେ,
ଘାଉକଲା ରତିବର ଯେ,

ଯାଜିଆ ହରଣୀ          ପ୍ରାପ୍ତେ ମୁଁ ହୋଇଲି
ଶୁଣି ତାଂ ବେଣୁ ସୁସ୍ୱରେ ଯେ । ।୪।
ନୟନେ ତା ରୂପ ଦେଖିଲି ଯାହା
ନ ପାରଇ କହି ବଚନେ ତାହା
ନ ରୁଚଇ ମୋତେ ସଦନ ସୁଖ
ନ ଦେଖି ଦେଖିଲି କଳା ଶ୍ରୀମୁଖ ସେ,
ନିବେଦନା ମୋର ଘେନ ଗୋ,
ନଟେଁ ପ୍ରାଣବନ୍ଧୁ          ନେଇ ମୋତେ ରଖ
ଆଜନ୍ମୁଁ ତୋର ଅଭିନ୍ନ ଗୋ । ।୫।
ଚଳ ସହଚରି ! ବୃନ୍ଦ ଚହଟ !
ଚତୁର୍ବର୍ଗଦାମୀ ମାପ ନିକଟ
ଚଞ୍ଚଳାପତିଙ୍କ ପାଶେ ଜଣାଇଁ
ଚକ୍ଷେ ଘେନିଆ ପଦହସ୍ତ ମଣାଇ ସେ,
ଚତୁରାନନ ଯା ଦାସ ଗୋ,
ଚନ୍ଦ୍ରଶେଖର          ପଲକ ନ ଟଳଇ
ଛନ୍ଦିଁ ଚନ୍ଦଧର ବେଶ ଗୋ । ।୬।
କ୍ଷୀନ ଉଦର କ୍ଷୀନ ରୋମାବଳୀ
ଛନ୍ନ ହୋଇବେ ଦେଖି ସୁରବାଳୀ
ଛାଡ଼ି ପତି ସୁତ ଗୃହ ବାସ
କ୍ଷଣେ ନ ଛାଡ଼ିବେ ଶ୍ରୀକୃଷ୍ଣ ପାଶ ସେ,
ଛଟକେ ତା ରୂପ ଦେଖି ଯେ,
ଛାର ନିଲକ୍ଷଣୀ          ଛାଡ଼ି ମୁଁ ଅଇଲି
ଦୋଷ କ୍ଷମାକର ସଖି ଗୋ । ।୭।
ଜମ୍ବୁନଦ ଜିଣି ପୀତବସନ
ଦାମିନୀ ଜଳଦେ ବିକଶେ ଯେସନ
ଜଡ଼ିତ ବେନି ଫରହର ଉରେ
ଯୋଗୀନ୍ଦ୍ର ବୃନ୍ଦ ଦେଖି ଯୋଗ ଛାଡ଼େ ସେ,
ଯଉଁ ଶୋଭା ଜଗବନ୍ଧୁ ଯେ,

ଯୁବତୀ ଜୀବନ କେତେକ ମାତର
ଦେଇ ରଖ କୃପାସିନ୍ଧୁ ଯେ । ।୮।
ଝିମଣ୍ଡଳେ ଦୁଷ୍ଟ ଚନ୍ଦ୍ରୁଁ ଚଳଲା
ଝାଡକାରେ କୁଞ୍ଜବନେ ମିଳଲା
ଝସ କେତନର ପିଅର ପାଶ
ଝଗଡ଼ କହଇ ରାଧା ସନ୍ଦେଶ ସେ
ଝରୁଅଛି ପ୍ରାଣ ସାହା ଯେ,
ଝୀନପତମୀ ପାଷାଣରୁ ଗରୁ,
ଝଡପଡେ ବେନି ବାହା ଯେ । ।୯।
ନୟନରେ ନୀର ନ ରହେ ତାର
ନିରନ୍ତରେ ନାମ ଜପଇ ତୋର
ନ ରୁଚଇ ଅନ୍ନ ନ ମାଡେ ନିଦ
ନତନୁର ଶରେ ଲଫୁ ଯେ
ନଟେଁ ତିସ୍ତ୍ରହତ୍ୟା ଦୋଷକୁ ପାଇବୁ
ନାଗ୍ରୀ ଶିରୋମଣି ମଲେ ଯେ । ।୧୦।
ଟାଣ୍ଡ ପରସ୍ପେ ନ ମଣ କହ୍ନାଇଁ
ଟାକ ବସିଥିବେ ତୋତେ ଅନାଇଁ
ଟଳ ପଡ଼ିବାକୁ ଅଛି କେବଳ
ଟାଣ ମନସିଜରାଜ ପ୍ରବଳ ଯେ,
ଟାଣି ବନ୍ଧେ ପଞ୍ଚବାଣ ଯେ
ଟିକାଏ ଓପ୍ରୋଧ ନାହିଁନା ତାହାର
କରୁଅଛି ରଣଭଣ ଯେ । ।୧୧।
ଠାକୁରେ ଜାଣିଲେ ରାଧା ସନ୍ଦେଶ
ଠିକ କହୁଛନ୍ତି ଦୂତିକା ପାଶ
ଠିକ ଦେହୁ ଆମ୍ଭେ ବାହୁଡ ଯୋଇ
ଠିକ କଥା କ କେ କହୁ ଦୂତୀଇ ଯେ,
ଠାକୁରାଣୀ ପଣେ ବଡ ଯେ
ଠାକୁର ଉକ୍ତି- ଭାନୁଙ୍କ ଜେମାଦେଈ
ଆମ୍ଭେ ଜାଣୁ ଶିଶୁ ଖେଳ ଯେ । ।୧୨।

ଘାଉଆ ହରିଣୀ ପ୍ରାପ୍ତେ ମୁଁ ହୋଇଲି
ଶୁଣି ତା' ବେଣୁ ସୁସ୍ୱର ଯେ । ।୪।
ନୟନେ ତା ରୂପ ଦେଖିଲି ଯାହା
ନ ପାରଇ କହି ବଚନେ ତାହା
ନ ରୁଚଇ ମୋତେ ସଦନ ସୁଖ
ନ ଦେଖି ଦେଖିଲି କଳା ଶ୍ରୀମୁଖ ସେ,
ନିବେଦନା ମୋର ଘେନ ଗୋ,
ଙତେଁ ପ୍ରାଣବନ୍ଧୁ ନେଇ ମୋତେ ରଖ
ଆଜନ୍ମୁଁ ତୋର ଅଭିନ୍ନ ଗୋ । ।୫।
ଚଳ ସହଚର ! ଶୁଣ ତହିଁ !
ଚଉବର୍ଗଦାୟୀ ଯାଚ ନିକଟ
ଚଞ୍ଚଳାପତିଙ୍କ ପାଶେ ଜଣାଇଁ
ଚରଣେ ଘେନିଆ ପହଣ୍ଡେ ମଣାଇ ସେ,
ଚତୁରାନନ ଯା ଦାସ ଗୋ,
ଚନ୍ଦ୍ରଶେଖର ପଲକ ନ ଟଳଇ
ଛନ୍ଦିଁ ଚନ୍ଦ୍ରଧର ବେଶ ଗୋ । ।୬।
କ୍ଷୀନ ଉଦର କ୍ଷୀନ ରୋମାବଳୀ
ଛନ୍ନ ହୋଇବେ ଦେଖି ସୁରବାଳୀ
ଛାଡ଼ି ପତି ସୁତ ଗୃହ ବାସ
କ୍ଷଣେ ନ ଛାଡ଼ିବେ ଶ୍ରୀକୃଷ୍ଣ ପାଶ ସେ,
ଛଟକେ ତା ରୂପ ଦେଖି ଯେ,
ଛାର କୁଲକ୍ଷଣୀ ଛାଡ଼ି ମୁଁ ଅଇଲି
ଦୋଷ କ୍ଷମାକର ସଖି ଗୋ । ।୭।
ଜମ୍ବୁନଦ ଜିଣି ପୀତବସନ
ଦାମିନୀ ଜଳଦେ ଝଟଶେ ଯେସନ
ଜଡ଼ିତ ବେନି ଫଣିଧର ଉରେ
ଯୋଗୀନ୍ଦ୍ର ବୃନ୍ଦ ଦେଖି ଯୋଗ ଛାଡ଼େ ସେ,
ଯେଉଁ ଶୋଭା ଜଗବନ୍ଧୁ ଯେ,

ଯୁବଶ୍ରୀ ଜୀବନ କେତେକ ମାତର
ଦେଇ ରଖ କୃପାସିନ୍ଧୁ ଯେ । । ୮ ।
ଝିମଣ୍ଟକେ ଦୁଷ୍ଟ ଚନ୍ଦ୍ରୁଁ ଚଳିଲ
ଝାଉଁକାରେ କୁଞ୍ଜବନେ ମିଳିଲ
ଝସ କେତନର ପିଅର ପାଶ
ଝଗଡ଼ କହଇ ରାଧା ସନ୍ଦେଶ ସେ
ଝରୁଅଛି ପ୍ରାଣ ସାହା ଯେ,
ଝୀନପତଙ୍ଗ ପାଷାଣରୁ ଗରୁ,
ଝଡ଼ପଡ଼େ ବେନି ବାହା ଯେ । । ୯ ।
ଞୟନରେ ନୀର ନ ରହେ ତାର
ଞରନ୍ତରେ ନାମ ଜପଇ ତୋର
ନ ରୁଚଇ ଅନ୍ନ ନ ମାଡ଼େ ନିଦ
ନତନୁର ଶରେ ଲଙ୍ଘୁ ଯେ
ଞଟେଁ ତିରୀହତ୍ୟା ଦୋଷକୁ ପାଇବୁ
ଞାସ୍ତି ଶିରୋମଣି ମଲେ ଯେ । । ୧୦ ।
ଟାଳି ପରାପ୍ୟେ ନ ମଣ କହ୍ନାଇଁ
ଟାକ ବସିଥିବେ ତୋତେ ଅନାଇଁ
ଟଳ ପଡ଼ିବାକୁ ଅଛି କେବଳ
ଟାଣ ମନସିଜରାଜ ପ୍ରବଳ ଯେ,
ଟାଣି ବଢେ ପଞ୍ଚବାଣ ଯେ
ଟିକାଏ ଉପ୍ରୋଧ ନାହିଁନା ତାହାର
କରୁଅଛି ରଣଭଣ ଯେ । । ୧୧ ।
ଠାକୁରେ ଜାଣିଲେ ରାଧା ସନ୍ଦେଶ
ଠିକ କହୁଛନ୍ତି ଦୂତିକା ପାଶ
ଠିକ ଦେହୁ ଆମ୍ଭେ ବାକ୍ୟତ ପୋଇ
ଠିକ କଥା କି କେ କହୁ ଦୂତୀଇ ଯେ;
ଠାକୁରାଣୀ ପଣେ ବଡ଼ ନଯ
ଠାକୁର ଭକ୍ତ- ଭାନୁଙ୍କ ଜେମାଦେଈ
ଆମ୍ଭେ ଜାଣୁ ଶିଶୁ ଖେଳ ଯେ । । ୧୨ ।

ଡମ୍ବର କେତେ କହୁ ବନମାଳୀ
ଡେଇଁ କାଳନ୍ଦୀରେ ମର୍ଦ୍ଦିଲୁ କାଳୀ
ଡଂଶିଲା ଅଙ୍ଗେ ଭୁ ନ ଯାଇ ନାଶ
ଡରାଇ କହୁ ମୁଁ ବାକ୍ରୁତ ଶିଷ ଯେ
ଡରିଲୁ ନାହିଁ ଇନ୍ଦ୍ରକୁ ଯେ,
ଡୋଳେ ଦେଖିଲୁ ଗିରିବର ଧରିଣ
ରଖିଲୁ ଗୋପବୃନ୍ଦକୁ ଯେ । ।୧୩।

ଢମ ଘରା ଏବେ ନ ମଣ ଢାଳେ
ଢଳ ପଡ଼ିବ ଖାବ ଯିବାବେଳେ
ଢୋକିବ ଯେବେ ତୋ ଅଧରୁ ସୁଧା
ଢଳ ନ ପଡ଼ିବ ଖାଇବ ରାଧା ସେ,
ଢାଳେ ହୋଇଅଛୁ ଦୁଖୀ ଯେ,
ଢଳଢଳ ସୁଧା ତୋତହୁଁ ପିଇଲେ
ଖାଇବ ସେ ଚନ୍ଦ୍ରମୁଖୀ ଯେ । ।୧୪।

ଅଣହେଳା ଏବେ ନ କର ହରି
ଏଣି ନୟନୀ ନଷ୍ଟେ ଯିବ ମରି
ଅଣ ଅପରାଧୀ ରାଧିକା ସଣ୍ଢି
ଅନଙ୍ଗ ବାଣୁ ବାରେ କର ହାଣ୍ଣ ସେ
ଅଣ ମନୁଷ୍ୟ ରମଣୀ ହେ
ଅମୂଲ୍ୟ ପିରୁଳୀ ସୁଖେ ଭୋଗ କର
ଆଣିଦେବ ଏହିକ୍ଷଣି ହେ । ।୧୫।

ତୁମ୍ଭେ ଯେବେ ନଷ୍ଟେ ନ ଯିବ ହରି
ତିମିର ଅର୍ଦ୍ଧ ଆଣିମି ସୁନ୍ଦରୀ
ତୋଷ ହୋଇ ଆଜ୍ଞା ଦିଅ ଶ୍ରୀରଙ୍ଗ
ନିଭୃତ ହୋଇ ଲଭ ସଖୀ ସଙ୍ଗ
ତୁରିତେ ଆସିବ ତେବେ ଯେ
ନିଲୋଚନ ରିପୁ- ଚାପକୁ ନ ଡରି
ତୋ ତନୁ ଲଭିବ ଯେବେ ଯେ । ।୧୬।

ଥିରେଣ ହରି କହେ ମନ୍ଦ ହସି
ଥିବୁ ଆମ୍ଭେ କୁଞ୍ଜ କୁଟୀରେ ବସି
ଥିବେ କେହ୍ନ ନାହିଁ ତାଙ୍କ ସଙ୍ଗର
ଥାଇ ଯେଣ ଆସ ନିଶି-ଅର୍ଦ୍ଧରେ ସେ,
ଥିବୁ ପରିଜନ ଜାଣି ଗୋ,
ଥାଇ ତୁ ନିଶି ଅର୍ଦ୍ଧେ ଯେଣ ଆସିବୁ
ଶୋଇଲେ ସେ ନନ୍ଦ ଭ୍ରିଗି ଯେ । ।୧୭।

ଦୟାନିଧି ବାଣୀ ଶୁଣି ଦୂତିକା
ଦନ୍ତି ଜମ୍ବୁନଦ ତହୁଁ ଅଧିକା
ଦୁଃଖ ଜାଣି ସଖୀ ବେଗେ ଅଇଲା
ଦ୍ୱିରଦଗମନା ପାଶେ ମିଳିଲା ସେ,
ଦେଖିଣ ଦୂତିକା ମୁଖ ଯେ,
ଦିଗମ୍ବର ରିପୁ ତା ପଛୁ ନ ଊର
ଲଭିଲା ପରମ ସୁଖ ଯେ । ।୧୮।

ଧରି ଚରଣ ପଙ୍କୁରଇ ସଖ୍ୟା
ଧରଣୀଧର କି ବୋଇଲେ ସତ୍ୱ
ଧ୍ରୁବ କରି କହ ସତ୍ୟ ବଚନ
ଧ୍ରୁବ ଆସିବେ କି ପଦ୍ମନୟନ ସେ,
ଧୀରେ କହେ ସହଚରି ଯେ,
ଧରଣୀଧରଙ୍କ ଯେତେ କଥାମାନ
କହିଲା ବହୁତ କରି ଯେ । ।୧୯।

ନ ଜାଣୁ ଆମ୍ଭେ ସୁରତର ଭାବ
ନାଚ ଖେଳ ଜାଣୁ ଶିଶୁ ସ୍ୱଭାବ
ନାନା ପ୍ରକାର ମଣାଇଁ କହିଲା
ନଷ୍ଟେ ଫିଙ୍ଗକାର କରି ବୋଇଲା ସେ,
ନ ଆସିବେ ଆମ୍ଭ କନ୍ତ ଗୋ,
ନିଶି ଅର୍ଦ୍ଧେ ଯେଣ ଯିବି ମୁଁ ତୁମ୍ଭଙ୍କୁ
କୁଞ୍ଜେ ଥିବ ଶିଖପତ୍ତ ଗୋ । ।୨୦।

ପୁଲକିଲା ତନୁ ଶୁଣି ଏ ବାଣୀ
ପ୍ରସନ୍ନ ମୁଖ ବିଧ୍ୱଂସ ନଳିନୀ
ପ୍ରାପତ ନିଧିକି ଦରିଦ୍ର ହସ୍ତ
ପଦ୍ମବନେ କି ଉଦେ ଦିନନାଥ
 ପସୁରଇ ନିଶି କେବେ ଗୋ,
ପାଶ ପରିଜନ ନିଦ୍ରାଗଲେ ସଖି
 ସଜ କରାଇବୁ ମୋତେ ଗୋ । ।୨୧।
ଫରୁଣା ହୋଇ ନୀଳ ପାଟେ ପିନ୍ଧ
ଫେଡ଼ି କବରୀ ଆନ କରି ବାନ୍ଧ
ଫାଇ ଅଳଙ୍କାର ଅଙ୍ଗେ ଭୂଷଣ
ଫୁଲ ଚନ୍ଦନ କର୍ପୂର ଖଞ୍ଜିଣ ସେ,
 ଫାଇ କୁଙ୍କୁମ ଲେପନ ଯେ,
ଫୁଲ-ଧନୁଶର ରାଜା ସଙ୍ଗେ ଆଜ
 ହୋଇବ ସୁରତ ରଣ ଯେ । ।୨୨।
ବେଳ ଜାଣି ବେନି ସଖୀ ବାହାର
ବେଶରେ ରଜନୀ ଅର୍ଦ୍ଧ ଅନ୍ଧାର
ବୃନ୍ଦାବନେ ବେଗେ ପ୍ରବେଶ ହୋଇ
ବନମାଳୀ ବନମାଳାଏ ନାଇ ଯେ,
 ବାଟେ ଚାହୁଁ ଛନ୍ତି ବସି ଯେ,
ବିଧୁବଦନୀକି ନିକଟେ ଦେଖିଣ
 ମନ୍ଦ ମନ୍ଦ ହୋଇ ହସି ଯେ । ।୨୩।
ଭେଟ ହୋଇଲେ ସେ ରାଧାମାଧବ
ଭଲ ବଢ଼ିଲା ଖେଦ ନିଦଭାବ
ଭୋଖିଲା ଭୃଙ୍ଗ ଭେଟିଲା ମାଳତୀ
ଭେଟେ ଭେଳକି ଲାଗିଲା ଦୁହିଁଙ୍କି ଯେ
 ଭେଟାଇ ଦୂତୀ ଅନ୍ତର ଯେ,
ଭୋଗ ସଂଯୋଗେ ଭୋଗ ଅନୁସରଣ
 ଭଜିଲେ ଜଗୁ ସୋଦର ଯେ । ।୨୪।

ମାଧବ ଅଙ୍ଗ ମରକତ ଗିରି
ମୃଦୁଳ ହେମ-ଲତିକା ଈଶ୍ୱରୀ
ମତ୍ତ କି ଶିଖରୀ କୋଡ଼େ ହରଣୀ
ମନ୍ଥେ ମତ୍ତଗଜ ବନ ନଳିନୀ ଯେ
ମହାନନ୍ଦ ଚଉଷଠୀ ଯେ,
ମଦନ ରାଜାର ମହାବନ୍ଧ ଚୌପେ
ପଡ଼ ନ ପାରନ୍ତ ଉଠି ଯେ । ।୨୫।
ସୁବର୍ଣ୍ଣ ରତନ ଜାଣେ ସିହାଣ
ଜାଣେ ରତିରସ ନାଶ ରଙ୍ଗେଣ
ଯହୁଁ ରାସରସେ ରାଧା ଅଧିକା
ଜାଣେ ବିପରୀତ ରତିନାୟିକା ଯେ
ଜଗବନ୍ଧୁ ହୃଦ ପଦ୍ମେ ଯେ
ଯେଉଁ ରତିରସ ରସେ ରସବର୍ଣ୍ଣ
ଖେଦଇ ଅତି ଉନ୍ମଦେ ଯେ । ।୨୬।
ରଙ୍ଗ ଅଧରେ ଚୁମ୍ବନ୍ତି ଅଧର
ରସପୂରିତ ଉରଜ ଭଣ୍ଡାର
ରତି ଉଚ୍ଛୁଳେ ଭୁଜେ ଭିଡ଼ାଭିଡ଼
ରସେ ଜଘନରେ ଜଘନ ଭିଡ଼ି ସେ,
ରସ ଅପ୍ରମିତା ହୋଇ ସେ
ରମଣୀବର ରସିକ ଶିରୋମଣି
ସାକ୍ଷୀ ସଖୀମତା ଦୁଇ ଯେ । ।୨୭।
ଲକ୍ଷ୍ମୀ ଲକ୍ଷ୍ମୀଧର ଲଭିବେ ଭାବ
ଲାଜ ନ ପାଇଲେ ଦେବେ ଦୁର୍ଲଭ
ଲସିଲା ତନୁ ନୋହ୍ୱ ଲାଗି ଭୁଜୀ
ଲସି କବରୀ ଉରଜରେ ଲୋଳ ସେ,
ଲମ୍ବେ ଶମ୍ଭୁଶିରେ ପାଣି ଯେ
ଲକ୍ଷ୍ମୀଧର ଲଖ ରେଖ ଲାଗି ତହିଁ
ଅର୍ଦ୍ଧ ଶୋହେ ନଶାମଣି ଯେ । ।୨୮।

ବନମାଳୀ ବଧୂବଦନ ରସ
ବିଶ୍ରାମିଲେ ଅଙ୍ଗେ ପିନ୍ଧିଲେ ବାସ
ବହୁତ ବିନୋଇ କହଇ ବାମା
ବହୁତ ଅପ୍ରାଧ କରି ମୋ କ୍ଷମା ଯେ
(ମୁଁ)ବହୁ ଭୁଆଷୁଣୀ ସିନା ଯେ
ବଡ଼ ମନ୍ଦ ମୋର ଶାଶୁ ଯେ ନଣନ୍ଦ
ବାଦେ ଲଗିଛନ୍ତି କନା ଯେ । ।୨୯।

ଶ୍ୱାସ ଥିରକରି କହେ ସୁମୁଖୀ
ସ୍ନେହରେ କୋଳେ ଧରି ପଦ୍ମଆଖି
ଶ୍ୟାମ କରେ ଶ୍ୟାମ କବରୀ ସାଜ
ଶ୍ୟାମ କୁସୁମମାଳେ ତନୁ ରାଜ ଯେ
ସୀମନ୍ତେ ମୁକୁତା ଜାଲ ଯେ
ସବୁ ଅଳକା ଆନ କରି ଛନ୍ଦଣି
ଭାଲେ ମୃଗମଦ ସାଜ ଯେ । ।୩୦।

ସୁରଚି ଜସ୍ତୁ ପତ୍ରାବଳୀ ମାନ
ସୁଗନ୍ଧି ଦେଶ କଲେକ ଲେଖନ
× × ×
ସବୁ ଚୁମ୍ବନ ଦେଇ ଚିବୁକରେ ଯେ,
ସୁରଙ୍ଗ ଅଧର କଳା ଯେ,
ଶ୍ୟାମସୁନ୍ଦର ଚିବୁକେ କର ଦେଇ
ଛଡ଼ାଇଲେ ନନ୍ଦବଳା ଯେ । ।୩୧।

ଶରୀରେ ଦିଶେ ଲଖ କ୍ଷତ ଚିହ୍ନ
ଶାମଳଲେ ଅଙ୍ଗେ ଗୁରୁ ବଦନ
ଶ୍ରବଣେ ଖଞ୍ଜିଲେ ତାଟଙ୍କ ବେନି
ସିନ୍ଧୁ ଫଳମାନ ହୃଦେ ମଣ୍ଡିଣି ଯେ,
ଶ୍ରୀରେ ଭୁ ଅର୍ଦ୍ଧ ଅଙ୍ଗୀ ଗୋ,
ସରସଲୋଚନୀ ଦଣ୍ଡେ ନ ଛାଡ଼ଇ
ଯୁଗେ ଯୁଗେ ପ୍ରାଣସଙ୍ଗୀ ଗୋ । ।୩୨।

ହରିଣନୟନୀ ହରଷ ମନ
ହଂସଗମନୀ କହଇ ବଚନ
ହୋଇଥିବ ତୋ ଠାରେ ପରାଧିନୀ
ହୃଦେ ଜପୁଥିବ ତୋ ଗୁଣ ଗୁଣି ଯେ,
(ଭୁ) ହୋଇଥିବୁ ମୋତେ ସାହା ଯେ,
ହୋଇଥିବ ତୋର ଜନ୍ମେ ଜନ୍ମେ ଦାସୀ
ଆଜ୍ଞା ଦଅ ଚକ୍ରବାହା ହେ । ।୩୩।
କ୍ଷୀଣୋଦଜା ବାଣୀ ଶୁଣି ଗୋପାଳ
ଛ ଛନ୍ଦେ ରାଧାକୃଷ୍ଣ ଛୁଡ଼େ କୋଳ
କ୍ଷଣେ ନ ଛୁଡ଼ଇ ଭୁମ୍ଭ ପୀରତି
ଛୁଇ ଯେହ୍ନେ ଥାଇ ବୃକ୍ଷର କଣ୍ଡି ଯେ,
କ୍ଷେମେ ଯାଅ ନଜ ପୁର ଯେ,
ଛାର ଦାମୋଦର ଅପରାଧ କ୍ଷମା
କର କରୁଣାସାଗର ହେ । ।୩୪।

*

# ରହସ୍ୟ ମଞ୍ଜରୀ

## ଦେବଦୁର୍ଲଭ ଦାସ

### ( ୧ )

( ରାଗ-ମହ୍ଲାର )

ଚରଣ ଅରୁଣ ରାଜେ,
(ଚନ୍ଦ୍ରିଁ) କନକ ନୂପୁର ସାଜେ,
କଟି କଙ୍କିଣୀ-ଘଣ୍ଟି ଠଣରଣ କଙ୍କଣ ଝଁଙ୍କ ବାଜେ ।
(ଗୋ) ସଖୀ ତୁ ଯାଉ କନା,
କନାଇ ପାଶକୁ ଯାଉ କ ନା,
ରତନ ବସନ ହାର କଙ୍କଣ ଯାହା ମାଗୁ ତାହା ନଉ କନା । ୧ ।
ସଜଳ ଜଳଦ କାନ୍ତି,
ନୀଳମଣି ଜିଣି ଭ୍ରାନ୍ତି,
ଅମଳ କମଳ ମୁଖ ମଞ୍ଜୁଳ ଅଳକ ଅଳକାପନ୍ତି,
ଗୋ ଦୂତି ତୁ ଯାଉ କ ନା । । ୨ ।
ଅରୁଣ ଅଧର ରାଜେ,
ମୁରଲୀ ମଧୁର ବାଜେ,
ନାସେ ମୋତିବର ଗଗନେ କ ଶୁକ୍ର ଅଧର ପରେ ବିରାଜେ,
ଗୋ ସଖୀ ତୁ ଯାଉ କ ନା । । ୩ ।
ଭାଲେ ଚନ୍ଦନର ବିନ୍ଦୁ,
(ଗୋ) ନବଘନ ଜଳଦେ ଇନ୍ଦୁ,
ମଣ୍ଡିତ କୁଣ୍ଡଳ ଗଣ୍ଡ ମଣ୍ଡଳ ଚଣ୍ଡ କିରଣ ନିନ୍ଦୁ,
ଗୋ ଦୂତି ତୁ ଯାଉ କନା । । ୪ ।
କୁଟିଳ କୁନ୍ତଳ ଚୂଳେ,
ରଞ୍ଜିତ ବିବିଧ ଫୁଲେ,
ବାପେୟୁଂ ଝଲମଲ ମୟୂର ପୁଚ୍ଛ ମତ୍ତ ମଧୁକର ଭୁଲେ
ଗୋ ସଖୀ ତୁ ଯାଉ କନା । । ୫ ।

ମୋତେ ସଜ କର ସଖି,
(ମୁଁ) କହ୍ନାଇଁକ ଯିବ ଦେଖି,
ମୁରଲୀ ବଜାଇ ମନ୍ଦ ମନ୍ଦ କରି ଦୂରୁଁ ଠାରୁଥାଉଁ ଆଖି,
ଗୋ ଦୂତି ତୁ ଯାଉ କନା । ।୬।

ମୋର ଚରଣେ ଦିଅ ପାହୁଡ଼,
(ମୁଁ)ବନେ କରୁଥିବ ଧାଉଡ଼,
ପାଦ ରୁଣଝୁଣ ଶବଦ ଶୁଣିଣ କହ୍ନାଇଁ ଆହୁଡ଼ ବାହୁଡ଼,
ଗୋ ସଖୀ ତୁ ଯାଉ କନା । ।୭।
ନେତ ପିନ୍ଧାଅ ମଣ୍ଡା ପଡ଼ିଆ,
(ମୁଁ)କହ୍ନାଇଁକ ଯିବ ଲୋଡ଼ିଆ,
ଖଞ୍ଜି କରେ ଚୁଡ଼ି ଗୁଞ୍ଜରବନ୍ଧ ସମନାଥ ଗରଗଡ଼ିଆ,
ଗୋ ଦୂତି ତୁ ଯାଉ କନା । ।୮।
କୁଶ ଦାମ ପରି ବନ୍ଦ,
(ମୋର)ବାହୁଟି ଉପରେ ବାନ୍ଧ,
ଶ୍ରବଣେ ଭର ମୋ ଝଲକ ଚମ୍ପ ଫେରନ୍ତା ମୁକୁତାବନ୍ଧ
ଗୋ ସଖୀ ତୁ ଯାଉ କନା । ।୯।
(ମୋର) ମୁକୁତା ପାଞ୍ଚ ଗୋଟିଆ,
(ଖଞ୍ଜିଦେ) ମୋର ନାସା ପୁଟିଆ,
(ମୋର) କହ୍ନାଇ ପାଶକୁ ବାଜ ଯାଉଥିବ ଝମକ ଝମକ ଝୁଣ୍ଟିଆ ।
ଗୋ ସଖୀ ତୁ ଯାଉ କନା । ।୧୦।
ଏତେ କହି କର ବାଳୀ,
ମୋହେଣ ପଡ଼ିଲା ଢଳି,
ଧାଇଁ ଧରି ସଖୀ ବେଦନ କରନ୍ତି ଆଲୋ ତୁମର ଢାଳି,
ଗୋ ଦୂତି ତୁ ଯାଉ କନା । ।୧୧।
ଗୋବିନ୍ଦ ଗୋବିନ୍ଦ ବାଦ୍ୟ,
ଗଗନେ ଉଚ୍ଛୁଳେ ନାଦ,
ଦେବ କହେ ପ୍ରଭୁ କେବେହେଁ ନୋହିବ
ଗୋବିନ୍ଦ ଭାବ ବିଚ୍ଛେଦ । ।୧୨।

(୨)

( ରାଗ—କରୁଣା ଛଟିଆର )

ମନ୍ଦା ଗ୍ରୀଷମ ଋତୁ ବୈଶାଖର ଶେଷ,
ବହିଲା ଝଞ୍ଜା ପବନ କୃଶାନୁ ବତାଶ ।
ପାଚିଲେ ଆମ୍ବ ପଣସ ତାତିଲେ ସଲିଳ,
ଜଳିଲା ଶରୀର ମୋ ଟଳିଲା କଳେବର ।
ମୁଁ ଗୋ ମଲି ମଲି ମଲି,
କାନ୍ତ ମୋ ଉପେକ୍ଷି ଗଲେ କେଉଁ ଦୋଷ କଲି ।
ଗମ୍ଭୀର ଘରରେ ଗୋ ଗ୍ରୀଷମେ ନୋହେ ଶୋଇ,
ଦକ୍ଷିଣ ମେଲା ମନ୍ଦରେ ପ୍ରଭୁ ସଙ୍ଗେ ରହି ।
କର୍ପୂର ଚନ୍ଦନ ସୁଶୀତଳ ଜଳେ ଗୋଳି,
ସ୍ୱାମୀ ସଙ୍ଗେ ବିବିଧ ବିନୋଦେ ବୋଳାବୋଳି ।

ଫୁଟି ତାଳସଜ ପଣା ପଇଡ଼ କଦଳୀ,
କର୍ପୂର ମରିଚ ଖଣ୍ଡ ସିଙ୍ଗଡ଼ା ତାମ୍ବୁଲ ।
ମଣୋହି କରଣ ସେହୁ ଖୁଆଇଣ ଖାଇ,
ସୁସ୍ଥ ପାଇ ସ୍ୱାମୀ ଭୁଜ ପଞ୍ଜରେଣ ଶୋଇ ।
ଋଷଭ ସମ୍ପୂର୍ଣ୍ଣେ ସଖି ଆଷାଢ଼ର ଅନ୍ତେ,
ଶ୍ରାବଣ ପ୍ରବେଶ ଗୋ ଜଳଦ ଋତୁ ହୋନ୍ତେ ।
ଗାଜିଲେ ଗଗନେ ମେଘ ସାଜିଲେ ବରଷା,
କି ଜାଣି ନବଢ଼ ଘୋର ଅନ୍ଧକାର ନିଶା ।
ଘଡ଼ଘଡ଼ି ଉପରେ ପଡ଼ଇ ଚଡ଼ଚଡ଼ି,
ଚଡ଼ଚଡ଼ି ଉପରେ ନିର୍ଘାତ ପଡ଼େ ମାଡ଼ି ।

ବିଜୁଳି ଝମକେ ଗୋ ଚମକି ଉଠେ ହିଆ,
କେସନେ ବଞ୍ଚିବି ମୋର କୋଳେ ନାହିଁ ନାହା ।
କମଳମା ବିଗସିଲେ, ଅବମା ଉଲ୍ଲସି,
ମାତିଲେ ମଣ୍ଡୂକେ ଯେ ଡାହୁକ ଡାକେ ମିଶି ।

ନଖ ଯୋଡ଼ି ବଢ଼ିଲେ, ଜଡ଼ିଲେ ସୁନାଗଣ୍ଠି,
ସୁବେଶ ସୁବର୍ଣ୍ଣ କାନ୍ତ ପଥ ଅନୁସରି ।
ପ୍ରବାସୀ ପୁରୁଷମାନେ ସର୍ବ କାର୍ଯ୍ୟ ଛାଡ଼ି,
ଘରକୁ ଆଇଲେ ପ୍ରିୟା ଗୁଣ ମନେ ପଡ଼ି ।
ଏକମାତ୍ର ମୋର କାନ୍ତ ନଇଲେ ମୋ ପାଶ,
ନଚମ୍ପେ ଜାଣିଲି ମୋର ତେଜିଲେ ମୁହାଁସ ।
ଭାଦ୍ରବର ଅନ୍ତେ ସଖୀ ଆସିଣ ପଶନ୍ତେ,
ପ୍ରବେଶ ଶରଦ ଋତୁ ପ୍ରଚେଳ ଆଦିତ୍ୟେ ।
ଗଗନୁ ଝଡ଼ିଲା ଭ୍ରମ, ମହୀଫଣୀ ପଶେ,
ବରଷା ବଞ୍ଚାଇ ମେଘ ନାନା ବର୍ଣ୍ଣ ଦିଶେ ।
ଉତ୍ତରୁ ଅଇଲା ଶୀତ ବିକାନ୍ତା କୁମାରୀ,
କାନ୍ତଥିଲା କାମିନୀଙ୍କି ଦୂରୁଁ ଅପସରି ।
ଫୁଟିଲେ କୈରବ କଅଁ ଚନ୍ଦ୍ରକାନ୍ତ ବଢ଼େ,
ଶ୍ରୋଣେହା ଭକ୍ତ ଆରତେ ଶ୍ରୋଣେହ୍ନା କ ଲୋଡ଼େ ।
କାର୍ତ୍ତିକ ସରନ୍ତେ ସଖି ମଗୁଶିର ଆସେ,
କାକର ପଡ଼ିଲା ଭ୍ରମ ଋତୁ ପରକାଶେ ।
ଦହିଲା କମଳ ବନ, ବହିଲା ଉତ୍ତରୀ,
ସୁସ୍ଥିର ହୋଇଲା ସିନ୍ଧୁ ସଧୀର ଲହରୀ ।
ମରୁଆ ହସିଲା, କୁନ୍ଦ ଦେଖିଣ ବିକାଶ,
ଗାଇଲେ ଗାଆନ୍ତା ଗୀତ ଗୁଣ୍ଡ କେଶୀ ରସ ।
ଭୁଟିଗଲେ ନଖ ସର୍ବ, ଫିଟିଗଲେ ବାଟ,
ବିନ ଆସି ପାହିଗଲା କାନ୍ତ ନାହିଁ ଭେଟ ।
ସିଂହଡ଼ା କେସର ସଖି ଗୁଆ ଘୃତେ ପୋଇ,
କପୂର ମରଚ ମେଳ ମିଠା ଦୁଧେ ମୋହି ।
ସାରିଆ ଖଣ୍ଡ ମିଶାଇ ବଟା ଭରି ଥୋଇଁ,
ଶୟନ ପଲଙ୍କେ କାନ୍ତ ଅଧରେ ଯୋଗାଇ ।
ପୁଷର ଅନ୍ତରେ ସଖି ମକର ପ୍ରଖ୍ୟାତ,
ପ୍ରବେଶ ଶିଶିର ଋତୁ ପବନ୍ଧ ଜଗତ ।

ମକର ସ୍ନାହାନ ଜନେ ଧର୍ମ ଅର୍ଥେ କରି,
କୁହୁଡ଼ି ପଡ଼ିଲା ଗୋ ଜାଡ଼ିଲା ବସୁନ୍ଧରୀ ।
ଫୁଟିଲା ମାଧବୀ ଗୋ ଭୁଟିଲା କଇଁଫୁଲ,
ଉଠିଲା କଞ୍ଚନ କଢ଼ି କାମ-ଶର ଭୁଲ ।
ଲେଉଟିଲା ଉତ୍ତର ପବନ ନିଜ ସ୍ଥାନ,
ଉଠିଲା ଲହରୀ ସିନ୍ଧୁ ଅନନ୍ତର ଫେନ ।
କାକଗର୍ଭ ଦେଖି ସଖି ହୋଇଲି ଚକିତ,
ଏତେବେଳେ ନ ଭେଟିଲି ଗିରିଧାରି ତ ।
କୁରୁବେଲି ଚଇଁରଲେ ଅତି ଉଗ୍ର ଗନ୍ଧ,
ଚୂତର ବଉଳ ଦେଖି କୋକିଳ ଆନନ୍ଦ ।
ମକର ସରନ୍ତେ ସଖି ଫଗୁଣର ଅନ୍ତେ,
ଆଇଲା ବସନ୍ତ ଋତୁ ଅନଙ୍ଗ ସଙ୍ଗତେ ।
ବହିଲାକ ମଳୟ ପବନ ଗନ୍ଧ ଭୁଲେ,
ପଲ୍ଲବିଲେ ତରୁଲତା ଫୁଟିଗଲେ ଫୁଲେ ।
ରୁଚେଇ ଗହଳ ସଖୀ ଗୋବିନ୍ଦଙ୍କ ଦୋଳ,
ସବୁ ସୁଖ ଦେନଗଲେ ମଦନଗୋପାଳ ।
କହୁଁ କହୁଁ ଚୂତ ବୃକ୍ଷେ ଧରିଗଲେ କସି,
କୋକିଳ କ୍ରୀଡ଼ଇ ଚୂତ ଡାଳେ ଡାଳେ ବସି ।
ଚଇତ ମାସରେ ରାଧା ମାଧବ ସୁମରି,
ବୃନ୍ଦାବନେ ପଶିଣ ଲୋଡ଼ଇ ଅନୁସରି,
ଦେଖଇ ପଲ୍ଲବ ଲତା ତରୁ ଫଳ ଫୁଲେ,
ଦେବ କହେ ସଖୀ କର ଧରି ଧରି ବୁଲେ ।

(୩)

( ରାଗ-କଲ୍ୟାଣ ଆହାରୀ )

ନବକିଶୋର                    କିଶୋରୀ ପ୍ରାଣନାଥ
ବିମ୍ବାଧରେ ବଂଶୀ ରୁପିଲେ,

ତ୍ରିଭଙ୍ଗ ଛନ୍ଦେ          କଦମ୍ବମୂଳେ ରହି
ମଧୁର ଧ୍ୱନି ଆଳପିଲେ ।
ସୁସ୍ୱର,
ଧ୍ୱନି ଶୁଭିଲା ତିନି ପୁର,
ସଚରାଚର          ଜନମନ ହରିଲା
ସମାଧି ଟଳିଲା ଶିବର ।          ।୧।
ସପତ ସାଗର          ଲହରୀ ସ୍ତମ୍ଭିତ
ଯମୁନା ଉଜାଣି ବହିଲା,
ଶୁଷ୍କ ତରୁବର          ନବ ପଲ୍ଲବିତ
ପାଷାଣ ତରଳି ଗଳିଲା ।
ଗଗନେ,
ଉଡ଼ନ୍ତା ଚଢ଼ାଇ ସ୍ତମ୍ଭିଲେ,
ଗଭୀର ଜଳୁଁ          ମତ୍ସ୍ୟମାନେ ଉଲ୍ଲସେ
ଡେଇଁ ଯାଇ କୂଳେ ପଡ଼ିଲେ ।          ।୨।
ପଶୁ ଜନ୍ତୁମାନେ          ମୁଖେ ଗ୍ରାସ ଘେନି
ଆକାଶକୁ ଚାହିଁ ରହିଲେ,
ବେଦବର ବେଦ          ପଢ଼ୁଁ ପାସୋରିଲେ
ଧ୍ୱନି ଶୁଣି ମୋହ ହୋଇଲେ ।
ସୁସ୍ୱର,
ପାହିଗଲା ରାଗ ଗାନ୍ଧାର,
ନବକିଶୋରୀ          ଚିନ୍ତା ମେଣ୍ଟୁ ଉଡ଼ିଲା
ଛୁଟିଲା ମଦନ ଅନ୍ଧାର ।          ।୩।
କାଚପୁରେ ରତ୍ନ-          ପଲଙ୍କେ ସୁନ୍ଦରୀ
ଅଳପ ନିଦ୍ରା ଯାଇଥିଲା,
ବଂଶୀ-ଆଳାପ-          ଧ୍ୱନି କର୍ଣ୍ଣେ ଶୁଣନ୍ତେ
ସପନ ମଣି ଚମକିଲା ।
ସୁନ୍ଦରୀ,
ଉଲଟି ପଡ଼ିଲା ତଳରେ,

ନାବୁ କ ମୀନ ଛୁଟିକି ଡେଇଁ ଆସି
ପଡ଼ିଗଲା ନଦୀଜଳରେ । ।୪।
ଭେଦିଲା ଧ୍ୱନି ହୃଦୟ ଜରଜର
ଉଚ୍ଚସ୍ୱରେ କାନ୍ଦି ଉଠିଲେ,
ବେଭୁଲ ମନ୍ତ ଆରତ ହତଗ୍ୟାନେ
ବିକଳେ ଲୋଟି ସାଉଁଟିଲେ ।
ସୁନ୍ଦରୀ,
ବଂଶୀର ରବ ଶ୍ରବଣେ ଶୁଣି,
ଏ ତ ବିପରୀତ କାହାର ଚରିତ
କୃଷ୍ଣ ଗଲାଦିନୁ ନ ଜାଣି । ।୫।
ବ୍ରଜକୁମାରେ ଏଥେ ଯେତେ ଅଛନ୍ତି
କାହାର ବଂଶୀ ଏ ନୋହଇ,
ଏଥର କୋଟି ଅଂଶ ଲେଶ ମାତ୍ରକୁ
ଲକ୍ଷିଲେ ସମ ଅଛୁ କାହିଁ ।
ଏ ଧ୍ୱନି,
ଏ ମହା ମଧୁଯାମିନୀରେ,
କାହାପାଇଁ ଅବା କେହୁ ବଜାଇବ
ଯମୁନା ପୁଲିନ ବନରେ । ।୬।
ଏତେବେଳେ ଆସି ସଂସିଦ୍ଧି ହୋଇଲା
ଯାହା·କହିଥିଲେ ଅମ୍ବିକା,
ଏମନ୍ତ ବଂଶୁରୁ ବଂଶୀ ଡାକ ଦେଲା
ରାଧିକା, ରାଧିକା, ରାଧିକା ।
ସୁନ୍ଦରୀ,
ଶୁଣି କର କୋଡ଼ ହୋଇଲା,
କେଶବାସ ଅସ- ମ୍ଭାଳ ହୋଇ ବାଳୀ
କଦମ୍ବମୂଳକୁ ଧାଇଁଲା । ।୭।
ଦେଖିଲେ ଦିବ୍ୟ- ମୂରତି ଗୋପୀନାଥ
ଲୁହିଁ ମଥା ପୋତି ରହିଲେ,

କଶୋରବର ବଂଶୀ କରୁଁ ପକାଇ
ଧାଇଁ ପଡ଼ ଭଡ଼ ଧଇଲେ ।
ସୁନ୍ଦରୀ,
କ୍ରୋଧେ ଗଦଗଦ ବଦନ୍ତ,
କେ ତୁମ୍ଭେ କାହାକୁ ବଳେ ଧରୁଅଛ
ମୁହିଁ ଅନାଥିମା ଯୁବତୀ । ।୮।
ଏହିମତ ପର- ପୁରୁଷ ଜଣେକ
ଗୋପ ନବରେ ରହିଥିଲା,
ଏହି ବନେ ପଶି ବଂଶୀ ବଜାଇ ସେ
ସବୁନ୍ତ ନାଶ କରଗଲା ।
ଏବେ ହେଁ,
ତୁମ୍ଭେ ଆସିଅଛ କାହିଁକ ?
ତୁମ୍ଭେ ପୁଣି ନାଶ କରବ କାହାକୁ
ପଗ୍ଭର ଅଇଲୁ ତହିଁକ । ।୯।
ଛାଡ଼ ଛାଡ଼ ବୋଲ କ୍ରୋଧେ ଅସମ୍ଭାଳେ
ବୋବାଇ ଉଠିଲେ ସୁନ୍ଦରୀ,
ଦେଖି ଶ୍ରୀହରି ଲୋତକ ନ ରହଇ
ହୃଦେ ଭିଡ଼ିଲେ ଗାଢ଼ କର ।
ମୁରାର,
ମୁଖ ଚୁମ୍ବି ଶୋକ ହରିଲେ ।
ଗଳାରେ ଲମ୍ବାଇ ଚକୁର କୁନ୍ତଳ
କବରୀ ବାନ୍ଧି ସାମଳଲେ । ।୧୦।
ଅଞ୍ଚଳେ ମୁଖ ପୋଛି ଦେଇ ବୋଲନ୍ତ
ଶୁଣିମା ମୋର ପ୍ରାଣେଶ୍ୱରୀ,
ମୋର ମନକଥା ତୁମ୍ଭେ କ ନ ଜାଣ
କେତେ କହିବା ପ୍ରୌଢ଼ କର ।
ସୁନ୍ଦରୀ,
ଦେଖ ମୋ ଦେହ ରୂପକାନ୍ତ,

ଝୁରି ଝୁରି ତନୁ ଝଡ଼ି ଯାଉଅଛି
କେବଳ ରହିଛି ଜୀବନ୍ତ । ।୧୧।
ରାଧିକା ବୋଇଲେ ନାଗରମାନଙ୍କ
ସାଗର ସାଗର ଏ ବୁଦ୍ଧି,
ମାମୁ ମାରି ଦୋଷ ମେଣ୍ଟାଇ ପାରନ୍ତି
ମାଈଁଙ୍କ ଗଳା ଧରି କାନ୍ଦି ।
ନାଗର,
ସେହି ମାୟାଧର ନୁହଁ କି ?
କୋଟି ରାଜଜେମା ଯାହାକୁ ଖଟନ୍ତି
ସେ ପୁଣି ଝୁରେ ନିର୍ମାଖୀକ । ।୧୨।
ଶ୍ରୀକୃଷ୍ଣ ବୋଲନ୍ତି ଚନ୍ଦ୍ର ଦେବତାର
କୋଟି କୋଟି କନ୍ୟା ଅଛନ୍ତି,
ଯାମିନୀ କନ୍ୟା ତା କ୍ଷଣହେଁ ନ ଥିଲେ
ଘୁଡ଼ଇ ତାର ଜ୍ୟୋତି କାନ୍ତି ।
ସୁନ୍ଦରି,
ଶତ ଚନୁ ଇନ୍ଦ୍ର ନୁହଇ,
ରାଧାକୃଷ୍ଣ ବୋଲି ଯୁଗ ଯୁଗାନ୍ତରେ
ଶାହାସ୍ତ୍ର ପୁରାଣେ ଲହଇ । ।୧୩।
ରାଧା ବୋଇଲେ ରାଧାକୃଷ୍ଣ ବୋଲାଇ
ସେରନ୍ଧ୍ରା ହୋଇ କି ରହିବ,
ରାତ୍ତ ରାତ୍ତ ହୋଇ ଲୁଚି ଆସିଅଛ
ରାତ ନ ପାହୁଁ ପଳାଇବ ।
ନାଗର,
ଏଥୁଁ ମରଣ ମଣି ଭଲ,
କ୍ଷଣକର ସୁଖ ସପନ ସମ୍ପତ୍ତି
ପୁଣି ହିଁ ସେହି କଲବଲ । ।୧୪।
ଶ୍ରୀଧର ବୋଇଲେ ଏହି ନିଶି ସଖି
ଅନେକ ଯୁଗଯାଏ ଥିବ ।

ବହୁତ ହାସ ବିଳାସ ରାସ ରସ
ଏହି ବୃନ୍ଦାବନେ ହୋଇବ ।
ସୁନ୍ଦରି,
ମନେ କିଛି ଚିନ୍ତା ନ କର,
ତୁମ୍ଭର ପାଇଁ ନାନା ପାଞ୍ଚ କରଅଛୁଁ
ଏଥିକୁ ହୁଅ ତତପର । ।୧୫।

ଶୁଣି ସୁନ୍ଦରୀ ହୃଦୟୁ ଉଲ୍ଲସିତ
ଯୌବନୁଁ ବସନ ଖସିଲା,
ମୁଖେ ମୁଖ ଚୁମ୍ବି ଭୁଜେ ଭିଡ଼ି ବାଳୀ
ଲମ୍ଭି ପଡ଼ି ତଳେ ବସିଲା ।
ଗରୁଡ଼,
ଦେଖି ମୁଖ କଲା ପିଠିକି,
ପୃଷ୍ଠପରେ କୃଷ୍ଣ- ରାଣୀ ରହୁଁ ଥିଲେ
ପକ୍ଷୀ ଉହାଡ଼ିଲା ଦୃଷ୍ଟିକି । ।୧୬।

ରାଧାକୃଷ୍ଣ ପ୍ରୀତି ସୁରତି ପ୍ରବନ୍ଧ
ଚୁମ୍ବନ ଆଲିଙ୍ଗନ ଖେଳା,
କାମ ସମୁଦ୍ରେ ବେନି ଜନ ବୁଡ଼ିଲେ
ଭାସିଣ ଗଲା ଗ୍ୟାନ-ଭେଳା ।
ସୁଜନେ,
ଚେତନା ବଳେ ପହଁରିଲେ ।
ଜଳ ପ୍ରବଳେ ଉତ୍ତୁରି ନ ପାରନ୍ତି
ଯୋଗେ ଭେଳା ପାଇ ତରିଲେ । ।୧୭।

ସୁରତି ଅନ୍ତେ ସନ୍ତୋଷ ବେନି ଜନ
କାମ ମନୋରଥ ପୂରିଲା,
କେଶ ବସନ ବାସ ପରିଧାପନ
ମନମଥ ଅପସରିଲା ।

ସୁଜନେ,
ରାଧାକୃଷ୍ଣ ପଦ୍ମଚରଣ,
ନରେଖି ଦେବ ନିରନ୍ତରେ ଆରତ
ଫୂକାର ମାଗଇ ଶରଣ । । ୧୮ ।

('ରହସ୍ୟମଞ୍ଜରୀ', ନବମ, ଦ୍ୱାଦଶ
ଓ ପଞ୍ଚଦଶ ଛାନ୍ଦରୁ ଗୃହୀତ)

*

# ପରିମଳା

## ନୃସିଂହ ସେଣ

( ୧ )

(ରାଗ-କେଦାର, ଚକ୍ରକେଳୀ ବାଣୀ)

ଯେଥୁ ଅନନ୍ତରେ ଶୁଣ ସୁରସ
ଆସି ବରଷା ହୋଇଲା ପ୍ରବେଶ ।
ମେଘ ଗଗନମଣ୍ଡଳ ଘୋଡ଼ାଇ
ସବୁ ଦିଗେ ପୂରିଣ ଆଣ୍ଟେ ରହି ।
ଘନ ଘନ କରି ଦେଲା ଗର୍ଜନ
କାହିଁ ଲୁଚିବୁ ଆରେ ଆଜ ଦିନ ।
ନିଶା ଆନନ୍ଦ ହୋଇଣ ବିହର
ଆଜ ଦିବସ କରିବ ତୋହର ।
ଝଟଝଟ ବିଦ୍ୟୁଲ୍ଲତା ମାରଇ
ଚକ୍ଷୁ ପିଚ୍ଛଡ଼ା ପ୍ରାପ୍ତେ ନ ଦିଶଇ ।
ଲୁଚିଇଲା ଜଦରେ ଗିରିବର
ମସ୍ତି ଛୁଇଁଲା ଆସି ନୀରଧାର ।
ଯେହ୍ନୁ ଗିଳି ଦେଉଛି ଗିରିବର
ସେ କି ରଖିବ ବିଯୋଗୀ ନକର ।
କଳା ବର୍ଣ୍ଣେ କାଳ ପରି ଦିଶିଲା
ବିରହିଣୀ ପାସକୁ ଆହୋଷିଲା ।
ନିଶି ଦିବସ ବରଷଇ ନୀର
ଜଳ କ୍ଷଣେ ନ ଛୁଡ଼େ ଗିରିବର ।
ଦିଶେ ଦିଶେ କେତକୀ ବିକାଶିଲେ
ଗିରିଶ୍ୟାମା ନାମ ଦେଖି ହସିଲେ ।
ଫୁଟି ଲେଟେ କୁଟଜ ଶାଖୀ ଶାଖ
ଫିଟିଗଲେ ମାଳତୀ କଢ଼ି ମୁଖ ।
ରଙ୍ଗ କଦଳୀ ରଙ୍ଗ ସେ ଦିଶିଲା
କାଶ-କୁସୁମ ଶୁକଳେ ହସିଲା ।

ଅନୁଭବ ସନ୍ତାପ ଛାଡ଼ି ନଦୀ
କୂଳ ଲଙ୍ଘିଣ ହୋଇଲେକ ବୃଦ୍ଧି ।
ହଂସ ଛାଡ଼ିଣ ଅବନୀମଣ୍ଡଳ
ମାନସରକୁ କଲେ ଅନୁକୂଳ ।
ଝଞ୍ଜାନିଳ ପ୍ରଗଲ୍ଭ ହୋଇ ବହେ
ନବ ମାଳତୀ ମଧୁଗନ୍ଧ ବହେ ।
ନବ କୁସୁମ ବିକାଶ ନିକର
ନିରତରେ ମଣ୍ଡିଲେ ନଦୀତୀର ।
ଦିନକର ନୋହି ଲଭେ ପ୍ରକାଶ
ତମ ବୋଲି ହୋଇଲା ତନୁଦେଶ ।
ନିରନ୍ତରେ ମଣ୍ଡଇ ଘନ ନବ
ମତ୍ତ ମୟୂର ଶିଖୀ ସଙ୍ଗେ ଭାବ ।
ପୁଚ୍ଛ ତାର ବିସ୍ତାରି ନାଟ କରେ
କେକା ଗଗନସ୍ଥଳ ଯାଏଁ ପୂରେ ।
ସେହି ଋତୁକୁ ଦେଖିଣ ବିରହୀ
ପ୍ରାଣ ଆଶା ଛାଡ଼ିଲେ ଘନ ଚାହିଁ ।
କେହୁ ଜୀବର ଆଶା ହିଁ ଛାଡ଼ିଲା
ଘନ ଗର୍ଜନକୁ କାନ ଡେରିଲା ।
କେଉଁ ବାଳା କରେ ଅତି ସାହାସ
ନୟନରେ ଦେଖିଲା ଘନରସ ।
କେଉଁ ଅନୁରାଗୀର ଏ ବିଚାର
କାନ୍ତ ନ ଦେଖି ଜୀବନ ନିବାର ।
ଅମୂର୍ଚ୍ଛିତ ହୋଇଲା ତାର ମନ
ତେଣୁ ଲଭ୍ୟେ କରି ରଖେ ଜୀବନ ।
ଯେହୁ ବିରହ ଭାବ ସହିଥିବ
କାନ୍ତ ମୁଖ ନଦେଖି ପ୍ରାଣ ଯିବ ।
କେଉଁ ରସବତୀ କାମ ଉଦ୍ଭ୍ରାନ୍ତ
ଶତ ଭାବରେ ପରମ ଦୁର୍ଭ୍ରାନ୍ତ ।

ଦୁଇ କୂଳରୁ ହୋଇଣ ଯେ କଥା
ଉଭୁ ସୁମର ହୋଏ ମନବ୍ୟଥା ।
ଅଙ୍ଗ ସଙ୍ଗେ ଅଛୁ ଯଉଁ ଯୁବତୀ
କାନ୍ତ ଘେନ ଆସେବ୍ହଲା ଜଗତୀ ।
ଘନ ତଡ଼ିତ ବରଷା ପ୍ରଚୁର
ଦେଖି ଉଲ୍ଲସଇ ଚକୁ ତାହାର ।
କାନ୍ତ କରେ ଉଚିତ ଉପଚୁର
କାମ ମଦକୁ ଶୀତ ଉପଚୁର । ।୬୦।

କେଉଁ ବିଦେଶୀ ଦେଖି ଯେ ସମୟେ
କରେ ସଦନ ଗମନ ଉପାୟେ ।
କେହୁ ବରଷା ମୀରମାନ ଚିନ୍ତ
ବାଟେ ଗମନ ପ୍ରିୟାମୁଖ ଚିନ୍ତ ।
ଘନ ଗର୍ଜନ ଶୁଣେ ଘନ ଘନ
ଜଇମୁନଙ୍କୁ କଲ ପ୍ରିୟା ନାମ ।
କଲ ନଶାରେ ସେ କେଳ ବସୁର
ଧ୍ୟାନ କରଇ ମଦନ ମନ୍ଦିର ।
କେହୁ ସଦନେ ହୋଇଲ ପ୍ରବେଶ
ତାପ ପାଇଲ ଦେଖି ପ୍ରିୟା କୃଶ । ।୭୦।

ଯେଣ୍ଟ ସମୟେ ମଧୁମଣ୍ଡ-ପୁରେ
ମନ୍ଦକେତୁ ଘନ ବୃଷ୍ଟି ବସୁରେ ।
ଆହା ହୋଇଲା ପ୍ରବେଶ ବରଷା
ଜାଣୁ ନାହିଁ ଯେ ମୋର କେଉଁ ଦଶା ।
ମୋର ନୟନ ବେନ ବାରବାହ
ପ୍ରାୟେ ବାରି ବରଷେ ବାରବାହ ।
ମୋର ହୃଦୟ ପରି ଅପ୍ରସନ୍ନ
ହୋଇ ଅଛନ୍ତି ଯେତେ ଦଗମାନ ।
ମୋର ପ୍ରିୟା ପ୍ରାୟେ ନେତ୍ରୁ ଅନ୍ତର
ହୋଇ ଅଛନ୍ତି ଦବା ନଶାକର । ।୮୦।

ମୋହୋ ପରାଣ ପ୍ରାୟେଣ ମରାଳ
ହୋଇ ଅଛନ୍ତି ଯିବା ଅନୁକୂଳ ।
ଯେହ୍ନେ ନବୀନ-ଘନମାନ ଶୁହ୍ନିଁ
ସୁଖ ପାଉ ଯେ ଥାଇ ଶୁନ୍ଦମୁହ୍ନିଁ ।
ଘନ ଗର୍ଜ୍ଜନ ଶୁଣିଣ ମିଛେ ହେଁ
ଆସି ପଶଇ ବେଗେ ମୋର ଦେହେ ।
ଶ୍ରଦ୍ଧାରେ ନବଘନକୁ ଅନାଇ
ମୋ ମୁଖରେ ଚୁମ୍ବନ ଦେଉଥାଇ ।
ନବ ଘନେଣ ଝଟକେ ବଜୁଳି
ମୋ ହୃଦରେ ଝଟକୁ ଥାଯେ ବାଳୀ । ।୯୦।
ଲଜ ବନେ ଗୁଡ଼ିଲ ଯେ ସୁନ୍ଦରୀ
ଘନ ଗରଜନ ସହି ନ ପାରି ।
ମୋର କଣ୍ଠେ ଚୁମ୍ବ ବଅ ବୋଇଲା
ତନୁ ଚମକାଇ କୋଳେ ଧଇଲା ।
କେକାରବ ଶୁଣିଣ ବନେ ବାଳୀ
କଣ୍ଠେ ବୁଜିଲା ଯେ ବେନ ଅଙ୍ଗୁଳି ।
ଗୋରା ଦେହରେ ଟାଙ୍କୋରିଲା ରୋମ
ଜନ୍ମେ କନକ କଦମ୍ବ କୁସୁମ ।
ମନ୍ଦେ ବୁଜିଲା ଯେ ମୃଗଲୋଚନ
ପାଖେ ଥାନ୍ତେ ମାଇଲାକ ମଦନ । ।୧୦୦।
ଯେବେ ନ ମାରି କରି ଦହୁଅଛୁ
ପଚନେହ୍ନିଂ ଯେତେ ଦୁଃଖ ଦେଉଛୁ ।
ମାରିବାରହ୍ନିଁ ନୁହଁଇ ଉଚିତ
ବାଳୀ ଟେକଥିବ ଯେ ମୋରେ ଚିତ୍ତ ।
ତାକୁ ଦେଖିବା ଆଶ ଅଛୁ ଯେଣୁ
ପ୍ରାଣ ଥୋକାଯେ ବନ ଥାଉ ତେଣୁ ।
ମର୍ତ୍ତ୍ୟେ ଯେ ରତୁ ପ୍ରବେଶ ହୋଇଛୁ
ଯେଣୁ ଜାଣୁଥିବ ତୃ କମଳାକ୍ଷୀ ।

ଯେବେ ମୋ ଠାରେ ଦୟା କରିଥିବ
ମୋର ସମସ୍ତ କ୍ରୀଡ଼ା ସୁମରିବ । ।୧୧୦।
ମୋର ଦୁଃଖ କରୁଥିବ ବହୁର
ଅଣାୟୂତେ ସୁହାଉ ଥିବ ତାର ।

(୨)

( ରାଗ-ଗୁଜ୍ଜରୀ )

ନିଜ ପୁରେ ପ୍ରବେଶ ତରୁଣୀ
ନ ଦେଖିଲାକ କୁମରରମଣୀ
ଅନୁସରି ସର୍ବ ସ୍ଥାନେ ଯାଇ
ନ ପାଇଲା କୁମରକୁ କାହିଁ ।
ସଖି ଗୋ,
କାହିଁ ଅଛୁ ମୋ ପ୍ରାଣବନ୍ଧୁ
ସକଳ କଳା ପରିପୂର୍ଣ୍ଣ ସେ ଗୋ
ରୂପେ ମଦନ ଗୁଣରେ ସିନ୍ଧୁ । ।୧।
ଏମନ୍ତେ ବୋଲି ତିଳୋତ୍ତମା ବାଳୀ
ମୋହେଣ ସେ ପଡ଼ିଲାକ ଢଳି
ତା ଦେଖି କରି ମିଳି ସହଚରୀ
ମୁଖରେ ନେଇ ଛିଞ୍ଚିଲେକ ବାରି ।
ସଖି ଗୋ,
ଧରି ତୋଳନ୍ତି ସମସ୍ତ ହୋଇ
କର୍ପୂର ଚନ୍ଦନ ପମ୍ବରରେ ଗୋଳି
ଲେପିଲେକ ବେଗ କରି ନେଇ । ।୨।
କ୍ଷଣିକେ ସଚେତନ ହୋଇ ବାଳୀ
କହଇ ଉତ୍ତର ବିକଳେ ଭାଳି
ଶୁଣ ଶୁଣସି ମୋର ସଖିଜନ
ମୋର ବନ୍ଧୁକୁ ଲୋଡ଼ି ବେଗେ ଆଣ ।

ସଖି ଗୋ,
ମୁଁ ତାରେ କଲି କାହିଁ ତ ଦୋଷ
ଅକାରଣେ କମ୍ପା ତେଜିଗଲେ ମୋତେ
ହୋଇଲାକ ମୋର ପୁଣ୍ୟ ଶେଷ । ।୩।
ମୁହିଁ ଚାତକ ସେହି ଜଳଧର
ମୁହିଁ ପଦ୍ମବନ ସେ ଦିବାକର
ମୋ ମନକୁମୁଦ ସେ ପୂର୍ଣ୍ଣଶଶୀ
ସେହି ଠାକୁର ମୁହିଁ ତାର ଦାସୀ ।
ସଖି ଗୋ,
କାହିଁ ଅଛି ସେହି କୁମରବର
ତାର ବିନୁ ମୋର ଦିନ ନ ସରିବ
ତେଜିବଇଁ ନଶ୍ବରଂ ଏହି କଳେବର । ।୪।
ତିଳୋତ୍ତମାର ବିରହ ସେ ଦେଖି
ମନେ ବିକଳ ପାଇଲେକ ସଖୀ
ପଦ୍ମପତ୍ର ଆଣି ସେ ସହଚରୀ
ଶେଯ୍ୟା ରଚିଲେ ସଞ୍ଚଘଞ୍ଚ କରି ।
ସଖି ଗୋ,
ମୃଦୁ ପଲ୍ଲବ ଶେଯରେ ନେଇ
ଚନ୍ଦନକର୍ପୂର ଲେପୁଣ ଅଛନ୍ତି
ସୁଶୀତଳ ଜଳକଣା ଦେଇ । ।୫।
ଶୁଆଇଲେ ବାଳୀକି ତହିଁ ନେଇ
ଅନେକ ଚାଟୁବାଣୀମାନ କହି
ବସନ୍ତି ସଖୀଜନେ ଚଉପାଶେ
ଦହଇ ତନୁ କାମ ହୁତାଶେ ।
ସଖି ଗୋ,
କ୍ଷଣ କ୍ଷଣକେ ମୋହ ଯାଇ ବାଳୀ,
ପୁଣି ପୁଣି ତାର ଦେହ ଚମକଇ
ଉଲ୍ଲସିତ ହୋଇ ରୋମାବଳୀ । ।୬।

ବାଳୀର ହୃଦର ମୁକୁତାହାର
ପୋଡ଼ି ହୋଇ ଚୂନର ଆକାର
ବେଗେ ମୃଣାଳ ସଖୀ ଦେଲି ନେଇ
କାମ ଅନଳେ ସେହି ଦଗ୍ଧ ହୋଇ ।
ସଖି ଗୋ,
ପୁଣି ପୁଣି ଲେପନ୍ତି ଚନ୍ଦନ
ତତକ୍ଷଣେ ସେହି ଶୁଖିଯାଇ
ତାତିଲି ଲୌହେ ଜଳ ଯେସନ । ।୭।
ଶଶଧର ନିର୍ମଳ କର ଦେଖି
ବିରହେ ବାଳୀ ହୋଇ ଅତି ଦୁଃଖୀ
କୋକିଳ କୋପିତର ବାଣୀ ଶୁଣି
ମୋହଗତ ଗଲି ତରୁଣୀମଣି ।
ସଖି ଗୋ,
ଉଠି ଚନ୍ଦ୍ରକୁ ବୋଲଇ ସେ ନାରୀ
କିମ୍ପା ମୋତେ ଅକାରଣେ ଦହୁଅଛୁ
ମୁଂ ତ ନୁହଇ ତୋର ବଇରି । ।୮।
କ୍ଷୀରସମୁଦ୍ରରୁ ଜାତ ଯେ ତୁହି
ତୋତେ ଭଲ ନ ବୁଝିଲଇଂ ମୁହିଂ
ମୋର ନିବିଡ଼ ପୟୋଧରେ ତୋତେ
ଧଇଲି ତହିଂ କାନ୍ତ ନଖକ୍ଷତେ
ଚନ୍ଦ୍ର ହେ,
ସେ ଗୁଣ ତ ଯେବେ ନ ଧରୁ ଶଶୀ
ଯେ ମୋର ବିରହ ଦୁଃଖ କାଳେ,
କିରଣେ କରି ଦହୁଛୁ ଆସି । ।୯।
ପୀରତି ନ ଧରୁ ତୁ ଶଶଧର
ତୋତେ ନିତ୍ୟେ ଶିରେ ବହଇ ହର
ଭାଇ ତୋହର ପ୍ରାଣ ହରୁଥିଲା
ଶିବ ପୁଣି ଗ୍ୟାଂମ୍ନା ବୋଲି ତାରିଲା ।

ଶଶୀ ହେ,
ବିଷ ଅଟଇ ତୋର ସହୋଦର
ତେଣୁ କରି ବିଷ ବରଷୁ ଅଛୁ ତୁ
ଜୀବନ ମୋହରି ବେଗେ ହରି । ।୧୦।
ସ୍ତ୍ରୀବଧ ପାତକ ଅତି ଦାରୁଣ
ନ ଜାଣୁ କି ହୋ ତୁ ଶୀତକିରଣ
ଏକେ ତ କଳଙ୍କିତ ତୋର ଦେହା
ଆଉ କମ୍ପା ପୁଣ କରୁଛୁ ଏହା ।
ଚନ୍ଦ୍ର ହେ,
ପିତା ତୋର କ୍ଷୀର ଜଳଧି
ତାହାର ପୁତ୍ର ହୋଇ ନିଜ ରାଜ୍ୟେ ତୁ
ସ୍ତ୍ରୀହତ୍ୟାକୁ କରୁଛୁ ବୁଦ୍ଧି । ।୧୧।
କାନ୍ତ ତୁଲେ ମୋର ସୁରତି ଭାବ
ସବୁ ଜାଣିଅଛୁ ନିଶାର ଧବ
ତୋତେ ମୁହିଁ ବିଶ୍ୱାସ ଯାଇଥିଲି
ସେ ଫଳ ଏବେ ତ ମୁହିଁ ଭୁଞ୍ଜିଲି ।
ଶଶୀ ହେ,
ନ ଜାଣି ସିନା ମୁହିଁ ମୂଢ଼ପଣେ
ହିତ ସୁଫଳ ଜନ ପୁରେ ପଶି
କେଳୀ କରଇ ତୋର କିରଣେ । ।୧୨।
ଯେତେ ସୁଖ ଭୁଞ୍ଜିଥିଲି ତୋ ପୁରେ
ସେ ସବୁ ଦୁଃଖ ହେଲା ଏବେ ମୋରେ
ଯେସନ ସର୍ପମୁଖେ ଦେଲେ କ୍ଷୀର
ତାହା ପାନେ ନାଶ ଯାଇ ଶରୀର ।
ଶଶୀ ହେ,
ଏବେ ମୁଁ ଜାଣିଲି ହେ ଚନ୍ଦ୍ର
ପିଶୁନ ସମ୍ମୁଖେ ଯେଉଁ କାର୍ଯ୍ୟ କରି
ଭଲ କଥା ହିଁ ହୋଇଥାଇ ମନ୍ଦ । ।୧୩।

ନାହାକୁ ମାନ କରଇ ସେ କାଳେ
ରୋଷ କରଇ ତୋତେ ଦେଖି ତୋଳେ
ଏବେ ତୁ ମୋହୋର ବୋଲ ନ କର
ହିମ-କରଣେ ଗ୍ୟାଂନ ଦେଉ ସାର
ଶଶୀ ହେ,
ଔଷଧଙ୍କର ତୁମ୍ଭେ ପତି
ମଦନ ରୋଗ ହିଂ ସେ ତୁମ୍ଭେ ବଢ଼ାଅ
କିସ ବୋଲିବ ମୁହିଂ ଯୁବତୀ । ।୧୪।

ଭଲ ପଞ୍ଚବାଣ ବୋଲଇ ମୁହିଂ
ଧନୁବିଦ୍ୟା କେତୁ ଶିଖିଛୁ ତୁହି
କୁଶ ତନୁକୁ ତୋର ଧନୁ ବଳ
ବାଣ କମ୍ପାଇଂ ତୁ ବିନ୍ଧୁ ବିଫଳ
କାମ ହେ,
ପୁଣି କମ୍ପାଇଂ ତୋହର ରୋଷ
ଅବଳାଜନ ଗୁରେ କମ୍ପା ବିନ୍ଧୁଛୁ
ସମ ରିପୁ ମାରି ହୁଅ ସନ୍ତୋଷ । ।୧୫।

ପୁଣି ବୋଲଇ ଆହେ ପଞ୍ଚଶର
କମ୍ପା ତୁ ପୀଡ଼ୁଛୁ ମୋର ଶରୀର
ନାଥହୀନ ମୁହିଂ ବିରହୀ ନାରୀ
ଅକାରଣେ କାମ ମତେ ନ ମାରି ।
କାମ ହେ,
ରଖସି ବାରେ ମୋର ପରାଣ
ତୋହର ଚରଣେ ଶରଣ ପଶିଲି
ତୁ ଦୟାକର କୁସୁମବାଣ । ।୧୬।

× × ×

ବହେ ମନ୍ଦଗନ୍ଧ ଶୀତ ପବନ
ଲାଗି ବାଳୀମନ ହୋଏ ଅଗ୍ୟାଂନ

ପୁଲକିତ ଶରୀର ହୋଏଁ ପୁଣି ।
ବିହ୍ୱଳ ରତିଖେଦ ମନେ ଗୁଣି
ସଖି ଗୋ,
ନଷ୍ଟପ୍ରେଂ ମୋର ଯିବ ଜୀବନ
ପଞ୍ଚ ଆତ୍ମାକୁ ପଞ୍ଚବଇର, କାମ
ପିକ ଶଶୀ ଭୃଙ୍ଗ ପବନ । ।୧୭।

× × ×

କୋମଳ ଅଛି ମୋର କଳେବର
ହୃଦୟ ଆଣ୍ଟି ମୋ ବଜ୍ର ଆକାର
ନ ଦେଖି କୁମର ପଦ୍ମବଦନ
ନ ଯାଏଁ କମ୍ପାଇଂ ପାପୀ ଜୀବନ ।
ସଖି ଗୋ,
କମେଁ ବିହ୍ୱ ଲହିଲକ ଯାହା
କ୍ଷଣ କ୍ଷଣେକେ ମୁହ୍ୱିଂ ମୃତ୍ୟୁ ଲଭୁଛି
କେ ଆନ କରିବ ଆଉ ତାହା । ।୧୮।
ବିକଳେ ବାଳୀ ବୋଲଇ ବଚନ
ଶୁଣସି ମୋର ସଖୀଜନମାନ
ବେଗେ ତୁମ୍ଭେ ଯାଇ ଆଣ ହୁତାଶ
ତହ୍ୱିଂ ମୁହ୍ୱିଂ ବେଗେ ଦେବଇ ଝାସ ।
ସଖି ଗୋ,
ନ ଶୋହଇ ରାଜ ଚନ୍ଦ୍ରମା ବିନୁ
ମନର ପୁରୁଷ ଅଭାବ ବିନୁ ଗୋ
ଧିକ ହୋଉ ଯୁବତୀର ତନୁ । ।୧୯।

( 'ପରମଳା', ପଞ୍ଚଦଶ ଓ
ଏକବିଂଶ ଛାନ୍ଦରୁ ଗୃହୀତ)

*

# ଗୋପ

## ନୃସିଂହ ସେଣ

ଯମୁନା ବର୍ଣ୍ଣନା ଗାହା—

ସହସ୍ର କିରଣ ସୁତା ଯମ ନୃପ ଯା'ର ଭ୍ରାତା
ଶ୍ରମ ପୁଣ୍ୟ ମାର ବହେ ଅତି ଅର୍ଗଳା
ପିତା ଭ୍ରାତା ଭବତାପ ନାଶକରେ ତା'ର ଆପ-
ଇହଲୋକ ପରଲୋକ ସୁଖଦ ଶିଳା ।

କୃଷ୍ଣ ପାଦ ସଙ୍ଗୁକରି କୃଷ୍ଣର ସଦୃଶ ଧରି
କୃଷ୍ଣର ସେ ସମ ହୋଇ ହରେ ଦୁରିତ
ଯା'ର ତଟେ ନିରନ୍ତର କେଳି କରେ ଦାମୋଦର
ତାହା ହେ କିସ ବର୍ଣ୍ଣିବି ମୁଁ ମୂଢ଼ ଚିତ୍ତ ।

ଯମୁନା ବର୍ଣ୍ଣନା ବୋଲି—

ଯମୁନା ନଦୀ ଅତି ଉତ୍ତମ ଶୀତଳ ପାତଳ ନୀର
ଭିନ୍ନ ଅଞ୍ଚଳ ଯେସନେ ଶୋଭା ଅତିଅନ୍ତ ଗମ୍ଭୀର ।
ମେଦିନୀ ରାମା ମେଲି ଅଛି କି କୁଟିଳ କୁନ୍ତଳ ପାଶ
ତରଙ୍ଗ ଭଙ୍ଗେ କୁଞ୍ଚିତ ଦିଶଇ ବିଶେଷେ କୁସୁମପାଶ ।
ଦେହ ମନୋଭବ ସନ୍ତାପ ନାଶଇ ଯେସନେ ନବ କାମିନୀ
ଚନ୍ଦ୍ରକାନ୍ତେ କରି ଶୋଭା ପାଉଅଛି ଯେସନେ ମଧୁ ଯାମିନୀ ।
ଯୁବତୀ ଅଧର ଯେସନ ଜାଣି ଅମୃତ ରସ ବହେ
ତରଙ୍ଗ ଭଙ୍ଗି ଅପାଙ୍ଗ ଯେସନ ସର୍ବଭୂତ ମନ ମୋହେ ।
ପ୍ରମଦା ମନର ନାଭି ଯେସନ ଅତିଅନ୍ତ ଗମ୍ଭୀର
ସବୋଧ ନାଗରଭାବ ଯେସନ ସୂକ୍ଷ୍ମଭାବେ ମନୋହର ।
ନାଗରେ ନାଗରୀ ଯଉବନ ଦେଇ ଯେସନେ ହୃଦୟ ତୋଷେ
ଆରବେଳେ ସେ ଲଉଟଇ ନାହିଁ ଯାହା ମନ ଯତ୍ନଂ ରସେ ।
ନାଗର ସାଗର ସଙ୍ଗ ନିମନ୍ତେ ହୋଇଅଛି ଅଭିସାରୀ
କୋକନଦ ଛଳେ କି ସେ ଯମୁନା ହୃଦରେ ସରାଗଧାରୀ ।
ବିକଚ ପଦ୍ମବଦନ ତା'ର ଯହିଁ ଇନ୍ଦୀବର ଲୋଚନ
ମୃଣାଳ ବାହୁଲତା ସେ ଜାଣି ଗୁରୁ ପୁଳିନ ଜଘନ ।

କୁଚ ଚକ୍ରବାକ ମତ୍ତ ରାଜହଂସ ଶବଦ କ ସେ ନୂପୁର
ମୀନ ଧ୍ୱଜେ କରି ହୃଦୟ ଆକୁଳ ତେଣୁ ନୋହୁ ଅଛି ସ୍ଥିର ।
ସର୍ବଜାତି କୁଳ ଦେଖୁଂ ଅଛନ୍ତି ଆବରି ପୁନାଗଂ ଧବ
ନଜ ବେନ କୂଳ ଗ୍ରୁଡ଼ି ଯାଉଅଛି ଲବଣ ସମୁଦ୍ର ଭାବ ।
ଗଙ୍ଗା ସହଚରୀ ଛୁଡ଼ିଯାଇ ବୋଲି ଯାଉଅଛି ଅତି ବେଗେ
ଭୃଙ୍ଗ ଜନ୍ମସ୍ଥାନ ପାଶୋରିଲି ଯହୁଁ ନାଏକର ଭାବ ଯୋଗେ ।

ବୃନ୍ଦାବନ ବର୍ଣ୍ଣନା ବୋଲି—

ଯୈସନ ଯମୁନା ନଦୀର ତଟେ ଶ୍ରୀବୃନ୍ଦାବନ ଶୋଭନ
ତରୁ ଲତା ଗୁଳ୍ମେ ଆବୃତ ସେହୁ ମୋହଇ ନୟନମନ ।
ତରୁଗଣ ତହିଁ ମଦନ ଯେସନ ଫୁଲ ଶିଳୀମୁଖଧାରୀ
କାମିନୀ କାମୁକ ହୃଦୟ ଦହନ୍ତି ବିରହ ଦୁଃଖ ବିସ୍ତାରି ।
ବିବିଧ ଲତା ଯେହ୍ନେ ବନିତା ଋତୁକାଳେ ପୁଷ୍ପବତୀ
ମନୋହର ରସେ ରସିକା ସେହୁ ବଢ଼ାନ୍ତି ଜନ ପୀରତି ।
ଗୁଳ୍ମ କୁଳ ଗଣ୍ଡ ଯେସନ ଜାଣି ନାନା ପ୍ରକାରେ ତହିଁ
ଆଶ୍ରିତ ଲତାକୁ ମଧୁପ ଚୁମ୍ବଇ ତହିଁକି ବଚ୍ଛଳ ନାହିଁ ।
କୁଞ୍ଜ ଭିତର ଅତି ମନେ ହରି ଘଞ୍ଚେ କରି ପଶି ନୋହେ
କୁଳବଧୂ ମୀତ ନବଢ଼ା ଯେସନ ପୁରୁଷ ହୃଦୟ ଦହେ ।
କେବଣ କୁଞ୍ଜବେଶ ଧରିକରି ତନୁରେ ଖ୍ୟାତକ ଛବି
କର୍ଣ୍ଣାଟ ଯୁବତୀ ସୁରତି କାଳେ ଯେହ୍ନେ ପ୍ରକୃତି ଧରଇ ।
କେବଣ କୁଞ୍ଜ ଅତି ନିରମଳ ଗଣିକାର ଘନ ଛନ୍ଦ
ମତ୍ତେ ମଧୁପ ରସେ ବସି କହଇ ଯୈକେ ଆରକେ ଦ୍ୱନ୍ଦ୍ୱ ।
କେବଣ ଲତା ଫୁଲ ଧରି ନବ ପଲ୍ଲବେ ଅରୁଣ ଦିଶେ
ହାସ ଅନୁରାଗ ଧରିଥିଲି ରାମା ଯେସନେ ମନ ଉଲ୍ଲାସେ ।
ପୁଷ୍ପବତୀ ବୋଲି ମନ୍ଦବାୟେ କରି କମ୍ପୁଅଛି ତା'ର ଅଙ୍ଗୀ
ସଧୀରେ ତହିଁ ରସି ନ ପାରି ଦୂରେ ଖୋଜୁଅଛି ଭୃଙ୍ଗୀ ।
ଭାବେ ନାୟକ ରମି ଲୋଡ଼ିଲେ ଋତୁବତୀ ନାରୀ ଯେହ୍ନେ
ନାହିଁ ନାହିଁ ଶିର କମ୍ପାଇ ବାରଇ ଲତା ଦିଶୁଅଛି ତେହ୍ନେ ।

ପତ୍ରାବଳୀ କର ଶୋଭା ପାଉଅଛୁ ଉତ୍ତୁଙ୍ଗ ବସ୍ତାର ତରୁ
ଉଦରଜ ଗୁଣ ସବୁ ଧରିଅଛୁ ଫଳ କଠିନ ତା ଗରୁ ।
ଗଛକୁ ଗଛ ଲାଗିଅଛୁ ସେ କେବଳ ଦିଶଇ ସନ୍ଧି
ନିତମ୍ବବନ୍ତି ଭଳି ଯେସନ ହରଇ ସକଳ ବୁଦ୍ଧି ।
ତରୁ ଉପରେ ଲତା ଲାଗିଅଛୁ ହରୁଅଛୁ ସର୍ବ ଚିତ୍ତ
ନାୟକ ଉପରେ ନାୟିକା ଶୋଭା ଯେହ୍ନେ ବିପରୀତ ରତ ।
ସକଳ ଋତୁରେ ଚିତ୍ତକୁ ହରଇ ଜନମୁହୁଁ ସୁଖକାରୀ
ସବୁକାଳେ ଯେହ୍ନେ ଆଲିଙ୍ଗନେ ତୋଷ ସୁବୋଧ ଚତୁରୀ ନାରୀ ।
ଋଷି ଦ୍ୱିଜଗଣେ ମଣ୍ଡିତ ବିପିନେ ଭାଷନ୍ତି ମଧୁର ବାଣୀ
ଉତ୍ତମ କାମେମା ଆନନ ଯେସନ କାନନ ତେସନ ଜାଣି ।
ମୟୂରମାନେ ନୃତ୍ୟ କରୁଛନ୍ତି ଇଛନ୍ତି ଭୁଜଙ୍ଗ ମନେ
ପୟୋଧରେ କର ଗରବ ବହନ୍ତି ଯେସନେ ଗଣିକାଜନେ ।
ଯଉବନ ମତ୍ତ ହୋଇ କପୋତ ହୁଁ ହୁଁ କାର ବାଣୀ ଘୋଷେ
ସୁରତକାଳେ କାମିନୀ ହେଲେ ଯେସନେ ମନ ଉଲ୍ଲାସେ ।
ଭୃଙ୍ଗ ଝଙ୍କାର ଅତି ଗମ୍ଭୀର କମ୍ପାଇ ହୃଦୟ ପୁଣି
ମାନିନୀ ପ୍ରିୟା ରୁଚ କବା ଶବଦ ତେସନ ପରାୟେ ମଣି ।
ଶୀତଳ ସୁଗନ୍ଧ ପବନ ବହଇ ପୁଲକ କରଇ ଦେହ
ରତିକାଳେ ଯେହ୍ନେ କାମିନୀ ତନୁ ଜାତ କରାଵଇ ମୋହ ।
ଏସନ ବନେ ବସନ୍ତ କାଳେ ଆପଣେ ମଦନରାଜ
ସକଳ ଭୂତ ମୋହିବ ବୋଲି ଫୁଲଶର ଘେନି ସଜ ।
କାଞ୍ଚନ ଦିବସ ଶେଷ ସେ ଅଛି ରବି ପଶ୍ଚିମକୁ ଖସେ
ପରାଗେ ପୂରିତ ସକଳ ଦିଶଇ ଉପରାଗେ ଯେହ୍ନେ ଦିସେ ।
......ପୂର୍ବ ପଶ୍ଚିମେ ଚନ୍ଦ୍ର ସୂର୍ଯ୍ୟ ଦିଶନ୍ତି ଅତି ମଞ୍ଜୁଳ
ଦୁହେଁ କର ଧରି ବିଚାର ଅମ୍ବର କରୁଛନ୍ତି କପୋ ମୂଲ ।
ଅଶ୍ୱିନୀପଙ୍କ ଅମ୍ବର ଘେନ ନିଶାକୁ ଦେଲକ ତୋଷେ
ଦିନକର ଚନ୍ଦ୍ରୀ ହୋଇ ବିକ ସେ ଗଲା ଚନ୍ଦ୍ରରଜନୀର ରସେ ।
ଦର ବିଦଳିତ କୁସୁମକୁନ୍ଦ ରସ ପୂରି ନାହିଁ ଭୁଲେ
ଲୋଭେ ଭ୍ରମର ପୁଣି ପୁଣି ଦେଖଇ ଭ୍ରମଇ ଅତି ଆକୁଳେ ।

ସୁରଙ୍ଗୀ ପଲାଶ କୁସୁମ ଦେଖି ମତ୍ତ ଭରେ ଭୃଙ୍ଗୀ ବସେ
ରସ ନ ପାଇ ତେଜିଲା ତାହା ଦୂରେଣ ଝଙ୍କାର ଘୋଷେ ।
ଗୁଆଁର ନାରୀର ରୂପ ଯଉବନ ଦେଖି ରମଇ ଯେଉଁ ପୁରୁଷ
ଆପଣାଙ୍କୁ ଛି ଛି କରି ସେ ନିନ୍ଦଇ ନ ପାଇ ତାହାର ରସ ।
ନ ଯାଇ ତେଜି ମରମେ ମଜ୍ଜି ରସ ବିରସରେ ଧନ୍ଦ
ବାଳାର ବୟସ ସନ୍ଧିର କାଳେ ଯେସନେ ନାୟକ ବନ୍ଧ ।
ମଧୁରସ ପାନେ ସନ୍ତୋଷ ହୋଇ କେବଣ ଭ୍ରମର ରମଇ
ପରିହାସ ପୂରିତ ଶରୀର ଆହାର ଭ୍ରମଇ ମାତୁଳି ହୋଇ ।
ସକଳ କୁସୁମ ପାଶକୁ ଯାଇ ଖୋଜଇ ତେଜଇ ବେଗେ
ସ୍ୱକ ରସେ ଯାର ମନ ପୂରୁଅଛି ଆନ କି ହୃଦରେ ଲାଗେ ।
ନିଜ ପ୍ରିୟ ନେମା କହଇ ପରକୁ ଯେସନେ ବିଟପ ନାୟକ
ଅଙ୍ଗୀ ସଙ୍ଗୀ ଭଙ୍ଗି ଚିହ୍ନି ସେ ଦେଖାଇ ଆନନ୍ଦେ ଲଭେ ଉତ୍ସୁକ ।
ଦିନ ଶେଷ ଦେଖି ଚକ୍ରବାକ ରାମା ରମଇ କାନ୍ତାର ମୁଖ
କ୍ଷଣେ କ୍ଷଣେ ପ୍ରେମ ଅଧିକେ ବଢ଼ାଇ ଜାଣି ବିଚ୍ଛେଦର ଦୁଃଖ ।
ପୂର୍ବ ପଶ୍ଚିମ ବେନି ଦିଗେ ତା'ର ନିବେଶି ବେନି ଲୋଚନ
ଜାରି ପତି ପ୍ରାଣେ ଥାଇ ଯୁବତୀ ଉଷାକାଳରେ ଯେସନ ।
କ୍ଷଣେ କ୍ଷଣେ ସେ କମଳ ସଙ୍କୋଚ କୁମୁଦ ବିକାଶେ
ପଦ୍ମସଙ୍ଗ ତେଜି ମତ୍ତ ମଧୁକର କୁମୁଦରେ ଦେଲା ଆଶେ ।
ଏକକୁ ତେଜଇ ଆରକୁ ଭଜଇ ଯେସନ ଗଣିକା ଧବ
ନବ ଯଉବନ ରସକୁ ପାଇ ପାଟଶାରେ ପୂରୁବ ଭାବ ।
ପଦ୍ମର ବୃମିତ ସମୟ ଜାଣି କେବଣ ଭ୍ରମର ମନ
ଆନ କୁସୁମ ରମିବ ବୋଲି ହୋଉଅଛି ଛନଛନ ।
ବାର ନାରୀକ ସଙ୍କେତ କରି ଯେସନ ଶାଠ ପୁରୁଷ
ନିଜ ରାମାର ନିଦ ଯିବା ଦେଖି ଲଭଇ ମନ ହରଷ ।
ଚନ୍ଦ୍ରମା ଉଦୟ ସମୟ ଜାଣି ଚକୋରୀ ମନ ଉଲ୍ଲାସ
ପୂର୍ବ ଦିଗରେ ଆଶା ନିବେଶି ଭାବଇ ଅମୃତରସ ।
ପରବାସୁ ପିଉ ଆସିବା ଶୁଣି ଯେସନ କାମିନୀ ଜନ
ପଥ ଚାହିଁ ସୁଖ-ଦୁଃଖରେ ଆକୁଳ ଆଶାରେ ଉତ୍ସୁକ ମନ ।

ଦିବସ ଶେଷ ନିଶି ପ୍ରବେଶ ଦୁହିଙ୍କ ମଧ୍ୟ କାଳ
ଦିବସ ଶେଷ ଯେତେ ହେଉଅଛି ତେତେ ଦିଶୁଛି ମଞ୍ଜୁଳ ।
ଶିଶୁଭାବ ଶେଷେ ବୟସ ପ୍ରବେଶେ ଯେହ୍ନେ ଶୋଭାପାଇ ବାଳା
ଦିନରାତ୍ରି ସନ୍ଧି ନାନା ପ୍ରକାରେ ଧରନ୍ତି ତେସନ ଲୀଳା ।
ବେଳୁବେଳ ବଢ଼େ ଚନ୍ଦ୍ରର ପ୍ରଭାବ ଲୋଚନ ଆନନ୍ଦ ବାରି
ଇତର ବାଞ୍ଛା ମନେ ପୂରିଅଛି କଞ୍ଚିତ ସରାଗ ଧରି ।
ଧୀରେ ଧୀରେ ଲଜ ଛଡ଼ାଉଅଛି କି ସେ ସମୟର ସାର
କୁସୁମ ରଜ ପୂରିଅଛି ସେକାଳେ ନୋହିଛି ବିସ୍ତାର ।
ଶିଶୁଭାବ ଶେଷେ ଯୌବନ ଆଦ୍ୟ ବେନି ଭାବ ରସ ମଣ୍ଟି
ବାଳାର ବୟସ ସନ୍ଧିର ପରାୟେ ପ୍ରଦୋଷ କାଳକୁ ବୁଝି ।
ଯେସନ ସମୟେ ବନେ ବନମାଳୀ କଦମ୍ବ ତଳରେ ଉଭା
ନବ ଜଳଧର କି ସେ ଇନ୍ଦୀବର ତେସନ ଶରୀର ଶୋଭା ।
କାମିନୀଜନର ମନ୍ଦାକ୍ଷ ନାଶଇ କିଏ ଅଞ୍ଜନା ସ୍ୱରୂପ
ତ୍ରିଭୁବନ ଜନ ମୋହନ କାରଣେ ନବୀନ କୁସୁମରୂପ ।
ସକଳ ଲୋକର ଲୋଚନ ଚକୋର ବଦନ ଚନ୍ଦ୍ରମା ତୁଲ
ଅପାଙ୍ଗ ତରଳ ନାରୀଙ୍କି ଗରଳ ନୟନ ନଳିନୀ ଫୁଲ ।
ବନ୍ଧୁକ ଅଧର ସୁଧାର ଆଧାର କୁଣ୍ଡଳ ମଣ୍ଡିତ ଗଣ୍ଡ
ଶିଖି ଶିଖଣ୍ଡ ମଣ୍ଡିତ ମୁଣ୍ଡ ଭ୍ରୂଲତା କାମ କୋଦଣ୍ଡ ।
ନାରାଚ ଦଣ୍ଡ ଭୁଜ ପ୍ରଚଣ୍ଡ ଦଣ୍ଡଇ ବୈରୀ କୁଳ
ଆଲିଙ୍ଗନ କୁଚ ପୀଡ଼ା ସେ କରଇ ପୁଲକ କରେ ଆକୁଳ ।
ତିନି ଲୋକର ଶୋକ ସେ ହରଇ କୋକନଦ ପାଣିତଳ
ଦୁର୍ଜନ ମାରଇ ସଜ୍ଜନ ତାରଇ ଅଭୟ ଦାନେ ସରଳ ।
ଜଘନ ଘନ ନୀବି ବିବଧ ଫେଡ଼ି ପ୍ରକାଶ କରଇ
କରଜ ଚଣ ମନୋଜ ବାଣ ଉରଜ କୁମ୍ଭ ଦାରଇ ।
ନିତମ୍ବ ଚକ୍ର ସୁଦର୍ଶନ ଚକ୍ର ବେନି ଚକ୍ର ଶୋଭା କରେ
ଯେ ଚକ୍ରେ ନାରୀ ହୃଦୟ କମ୍ପାଇ ଆରେକ ଅସୁର ମାରେ ।
ତରୁଣ କରୁଣ ବରୁଣ ଆଳୟ ହରିର ହୃଦୟ ବେଶ
ତରୁଣ କୁଚ କୁଙ୍କୁମ ରେଣୁରେ ଅରୁଣ ବର୍ଣ୍ଣ ପ୍ରକାଶ ।

ଶ୍ରୀବତ୍ସ ଦ୍ୱିଜର ମାନନୀ ପ୍ରିୟାର ବେନ ପାଦଚିହ୍ନ ବହେ
ଭଗତ ସୁରତି ବେନ ରସେ ରସେ ତେଣୁ ପରାଭବ ସହେ ।
ହାଟକେ ଘଟିତ କ୍ଷୁଦ୍ର ଘଣ୍ଟି କୁନ୍ଦ କଟିତଟେ ଫଟୁ ଶୋଭା
ପୀତ ବସନ ପରିଧାପନ କଳାନିରନ୍ତେ ଚଞ୍ଚଳା ଆଭା ।
କମଳା କୋମଳ କର କମଳରେ ଲକ୍ଷିତ ଯେବଣ ପାଦ
ତ୍ରିଭୁବନ ଜନ ଶରଣ ରକ୍ଷଣ ହରନ୍ତୁ ଭବ ବିଷାଦ ।

ଇନ୍ଦ୍ର ଚନ୍ଦ୍ର ରୁଦ୍ର ଧାତା ସୁରଗଣ ମୁକୁଟର ନୀଳମଣି
ମୁକୁନ୍ଦ ଚରଣକମଳେ ଯୁଗଳେ ଭ୍ରମର ପରାୟେ ମଣି ।
ନାନା ରତ୍ନମୟେ ଭୂଷଣେ ଭୂଷିତ ଦୂଷଣ ରିପୁର ତନୁ
ବିବିଧ ବର୍ଣ୍ଣେ ଶୋଭା ପାଉଅଛି କି ସେ ମଘବାର ଧନୁ ।
ମୁକୁତା ହାର ଯେସନେ ତାରା ଶୋଭନ୍ତ ହୃଦ ଗଗନେ
କୌସ୍ତୁଭମଣି ଚନ୍ଦ୍ରମା ଜାଣି ପ୍ରକାଶ କରେ କିରଣେ ।
ମାନନୀ ପ୍ରିୟାର ଲକ୍ଷାର ରଙ୍ଗ ଅଙ୍କିତ ଯେବଣ ଭାଲ
କସ୍ତୁରୀ ତିଳକେ ରଞ୍ଜିତ ତଥି ତନୁରେ ଅଞ୍ଜନ ଜାଳ ।
ଅତି ସୁବେଶ କେଶବ ହୋଇ ମଦନେ ଆରତ ଚିତ୍ତ
ମନ୍ଦମନ୍ଦ କରି ମୁରଲୀ ବାବନ୍ତି ଗାବନ୍ତି ସୁସ୍ୱର ଗୀତ ।
ଶୁଣି ଯୁବତୀ ଉତ୍ସୁକ ମତି ବେଣୁ ବାଣୀ କସେ ଦୂତି
ଯାନ୍ତି ତଡ଼ିତ ସ୍ଖଳିତ ମତି ଭବନ୍ତି ଗୋପିକା ଯୁବତୀ ।
କାହା ଅର୍ଦ୍ଧ ଅଙ୍ଗେ ଚନ୍ଦନ-ଚର୍ଚ୍ଚିତ କରେଣ କୁସୁମମାଳ
ବିଭ୍ରମେ କବରୀ ଖୋସି ନ ପା'ରଲି ଫିଟିଛି କୁଟିଳ ବାଳ ।
ନୀବିସେ ତୁଟଇ ବସନ ଲୋଟଇ ତୁଟଇ କଣ୍ଠର ହାର
କାଞ୍ଚି ନୂପୁର ଅତି ମୁଖର ତନୁରେ ସ୍ୱେଦ ବିକାର ।

କେହୁ ବିଭୋଳେ ଆପଣା ଡୋଳେ କସ୍ତୁରୀ ପଙ୍କ ରଞ୍ଜିଲା
କଙ୍କିଣୀମାଳା କଣ୍ଠେ ଖଞ୍ଜିଲା ଚେତନା ତାର ହଜିଲା ।
ବୀଣା ବାଉଥିଲା ଯେବଣ ରମା ବେଗେ ବେଗେ ଗଲା ଧାଇଁ
ବୀଣା ପଡ଼ିଲା ଭାଜ ସେ ଗଲା କଛୁ ହିଁ ଜାଣଇ ନାହିଁ ।
ଆପଣା କୁଚ ପୃଥୁଳ ଉଚ୍ଚ ତୁମ୍ବୀ ପରାୟେକ ମଣି
ଆଉଁସୁ ଅଛି ନ ଜାଣେ କଛି ମଦନ ଅନ୍ଧେ ତରୁଣୀ ।

କଣ୍ଟୁ ହିଁ ମତ୍ତ ହସ୍ତିର ଗତି ନ ଚଳେ ସ୍ୱାମାର ପାଦ
ଜଗମ୍ବଗରେ ଚଳଇ ଥିରେ ମନରେ ଭରି ବିଷାଦ ।
ମଦନ ମତ୍ତେ ଆନନ୍ଦ ଚିତ୍ତେ ସକଳ ଗୋପିକା ନାରୀ
ଶ୍ରୀକୃଷ୍ଣ ପାଶେ ମିଳିଲେ ତୋଷେ ସାତ୍ତ୍ୱିକ ଶରୀର ଧାରି ।

× × × ×

*

# ଶଶିସେଣା

## ପ୍ରତାପ ରାୟ

### (୧)

(ରାଗ-ବଙ୍ଗସ; ଅଳସୀ ବାଣୀ ବା ଘୋଷି ସମ୍ବାଦ ବାଣୀରେ ଗାଇବ)

ଏଥୁ ଅନନ୍ତରେ ଶୁଣ ତୁ ଗୋ ଭାବନି ସୁମତି
ବିକ୍ରମ କେଶରୀ ନୃପତି ଭାରିଯା ସତ୍ୟବତୀ ।
ଶଶିସେଣା ବାଳୀ ଅଟଇ ଗର୍ଭେ ଜାତ ତାହାର
ସୁନ୍ଦର ସୁଜାଣ ଶିରୋମଣି, ତନୁ ସୁକୁମାର ।
ସର୍ବଗୁଣେ ସେ ବିଚକ୍ଷଣ କ୍ଷିତି ମଧ୍ୟରେ ନାହିଁ
ରୂଢ଼ ବିଷୟୀ ନିର୍ମାଣିଲା ବିଧି ସୁମନ ଦେଇ ।
ଶରଦ ଚନ୍ଦ୍ରମା ଆନନ, ବେନି ଚକୋର କି ସେ
ଫୁଲ୍ଲାରବିନ୍ଦ ସୁଗନ୍ଧେ କି ଅଳି ଲାଳସେ ବସେ ।
ଭ୍ରୂଲତା କି କାମ କମାଣ, ଶର ଲୋଚନ ବେନି
ତାଟଙ୍କ ଶାଣେ ବସାଇଣ ବିନ୍ଧେ ଅପାଙ୍ଗ ଘେନି ।
ମଳୟ-ସମୀର-ମନ୍ଦିର ନାସା ଅଟଇ ତାର
ବସନ୍ତ ଆଶେ ବିକସିତ ହୋଏ କିଂଶୁକଧର ।
ଘନ କୁଟିଳ ଭୃଙ୍ଗ ନିନ୍ଦେ ତାର ଗୁରୁ ଚିକୁର
ଦଳିତ ଅଞ୍ଜନ, ଚିକ୍କଣ ମୃଗମଦ ସୁନ୍ଦର ।
କୁସୁମେ ସାଜେ ସୁକବରୀ ଭରି ବିରହୀ ମନ
ଫାନ୍ଦେ ବନ୍ଧନ କି କରନ୍ତି ମନସିଜ ରାଜନ ।
କମ୍ବୁ ରୂପ, ବୀଣା ଆଳାପ, ପିକ ସୁସ୍ୱର ବାଣୀ
ଅମିୟ ମାନ ଠୁଳ କରି ବିଧି କଣ୍ଠ ନିର୍ମାଣି ।
ଶୁକ ସନକ ସନାତନ ମୁନି ଶୁଣିଲେ ବାଣୀ
ଯୋଗ ତେଜି ଭୋଗ ଇଚ୍ଛିବେ ମନେ ବାଞ୍ଛି ତରୁଣୀ ।
ବଳେ ବାହୁ ମୃଣାଳ ସାର, ବନ୍ଧେ ମୁକୁର ଜ୍ୟୋତି
କଣୟ ଲତାର ଶୀଖରେ କି ବସେ ଭୃଗୁପତି ?
ହେମ କୁନ୍ଦନ ପୀନସ୍ତନ ବେନି ଶୈଳ କି ସେ
ହିମ ମଳୟ ଗିରି ଦୁଇ ଏକ ଠାବରେ ବସେ ।

ଛଡ଼ ରତ୍ନୁ ଘେନ ଅନଙ୍ଗ ବାସ କରନ୍ତୁ ତହିଁ
ତ୍ରିଭୁବନ ଜିଣି ନଭସ୍ଥ ସେହୁ ହରକୁ ଯାଇ ।
ମୋତି ସରୁ ମେରୁ ତଟରୁ ବହେ ଜାହ୍ନବୀ ନଦୀ
ତୁଚ୍ଛ ଉଦରେ ରୋମରାଜ କ ସେ ମିଶେ କାଳନ୍ଦୀ ।
ସରସ୍ୱତୀ କୂପ ଅଟଇ ତ ର ଗମ୍ଭୀର ନାଭି
ତ୍ରିବେଣୀ ସଙ୍ଗେ ପୁଣ୍ୟ ଥିଲେ ସେହୁ ତୀର୍ଥକୁ ଲଭି ।
ନିତମ୍ବ କରିକୁମ୍ଭ କଟି ରହେ କେଶରୀ ତହିଁ
ଜାଣି ବିଧାତା ବନ୍ଧ କଲା ରଜ୍ଜୁ ତ୍ରିବଳୀ ଦେଇ ।
ଉରୁ ସେ କନକ କରମ୍ଭ, ଦେଖି ରମଣୀ ମୋହେ
ପୁରୁଷର ଧଇର୍ଯ୍ୟ କାହିଁ, ଯୋଗୀ ଭଙ୍ଗିବ ଲୟେ ।
ଶୋଣ ପଦ୍ମ ଚରଣ ବେନି, ରତ୍ନମଞ୍ଜୀର ସାଜେ
ଥଳ ଚେଙ୍କ ଜଳ ମରାଳ ଦେଖି ପଶିଲେ ଲାଜେ ।
ଗତି ଯୁବତୀ ଗଜରାଜ ଜିଣି, ଦେଖେ ଅବନି
ସୁନ୍ଦରପଣେ ସମ ନାହିଁ ସେହ୍ନ ଭୁବନ ତିନି ।
ହରଷରେ ଚିତ୍ତ ହରନ୍ତି, ଚିତ୍ତ ଉନ୍ମତ୍ତ ହୋନ୍ତି
ମନ ଉତ୍ସୁକ, ଥିର ନୋହେ, ଦୁଃଖ ଚଞ୍ଚଳ ମତି ।
ରତ୍ନମୟ ଦିବ୍ୟ ମନ୍ଦିରେ ବିଜେ ନୃପତି ଜେମା
ମନ ଜ ଣି ସେବେ ତରୁଣୀ ସଙ୍ଗେ ଲକ୍ଷେକ ବାମା ।
ଦକ୍ଷିଣ ସିନ୍ଧୁ ଉତ୍ତର ପାର୍ଶ୍ୱେ ଦେଶ ନୀଳଗିରି
ବଉଧ ରୂପେ ଦାରୁବ୍ରହ୍ମ ଯହିଁ ବିଜୟେ କରି ।
ସୁଜନ ଜନ ନିରନ୍ତରେ କର ସେ ରୂପ ଲୟେ
ଯାନ ଜନ ମୂର୍ଖ କହଇ ଶିଶୁ ପ୍ରତାପ ରାୟେ ।

(୨)

(ରାଗ-କେଦାର, ଚନ୍ଦ୍ରକେଳି ବାଣୀରେ ଗାଇବ)

ସେଥୁ ଅନନ୍ତରେ ଶୁଣ ସଜ୍ଜନ
ସନ୍ଧ୍ୟା ଅଧ ହୋଇଲାକ ରଜନୀ ।

ଏବେ ଅଚେତନ କାମିନୀ ସକଳ
ନଗ୍ରେ ନଶବଦ, ନାହିଁ ଚହଳ ।
ଜାଣି ଉଠିଲା ଯୁବତୀରତନ
ଘେନି ରତନ ବସନ ଯତନ ।
ଫୁଲ ବଗିଚା ଭିତରେ ପ୍ରବେଶ
ଦେଖି କୁମର ମନରେ ହରଷ ।
ଯେହ୍ନେ ଶୂନ୍ୟେ ଜଳ ପାଇ ଚାତକ
ସାଧୁ ଭେଟିଲା କି ଥିଲା ଖାତକ ?

ରଙ୍କ ଧନ କି ବାଟରେ ପାଇଲା
ନେଇ ଗୁପତ କରଣ ଥୋଇଲା ।
ଝାଳି କୋଳ କଲା ଦେଖି କୁମର
ଝଳେ ମାଧବୀ ଲତାର ଭିତର ।
ନାନା ବିନୋଦ ରସରେ ରସିଲେ
ରତିପତି-ଶାସ୍ତ୍ର ମନୁଁ ନାଶିଲେ ।
ଗାଢ଼େ ଆଲିଙ୍ଗନ କରି ନିର୍ଭରେ
ମୁଖେ ଚୁମ୍ବନ ଦେଇ ଧାଡିକାରେ ।
କୁଚ-ଶମ୍ଭୁରେ ପାଣି-ପଦ୍ମ ଦେଇ
ଧରି ଅଧରୁ ଅମିୟ ପିଅଇ ।

ବାଳୀ ସାତ୍ତ୍ୱିକ ବିକାରେ ଚଳିଲ
କଟି ଉଲୁସି ଖସିଲା ଦୁକୂଳ ।
ତନୁ ରୋମାଞ୍ଚିତ ହୋଏ ଜଙ୍ଘନ
ଚଉଷଠି ପଣବନ୍ଧେ ବିଧାନ ।
କେଳି କରି କରନାଶ ଉଲ୍ଲାସ
ଅଙ୍ଗ ପୋଛି ପିନ୍ଧିଲେ ଝୀନବାସ ।
ଅହିମାଣିକ୍ୟ ବୋଲଇ ମିତଣି
ଅଶ୍ୱଶାଳକୁ ଯିବା ଚାଲ ପୁଣି ।

ବାଛୁ ଅଣିମା ସ୍ଥୂଳ ଦ୍ରବ୍ୟ ହସ୍ତେ
ଯାହା ଚଢ଼ିଲେ ନଥିବନ ଭସ୍ତେ ।
ସେତେ ବୋଲ ତୋଟାପୁରୁଁ କାହାର
ନଶି ହୋଇଛୁ ଅଢ଼ାଇ ପହର ।
ଯାଇ ପ୍ରବେଶ ହୋଇଲେ ତୁରିତ
ବାଜପାଳେ ଶୋଇଛନ୍ତି ସମସ୍ତ ।
ଦୁଇ ତୁରଙ୍ଗ ଘସ୍ତେ ପକ୍ଷିରାଜ
ସେହୁ ଶାଳରେ ହୋଇଛନ୍ତି ସଜ ।
ଗଣ୍ଡି ମୁଠି ଦେଖିଣ ଫେଡ଼ି ଘୋଡ଼ା
ଖଣ୍ଡା ଆଗହୁଁ ହୋଇଅଛୁ ଭିଡ଼ା ।
ଦୁର୍ଗା ସୁମରି ବେନି ହସ୍ତେ ଚଢ଼ି
ଆଉ ଅଶ୍ୱମାନଙ୍କୁ ଦେଲେ ଫେଡ଼ି ।
ବାଗୀ କ୍ଷେତ୍ରପାଳ ଲଗି ପ୍ରଚଣ୍ଡ
ଡେଇଁ ବୁଲନ୍ତି ସବୁ ହାଠ ଦାଣ୍ଡ ।
ଅତି ହରଷେ କୁମାର କୁମାରୀ
ସେହୁ ଗୋଳରେ ଗଲେ ଖରକରି ।
ସେଥୁଁ ବାଜପାଳମାନେ ଚଆଇଁ
ଅତି ଆରତେ ହୋଇ ଧୂଆଁ ଧୂଇଁ ।
ବାଜ ଖୁରି କରବାରେ ଚହଟ
ନଗରଜନ ଶୁଣି ଅତି ଉଚ୍ଛାଟ ।
ଶଶିସେଣାର ସଖୀ ଶୋଇଥିଲେ
ନିଦ୍ରାଗତେ ସେ ସପନେ ଦେଖିଲେ ।
ଗତ କଥା ତାହାଙ୍କ ମନେ ଥିଲା
ତେଣୁ ଦେଖିଲେ ବାଳୀ ବାଘ ନେଲା ।
ତେଣୁ କରନ୍ତି ଶୋକ ଉଚ୍ଚବାଣୀ
ବଳିବଳାଇ ସକଳ ତରୁଣୀ ।

ମହାଗୋଳ ଶୁଭୁଅଛି ବାହାରେ
କନ୍ୟା ଦେଖିଲେ ନାହିଁ ପଲଙ୍କରେ ।
ସତ ହୋଇଲା ସପନ ବୋଇଲେ
କାନ୍ଦି ମାତାଙ୍କ ଛାମୁରେ କହିଲେ ।
ଉଚ୍ଚ ସ୍ୱରେ ଶୋକବାଣୀ ଚହଳ
ମୁଖରବ ଧୂନ ଅତି ଗହଳ । ।୬୦।
ଶୁଣି ନୃପତି ପୁଚ୍ଛନ୍ତି ଆରତେ
ମୃଦୁସ୍ୱରା ଜଣାଇଲେ ତୁରିତେ ।
ରାଜେନ୍ଦ୍ର କ୍ରୋଧେ ଅସମ୍ଭାଳ ହୋଇଲେ
ମହାଦେଈପୁରକୁ ବିଜେ କଲେ ।
ଯେନ କାମିନୀଏ ସକଳ ରାଜନ
ନାମ ଧରି କଲେ ଉଚ୍ଚେ ରୋଦନ ।
ତୁ ମୋ ପ୍ରାଣରୁ ଅଧିକ ସୁମୁଖି
ଦଣ୍ଡେ ନ ଦେଖି ହୋଉଥାଇଁ ଦୁଃଖୀ ।
ତୋର ଲପନ ଶରଦ ଚନ୍ଦ୍ରମା
ତନୁ ଶିରୀଷ ସୁକୁମାର ସୀମା । ।୭୦।
ମୋର ଚକ୍ଷୁର ତୁ ଦିବ୍ୟ ପିତୁଳୀ
ଅନ୍ଧ କରିଣ କେଣେ ଗଲୁ ବାଳି ।
ତୋର ନକହି ସଖୀ ପ୍ରୀତି ମିତ
ଏକା ହୋଇଣ କେଣେ ଗଲୁ ମାତ ।
ମୋର ସୁତ କୁମାରୀ ସବୁ ତୁହି
ତୋହୋ ବିନୁ ଦଣ୍ଡେ ହେଁ ନ ବର୍ତ୍ତିଇ ।
ବ୍ୟାଘ୍ରରୂପ ଧରି ଧାତା ଅଇଲା
କେଉଁ ପାପେଣ ତୋତେ ନାଶ କଲା ।
ସ୍ନେହ କ୍ରୋଧ ତାହାକୁ ଦୋଉ ହେତୁ
ଲଭୁ ଅକାଳେ ସେହୁ ଅପମୃତ୍ୟୁ । ।୮୦।

ୟେତେ ବୋଲି ସୈନ୍ୟେ ହେଲେ ଅଚେତ
ଚୋଳ କାମିନୀ କରନ୍ତି ସଚେତ ।
ୟେଥୁ ପ୍ରଭାତ ହୋଇଲା ରଜନୀ
ଗୋଳ କଲେ ସେ ବାଜିପାଳ ପୁଣି ।
ନିଶାକାଳେଣ ଅଶ୍ୱ ଉତ୍ତୁରିଲେ
ରଜ୍ଜୁ ଛିଣ୍ଡାଇ ସର୍ବେ ପଳାଇଲେ ।
ଖୋଜି ପାଇଲୁ ଦେବ ସବୁଙ୍କୁହିଁ
ପକ୍ଷିରାଜ ତୁରଙ୍ଗ ଦୁଇ ନାହିଁ ।
ରାଜା ଶୁଣି ନିଶୁଣିଲା ହୋଇଲେ
ଏତେ ଜଣାଇ ଲେଉଟି ଅଇଲେ ।
ନଗରରେ ଶୁଭିଲା ୟେହୁ ବାଣୀ
ବ୍ୟାଘ୍ର ନେଲକ ନୃପତିଦୁଲଣୀ ।
ଶୁଣି ଅନନ୍ତ ସିଂହ ଯେ ବୋଇଲେ
ଭଲ ଉପାୟୁ କରି ଦୁହେଁ ଗଲେ ।
ଅପକାରନ୍ତି ଆମ୍ଭଙ୍କୁ ନୋହିଲା
ଧାତା କରିଛି ଘଟସୂତ୍ର ଭଲା ।
ୟେତେ ବସ୍ତୁରି ନୃପତି ସନ୍ନିଧି
ଯାଇ କହନ୍ତି ଅନେକ ପ୍ରବୋଧ ।
ୟେହୁ ସଂସାର ଅନିତ୍ୟ ଅଟଇ
ଯିବା ନିଷ୍ଟେୟୁ କେହ୍ନି ରହି ନାହିଁ ।
ଆଗ ପଛକ ୟେତେକ ମାତର
ଜାଣି ହୋଅ କିଆଁ ତୁମ୍ଭେ କାତର ।
ବ୍ୟାଘ୍ର କୁମାରୀ କରିଛି ହରଣ
କାହା ବଳେ ତା କରି ହୋୟେ ଆନ ।
ଏବେ ନ କରସି ତୁମ୍ଭେ ଶୋଚନ
ହରି କରିଛି ଯାହା ନିରମାଣ ।

ଶୁଣି ନୃପତି ଶୋକ ଶାନ୍ତ କରି
ବାହୁଡ଼ିଣ ଅଇଲେ ନିଜ ପୁରୀ ।
ବଡ଼ଶିଂଘାର ବେଳେ ନଗରେ ଯାଇ
ଦେଖି ଅଖିଳ ବ୍ରହ୍ମାଣ୍ଡ ଗୋସାଇଁ । ।୧୧୦।
କରି ଦର୍ଶନ ଦୁରିତ ବିନାଶ
ମନ ବେଦନା ଜଣାଇଣ ଆସ ।
ଶିଶୁ ପ୍ରତାପ ରାୟେ ଶିଶୁମତି
କରି କରୁଣା ଲକ୍ଷ୍ମୀ ଦେବୀ ପତି ।

('ଶଶିସେଣା', ଦ୍ୱିତୀୟ ଓ
ପଞ୍ଚମ ଛାନ୍ଦରୁ ଗୃହୀତ)

*

# ଗୁଣ୍ଠ ଇଚ୍ଛାବତୀ

## ବନମାଳୀ ଦାସ

ବନ୍ଦଇଁ ଯେ ଗଣପତି ଗଜଶିର ବାଳ
ଶ୍ରୀଖଣ୍ଡି ଚନ୍ଦନ ଚୋର ଶୋହଇ କପୋଳ ।
ଦକ୍ଷିଣ ଦ୍ୱାର ମଣ୍ଡନ ସଦାଶିବ ସୁତ
ମୋତେ ତୁ ପ୍ରସନ୍ନ ହୁଅ ଦେବ ଗଣନାଥ ।
ଅନୁଗ୍ରହ କର ମୋତେ ପାର୍ବତୀତନୟେ
ଗୁଣ୍ଠ ଇଚ୍ଛାବତୀ କଥା କରିବି ଉପାୟେ ।
ଯେମନ୍ତେଣ ବେନିଜଣ ପଢ଼ୁଥାନ୍ତି ନିତି
ପଢ଼ନ୍ତି ସକଳ ବିଦ୍ୟା ଗୁରୁଙ୍କ ସଂଗତି ।
ଯେକ ଦିନେ ଇଚ୍ଛାବତୀ ଚଢ଼ିବାର ବେଳେ
ହସ୍ତରୁ ଖସିଲା ଖଡ଼ି ଗଡ଼ିଗଲା ତଳେ ।
ବୋଲଇ କୁମାରୀ ତୁମ୍ଭେ ଶୁଣସି ହୋ ଗୁଣ୍ଠ
ଖଡ଼ି ଗୋଟି ପଡ଼ିଗଲା ଦିଅ ମୋର ହସ୍ତ ।
ଇଚ୍ଛାର ବଚନେ ଗୁଣ୍ଠ ବୋଇଲେ ଉତ୍ତର
ଖଡ଼ି ଯେବେ ତୋଳିଦେବି ସତ୍ୟ ମୋରେ କର ।
ଗୁଣ୍ଠର ବଚନେ ବାଳୀ କଲା ସନମତ
ଖଡ଼ି ଗୋଟି ତୋଳିଦିଅ ହେଲା ମୋର ସତ୍ୟ ।
ଯେସନ ବୋଲଣ ଗୁଣ୍ଠ ଓହ୍ଲାଇଣ ଗଲା
ଖଡ଼ିଗୋଟି ତୋଳି ଇଚ୍ଛାବତୀ କରେ ଦେଲା ।
ପଢ଼ନ୍ତି ହରଷେ ତହିଁ ନୃପତି କୁମାରୀ
ମଣେ ହିଁ ନମନ୍ତେ ବାମା ଗଲା ଘର କରି ।
ଗୁଣ୍ଠ ଭୁଞ୍ଜିଣ ଗଲା ଗୁରୁଙ୍କ ସଙ୍ଗରେ
ମୋ'ଣୋହିଁ ସାରଣ ବାମା ଗଲା ଧାତିକାରେ ।
ବିଚାରଇ କାହିଁକି ସେ କରାଇଲା ସତ୍ୟ
ଯେସନ ବିଚାରି ବାମା ଗମଇଁ ତୁରିତ ।
ଗୁଣ୍ଠଶାଳୀ କୋଣେ ବାଳୀ ଅଛି ଗୋପ୍ୟ ହୋଇ
ଯେସନ ସମୟେ ଗୁଣ୍ଠ ମିଳଗଲେ ଯାଇ ।

କେହୁ କେଣେ ନାହିଁ ବୋଲି ଚାହିଁଲା ନରେଶ
ପଛଆଡ଼େ ଆଇ ଇଛା ବୁଜିଲାକ ଆଖି ।
ନ ଜାଣଇ କଏଁ ତୁମ୍ଭେ କହ ବୋଲି ରାଟ
ନ ଛାଡ଼ଇ ଇଛାବତୀ ଉଛୁଡ଼ଇ ହସ୍ତ ।

ଛଡ଼ାଇ ନ ପାରି ରାଟ ହୋଇଲା ନବତ
ନ ଛାଡ଼ୁ ବୋଲଣ ତୋତେ ମୋହର ସପଥ ।
ଏମନ ସମଏ ହସ୍ତ କାଢ଼ିଲା ତୁରିତ
ନେଉଟି ଚାହିଁଲା ପଛେ ନୃପତି ଦୋହିତ ।

ହସ ହସ ହୋଇ ବାଳୀ ବୋଲଇ ଉତ୍ତର
ସ୍ୱରୂପ କରଣ ରାଟ କହ ମୋ ଆଗର ।
ବୋଲନ୍ତି କୁମାରୀ ତୁମ୍ଭେ ଶୁଣସି ହୋ ରାଟ
ଖଡ଼ି ତୋଳି ଦେଲାବେଳେ କରାଇଲୁ ସତ୍ୟ ।
କହ ତ ସ୍ୱରୂପ ରାଟ ଗୁପତ ନ କର
ନ କହୁ ବୋଲଣ ତୋତେ ସପଥ ମୋହର ।

ଇଛାର ବଚନେ ରାଟ ମଉନ ହୋଇଲା
ମନକୁ ସଙ୍କୋଚ କରି ଉତ୍ତର ନ ଦେଲା ।
ମନେ ମନେ ଭାଳୁଅଛି କି କହିବ ବୋଲି
ନ ଜାଣିଣ ଅନମିତେ ସତ୍ୟ କରାଇଲି ।
ଯୁଗତେ ଅଟଇ ସେ ଯେ ନୃପତିକୁମାରୀ
ଲୋକତ ବେଭାରେ ମୁହିଂ ଅଟଇ ଭିଖାରୀ ।
କହିଲେ ହେଁ ପୁଣ ମୋତେ କରୁଥାଇ ରାଗ
କି ବୋଲି କହିବ ମୁହିଂ ଇଛାବତୀ ଆଗ ।
ନୃପତି ଶୁଣିଲେ ନକ କଆଇବେ ମୋତେ
କୁମାରୀ ଆଗରେ ମୁହିଂ କହିବ କେମନ୍ତେ ।

ସରୂପ କହିଲେ ମୋତେ ଯାହା ଇଛା କରୁ
ଇଛାବତୀ ହେତୁରେ ମୋ ସମ୍ପଦଇ ସରୁ ।
ଏମନ ବିଚାରି ରାଟ ବୋଲଇ ବଚନ
ଯାହା ପଚାରିଲୁ ଇଛା ସାବଧାନେ ଶୁଣ ।

ଯେଉଁ ଦିନୁ ସଙ୍ଗେ ତୋର ପଢ଼ୁଥାଇ ବସି
ଅହର୍ନିଶି ଗୁଣୁଥାଇ ମନେ ଶୁଭ୍ରକେଶି ।
ତୁ ମୋର ଭାବିନୀ ହେବୁ ମୁହିଂ ତୋର ନାହା
ନିରନ୍ତରେ ହୃଦେ ମୋର ଭାବୁଥାଇଂ ଏହା ।
ଏହା ଶୁଣି ଇଚ୍ଛାବତୀ ହୋଇଲା ସନ୍ତୋଷ
ହସ୍ତ ଧରି ଶ୍ରେଷ୍ଠକୁ ସେ ବସାଇଲା ପାଶ । | ୬୦ |

ଯାହା ତୁ ବୋଇଲୁ ଶ୍ରେଷ୍ଠ ଚିନ୍ତା ତୁ ନ କର
ନିଶ୍ଚୟେ ଭାବିନୀ ମୁହିଂ ହୋଇବି ତୋହୋର ।
ତୋତେ ମୋତେ ଧାତା ଆଣି କରାଇଂଛି ଭେଟ
ଏ କଥାକୁ ମନେ କିଛି ନ ଧର ତୁ ଶ୍ରେଷ୍ଠ ।
ମୋହର ସାଦୃଶେ ଧାତା ବର ଆଣି ଦେଲା
ମୁହିଂ ନିରମାଖୀ ବୋଲି ତୋତେ ଭେଟାଇଲା ।
ଇଚ୍ଛାର ବଚନେ ଶ୍ରେଷ୍ଠ ବୋଲେ ଅନୁସରି
ମୁହିଂ ଭିକ୍ଷାବାସୀ ତୁମ୍ଭେ ନୃପତିକୁମାରୀ ।
ଗୁରୁଙ୍କର ଠାରୁ ମୁହିଂ ମାଗି ଖାଇଂ ଅନ୍ନ
ନିଧନ ପୁରୁଷ ମୋର ହାତେ ନାହିଂ ଧନ । | ୭୦ |

ପିନ୍ଧିଲାର ବସ୍ତ୍ରଠାରୁ ଗୁରୁ ଦ୍ୟନ୍ତି ମୋତେ
ସରୂପ ବଚନ ବାମା କହିଲଇଂ ତୋତେ ।
ନିଦ୍ରବ୍ୟ ପୁରୁଷ ମୁହିଂ ମହାଦୁଃଖେ ଦୁଃଖୀ
ମୋହୋର କଷ୍ଟକୁ ଏକା ଧର୍ମ ହିଂ ସେ ସାକ୍ଷୀ ।
ଶ୍ରେଷ୍ଠର ବଚନେ ଇଚ୍ଛା କହେ ଚରିଧାଇ
ଏସନ ଅଭିନ ମନେ ଧରୁ କାହିଂ ପାଇଂ ।
ତୁମ୍ଭେ ଯେ ବୋଇଲ ମୁହିଂ ନିଧନ ପୁରୁଷ
ଶୀରତ୍ନଧନ ଯେ ଥାଉଂ କରିବାଟି କିସ ?
ମହତ ବଚନ ଶ୍ରେଷ୍ଠ ପାଷାଣର ଗ ର
ନିଧନ ତୁ ଅଟୁ ମୋତେ ଅମୂଲ୍ୟ ଭଣ୍ଡାର । | ୮୦ |
ଏ ଛାର ଜୀବନ ମୋର ଥିବ ଯେତେ ଦିନ
ତୁ ମୋର ଜୀବନ ମୁହିଂ କି କରିବି ଧନ ।

ଗୁଂଆର ଯୁବଣ୍ଣ ମିନା ଧନକୁ ମଞ୍ଜାଇ
ସୁଜାଣ ସୁନ୍ଦେଶ୍ୱ ପ୍ରୀତି ପାଇଂ ଜୀବ ଦେଇ ।
ମୁହିଂ ଯେବେ ପୂର୍ବେ ସେବା କରିଥିବ ହର
ତେବେ ମିନା ଗୁଣ୍ଠ ଚୋର ଧରିବଇଂ କର ।
ତୋତେ ମୋତେ ଧାତା ଆଣି କରିଛ ଘଟଣ
ମିଛ ନୋହେ ମୋତେ ମାତା ପିତାଙ୍କର ସଣ ।
ଇଚ୍ଛାର ବଚନେ ଗୁଣ୍ଠ ପରମ ସାନନ୍ଦ
ହୃଦଗତେ ସୁମରଇଂ ଶ୍ରୀରାମ ଗୋବିନ୍ଦ । ।୯୦।

ହସି କୋଳାଗ୍ରତ କଲ୍ଲ ନୃପତିକୁମାରୀ
ଗୁଣ୍ଠ କଣ୍ଠେ ଲମ୍ବାଇଂଲ୍ଲ ନେଇ ପୁଷ୍ପମାଳୀ ।
ବେନି ଜନେ ଯେକ ଠାବେ ପାଶେ ନାହିଂ କେହି
ଦରିଦ୍ରରେ କୋଟି ଧନ ଅନ୍ଧ ଚକ୍ଷୁ ପାଇ ।
ଯେମନ୍ତ ସମୟେ ଗୁରୁ ମିଳଲେକ ଯାଇ
ଦେଖିଣ ପଡ଼ି ବସିଲେ ମହା ସୁଖ ପାଇ ।
ସେହି ଦିନୁ ବେନି ଜନେ ଯେକ ଚିତ ମନ
ଯାହା ସେଠି ପ୍ରଜାପତି କରିଛି ଲେଖନ ।
ଯେକ ମୁଖ ହୋଇ ଦୁହେଂ ବିଦ୍ୟା ପଢ଼ୁଥାନ୍ତି
ଚନ୍ଦ୍ରକୁ ଦେଖିଣ ଚନ୍ଦ୍ରମଣି ଝଂଟକନ୍ତି । ।୧୦୦।

ଦଣ୍ଡେ ନ ଦେଖିଲେ ପ୍ରାଣ ନ ରଖନ୍ତି କେହି
ବେନି ଜନଙ୍କର ନସ ଅଟଇ ଯେକ ଦେହି ।
ଯେମନ୍ତ ପ୍ରକାରେ ସେ କେତେହେଂ ଦିନ ଗଲ୍ଲ
ଦଇବେଣ ଗଣେଶ୍ୱର ଚଉଠୀ ପଡ଼ିଲ୍ଲ ।
ଗୁଣ୍ଠକୁ ହକରି ଗୁରୁ ବୋଲନ୍ତି ବଚନ
ପୂଜା କରିବାକୁ ଫଳ ପୁଷ୍ପ ତୋଳି ଆଣ ।
କରପଦ୍ମ ଯୋଡ଼ି ଗୁଣ୍ଠ ବୋଲଇ ଉତ୍ତର
ମୁଁ ଯେକା କେମନ୍ତେ ଯିବି ସଙ୍ଗେ ଜଣେଁ କର ।
ଶୁଣି କରି ଗୁରୁ ତାଙ୍କୁ ନ ଦେଲେ ଉତ୍ତର
ଓଝାଙ୍କ ଗ୍ରୁମୁରେ ଇଚ୍ଛା ଯୋଡ଼ି ବେନି କର । ।୧୧୦।

ମୋତେ ପଠିଆଅ ମୁହିଂ ଗୃଠ ସଙ୍ଗେ ଯିବି
ଫୁଲ ଫଳ ତୋଳି କରି ମୁହିଂ ଆଣି ଦେବି ।
ଓଝାପ୍ରେ ବୋଇଲେ ତୁମ୍ଭେ ଯାଅ ଫୁଲ ତୋଳି
ଶୁଣିଣ ଆନନ୍ଦ ହେଲା ଇଚ୍ଛାବନ୍ତୀ ବାଳୀ ।
ଗୃଠ ଇଚ୍ଛାବନ୍ତୀ ଦୁହେଂ ଚଳିଗଲେ ଖରେ
ପ୍ରବେଶ ହୋଇଲେ ଯାଇ ତୋଟାର ଭିତରେ
ପୁଷ୍ପ ତୋଳିବାକୁ ଗୃଠ ନବଳଇ ମନ
ଅନୁସରି ଗୃହୁଂଅଛି କୁମାରୀ ବଦନ ।
ଚମ୍ପେକ ବୃକ୍ଷରେ ବାଳୀ ଉଠିଲାକ ଯାଇ
ପୁଷ୍ପ ତୋଳୁଅଛି ବାଳୀ ଆଙ୍କୁଡ଼ୀ ଲଗାଇ । ।୧୨୦।
ଗୃଠ ଉଭା ହୋଇଅଛି ସେହି ବୃକ୍ଷ ତଳେ
ପଡ଼ିଲା ପୁଷ୍ପ କୁମରି ତୋଳଇ ଅଞ୍ଚଳେ ।
ଦକ୍ଷିଣ ପବନ ଯେ ବହଇ ଖରତର
ବାତଘାତେ ତନୁ ଯେ କମ୍ପଇ ଥରହର ।
ଭୟ ପାଇ ତରୁ ଡାଳ ଧରେ ଶୁଭ୍ରକେଶୀ
ହୃଦର ଅଞ୍ଚଳ ତାର ପଡ଼ିଲାକ ଖସି ।
ତରୁତଳେ ଥାଇଂ ଗୃଠ ଦେଲାକ ଅନାଇ
ଦେଖିଲାକ ଯୁବତୀର ହୃଦେ ବସ୍ତ୍ର ନାହିଁ ।
ପ୍ରେକେଣ ସୁନ୍ଦେଶୀ ଯେ ନାହିଂ ପଟାନ୍ତର
[illegible]ବନକୁଚ କିବା ତାର ମଦନଭଣ୍ଡାର । ।୧୩୦।
ଆବର ବିଶେଷେ ମଝା ଡମ୍ବରୁ ଆକାର
ତାହା ଗୃହିଂ ଗୃଠ ମନେ ହୋଇଲା କାତର ।
ପଞ୍ଚ ବାଣ ତାର ଅଙ୍ଗେ ପିଡ଼ିଲା ମଦନ
ଟଳିଣ ପଡ଼ିଲା ଗୃଠ ହୋଇ ଅଚେତନ ।
ପବନ ରହନ୍ତେ ବସ୍ତ୍ର ସମ୍ଭାଳିଲା ଇଚ୍ଛା
କି କରୁଛୁ ବୋଲି ଗୃଠ ତାକୁ କଲା ପୁଚ୍ଛା ।
ଇଚ୍ଛାର ବଚନେ ଗୃଠ ଉତ୍ତର ନ ଦେଲା
ନାହିଁ ବେ ଲି କରି ବୃକ୍ଷ ତଳକୁ ଗୃହିଂଲା ।

ଦେଖିଲା ତ ତରୁତଳେ ଗୃହ ଅଛି ଶୋଇ
ତରତର ହୋଇ ବୃକ୍ଷୁ ଅଇଲା ଓହ୍ଲାଇ ।
ଡାକଇ ଗୃହକୁ ବାଳୀ ମନର ଆକୁଳେ
ଓଷ୍ଠାସ୍ତେ କୋପ କରିବେ ଉତ୍ତର ହୋଇଲେ ।
ନ ଉଠଇ ଗୃହ ଇଚ୍ଛା ଉଚ୍ଚୁଡ଼ଇ କର
ମୂର୍ଚ୍ଛା ଯାଇ ପଡ଼ିଅଛି ନ ଦେଇ ଉତ୍ତର ।
କିସ ଯେ ହୋଇଲା ବୋଲି ଭାଳଇ ତରୁଣୀ
ବେଗ କରି ଗୃହ ମୁଖେ ଛିଞ୍ଚିଲାକ ପାଣି ।
ଚେତନା ପାଇଣ ଗୃହ ଉଠିଣ ବସିଲା
କୁମାରୀ ମୁଖକୁ ଗୃହ୍ନିଂ ଅଳପ ହସିଲା ।
ଇଚ୍ଛାବତୀ ବୋଲେ ତୋହୋ କେବଣ ବେଭାର
ତୋହୋର ଅବସ୍ଥା ଦେଖି ତନୁ ମୋ କାତର ।
କାହାକୁ ତୋ ଭୟେ ଭ୍ରାନ୍ତି କହ ମୋ ଆଗର
ନ କହୁ ବୋଲଣ ତୋତେ ସପତ ମୋହୋର ।
ଇଚ୍ଛାର ବଚନେ ଗୃହ ଦ୍ରୁହସିତ ହୋଇଂ
ବୋଲେ ତୋ ରୂପ ଦେଖି ଗ୍ୟାନ ହାରିଲି ମୁହିଂ ।
କି କରିବି କି ବୋଲିବି ନ ଜାଣଇଂ କିଛି
କେବଳ ସ୍ୱାସରେ ମୋ ନିଶ୍ୱାସ ବହୁଛି ।
ସ୍ନେହା ଶୁଣି ଇଚ୍ଛାବତୀ ସନ୍ତୋଷ ହୋଇଲା
ମୁଖରେ ଚୁମ୍ବନ ଦେଇ କୋଳେ ବସାଇଲା ।
ଭୁଜରେ ଭିଡ଼ିଣ କୋଳ କରନ୍ତେ ହରଷ
ଗୃହ ଇଚ୍ଛାବତୀ ଦୁହେଁ କେଳି ନାହ୍ନିଂ ପାସ ।
ନାନା ମତେ ପରିବନ୍ଧେ କାମେଣ ମାତିଲେ
ମଦନ ଆକୁଳ ବେନି ଅଙ୍ଗୁ ଶାନ୍ତ କଲେ ।
ରତିରଙ୍ଗ ସାରି ଜଳେ ସ୍ନାହାନ ସାରିଲେ
ମାଳ୍ୟବନ୍ଧ କେଶବାସ ଅଙ୍ଗ ସମ୍ଭାଳିଲେ ।
ସୁରତି ସାରିଣ ପୁଣ କୁମର କୁମାରୀ
ଇଚ୍ଛା ମୁଖ ଗୃହ୍ନିଂ ଗୃହ ବଚନ ପଚାରି ।

ପିତାମାତା ଛାଡ଼ି ମୁହିଁ ହୋଇଲି ନରେଖ
ତୋର ପରସାଦେ ମୁଂ ଲଭିଲି ମହାସୁଖ ।
ନୋହିଲେ କି ଦୁଃଖ କାଳେ ନଥି ପରାପତ
ବିଧାତା କଢ଼ାଇ ମୋତେ ଆଣିଲା ତୁରିତ ।

ନରେଖ ଅଟଇ ମୁହିଁ ସଖା ବନ୍ଧୁ ନାହିଁ
ତୋତେ ମୁଁ ପାଇଲି ପୂର୍ବେ ଶଙ୍କରଙ୍କୁ ଧ୍ୟାଇଂ ।
ଗୃଠ ବୋଲେ ବାକ୍ୟ ତ କୁମାରୀ ଯେଡ଼େ ସତ
ଯାବତ ଜୀବନ ମୋର ତୋର ତହିଁ ତନ୍ତ୍ର ।
ସୁଫଳ ଜୀବନ ମୋର ତୋ ସଙ୍ଗେ ପୀରତି
ଆଜନ୍ମୁଂ ବିଧାତା ମୋତେ ଦେଲା ସଦଗତି ।
ଦୟା ଅନୁରାଗ ପ୍ରିୟେ କରିଥିବୁ ମୋତେ
ଯେତେକ ମାଗୁଣି ମୁହିଁ ମାଗୁଅଛି ତୋତେ ।
ଗୃଠର ବଚନେ ଇଚ୍ଛା ବୋଲଇଂ ଉତ୍ତର
ତୋତେ ମୋତେ ଦେଇଛନ୍ତି ଗଉରୀ ଶଙ୍କର ।

ଧନ ଯଉବନ ଗୃଠ ସର୍ବଦା ନ ଥାଇ
ପୀରତି କୀରତି ଯେବା ଯୁଗେ ଯୁଗେ ଥାଇ ।
ମହା ସେ ପ୍ରତାପୀ ରାଜା ଭୋଜ ନୃପବର
ତୁମ୍ଭଙ୍କ ପାଇଂଣ ମୁଂ ଛାଡ଼ିଲି ଭୟେ ତାର ।
ପିତାମାତା ଭାଇ ବନ୍ଧୁ ଭୟେ ଖାତି ନାହିଁ
ଛାଡ଼ିଲି ସକଳ ଲାଜ ତୁମ୍ଭର ସେ ପାଇଂ ।
ଯାବତ ଜୀବନ ମୋର ଶରୀରେଣ ଥିବ
ତୋହ ବିନୁ ସତ କି ମୋ ଆନରେ ବଳିବ ?
ତୁମ୍ଭେ ସେ ମୋହୋର କାନ୍ତ ମୁହିଁ ତୁମ୍ଭ ନାରୀ
ନିଶ୍ଚୟେଂ ଯେକଥା ଗୃଠ ମନେ ଥିବ ଧରି ।
ଯେ ଯିସ ବୋଲିବ ବୋଲୁ ମୁହିଁ ତୁମ୍ଭ ନାହା
ମନେ ଯାହା ଲୋଡ଼ୁଥିଲି ପାଇଲି ମୁଂ ତାହା ।
ତୋତେ ମୋତେ ଧାତା ଆଜି କରାଇଛି ଭେଟ
ଆଜଠାରୁ ଅନୁଗ୍ରହ କରିଥିବୁ ଗୃଠ ।

ଯେତେ ବୋଲି କରିଣ ସେ କୁସୁମ ତୋଳିଲେ
ଉଦ୍ୟାନେ କୋପ କରିବେ ଉଛର ହୋଇଲେ ।
ଇଚ୍ଛାବତୀ ଗୁଣ୍ଠ ଦୁହେଁ ଚଳିଗଲେ ଖରେ
ପ୍ରବେଶ ହୋଇଲେ ଯାଇଂ ଗୁଣ୍ଠଶାଳୀ ଘରେ ।   । ୧୯୮ ।

('ଗୁଣ୍ଠ ଇଚ୍ଛାବତୀ', ୨ୟ ଛାନ୍ଦରୁ ଗୃହୀତ)

*

# ଚଉତିଶା

## ବୀର ସିଂହ

କହେ ବୀର ସିଂହ ଶୁଣ କାୟାର ବିଚାର
କାଳ କମଳ ନିରଞ୍ଜନ ଅଛଇ ସେକ ଠାର
କଳା ଧଳା ଲୋହିତ କୁଙ୍କୁମ ବୃଣବର୍ଣ୍ଣ
କହିଦେଲେ ବୀରସିଂହ ନୋହଇ ସେ ଗ୍ୟାନ | ୧ |

କ୍ଷୀରସିନ୍ଧୁ ମଧ୍ୟରେ ଯେ ଅନନ୍ତ ଶୋୟନ
ଖିନ ନାଳ ପରେ ସିନା ଜୋତି ଦରଶନ
ଖୋଜ ଖୋଜ ଦେଖ ଯେତେ ରଙ୍ଗ ସେ ବରଙ୍ଗ
ଖିଦ୍ର କଥା ଗ୍ୟାନ ଯେହ୍ନେ କହେ ବୀରସିଂହ । | ୨ |

ଗୋଲହାଟ ପରେ ଦେଖ ଅନହତ ଧୁନି
ଗୁପତ କରଣ ଯାହା ରଖିଛନ୍ତି ମୁନି
ଗତ କଥାମାନ ଯେତେ ଶବଣରେ ଶୁଣି
ଗ୍ୟାନ ନୋହେ ଶବଦ ସେ ବୀରସିଂହ ଭଣି । | ୩ |

ଘଟରେ ଯେଉଁ ପୁରୁଷ ଲୀଳା ଆରମ୍ଭିଛି
ଘଟଣ ମୂରତି ନାନା ଆକାର ହୋଇଛି
ଘେନ ତୁ ନଚ୍ଛିନ୍ଦ୍ର ମନେ ଜୀବର ବିଧାନ
ଘୋଷି ବୀରସିଂହ କହେ ନୋହଇ ସେ ଗ୍ୟାନ । | ୪ |

ଅକାର ଉକାର ଯେ ମକାର ତିନି ଗୁଣ
ଓଁକାର ଉପରେ ମାତ୍ରା ବିନ୍ଦୁଟି ପ୍ରମାଣ
ଉପୃତି ଥିତି ପ୍ରଳୟ ସତ ରଜ ତମ
ଉଚ୍ଚରିଲେ ବୀରସିଂହ ନୋହଇ ଏ ବ୍ରହ୍ମ । | ୫ |

ବୃଶଖାନ ଭିତରେ ଛପନାକୋଟୀ ଛନ୍ତି
ଛସ ଯେ ବଚସ ନାନା ଆକାର ହୋଇଛି
ଛଆଂ ଚଇତନ ବିନ୍ଦୁ କଳ୍ପଣା ସେ ମାନ
ଚେତ ବୀରସିଂହ କହେ ନୋହଇ ଏ ଗ୍ୟାନ । | ୬ |

ଛତିଶ ସୁମୃତି ଅଷ୍ଟାଦଶ ଯେ ପୁରାଣ
ଛଡ଼ ଶାସ୍ତ୍ର ଚତୁର୍ବେଦ ନବ ବ୍ୟାକରଣ
ଛପ୍ପେ ଯଥା ଦେହାଦ ଯେ ହୋନ୍ତି ଆତଯାତ
ଛ ଛନ୍ଦେଣ ଷାରସିଂଘ କହିଲେ ସିଧାନ୍ତ । ।୭।

ଜୀବ ଯେ ଜଗତଯାକ ଯାଇ ଆସୁଅଛି
ଜ୍ୟୋତିମଯେ ନିରଞ୍ଜନ ଜଗତ ଦେଖୁଛି
ଯାହା ସେ କହିଲି ଗ୍ୟାନ ନୋହଇ ବିସ୍ତର
ଜାଣି ଷାରସିଂଘ କହେ ନଛୁନ୍ଦ ଆଗର । ।୮।

ଝରନ୍ତି ତ୍ରିବେଣୀ ଝର ପୁଣ୍ୟ ଗିରିଭେଦ
ଝାଡ଼ ଗିରି ପର୍ବତ ଯେ ତୀର୍ଥାମ୍ବର ଖେଦ
ଝଗଡ଼ ଯେ କଥାମାନ ଗ୍ୟାନ ଏ ନୋହଇ
ଝଞ୍ଜାକାରେ ନ ପଡ଼ ତୁ ଷାରସିଂଘ କହି । ।୯।

ନୟନ ନାସିକା ଯେ ମୁଧୁନ୍ନ ତାଳୁ ଜିଭ୍ୟା
ଲଲାଟ ଭ୍ରୂଲତା ଓଷ୍ଟ ଦେହକୁ ଏ ଶୋଭା
ନୋହଇଟି ଗ୍ୟାନ ଯେତୁ ଶୁଣିଲେ ନଛୁଆ
ନିଷ୍ଠା କରି ଷାରସିଂଘ କହିଦେଲେ ଯେହା । ।୧୦।

ଟାଣି ଥୋକେ କହୁଥାନ୍ତି ପରମ ଲକ୍ଷଣ
ଟେକ ଯେତୁ କଥାମାନ ନୋହଇଟି ଗ୍ୟାନ
ଟଳିଯିବ କ୍ଷଣକରେ ଯେ ଜୀବ ପରମ
ଟାକ ଷାରସିଂଘ କହେ ନୋହଇ ଯେ ବ୍ରହ୍ମ । ।୧୧।

ଠୂଳ ଶୂନ୍ୟ ଗ୍ୟାନ ବୋଲି କରନ୍ତି ବିସ୍ତର
ଠାବକେଣ ବ୍ରହ୍ମ ଅଛି ଅମନ ମନ୍ଦର
ଠୁଣୁକାଦି କଥାମାନ ଗ୍ୟାନ ଯେ ନୋହଇ
ଠା ଠିକେଣ ଷାରସିଂଘ କହିଦେଲେ ଫେଇ । ।୧୨।

ଡାକଇ ମୁଖେ ଶବଦ କର୍ଣ୍ଣରେ ଶୁଣଇ
ଡୋଳେ'ରେ ଦେଖଇ ନାସା ବାସନା ବାରଇ

ଡରୁଛି ଡରାଉଅଛି ମନ ଯେ ଜୀବକୁ
ଡାକ ବୀରସିଂଘ କହିଦେଲେ ନଚ୍ଛିଦ୍ରକୁ । ।୧୩।

ଢମ ବପ୍ର କହୁଥାନ୍ତି ବେଦ ଅନୁମତେ
ଢାଙ୍କୁଣି ଭିତରେ ବ୍ରହ୍ମ ରହିଛି ଗୁପତେ
ଢଳିଯିବ ଢାଙ୍କୁଣି ଯେ ରହିବ ଢଗୋଳେ
ଢାଉ ରଙ୍ଗ ପ୍ରାପ୍ତେ ସିନା ବୀରସିଂଘ ବୋଲେ । ।୧୪।

ଅର୍ଧ ଊର୍ଧ ମଧ୍ୟେ ଗ୍ୟାନ କରନ୍ତି ଈଶ୍ୱର
ଅର୍ଧ ଯେ ସୋସନ ଅଛି ମୂର୍ଧ୍ନ ଉପର
ଅର୍ଧମାତ୍ରା ପରେ ସେହୁ ରମୁଣ ଅଛଇ
ଅଣ୍ଣ ଅକ୍ଷର ରୂପେଣ ବୀରସିଂଘ କହି । ।୧୫।

ତିନି ଯେ ତିହୁଡ଼ି ଥାନ ତ୍ରିକୂଟ ଉପରେ
ତିଳ ଗୁମ୍ଫା ଭିତରେ ସେ ଅମନ ମନ୍ଦିରେ.
ତତ୍ତ୍ୱ ଗ୍ୟାନ ନୋହଇ ସେ ଶରୀର ପ୍ରକାଶି
ତିଆଡ଼ି ଆଗରେ ଯେହ୍ନା ବୀରସିଂଘ ଭଷି । ।୧୬।

ଥୋକାଏ ପଣ୍ଡିତ କରୁଥାନ୍ତି ଅନୁମାନ
ଥିର ହୋଇ ଜୀବ ଅଛି ଅମର ଭୁବନ
ଥାନମାନ ସବୁ ସିନା ଦେହର ବୃତ୍ତାନ୍ତ
ଥିର କରି ବୀରସିଂଘ କହିଦେଲେ ତତ୍ତ୍ୱ । ।୧୭।

ଦାରୁ ଯେ ପାଷାଣ ଅଷ୍ଟ ଧାତୁ ମୂର୍ତ୍ତି କରି
ଦେବତା ବୋଲିଣ ଜନେ ମନେଣ ଆଦରି
ଦେଖୁଂ ଦେଖୁଂ ଅଗ୍ୟାନରେ କରନ୍ତି ପ୍ରଣାମ
ଦୁଢ଼େ ବୀରସିଂଘ ବୋଲେ ନୋହଇ ଯେ ବ୍ରହ୍ମ । ।୧୮।

ଧୂନି ଯାହା ବୋଲନ୍ତି ସେ ଅନହତ ବାଣୀ
ଧୀରେ ଧରିଣ ପବନ ବାହାନ୍ତି ଉଜାଣି
ଧ୍ୟାଏ ଧାରଣା ନିୟମ ଅଷ୍ଟାଙ୍ଗ ଯେ ଯୋଗ
ଧ୍ରୁବ ହୋଇ ଯେହୁ ଗ୍ୟାନ କହେ ବୀରସିଂଘ । ।୧୯।

ନିଶି ଯେ ଦିବସ ଦୁଇ ଚନ୍ଦ୍ର ସୂର୍ଯ୍ୟ ବେନି
ନିଦ୍ରା ଉଜାଗର ବେନି ସପନ ଯେ ତିନି
ନିସ୍ୟନ୍ତି ଯୋଗ ନୋହଇ ଗ୍ୟାନ ଯେ ପ୍ରସଙ୍ଗ
ନାମ ସେ ଅକ୍ଷର ନୋହେ କହେ ଖାରସିଂଘ । ।୨୦।

ପୃଥ୍ୱୀ ଆପ ତେଜ ବାଇ ପଞ୍ଚମ ଆକାଶ
ପଚିଂଶ ପ୍ରକୃତି ଯେନି ଦେହେ ପରକାଶ
ପୁରୁଷ ଲୀଳା କରନ୍ତି ପ୍ରକୃତିର ଭୁଲେ
ପରମ ତତ୍ତ୍ୱ ନୋହଇ ଖାରସିଂଘ ବୋଲେ । ।୨୧।

ଫେଣି ସପ୍ତ ଉପରେ ଯେ ଅନନ୍ତର ଶିର
ଫେଣାର ଉପରେ ସିନା କାଉଂଶ ମଣ୍ଡଳ
ଫେରଣ ପବନ ସିନା ତତ୍ୱଂରେ ଗୋପ୍ୟାନ
ଫୁଙ୍କାରିଲେ ଖାରସିଂଘ ନୋହଇ ଯେ ଗ୍ୟାନ । ।୨୨।

ବାରମାସା ପଞ୍ଚାଶ ଅକ୍ଷର ଛଉ ଦଳ
ବିରାଟ ଉପରେ ସିନା ସହାସ ମଣ୍ଡଳ
ବଙ୍କନାଳ ବ୍ରହ୍ମରନ୍ଧ୍ର ଦେହରେ ସେ ପୁଣ
ବୋଲେ ଖାରସିଂଘ ଗ୍ୟାନ ନୋହଇଟି ଜାଣ । ।୨୩।

ଭ୍ରୁରୁ ବେନି ମଧ୍ୟରେ ଯେ ଅନନ୍ତର ଶିର
ଭ୍ରମର ଯେ ଗୁମ୍ଫା ଅଛି ତତ୍ୱଂର ମଧ୍ୟର
ଭେଦାଇ କହିବା ଯେହା ଗ୍ୟାନ ମନ ଛୁଡ଼ି
ଭଣେ ଖାରସିଂଘ ଶୁଣ ନଚ୍ଛିନ୍ଦ୍ର ତିଆଡ଼ି । ।୨୪।

ମାତା ପିତା ସଂଯୋଗରୁ ଦେହ ଯେ ହୋଇଲା
ମନ ଯେ ପବନ ମିଶି ଲୀଳା ଆରମ୍ଭିଲା
ମୂର୍ଦ୍ଧନ କଣ୍ଠ କପୋଳ ହସ୍ତ ପାଦ ଜଙ୍ଘ
ମିଛ ଯେହୁ ଗ୍ୟାନ ସବୁ କହେ ଖାରସିଂଘ । ।୨୫।

ଜପନ୍ତି ଯେ ଲକ୍ଷେ ନାମ ଯେକାନ୍ତରେ ଥାଇ
ଯୋଗରେ ବସନ୍ତି କେହୁ ଅଷ୍ଟାଙ୍ଗରେ ଧାଇଂ

ଜାଗ୍ରତ ହୋଇଣ କେହ୍ନୁ ବସେ ଦିବାନିଶି
ଯୋଗମାର୍ଗ ଗ୍ୟାନ ନୋହେ ଶାରସିଂଘ ଭାଷି । ।୨୬।

ରବି ଶଶୀ ଅନଳ ଯେ ପବନ ବରୁଣ
ଋଷି ତପୀ ଭଗବନ୍ତ ସନ୍ନାସ ବ୍ରାହ୍ମଣ
ରୂପ ଗୁଣ ବର୍ଣ୍ଣ କରି ଯେତେକ ଅଛନ୍ତି
ଗଇ ନଷ୍ଟିନ୍ଦ୍ରକୁ ଶାରସିଂଘ ସେ ଭାଷନ୍ତି । ।୨୭।

ନାଭିଠାରୁ ଶିଖା ସୂକ୍ଷ୍ମ ଯେତେକ ଯେ ଥାନ
ଲମ୍ବିକା ଘଟିକା ସବୁ ଦେହର ବିଧାନ
ଲକ୍ଷ କଥାମାନ ସିନା କେତେ ଦିନ ଥିବ
ନଷ୍ଟିନ୍ଦ୍ରକୁ ଶାରସିଂଘ କହିହେଲେ ଭାବ । ।୨୮।

ବୋଇଲଇଂ ଯାହା ସେ ଯେ ଶରୀର ଅଠଇ
ବ୍ରହ୍ମରନ୍ଧ୍ର ଘରେ ସିନା ବଜେ ମାହାମାଇ
ବଚନରେ ଯେତେକ କହିବ ଦୃଷ୍ଟାନ୍ତର
ବୋଲେ ଶାରସିଂଘ ଗ୍ୟାନ ନୋହେ ରେ ନିକର । ।୨୯।

ଶେଷ ଉପରେ ସେ ଯେ ଅନନ୍ତ ଶୋୟନ
ଶତ ଦଳ ପଦ୍ମ ଫୁଟି ବିକାଶଇ ପୁଣ
ସେ ପଦ୍ମକେଶର ପରେ ପରମ ବିହର
ସଦ ଗ୍ୟାନ ନୋହେ ଶାରସିଂଘ ଯେ ଉଚ୍ଚର । ।୩୦।

ଷୋଳ ଉମ୍ବରୁ ଉପରେ ମେରୁଦଣ୍ଡ ଶିଖ
ଶ୍ରୀହଟ ପାଟଣା ଅଛି ତଥି ପରେ ଦେଖ
ସୁଷୁମ୍ନା ରନ୍ଧ୍ରେ ସିନା ବଜେ ମାହାମାଇ
ସଦଗ୍ୟାନ ନୋହଇ ଯେ ଶାରସିଂଘ କହି । ।୩୧।

ଶରୀରେଣ ସପ୍ତ ଧାତୁ ରକ୍ତ ମାଂସ ଚର୍ମ
ଅସ୍ଥି ନାଡ଼ି ମଜ୍ଜା ଲୋମ ଯେ ଆଦି ପ୍ରମାଣ
ସତୁରି ସହସ୍ର ନାଡ଼ି ଦେହରେ ସେ ପୁଣ
କହେ ଶାରସିଂଘ ଗ୍ୟାନ ନୋହଇଟି ଜାଣ । ।୩୨।

ହରି ହର ବ୍ରହ୍ମା ସେ ଯେ ଅର୍ଦ୍ଧ ଅଙ୍ଗଜନ
ହେଉଛନ୍ତି ଆତଯାତ ଯେଝା ଗୁଣ ଘେନ
ହେଜ ତୁ ଲକ୍ଷ୍ମୀନ୍ଦ୍ର ମନେ ପ୍ରେମାନ ଗ୍ୟାନ କି
ହରଷେଣ ଶାରସିଂଘ କହେ ତତ୍ତ୍ୱାଡ଼ିକ । । ୩୩ ।

ଷିତିର ମଧ୍ୟରେ ଯେତେ ହୋନ୍ତି ଆତଯାତ
ଛୁଡ଼ିବା ବଢ଼ିବା ସବୁ ଦେହର ଦୃଷ୍ଟାନ୍ତ
କ୍ଷୋଭ ମନେ ନ ଧରି କହିଲି ମୁହିଂ ଯାହା
ଶୁଣ ତୁ ନଛନ୍ଦ୍ର ମତେ ଦୁଢ଼ କରି ପ୍ରେହା । । ୩୪ ।

*

# ଛନ୍ଦା ଚଉତିଶା

## ଭଉଂରୀ ଦାସ

ହରି ହୋ, କୃଷ୍ଣ ଭାବଗ୍ରାହୀ ଭକ୍ତ ସୋଦର
କରୁଣା ବାରିଧି କୃପା ଅପାର ।
ନାଥ ମୁଁ ଖୋଜୁଥିଲି ନିରନ୍ତରେ
ଖଟିଅଛୁ ପ୍ରତ୍ୟକ୍ଷ ଦୃଷ୍ଟିରେ । ।୧।

ହରି ହୋ, ଗଗନ ବାଇ ଜ୍ୟୋତି ଜଳ କ୍ଷିତି
ଗଢ଼ି ଭାଙ୍ଗୁଅଛୁ ଏ ପାଞ୍ଚ ଘେନି ।
ନାଥ ତୁ ଘୋଟି ବ୍ରହ୍ମାଣ୍ଡେ ଏକତ
ଘୃତ କ୍ଷୀର ଯେହ୍ନେ ଗୁପତ । ।୨।

ହରି ହୋ, ଙଆଂସ ନିଶି ପୂର୍ଣ୍ଣଶଶୀ ପ୍ରାୟେ
ଙଇଂଛ ଅଶେଷ ଏକା ଗୋଟାଏ ।
ନାଥ ତୁ ଚଉବର୍ଗ ଦାତା ଅଟୁ
ଚିତେ ଚିନ୍ତଇ ତ୍ରିଗୁଣ କାଟୁ । ।୩।

ହରି ହୋ, ଛ ଛନ୍ଦେ ତୋ ନାମ ତ୍ରିଗୁଣ
ବ୍ରହ୍ମା ଛ ଋଷି ଜୀବପରମରୁ ଅଭିନ୍ନ ।
ନାଥ ମୁଁ ଜାଗ୍ରତ ନିଦ୍ରା ମଧ୍ୟରେ
ଜାଗି ଭେଟିଲି ନାମ ସେଠାରେ । ।୪।

ହରି ହୋ, ଝରଝର ବହେ ତ୍ରିବେଣୀ ଧାର
ଝର ପଶ୍ଚିମ ନର୍ଦ୍ଦରେ ତୋ ଘର ।
ନାଥ ତୁ ନିରଞ୍ଜନ ପ୍ରଭୁ ହୋଇ
ନାମ ବ୍ରହ୍ମ ସର୍ବ ଘଟେ ଥାଉ । ।୫।

ହରି ହୋ, ଟାକଣିଂ ଯେ ତୋତେ ତୁ ତାଙ୍କୁ ଟେକୁ
ଟଳଇଂ ନାହିଂ ସେ ନେଇ ଟେକକୁ ।
ନାଥ ତୁ ଠାକୁର ଅଟୁ ସବୁର
ଠିକେ ଠାବ କରିଛୁ ଭଉଂରୀ । ।୬।

ହରି ହୋ, ଡଗଡଥିଲି ଅନୁଭ୍ରମେଁ ଭ୍ରାନ୍ତ
ତୋଳାରେ ଦେଖି ମୁଂ ହୋଇଲି ଶାନ୍ତ ।
ନାଥ ମୁଂ ତାଙ୍କୁଣୀ ପେଣ୍ଡ ଦେଖିଲି
ତନ୍ତୁ ତନ୍ତୁ ଅମୃତ ତୋକଲି । ।୭।

ହରି ହୋ, ଅଣ ଅକ୍ଷର ତୋ ପରମ ସନ୍ଧି
ଅଣ ଅକ୍ଷରେ ଅର୍ଦ୍ଧ ମାତ୍ରା ବନ୍ଦୀ ।
ନାଥ ମୁଂ ବୈକୁଣ୍ଠରେ ଠାବ କଲି
ତୁମ୍ଭ ନାମ ତରକ ଚେତିଲି । ।୮।

ହରି ହୋ, ଥକା ଘର ଏ ତ ମିଛ ସଂସାର
ଥିଲେ ହେଁ ଏଥି ତ ଅନ୍ତ ଅସାର ।
ନାଥ ମୋ ଦୁଃଖ କେମନ୍ତେ ଜାଣିଲୁ
ଦୟାକରି ଦିବ୍ୟଚକ୍ଷୁ ଦେଲୁ । ।୯।

ହରି ହୋ, ଧୂମ୍ର ଧଇଂଲି ଜ୍ୟୋତି ଉଦେ କଲି
ଧରି ମନକୁ ନାମରେ ଖଞ୍ଜିଲି ।
ନାଥ ନଷ୍ଟ ସ୍ୱେ ଭକ୍ତ ଲମ୍ପଟ ।
ନାମ ଭଜିଲେ ହେଉ ନିକଟ । ।୧୦।

ହରି ହୋ, ପ୍ରାଣ ବ୍ୟାନ ଉଦ୍ୟାନ ସମାନ
ପଞ୍ଚଭୂତଙ୍କର ନାମ ଜୀବନ ।
ନାଥ ମୁଂ ପୃଷ୍ଠି ମରିଥିଲି ମିଛେ
ଫୁକା ବନ୍ଧେ ଭେଟିଲି ପ୍ରତ୍ୟକ୍ଷେ । ।୧୧।

ହରି ହୋ, ବହନ୍ତା, କହନ୍ତା ଗାହାନ୍ତା ଶ୍ରୁତି
ବ୍ରହ୍ମ ଅଛନ୍ତି ଏ ନାମକୁ ଘେନି ।
ନାଥ ଏ ଭବକୁ ଯେ ନାମ ନାବ
ଭୂତ, ଭବିଷ୍ୟ କରିଅଛି ଠାବ । ।୧୨।

ହରି ହୋ, ମାଗିଲି ତୋ ନାମେ ବ୍ରହ୍ମକୁ ହରି
ମୋହ ମାୟାକୁ କଲୁ ପରିହରି ।

ନାଥ ତୁ ଜଣିଲୁ ହେଲେ ଯମକୁ
ଜାରି ଭସ୍ମ ଆଶ କରୁଛ କାମକୁ । ।୧୩।

ହରିହେ, ର କାର ମ କାର ଲ କାର ସ୍ଥିତି
ବହୁ ଅଛନ୍ତି ନାମକୁ ଘେନି ।
ନାଥ ମୁଂ ଲୋଭୀ ହୋଇଲି ନାମକୁ
ଲାଜ ଜଳେ ମୋ ଦୁଷ୍ଟ ଜନକୁ । ।୧୪।

ହରି ହେ, ବ୍ରହ୍ମାଣ୍ଡ କୋଟି କୋଟି ଅପ୍ରମେୟେ
ବ୍ରହ୍ମାରୂପେ ତୋର ପ୍ରମାଣ କାଏ ।
ନାଥ ତୁ ମାନ ନୋହୁ ଅଶେଷ
ସେବା ଜାଣି କେ ତୋତେ ବିଶ୍ୱାସ । ।୧୫।

ହରି ହେ, ସବୁ ଗୁଡ଼ିଲି ବ୍ରତ ତୀର୍ଥ ଦାନ
ଶ୍ରୁତି ସ୍ମୃତି ପୁରାଣ ଅଭିଧାନ ।
ନାଥ ମୁଂ ସବୁ କର୍ମଇଂ ତେଜିଲି
ସତ ତୁମ୍ଭ ନାମ ଆଶ୍ରେ କଲି । ।୧୬।

ହରି ହେ, ହୋଇଲୁ ତା ଭାବ ସମୁଦ୍ର ସରି
ହରି ପ୍ରସନ୍ନେ କହଇ ଭଞ୍ଜଂଘି ।
ନାଥ ଏ ଛନ୍ଦା ଚଉତିଶା ଶେଷ
ଛରି ଅଛୁ ଅଧର ପୀୟୂଷ । ।୧୭।

*

# ଚକାନୟନ ହେ

## ମାଧବୀ ଦାସୀ

ଚକାନୟନ ହେ, ଜଗୁଜୀବନ ଶ୍ରୀହରି ॥
କାତରେ ଜଣାଣ କରୁଛି ତୁମ୍ଭରେ
ଶୁଣ ପ୍ରଭୁ ଶ୍ରୂଭ ଡେର ।
କେତେ ସଂକଟୁ କାହାକୁ ରଖିନାହିଁ
ଦୟାଳୁ ସାରଙ୍ଗଧାରୀ ।
ତା ବର୍ଣ୍ଣି ବସିଲେ ପୋଥିକର ପାଠ
କ ବର୍ଣ୍ଣିବ ଏ ପାମରୀ ।
ଜୀବନ୍ତୀ ପିଙ୍ଗଳା ଆଉ ବାରବାଳା
ସଂସାରୁ ଗଲେ ନିସ୍ତରି ।
ଅପାର ମହିମା କେତନ ଉଡ଼ାଇ ।୧୦।
ରଖିଛ ଭାରତ ଶିରୀ ।
ମୁଁ ଛାର ନର୍ମାଖୀ ତୁମ୍ଭର ସେବକୀ-
ପଣକୁ ଅଯୋଗ୍ୟା ନାରୀ ।
କରୁଛି ବିନ୍ତି ଯୋଡ଼ି କର ବେନି
ଶୁଣ ମାଧବୀ ଗୁହାରି ।

*

# ଗୋବିନ୍ଦଚନ୍ଦ୍ର ଉପାଖ୍ୟାନ

## ଯଶୋବନ୍ତ ଦାସ

ପୁତ୍ରକୁହିଁ ଯୋଗୀ କରି ମୁକୁତା ଜନନୀ
ଅସମ୍ଭାଳେ ନୟନରୁ ବହୁଅଛି ପାଣି ।
କିପାଇଁ ଅନ୍ୟାୟ କଥା କଲି ମୁହିଁ ନାରୀ
ଏକାଇର ବଳା ମୋର ହେଲା ଛପଗ୍ରସ୍ତ ।
ଦଶମାସ ଗର୍ଭେ ଧରି ହେଲି ଅପୁତ୍ରିକ
କୁଳ ଭାସିଗଲା ମୋର ହୋଇଲି ନୀରକ୍ଷ ।
ଦଇବ ପୁରୁଷ ଏହା ବହୁରୁଛି ପୁଣି
ମାତା ପୁତ୍ର ଭିନ୍ନ ଭିନ୍ନ କରାଇଲ୍ ଆଣି ।
ବଙ୍ଗରାଜ୍ୟ ସମ୍ପତ୍ତି ମୋ କେ ଭୋଗ କରିବ
ମୁହିଁ ସେ ଗୋବିନ୍ଦ ମନ କଲି ଉଦବେଗ ।
ହାଡ଼ିପା ବୋଇଲେ ତୁମ୍ଭେ ବିକଳ କିପାଇଁ
ଅନେକ ପ୍ରକାରେ ବୁଦ୍ଧି କହିଲି ମଣାଇ ।
ଆପଣା ଇଚ୍ଛାଏ ପୁତ୍ର ଯୋଗୀ କରାଇଲୁ
କାହିଁତ ସ୍ୱଭାବେ ମନ କିପାଁ ବଳାଇଲୁ ।
ଏବେ କି ଲୋଡ଼ିଲେ ଆଉ ପାଇ ସେହି କଥା
ମିଥ୍ୟାରେ ବେଦନ କରି ମନ କରୁ ବ୍ୟଥା ।
ବୋଲଇ ଗୋବିନ୍ଦଚନ୍ଦ୍ର ଶୁଣସି ଗୋ ମାଏ
ସାଧୁଙ୍କ ମେଳଣ ପୂର୍ବେ ବୋଇତ ଗୋଟିଏ ।
ସିନ୍ଧୁର ଲହରୀ ଘାତେ ଭାସିଲା ବୋଇତ
କୂଳରେ ତ ଲାଗି ସର୍ବ ଦ୍ରବ୍ୟ ଗଲା ହତ ।
ମୋତେ ସେହିମତ କରି ମୂର୍ଚ୍ଛି ମହାଦେଈ
ସମୁଦ୍ରେ ଭାସିଲି ଭେଳା ଲୋଡ଼ିଲେ କି ପାଇ ।
ତୁମ୍ଭେ ସେ କାରଣ ମୋତେ କଲ ଗର୍ଭଧାରି
ମୋହ କର୍ମବଳେ ମୁଁ ସଂସାରୁ ହେଲି ପାରି ।
କୁମର ବଚନ ମାଏ ଗଲେ ନଗରକୁ
ଗୁରୁ ଆଜ୍ଞା ଦେଇଚନ୍ତି ଗୋବିନ୍ଦଚନ୍ଦ୍ରକୁ ।

ନବରକୁ ନ ଯା ବାବୁ ବସ ମଣ୍ଡପର
ଦିନାଷ୍ଟର ରହି ଫେରଯିବା ଦେଶାନ୍ତର ।
କୁମର ବଚନ ମାଏ ନବରକୁ ଚଳି
ମଣ୍ଡପେ ବସିଲ ରାଜା ମୃଗଛାଲ ମାଣ୍ଡି ।
ଏମନ୍ତ ବଚନେ ଯେ ଶୁଭିଲା ଶଙ୍ଖଧ୍ୱନି
ପିକ ରବ ଦେଲା ଯହୁଁ ପାହିଲା ରଜନୀ ।
ନଗ୍ର ନରନାରୀ ଯେ ବାହାର ହେଲେ ଘରୁ
ଦେଖିଲେ ବସିଛି ରାଜା ଅନାଇଲେ ଦୂରୁ ।
ସର୍ବାଙ୍ଗେ ବିଭୂତିମଣ୍ଡେ ହୃଦେ ଶୋଭେ କନ୍ଥା
ଦେଖିଣ ଆଶ୍ଚର୍ଯ୍ୟ ଯେ ପାଇଲେ ମହାବ୍ୟଥା ।
ମୃଦୁସୁଲୀଗଣ ଏହା ଦେଖିଲେକ ଯହୁଁ
ଅନ୍ତଃପୁର ପ୍ରଦେଶକୁ ଧାଇଁଗଲେ ତହୁଁ ।
ଯେଉଁଠାରେ ବସିଛନ୍ତି ରେଦମା ଗୋଦମା
ବାରତା କହନ୍ତି ଯାଇଁ ମୃଦୁସୁଲୀ ବାମା ।
ଶୁଣ ମାଏ ଠାକୁରାଣୀ ଦେଖିଲଇଁ ଯାହା
ଯୋଗିବେଶ ହୋଇଛନ୍ତି ଆମ୍ଭ ପ୍ରାଣନାହା ।
ମଣ୍ଡପରେ ବସିଛନ୍ତି ବିଭୂତି ଭୂଷଣ
କର୍ଣ୍ଣରେ ମୁଦୁରା ହୃଦେ କାଇକନାମାନ ।
ନଗ୍ର ନରନାରୀମାନେ ବେଢ଼ି ଦେଖୁଛନ୍ତି
ହାଡ଼ପା ଯେ ଉଚାଟିଲ ଏମନ୍ତ ବୋଲନ୍ତି ।
ରେଦମା ଗୋଦମା ବେନି ସପତ୍ନୀ ଶୁଣି
ଆମ୍ଭା ବସର୍ଜିଲ କି ବାଳୁତ ମତି ଜାଣି ।
ମୂଳରୁ ଛେଦିଲେ ଯେହ୍ନେ ତରୁ ତଳେ ପଡ଼େ
କେଶବାସ ଅସମ୍ଭାଳ ହୃଦୟ ଆକୁଳେ ।
ଘଡ଼କେ ଚେତନା ପାଇ ଉଠିଲେକ ରାଣୀ
ପ୍ରିୟସଖିମାନେ ମୁଖେ ସିଞ୍ଚୁଛନ୍ତି ପାଣି ।
ନବରୁ ବାହାର କେଶ ଅସମ୍ଭାଳ ହୋଇ
ଯେଉଁଠାରେ ବସିଛନ୍ତି ରାଜା ଗୋବିନ୍ଦାଇ ।

ସେଠାରେ ପ୍ରବେଶ ହେଲେ ଗେଦମା ଗୋଦମା
ଊର୍ଦ୍ଧ୍ୱମୁଖ ହୋଇ ରଡ଼ ଦେଲେ ଦୁଇ ବାମା ।
ତାହାଙ୍କ ପଛରେ ଅନେଶ୍ୱତ ପରିବାରି
ତାଙ୍କ ମୁଖ ଚାହିଁକରି କରନ୍ତି ବୋବାଳି ।
ଆହା ପ୍ରାଣନାଥ କେ ତୁମ୍ଭଙ୍କୁ କଲା ବାଇ
କାହାଠାରୁ ହୀନବୁଦ୍ଧି ଶିଖିଲ ଗୋସାଇଁ ।
ନବଲକ୍ଷ ବଙ୍ଗ ତୋର ଅନେଶ୍ୱତ ରାଣୀ
ଷୋଳଶତ ହସ୍ତୀ ମୂଳଦନ୍ତୀ ଶତ ତିନି ।
ଚାରିଶତ ସିନ୍ଧୁଜାତି ଶତେକ ଖଇର
ବେନି ଶତ ଟାଙ୍ଗଣ ଅଟଇ ନରେଶ୍ୱର ।
ଏହିମତେ ଷୋଳଶତ ତୋହର ବାରୁଣ
ହସ୍ତିର ଉପରେ ଦନ୍ତ ସିଂହାସନେ ବସ ।
ଏତେ ବଡପଣ ଛାଡ଼ିଯିବୁ ଦେଶାନ୍ତର
ବାହୁଡ଼ ଗୋସାଇଁ ଆମ୍ଭ ବୋଲ ଶୀଘ୍ରେ କର ।
କର୍ଣ୍ଣରୁ ମୁଦ୍ରିକା କାଢ଼ି କନ୍ଥା ଦୂର କର
ବିଜୟପୁରେ କହୁଅଛୁ ଢାରେ ରକ୍ଷାକର ।
ହୀନ ବିଡ଼ମ୍ବନ ରୂପ ହୋଇଲ କି ଅର୍ଥେ
କେ ତୁମ୍ଭଙ୍କୁ ବୁଦ୍ଧି ଦେଲା ନ କହ ଅଗ୍ରତେ ।
ରାଣୀଙ୍କି ନ ଚାହିଁ ରାଜା ଚାହିଁଲା ମେଦମା
ଶୁଣସି ଗୋ ଗେଦମା ଗୋଦମା ବେନିରାଣୀ ।
ମାୟା ମୋହ ତେଜି ଆମ୍ଭେ ଦେଶାନ୍ତର ଯିବୁଁ
ମୃତ୍ତିକା ଶରୀର ଗୋଟି ଅକ୍ଷୟ କରିବୁଁ ।
କୋଟିଏ ପୁରୁଷ ମୋର ପାଇବେ କାରଣ
କାଳୀ ଲଗାଇବୁଁ ଆମ୍ଭେ ଯମର ମୁଖେଣ ।
ଦନ୍ତ ସିଂହାସନେ ମୋର ନରୁଚଇ ମନ
ମାଏ କହୁଛନ୍ତି ମୋତେ ଏହି ମହାଜ୍ଞାନ ।
ହାଡ଼ିପା ବୋଇଲେ ଗୁରୁ ଦୀକ୍ଷା ଦେଲେ ମୋତେ
ଏ ପାପ ଶରୀର ମୁକ୍ତ ହୋଇବ ଯେମନ୍ତେ ।

ତୁମ୍ଭେ ତ ବିପୁଳ ଭୋଗ ଭୁଞ୍ଜିବ ସମୟେ
ଏବେ ମନୁ ମୂର୍ଚ୍ଛି ମୋତେ ଧୈର୍ଯ୍ୟ ଧର କାୟେ ।
ନଗଣ ହୋଇଣ ରାଣୀ ନବରକୁ ଯାଅ
ମାତା ମୁକୁତା ଦେଈର ସେବା କରୁଥାଅ ।
କାନ୍ତାର ବଚନ ଶୁଣି ହୋଇଲେ ବିକଳ
ମୁଖ ଟେକ ଯାହା ପ୍ରଭୁ କହିଲ ଉତ୍ତର ।
କେମନ୍ତେ ବଞ୍ଚିବ ସତ ଆମ୍ଭଙ୍କୁ ଛାଡ଼ିବ
ଧର୍ମଦେବତା ତୁମ୍ଭଙ୍କୁ କେମନ୍ତେ ସହିବ ।

ବୋଲଇ ଗୋବିନ୍ଦଚନ୍ଦ୍ର ଶୁଣସି ଗୋ ରାଣୀ
ତୁମ୍ଭଙ୍କୁ ରହିଲେ ମୋର ଯୋଗ ହୋଏ ହାନି ।
ମାସ ଦୁଇ ରହି ଫେରି ଆସିବୁଁ ଲେଉଟି
ଏହି ବଙ୍ଗଦେଶରେ ହୋଇବା ଭେଟାଭେଟି ।
ନଗଣ ହୋଇଣ ରାଣୀ ନବରକୁ ଯାଅ
ମାତାଙ୍କ ଚରଣ ତଳେ ସେବା କରୁଥାଅ ।
କାନ୍ତର ବଚନେ ରାଣୀ ହୋଇଲେ ବିକଳ
ମୁଖ ଟେକ ରହିଁ ପ୍ରଭୁ କହସି ଉତ୍ତର ।
କେମନ୍ତେ ବଞ୍ଚିବ ସତ ଆମ୍ଭଙ୍କୁ ଛାଡ଼ିବ
ଧର୍ମଦେବତା ତୁମ୍ଭଙ୍କୁ କେମନ୍ତେ ସହିବ ।

ପୂର୍ବେ ଈଶ୍ୱରଙ୍କୁ ଆମ୍ଭେ ମାଗିଥିଲୁ ବର
ତପୋବଳେ ତୁମ୍ଭଙ୍କୁ ପାଇଲୁ ଦଣ୍ଡଧର ।
କୋଡ଼ିଏ ବରଷର ଗୋବିନ୍ଦଚନ୍ଦ୍ର ରାଜା
ଷୋଳ ବର୍ଷର ରେଦମା ଗୋଦମା ସାନୁଜା ।
ଏମନ୍ତ ସମୟେ ରାଜା ଦେଶାନ୍ତର ଗଲେ
ଦଇବ ପୁରୁଷ ତୋତେ ନ ସହିବ ଭଲେ ।
ଆମ୍ଭେ ତୋର ଅର୍ଦ୍ଧ ଅଙ୍ଗ ମହା ପାଟରାଣୀ
କଳିଙ୍ଗରାଜା ଦୁହିତା ବିରହା କାମିନୀ ।
ଆଶା ଥାଉଁ ନିରାଶ କରନ୍ତି ଯେଉଁଜନ
ମହାପାପି ସଙ୍ଗେ କରେ ନରକେ ଗମନ ।

ବୋଦମା ଗୋଦମାକୁ ସେ ବୋଲେ ମହୀଧର
କାହିଁକି ଗୋ ରାଣୀ ତୁମ୍ଭେ କରୁଅଛ ଗୋଳ ।
ଦଇବ ପୁରୁଷମାନେ କରନ୍ତି ବିଚ୍ଛେଦ
କେ ଆନ କରିବ ସୂଚମୁନେ ନାହିଁ ଭେଦ ।
ମଦନ ବାଣକୁ ଯେବେ ନ ପାରିବ ସହି
ବେଶ୍ୟା ରଣ୍ଡ କରାଇବ ସପତଣୀ ଦୁଇ ।
ଅତି ହିଁ ଅଜ୍ଞାନ ଯେବେ ହୋଇବାକ ମନ
ଦେଉଳେ ସାଧନ ତୁମ୍ଭେ ହୁଅ ଲୋ ବହନ ।
ହୋଇଲ ନିରାଶ ଯେବେ ଗୁଡ଼ିଲଟି ସ୍ନେହ
ଆମ୍ଭଙ୍କୁ ଅନାଇଁ କିପାଁ କରୁଅଛ କୋହ ।
ହୋଇବଇଁ ଯୋଗୀ ବେଶ ସାଧିବଇଁ ଯୋଗ
ଆବର କିସ କରିବ ସୁରତିର ଭୋଗ ।
ଶୁଣି ପ୍ରତ୍ୟୁତ୍ତର ଦେଲେ ବୋଦମା ଗୋଦମା
ପୂର୍ବ ଅପରାଧ ଆମ୍ଭ କେ କରିବ କ୍ଷମା ।
ଅହୋ ମହୀପତି ବଡ଼ି କହିବୁଁ ସେ କେତେ
ମଣ୍ଡପରେ ମଠ କରି ଯୋଗ ସାଧ ନିତ୍ୟେ ।
ସୁବର୍ଣ୍ଣ ଲଉରେ ଆମ୍ଭେ ମାଗୁଥିବୁ ଭିକ୍ଷା
ଦଳ ବଳ ଲୋକ ଆମ୍ଭେ ଖଟିଥିବୁ ଇଚ୍ଛା ।
ଅଗରୁ ଚନ୍ଦନ ଚୂଆ ଚନ୍ଦନର ସେଣୀ
ଏହା ପରେ କରି ଦେବୁ ଝିଙ୍କର ଗୁଏଣି ।
ଏକାନ୍ତ ଶଯ୍ୟନେ ନିଦ୍ରା ମାଡ଼ିବ କେମନ୍ତେ
ଗୁପତେ ଖଟାଇ ଭିକ୍ଷା ତୁମ୍ଭର ଅଗ୍ରତେ ।
ଶୁଣ ହୋ ରାଜନ ତୋତେ ସଂକ୍ଷେପି କହିବା
ବଡ଼ ଯୋଗୀ ବୋଲନ୍ତି ଅନାଦି ମହାଦେବା ।
ବିଷ୍ଣୁ ପ୍ରଳୟରେ ଯା'ର ନୋହେ ରୋମେ ଭଙ୍ଗ
ତାହାଙ୍କ ରମଣୀ ଏ ଯେ ପଡ଼ିଥାଇ ଅଙ୍ଗ ।
ଚଉଷଠି ସିଦ୍ଧ ଆଦି ମାନ ଯେ ଗୋରେଖ
ଏମାନେ ହେ ଜାଣନ୍ତି ତାର ଦୁଃଖ ସୁଖ ।

ତହୁଁ ନକ ବଡ଼ ଯୋଗୀ ହୋଇବୁ ରାଜନ
କାଳେ ଏତେ ଯୋଗ ନ ରହିବ ଯୋଗିପଣ ।
ମଦନରାୟର ବାଣ ନ ପାରୁ ଯେ ସହି
ନ ପୁଣ ହସନ୍ତ ସବୁ ନାକେ ହସ୍ତ ଦେଇ ।
ଦନ୍ତରେ ଖାରଣ ଧରି ମାଗୁଅଛୁଁ ଆଜ
ପ୍ରବୋଧି କହିଲେ କବା ନ ପାଇବ ଲାଜ ।
ମନକୁ ବୋଧିଲୁ ସୁଖ ଛାଡ଼ିଦେଲୁଁ ଆମ୍ଭେ
ବଳେ ନକ ସୁଖ ଭୋଗ କରାଇବ ତୁମ୍ଭେ ।
ବୋଇଲେ ଯେ ମଠ ତୋଳ ଦେବୁଁ ପାଞ୍ଚ ନେତେ
ସେମାନେ ବିଷୟ ଚିତ୍ତେ ନ ରୁଚଇ ମୋତେ ।
ମଣ୍ଡପ କୋଣରେ ଥିବ ଯେତୁ ମୋର ଇଚ୍ଛା
ତୃପ୍ତି ହୋଇବ ମୁଠାଏ କଣଣ ଯେ ଭିକ୍ଷା ।

ରେବମା ବୋଇଲେ କୋପେ ପ୍ରଜ୍ୱଳିତ ହୋଇ
ଆରେ ରେ ହାଡ଼ିପା ଏଡେ କର୍ମ କଲୁ ତୁହି ।
ତୋହର ମୁଣ୍ଡରେ ବଜ୍ର ପଡ଼ୁରେ ପାମର
ଯମ ତୋତେ ଠାବ ଦେଉ ରୌରବ ନର୍କର ।
ନର୍କ ଆଶ୍ରେ କରି ତୋ ସର୍ବଦା ଯାଉ ଦିନ
ନୁହ ତୁ ମୁକତି ପୃଥ୍ୱୀ ଥିବ ଯେତେ ଦିନ ।
ତୁ ତ ଜନ୍ମ ହୋଇ କରି ଏଡ଼େ ହି ଅଜ୍ଞାନ
ଏଡ଼େ ବଡ଼ ରାଜା ଯେ ହୋଇଲା ଯୋଗିପଣ ।
ରାଜାର କୁମାରୀ ଆମ୍ଭେ ଶତ ସପତ୍ନୀ
ସବୁରି ନିଶ୍ୱାସ ପଡ଼ୁ ତୋହର ମୂର୍ଦ୍ଧନି ।

କୁଳଧାପ ଲିଭିଲ ଅନ୍ଧାର କଲୁ ଘର
ରାଜା ଥାଉଁ ରାଣୀ ରାଣ୍ଡ କଲୁ ତୁ ନକର ।
ଏତେ ବୋଲି ପାଷାଣ ଉପରେ ଯାଇଁ ପଡ଼ି
ହସ୍ତରୁ କାଢ଼ିଲେ ଶଙ୍ଖା ସ୍ୱର୍ଣ୍ଣ ଖଡୁ ଚୁଡ଼ି ।
ଧାତିକାରେ ପରିବାରି ଧଇଁଲେକ ତୋଳି
କେଶ ବାସ ଅସମ୍ଭାଳ ହୃଦରେ ବିକଳି ।

ତୁମ୍ଭେ ଲୋ ପରଙ୍କ ସ୍ତ୍ରୀଅ ଆମ୍ଭେ ପର ପୁଅ
ସଂସାର ଆଗ୍ରରେ ତୁମ୍ଭ ଆମ୍ଭରଟି ସ୍ନେହ ।
ଛୁଡ଼ିଲାର ଭରସା ଯେ ବାପର ବଇଶା
ଯେତେ ଇଚ୍ଛା ଆମ୍ଭଙ୍କୁ ଲୋ ଦେଇଯାଅ ଗାଳି । ।୧୭୦।
ରାଣୀ ବୋଲେ ଅବଧାନେ ଶୁଣିମା ଗୋସାଇଁ
ପୂଜମାନ୍ଙ୍କୁ ଜନେ ଗାଳିଦେବୁ କସ ପାଇଁ ।
ଯେବେ ଆମ୍ଭର କର୍ମରେ ଅଛଇ ବିଧବା
ମହୁର ଗୋଳି ପିଇବା କି ଅର୍ଥେ ଖାଇବା ।
ନୃପତି ବୋଇଲେ ତୁମ୍ଭେ ଖାଅ ଅବା ମର
ନୋହିଲେ ନ ମର ତୁମ୍ଭେ ଭିନ୍ନ ଘର କର ।
ସୁଖମନେ ତୁମ୍ଭଙ୍କୁ ଆମ୍ଭର ଶୋକ ନାହିଁ
ଇଚ୍ଛା ହେଲେ ସମ୍ପଦ ଭଣ୍ଡାର ନିଅ ବାହି ।
ହାତି ଘରେ ପଶ ଯାଇଁ ଦାଣ୍ଡେ କର ଘର
ଏଠାରୁ ବାହନ ଚଳ ନ କର ଡହଳ । ।୧୮୦।
ଆଜଠାରୁ ମଲା ବୋଲି ଲେଖିବ ଆମ୍ଭଙ୍କୁ
ଇଚ୍ଛା ହେଲେ ରହି ସେବା କରିବ ମାତାଙ୍କୁ ।
ଏହା ଶୁଣି ରୋଦନ କରନ୍ତି ଶତେ ବାଳୀ
ସମସ୍ତେ ଯୁବତୀ ଜଣେ ନାହିଁ ମଧ୍ୟ ଭଳି ।
ଚନ୍ଦ୍ରମାକୁ ତାରାଗଣ ଯେସନ୍ତେ ବେଢ଼ି ଥାନ୍ତି
ସେହି ମତି ଗୋବିନ୍ଦଚନ୍ଦ୍ରକୁ ଶୋଭା ପାନ୍ତି ।

(‘ଗୋବିନ୍ଦଚନ୍ଦ୍ର ଟୀକା’,ରୁ ଗୃହୀତ)

*

# ଭଜନ

## ଯଶୋବନ୍ତ ଦାସ

### ( ୧ )

ଗାଈ ଭୁଲ ଭୁଲାଇ ଲୋ,
ନରକେ ବେଉସା ଖାଇ ।
ଗାଈ ପଛେ ଯେବେ ଗଉଡ ଥାଆନ୍ତା
ବେଉସା ଖାଆନ୍ତା ନାହିଁ ।
ଗା'ଈର ମହିମା କି ଦେବି ଉପମା
ଗା'ଈର ଶୂନ୍ୟ ଗୁହାଳ ।
ଗାଈ ପଛେ ପଛେ ପାଞ୍ଚଟି ବାଛୁରି
ସବା ଗାଈଟି ଦୁହାଁଳ ।
ଗାଈ ଗୋଟ ଟେକୁ କ୍ଷୀର ଦେଉଅଛି
ନାହିଁ ତାହାର ସୁମାର
ସେହି କ୍ଷୀରକୁ ତୁ ମନ୍ଥିଲେ ନିଶ୍ଚୟ
ଲବଣୀ ହେବ ବାହାର ।
ସେହି ଲବଣୀକୁ ଅଗ୍ନିରେ ରଖିଲେ
ତହୁଁ ବାହାରଇ ଘୃତ
ସେହି ଘୃତକୁ ତୁ ପାମାସୁ କରିଲେ
ଅଙ୍ଗ ହୁଏ ପୁଲକିତ ।
ଏପରି ଗାଈକି ଘରେ ବାନ୍ଧିଅଛୁ
ତୋହର କାହାକୁ ଭୟ
କହେ ଯଶୋବନ୍ତ ସେ ପାଦେ ଶରଣ
ଗାଈକି ନାହିଁ ଉପାୟ ।

### ( ୨ )

ମୂଳ ଶୂନ୍ୟ ନାହିଁ ଯାର ଅନାମରେ ଜ୍ୟୋତି
ପାଦ ପାଣି ନାହିଁ ଯାର ଅନାମରେ ସ୍ଥିତି ।

ଦେହ 'ନାହିଁ ଅଦେହରେ କରଅଛୁ ବାସ
ଅଜପା ଅକର୍ମା ଅଣଅଭ୍ୟାସ ଅଦୃଶ୍ୟ ।
ଚ୍ୟୁତ ନୁହଁ ଅଚ୍ୟୁତ ସେ ଅଣାକାର ମସ୍ତେ
ଜୀବ ନୁହେଁ ଅଜୀବ ସେ ପରମରେ ରହେ ।
ବ୍ରହ୍ମାଣ୍ଡ ଉପରେ ବ୍ରହ୍ମ ବୋଲନ୍ତି ଯାହାକୁ
ବନ୍ଧ୍ୟା ହୋଇ ଜାତ କଲା ପରମ ପୁତ୍ରକୁ ।
ଖଣ୍ଡ ନୁହେଁ ଅଖଣ୍ଡଳ ସ୍ଥାନେ ଛଅ ମନ
ବୁଦ୍ଧି ଯହିଁ ନାହିଁ ନାହିଁ ଚିତ୍ତ ଚଇତନ ।
ଜପୂନରେ ନାହିଁ ସେ ଯେ ନୁହଇ ତପ୍ତ
ଅଷ୍ଟାଙ୍ଗ ଯୋଗରେ ଯୋଗୀ ନ ପାଇଲେ ଭେଟ ।
ପୂର୍ଣ୍ଣାନନ୍ଦ ଉପରେ ସେ ପରମରେ ନାହିଁ
ଛଅଇନ୍ଦ୍ର ଜାଣ ଯେ ହୁଅନ୍ତି ସେହି ଠାଇଁ ।
ପବନ ନ ଗମେ ଚନ୍ଦ୍ର ସୂର୍ଯ୍ୟ ନ ଗମଇ
ଗୁରୁ ଶିଷ୍ୟ ମନ୍ତ୍ର ଯନ୍ତ୍ର ସେ ଠାବକୁ କାହିଁ ।
ପୂଜା ବ୍ରତ ତୀର୍ଥ ଯଜ୍ଞ ତ୍ରିଗୁଣୁ ବାହାର
ବ୍ରହ୍ମା ବିଷ୍ଣୁ ମହେଶଙ୍କୁ ନ ହେଲା ଗୋଚର ।
କଥନ ନୁହଇ ଅକଥନ ଅପ୍ରମିତ
ଯଶୋବନ୍ତେ ବୁଝାଇଲେ ପ୍ରଭୁ ଜଗନ୍ନାଥ ।

( ୩ )

ଦୁତି ଗୋ, ଯିବା ହଂସକୁ ଦେଖନ୍ତି
ଅଣ୍ଡ ଭିତରେ ଲୁଚିଇଛି ପକ୍ଷୀଟି ।
ଅପୂର୍ବ ହଂସର ତିନୋଟି ପାଦ
ଏକ ପାଦକେ ଘୋଟିଛି ଅଗାଧଟି, ଦୁତି ଗୋ ।
ଏକ ପାଦ ତାର କେଶରେ ସ୍ଥିତି
ଏକ ପାଦ ତାର ଶୂନ୍ୟେ ଗୁପତଟି, ଦୁତି ଗୋ ।
ଅଣ୍ଡିରା ହଂସର ଏକଇ ତମ୍ବ

ଏକ ଡମ୍ବକେ ଘୋଟିଛୁ ଅଗାଧଟି, ଦୂତି ଗୋ ।
ଡମ୍ବ ବାହାରେ ଛୁଆ ଉଡ଼ିଗଲା
ଜଳ ଚନ୍ଦ୍ରକେ ଦେଉଳ ବୁଡ଼ିଲା, ଦୂତି ଗୋ ।
ସେ ହଂସ ଚରଣେ ମୋହର ଆଶ
ଭାବେ ଭଣିଲେ ଯଶୋବନ୍ତ ଦାସ, ଦୂତି ଗୋ ।

( ୪ )

ବଡ଼ ମାୟାରେ ଜୀବ ନୋହେ କାହାର
ଧନେ ନ ଭଜ ରାମ କୃଷ୍ଣ ଶ୍ରୀହରି ।
ଯେତେବେଳେ ମାତା ଗର୍ଭେ ହେଲୁ ସଞ୍ଚାର
ଅଣାକାର ଭୂମି ସେ ଯେ ନାହିଁ ଆକାର ।
ପ୍ରଥମ ମାସେ ତୁ ଯେ ହେଲୁ ଧବଳ ବର୍ଣ୍ଣ
ଦ୍ୱିତୀୟ ମାସେ ତୁ ଯେ ଜଳେ ଯେସନେ ମୀନ
ତୃତୀୟ ମାସେ ତୁ ଯେ ଶୂନ୍ୟେ ମେଲିଲୁ ଡାଳ
ଚତୁର୍ଥେ ଅସ୍ଥି ପଞ୍ଜା ତୋହର ।
ପଞ୍ଚମେ ନାଭିକମଳ କଲା ଉଆଣ
ଷଷ୍ଠରେ ବାସ୍ତରି ନାଡ଼ି ଖଞ୍ଜିଲା ଜାଣ ।
ସପ୍ତମେ ନାସା ଜିହ୍ୱା ଆବର ମୁଖ କର୍ଣ୍ଣ
ଚକ୍ଷୁ ଭ୍ରୂଲତା କାମ କମାଣରେ ନିର୍ମାଣ
ଗଙ୍ଗା ଯମୁନା ନଦୀ ବହଇ ଅନୁକ୍ଷଣ
ଆପେ ମନକୁ କଲା ବଶ୍ୟର ।
ଅଷ୍ଟମେ ଅଙ୍ଗୁଷ୍ଠି ହସ୍ତ ପାଦ ଖଞ୍ଜିଲା
ନବମାସେ ଚମଡ଼ାକୁ ତାଙ୍କୁଣୀ ଦେଲା ।
ଦଶମାସରେ ଶେଷ କଲା ହୋଇ ହରଷ
ସ୍ତୁତି ଯେ କଲୁ ତୁହି ଭୋ ଦେବ ନନ୍ଦଶିଷ୍ୟ
ଯେବେ ମର୍ତ୍ତ୍ୟମଣ୍ଡଳେ ମୁହିଁ କରିବି ବାସ
ତୋ ନାମ ଗାଉଥିବି ସୁମରି ।

ଯେଉଁ ବ୍ରହ୍ମାଣୀ ତୋତେଟି କଲା ନିର୍ମାଣ,
ସେହି ତୋ ଦେହେ ରହିଲା ଏହା ତୁ ଜାଣ,
ରଖିଣ ଦଶବାଟ ଲଗାଇଲା କବାଟ
ସୁଷୁମ୍ନା ଦୁଆରେ ରହିଲେ ନନ୍ଦସୁଟ
ଯେବେ ପାଇବୁ ଭେଟ ମାୟାକୁ ତୁହି କାଟ
ଗୁରୁ ସେବଣ ଦେଖ ଶ୍ରୀହରି ।

ଜନମ ହୋଇ ପଡ଼ିଲୁ ମର୍ତ୍ତ୍ୟ ମଣ୍ଡଳ
କୁଆଁ ବୋଲନ୍ତେଣ ସବୁ ଗଲା ପାଶୋରି ।
ଅନୁଡ଼ଶାଳେ ରହି ହରି ଭଜିଲୁ ନାହିଁ
ପାଞ୍ଚ ବରଷ ଗଲା ବାଳଭାବରେ ବହି
ଦଶ ବରଷେ ଧୂଳି ଘର ଖେଳିଲୁ ତୁହି,
ବାର ବରଷେ ବସ୍ତ୍ର ପିନ୍ଧୁ ହରଷ ହୋଇ,
ତେବେ ନ ବୋଲୁ ମୁଖେ ଶ୍ରୀହରି ।

ପନ୍ଦର ବରଷେ ହେଲୁ ଅମରମତା,
କୋଡ଼ିଏ ବରଷେ କଲୁ କାମିନୀ ଚିନ୍ତା ।
କାମିନୀ ସଙ୍ଗେ ରହି ଧନ ହରିଲୁ ତୁହି
ସେ ରୂପେ ଗଲା ତୋର ଯୁବା ବୟସ ବହି
ହରିକଥାକୁ ଧନେ ମନେ ନ କଲୁ ତୁହି
ହେବୁ କେମନ୍ତେ ଏ ଭବୁ ପାରି ।
ବୃଦ୍ଧବୟସ ଯେ ଏବେ ହେଲା ତୋହରି,
ଅବଶ୍ୟ ଦେଖିବୁ ଥରେ ଶମନ ପୁରୀ,
କହଇ ଯଶୋବନ୍ତ ଗୁରୁଙ୍କ ସେବାକର
ସେ ନାମ ଧରି ହୃଦେ ଭବୁ ହୋଇବୁ ପାର
ପୂର୍ବ-ଜନ୍ମ କଲ୍ମଷ ଚିତ୍ତରୁ ହେବ ଦୂର
ବସିବୁ ବଇକୁଣ୍ଠ ଆବୋରି ।

( ୫ )

ମନ ମତ୍ତ ଦୁର୍ଦ୍ଦାନ୍ତ ଗାଈ, ଗାଈ ପଳାଇଲା ପଘା ଛିଣ୍ଡାଇ,
ସେ ଗାଈ ମହିମା ଦେବାଙ୍କୁ ଉପମା
କେହି ଏକୋଇଶ ବ୍ରହ୍ମାଣ୍ଡେ ନାହିଁ ।
ଗାଈ ନା ସୁବୁଦ୍ଧି କଏ ହେଲା ବାଘ
ଛୁଟିକା ମନ୍ତ୍ର କବା ଜାଣଇ,
ବାରବାଟୀ ବିଲ ପଡ଼ିଆ ଉଠିଆ
ଦିନେ ଗାଈ ଘାସ ଖାଇଲା ନାହିଁ ।
ତ୍ରିଗୁଣ ଦଉଡ଼ି କଷି ବାନ୍ଧିଥିଲି
ଛିଣ୍ଡାଇ ପକାଇ ଗଲା ପଳାଇ,
କହେ ଯଶୋବନ୍ତ ଗାଈ ପାଦେ ଆଶ । ।୧୦।
ଗାଈକି ମୋ ଦେବ କେ ସୁଧୁରାଇ ।

( ୬ )

ଦିବସ ଶେଷକାଳେ ରଜନୀ ଆଦ୍ୟବେଳେ
ଜଗମୋହନେ ଥାଇ ଦେଖ
କଳାଭ୍ରୁ ମୁଖ କାନ୍ତି ଅଧରେ ରଙ୍ଗ ଜ୍ୟୋତି
ଦ୍ରୁଶନେ ଦୁରିତ ଉପେଖ ।
ମନାଇଂ ହୋ, ଧୂପ ଦିହୁଡ଼ି ଜଗ ହୁଳା
ଧୂପ କର୍ପୂର ବାସେ ଚନ୍ଦ୍ର ଉଦିଆ ହାସେ ସୁନ୍ଦରଭ୍ରୁ ମୁଖ ସୁଢ଼ଳା ।
ଅମରବୃନ୍ଦ ଘେନ ଇନ୍ଦ୍ର ଆଦିତ ବ୍ରହ୍ମା
ଚନ୍ଦ୍ର ପବନ ଦିଗପାଳ
ତ୍ରିଦଶ ଦେବଲୋକେ ଝୁମର ଯନ୍ତ୍ର ଧରି
ଶ୍ରୀ ଜଗମୋହନ ଚହଳ । ।୧୦।
ମନାଇ ହୋ, ଧୂପ ଗହଳେ ପେଲପେଲି
ସାଏର ଘୋଷ ଜିଣି ମୁଖବାଦ ଶବଦ ହରି ଶବଦ ବୋଲିବୋଲି ।

କାଳନ୍ଦୀ ହ୍ରଦେ କି ଏ ଶୁକଳ ପଦ୍ମ ବେନି
ସ୍ୱେ ଯଶ ଲକ୍ଷେନ ବର୍ଣ୍ଣନ
ପୀତେ ଚୁମ୍ବିତ କିଏ ମତ୍ତ ଭ୍ରମର ବେନି
ତେସନେ ଚକୋର ଲୋଚନ ।
ମନାଇ ହୋ, କବଧ କୁସୁମରେ ଗନ୍ଧ
ମାଳନ୍ଦୀ ମେଘେ କି ଏ ଶୁକ୍ର ଉଦିତ ଜାଣି ଶେତ ଧବଳ ଛଟାଶୋଭା ।
ଦେବଙ୍କ ସଙ୍ଗେ ସୁରେ ସୁରଙ୍କ ସଙ୍ଗେ ନରେ
ଦେଖନ୍ତି ଧୂପ ଅବକାଶ ।୨୦।
ନ ଦେଖଇ ଦେଖିଲାକ ଦେଖି ମିଶିଲି ସ୍ୱାଦେ
କହନ୍ତି ଯଶୋବନ୍ତ ଦାସ ।
ମନାଇ ହୋ, ଭନ ଧୂପରେ ସ୍ନେହ ସାର
କେ କହି ପାରିବ ସ୍ୱେ ଜଗନ୍ନାଥଙ୍କ ଲୀଳା ବ୍ରହ୍ମା ରୁଦ୍ରଙ୍କୁ ଅଗୋଚର ।

( ୭ )

ପଡ଼ୁଛି ବନ୍ଧ ତ୍ରିବେଣୀ ଘାଟେ
ବଂଧ ଫୁଟି ପାଣି ବହୁଛି ଆଣ୍ଠେ ।
ବନ୍ଧ ଆୟୂତନ ବାର ଯୋଜନ
ଯେତେ ବଂଧାଇଲେ ନୋହିଲା ଠାଣ ।
ବନ୍ଧ ପଡ଼ିଅଛି ମେରୁକୁ ଲାଗି
ବନ୍ଧ ତଳେ ବକ ବସିଛି ଜଗି ।
ପାଞ୍ଚ ପଧାନ ପଚିଶ ମୂଲିଆ
ଯେତେ ବନ୍ଧାଇଲେ ପଙ୍କେ ଗଲିଆ ।
କହେ ଯଶୋବନ୍ତ ବନ୍ଧ ଉଜାଣି
ମନ ସ୍ଥିରା ବନ୍ଧ ପବନ ପାଣି । ।୧୦।

*

# ପଦାବଳୀ

## ରଘୁ ଅରକ୍ଷିତ

### ( ୧ )

ବସନ୍ତ ବହିଲା ଚୂତ ପଲ୍ଲବିଲା ବୃକ୍ଷେ ଦେଲେ ପତ୍ର ଝଡ଼ା
ଅଶେଷ କୋଟି ବ୍ରହ୍ମାଣ୍ଡର ଠାକୁର ଦୋଳମଣ୍ଡପରେ ଉଭା ଗୋ ।

ଆମ୍ଭକେଇ ଯେନଯିବା ଗୋ ସଜନୀ ଦେଖିବା ବସନ୍ତ ଋତୁବେଶ
ବୃନ୍ଦାବନେ କୃଷ୍ଣ ଦୋଳି ଖେଳୁଛନ୍ତି ଉଡ଼ଇ କର୍ପୂର ଧୂଳି ଗୋ ।

ଶାଖୀ ପତ୍ରରଇ କୋକିଳକୁ ରାଇ ବନରେ କି କରୁ ବସି
ତୁମ୍ଭେ ଆମ୍ଭେ ଦୁହେଁ ସଖି ଚାଲ ଯିବା ବସନ୍ତ ପ୍ରକାଶ ଆସି ଗୋ ।

ଯାଇ ଜୁଇ ମଲ୍ଲୀ ମାଳତୀ ସେବତୀ ବିବିଧ କୁସୁମେ ଗନ୍ଧ
ଦକ୍ଷିଣ ମୂରତି ହୋଇ ଯଦୁପତି ଦୋଳମଣ୍ଡପରେ ଉଭା ଗୋ ।

ସଖି ଗୋ ଶ୍ରୀଜଗନ୍ନାଥଙ୍କୁ ଦୋଳାଦୋଳି ବେଳେ ଲଙ୍କାଗଡ଼େ ଭଟ୍ଟେ ମାନ
ଶ୍ରୀଜଗନ୍ନାଥ ପଦ୍ମପାଦ ତଳେ ରଘୁ ଅରକ୍ଷିତ ଭଣି ଗୋ । ।୧୦।

### ( ୨ )

ଯଶୋଦା କୃଷ୍ଣଙ୍କୁଁ କହନ୍ତି ତୁମେ ମୋ ଜୀବ ପରମ
ସବୁ ଲୋକମାନେ ଜାଣନ୍ତି ତୋତେ ମୁଁ କଲି ଜନମ ।

ଲୁଚି ହୋଇଯିବ କେଶବ ତୁ ମୋ ଗୁମ୍ଫରେ କହ
କେଉଁ ଚେଷ୍ଟା ଝିଅେ ବୋଲନ୍ତି ତୁ ମୋ ଖୁମୁଳା ପୁଅ ।

ବାବୁରେ ନନ୍ଦ୍ରାର ବେଳେ ପ୍ରସବିଲି ନାହିଁ ଲାଗିଣ ଅଛୁ
କେଉଁ ଚେଷ୍ଟା ଝିଅେ ବୋଲନ୍ତି ସେ ନ ଜାଣନ୍ତି କିଛି ।

ଉମା କି କେ ହସ ହସ ହୁଅ ଗୋ ତୁମ୍ଭ କଣିମା ସତ
ମଧ୍ୟସ୍ଥ ଜଣେ ବସାଇବା ସାକ୍ଷୀ ରଘୁ ଅକ୍ଷିତ ।

( ୩ )

ଯଶୋଦା ବୋଲନ୍ତି ଆଗୋ ରାଇ
ଯମୁନା କେ କେ ଯିବ ଗୋ ଗାଧୋଇ ।
ଆଗେ ଯଶୋବନ୍ତୀ ପଛେ ରାଧିକା
ପୁଣି କେ ତୋତେ ଦେଲା ନୂଆ ବାନ୍ଧ ଶଙ୍ଖା ।
ଶଙ୍ଖା ଅଇର ଆମ୍ଭର ବର ଗୋ ନଣନ୍ଦେ
ଶଙ୍ଖା ଅଇର ଆମ୍ଭର ବର,
ନୂଆ ବାନ୍ଧ ଶଙ୍ଖା କେତେ ମାତର ।
ଯଶୋଦା ବୋଲନ୍ତି ଆଗୋ ଗୋ ଗୋଇ
ଶଙ୍ଖା ଅଇରକ ବାଇ ହୋଇଲୁ ତୁମ୍ଭ ।
ଯଚ୍ଛେଦ୍ଧେଂ କନ୍ଦୁକ ସପନେ କନ୍ଥ ।୧୦।
ମୋ ଭାଇକ ତୁ ସୁଖ ନ ପାଉ ।
ଶଙ୍ଖା ଅଇର ଅଇଲା ଆଜ ନଗିର,
ଶଙ୍ଖା ପିନ୍ଧାଇଲା ମୋ ବେନ କର ।
ଶଙ୍ଖାର ନାମ ଦେବ ଚନ୍ଦ୍ରଧାରୀ
ଅର୍ଷିତ ରଘୁକୁ ରଖ ଶଙ୍ଖାର ।

( ୪ )

ନିଦ୍ରାରୁ ଉଠ ହେ ଗୋବିନ୍ଦ
ଯଶୋବନ୍ତୀ ଡାକନ୍ତି,
କାକ କୋକିଳ ରାବ ଦେଲେ
ନିଶା ହେଲା ପାହାନ୍ତି ।
ସଙ୍ଗୀ ବ୍ରଜସୁତ ଅଇଲେ
ରଖି ଯିବୁ ମୋ ଧନ,
ଘୃତ ଲବଣୀ ସରଁ ଦେବ
ଉଠ ଉଠ ମୋ ଧନ ।

ପଙ୍କଜ ମୁଖ ତୋ ପଖାଳ
ଦେନ ସୁବାସ ପାଣି, ।୧୦।
ପିନ୍ଧାଇବ ଝୀନ ପଟମ
କେଶେ ପାରିବ ବେଣୀ ।
କଣ୍ଠେ କଣ୍ଠିମାଳୀ ହରିଡ଼ା
ହସ୍ତେ ଦେବ କଙ୍କଣ,
ରଘୁ ଅରକ୍ଷିତେ ଭଣିଲେ
କୃଷ୍ଣ ପଦ୍ମ ଚରଣ ।

( ୪ )

କଦମ୍ବବୃକ୍ଷ ତଳେ ଶୟନର ବେଳେ ବଂଶୀ ସମସ୍ଥାନେ ଦେଇ
ସର୍ବଗୋପୀମାନେ ମାର ଆଣିଗଲେ ବଂଶୀ ମୋ ନେଲେ ଚୋରାଇ ।
ଗୋ ରାଧେ, ବଂଶୀଟି ଆମର ଦିଅ
ହସ୍ତର କଙ୍କଣ ଗଳା ରତ୍ନହାର ଯାହା ଇଚ୍ଛା ତାହା ନିଅ ।
ବ୍ରହ୍ମା ଦେଇଥିଲେ ଅପୂର୍ବ ମୁରଲୀ ଶୁଭଇ ଅମୃତ ଧ୍ୱନି
ବଂଶୀ ବିନୁ ମୋତେ ଆନ ନ ରୁଚଇ ନ ଖାଇ ଯେ କ୍ଷୀର ପାଣି ।
ଅତି ଯତନରେ ବଂଶୀ ଗଢ଼ାଇଲି ସୁନାର ବେଣ୍ଟ ଲଗାଇ
କେ ଯାଇ କହିବ ମାତାଙ୍କ ଛାମୁରେ ବଂଶୀ ମୋ ନେଲ ଚୋରାଇ ।
କଳାମେଘୀ ଶାଢ଼ୀ ପିନ୍ଧିବାର ବେଳେ ଅନାଇ ରହିଲି ସବି
ପଛର ପଣତ ଆଗକୁ ପକାଇ ବଂଶୀ ମୋ ନେଲ ଚୋରାଇ । ।୧୦।
ଦୁଷ୍ଟ ମୁଖ ଚୁହିଁ ରାଧିକା ବୋଲନ୍ତି ଆମ୍ଭେ ତ ନ ଜାଣୁ ବେଣୁ
ଅରକ୍ଷିତ ରଘୁ ଗୀତରେ ଭଣିଲେ ନଟବରମାଆ କାହ୍ନୁ ।

*

# ଭଜନ

## ରଘୁ ଅରକ୍ଷିତ

ସବୁରି ସବୁ ଅଛି ମୋହର କେହି ନାହିଁ
ଏକା ମୋ ପ୍ରଭୁ ଜଗନ୍ନାଥ,
ତୁମ୍ଭରି ନାମ ଧରି ବିଷ ମୁଁ ଭକ୍ଷିଅଛି
ସେ ମୋତେ ହୋଇଛି ଅମୃତ ହେ, ମହାପ୍ରଭୁ ।
ବାଲିରେ ପଡ଼ିଥାଇ ନୀଳଚକ୍ରକୁ ଚାହିଁ
ପ୍ରାଣ ମୋ ଶେଷ ହେଉଥାଇ,
ବାଲିରେ ପଡ଼ିକରି ମାଂସକୁ ମିଳାଇବି
ଚକ୍ଷୁ ଉହାଡ଼ିଥିବ ଧାଇ ହେ, ମହାପ୍ରଭୁ ।
ସାଧୁମାନଙ୍କ ସଙ୍ଗେ ହରି ନାମ ବଞ୍ଚିବି ରଙ୍ଗେ
ତୁମ୍ଭ ଚରଣେ ଚିତ୍ତ ଥାଉ, । ୧୦ ।
ଛଡ଼ା ତୁଳସୀ ମୁଣ୍ଡେ ନିର୍ମାଲ୍ୟ ଥିବ ତୁଣ୍ଡେ
ହା କୃଷ୍ଣ ବୋଲି ପ୍ରାଣ ଯାଉ ହେ, ମହାପ୍ରଭୁ ।
ବଗଡ଼ା ଅନ୍ନ ସଂଗେ ବଡ଼ ମହୁରି ରଙ୍ଗେ
ସେବାରେ ପୂରାଇବି ପେଟ,
କଳାର ହାତ ଠାରେ ଦର୍ଶନ କରୁଥିବି
ଛାମୁରେ ଧରି ମୁଁ ଆଲଟ ହେ, ମହାପ୍ରଭୁ ।
ଏମନ୍ତେ କହୁଅଛି ଶୁଣ ହେ ଗିରିବାସି
ରୁକୁଣୀ ଦେବୀଙ୍କର କାନ୍ତ,
ରଘୁ ଯେ ଅରକ୍ଷିତ ଏ ଭାବରେ ଭଣିଲେ
ଏଥୁ ଉଦ୍ଧରି ଜଗନ୍ନାଥ ହେ, ମହାପ୍ରଭୁ । ୨୦ ।

*

# ଶକୁନ୍ତଳା ଚଉତିଶା

## ରଘୁ ଅରକ୍ଷିତ

କହଇ ମୁଁ କଉତୁକ ଶୁଣ ସୁଗ୍ୟଜନ
କୁରଙ୍ଗୀ ଗୋଡ଼ାଇ ଗଲେ ଦୁଷନ୍ତ ରାଜନ ।
କଣ୍ୱ ମୁନି ଆଶ୍ରମ ପାରୁଶେ ଉପବନ
କଉତୁକ ପାଇ ରାଜା ରୁହାଇଲେ ଯାନ ।
ଖଗର କରଣ ନାହି ପଲବର ଛାଇ
ଖେଳ ଚରୁଛନ୍ତି ଶାରି ଶୁଆ ମେଳ ହୋଇ ।
ଖେଳି ଖେଳି କୁରଙ୍ଗୀ କସ୍ତୁରୀ ଚରୁଛନ୍ତି
ଖୁଦାଥ ଲାଗିଲେ ଗଛୁ ପଡ଼ି ସେ ଚରନ୍ତି ।
ଗଛେ ଗଛେ ଗହନ ସୁନ୍ଦର ଫଳଭର
ଗହନ କୁସୁମ ଶାଖା ଲାଗିଛି ଭୂମିର ।
ଗଳେ କରି ମଧୁକରେ କରୁଛନ୍ତି ରୋଳ
ଗହନ ମଦୁପ ଦୁନି ଶୁଭଇ ଚହଳ ।
ଘଟଣ ପୋଖୋରୀ ପାଶେ ଘାଟ ସଠିକର
ଢଂଚପନ୍ତି ହୋଇ ତହି ଲାଗିଛି ମନ୍ଦାର
ଘର ପ୍ରାପ୍ତେ ମାଳତୀ ମାଧେବୀ ଲତାମାନ
ଘନ ଘନ ମରୁଳ ମଜୁର ଦେଖନ୍ତି ସନ ।
ନିର୍ମଳ ଜଳରେ ଫୁଟି ଅଛଇ କମଳ
ନିରନ୍ତରେ ମଧୁକରେ ମଦୁପାନେ ଭୋଳ ।
ନିଉଡ଼ି ହୁଅନ୍ତି ତହିଁ ପରାଗର ଗୁଣ୍ଡି
ନିରନ୍ତରେ ମଦୁପାନେ ନ ପାରନ୍ତି ଉଡ଼ି ।
ଚନ୍ଦନ ଅଗର ଚୂତ ଲଭଙ୍ଗ ଲତାର
ଚଳୁଛନ୍ତି ମନ୍ଦ ମନ୍ଦ ଲାଗିଣ ସମୀର ।
ଚଉଦିଗ ପୂରିଣ ସେ କରଇ ଆମୋଦ
ଚଂଚଳ କରଇ ମୁନିଜନଙ୍କ ସମାଦ ।
କ୍ଷଣେ କ୍ଷଣେ ପ୍ରଶଂସା କରଇ ମହୀପତି
ଛୁଡ଼ି କି ନନ୍ଦନବନ ଗଢ଼ୁଅଛି କ୍ଷିତି ।

କ୍ଷଣେ ଛାଡ଼ିବାକୁ ଯେ ତାହାର ମନ ନାହିଁ
ଛଳୁଛଳ କରି ତାକୁ ଭେଟାଇଲା ବାହି ।
ଯୁବର୍ଣ୍ଣ ରଚନ ସୁକନ୍ତଳା ବୋଲେ ସଖୀ
ଯିବା ଚାଲ ଋଷିଙ୍କର ନୂଆ ତୋଟା ଦେଖି ।
ଯେଉ ଯଉ ବୃକ୍ଷରେ ନେ [ଇ] ଦେଲୁ [କ] ପାଣି
ଯତନ କରଣ ଚାଲ ଆସିବା ମିତଣୀ ।
ଝାଡିକାରେ ବାହାର ହୋଇଲେ ସର୍ବ ସଖୀ
ଝଲକ ବପୁସ ଶେ ସବଏ ଚନ୍ଦ୍ରମୁଖୀ ।
ଝୀନବାସ ଖୀନତନୁ ପୀନ ପୟୋଧରୀ
ଝୁରିଲେନ କୁସୁମବାଣେ [ସେ] ସୁକୁମାରୀ ।
ଞାରକୁମ୍ଭ ଘେନ ଘରୁ ହୋଇଲେ ବାହାର
ଞର୍ମଳ ଦଶଇ ମୁଖ ଚନ୍ଦ୍ରମା ଆକାର ।
ଞାରଜ ବୋଲିଣ ଏକ ମଦୁକର ଆସି
ଞଭୟେ ହୋଇଣ ସୁକନ୍ତଳା ଅଛି ବସି ।
ଟହଟହ ହସିଣ ବୃକ୍ଷରେ ଦେନ୍ତି ପାଣି
ଟମାଳ କରଣ ବୋଲେ ଏକଇ ମିତଣୀ ।
ଟସକର ମତେ ତୋତେ ଚୁମ୍ବିଲା ଭମର
ଟାକଥାଅ ଅବଶ୍ୟ ଆସିବେ ନୃପବର ।
ଠୁଳ ହୋଇ ବସିଣ ଭଜନ୍ତି ସର୍ବନାରୀ
ଠିକ କରି ପୂଜିବା ଗୋ ଶଙ୍କର ଗଉରୀ ।
ଠିକ ଫଳ ପୁଷ୍ପ ଦେଇ କରିବା ଗୋ ସେବା
ଠିଆ ହୋଇ ମାଗିବା ଗୋ ସୁକନ୍ତଳା ବର ।
ଡାଳ ଦୋହଡ଼ାଇ ଫଳ ପୁଷ୍ପନ୍ତ ତୋଳିଲେ
ଡାଳିମ୍ବ ବୃକ୍ଷର ତଳେ ଖଣ୍ଡିଏ ଲିପିଲେ ।
ଢମ୍ବୋରୁଧରକୁ ସର୍ବ ସଖୀ କଲେ ପୂଜା
ଡାଳ ଉହାଡ଼ରେ ଇନ୍ଦ୍ର ଦେଖୁଛନ୍ତି ରାଜା ।
ଢାଳେଣ ଘେନଲେ କରେ କୁସୁମ ଅଞ୍ଜୋଳି
ଢାଳିଲେ କାମେମ୍ବା ଚନ୍ଦ୍ରଶିଖର ମଉଳି ।

ତାଳେ ଯାହା ବୋଇଲେ ଗୋ ଅଛଇ ବସ୍ତୁର
ତଳ ମହାଦେବଙ୍କ ଶିରରୁ ପୁଷ୍ପ ପଡ଼ ।
ଆଣିକର ପୁଷ୍ପ ସୁକନ୍ୟା ଶିରେ ଲାଇ
ଆଣିଲେ ଛଟକେ ସଖୀ ଏଥକୁ କଢ଼ାଇ ।
ଆଣିମଣି ପଦ ପାଇ ହୁଅ ପାଟରାଣୀ
ଏଣିଆଡ଼ୁ କଥାମାନ ପାସୋର ମିତଣୀ ।

ତହିର ଉତାରେ (ଯେ)ତୋଟାରେ ବୁଲୁଛନ୍ତି
ତୋଳନ୍ତି ମାଧେସା ପୁଷ୍ପ ବୋଲନ୍ତି ଯୁବତୀ ।
ତୋହୋର ବଣ୍ଟ ନିକଟ ହୋଇଲା ଗୋ ଆସି
ଭୁଜକର ମୋହୋ ଆଗେ କହିଗଲେ ଋଷି ।
ଥିର ହୋଇ ସକଳ ଦେଖଇ ମହୀପତି
ଥମ୍ଭି ଯେ ହୋଇଲା ତାର ଅଧଇର୍ଯ୍ୟ ମତି ।
ଥରହର ଅଙ୍ଗ ତାର କୁସୁମ ଶରଘାଏ
ଥୋକାଏକ ବେଳେ ଚଇତନ କଲା ଦେହେ ।
ଦଇବେଣ ସୁବର୍ଣ୍ଣ ପୁତୁଳ ଭଳି କରି
ଦେଲା ନେଇ ଋଷିକଂ ଆଶ୍ରମେ କ ବସ୍ତୁର ।

ଦେଖୁଛନ୍ତି ଅମରାବତୀ ପୁରେ ଯେତେ ନାରୀ
ଦଶ ଅଂଶେ ଅଧିକ ଅଟଇ ସେ କୁମାରୀ ।
ଧିକ କଲା ମହୀରେ ଗୋ ଯେତେ ସୀମନ୍ତିନୀ
ଧିକ କଲା ମାନସରବରଣ ହଂସମା ।
ଧିକ କଲା କୁରଙ୍ଗୀ କେଶରୀ ଧରାଧର
ଅଧିକ ହୋଇଲା ତାକୁ ମନ୍ମଥ ଶର ।
ନବଯୁବା ଯୁବତୀ ଜାଣଇ ରତିରସ
ନୟନ ଯୁଗଳ ତାର ଜୀବନକୁ ଫାଶ ।
ନିଧମ ଅଗ୍ନିରେ ଦଶି ହୋଇଲା ଗୋ ଘିଅ
ନିଷ୍ଠପ୍ରେ ଜାଣିଲ ଲୁହନ୍ତି ଋଷି ଝିଅ ।
ପଶିଲା ପଶିଲା ହାଣ୍ଡି ଶୁଭିଲା ଶବଦ
ପଳାବନ୍ତି ସବୁ ସଖୀ ପରମ ବିସ୍ମାଦ ।

ପଳାଇ ପଶିଲେ ସୁକନ୍ତଳା ଯେତେ ସଖି
ପଛଆଡ଼େ ପୁରୁଷ ରତନ ଏକ ଅଛି ।
ଫରୁଣା ହୋଇଣ ଗୋ ସବୁରି ଚକ୍ଷୁ ମତ
ଫୁଟିଲା ମାଳତୀ ପ୍ରାୟେ ସୁକନ୍ତଳା ଚିତ ।
ଫେଡ଼ି ଲଜ୍ଜେ ସଖିଙ୍କ ଯେସନେ କହିଲାଇ
ଫୁଲବଙ୍କି ପାଦରେ ବନ୍ଧିଲା ବୋଲି କହି ।
ବସନ ଯତନେ ସଖି କଣ୍ଠରେ ଲଗାଇ
ବଙ୍କଭାବ ହୋଇଣ ରାଜନ ମୁଖ ଚାହିଁ । ।୯୦।

ବହଇ ପବନ ଯେହ୍ନେ ବୁଲଇ କମଳ
ବଢ଼ିଲା ମଦନ ଦଗ୍ଧ ହୋଇଲା ଅଥଳ ।
ଭାସିଗଲା ଧଇର୍ଯ୍ୟ ବୁଡିଲା ଚଇତନ
ଭାସିଲା ବିବେକ ବନ୍ଧ ଦୁଇଙ୍କର ମନ ।
ଭଲମନ୍ଦ ନ ଜାଣି ହୋଇଲେ ଅନୁରାଗୀ
ଭରାନ୍ତି ଫିଟିଲା ଭଲ ମନ୍ମଥ ଲାଗି ।
ମଧୁମୁଖ ଚାହିଁଣ ବୋଲଇ ଏକ ସଖୀ
ମହନ୍ତ ପୁରୁଷ ଗୋ ତୋଷରେ ଚାହିଁଅଛି ।
ମହୀପତି ପରାୟେ ମକୁଟ ମଣ୍ଡଳର
ମାଳତୀ ଫୁଟିଲା ମଣି ଅଇଲା ମଧୁ(କ)ର । ।୧୦୦।

ଯାଇଛନ୍ତି ଅନେକ ଧୂରକୁ ଆଜ ମୁନି
ଯିବାଚ୍ଛଲ ଅପୂର୍ବ ପଦାର୍ଥମାନ ଘେନି ।
ଜାଣୁ ଜାଣୁ ପୂଜା ତାକୁ (ନ) କଲେକ ମିତଣୀ
ଜାଣିଲେ କୋପ କରିବେ ତୋତେ ମାହାମୁନି ।
ରମଣୀ ଘେନିଲେ ଅଗ୍ରଚନ୍ଦନ ପୁଷ୍ପ ଫଳ
ରହିଲ ରହିଲ ହୋଇ ଗଲେ ବୃକ୍ଷ ତଳ ।
ରମଣୀର ମୁଖ ଚାହିଁ ବୋଲନ୍ତି ରାଜନ
ରହରେ ସୁନ୍ଦେରୀ ଆମ୍ଭେ ପୁଚ୍ଛିବୁ ବଚନ ।
ଲାଜ ଭାବ ସାହସ ସଙ୍କୁଚେ ପୋତି ମଥା
ଲାଜ ଭାବେ ଦୁଷନ୍ତ ନୃପତି କହେ କଥା । ।୧୧୦।

ଢାଳେ ଯାହା ବୋଇଲେ ଗୋ ଅଛଇ ବସ୍ତୁର
ଢଳ ମହାଦେବଙ୍କ ଶିରରୁ ପୁଷ୍ପ ପଡ଼ି ।
ଆଣିକର ପୁଷ୍ପ ସୁକନ୍ୟା ଶିରେ ଲାଇ
ଆଣିଲେ ଛଟକେ ସଖୀ ଏଥକୁ କଢ଼ାଇ ।
ଆଣିମଣି ପଦ ପାଇ ହୁଅ ପାଟରାଣୀ
ଏଣିଆଡ଼ କଥାମାନ ପାସୋର ମିତଣୀ । ।୬୦।

ତମ୍ବର ଉତାରେ (ଯେ)ତୋଟାରେ ବୁଲୁଛନ୍ତି
ତୋଳନ୍ତି ମାଧବୀ ପୁଷ୍ପ ବୋଲନ୍ତି ଯୁବତୀ ।
ତୋହୋର ବଶ୍ୟ ନିକଟ ହୋଇଲା ଗୋ ଆସି
ତୁମ୍ଭକର ମୋହୋ ଆଗେ କହିଗଲେ ଋଷି ।
ଥିର ହୋଇ ସକଳ ଦେଖଇ ମହୀପତି
ଥମ୍ଭି ଯେ ହୋଇଲା ତାର ଅଧଇର୍ଯ୍ୟ ମତି ।
ଥରହର ଅଙ୍ଗ ତାର କୁସୁମ ଶରଘାଏ
ଥୋକାଏକ ବେଳେ ଚଇତନ କଲା ଦେହେ ।
ଦଇବେଣ ସୁବର୍ଣ୍ଣ ପୁତୁଳ ଭଙ୍ଗୀ କରି
ଦେଲା ନେଇ ଋଷିଙ୍କ ଆଶ୍ରମେ କ ଝିଅର । ।୭୦।

ଦେଖୁଛନ୍ତି ଅମରାବତୀ ପୁରେ ଯେତେ ନାରୀ
ଦଶ ଅଂଶେ ଅଧିକ ଅଟଇ ସେ କୁମାରୀ ।
ଧିକ କଲା ମହୀରେ ଗୋ ଯେତେ ସୀମନ୍ତିନୀ
ଧିକ କଲା ମାନସରବରେ ହଂସନୀ ।
ଧିକ କଲା କୁରଙ୍ଗୀ କେଶରୀ ଧରାଧର
ଅଧିକ ହୋଇଲା ତାକୁ ମନ୍ମଥ ଶର ।
ନବଯୁବା ଯୁବତୀ ଜାଣଇ ରତିରସ
ନୟନ ଯୁଗଳ ତାର ଜୀବନକୁ ଫାଶ ।
ନଧମ ଅଗ୍ନିରେ ଘଷି ହୋଇଲା ଗୋ ଘିଅ
ନଷ୍ଟପ୍ରେ ଜାଣିଲ ନୁହନ୍ତି ଋଷି ଝିଅ । ।୮୦।
ପଶିଲା ପଶିଲା ହାତୀ ଶୁଭିଲା ଶବଦ
ପଳାବନ୍ତ ସବୁ ସଖୀ ପରମ ବିଷାଦ ।

ଘନାଇ ପଶିଲେ ସୁକନ୍ତଳା ଯେତେ ସଖି
ପଛଆଡ଼େ ପୁରୁଷ ରତନ ଏକ ଅଛି ।
ଫରୁଣା ହୋଇଣ ଗୋ ସବୁର ଚକ୍ଷୁ ମତ
ଫୁଟିଲା ମାଳତୀ ପ୍ରାୟେ ସୁକନ୍ତଳା ଚିତ ।
ଫେଡ଼ି ଲଜ୍ଜେ ସଖିଙ୍କ ଯେସନେ କହୁଲାଇ
ଫୁଲବଙ୍ଗି ପାଦରେ ବହିଲା ବୋଲି କହି ।
ବସନ ଯତନେ ସଖି କଣ୍ଠରେ ଲଗାଇ
ବକ୍ରଭାବ ହୋଇଣ ରାଜନ ମୁଖ ଚାହିଁ ।

ବହଇ ପବନ ଯେହ୍ନେ ବୁଲଇ କମଳ
ବଢ଼ିଲା ମଦନ ଦଶା ହୋଇଲା ଅଥଳ ।
ଖସିଗଲା ଧଇର୍ଯ୍ୟ ବୁଡ଼ିଲା ଚଇତନ
ଖସିଲା ବିବେକ ବନ୍ଧ ଦୁଇଙ୍କଂର ମନ ।
ଭଲମନ୍ଦ ନ ଜାଣି ହୋଇଲେ ଅନୁରାଗୀ
ଭଗନ୍ତ ଫିଟିଲା ଭଲ ମନୁମଥ ଲାଗି ।
ମଧୁମୁଖ ବ୍ରହ୍ମଣ ବୋଲଇ ଏକ ସଖୀ
ମହତ ପୁରୁଷ ଗୋ ତୋଷରେ ରହିଅଛି ।
ମହୀପତି ପରାୟେ ମକୁଟ ମଣ୍ଡଳର
ମାଳତୀ ଫୁଟିଲା ମଣି ଅଇଲା ମଦୁ(କ)ର ।

ଯାଇଛନ୍ତି ଅନେକ ଧୂରକୁ ଆଜ ମୁନି
ଯିବାକୁଲ ଅପୂର୍ବ ପଦାର୍ଥମାନ ଘେନି ।
ଜାଣୁ ଜାଣୁ ପୂଜା ତାକୁ (ନ) କଲେକ ମିତଣୀ
ଜାଣିଲେ କୋପ କରିବେ ତୋତେ ମାହାମୁନି ।
ରମଣୀ ଘେନିଲେ ଅଗ୍ରଚନ୍ଦନ ପୁଷ୍ପ ଫଳ
ରହିଲ ରହିଲା ହୋଇ ଗଲେ ବୃକ୍ଷ ତଳ ।
ରମଣୀର ମୁଖ ଚାହିଁ ବୋଲନ୍ତି ରାଜନ
ରହରେ ସୁନ୍ଦେରୀ ଆମ୍ଭେ ପୁଚ୍ଛିବୁ ବଚନ ।
ଲାଜ ଭାବ ସାଦୃଶ ସଙ୍କୁଂଚେ ପୋତି ମଥା
ଲାଜ ଭାବେ ଦୁଷନ୍ତ ନୃପତି କହେ କଥା ।

ଲେଉଟିଲ ଜପାଭୁମ୍ଭେ କାହାର କୁମାରୀ
କାହାକୁ ବରିବେ ବୋଲି ଅଛନ୍ତି ବିଚାର ।
ବୋଲନ୍ତି ସୁବସ୍ତି କନା କଣ୍ଵ ମୁନିଙ୍କର
ଆମ୍ଭେ ଲେଉଟିବା ଯେ ତୁମ୍ଭଙ୍କୁ ସତକାର ।
କହିବେ କାହାକୁ କନା ଆମ୍ଭେ ତ ନ ଜାଣି
କହିବେ ଦୁଷନ୍ତ ନୃପତିଙ୍କ ବୋଲି ପୁଣି ।
ଶତେ କୁମ୍ଭ ଅମିଅ ପାଇଲା ପ୍ରାୟେ ମନ
ଶୁଣରେ ସୁନ୍ଦେଶ୍ୱୀ ଆମ୍ଭ ଦୁଷନ୍ତ ରାଜନ ।
ସତ ପ୍ରତିଫଳ ମୋର ଫଳିଲା ଏଠାର
ସଦୃଷ୍ଟି କରଣ ଦେଖ ଶିରରେ ସିନ୍ଦୂର ।
ସନ୍ଦେଶ ପାଇଣ ତନ୍ବୀ ସଲଜ୍ଜିତ ବାମା
ଶିରରୁ ଅଂଚଳ କାଢ଼ି ପ୍ରଣମ୍ଭିତ ରାମା ।
ସଂଭେଟ ହୋଇଣ ସୁକନ୍ତଳା ଯେତେ ସଖୀ
ଛାଡ଼ିଲେ ମନର ତ ପ ନୃପତିଙ୍କ ଦେଖି ।
ସନ୍ଧ୍ୟାରଶ୍ମି ଯାଇଣ କହିଲେ ମୁନିବର
ଧାତ୍ରିକାରେ ବହନେ ଅଇଲେ ମୁନି ଘର ।
ପ୍ରତକ୍ଷେ ଦେଖିଲେ ମୁନି ଦୁଷନ୍ତ ନୃପତି
ଆନନ୍ଦେ ସାଗରୁ ଶତ ଆଣିଲେ ଚଢ଼ିତି ।
ହରଷେ ଦୁଷନ୍ତ ସୁକନ୍ତଳା କଲେ ବିଭା
ହର ଦୁର୍ଗା ପ୍ରାପ୍ତେକ ଦିଶିଲେ ହୁଏ ଶୋଭା ।
ହରଷେ ଆକୁଳ ମୁନି ବ୍ୟାକୁଳିତ ଭାଷ
ହରିବ ଅପ୍ରାଧ ସୁକନ୍ତଳା ଲକ୍ଷେ ଦୋଷ ।
ଛନ୍ଦେ ସୁବସ୍ତି ଆଣି ଅର୍ଘ ବନ୍ଦାଇଲେ
ଛଟକ କରଣ ବିଭା ବିଧାନ ସାରିଲେ ।
କ୍ଷୀରେନ୍ଦ୍ର ନନ୍ଦମା ପତି ଚରଣ କମଳେ
ନମେ ଅରକ୍ଷିତ ରଘୁ ଚୈତନ ସମ୍ପୂଳେ ।

*

# ବାରମାସୀ କୋଇଲି

## ଶଙ୍କର ଦାସ

ଆରେ ବାବୁ ଗୃହବାସୀ,
କି ଦଣ୍ଡ ହେଲା ତୋହର,
କାହିଁ କଉଶଲ୍ୟା ବୋଲନ୍ତି କୈକେୟୀ ଅରଜିବ କେଉଁ ଶିଷ ଲୋ,
କୋଇଲି, ଶୁଣ ଲୋ ।

ଏହି ମଗୁଶିର ମାସ,
କାକର ପଡ଼େ ବିଶେଷ,
ଶୀତଳ ପବନ ବହେ ଘନ ଘନ ମୋ ପୁତ୍ର କରିବ କିସ ଲୋ,
କୋଇଲି, ଶୁଣ ଲୋ ।

ପୁଷମାସେ ବଡ଼ ଶୀତ,
କଷ୍ଟହୁଏ ଅପ୍ରମିତ,
ବିନା ବସନରେ ବୃକ୍ଷ ବକଳରେ କି ଦୁଃଖ ନ ହେବ ଜାତ ଲୋ,
କୋଇଲି, ଶୁଣ ଲୋ ।

ମାଘରେ ତହୁଁ ଅଧିକ,
ଗରିବ ଦୁଃଖଦାୟକ,
ଅମୂଲ୍ୟ ସୁପାତ୍ର ତେଜି ରଘୁପତି ବୁଲଇ କାନନ ସକ ଲୋ,
କୋଇଲି, ଶୁଣ ଲୋ ।

ଫଗୁଣେ ଫଗୁ ଖେଳରେ,
ମାତିଛନ୍ତି ଘରେ ଘରେ,
ମୋ ଅଳକୁଣୀଧନ ମୋ'ଠୁ ହୋଇ ଭିନ୍ନ ଭସାଇଲା ଶୋକନୀରେ ଲୋ,
କୋଇଲି, ଶୁଣ ଲୋ ।

ଚଇତ୍ର ମାସରେ ଖରା,
ନୀରସ କରଇ ଧରା,
ଶରୀରରୁ ଝାଳ ବହେ ଅନର୍ଗଳ ପରାଣ ହୁଏ ଘାବରା ଲୋ,
କୋଇଲି, ଶୁଣ ଲୋ ।

ବଇଶାଖ ଖରା ଗୁହାଁ,
ବାହାରକୁ ନୋହେ ଯାଇ,
କେଉଁ ବୃକ୍ଷମୂଳେ ଜୀବନ ବିକଳେ ଥିବ ମୋର ପୁତ୍ର ରତ୍ନ ଲୋ,
କୋଇଲି, ଶୁଣ ଲୋ ।

ଜ୍ୟେଷ୍ଠେ ମୋ ଜ୍ୟେଷ୍ଠ ନନ୍ଦନ,
ଜାନକୀ ସହ ଲକ୍ଷ୍ମଣ,
ନାନା ପକ୍ୱଫଳ ଖୋଜି ବୁଲୁଥିବେ ବିଧିର ଏ ବିଡ଼ମ୍ବନ ଲୋ,
କୋଇଲି, ଶୁଣ ଲୋ ।

ଆଷାଢ଼ ମାସରେ ମେଘ,
ଗରଜଇ ଯେହ୍ନେ ବାଘ,
ବେଳେ ଦୃଶ୍ୟ ବେଳେ ହୁଅଇ ଅଦୃଶ୍ୟ ଘୋଟିଯାଏ ଚଉଦିଗ ଲୋ,
କୋଇଲି, ଶୁଣ ଲୋ ।

ଦେଖ ଏ ଧାରା ଶ୍ରାବଣ,
ଜଳ ପଡ଼େ ଅନୁକ୍ଷଣ,
ଘର ଘାଟ ନାହିଁ ମୋ ଦୁଃଖୀ-ସଙ୍ଗାଳ କିରୂପେ କାଟିବେ ଦିନ ଲୋ,
କୋଇଲି, ଶୁଣ ଲୋ ।

ଭାଦ୍ରବ ହେଲେ ପ୍ରବେଶ,
ସୁନିର୍ମଳ ଦଶଦିଶ,
ଅତି ସୁକୁମାରୀ ଜନକ-କୁମାରୀ ମନେ ଭାବୁଥିବ କିସ ଲୋ,
କୋଇଲି, ଶୁଣ ଲୋ ।

ଆଶ୍ୱିନେ ଚନ୍ଦ୍ରକିରଣ,
କରଇ ମନ ହରଣ,
କେତେମତେ କେତେ ଉତ୍ସବ କରନ୍ତେ ଘରେ ଥିଲେ ରଘୁରାଣ ଲୋ,
କୋଇଲି, ଶୁଣ ଲୋ ।

ଏ ମହା କାର୍ତ୍ତିକ ମାସ,
ଭଣିଲେ ଶଙ୍କର ଦାସ,
ସୀତା ସଙ୍ଗେ ଘେନି ରଘୁକୁଳମଣି ଭୋଗକଲେ ବା'ରମାସ ଲୋ,
କୋଇଲି, ଶୁଣ ଲୋ ।

*

# ଅବଧୂତ ଉପାଖ୍ୟାନ

## ଶିଶୁ ଅନନ୍ତ

ଏବେ ଅବଧୂତ ଜନମ । ତୋ ଆଗେ କହିବା ହୋ ଜାଣ ।
ବାଙ୍କି ଗଡ଼ରେ ଏକ ରାଜା । ସୁଖେ ପାଳଇ ଜନ ପ୍ରଜା ।
ତାହାର ନାମ ଶୁକ ସେନ । ତା କୋଳେ ଏକଇ ନନ୍ଦନ ।
ଏମନ୍ତେ କଟ୍ଟୁ ଦିନ ଅନ୍ତେ । ଜାଣି ଓଡ଼ିଶା ନରନାଥେ ।
ବଳେ ବାହ୍ନିଲା ସେହୁ ପୁର । ମାଇଲା ଶୁକ ନୃପବର ।
ତାହାର ଏକଇ ନନ୍ଦନ । ତା ନାମ ଅଟେ କୃତସେନ ।
ଜୀବନ ବିକଳେ ପଳାଇ । ପଶିଲା ଆନ ରାଜ୍ୟେ ଯାଇ ।
ସେ ରାଜ୍ୟେ ଏକଇ ଗୋପାଳ । ଅନେକ ଧନରତ୍ନ ତାର ।
ତାହାର କୋଳେ ପୁତ୍ର ନାହିଁ । ଅପୁତ୍ରୀ ହୋଇଣ ଅଛଇ ।
ସୁବଳ ନାମ ଅଟେ ତାର । ଦୋହିତା ଏକଇ ତାହାର ।
ଦେଖି ଗୋପ'ଳ କୃତସେନ । ଆନନ୍ଦ କଲା ତାର ମନ ।
ଚାହିଁଲା କୁମର ବଦନ । ତୁ ଅଟୁ କାହାର ନନ୍ଦନ ।
ଅତି ସୁନ୍ଦର ମନୋହର । ଦେଖିଲା ଦିବ୍ୟ କଳେବର ।
ରୂପକୁ ପଟାନ୍ତର ନାହିଁ । ଦେଖି ଗୋପାଳ ବିଚାରଇ ।
କେବଣ ରାଜାର ନନ୍ଦନ । କାହୁଁ ଅଇଲା ମୋ ଭୁବନ ।
ଏସନେ ପଞ୍ଚ ସମ୍ବତ୍ସର । ଅଟଇ ରାଜାର କୁମର ।
ସ୍ୱଭାବେ ବାଳକ ତା ମତି । ମୁଖ ତା ଚନ୍ଦ୍ର ଜ୍ୟୋତି କାନ୍ତି ।
ଦେଖି ଗୋପାଳ ପଚାରଇ । କହ ହୋ ବାଳୁତ ତନୟୀ ।
କେବଣ ଦେଶରୁ ଅଇଲୁ । କେ ମାତା ପିତା ନ କହିଲୁ ।
କେଣିକି କରୁଛୁ ଗମନ । ପୁଚ୍ଛିଲେ ନ କହୁ ବଚନ ।
ସ୍ୱଭାବେ ବାଳକ ତନୟୀ । ପୁଚ୍ଛିଲେ ବଚନ ନ କହି ।
ଶୁଣିଣ ବାଳକ ବୋଲଇ । ଶୁଣ ହୋ ବାବୁ ମନ ଦେଇ ।
ମୁଁ ଅଟେ ରାଜାର କୁମର । ବିଦେଶୀ ରାଜା କଲା ଦୂର ।
ମୋ ପିତାମାତା'ଙ୍କୁ ମାଇଲା । ସେ ରାଜ୍ୟ ରାଜା ସେହୁ ହେଲା ।
ଜୀବନ ବିକଳରେ ମୁହିଁ । ପଳାଇ ଅଇଲି ବଞ୍ଚାଇ ।
ହୃଯ ଅବା ରଖିବଇଁ ମୋତେ । ତା ଘରେ ରହିବ ଯୁଗତେ ।

ତା ଶୁଣି ସୁବଳ ଗୋପାଳ । ଆନନ୍ଦ ହୋଇ କଲା କୋଳ ।
ବୋଲଇ ଆସ ଆମ୍ଭ ଘର । ହୋଇବୁ ଆମ୍ଭର କୁମର ।
ଧର୍ମର ସୁତ ମୋର ହୋଇ । ଦୋହିତା ପ୍ରଦାନ ଦେବଇଁ ।
ଏମନ୍ତ କହିଣ ଗୋପାଳ । ଟେକୋଳ କରିଣ ନେଲା ଘର ।
ତାର ଘରଣୀ ପାଶେ ନେଇ । ଗୋପାଳ ଦେଲାକ ତନୟୀ ।
ବୋଲଇ ଶୁଣ ଗୋପାଳୁଣୀ । ଏ ପୁତ୍ର ପାଳ ମନ ଜାଣି ।
ଆମ୍ଭ ଦୁହିତା ବଭା ଦେବା । ଆମ୍ଭର ଘରେ ଏ ରହିବା ।
ଶୁଣିଣ ମନେଣ ହରଷ । ବଦନ ହରଷେ ପ୍ରକାଶ ।
ପାଳଇ ଅତି ସ୍ନେହଭରେ । ଗୋପାଳ ତାହା ସଙ୍ଗତରେ ।
ଏମନ୍ତେ କେତେ ଦିନ ଗଲା । ଦୋହିତା ବଭା କରାଇଲା ।
ଦୋହିତା ନାମ ସୁକୁମାରୀ । ସେ ସ୍ତିରୀ ଅଟଇ ଦୋଗୁରୀ ।
ପତି ଠାବରେ ସ୍ନେହ ନାହିଁ । ବଟପେ ଦିନ କାଳ ନେଇ ।
ଏମନ୍ତେ ନେଇ ଦିନ କାଳ । ବୃଦ୍ଧ ସେ ହୋଇଲା ଗୋପାଳ ।
ଏମନ୍ତ କେତେ ସ୍ନେହ ତହିଁ । କଷ୍ଟେଣ ଗାବ ସେ ରଖଇ ।
ଯେବଣ ଆହାର କରଇ । ପତ୍ନୀ ସେ ସୁଖେ ନ ଦିଅଇ ।
ଯେବଣ ଗ୍ରାସ ଦେଇ ପୁଣ । ଅକାଳେ କରଇ ଭୋଜନ ।
ଏମନ୍ତ ଏକ ଦିନ କର । ଅନ୍ନ ଯୋଗାଣ ପତ୍ନୀ ତାର ।
ଦିନ ଅଛି ଯେ ଦୁଇ ଘଡ଼ି । ଅନ୍ନ ଯୋଗାଣ ତାର ନାରୀ ।
ଦେଖିଣ ବୋଲଇ ଉତ୍ତର । ତୁ ଅଟୁ ବଡ ଦୁଷ୍ଟ ନର ।
ବେଳ କାଳରେ ଅନ୍ନ ମୋତେ । ନ ଦେଉ ଆଜ କଦାଚତେ ।
ମୋ ପ୍ରାଣ ପିବାକୁ ଅନାଉ । କି ଗତି ଲଭିବୁ ତୁ ଆଉ ।
ଶୁଣି କୁମାରୀ ପରଜ୍ୱଳ । ପିନ୍ଧିଲା ବସନକୁ ଚିରି ।
ଗଳାରୁ ମାଳ ଛିଣ୍ଡାଇଲା । ନଖ ଘାତରେ ବିଦାରିଲା ।
ଭୂମିରେ ହୋଇଲା କରୁଡ଼ି । ଆପଣ ଗୁଏଁ ମୁଣ୍ଡ କୋଡ଼ି ।
ଡାକ ପାଡ଼ିଣ ବେଗେ ଗଲା । ପିତାମାତାଙ୍କ ଆଗେ ହେଲା ।
କାହୁଁ ଗୋଟାଏ ଆଣି ପୁଣ । ବଭା ଯେ କଲ ଅକାରଣ ।
ମୋର ଜୀବନ ନେଉଥିଲା । ଦଇବ ମତେ ଗୋ ରଖିଲା ।
ଦେଖ ଗୋ ମୋର କଳେବର । ରୁଧିର ହୋଇଛି ବାହାର ।

ଏମନ୍ତେ କହି ସେ କୁମାରୀ । କାନ୍ଦଇ ମାତା ପିତା ବୋଲି ।
କାନ୍ଦଇ ହୋଇ ଉଚ୍ଚସ୍ୱର । ଶୁଣି କ୍ରୋଧିତ ତା ପିଅର ।
କ୍ରୋଧରେ ହୋଇ ଜରଜର । ବୋଲଇ ଦୋଷ ନାହିଁ ମୋର ।
ଏମନ୍ତ କହିଣ ବାହାର । କନ୍ଥା କଣ୍ଠୁର ଛେଦନ କର ।
ଦେଖିଲା କୃତସେନ ଯାଇ । ଅନ୍ନ ଭୁଞ୍ଜୁଣ ଅଛି ସେହି ।
ସେଠାରେ ହୋଇଲା ଭ୍ରଷ୍ଟ । କ୍ରୋଧରେ ହୋଇଅଛି ମତ୍ତ ।
ଭୁଞ୍ଜିଲା ଠାରେ ହାତ ଗୋଡ଼ । ହାଣିଲା ସେ ମୂର୍ଖ ଗଉଡ଼ ।
ହାଣିଣ ପାଦ ଛେଦଗଲା । ଏମନ୍ତେ ରବି ଅସ୍ତ ଗଲା ।
ବିକଳ କେ ପାରିବ ସହି । ଚଳିବା ସଖ୍ୟ ଆଉ ନାହିଁ ।
ବସିଲା ଠାବରେ ବିକଳ । ଭୂମିରେ ମାରଇ କପାଳ ।
ବୋଲଇ ଧିକ ମୋ ଜୀବନ । ମୋ ଜନ୍ମ ହେଲା ଅକାରଣ ।
ମୋ ପିତା ମାତା ଗଲେ କାହିଁ । ମୁଁ ଜାତି ଭ୍ରଷ୍ଟେ ଥିଲି ରହି ।
ହେ ବିହି ଏତେ କୃତ୍ୟ କଲୁ । ଏ ଦୁଃଖେ ଏତେ କଷ୍ଟ ଦେଲୁ ।
ମୁଁ ଏବେ ହୋଇଛି ଅନାଥ । ଖେ ଧର୍ମ କରିବି କେମନ୍ତ ।
ମୋତେ ତ ବୁଦ୍ଧି ଦିଶୁ ନାହିଁ । ଖେ ଧର୍ମ କି କରିବି ମୁହିଁ ।
ଏମନ୍ତେ କହନ୍ତେଣ ତହିଁ । ରଜନୀ ଅର୍ଦ୍ଧ ଆସି ହୋଇ ।
ଏମନ୍ତ ସମୟରେ ଦେଖ । ବିଜୟେ କରିଛନ୍ତି ଗୋର୍ଖ ।
ଶୁଣିଲେ ତାହାର ବିକଳ । ବିଜୟେ କଲେ ତପୀବର ।
ପ୍ରବେଶ ହୋଇଲେ ସେ ଯାଇଁ । ବୋଇଲେ ଏ କିସ ଅଟଇ ।
ଗୋରେଖ ପୁଚ୍ଛନ୍ତି ବଚନ । କିସ ଏ ବିପରୀତ ମାନ ।
ଶୁଣିଣ କୃତସେନ ତହିଁ । ବୋଲଇ ଶୁଣିମା ଗୋସାଇଁ ।
କିସ ହୋଇବ ବୋଲିଲେଣ । ଯାହା ଦେଖୁଛ ପ୍ରତ୍ୟକ୍ଷେଣ ।
ଦେଖିଣ ତାହାର ବିକଳ । ଦୟା ବସିଲା ତପୀବର ।
ଝିଙ୍କଇ ସାତ ଖଣ୍ଡ ଆଣି । ଦେଲେ ତାହାକୁ ତପୀମଣି ।
ତାପରେ ତାପରେ ବସାଇ । ପୂଜା କରିଲେ ମୁନିସାଇଁ ।
ଯେବଣ ଦିନ ହେବ ସିଦ୍ଧି । ଆସିଣ ମିଳିବୁ ଅବଧି ।
ଏମନ୍ତ କହୁଁ କହୁଁ ଗଲେ । ସେ କୃତସେନ ସାଧି କଲେ ।
ଏମନ୍ତ କେତେ ଦିନ ଅନ୍ତେ । ସସିଦ୍ଧ ହୋଇଲା ଯୁକତେ ।

ଅନେକ କଷ୍ଟ ସାଧ କରି । ପ୍ରସନ୍ନ ହେଲେ ତପସ୍ୱୀ ।
ପ୍ରସନ୍ନ ହୋଇ ଆଜ୍ଞା ଦେଲେ । ଅଷ୍ଟାଙ୍ଗ ଯୋଗ ଭେଦାଇଲେ ।
ଅନହତ ଅକ୍ଷର କହି । ଦୃଷ୍ଟିଗୋଚରେଣ ଦେଖାଇ ।
ଛନ୍ଦ ଯେ ରନ୍ଧ୍ର ଭେଦାଇଲେ । ଉପରେ ଗୁରୁ ନାମ ଦେଲେ ।
ସେ ନାମ ଭେଦାଇଣ କହି । ଏ ହେତୁ ସାଧ କର ତୁହି ।
ଏମନ୍ତେ କହି ଗୁରୁ ନେଲେ । ବଟମୂଳରେ ବସାଇଲେ ।
ବୋଇଲେ ବସ ଏହିଠାରେ । ଅମନ ମନ୍ଦର ଉପରେ ।
ହେତୁ ରଖିଣ ଥିବୁ ତୁହି । ଅବ୍ରହ୍ମ ବ୍ରହ୍ମକୁ ଭେଟାଇ ।
ସାଧ ହୋଇବ ତୋ ବଚନ । ଲଭିବୁ ନିରାକାର ସ୍ଥାନ ।
ସୂର୍ଯ୍ୟକୁ ଚନ୍ଦ୍ରରେ ଭେଟାଅ । ମନୁ ସଂଶୟ ତୋର ଫେଡ଼ ।
ଜୀବ ପରମ ଏକ କରି । ସାଧିବୁ ଏକ ଏକ କରି ।
ସାଧନା ଦୃଢ଼ କର ତୁହି । ମନକୁ ନିମଗ୍ନେଣ ଥୋଇ ।
ଅମନ ହେତୁ ରଖ ତୁହି । ଦେଖିବୁ କେମନ୍ତ ଦିଶଇ ।
ଯେ ରୂପ ଦେଖିବୁ ନୟନ । ସେହି ଅନାଦି ଭଗବାନ ।
ଅରେଖ ଅବର୍ଣ୍ଣ ଅଟଇ । ଅବର୍ଣ୍ଣ ବର୍ଣ୍ଣ ସେ ନୁହଇ ।
ଦେଖ ସକଳ ଅଛି ପୂରି । ସ୍ଥାବରୁ କୀଟ ଯାଏ ସରି ।
ଦେଖ ହୋ ଦେଖ ତୋ ନୟନେ । କ୍ଷୀରସମୁଦ୍ରେ ଶଶୀ ଯେହ୍ନେ ।
କ୍ଷୀରସମୁଦ୍ର ତୋ ନୟନ । ତହିଁ ଚନ୍ଦ୍ରମା ଉଦେ ପୁଣ ।
ଉଦେ ହୋଇଣ ଗଗନରେ । ନିଶ୍ଚଳ ଆସନ ତାହାର ।
ସମସ୍ତ ଶସ୍ୟ ବୀଜ ଯେନ । ଅପର୍ଣ୍ଣା ନାମ ତେଣୁ ଭଣି ।
ସମସ୍ତ ଜୀବଜନ୍ତୁଙ୍କର । ଏହିଟି ଅଟଇ ଠାକୁର ।
ଦେଖ ସବୁରି ଏକ ପ୍ରାଣ । କେବେହେଁ ନୁହଇ ଅଭିନ୍ନ ।
ଏବେ କହିବା ଆନ ଖଣ୍ଡ । ସେ ଅବଧୂତ ଜ୍ଞାନ ଖ୍ୟାତ ।
ସେ ଜ୍ଞାନେ ମନ ନିରବଧି । ଦେଇଣ ରଖିବୁ ଅବଧି ।
ଶୁଣ କହିବା ଆନ ରସ । ଶୁଣିଲେ ପାପ ହେବ ଧ୍ୱଂସ ।
ସେ ଅବଧୂତ ଜ୍ଞାନ ସାର । ଶୁଣିଲୁ ଶ୍ରବଣେ ତୋହର ।
ତେଣୁ ସେ ଅବଧୂତ ନାମ । ଶୁଣିଲୁ ଜ୍ଞାନର ମରମ ।
ଏବେ ତୁ ଶୁଣ ଦେଇ ମନ । ଯେ କ୍ଷୀରସମୁଦ୍ର ଆସନ ।

କ୍ଷୀରସମୁଦ୍ର ଯାହା କହି । ଅକାର ଅକ୍ଷର ଅଟଇ ।
ବିନ୍ଦୁ ହୃଦବଟି ଅଟେ ସେହି । ଆଦ୍ୟ ଯେ ଶକ୍ତି ବେଢ଼ିଛଇଁ ।
ତହିଁରୁ ଚନ୍ଦ୍ରମା ଉତ୍ପତ୍ତି । ଈଶ୍ୱର ଶିରେ କଲା ସ୍ଥିତି ।
ଯେଣୁ ଈଶ୍ୱର ଶିରେ ରହି । ଚନ୍ଦ୍ରମଣ୍ଡଳ ତେଣୁ ହୋଇ ।
ଯେଣୁ ଶଶାଙ୍କ ଶୃଙ୍ଗ ହୋଇ । ବନ୍ଧ୍ୟା ଯେ ଶଶର ଅଟଇ ।
ବନ୍ଧ୍ୟାର ତହୁଁ ସୁତ ଜାତ । ନାମ ପରମ ରୂପେ ଖ୍ୟାତ ।
ବ୍ରାହ୍ମଣ କ୍ଷେତ୍ରୀ ଅଂଶୁ ତୁହି । ଜନ୍ମିଲୁ କୃତସେନ ହୋଇ ।
ଏବେ ହୋଇଲୁ ଅବଧୂତ । ତୋ ପୂର୍ବ ପାପ ହେଲା ମୁକ୍ତ ।
ଏବେ ହେ ଅବଧୂତ ଦୀକ୍ଷା । ପାଇଲୁ କର ମନବାଞ୍ଛା । ୧୬୦ ।
ଆହୁର କହିବା ବୁଝାଇ । ହେତୁ ମତରେ ରଖ ତୁହି ।
ତିନ ଯେ ଶୂନ୍ୟ ଯାହା କହି । ତୋହର ନୟନ ଅଟଇ ।
ଧବଳ କ୍ଷୀରଟି ଅଟଇ । ଲବଣ ତାପରେ ଅଛଇ ।
ତା'ପରେ ଘୃତ ଯେ ବୋଲାଇ । ତିନ ସମୁଦ୍ର ଏକାଠେଇଁ ।
କ୍ଷୀରରୁ ସୋମ ହେଲା ଜାତ । ଶଶୀ ଚନ୍ଦ୍ରମା ନାମେ ଖ୍ୟାତ ।
ଈଶ୍ୱର ନିରଞ୍ଜନ ଯେହି । ମାୟାକୁ ନାନାରୂପ ହୋଇ ।
ଏଣୁ ତୁ ଏକ ମନ କର । ସଙ୍କଟ ଫିଟିବ ତୋହର ।
ଏମନ୍ତ କହିଣ ଗୋରେଖ । ଚଳିଲେ ଆତ୍ମା ମନ ସୁଖ ।
ଏମନ୍ତେ ତହିଁ ଅବଧୂତ । ବସି ସାଧିଲେ ମନସୂତ ।

( 'ହେତୁ ଉଦୟ ଭାଗବତ',
ଚତୁର୍ଥ ଅଧ୍ୟାୟରୁ ଗୃହୀତ )

*

# ଭଜନ

## ଶିଶୁ ଅନନ୍ତ

### ( ୧ )

ଆରେ ବାଇବର, ହୃଦପଦ୍ମେ ନିରଂଜନ ଲକ୍ଷ୍ୟ କର ।
ସର୍ବଦେବ ଘଟରେ ଲୀଳା ଯାର
ଶରଣ ସୋଦର ନିରାକାର
ଅମନ ମନ୍ଧରେ ମନ ବଳାଇବୁ
ଅବନା ବନଲେ ହେବୁ ପାର ।
ହଂସ ଡମ୍ବ ପ୍ରାପ୍ତ ବର୍ଣ୍ଣ ଯାର
ଧବଳ ମୂରତି ବଳଆର
ବଜ୍ରଦ ମଧ୍ୟରେ ବନ୍ଦୁ ଯେ ଗୋପନ
ବ୍ରହ୍ମରଂଧ୍ରରେ ଧିଆନକୁ ଧର ।
ଏକରୁ ଅନେକ ଅଛୁ ଖଞ୍ଜି
ମାୟାରେ ପଡ ତୁ ନୁହଁ ଗଞ୍ଜି
ଭବସାଗରକୁ ଭେଳା ତୁ ନ ବାଂଧୁ
ଯିବ ଯିବ ବୋଲି ନିରନ୍ତର ।
ଅରୂପରେ ରୂପ ଥାଇ ଯାର
ନବକିଶୋରକୁ ଲକ୍ଷ୍ୟକର
ଅଣାକାର ରୂପ ହୃଦରେ ଧ୍ୟାୟିବୁ
ଯୋଗମାୟା ଯହିଁ ବୀଣାକର ।
ମିଳନ କରାଅ ମୀନକେତୁ
ତକ୍ଷଣେ ମିଳିବ ଜ୍ଞାନ ହେତୁ
ସୋମ ମଣ୍ଡଳକୁ ସଳଖି ଗୃହିଁବୁ
ବଣା ନୋଷ୍ଣି ତୁ ହେତୁ କର ।
କ୍ଷୀଣ ନାଡରେ ତୁ ବଂଧ ବାଂଧ
ଯହିଁ ରହିଅଛି ଜ୍ଞାନ ଫାନ୍ଦ
ଆଗ ନୟନକୁ ପଛ ତୁ କରିବୁ
ଅସଙ୍ଗତ କର ଛନ୍ଦ କର ।

ଫୁଟିଅଛୁ ପଦ୍ମ ନାଭି ନାହିଁ
ଜଳଟି ରହିଛୁ ଦେଖ ଯାଇଁ
ମଂଜନ୍ନ ନ ଚହ୍ଲି ଗଂଜ ନ ହେଉଛୁ
ଖଂଜ ନ ଖଂଜ ପାଖୁଡ଼ା ଚାର ।
କମଳକେଶର ପରେ ବାସ
ହର୍ଷିତ ବଦନ ହସ ହସ
ଅର୍ଦ୍ଧାଙ୍ଗୀ ରାଧାକୁ କୋଳେ ଧରିଛନ୍ତି
ଛଇଳ ଛତ୍ରମେ ବେଣୁଧର ।
କହେ ଅନନ୍ତ ଅନନ୍ତରସ
ଜାଣି ସୁଜ୍ଞଜନେ ଏହା ଘୋଷ
ନ ଜାଣିମା ଗୁଣେ ବଡ଼ିମା କରିଛୁ
ନଷ୍ଟେ ହେବ ଥରେ ନାରଖାର ।

( ୨ )

ଆହେ ଦାସେ ବ୍ରହ୍ମ କାହୁଁ ପାଇଲ ?
କେମନ୍ତ ପ୍ରକାରେ ବ୍ରହ୍ମ ଧଇଲ ?
ବ୍ରହ୍ମର ମହିମା ଅଟେ କେମନ୍ତ ?
କହେ ଜଗନ୍ନାଥ ଶୁଣ ଅନନ୍ତ ।
ଅନନ୍ତ କହନ୍ତି ଶୁଣ ହୋ ଦାସେ
ବ୍ରହ୍ମ ରହିଥିଲ ମହା ଆକାଶେ ।
ପ୍ରାଣ-ପାନ ସମାନୋଦାନ ବ୍ୟାନ
ପଞ୍ଚଭୂତ ଯେ ନ ଥିଲେକ ପୁଣ ।
ସେ ଦିନେ ବ୍ରହ୍ମ ମହାଶୂନ୍ୟେ ଥିଲ
କଳ୍ପନା ସଂଯୋଗେ ଜନମ ହେଲ ।
ପିତା ବ୍ରହ୍ମ ମାତା ରଜ ପଙ୍କଜ
ଦେଉଳ ଭିତରେ ଦେବତା ଭଜ ।

ଷୁପ୍ତା ମାପ୍ତା ବେନ ପ୍ରାଣେ ସ୍ଥାପିଲୁଁ
ଅନାଦ୍ଧ ପୀଢ଼ ଅର୍ଦ୍ଧମାତ୍ର କଲୁ ।
ଦେଉଳ ଭିତରେ ଢଅଁ ସ୍ଥାପନ
କହନ୍ତି ଅନନ୍ତ ବନ୍ଧୁ ବସାଣ ।

( ୩ )

ଅବନା ଅକ୍ଷର ଜପ, ଯିବ କୋଟି ଜନ୍ମ ପାପ
ଅସାଧନା ମାର୍ଗେ ରହି ଅମାପକୁ ହୃଦେ ମାପ ।
ଦନ୍ତ ଓଷ୍ଠ ନ ହଲିବ, ଶିର କଣ୍ଠ ନ କମ୍ପିବ
ମନ୍ତ୍ର ଯନ୍ତ୍ର ନାହିଁ ତହିଁ ଦେଖିବ ବ୍ରହ୍ମ ସ୍ୱରୂପ ।
ବ୍ରହ୍ମା ବିଷ୍ଣୁ ସଦାଶିବ, କରି ନ ପାରନ୍ତି ଠାବ
ଶେଷଦେବ ନ ପାଇଲେ କୋଟି ଜନ୍ମ କରି ତପ ।
ସହସ୍ରଦଳଠାରେ ଅନା, ବଜେ ନନ୍ଦସୁତ କହ୍ନା
ବାମେ ଭାନୁରାଜ-ଜେମା ଝଟଝଟ ବିଦ୍ୟୁଭାବ ।
ବାଜୁଛି ସପତ ସ୍ୱର, ଶୁଭଇ କେଡ଼େ ମଧୁର
ସେ ସ୍ୱରେ ହୋଇ ବିଭୋର ଜୀବ କରୁଥାଇ ଧାପ ।
ନ ଯା ତୀର୍ଥବ୍ରତ କରି, ହୃଦେ ଜପ ରାମ ହରି
କହନ୍ତି ଅନନ୍ତ ଶିଶୁ ତରିବୁ ଏ ଭବକୂପ ।

( ୪ )

ଶୂନ୍ୟରୁ ସଞ୍ଚରି ଯେଉଁ ଚରଣ ଅଇଲା
ଶୂନ୍ୟପୀଠ ଭେଦି ସମଦରଶୀ ବହିଲା ।
ଦମ୍ଭେଣ ରହିଲା ସେ ଯେ ଅବନା ମନ୍ତ୍ରର
ଅଷ୍ଟାଙ୍ଗ ମିଶନ୍ତେ ହେଲା ଉଲଟ ଓଁକାର ।
ହରିମଧ୍ୟେ ଜଗତ ଜଗତମଧ୍ୟେ ହରି
'ହ' ଶବଦ ଅଶେଷ ବ୍ରହ୍ମାଣ୍ଡେ ଅଛି ପୂରି ।

‘ହ’ ଶବ୍ଦ ଭେଦ ଜାଣନ୍ତି ଗୋମତ ଗୋରେଖ
ଋଗ୍‌ବେଦ ବ୍ରହ୍ମା ଯେ ରଚିଲେ ଋଷିପାଖ ।
ମଣ୍ଡଳ ଶିଖରେ ଏ ତ ବଜେ କଲେ ଯହୁଁ
ଋଗ୍‌ବେଦ ମନ୍ଥନରୁ ‘ରି’ ଶବଦ ତହୁଁ । ।୧୦।
ଏ ବେନି ଅକ୍ଷର ଯେବେ ଏକତ୍ର ହୋଇବ
ହରି ବୋଲି କରି ନାମ ହୃଦରେ ଗୁଣିବ ।
ହରି ଉଦେ ହୋଇଛନ୍ତି ନ ଜାଣନ୍ତି କେହି
କହନ୍ତି ଅନନ୍ତ ଶିଶୁ ହରିପଦ୍‌କୁ ଧ୍ୟାୟି ।

( ୫ )

ହାଟ ଭାଙ୍ଗିବ ହୋ, ହାଟ କରିବାକୁ ନାହିଁ
ହାଟ ଭାଙ୍ଗୁଛନ୍ତି ପାଞ୍ଚ ସରଦାର ରହି ।
ଗୋଲହାଟ ବଟପୁଟେ ବସିଅଛି ହାଟ
ହାଟରେ ପଶିବେ ବୋଲି ଜଗିଛନ୍ତି ଖଣ୍ଟେ ।
ସୁବୁଦ୍ଧି ବଣିଆ ବାଟେ ପସରା ମେଲଇ
ନାମକୁ ମିଶାଇ ସାହୁ ପୋଟଳା ବାନ୍ଧଇ ।
ମନୁ ମହାପାପ ହାଟେ ଦଣ୍ଡିଆ ହୋଇଛି
ମହା ମତ୍ତଗଜ ହାଟ ମଧ୍ୟରେ ବାନ୍ଧିଛି ।
କନ୍ଧାଖୁଣ୍ଟ ହାଣ୍ଡି ଯେବେ ଅଯୋଗେ ଫିଟିବ
କହନ୍ତି ଅନନ୍ତ ଶିଶୁ ହାଟ ଉଜୁଡ଼ିବ । ।୧୦।

*

# ଉଷାଭିଲାଷ

## ଶିଶୁ ଶଙ୍କର

ପଲଙ୍କ ତେଜଣ ଉଠିଲା ସୁମୁଖୀ ସପନ ସଙ୍କେତ ପାଇଣ
ଆହା ପ୍ରାଣନାଥ, କେଣେ ଗଲୁ ବୋଲି ଉଚ୍ଚସ୍ୱରେ କରେ କାରୁଣ,
ଦଇବ ! ଦେଖାଇ ନିଧି ହରିନେଲୁ ,
ଶିଶୁ କୁମାରୀ ମୁଁ କିଛି ନ ଜାଣଇ କମ୍ପାଇ ମୋତେ ଏହା କଲୁ ?

ସପନେ ଅଙ୍ଗସଙ୍ଗ ଲଭି ଅଙ୍ଗନା ବିରହେ ବାଉଳି ବଚନ,
ଉତ୍ତଲଲସେ ଅଳସଭର ତନୁ ତରଳ ଚକିତ ଲୋଚନ,
ହେ ନାଥ ! ଏବେକ୍ଷଣି ଥିଲ ପଲଙ୍କେ,
ବିନା ଅପରାଧେ କିକେ ଛାଡ଼ିଗଲ କାମିନୀ ମରଣ ନଶଙ୍କେ ।

ଛନଛନ ମନ ବାଉଳି ବଚନ ନିରେଖି ଗୃହେ ଦଶଦିଶ,
ଦଣ୍ଡକେ ଲେଉଟି ଲାଜ ବିକାଶିଲା ହେଠ ବଦନେ ଖରଶ୍ୱାସ,
ତହାକୁ, ଉଠି ପଚାରେ ଚିତ୍ରଲେଖୀ,
କିସ ବିପରୀତ କହ ଗୋ ଭୁଲିତ କେବଣ ଚିତ୍ର ପ୍ରାଣସଖୀ !

ଅବୋଧ ବାଳା ତୁ ନାହିଁ ବିଭା ହେଉ ବଲ୍ଲଭ ଗୁଣେ କି କେ ଦୁଃଖୀ
ମଧୁପାନ ଆଶେ ଚମ୍ପକ ବିକାଶେ କେଉଁ ମଧୁପ ମିଳେ ସଖି !
(ଆହେ) ସଙ୍ଗାତ, ସ୍ୱରୂପ କହ ମୋତେ ବାଣୀ,
ରବି ପବନ ଅଗମ୍ୟ ଅନ୍ତଃପୁରେ କାହୁଁ ପୁରୁଷ କଲୁ ଆଣି ।

ସଖୀ ବାଣୀ ଶୁଣି ନିଦ୍ରାଭାବ ଗୁଣି ପୁଲକେ କୁଚ ଗଣ୍ଡ ଜାନୁ,
ନବ ଅନୁଭବେ କାତର ଅଧର ଆଶ୍ୱାସି ଝମଝମ ତନୁ ।
ଚତୁରୀ, (ତାର) ଚମକି ଉଠେ ଅଙ୍ଗଭଙ୍ଗ,
ଅତି ଅଶକତେ ଭୂମିରେ ଶୁତିଲା, ଶିଥିଳ କେଶବାସ ଅଙ୍ଗ ।

ମୁଖେ ନୀର ସିଞ୍ଚି ଧୀରେ ଧୀରେ ବଞ୍ଚି ଚିତ୍ରଲେଖା ମୁଖ ବିରସ,
ବାବୁ ଦଇବ କେବଣ ବିପରୀତ ବରଷା କଲୁ ମଧୁମାସ ।
(ଆଗୋ) ସଙ୍ଗାତ, ମୋହ ମେଘ ତୋତେ ରୁନ୍ଧିଲା,
ଲୋଚନ ନୀର କୁଚରେ ବରଷନ୍ତେ କୋକିଳ ବଚନ ବାନ୍ଧିଲା ।

ମଳିନ ଅଧର ଜମ୍ବୁର ଆକାର କର୍ଷିତ କୁଚ କେକୀ ନୃତ୍ୟ,
ଶୋକ-ସାଗରେ ମନ-ନଉ ମିଶିଲା, ଚେତନା ଚଞ୍ଚଳ ତଡ଼ିତ,
(ଆଗୋ) ସଙ୍ଗାତ, କହ ମଧୁର ମୃଦୁରସ,
ସଚେତ ହୋଇ ଶରଦ-ଚନ୍ଦ୍ରନମୀ ଲାଜ ସଂକୋଚେ ହସହସ ।
କହ ମନେ କଲେ ଲାଜ ନବାରଇ ଉତ୍ସୁକ କରେ ମନୋରଥ,
ଜାଡ଼ି ବାହୁ ତୁଣ୍ଡ ବଚନ ଭୁଲଇ ସପନେ ମନ ତଦଗତ ।
(ଆଗୋ) ସଙ୍ଗାତ, ନବ-ଜଳଦ କାନ୍ତି ଶ୍ୟାମ,
ସ୍ୱପନେ ମୋତେ ବିଡ଼ମ୍ବଣ କଲା ସେ ରୂପେ ନଗଞ୍ଜେ କୋଟି କାମ ।
କହୁ କହୁ ତାର ତରଳ ଲୋଚନୁ ବହେ କଜ୍ଜ୍ୱଳ ଜଳଧାର,
ଚିତ୍ରଲେଖା ବୋଲେ ଚିତ୍ତ ସ୍ଥିର କଲେ ଲେଖିବି ଚିତ୍ରପଟ ସାର,
(ଆଗୋ) ସଙ୍ଗାତ, ଆଣିମି ତାକୁ ଚିହ୍ନାଇଲେ,
ଚରଣେ ପଡ଼ି ଚତୁରୀ ବୋଲେ ଲେଖି ଜାଣିବ ସେ ଚିତ୍ର ଚିହ୍ନିଲେ ।
ଅଖିଳ ଚିତ୍ରଲେଖନ ଚିତ୍ରକାର ବିଚିତ୍ର ଚିତ୍ର କମନୀୟ,
ମୀନାଦ୍ରିନାଥ ଚନ୍ଦ୍ରମୁଖ ଚିତୋଇ ଚିତ୍ରଲେଖା ଚିତ୍ତେ ବିନୟ,
ଚତୁରୀ, (ସେ ଯେ) ପଟେ ଲେଖିଲା ପୁର ତିନି,
ଚଞ୍ଚଳ ଚିତ୍ତ ଥିର କରି ସେ ଚିତ୍ର ଚାହିଁଇ କୁରଙ୍ଗୀନୟନୀ ।
ଉରଗ-ପୁରେ ନିଜ କାନ୍ତ ନ ପାଇ ଚଞ୍ଚଳ ଚକ୍ଷୁ ବାହୁଡ଼ିଲା,
ନବ ଜଳଧର ଲାଳସେ ଯୁବତୀ ଗଙ୍ଗା ତେଜି କି ଲେଉଟିଲା ।
ସଜନି, (ସେ ଯେ) ଅମରପୁର ଦେବଗଣ,
ଯଥାବିଧି କରି ମଣାଇ ଲେଖିଲା ଏକେ ଏକେ ନାମ ଧରିଣ ।
ଇନ୍ଦ୍ର, ଚନ୍ଦ୍ର, ରବି ବରୁଣ କୁବେର ଯମ ଅନଳ ଶିବଲୋକ,
ଗନ୍ଧର୍ବ କିନ୍ନର ଜଣେ ଜଣେ କରି ବଚନେ କେ କହୁ ଅନେକ,
ରମଣୀ, (ସେ) ଅନେକ ପୁରୁଷ ଦେଖିଲା,
ରନ୍ମନ୍ଦରେ ପଞ୍ଚମପିକ ଯେହ୍ନେ ଚୂତ ମୁକୁଳ ନ ଦେଖିଲା ।
ଅଶେଷ ଦେବ ନାଗଲୋକ ଦେଖାଇ ସୁନ୍ଦରୀ ସଂକେତ ନ ଦେଖି,
ଅବନୀ ଦାନବ ମାନବ ସକଳ ନୃପତି ନିକର ନିରେଖି,
ସଖୀ ଯେ, (ତାକୁ) ସବୁ ପୁରମାନ କହିଲା,
ଅଶେଷ ଭୁବନ ପ୍ରତି ଦିବ୍ୟପୁର ଦେଖନ୍ତେ ମନକୁ ମୋହିଲା ।

ମାନସରୋବରରେ ହେମ ପଦ୍ମପରେ ଶୋଭା କି ମତ୍ତ ରାଜହଂସ,
କନକ ପ୍ରାଚୀର ସାଗର ଭିତରେ ମଧ୍ୟରେ ଦ୍ୱାରାବତୀ ଦେଶ,
ସେପୁର, ବଚନେ କେ କହୁ ଉପାମି,
ମହୀମଣ୍ଡଳେ ପ୍ରକାଶ ହୋଇଅଛି ବିବିଧ ରତ୍ନଜାତ ଭୂମି ।
ଅବନୀ ଗଗନ ଶେଷଙ୍କରେ କି ଟେ ଉଦେ ଶରଦ ଶୀତକର,
ହଂସଗମନୀ ମନସିନ୍ଧୁ ସାନନ୍ଦ ପ୍ରକାଶେ ଲୋଚନ-ଚକୋର ।
ସେ ପୁରେ, ଅଠର ବଂଶ ଲୋକମାନ,
ରାଜା ଉଗ୍ରସେନ ଆଦି ଅନୁସରି ଦେଖିଲା ମୁକୁନ୍ଦ-ସଦନ ।୬୦।

ମନ ମଦନ-ବଧୂର ପାଶୋରିଲା ପରମବ୍ରହ୍ମ ପୁରେ ପଶି
ଷୋଳ ସହସ୍ରଏ ଅଷ୍ଟାଦଶବିଂଶ ରମଣୀ ରହିଲା ବିଶେଷି ।
ଅବଳା, (ସେ ଯେ) ବସୁଦେବ ଦେଖି ହରଷ,
ରାମ କୃଷ୍ଣ ତାଙ୍କ ସନ୍ନିଧେ ଦେଖିଣ ଉତ୍ସୁକ ଲାଜେ ହସ ହସ ।
ଯୋଗୀନ୍ଦ୍ର ହର-ତପ ହତ କାମକୁ ଅଙ୍ଗୁଳି ଯେନ ଦେଖାବନ୍ତେ,
କୁରଙ୍ଗୀଲୋଚନୀ ଲାଜେ ସଙ୍କୁଚିତ ତନୁ ଓହାଡ଼ିଲା ପଣନ୍ତେ ।
ବାଳା ଯେ, ତହୁଁ ଦେଖିଲା ଅନିରୁଦ୍ଧ,
ଅପାଙ୍ଗେ ରହିଁ ପୁଲକିତ ହୋଇଲା ନ ରହି ରହିବାକୁ ଶଧ ।
କପୋଳପାଳୀ ପୁଲକ ମୁକୁଳିତ ଉଲସି ଉଠେ କଳେବର,
କନକ କଦଳୀଜଘନ ସ୍ତମ୍ଭିତ, କମ୍ବୁ କଣ୍ଠରେ ସ୍ୱେଦ ନୀର । ।୭୦।

ବାଳା ଯେ, (ତାର)ଲପନ ବିମ୍ବ ବିକାଶିଲା,
ବିପୁଳ ସଘନ ପୀନ ପୟୋଧର ସଧୀରେ କମ୍ପି ଆଭାସିଲା ।
ଚଟୁଳତର ତରଳ ଦୃଗଞ୍ଚଳ ବଲ୍ଲଭ ବଦନେ ପଡ଼ିଲା,
ମାଳତୀ ମଧୁର ମଧୁରସେ କପ୍ରେ ମଧୁକର ମତ୍ତ ବୁଡ଼ିଲା ।
ବପା ଯେ, (ତାକୁ) ବିଯୋଗ କରେ ପୁଣ ପୁଣି,
ବୃତ୍ତ ମନୋରଥ ତା'ସଙ୍ଗେ ବିବାଦ ସେନେହ କରେ ଆଣି ଆଣି ।
ଅଶେଷ-ରମଣୀ-ଶିରୋଭୂଷାମଣି ଧଇର୍ଯ୍ୟ ମନେ ନ ମଣିଲା ।
ଲୋଚନ ପଥେ ମନକୁ ଯୋଗକରି ଶହଶୋଭା ବେଗେ ଆଣିଲା ।
ସ୍ନେହରେ, (ତାକୁ) ହୃଦୟପୃଷ୍ଠରେ ବସାଇ,
ହାଇ ବାଇ, କର ହୃଦରେ ଭିଡ଼ିଲା ମୁଖେ ମୁଖ ମନ ମିଶାଇ । ।୮୦।

ମନ ମଣ୍ଡକଷ୍ଟ କାରଣ ନ ଯାଇ ଜାଣିଲ ସଖୀ ଚିତ୍ରଲେଖା,
ଅତି ଯତନେ ପଟ୍ଟ ମୁଦ୍ର ଥୋଇଲା କହି ମଧୁର ମୃଦୁ ଭାଷା ।
ସଙ୍ଘାତ, ଦୁର୍ଲ୍ଲଭ ଜନେ ଅନୁରାଗ,
ଚଉଦ ଭୁବନେ ଯେତୁ ଅପୂରୁବ ତାହାରେ ବନ୍ଦିଲା ସରାଗ ।
ଚନ୍ଦ୍ରବଦନୀ ହେଠମାଥେ ବସିଲା, ସଖୀ କହଇ ରସବାଣୀ,
ଉଷାପତି-ତାତ-ପିଅର-ଚରଣେ ଶିଶୁଗଙ୍କର ଶିରୋମଣି ।
ସୁଜନେ, ଶୁଣି ନଧର ମୋର ଦୋଷ,
ପଞ୍ଚମ ଛାନ୍ଦ ଶୁଭେ ଶେଷ ହୋଇଲା ସରସ ଉଷା-ଅଭିଳାଷ ।

(‘ଉଷାଭିଳାଷ’, ପଞ୍ଚମ ଛାନ୍ଦରୁ ଗୃହୀତ)

*

# ପ୍ରେମଲୋଚନା

## ବିଷ୍ଣୁ ଦାସ

( ରାଗ-ମଙ୍ଗଳଗୁର୍ଜ୍ଜରୀ )

ଏଥୁଅନ୍ତେ କନ୍ୟା ଘେନ ମଧୁବନ୍ତୀ ରାୟେ
ମଧୁବନ୍ତୀ ନଗରକୁ ବାହୁଡ଼ା ବିଜୟେ ଯେ ।
ଚତୁର୍ଥୀ ସପ୍ତମଙ୍ଗଳା ବିଧିରେ ସରିଲା
ମାସେ ପଚାଶ ଦିବସେ ପ୍ରବେଶ ହୋଇଲା ଯେ ।
ମଧୁବନ୍ତୀ ନଗରରେ ଶୁଣି ସର୍ବଜନ
ଉଚ୍ଛବ କରି ମଣ୍ଡିଲେ ଯେ ଯାହା ଭୁବନ ଯେ ।
ସହଜେ କନକ ଭୂମି ଅଷ୍ଟରତ୍ନ ପୁରି
କେବଳ ମଣ୍ଡିଲେ ପାଟପଉଣୀ ଚିରାଳ ଯେ ।
ନଗର ବାହାରେ ସିଂହଦ୍ୱାର ସରିଯାଏ
ଚନ୍ଦ୍ରାତପମାନ ସେ ବାନ୍ଧିଲେ ଏକ ଦେହେ ଯେ ।
ପୁରଦ୍ୱାରେ ମରକତ ତୋରଣୀ ବିରାଜେ
ଚନ୍ଦ୍ରଧନୁ ପ୍ରାୟେ ଦିଶେ ପାଟବସ୍ତ୍ର ତେଜେ ଯେ ।
ଅବନୀ ଗଗନ ପୁଣ୍ୟଫଳ କ୍ରିୟେ ପୁରି
ଅଳକା ଅମରାବତୀ ପୁରୁ ଦର୍ପହରି ଯେ ।
ଚନ୍ଦ୍ରବଦନୀ ଚଞ୍ଚଳ ଚମରୀଲୋଚନୀ
କେତକୀବରନୀ କେହୁ ଦାଡ଼ିମଦଶନୀ ଯେ ।
ନଗର ନାରୀ ନକର ହୋଇଲେ ବାହାର
ଗୁଡ଼ିଲେ ଗୃହ କାରନ୍ତି ମଦାକ୍ଷ-ବେଭାର ଯେ ।
ଦେଖନ୍ତି ନରେନ୍ଦ୍ର ଦାଣ୍ଡେ ରଥପରେ ବସି
କୋଳରେ କମଳମୁଖୀ ନବୀନ-ସୁକେଶୀ ଯେ ।
ଲାବଣ୍ୟ-ସାଗରୁ ଚନ୍ଦ୍ରବଦନୀ କି ଜାତ
ଇନ୍ଦ୍ର କି କୋଳେ ବସାଇ ଅଛନ୍ତି ତଡ଼ିତ ଯେ ।

ଶମ୍ବର-ବଇର ଝଟେ ଶମ୍ବରଙ୍କୁ ମାରୁ
ରମଣୀରତନ ରଙ୍କ ଆଶୁଚନ୍ଦ୍ର ହରୁ ଯେ ।
କେ କସ ବୋଲନ୍ତି ତାହା ନସାଇ କଳନା
ଅନାଇଂ ଅନାଇଂ କନ୍ଥ କନ୍ଥ ହୋନ୍ତି ବଣା ଯେ ।
ଆପଣା ବନତା କରି କେତୁ ଧଣଥିଲ
ମୁଖ ଗୃହ୍ଣଂ କରି ଗୁଡ଼ଦେଇ ନ ପାରିଲ ଯେ ।
କାହାକୁ ବନତା ବଷ ପରାଏ ଦିଶିଲ
କେଉଂ ଜନ ଆପଣାର ଚେତନା ନାଶିଲ ଯେ ।
ଆଗପଛ ହୋଇ ରଥ ବେଢ଼ି ଗୋଡ଼ାଇଲେ
ଯେତେ ସେ ପୁରୁଷ ରାଜନକୁ ପ୍ରଶଂସିଲେ ଯେ ।
ନାରୀମାନେ ପ୍ରଶଂସନ୍ତି ଧନ୍ୟ ସେ ସୁନ୍ଦରୀ
ସାକ୍ଷାତ ମଦନକୁ ପାଇଲୁ ବର କରି ଯେ ।
ପୁରନାରୀଏ ଗୃହଂନ୍ତି ସଆନନ୍ଦ ହୋଇ
ଉଦ୍ୟମ ପ୍ରକାଶ କରି ଦୂରେ ଲଜ୍ଜା ଥୋଇ ଯେ ।
ବାତାୟନ ନୟନ କଳସ କୁଚମତ
ବସନ ପତାକା ତଥି ଶିରରେ ରଂଜିତ ଯେ ।
ପରମୁଖ ମୁଖ ତାର ସୋପାନ ଚରଣ
ଭିତ୍ତିର ବିଚିତ୍ର ଚିତ୍ରମାନ ଆଭରଣ ଯେ ।
ଗଜଦନ୍ତ ମାନ ବାହୁ ସ୍ତମ୍ଭ ଗୃରୁ ଉରୁ
ଅସିତ ଚାମର କର ଶ୍ରେଣୀ ପ୍ରାପ୍ୟେ ଗୃରୁ ଯେ ।
ମୁକୁତା ତୋରଣମାନ ଦନ୍ତ ସୁରୁଚିର
ପ୍ରସନ୍ନେ ହାସ ଦିଶଇ ମୋହ କରେ ନର ଯେ ।
ପ୍ରେମନ୍ତରେ ନରେଶ ନଗରେ ପରବେଶ
ଗୁଡ଼ନ୍ତି ନାହିଂ କ୍ଷଣେ ହେଂ ଚନ୍ଦ୍ରମୁଖୀ ପାଶ ଯେ ।
ଲୋଚନ ଡାଳିବା ଦୁଃଖ ମଣନ୍ତି ସ୍ନେହରେ
ମନ ଦିଶ ପୂର୍ଣ୍ଣ ଉସ୍ନେହ ଥିଲେ ପରସ୍ପରେ ଯେ ।
ଚନ୍ଦ୍ରକରଣରେ ପ୍ରାଙ୍ଗଣରେ ବସିଥାନ୍ତି
ଚକେଉଂ ବଦନେ ବଢ଼ିଆକ ଜଗତକ ଯାନ୍ତି ଯେ ।

ଇଷ୍ଟପୂର୍ତ୍ତି ନୂହଇ ନଚ୍ୟରେ ଖେଦ ମତ
ଧନ୍ୟ ପୁରୁଷ ଯୁବତୀ ପରସ୍ପରେ ପ୍ରୀତି ଯେ ।
ମାସ ଧର୍ମ ହୁଅଇ ଯେବେ ଅୟି କୁନ୍ଦଦନ୍ତୀ
ଛଡ଼ାଛଡ଼ି ନୋହେ କ୍ଷଣେ ନୟନ ସଙ୍ଗତି ଯେ ।
ଗଲେ ଯେ ଜନେକ ଘରୁ ଆସିବା ନିକଟ
ପ୍ରିୟସଖୀମାନେ ଭେଟି ଆସିଥିଲେ ବାଟେ ଯେ ।
ନିତ୍ୟକର୍ମମାନ ସନ୍ଧତସ୍ତ ସଙ୍ଗେ ସାରି
ସନ୍ତତେ ସେବିକା ପଲଙ୍କେ ନୃପତିକୁମାରୀ ଯେ ।
ଯେମନ୍ତେ କେତେକ ଦିନ ଅନ୍ତେ ଆଜଗାମ
ମହାଘୋର ଋତୁବର ଦାରୁଣ ଗ୍ରୀଷମ ଯେ ।
ଦିଶେ ଦିଶେ ପାଟଳୀ ପଟଳ ବର୍ଣ୍ଣ ଦିଶେ
ଶିରୀଷ କୁସୁମ ଦିଶେ ଦିଶେ ପରକାଶେ ଯେ ।
ଜଗତୀଙ୍କ ପ୍ରିୟା ସହ ସଜନ ଗମନ
ଦିନ ପରିଣାମ ଯେନ ଶୀତଳ ପବନ ଯେ ।
ଦେଖିଲେ ଅଙ୍ଗନାମାନଙ୍କର ଜଳକ୍ରୀଡ଼ା
ନାୟକ ସଙ୍ଗତିଭାବେ ତେଜନ୍ତି ବ୍ରୀଡ଼ା ଯେ ।
ଦେଖି ରାଜା ପୁଷ୍କରର ସରୋବରେ ମନ
ପ୍ରିୟାର ଚିବୁକ ଧରି କହନ୍ତି ଯେସନ ଯେ ।
କରିବର କ୍ରୀଡ଼ାଗାମୀ କମଳବଦନୀ
କୃଶୋଦରୀ କୁନ୍ଦଦନ୍ତୀ କମଳଲୋଚନୀ ଯେ ।
ମୋର ପ୍ରାଣର ପୁରୁଷ ନୟନପ୍ରତିମା
ସକଳ ଅଙ୍ଗଦେଶର ସୁଖସାର ସୀମା ଯେ ।
ହୃଦୟମଣ୍ଡନୀ ମୋର ନୟନରଞ୍ଜିନୀ
ଜୀବର ଜୀବନ ମୋର ମାନସମୋଚନୀ ଯେ ।
ମନୋରମ କାନନକୁ କ୍ରୀଡ଼ାରସେ ଯିବା
ମନୋରମ ନାମକେ ସରୋବର ସ୍ୱଂ ଦେଖିବା ଗୋ ।
ଯେଉଂ ସରୋବରକେ ହଂସୀ ଦେଖିଲ୍ ସଜନୀ
ଶୁଣି କହେ ସ୍ୱହଂ ମୁଖ ପୋତି ଚନ୍ଦ୍ରାନନୀ ଯେ ।

ଚିବୁକ ଧରି ଊର୍ଦ୍ଧ୍ବକୁ ଟେକିଲା ବଦନ
ଅଧର ଉପରେ ଦେଲା ମଧୁର ଚୁମ୍ବନ ଯେ ।
କର୍ଣ୍ଣମୂଳେ କହିବାକୁ ଆରମ୍ଭିଲା କଥା
ନ ଶୁଣିଲା ଶଶିମୁଖୀ ଶରୀର ରୋମାଞ୍ଚ ଯେ ।
ରୋମମୂଳେ ଲୁଚିଲା କନକବର୍ଣ୍ଣ ତନୁ
ମଦନ ବେଦନା ବହି କମ୍ପାଇଲା ତନୁ ଯେ ।
ମନ୍ଦ ମନ୍ଦ ଗୁଞ୍ଜିଂ ସେ ବୁଜିଲା ବେନି ନେତ୍ର
ପବନେ ପଲ୍ଲବ ପ୍ରାୟ କମ୍ପିଲା ତା ଗାତ୍ର ଯେ ।
ନିଃଶ୍ୱାସ କେବଳ କମ୍ପାଇଲା ଅନୁରାଗୀ
ନାସ୍ତିକହିଂ ସଦୃଶ ହୋଇଲା ବାଳା ଲାଗି ଯେ ।
ଭୁଜେ ଭୁଜେ ଆଲିଙ୍ଗନ ନିବିଡ଼େ ପିଡ଼ିଲା
କାନ୍ତ ଅଙ୍ଗେ ଲୀନ ହୋଇ ସୁନ୍ଦରୀ ଜଡ଼ିଲା ଯେ ।
କୁନ୍ଦନ ପଟେ କୁନ୍ଦନ ଚୁମ୍ବଶୀଳ ଲୋହେ
ଯେସନେ ଆର୍ଦ୍ର ପଦ୍ମିନୀ ଭିନ୍ନ ଲାଗେ ଦେହେ ଯେ ।
ଜଙ୍ଘଣ୍ଟା ଉପରୁ ଉଠି ବସେ ରଥପରେ
ପ୍ରିୟା ଘେନ କୋଳେ ଶର ଶରାସନ କରେ ଯେ ।
ସମ୍ବର ବିନାଶି ରତି ଘେନ ପଞ୍ଚଶର
ଗମନ କରଇ କି ସେ-ବିହାର ନଗର ଯେ ।
ଶୀଳଲେ ହଂସ ଉଦୟ କାନନ ଭିତରେ
[illegible]ଖନ୍ତ ଶାଳ ତମାଳ ରସାଳ ଆଦରେ ଯେ ।
ବକୁଳ ହେନ୍ତାଳ ତାଳ ସରଳ କୁଦାଳ
ହିଞ୍ଜୋଳ ମଞ୍ଜୁଳ ଜାତି ଫଳ କଣ୍ଟାଦୁଳ ଯେ ।
ବିଡ଼ଙ୍ଗ ଲବଙ୍ଗ ବଙ୍ଗ ପୁନ୍ନାଗ ଚମ୍ପାଙ୍ଗ
ମନ୍ଦରଙ୍ଗ ବାସଙ୍ଗ ନାରଙ୍ଗ ମାତୁଳଙ୍ଗ ଯେ ।
ନାଗରଙ୍ଗ ଛାଉ ରଙ୍ଗ ରଙ୍ଗ ପଦ୍ମ ରଙ୍ଗ
[illegible]ଙ୍ଗ ପ୍ରିୟଙ୍ଗୁ କଣ୍ଟୁରଙ୍ଗ ଭ୍ରାନ୍ତି ରଙ୍ଗ ଯେ ।
[illegible]ଶଶ୍ବର କର୍ଣ୍ଣିକାର ଗୁରୁ କରବୀର
[illegible]ର ମନ୍ଦାର ସିନ୍ଧୁବାର ସୁଖାନ୍ଦର ଯେ ।

ଛାତକି କେତକୀ ଆମଳକୀ ହରିତକୀ
କେତକୀ କଣ୍ଟକୀ ଆମ୍ରାତକୀ ସୁଧାତକୀ ଯେ ।
କୁରୁବକ ଚମ୍ପକ କେତକ ବଣ୍ଟାତକ
ପାରିଜାତକ ଅଶୋକ କୋରକ ପ୍ରିୟୂକ ଯେ ।
ଝୁରୁକର ମର୍ଦ୍ଦକ ଶତକ କୁଠେରକ
କିଂଶୁକ ଯାବକ ମଧୁକୁନ୍ତ ମୟୂରକ ଯେ ।
ଧୂର୍ଜଟିକା ହେମ ଫୁସିକା ଯେ ଶେଫାଳିକା
ବଇଜୟନ୍ତିକା ଗିରିମଲ୍ଲିକା କନକା ଯେ ।
ରୁଦ୍ରାକ୍ଷ ଇନ୍ଦ୍ରାକ୍ଷ କୁବେରାକ୍ଷାଦ୍ଧ ରୁଦ୍ରାକ୍ଷ
ଶୋଭନ୍ତି ଦାରିକ୍ଷଲତା ସର୍ବରୁହ ପ୍ଲକ୍ଷ ଯେ ।
କୃଷ୍ଣାଗୁରୁ ଦେବଦାରୁ ଆଗୁରୁ ନାଗୁରୁ
ମହାଦାରୁମାନେ ଛନ୍ତି ପଂକ୍ତି ପଂକ୍ତି ଝୁରୁ ଯେ ।
କାନ୍ଥଆ କସୁଣ୍ଡ ଟେଣ୍ଡା ଦୁଲଭା କପିତ୍ଥ
ନୀପ ସଡ଼ପ କଳପଲତା ଯୂଥ ଯୂଥ ଯେ ।

ଶିରୀଷ ବିଶେଷ କାନ୍ତି ସରୁଚିରବାସ
ଶରୀର ସଘନ ହୋଇ ଦିଶେ ସ୍ପୃକ ପାଶ ଯେ ।
ଜାତି ଯୂଥି ମାଳତୀ ସେବତୀ ସୁବାସନ୍ତି
କୁନ୍ଦ ମୁଚୁକ ବୃନ୍ଦ ହୋଇ ପଂକ୍ତି ପଂକ୍ତି ଯେ ।
ନଆଳୀ ମଲ୍ଲିକା ଜେଲ ପାଟଳୀ ଶିମୁଳୀ
ଛୁରିଅନା କରୁଣୀ ଗୁସନା ମହୁକୋଳ ଯେ ।
ସ୍ପେ ଆଦ୍ଧ ଯେତେକ ତରୁ କୁସୁମ ନିକର
ନଥିଲର ନାହିଁ ଧନ୍ୟ ସ୍ପେ ବନ ଉଦର ଯେ ।
ଦେଖ ଏ ରସାଳ ବନ ରସର ଆଳୟ
ବିରହୀ ବାଧକ କାନ୍ତା କାନ୍ତ ସୁଖଦାୟୁ ଯେ ।

ପିକ କଳ କଳ ଶୁଣି କହନ୍ତି ସଜନ
ଲାଜ ନ ପା ଆଜଠାରୁ ହୁଅ ଯା ମଉନ ଯେ ।
ମଧୁକର ରବ ଶୁଣି ବୋଲେ କମଳାକ୍ଷୀ
କୋକିଳଙ୍କୁ ମଧୁକର ନିନ୍ଦା କରୁଅଛି ଯେ ।

ମଧ୍ୟେ ପରବେଶ ହୋଇ ରଥୁଂ ଉଭୁରଲେ
ଅଙ୍ଗେ ଅଙ୍ଗେ ସଙ୍ଗେ ପାଦ ପ୍ରବୃତ୍ତରେ ଗମିଲେ ଯେ ।
ନାଗେଶ୍ୱର କୁରୁଅନା ବେଳ ଚତୁବର
ସଂଯୋଗ ହୋଇଛୁ ହୋଇ କୁସୁମେ ସୁନ୍ଦର ଯେ ।
ନାଗେଶ୍ୱର ରଜେ ଭୂମି ମଣ୍ଡନ ହୋଇଛୁ
ବସିଲେ ସେ ମୂଳେ ସ୍ୱପ୍ନେ ଯେଣ କମଳାକ୍ଷୀ ।
ଯେସନ ସମୟେ ନଷ୍ଟି ହୋଇଲା ପ୍ରବେଶ
କଳାପୂର୍ଣ୍ଣ କଳାକର ହୋଇଲେ ପ୍ରକାଶ ଯେ ।
ପଅ ଭେଦ ବନ୍ଦୁ ବନ୍ଦୁ କିରଣ ପଡ଼ିଲା

ବେଳୁଂ ବେଳ ବନସ୍ଥଳୀ ଶୋଭନ ଦଶିଲା ଯେ ।
ଖଣ୍ଡ ଖଣ୍ଡ ହୋଇ ଶଶୀ ପଡ଼ିଲେ ଭୂମିରେ
ସ୍ଫଟିକ ଦଞ୍ଜିଲା ପ୍ରାୟେ ମାରଗ ଭୂମିରେ ଯେ ।
କାଳନ୍ଦୀ ମଧ୍ୟରେ କବା କମଳ ଫୁଟିଛୁ
ଚତୁସ୍ପୃହା କଳାଜଳ ପ୍ରାୟେ ପ୍ରକାଶିଛୁ ଯେ ।
ଚନ୍ଦ୍ର କିରଣେ ରମିଲେ ବାସ ଥୋଇ ଦୂରେ
ବଂଚିଲେ ସେ ଦଶଦଶା ଦବଧ ପ୍ରକାରେ ଯେ ।

('ପ୍ରେମଲୋଚନା', ୧୫ଶ ଛାନ୍ଦରୁ ସଙ୍ଗୃହୀତ)

*

# କଳାବତୀ

## ବିଷ୍ଣୁ ଦାସ

( ରାଗ-ବସନ୍ତ )

ଯେଣୁ ଅନନ୍ତରେ ଶୁଣସି ରସ
ବିରହ ବସିର୍ଣ୍ଣ ଭଜ ପୁରୁଷ
କେବଳ ନୋହିଅଛି ପ୍ରାଣେ ନାଶ
ଯେମନ୍ତେ ପ୍ରବେଶ ଆଷାଢ଼ ମାସ,
ଆଷାଢ଼ିଲା ଘନ,
ଘୋଟି ଆସି ଆଚ୍ଛାଦିଲା ଗଗନ ।

ଗର୍ଜନ ରବେ ସଘନ ପୂରେଇ
ମହୀପୂର୍ଣ୍ଣ କଲା କହି ନୋହଇ
ଅଂଧାର ଦିଶିଲା ସକଳ ଦିଶ
ଜାଣି ନୋହିଲା ଦିବସ ପ୍ରକାଶ,
ପ୍ରଖର ପବନ,
ଆରମ୍ଭିଲା ପୂର୍ବ ଦିଗୁଂ ଗମନ ।

ମାପ ହୋଇଲେ ନୂତନ କଳିକା
ବନେ ବିକାଶିଲା ଗିରିମଲ୍ଲିକା
ନବ ଗର୍ଭ ହୋଏ ଜାତି ବଥିକା
କଳିକା ବଢ଼ି ହୋଇଲେ ଯୁତିକା,
ମାଳତୀ ସୁବାସ,
ବାସେ ବଶ ହେଲେ ସମସ୍ତ ଦିଶ ।

ଡାହୁକ ଡାକ ଦିଗେ ଦିଗେ ପୂରେ
ଭେକ ରବେ ଠାବ ନାହିଁ ମହୀରେ
ଗିରି ଶିଖରେ ଡାକଲେ ମୟୂର
ଶିର ଉପରେ ରଖି ପୁଚ୍ଛଭର,
ମାହା ଜଳ ବୃଷ୍ଟି,
ଅନବରତେ ପୂରାଇଲା ସୃଷ୍ଟି ।

ନସାନ ମାରେ ପୂସ୍ରଇଲେ ଭଟ୍ଟ
ଅର୍ଜୁନ କୁସୁମ ଅଙ୍ଗ ଉଚ୍ଛଟ
ଥାଇଂ ଥାଇଂ ଝଞ୍ଜାନିଳ ବହଇ
ମାଳତୀ ବାସେ ସୁବାସିତ ହୋଇ,
କଦଳ ଫୁଟିଲା,
ବରଷା ଜଳେ ଅବନୀ ଲୁଟିଲା ।

ପର୍ବତ ଶିଖୁଂ ଖସି ମାହାଜଳ
ବେଗେ ଘେନଲେ ଗିରି ନଦୀକୂଳ
ଚଡ଼କ ପଡ଼ି ଚୂନା ଗିରି ଚୂଳ
ତଡ଼ିତ କଲା ସନ୍ତତେ ଉଜ୍ଜ୍ୱଳ,
ଦେଖି ନୃପସୁତ,
ଚଳେ ପଡ଼ିଲା ହୋଇ ଜ୍ଞାନ ହତ ।

କନ୍ତୁ ବେଳେ ପୁଣି ପାଇଲା ଜ୍ଞାନ
ଲୋତକରେ ପୂରୋଇଲା ଲୋଚନ
ହା ହା ରେ ନୃପସୁତା ମୋ ନନ୍ଦନା
କେ ଦେଖୁଅଛୁ ମୋହୋ ପ୍ରେମ ବେଦନା,
ପ୍ରେମନ୍ତ ବୋଲଇ,
ତଡ଼ିତକୁ ଗ୍ରହିଁ ନେତ୍ର ବୁଜଇ ।

ହାହାରେ ବାଳ ହରିଣ ନୟନା
କନକ କଳଶ ପିବରସ୍ତନା
ପୃଥୁଳ ନିତମ୍ବି ହେମବରନା
ମତ୍ତ କଳକଣ୍ଠ କଣ୍ଠ ବଚନା,
ହା ହା କଳାବନ୍ତି,
କଳାମେଘ ତୋତେ ସଙ୍ଗତେ ପ୍ରୀତି ।

କଳା ଲୋକର ପ୍ରେମନ୍ତ ବେଭାର
ପ୍ରୀତି ଲୋକଠାରେ କରେ ଅସାର
ଦରଶନ ଦେଇ ଦହୁଛୁ ଦେହ

ତେ ବନ୍ଧୁ କେ ଉକ୍ଷା କରିବ କହ,
ରେ କୁନ୍ଦଦନେ,
ବନ୍ଧୂଲଜିତ ଦଶନ ବସନରେ ।
ମେଘ ଦେଖି ଯେ ମହାସୁଖ ପାଉ
ମୋତେ ଦେଖାଇ ରୋମ ଉଲ୍ଲସାଉ
ଫୁଟିଲା କଦମ୍ବକୁ ନିନ୍ଦେ ତନୁ
ଜାଣିମା ଦୁର୍ଲଭ କମ୍ପଇ ମନୁ,
ଆରେ କଳାବତୀ,
କଳାମାନ ଚନ୍ଦ୍ର ଦହୁଛି ମତି । | ୬୦ |
ସେହି କେତକୀ ଉଦର ପାଖୁଡ଼ା

... ... ...

ଗୋଟିଏ ଯୁଡ଼ାରୁ ବାହାର କରି
ମୁଁ ଯେ ଶିରରେ ଯେନିଲି ସୁନ୍ଦରି,
ଧଇଲୁ ଯେ କର,
ସେବେ ସେ କର ହୋଇଲା କାହାର ।
ସୁରତି ଅନ୍ତେ କରଇ ଯେ ବେଶ
ହୋଉ ଯେ ଥାଉ ମନ୍ଦ ହସ ହସ
ସୁନ୍ଦର ଦନ୍ତ ପ୍ରଦୀପ ତପସେ
ବିଜୁଳି ଝଟକିବା ପ୍ରାୟେ ଦିଶେ,
ମୋ ନୟନ ଦୁଇ, | ୭୦ |
ସେହି ଶୋଭରେ ମଗ୍ନ ହୋଉଥାଇ ।
ଲକ୍ଷ ଦେବାକାଳେ ଧରଇ ପାଦ
ପାଦ ଛୁଆଁଇ ଲଭୁ ଯେ ବିଷାଦ
ସେବେ ସେ ପାଦ ଶିର ଉପରକୁ
ମିତ୍ର ଯେ ନାହିଁ କହିବ କାହାକୁ,
କଳାବତୀ ପ୍ରିୟା,
ଫାଟି ନ ଯାଇ ତ ରହିଛି ହିଆ ।

କଜ୍ଜଳ କାନ୍ତି ସ୍ୱେ ସେ ଜଳଧର
ଦିନେ ଯେ ଦିବସେ କଲା ଅନ୍ଧାର
କର ଧରି ଯେ ନେଲୁ ସଦନକୁ
ସ୍ନେହେ ସେ ଅଗ୍ନି ହ୍ଲୋଇଲା ମନକୁ;
ଆରେ କଳାବତି,
ଭୁଞ୍ଜ ସେ ପ୍ରେଥକୁ ଜଳ ସନ୍ତତି ।

ଦିନେ ଅନାଇ କ୍ରୀଡ଼ା ସଦନକୁ
ଭାବେ ନନ୍ଦା ଯେ କଲୁ ମଦନକୁ
ଅବଶ କର ଯେ ଢାଳିଲୁ ଆଖି
ଲୁଚି ହୋଇଯିବ ଚନ୍ଦ୍ରମାମୁଖି,
ତୋହପଶି କରି,
ପାଇବ ସାଗରେ ଜୀବନ ହାରି ।

ଗହଳ ପ୍ରଳାପ କରଣେ ଦିନେ
ବସାଇଲ ଯେ ପାଶେ ବିବସନେ
କନକ ସିନ୍ଦୂର କନ୍ଦର୍ପ ସ୍ୱପ୍ନେ
ମଦନ-ସଦନ ପ୍ରତିଷ୍ଠା ପ୍ରାପ୍ତେ,
ଆରେ ହରିଣାକ୍ଷି,
ଆଜ କି ମୋହ ନୟନେ ରହିଛି ।

ଦେହକାନ୍ତି ରୂପ ଜର ଦିଶିଲା
କ୍ଷଣେ ସମସ୍ତ ଚେତନା ନାଶିଲା
ସେନେହେ ନେଇ ଦେଲି କରତଳ
ଶିରୀଷ କୁସୁମ ମାହା କୋମଳ,
ଯାକଲୁ ଯେ ଜାନୁ,
ଯାଉ ପ୍ରାଣ ତାହା ଚିନ୍ତ ସୁତନୁ ।

ଅଗରୁ ଧୂପରେ ଧୂପିତ କେଶ
ଫିଟି ପଡ଼ୁଥାଇ ନିତମ୍ବଦେଶ
ମୋ କର ପରଶ କରିବା ପାଇଁ

ଯତନେ ଯାଇ ବଞ୍ଚଇ ଶୁଖାଇ,
ତା ଜାଣି ଯୁବତୀ,
ହସି ସେ ବୋଇଲୁ ପ୍ରେମନ୍ତ ଗତି ।

ଯେବେ ଗୃଣ୍ଡାଳ କପୋତର ଧ୍ୱନି
ଶ୍ରାବଣ ଦେଉଥିବ ଚନ୍ଦ୍ରାନନି
ତୋର ହୁଂକାର ଧ୍ୱନି ସଙ୍ଗତରେ
ସୋଦର ହୋଇଥିଲା ସେ ପୂର୍ବରେ,
ରେ ହଂସଗମନା,
ରତ୍ନ ମଞ୍ଜୁଳ ଗୃହୁ ହଂସସ୍ୱନା ।

ନିତମ୍ବ ମଣ୍ଡଳ କଳନ ନୀବ
ଘରଣେ ଥିବ କି ପୁଣି ଫେଡ଼ିବ
ନୀବ ମୋକ୍ଷଣ କାଳରେ ସୁକେଶୀ
ସନ୍ତିକ୍ୟେ ହେବୁ ଶୀତଳ ନିଶ୍ୱାସୀ,
ମୋହ ପ୍ରାପ୍ତେ ହୋଇ,
ମିଶିଯିବୁ ସେ ଅଙ୍ଗେ ଲୀନ ହୋଇ ।

ସୁରତ ମତରେ ହୋଇବୁ ମୋହ
ଶ୍ରମବଶରେ ନ ଗୃଳବୁ ଦେହ
ହୁଂ ହୁଂକାର କରି ଗୃଳବୁ କଣ୍ଠୀ
ଆଜ କି ତାହା ପାଇ ବମ୍ବଓଷ୍ଠୀ,
ରେ କଳାନିଧାନ,
କାଳ ହେଲା ଯେବେ ସେ ସେ ରଜନୀ ।

('କଳାବତୀ', ପଞ୍ଚମ ଛାନ୍ଦରୁ ଗୃହୀତ)

*

# ଚନ୍ଦ୍ରମୁଖୀ ଚଉତିଶା

## ବିଷ୍ଣୁ ଦାସ

( ରାଗ—କାମୋଦୀ )

କମଳଦଳନେତ୍ରୀ    ପାଶରେ ବସି କାନ୍ତ
କହଇ କୋମଳତା କରି
କଳାକରଆନନୀ    କଳକଣ୍ଠବଚନୀ
କନକ ପ୍ରତିମା ଗଉରୀ ରେ, ଚନ୍ଦ୍ରମୁଖି
କହୁଛି କର ଧରି ତୋତେ, କହ ସତ୍ୟ ବଚନ ମୋତେ
କାଲି କେମନ୍ତେ ହୋଇ    ଦିନ ସରିବ ମୋର
ତୁ ଯେବେ ନ ଥିବୁ ସଙ୍ଗତରେ ।
କ୍ଷୀଣଉଦରୀ ଖଞ୍ଜ-    ରୀଟ ନୟନ ଅନ୍ତେ
ଖେଳାଇ ଦରହାସ ହୋଇ
ଖଣ୍ଡିଏ ଦୂରେ ଥାଇ    ଖେଦ ନେଣେ ଚାହିଁବା ।
ପୁଣି ପାଇବ ଅବା କାହିଁରେ, ଚନ୍ଦ୍ରମୁଖି
ଖଣ୍ଡିକ ଧାତା ଏତେ ସୁଖ, ଖଟାଇ ବନ୍ଦୀ ସମ ଦୁଃଖ
କ୍ଷଣ କ୍ଷଣକେ ମୋର,    ଆନନ୍ଦ କେ କହିବ
ଅନାଇଥିଲେ ଚନ୍ଦ୍ରମୁଖରେ ।
ଗୁଣମଣି ଗୁପତ    କ୍ରୀଡ଼ା ଶୂର ସମାନ
ଶୁଣି ସନ୍ତୋଷ ହୁଏ ମନ
ଗଜ ଗମନ ଗଜ    ଗମନ ଅନାଇଲେ
ସନ୍ତୋଷ ନୁହଇ ନୟନରେ, ଚନ୍ଦ୍ରମୁଖି
ଗୁରୁ ସଘନ ବେନି କୁଚ, ଗିରି ସମାନ ଦିଶେ ଉଚ୍ଚ
ଗଢ଼ିବାକୁ ଏ କୁଚ    କଣ୍ଟକୁମ୍ଭ କନକ    ।
କଳସ ବିଧି କଲା ସଞ୍ଚରେ ।
ଘନଜଘନୀ ସ୍ନେହେ    କୁଚରେ କର ଦେଇ
ମନରେ ଏମନ୍ତ ବିଚାରି
ଘଟଣମୁଖୀ ମୋର    ଜୀବନ ଥିବା ଯାଏ

କ୍ଷଣେହେଁ ନୋହିବ ଅନ୍ତରରେ, ଚନ୍ଦ୍ରମୁଖି
ଘାଟ କରିବ ଏହା ବିହି    ଘଡ଼ିଏ ବଞ୍ଚିବ ନ ଚାହିଁ
ଘେନିବ ପ୍ରାଣ ମୋର    ଘୋର କୁସୁମ ଶର
ଘଟଣ ଲଗନକୁ ଚାହିଁରେ ।
ନୀରଜନୟନରେ    ନିସ୍ଥପେ କହୁଅଛୁ
ନବଘନ ଆଲିଙ୍ଗନ ତୋର
ନମିଷେ ନ ପାଇଲେ    ନ ରହିବ ଜୀବନ
ଯେ ଆଜ ଆନେକ ନିଷ୍ଠୁରରେ, ଚନ୍ଦ୍ରମୁଖି
ନଳିନ ନେତ୍ରୀ କୁନ୍ଦଦନ୍ତୀ, ନିଶ୍ଚେ ମୋ ନୟନ ସମ୍ମୁଖି
ନୟନ ପିଚ୍ଛୁଡ଼ିବା    ନବଯୁଗ ମଣଇ
ନସରେ ତୋର ବିନୁ ଗତିରେ ।
ଚାରୁ ଚନ୍ଦ୍ରମାମୁଖୀ    ଚଞ୍ଚଳ କରଗତେ
ଭକ୍ତେ କରଇ ଯେବେ ଆଣି
ଚନ୍ଦ୍ରଶେଖର ଚମ୍ପ    ବୋଲଇ ମହାପ୍ରଭୁ
ପବନ କର ମୋର ପାଣିରେ, ଚନ୍ଦ୍ରମୁଖି
ଛତ୍ରେ ମୋ ଧରଣ ନ ଯାଇ, ଛନ୍ଦେ ଯେ ଚୁମ୍ବନ ଦଅଇ
ଚାହିଁ ଚାହିଂଣ ଏହା    ଖଣ୍ଡିବ କେଉଁ ବିହି
କାହାକୁ କେଉଁଠାକୁ ନେଇରେ ।
ଛାଡ଼ରେ କ୍ଷୀରୋଦଧି    ମୋ ପରି ସେବକକୁ
ସହିବ ତୋର ବଚନମାନ
ଛାତି ମନ୍ତ୍ରମା ମୋର ମୁଖ ମାଜନ ଘେନ
ସ୍ତବର କରିଥିବୁ ମନରେ ଚନ୍ଦ୍ରମୁଖି
ଛଟକେ ହସି ତୋ ଚାହିଁବା, ଛତ୍ରମଣ୍ଡଳେ କି ପାଇବା
ଛଡ଼ାଇ ମନ ବ୍ୟଥା    କହୁ ଯେ ସ୍ନେହ କଥା
ସୁମରି ସୁମରି ମରିବା ।
ଜାଣୁ ମଣି ରତନ    ଯାମିନୀ ଯାକ ଜାଗି
ଜାଗର ଯୋଗେ କରିଦେଇ
ଯେଉଁ ଯେଉଁ ବିକାର    ମନରେ ହେଉଥାଇ

କେବେହେ ସଞ୍ଜା ନ ଜାଣଇରେ, ଚନ୍ଦ୍ରମୁଖି
ଜାଣୁ ଯେମନ୍ତ ମନ ମୋର, ଯାଚ ସେ କହୁ ଯେ ଉତ୍ତର
ଯିବ ଏ କଥା ସ୍ମରୁ ଜୀବନ ଧାଇଁ ଧାଇଁ
ଏହା କହିବେ ଚନ୍ଦ୍ରଧରରେ ।

ଝୀନବସନ ଫୁଟି ଜଘନ ସ୍ତନ ଦଶି
ଅଳସ କରଇ ଯେ ଦେହ
ଝଷକେତନ ଏହୁ ସମସ୍ତ ଜାଣି କରି
ଜଗି ଜଗି କରଇ ମୋହରେ, ଚନ୍ଦ୍ରମୁଖି । ୬୦ ।
ଝଳ ଲଲଟପଟ ଦେଖି, କିମଟେ ଧଇର୍ଯ୍ୟ କେ ରଖି
ଝାଳରେ ଏହା ନୋହି କାମ ଯେ ଝଞ୍ଜା ସହି
ରହି କେ ପାରୁ ଚନ୍ଦ୍ରମୁଖୀରେ ।

× × × ×

ଡକା କରନ୍ତି ଏବେ ଡାଳମ୍ବ ଗାଜ ଦନ୍ତୀ
ଡରୁଛନ୍ତି ମଦନ ବାଣକୁ
ଡୋଳା ପିଙ୍ଗୁଳା ପ୍ରାୟେ ପାଶେ ନ ଥିବୁ ଯେବେ
କମ୍ପାଇ ଆଶା ପରାଣକୁରେ, ଚନ୍ଦ୍ରମୁଖି
ଡମ୍ବରୁଜତ ମଧ୍ୟଦେଶ, ଡମ୍ବରୁ ଦଶେ ଯେଉଁ କୃଶ
ଡୋଳା ଲକ୍ଷଣ ହେତୁ ଛୁଉଁନାହିଁ ମୋହୋର
ଏହି ମୋହୋର ଧର ରୋଷରେ । । ୬୦ ।

ଢାଳେହେଁ ଢୋହୋ ବନୁ ଦଣ୍ଡେହେଁ ନ ବଞ୍ଚିବ
ଢମ ନୁହଇ ଯୁବାମଣି
ଢଳ ପ୍ରାଣ ନ ଗଲେ କେ ଦୁଃଖ ନିବାରିବ
କାହାରେ ରସିକ ସିହାଣିରେ, ଚନ୍ଦ୍ରମୁଖି
ଢମ ନୁହଇ ଏ ଯୁଗତି, ଢଳେହେ କଣିକୁ ଯୁବତି
ଢୋକଲର ପୀୟୂଷ ହସ୍ତ କେ ସରିଯିବ
ବିଧାତା ଏମନ୍ତ କୁମତିରେ ।

ଆଣି ଗଣ୍ଡ ତୋହର ଅଣୁଏ ମନେ କଲେ
ଆପ୍ଯୁଷ ନୁହଇ ଶରୀର
ଆଣି ଯେ ସ୍ନେହେ ଭୁଜ କଣ୍ଠ ଉପରେ ଦେଉ ।
ପାଶୋରିବ ତା କାହା ସ୍ମରରେ, ଚନ୍ଦ୍ରମୁଖି
ଏଣିକ ମାଗୁଅଛୁ ଏହା, ଅଣୁଏ ଛୁଡ଼ିବୁ ସେନେହା
ଅନଙ୍ଗ ଜ୍ୱାଳା ଯେତେ ବେଳେ କରିବ ଆଣି
ହୋଇବୁ ତେତେବେଳେ ସାହାରେ ।

ତୋର ଲକ୍ଷକ ପ୍ରୀତି ସଂସାରେ ନ ଥିବ କା
ତାଳେ ଅନାଇବାର ଭଙ୍ଗୀ
ତରୁଣୀ ରତନରେ ତପ ପୂର୍ବେ ଥିଲାରୁ
ତସ୍ୟା କଲ୍ପରେ କୋମଳାଙ୍ଗୀରେ, ଚନ୍ଦ୍ରମୁଖି
ତଳର ଦୁଗାନ୍ତର ରଙ୍ଗ ତହିଁ ଅଞ୍ଜନ ହେଲା ସଙ୍ଗ
ତଳରେ ଏଣ୍ଡ ନେତ୍ର କୋଣେ ଆଶ୍ରୟ କରି ।
ବକ୍ଷ ତୋ ଜିଣିଲା ଅନଙ୍ଗରେ ।

ଥିବ ତୋ ପାଶେ ବସି ସୁଖରେ ଆହର୍ନିଶି
ସ୍ଥାଣୁରେ ମଗୁଥ'ଇ ବର
ଥା ଠିକ ଏ କଥାରେ ଥାନ କରି ବିଧାତା
ଏହା'ଙ୍କ ଆନତକ ନସ୍ତୁରରେ, ଚନ୍ଦ୍ରମୁଖି !
ଥିଲା ଏମନ୍ତ ମୋର ମନେ ଥିବ ଏ କଥା ସବୁଦିନେ
ଥୁକ ଜଂଘ ନଅ ଯେ ହେଉ ତ ନାହିଁ ଦେହ
ଜଅାଅ ତୋ ଅଧର ପାନେରେ ।

ଦୟା ଜଳଧି କନ୍ୟା ଅଧରେ ଦନ୍ତେ ଧରି
ଆକଷ କରଇ- ଆଶ୍ଳେଷ ।
ଦରିଦ୍ରନଧି ତୋର ଦେହକୁ ପିଡା କରେ
ଧରିବୁ ନାହିଁଟି ସେ ଦୋଷରେ, ଚନ୍ଦ୍ରମୁଖି
ଦାସ ହୋଇଲେ ଦୋଷକରି ଦୟା ନ ଛାଡ଼ିବୁ ତା ଧରି
ଦୋଷ ହିଁ ଗୁଣକରି କେଉଁ କଥାରେ ଧରି
ଭୁ ଏହା ବଚ୍ଚର ହୃଦୟରେ ।

ଧର ମୋ କଣ୍ଠ ନେଇ          ଉରଜ ତଳେ ଥୋଇ
ଧରି ସେ ଚିବୁକ ମୋହର
ଧୀରଗମନା ଲଜ୍ଜା          ସେଜୁଁ ଖସିଣ ଛୁଟିବ
ପଶିଣ ରହିବ କାହାରରେ, ଚନ୍ଦ୍ରମୁଖି
ଧାଡାକୁ ଯୋଡ଼ୁଅଛୁ କର     ଧରୁ ସେ ଜଙ୍ଘୁ ମୋହର
ଧରଣୀ ମଣ୍ଡିଣି ଯେ          ପଦ୍ମ ସୁବାସ ଦେହ
କ୍ଷଣେହେଁ ଅନ୍ତର ନ କରନ୍ତି ।
କାହିଁ ନାହିଁ ଭୁବନ          ଏବେ ତୋହର ସମାନ
ସୁନ୍ଦର ସୁରସିକ ପଣେ
ନ ଥାଇ ଦେହେ ଜ୍ଞାନ          ଛୁଇଁଲେ ତୋର ଅଙ୍ଗ
ଏକଥା ମନମଥ ଜାଣିଛିରେ, ଚନ୍ଦ୍ରମୁଖି
ନିଃଶ୍ୱାସ ପକାଇ ଯେ ତେଜୁ     ନମ୍ରିଲ ମନ୍ଦମନ୍ଦ ବୁଜୁ
ନ ପାଇଲେ ସେ ଭାବ          ନ ରହିବ ସେ ଜୀବ
ଚନ୍ଦ୍ରମା ଆନମା ନ ହେଜୁରେ ।
ପଦ୍ମ ବଦନା ପ୍ରିୟା          ପଲ୍ଲବ ଜାଣି ତୋର
ପାଦକୁ ବଢ଼ାଇ ଯେ କହୁ
ପ୍ରସଙ୍ଗେ ରୁଷାରୁଷି          କ୍ଷଣେମାତ୍ର ପଡ଼ିଲେ
ସମସ୍ତ ପ୍ରକାରେ ନ ସହୁରେ, ଚନ୍ଦ୍ରମୁଖି
ପଡ଼ିଲା ଏବେ ପରମାଦ          ପ୍ରାଣକୁ ପ୍ରମାଦ ବିଷାଦ
ପୀୟୂଷହାସୀ ମୁଖ          ପ୍ରସନ୍ନ ଶୋଭା ଚାହିଁ
ରହୁଁ ରହୁଁ ଜନମେ ଖେଦରେ ।
ଫୁଟିଲା ଅରବିନ୍ଦ          ଭ୍ରମେ ବାସଇ ମୁଖ
ଭ୍ରାଣେ ମଦନ ଉପଭୁର
ଫୁଲ୍ଲୁଣା ଆନମାର          ଆନନ ସମାନକୁ
କେଉଁ ଗୁଣରେ ସୁଧାକରରେ, ଚନ୍ଦ୍ରମୁଖି
ପାଇ ବନରୁ ଆଶା ଥିଲା          ଫୁଟି ଏତେଦିନେ ବସିଲା
ଫଳାଇତ ବିଧାତା          ହସ୍ତଦେଶରେ ଦେଇ
ଅନାଉଁ ଅନାଉଁ ହରିଲାରେ ।

ବିଧୁବଦନା ଶ୍ୟାମା   ବିଧୁ କରଣେ ବସି
ବଦନେ ଲଗାଇ ବଦନ
ବିଧୁମଣ୍ଡଳ ଥିବ   ବିମ୍ବ ଏହା କଳଙ୍କ
ବାସରେ ରୁହାଇ ମଦନରେ, ଚନ୍ଦ୍ରମୁଖି
ବସନ ବହ୍ନିନେ ତୋ ଦେହ, ବାରେ ଅନାଇ ହୁଏ ମୋହ
ବିଧୁ ବଦନେ ବାଙ୍କେ   ଅନାଇ ହସି ବୋଲୁ
ବନ୍ଧୁ ହେ ଏତେକ ନ ସହରେ ।   ।୧୪୦।

ବେଣୀ ହାତରୁ ଛାଡ   ବିଧାତା ହରୁଅଛୁ
ମୋହ ହାତୁଁ ହରିବ ତୋତେ
ଛାଡ଼ିବା କ୍ଷଣେହେଁ ତୁ   ମୋତେ ନ ପାସୋରିବୁ
ମୁଁ ତୋତେ କହୁଅଛୁ ଏତେରେ, ଚନ୍ଦ୍ରମୁଖି
ଭୂଷଣ ମଣି ତୁ ମୋହର, ଜୀବ ଅଭାବ ମୋତହାର
ହେ ପ୍ରାଣମଣି ମୋହ   ପ୍ରାଣକୁ ରକ୍ଷାକର
କ୍ଷଣେ ଯେ ନୋହିବ ଅନ୍ତରରେ ।

( ଆଂଶିକ )

*